
ଜୁନ୍ ୨୦୨୦



Painting by Shri Debashis Raut,
Advisor, ROSA, Riyadh

**ISSN NO – 2582-208X**

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

# ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**

# ସମ୍ପାଦକୀୟ



ମମତା ଦାଶ

ପ୍ରିୟ ପାଠକବନ୍ଧୁ, ଅଭ୍ୟାସ ମନୁଷ୍ୟକୁ ଅନୁଶାସିତ କରେ ଏବଂ ଅନୁଶାସନ ଅଭ୍ୟାସରେ ପଡିଲେ ବ୍ୟକ୍ତିର ବ୍ୟକ୍ତିଗତ ଜୀବନର ମୂଲ୍ୟ ଅନୁମାନକ୍ରମେ ଅନୁମାନ କର୍‌ଯାଇପାରେ । ବ୍ୟକ୍ତି ନିଜର ଅଭ୍ୟାସକ୍ରମେ କିଛି ବି କରିପାରେ । ଅଭ୍ୟାସ ଯେତେବେଳେ ଅଭ୍ୟାସରେ ପରିଣତ ହୋଇଯାଏ ସେତେବେଳେ ଅନୁଶାସନର ମୂଲ୍ୟ ଅଭ୍ୟାସକ୍ରମେ ଅନୁଶାସିତ ହୋଇଯାଏ । ଏହି ଅଭ୍ୟାସ ବ୍ୟକ୍ତିତ୍ୱର ସ୍ୱତନ୍ତ୍ର ଅଭ୍ୟାସ ଅଟେ । ଜଣେ ବ୍ୟକ୍ତି ଅଭ୍ୟାସକ୍ରମେ ତାର ମନ ମୁତାବକ ପସନ୍ଦକୁ ବାଛିନେଇ ଅନୁଶାସନରେ ଅନୁଶାସିତ ହୋଇ କିଛି ବି ସମୟରେ କୌଣସି କ୍ଷେତ୍ରରେ ନିଜର ପସନ୍ଦ ମୁତାବକ ଅଭ୍ୟାସକୁ ପସନ୍ଦର ସହିତ ନିଜ ପସନ୍ଦକ୍ରମରେ ସଜାଇ ପାରିବାର ଶୈଳୀକୁ ଉନ୍ନତ କରିପାରି ତୃପ୍ତି ଅନୁଭବ କରେ । ମଣିଷର ଏହି ତୃପ୍ତି ତାର ମନକୁ ସର୍ବଦୈବ ସଂସ୍କାରିତ କରେ, ସଂସ୍କାରରେ ପରିପୂର୍ଣ୍ଣ ଶୈଳୀକୁ ଦେଖିଲେ ଆଚମ୍ବିତ ଲାଗେ । ସତରେ, କେହି ବି ଏହି ଶୈଳୀରେ ବା ଅଭ୍ୟାସରେ ପଡି ନିଜର ମନକୁ, ନିଜର ମନଗତ ଭାବନାକୁ ମନକୁମନ ମନରେ ଗଢି ତୋଳି ମାନବୀୟ ସଦିଚ୍ଛାରେ ପ୍ରେରିତ ହୋଇ ମାନବକୁ ଏକ ଅନୁଶାସନକ୍ରମେ ବାନ୍ଧି ରଖିବାରେ ସହାୟକ ସିଦ୍ଧ ହୁଏ ।

ଅନୁଶାସିତ ବ୍ୟକ୍ତି ସମାଜର ଏକ ମୁଖ୍ୟ ଅଙ୍ଗ ଅଟେ । ସେ ସବୁବେଳେ ଗ୍ରହେଁ ଯେ ନିଜେ ଅନୁଶାସିତ ରହେ । ଅନୁଶାସିତ ରହିବା ମାନବର ଧର୍ମ ଅଟେ । ପ୍ରତ୍ୟେକ ଯୁଗକୁ ପ୍ରର୍ଯ୍ୟାୟକ୍ରମେ ଦେଖିଲେ ଲାଗେ ଏହି ଅନୁଶାସନର ଅଭ୍ୟାସ ଆଜି ବି ମଣିଷ ମନରେ ଘର କରି ରହିଛି । ଆଜିର ମଣିଷ ଭାବୁଛି ଅନୁଶାସନ ଶବ୍ଦ ହେଉଛି ତାପାଇଁ ଏକ ବଢିଆ ସୁଯୋଗ । ନିଜେ ଅନୁଶାସିତ ନହୋଇ ଅନ୍ୟ ଉପରେ ଶାସନ କରିବ ବୋଲି ଭାବୁଛି । ନିଜର ଯୋଗ୍ୟତା ମଧ୍ୟ ଏଥିରେ ସେ ଭୁଲିଯାଉଛି । ଏକ ଯୋଗ୍ୟ ବ୍ୟକ୍ତି ପାଇଁ ଅନୁଶାସନର ମୂଲ୍ୟ କିଛି ବି ହୋଇପାରେ, ନହୋଇପାରେ ମଧ୍ୟ । କିନ୍ତୁ, ଶାସକ ହେବାର ମନୋଭାବ, ଶାସନ କରିବାର ଶୈଳୀ ଆଜିର ମନୁଷ୍ୟକୁ ମାନସିକ ରୂପରେ ପଙ୍ଗୁ ବନେଇଦେଇଛି ।

ଏହାସବୁ ଯୋଗ୍ୟତା ବଳରେ ହୁଏ । କେତେକ କୁହନ୍ତି – "ମୁଁ ଆଶ୍ୱାସନା ଦେଉଛି ମୁଁ ଶାସକ ହେବି" । ଶାସକ ହେବାର ଯୋଗ୍ୟତା ଥିବା ଦରକାର । କାହାକୁ ତୁମେ ଶାସନ କରିବ । ତୁମକୁ, ନିଜକୁ ନା ଆଉ କାହାକୁ! ଆରେ ତୁମେ କିଏ! ! କେଉଁଠୁ ଆସିଲ! କୋଉଠି ଥିଲ ଆଜି ପର୍ଯ୍ୟନ୍ତ! କଣ ଅନାବସନାବ ବକୁଛ? ତୁମ ମାନଙ୍କର ମୁଣ୍ଡ ଠିକ୍ ଅଛି ତ? ମୋତେ ତ ଲାଗୁଛି ଏମାନେ ହେଲେ ମାନସିକ ରୋଗୀ । ଅଭ୍ୟାସ ଏବଂ ଅନୁଶାସନର ମୂଲ୍ୟକୁ ଠିକ୍ ଭାବରେ ବୁଝିବାକୁ ଅକ୍ଷମ । ଯଦି ତୁମକୁ ପଚାରାଯାଏ, ଆରେ ଆଭ୍ୟାସ କଣ, ତେବେ ତୁମେ କଣ କହିବ? ଆରେ ଅନୁଶାସନର ମୂଲ୍ୟ କଣ, ତେବେ କଣ କହିବ? ତୁମର ସଂସ୍କାର କଣ, ତେବେ ତୁମେ କଣ କହିବ? କହିବ କଣ ତମେ ଶାସକ! ତୁମ ଉପରେ ପରା ଆଉ ଜଣେ କିଏ ଅଛି । କେବେ ଭାବିଛ ତୁମକୁ ଶୁଣିଲେ, ତୁମକୁ ଜାଣିଲେ ମଧ୍ୟ ଲାଗେନା ଯେ ତୁମେମାନେ କମ୍ବା ତୁମମାନଙ୍କୁ ଅନୁଶାସନର ମୂଲ୍ୟ ଜଣାଅଛି ବୋଲି । ସବୁ ଜିନିଷର କଛିନାକଛି ମୂଲ୍ୟ ଥାଏ । ୟାର, ତୁମ ଯୋଗ୍ୟତା ତ ଦେଖ । ତୁମେ କଣ ଖାଲି ଆମମାନଙ୍କର ଯୋଗ୍ୟତା ଦେଖିବ? ତୁମର ଯୋଗ୍ୟତା କଣ? ତୁମେ ଚାହୁଁଛ ସମସ୍ତ ସ୍ତ୍ରୀ ଜାତି ତୁମ ଉପରେ ଲଟୁ ହୋଇଯାଆନ୍ତୁ । ଆମେ ଚାହୁଁଛୁ ସମସ୍ତ ପୁରୁଷ ଆମ ଉପରେ ଲଟୁ ହୋଇଯାଆନ୍ତୁ । ଏଇଟା କଣ କେବେ ସମ୍ଭବ? ନିଜର ପସନ୍ଦ, ନାପସନ୍ଦ ତ ପୁଣି ଅଛି । ଅନୁଶାସନର ମର୍ଯ୍ୟାଦା ଦେବ କିଏ । ଏହି ଶବ୍ଦଟି ଆସିଲା କେଉଁଠୁ? ଯଦି ସମସ୍ତେ ସମସ୍ତଙ୍କ ଉପରେ ଲଟୁ ହୋଇଯିବେ, ଏଠି ତେବେ ପସନ୍ଦ ଆଉ ଅପସନ୍ଦର ମର୍ଯ୍ୟାଦା ରହିବନି । ଲାଇକଙ୍ଗ୍ ଶବ୍ଦଟା କୁଆଡେ ଯିବ! ସବୁ ଜିନିଷର ଗୋଟିଏ ସମୟ ସୀମା ଅଛି । ସମୟ ପରେ ଶବ୍ଦଟା ଆଉ ଲାଇକଙ୍ଗ୍ ରହେନି । ନିଜେ ଖାଲି ଅଟ୍ଟହାସ୍ୟର ପାତ୍ର ହେବା କଥା । ସେଥିପାଇଁ, ଅନୁଶାସନର ମୂଲ୍ୟ ଆଜି ଟିକେ ଫିକାଫିକା ଲାଗୁଛି । ଏଠି ସମସ୍ତେ କହୁଛନ୍ତି ଆମେ ଶାସନ କରିବୁ । ଶାସିତ ହେବୁନି । ମୋ ମତରେ ଏଇଟା ହେଉଛି ମନୁଷ୍ୟର ଏକ ମାନସିକ ରୋଗ । ଆଜିର ଯୁଗରେ ପ୍ରତ୍ୟେକ ମନୁଷ୍ୟ ଏହି ରୋଗଗ୍ରସ୍ତ । ସ୍ତ୍ରୀ ହେଉ ବା ପୁରୁଷ ହେଉ, କହୁଛି ମୁଁ ଶାସନ କରିବି । କାହାକୁ ନିର୍ବଳ ଦେଖିଲେ, ତା ଉପରେ ସବଳ ହୋଇ ଶାସନ କରିବି । ଯଦି ତୁମର ଯୋଗ୍ୟତା ଅଛି, ଦେଶକୁ ଶାସନ କରି ଦେଖାଅ । ଦେଶପାଇଁ ନିଜର ଯୋଗ୍ୟତାକୁ ପ୍ରତିପାଦନ କର । ନିର୍ବଳ ଉପରେ ଯିଏ ଶାସନ କରିବାକୁ ଚାହେଁ, ତାହାର ଅନୁଶାସନର ମର୍ଯ୍ୟାଦା ଦେଶ ଏବଂ ଦେଶର ଲୋକମାନେ କହିବେ, ଜାଣିବେ, ଦେଖିବେ, ଶୁଣିବେ । ଶାସନ କରିବାର ଯୋଗ୍ୟତା ଥିବା ଦରକାର । ପରର ଯୋଗ୍ୟତା ଦେଖିବା ଆଗରୁ ନିଜର ଯୋଗ୍ୟତା ଦେଖ । ନିଜକୁ ଅନୁଶାସିତ କର । ତେବେ ଯାଇ ଅନ୍ୟର ହୃଦୟରେ ଘର କରିବ । ନହେଲେ, ତୁମର ଏହି

ଅଭ୍ୟାସ ପ୍ରତ୍ୟେକ ଲୋକଙ୍କ ପାଖରେ ହାସ୍ୟାସ୍ପଦ ପରିସ୍ଥିତି ସୃଷ୍ଟି କରିବ। ତୁମେ ନିଜେ ହାସ୍ୟାସ୍ପଦ ହେବ ଅନ୍ୟମାନଙ୍କ ଆଗରେ।

ଜଣେ ସାଧୁ ଥିଲେ। ଭାରି କ୍ରୋଧୀ ଏବଂ ଅହଂକାରୀ। ବଦରାଗୀ ମଧ୍ୟ। ସଂସାର କରିବାର ଯୋଗ୍ୟତା ତାଙ୍କ ପାଖରେ ନଥିଲା। ପରିସ୍ଥିତିରେ ପଡି କେମିତି ସଂସାର କରି ଦେଇଥିଲେ। କେତେବେଳେ କାହାକୁ କଣ କହନ୍ତି ଜାଣିପାରନ୍ତି ନାହିଁ। ମୁଖରେ ସବୁବେଳେ ଖରାପ ଭାଷା। ପରର ନିନ୍ଦା ସହିତ ଆତ୍ମୀୟମାନଙ୍କର ନିନ୍ଦା ତାଙ୍କର ଏକ ସୁଲଭ ଗୁଣ ଥିଲା। ପର ପ୍ରତି ଅଧିକ ଆକର୍ଷଣ ହୋଇଥାନ୍ତି। ନିଜର ବୁଦ୍ଧି ବୋଲି କିଛି ନାହିଁ। ପର ବୁଦ୍ଧିରେ ପରିଚାଳିତ ହୁଅନ୍ତି କହିଲେ ଚଳେ। ଆତ୍ମୀୟମାନଙ୍କର କଥା ତାଙ୍କୁ ଖରାପ ଲାଗେ। ପରକଥା ତାଙ୍କୁ ବେଦର ଗାର ବୋଲି ଲାଗେ। କଥାରେ ଅଛି, ସଂସାର କଲେ ପଥର ପଡିଲେ ସହି। ଏହି ଗୁଣ ତାଙ୍କ ପାଖେ ନଥିଲା। ତାଙ୍କ ପାଖକୁ ପଥର ଆସିଲେ ସେ ଉଠେଇ ଆତ୍ମୀୟମାନଙ୍କ ପାଖରେ ପକେଇ ଦିଅନ୍ତି ଏବଂ ସେଠାରୁ ଉଠି ପଳାନ୍ତି। ସବୁବେଳେ କହନ୍ତି ତାଙ୍କର କର୍ମ ଭଲ। କିନ୍ତୁ ତାଙ୍କ ଅପକର୍ମର ଫଳ ପରିବାରକୁ ସହିବାକୁ ପଡେ। ଏମିତି କାଳକ୍ରମେ କଣ କରିବେ, ସଂସାରତ କରିଛନ୍ତି, ଭର୍ତ୍ସନା ଶୁଣିବା ସୁନିଶ୍ଚିତ। ସେ କିନ୍ତୁ କାହାକୁ ସହି ପାରନ୍ତି ନାହିଁ। କହିପାରନ୍ତି ମଧ୍ୟ ନାହିଁ। ଯେତେବେଳେ କହିବେ, ସେ ନିଜେ ବୁଝିବା କଥା। ଅନ୍ୟକୁ ବୁଝାଇବା ବା ବୁଝିବା ତାଙ୍କ ପାଖରେ ଅସମ୍ଭବ। ଦିନେ ତାଙ୍କ ସ୍ତ୍ରୀ କିଛି ବିପରୀତ ପରିସ୍ଥିତିର ସୁଗମ ପରିବେଶ ପାଇଁ ତାଙ୍କ ଆଗରେ ଆଗ୍ରହ ପ୍ରକାଶ କଲେ। ଏହା ଶୁଣି ସାଧୁଙ୍କ ରାଗ ପଞ୍ଚମ ସ୍ୱରରେ ଗାଇ ଉଠିଲା। ସେ ଅନୁକୂଳ ପରିବେଶ ପାଇଁ ଚିନ୍ତା କରିବେ କଣ? ନିଜ ଚରିତ୍ରକୁ ଭଲ କରିବା ପାଇଁ ସବୁ ପ୍ରତିକୂଳ ପରିବେଶ ସ୍ତ୍ରୀଙ୍କ ଉପରେ ଢାଳଦେଲେ। ଭାବିଲେ ଏବେ ମୋ ଚରିତ୍ର ଭଲ ହୋଇଯିବ। ଯେଉଁ ପୁରୁଷକୁ ଅନୁକୂଳ-ପ୍ରତିକୂଳ ପରିବେଶର ମହତ୍ୱ ଜଣାନାହିଁ, ସମସ୍ୟାର ସମାଧାନ ଜଣାନାହିଁ, ସିଏ କେଉଁ ପୁରୁଷରେ ଯାଏ? ସାଧୁ କିନ୍ତୁ ଭାବିଭାବି ସୁଖି ହେଉଥାନ୍ତି । ମୋ ଚରିତ୍ର ଭଲ ହୋଇଗଲା। ସ୍ତ୍ରୀ ଭାବିଲେ, ସାଧୁଜଣଙ୍କ ଏତେଦିନ ପରେ ସୁଖି ଅଛନ୍ତି ତାଙ୍କ ଚରିତ୍ରକୁ ନେଇ। ସେମିତି ସୁଖି ଥାଆନ୍ତୁ। ମୁଁ ଖରାପ ହେଲି, ହେଲା, କିଛି ନାହିଁ। ଏଇଟା ହେଉଛି ଗୋଟେ ପୁରୁଷର ପୁରୁଷପଣିଆ ବା ଯୋଗ୍ୟତା କହିଲେ ଚଳେ। ଏଥିରେ ସଂଦେହ ନାହିଁ। ଯିଏ ଯାହା ସେମିତି ତାର ବୁଦ୍ଧି। ବୁଦ୍ଧି ହିସାବରେ ହିଁ ଭାବିବ। ଭାବିବାରେ କଣ ଅଛି। କିଏ କିଛି ବି ଭାବିପାରେ। ଯିଏ ନିଜ ଆତ୍ମୀୟ ମାନଙ୍କ ଶାସନରେ ରହିବାକୁ ପସନ୍ଦ କରେନି, ସିଏ ପୁଣି ତାର ପ୍ରିୟଜନମାନଙ୍କୁ ଅନୁକୂଳ ପରିବେଶ ଦେବେ! ସେମାନଙ୍କ ପାଇଁ ଭାବିବେ! ନିହାତି ବାଜେ କଥା। ଯାହାକୁ ଆତ୍ମୀୟଙ୍କ

ଗାଳ ଭଲ ଲାଗେନ, ସିଏ ପୁଣି ଶାସିତ ହୋଇ ପରଜନଙ୍କଠୁ ଗାଳ ଖାଉଛି । ପୁଣି କଣ ସେ ଶାସକ ହୋଇପାରିବ! ତାର କଣ ଶାସକ ହେବାର ଯୋଗ୍ୟତା ଅଛି ନା ଏମିତି ସବୁବେଳେ ପର ଅଧୀନରେ ରହୁଥିବ।  ଲାଗୁଛି ଦେଶ ଏବେବି ସ୍ୱାଧୀନ ହୋଇନ, ପରାଧୀନରେ ଅଛି । ଲୋକଙ୍କର ଏହି ମାନସିକତା ଅଭ୍ୟାସକୁ ଅନୁଶାସନର ମୂଲ୍ୟ କଦାପି ଦେବା ଉଚତ ନୁହେଁ। ସଂପର୍କରେ ଫାଟ ଥିଲେ ଏମିତି ପରଲୋକ ପଶିଯାନ୍ତି। ନଜ ଫାଇଦା ଉଠେଇ ଚାଲିଯାନ୍ତି। ତେଣୁ ଅନ୍ୟମାନଙ୍କୁ ଅନୁରୋଧ ଏମିତି ନକରିବା ପାଇଁ। ନଜ ଅନୁଶାସନକୁ ଅଭ୍ୟାସରେ ପକାଇ ନଜ ସଂପର୍କକୁ ସୁଦୃଢ କରିବା ଉଚତ। ଆଜିର ଯୁଗରେ ମଣିଷ ସୁରକ୍ଷିତ ନୁହେଁ। ମଣିଷର ଆଜି ଏକାନ୍ତ ଆଉ ନାହିଁ। ମଣିଷର ଏହି ମାନସିକତା ଏବଂ ଆଜିର ଏହି ମାନସିକ ବିମାରୀ ମଣିଷକୁ ରାକ୍ଷାସ ବନେଇଦେଇଛି । ମୋ ଆଗରେ ସମସ୍ତେ ଗୋଟିଏ ଗୋଟିଏ ରାକ୍ଷସ ଭଳ । ସେ ଘର ଲୋକ ହେଉ ବା ପରଲୋକ ହେଉ । ଏଥିପ୍ରତି ନଜକୁ ସାବଧାନ ରହିବାକୁ ପଡିବ। ସାବଧାନରେ ହିଁ ସମସ୍ତ ସମାଧାନ ଲୁଚ ରହିଛି। ସତରେ ଯୁଗ ବଦଳଛି। ଆସୁରିକ କର୍ମର ପ୍ରଚାର-ପ୍ରସାର ହେଉଛି। ସମସ୍ତେ ଏଠି ଅସୁର-ଅସୁରୁଣୀ ପାଲଟି ଯାଇଛନ୍ତି। କହୁଛନ୍ତି ସମସ୍ତଙ୍କୁ ଖାଇବେ। ଦେଶକୁ ଖାଇବେ। ଦୁନଆକୁ ଖାଇବେ। ଖାଇ କ ଗାଇବୁ। ଗାଇ କ ପିଇବୁ। ପିଇ କ ଶୋଇବୁ। ଯିଏ ମଲେ, ମରନ୍ତୁ। ବଞ୍ଚିଲେ ବଞ୍ଚନ୍ତୁ। ଆମର କଣ ଅଛି। ରାକ୍ଷସ ହିଁ ଏମିତି କହନ୍ତି। ଯାହାକୁ ଲାଜ ସରମ ନଥାଏ। ନଚେତ ଏକ ଅନୁଶାସିତ ବ୍ୟକ୍ତି କଦାପି ଏମିତି କରିବନ। ଯୋର ଯାହାର ମୂଲକ ତାର ବୋଲି ଭାବୁଛନ୍ତି। ସତରେ କଳ ଆସୁଛି। ମଣିଷକୁ ଯିଏ ଅସଭ୍ୟ କହିଛି, ସତରେ କେତେ ଠିକ୍ କହିଛି! ଏହି ଅସଭ୍ୟତା ମଣିଷଠାରୁ ହିଁ ସୃଷ୍ଟି। ନଜ ସଭ୍ୟତାର ପ୍ରଚାର-ପ୍ରସାର ତାଙ୍କ ସଭ୍ୟ ଏବଂ ଶିକ୍ଷିତ ଶୈଳୀରେ କରି ନଜ ଅନୁଶାସିତ ସଭ୍ୟତାର ପରିଚୟ ଦେଇଛନ୍ତି। ଯୁଗ କୋଉଠି ପହଞ୍ଚିଲାଣି। ଆଜିର ମନୁଷ୍ୟ ଦୁନଆ ଆଗରେ ଯେଉଁ ଅସଭ୍ୟ କୁ ସେଇ ଅସଭ୍ୟ ଅଛନ୍ତି। ନା ସେମାନେ କୌଣସି ଦକ୍ଷତାରେ ଅନୁଶାସିତ, ନା ସେମାନଙ୍କର ଅନୁଶାସନର ମର୍ଯ୍ୟଦା ଅଛି। ଏଇଟା ସେମାନଙ୍କର ଗୋଟେ ଅଭ୍ୟାସରେ ପରିଣତ ହେଲାଣି ଆଜିର ଯୁଗରେ। ଏକଥା ମୁଁ କହୁନ। ସେମାନେ ନଜେ ହିଁ ତାଙ୍କ ମୁହଁରେ ତାଙ୍କ ସଭ୍ୟତାର ପରିଚୟ ଦେଉଛନ୍ତି।

ଅତିଥି ସେବା ଗୃହସ୍ଥସ୍ୟ ଧର୍ମ। ବିବିଧତା ମଧ୍ୟରେ ଏକତା ହେଉଛି ଏକ ଭାରତୀୟ ପରମ୍ପରା। ଥରେ ଜଣେ ଅତିଥି ଅଭ୍ୟାଗତ ମୋ ଘରକୁ ଆସିଲେ। ଯଦି ଜଣେ ଅତିଥି ଓଳଏ ଦି-ଓଳ ରହିଲେ ସିନା ଆପଣ କଛି ତା ପାଇଁ ଭଲ କରିବେ ନଜ ଯୋଗ୍ୟତା ହିସାବରେ।  ଯିଏ ଯଦି ତିନଦିନ, ଚାରିଦିନ ବା ତା ଠାରୁ ଅଧିକ ଦିନ ରୁହେ, ଆଜିର ଯୁଗ

କଣ କହୁଛି ଯେ ଆମେ ଅତିଥିଙ୍କ ପାଇଁ ଜୀବନ ଦେବୁ । ଅତିଥି ବହୁ ଚର୍ଚ୍ଚା ପାଇଲେ । ସୁସ୍ୱାଦ ବ୍ୟଞ୍ଜନ ମଧ୍ୟ ଗ୍ରହଣ କଲେ । ଯିବା ଦିନ କିନ୍ତୁ ମୁଁ ବିରିୟାନୀ ଖୁଆଇ ଦେଲି । ଏଇଟା ମୋର ବଡ ଭୁଲ ହୋଇଗଲା ଯେ ମୁଁ କିଛି ତାଙ୍କ ପସନ୍ଦ ମୁତାବକ ଖୁଆଇପାରିଲି ନାହିଁ । ଅତିଥି ମୋ ଘରୁ ଖାଇପିଇ ଜିନିଷଦ୍ରବ୍ୟ ନେଇଯାଇ ମୋ ନାଁରେ ଅପପ୍ରଚାର କଲେ । ଯଦ୍ୱାରା ବହୁତ ପରିମାଣରେ ମୋତେ କ୍ଷତି ସହିବାକୁ ପଡିଲା । ଏଇଟା ହେଉଛି ଆଜିର ଅତିଥିଙ୍କ ମାନସିକତା । ଖାଇବେ ବାପା ର, ଗାଇବେ କକା ର । ଏମାନେ କଣ ନିଜକୁ ସମାଜରେ ଅନୁଶାସିତ ବ୍ୟକ୍ତି ବୋଲି କହିପାରିବେ? ଏମାନଙ୍କର କଣ ଯୋଗ୍ୟତା ଅଛି? ଏମିତି ଲୋକ ହେଲେ ସୁବିଧାବାଦୀ । ବର୍ଷା ଯୁଆଡେ, ଛତା ସିଆଡେ । ଦରକାର ପଡିଲେ ଏଠି ସମ୍ପର୍କ ଖାଲି ଖାଇବାପିଇବାରେ ସିମୀତ ହୋଇ ରହିଯାଏ । ଏମାନଙ୍କ ପୂର୍ବ ରେକର୍ଡ ଦେଖିଲେ ଜଣାପଡେ ଏମାନେ କେତେ ଅସଭ୍ୟ । ଆଜିବି ଅସଭ୍ୟତାର ମାନସିକତାରେ ଭରି ରହିଛନ୍ତି । ଯେଉଁଠି ସଭ୍ୟତାର ବିକାଶ ଜୋରସୋରରେ ଚାଲିଛି, ଅନ୍ୟପଟେ ସଭ୍ୟତାର ଏମିତି ନିଆରା ଅନୁଭବ, ଅନୁଭୂତି ସତରେ ଏଇଟା ମଣିଷର ମାନସିକତାକୁ ଦୋହଲେଇ ରଖିଦେବ । ସତରେ, ମଣିଷ କେତେ ସ୍ୱାର୍ଥୀ । ନିଜ ସ୍ୱାର୍ଥପାଇଁ କଣ ନକରେ । ଆମର ତ ଯୋଗ୍ୟତା ନାହିଁ । କିନ୍ତୁ ଅନ୍ୟମାନଙ୍କ ଯୋଗ୍ୟତା ଦେଖିଲେ ଆମ ଯୋଗ୍ୟତା ସେଠି ଫିକାଫିକା ଲାଗେ । ଏଠି ଅନୁଶାସନର ଶବ୍ଦ ଏବଂ ସଭ୍ୟତାର ବିକାଶ କଥା ଚିନ୍ତା କରିବା ହିଁ ଗୋଟିଏ ଗୋଟିଏ ଶବ୍ଦ ଅଟେ । ଏମିତି ମାନସିକତା ରଖିଥିବା ବ୍ୟକ୍ତି କୁଆଡେ ଦୁନିଆରେ ନିଜକୁ ସଭ୍ୟ ବୋଲି କହୁଛନ୍ତି । ଏମାନଙ୍କ ସଭ୍ୟତାର ବିକାଶର ଯୋଗଦାନ ବଡ ମହତ୍ତ୍ୱପୂର୍ଣ୍ଣ ଅଟେ । ମନେପକାଅ ତୁମର ସେହି ବିକଶିତ ସଭ୍ୟତାର କଥା । ଆଜି ଆମେ ନାହୁଁ । ମନେପକାଅ ତୁମର ସେହି ସମାଜପୋଯଗୀ ନିଜ ଯୋଗ୍ୟତାର କଥା । ଯେଉଁଠି ଦିନେ ସଭ୍ୟତାର ବିକାଶ ହୋଇଥିଲା, ସେଠି ତାହା ଆଜି ଲୋପପାଇବାରେ ବସିଛି । ତୁମେ କଣ ଓଳଆରୁ ପଡି ଗଜା । ଆଜି ଏମାନେ ହେଲେ ଏକ ବିକଶିତ ସଭ୍ୟତା ଆଉ ଆମେ ହେଲୁ ଗୋଟିଏ ଗୋଟିଏ ଅଯୋଗ୍ୟ ବ୍ୟକ୍ତି । ସତରେ ମଣିଷ ଜୀବନରେ ଏମିତି ପରିବାର ଆଉ ଏମିତି ପରିବେଶ ରହିବ, ସେଠି ବିକଶିତ ସଭ୍ୟତା ବି ଧିରେ ଧିରେ ଲୋପ ପାଇଯିବ ।  ସତରେ ଯୁଗ ବଦଳଗଲା । ଲୋକଙ୍କ ଅଭ୍ୟାସ ବଦଳଗଲା । ଅନୁଶାସନର ମୂଲ୍ୟ କିଛି ଅଲଗା ଲାଗିଲା । ଏମିତି ମନୁଷ୍ୟଙ୍କ ମାନସିକତା କେବେବି ବଦଳିବନି ନା ଏମାନେ କେବେ ବଦଳିବେ । ମାଗଣା ଖାଇବା, ମାଗଣା ସବୁକିଛି ପାଇବା ଏମାନଙ୍କ ମାନସିକତା । ଏମାନେ ଖାଲି ନେବେ, ଦେବେନି କାହାକୁ । ଏମାନଙ୍କ ଘରକୁ ଗଲେ ଅତି ନିକୃଷ୍ଟ ଭାବରେ ଚର୍ଚ୍ଚା କରିବେ । ନିଜ ଅଯୋଗ୍ୟତାର ପ୍ରଦର୍ଶନ ପାଇଁ ଅନ୍ୟଠାରୁ ଯୋଗ୍ୟତା

ଆଶା କରନ୍ତି । ଜଣେ ଯଦି ନଜର ଯୋଗ୍ୟତାରୁ ଟିକଏ ବି ଓହରିଲା, ତେବେ ତାର ନଜତ୍ୱ ଏମାନେ ସାରିଦେବେ । ବାଃ ରେ ମଣିଷ, କେତେ ସଂସ୍କାରି ତୁମେ । ଧନ୍ୟ ତୁମେ, ଧନ୍ୟ ତୁମ ସଂସ୍କାର । ବାଃ ବାଃ ରେ ତୁମ ପରିଚୟ । ଏଠି ଅନୁଶାସନର ପ୍ରକୃତ ଅର୍ଥ ତୁମ ଉପରେ, ତୁମ ମାନସିକତା ଉପରେ ଏକଦମ୍ ଖାପ ଖାଉଛି । ମୁଁ କେବେ ତୁମେ ହୋଇପାରିବି ନାହିଁ ନା ତୁମେ କେବେ ମୁଁ ହୋଇପାରିବ । ତୁମେ, ତୁମେ ହିଁ ରହିବ ଆଉ ମୁଁ ମୁଁ ହିଁ ରହିବି । ହଁ, କାହାକୁ ଆଦର୍ଶ ମାନ ଅନୁଶାସନରେ ଅନୁପ୍ରାଣିତ ହେବା ଅଲଗା କଥା । ଏହି ଅଭ୍ୟାସ ଆଦର୍ଶପୂର୍ବକ ମନୁଷ୍ୟକୁ ଅନୁଶାସିତ କରେ । ପ୍ରତ୍ୟେକ ମନୁଷ୍ୟ ଜୀବନରେ ଅନୁଶାସନ ପାଳନ କରିବା ଉଚତ । ପ୍ରତ୍ୟେକ ଜିନଷର ଉଚତ ମହତ୍ୱକୁ ଜୀବନର ଉଚତ ମୂଲ୍ୟକୁ ଅନୁଶାସନରେ ଭର୍ ଆଦର୍ଶକୁ ମାନବା ଉଚତ । ଏଇଟା ହେଉଛି ମାନବିକ ମୂଲ୍ୟବୋଧ । ଯାହା ପ୍ରତ୍ୟେକ ବ୍ୟକ୍ତି ପାଖରେ ରହିବା ଉଚତ । ଏକ ଆଦର୍ଶ ଅନୁଶାସନ । ବେଳେବେଳେ ମନୁଷ୍ୟ ବହୁତ କଛି ଭାବେ । କନ୍ତୁ ବେଳେବେଳେ ଏମିତି ହୁଏ ଯାହା ମଣିଷ କଛି ଭାବିପାରେନ । ସବୁକଛି ସମୟ ଏବଂ ପରିସ୍ଥିତି ଉପରେ ନର୍ଭର କରେ । ଅନେକ ଭାବି ମଧ କଛି ହୁଏନ । କଛି ନଭାବି ମଧ ଅନେକ କଛି ହୋଇଯାଏ । ତେଣୁ ମଣିଷ ନଜ ଭାବନାକୁ ନଜ ସହିତ ସୀମିତ ରହିବା ଉଚତ । ନଜ ଭାବନାକୁ ଅନ୍ୟ ଉପରେ ନପକାଇ ଅନ୍ୟର ଭାବନାକୁ ସମ୍ମାନ ଦେବା ଉଚତ । ତେବେ ଏକ ଅନୁଶାସନର ମୂଲ୍ୟ ଅଭ୍ୟାସକ୍ରମେ ସର୍ବଦୈବ ମଣିଷତ୍ୱର ମୂଲ୍ୟକୁ ଆଦର୍ଶକ୍ରମେ ଏକ ମହାନ ମାନବୀକ ମହତ ମନୁଷ୍ୟ ଭାବରେ ପରିଣତ କରିପାରିବ ।

ମୁଁ ନୂଆ ନୂଆ କରି ବାହାରକୁ ଆସିଥାଏ । ଥରେ ଜଣେ ବୃଦ୍ଧ ବ୍ୟକ୍ତି ଗୋଟିଏ ଗାଡିରେ ବୋଝେଇ ହୋଇ ମୋ ଘରକୁ ଆସିଲେ । ମୋର ମାତ୍ର ଦୁଇବଖର୍ ଘର । ସେଥିରେ ଏତେ ଲୋକଙ୍କର ଠିକ୍ ରେ ରହିବା ବ୍ୟବସ୍ଥା ବି କଛି ନାହିଁ । ଆୟ ମଧ ସୀମିତ । ମୋ ମଣ୍ଡଳୀର ମୁରବୀଙ୍କୁ କହିଲି – ଆପଣ ଏତେ ଲୋକ ଆସିଲେ, ମୁଁ କଣ କରିବି । ମୋର ଏଠି କଛି ସେମିତି ବ୍ୟବସ୍ଥା ନାହିଁ । ମୁଖିଆ ଏବଂ ତାଙ୍କ ସ୍ତ୍ରୀ କହିଲେ, ତୁମକୁ କଷ୍ଟ ସହିବାକୁ ପଡିବ । ଆମେ କଣ ଆତ୍ମୀୟମାନଙ୍କୁ ମନାକରି ଦୋଷୀ ହେବୁ । ତୁମକୁ ଯେମିତି ସେମିତି ସମ୍ଭାଳିବାକୁ ପଡିବ । ଏହା ହେଉଛି ମନୁଷ୍ୟର ସ୍ୱାର୍ଥୀ ମାନସିକତା, ଯାହା ସେମାନେ କଣ କରୁଛନ୍ତି ଭାବିପାରୁ ନାହାନ୍ତି କ ଜାଣିପାରୁ ନାହାନ୍ତି । ଏଇଟା କଣ ଗାଁ ହେଇଛି । ମୁଁ ମୋ ଯୋଗ୍ୟତା ହିସାବରେ ସମ୍ଭାଳନେଲି । ସେହି ମହାନ ବ୍ୟକ୍ତି ଜଣଙ୍କ ମୋତେ ଦେଇଥିବା ଉପଦେଶ କେବେ ବି ନଜେ କାର୍ଯ୍ୟରେ ବ୍ୟବହୃତ କରିପାରିନାହାନ୍ତି । ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ ବ୍ୟତିକ୍ରମ ଦେଖାଯାଉଛି । ଯେତେବେଳେ ନଜ ଉପରକୁ ଆସିଲା, ତାଙ୍କର ମତେ

ଦେଇଥିବା ଉପଦେଶ ମଧ୍ୟ କାମକୁ ଆସିଲାନ । ସତରେ, ଆଜିର ମଣିଷ କେତେ ସ୍ୱାର୍ଥୀ । ତେଣୁ ଅନ୍ୟକୁ ଉପଦେଶ ଦେବା ସହଜ । ନିଜେ ଏଇ ଉପଦେଶ ପାଳନ କରିବା ବହୁତ କଷ୍ଟସାଧ୍ୟ । ଏଇଟା ହେଉଛି ଆଜିର ମନୁଷ୍ୟର ମାନସିକତା । ଉପଦେଶ ଦେବେ, କାହା ଉପଦେଶ ଗ୍ରହଣ କରିବେନି । ଏମିତି ଆତ୍ମୀୟ ଥିଲେ ଜୀବନଟା କେତେ ଛୋଟ ଛୋଟ ଲାଗେ ନିଜେ ଯିଏ ଅଙ୍ଗେ ନିଭେଇଥିବ, ସେହିଁ ବୁଝିପାରିବ । ଏମିତି ମାନସିକତା ରଖୁଥିବା ବ୍ୟକ୍ତି କେବେବି ଠିକ୍ ରୂପେ ଅନୁଶାସନ ପାଳନ କରିପାରେନା । ଏମିତି ଲୋକଙ୍କ ଅଭ୍ୟାସ ହେଲା ନିଜେ ଭଲରେ ରହି ଅନ୍ୟକୁ କଷ୍ଟ ଦେବା । ଏମିତି ସମ୍ପର୍କୀୟ ମାନଙ୍କଠାରୁ ଦୂରରେ ରହିବା ଅତି ଭଲ । ଏମିତି ଅନେକ କଥା ବଡ ବଡ ଲୋକେ ମଧ୍ୟ କହିଯାଇଛନ୍ତି ।

"ଦୂରରେ ରୁହ, ଖୁସିରେ ରୁହ
ଅନ୍ୟକୁ କଷ୍ଟ ନଦେଇ ଭଲରେ ରୁହ
ଅନୁଶାସନର ପାଳନ କର
ଧୀରେ ଧୀରେ ଅଭ୍ୟାସରେ ପରିଣତ ହୋଇଯିବ
ତୁମେ ଜାଣିନ ଉନ୍ନତି ନିଜର,
ଅନ୍ୟକୁ କହିବ ସବୁ ତୁମର
ଉପଦେଶ ତୁମ ପାଖରେ ରଖ
ନହେଲେ ଅନ୍ୟଥା ପରିହାସ ହେବ
ଏମିତି ଲୋକଙ୍କଠାରୁ ଆମେ ବହୁତ ଦୂରରେ
ନାହିଁ ଯାହାର ନିଜର ନିଜସ୍ୱ
ପାଖରେ ପାଇବନି ଆମକୁ କେବେ
ଦେବୁ ଦେବୁ ତୁମକୁ ଆମେ, ନବ ତୁମେ
କହିବ ଆମେ, ଆମର ନୁହେଁ ତୁମେ
ତୁମେ ସବୁ ରଖ, ଆମକୁ ଆବଶ୍ୟକ ନାହିଁ ତୁମେ
ଲୋଡା ନାହିଁ ତୁମେ
ଅଭ୍ୟାସ ରଖ, କହିବ ଅନୁଶାସିତ ଆମେ ।

ଆପଣ ଜଣେ ଅସନ୍ତୁଷ୍ଟ ଅତିଥି ଙ୍କୁ କେବେବି ସୁଖି କରିପାରିବେନି । ଆପଣ ତାଙ୍କ ପାଇଁ ଯେତେ ଭଲ କଲେବି ସେମାନେ ଖାଇପିଇ ଯାଇ ତୁମ ପଛରେ ନିଶ୍ଚୟ ନିନ୍ଦା କରିବେ । ଏ କଣ କଲା କି? ଭାତ-ଡାଲମା ଟିକେ ଦେଲା ତ । ଲୋକଙ୍କର ଏମିତି ମାନସିକତା ପ୍ରାୟ କମ

ଦେଖାଯାଏ । ଅନ୍ୟମାନେ ଯେଉଁଠି ପାଣି ଗିଲ୍‌ସଟିଏରେ ସନ୍ତୁଷ୍ଟ ହୋଇଯାଆନ୍ତି, ଏମିତି ଅତିଥି ସେଠି ଖାଇ-ପିଇ ମଧ ନନ୍ଦା କରିବାରେ ଲାଗନ୍ତି । ସତରେ, ମଣିଷ ମଣିଷ ଭିତରେ କେତେ ପ୍ରଭେଦ । ଜଣେ ଅତିଥି ଘରକୁ ଆସିଲେ ସର୍ବତଠାରୁ ଆରମ୍ଭ ହୁଏ । ତା ପରେ ଜଳଖିଆ, ତାପରେ ଦିବା ଭୋଜନ, ତାପରେ ଗପ ପର୍ବ, ତା ପରେ ରାତ୍ରୀ ଭୋଜନ । ଏତେ ଦେଇସାରିଲା ପରେ ମଧ ଅସନ୍ତୁଷ୍ଟ ଅତିଥି କହନ୍ତି- କଣ ଦେଲେ, କଛି ବି ଦେଲେନ । ଆଜିର ଅତିଥି ସୁବିଧାବାଦୀ । ସେମାନଙ୍କ ଘରକୁ ଗଲେ ଯଦି ସେମାନଙ୍କଠାରୁ କେବେ ଆତିଥ୍ୟ ଲୋଡାଯାଏ ସେମାନେ ଥ୍ୟାନକ୍ୟୁ କହି ଘରର କବାଟ ବନ୍ଦ କରିଦିଅନ୍ତି । ସେମାନେ ହେଲେ ଶିକ୍ଷିତ ଆଜିର ଦୁନଆରେ । ଯିଏ ଏତେ ପରିଶ୍ରମ କରି ଅତିଥି ସେବା କଲା, ଆଜିର ଦୁନଆରେ ସେ ଅସଭ୍ୟ ମନୁଷ୍ୟ । ନଜେ ନଜର ମୂଲ୍ୟ ବୁଝିବା ଦରକାର । ଅନ୍ୟ ପାଖରେ ତାର କଛି ମୂଲ୍ୟ ଥାଉ କ ନଥାଉ, କଛି ଫରକ ପଡେନ । ଯଦି ମନୁଷ୍ୟକୁ ତାର ନଜ ମୂଲ୍ୟ ତାକୁ ଜଣା ଅଛି, ତେବେ ଏଥିରେ କଛି ବ୍ୟସ୍ତ ହେବାର ନାହିଁ । ବରଂ ଧୈର୍ଯ୍ୟ ଧରିବା କଥା । ଅନ୍ୟକୁ ଭୁଲ କହିବା ଆଗରୁ ନଜ ଭୁଲ୍ କୁ ଦେଖିବା କଥା । ଏମିତି କାହିଁକ ହେଲା । ଧୈର୍ଯ୍ୟହରା ନ ହୋଇ ଧୈର୍ଯ୍ୟ ଧର । ସବୁକଛି ଠିକ୍ ହୋଇଯିବ । ସ୍ୱାର୍ଥୀ ହେବା, ଧୈର୍ଯ୍ୟହରା ହେବା ମଣିଷର ସାମାନ୍ୟ ପ୍ରକୃତି ଅଟେ । କନ୍ତୁ ନଜ ଭୁଲ ବୁଝିବା ହେଉଛି ମଣିଷର ପ୍ରକୃତ ମଣିଷତ୍ୱ । ତେବେ ଏଠି ମଣିଷ କଏ**?** କାହାର କେଉଁ ଅଭ୍ୟାସ । ଅନୁଶାସନ କଣ**?** ଯଦି ମଣିଷ ଭାବେ ତାର ନଜର ମୂଲ୍ୟ ଅଛି, ତେବେ ତାକୁ କୌଣସି କଥାରେ ବିଚଳତ ହେବାର ଦରକାର ନାହିଁ । ନଜ ଉପରେ ଭରସା ରଖ, ସବୁକଛି ଠିକ୍ ହୋଇଯିବ । ସବୁ ସେହି ପରମେଶ୍ୱର ଇଶ୍ୱରଙ୍କର ହିଁ କୃପା । ସବୁକଛି ଠିକ୍ ହୋଇଯିବ । ଧୈର୍ଯ୍ୟ ଧର । ବ୍ୟସ୍ତ ହୁଅନ । ପ୍ରଭୁଙ୍କ ଶରଣ ଯାଅ । ସବୁକଛି ଠିକ୍ ହୋଇଯିବ ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ
+୯୧ ୯୫୯୪୯୯୩୭୩୩



# ଭିତର ପୃଷ୍ଠାରେ....


| | | |
|---|---|---|
| ଯୁଗ ବ୍ୟୁତ୍ପତ୍ତି ଓ ଦଶାବତାର କଥନ | ଅଧ୍ୟାପକ ଡଃ ଅର୍ଜୁନ ଚରଣ ବାରିକ | ୧୬ |
| ଶ୍ରମିକର ପ୍ରଶ୍ନ, ନିର୍ବାଣ କଣ ମୃତ୍ୟୁ? | ବିକାଶ କୁମାର ମଲ୍ଲୀକ | ୨୦ |
| କରୋନା ସୁନ୍ଦରୀ | ଶଶଧର ମହାପାତ୍ର | ୨୨ |
| ଝୁରୁଥିବା ମନ ପକ୍ଷୀ ଟି | ଶାନ୍ତିଲତା ମିଶ୍ର | ୨୪ |
| ମା | ରୋଜାଲିନ୍ ମିଶ୍ର | ୨୯ |
| ପଥହରା ପଥିକ ମୁଁ | ସାବିତ୍ରୀ ମହାପାତ୍ର | ୩୦ |
| ଜୀବନର ମାନେ | ଶୈଳଜା ମିଶ୍ର | ୩୧ |
| ନାତୁଣୀର ବାହାଘର | ଡକ୍ଟର ବିଜ୍ଞାନୀ ଦାସ | ୩୨ |
| ଛନ୍ଦ ଛାଡ଼ ଛନ୍ଦାଚରଣ | ପ୍ରେମାନନ୍ଦ ବେହେରା | ୪୩ |
| ରାଧା | ଅନୁସୂୟା ମିଶ୍ର | ୪୫ |
| ବିଶ୍ୱରେ ବିସ୍ମୟର ଦୁର୍ଦ୍ଦିନ | ବରଦା ପ୍ରସନ୍ନ ଦାସ | ୪୬ |
| ବିଜୟ | ଡ. ଜ୍ଞାନେଶ୍ୱର ମିଶ୍ର | ୫୧ |
| ପ୍ରତୀକ୍ଷାର ଅବସାନ | ଭାସ୍କର ଚନ୍ଦ୍ର ଖଣ୍ଡା | ୫୨ |
| ସଲାମ୍ ରେ ଯୋଦ୍ଧା! ସଲାମ୍ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୫୪ |
| ବିଶ୍ୱାସର ବୀଜ | କୀର୍ତ୍ତି ଦେବୀ | ୫୫ |
| ହାଏରେ ଭୂତାଣୁ | ଡ. ପ୍ରସନ୍ନ କୁମାର ବଳ | ୫୮ |
| ସୁଖ ଦୁଃଖ ର ସାଥୀ, କବି | ଆଶୁତୋଷ ମେହେର | ୬୦ |
| ମହାମାରୀ | ରାଜକିଶୋର ସାଇଁ | ୬୧ |
| ଅଦୃଶ୍ୟ ବୟସ | ଅମ୍ବିକା ସ୍ୱାଇଁ | ୬୨ |
| ଭିତରେ ଯାଅ | ସନାତନ ମହାକୁଡ | ୬୫ |
| ସଂକଟ ମୋଚନ | ଶମ୍ଭୁନାଥ ଦାସ | ୬୬ |
| ଅଫେରା ଗ୍ରୀଷ୍ମ | ଶମ୍ଭୁନାଥ ସାହୁ | ୬୮ |

| | | |
|---|---|---|
| ଆତ୍ମ ର ଅତୀତ ଓ ଭବିଷ୍ୟତ | ଆପ୍ତକାମ ମିଶ୍ର | ୬୯ |
| କରୋନା ଆବଦ୍ଧ ପରିସୀମା | ଇତିଶ୍ରୀ ମହାରଣା | ୭୫ |
| ମା | ମୋନାଲିସା ସାହୁ | ୭୭ |
| ଭିଜା ପଣତ | ମିନତୀ ଦାସ | ୭୮ |
| କଛି ସୁନ୍ଦରବନରେ ଯାତ୍ରା | ଅଶୋକ ବିଶ୍ୱାଳ | ୭୯ |
| ବେଲ ପତର | ବୈଦ୍ୟନାଥ ପଣ୍ଡା. | ୮୭ |
| ସାହସ | ପୁଷ୍ପାଞ୍ଜଳି ପଣ୍ଡା | ୮୮ |
| ବାର ମାସ | ନନ୍ଦିନୀ ରାଉତ | ୮୯ |
| ଶେଫାଳି | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୯୦ |
| ରଜପର୍ବ | ଶ୍ରୀ କୁଞ୍ଜବିହାରୀ ସାହୁ | ୯୧ |
| ମା | ଡ. ସଦା ବିହାରୀ ସାହୁ | ୧୦୨ |
| କେଉଁଠି ରଖିବି? | ଡକ୍ଟର ମନୋରଞ୍ଜନ ବିଷୋୟୀ | ୧୦୩ |
| କୋରନା ମହାମାରୀ | ମଧୁଛନ୍ଦା ବେହେରା | ୧୦୫ |
| ମୁଁ ଓଡ଼ିଆ | ପ୍ରଶାନ୍ତ କୁମାର ମହାନ୍ତି | ୧୦୭ |
| ହୃଦର ହୀରକମାଳା ଓ ହିଡିମ୍ବା ଉପାଖ୍ୟାନ | ପ୍ରିୟବ୍ରତ ପାତ୍ର | ୧୦୮ |
| ମୋ ପରିବାର | ନବ କୁମାର ଦାସ | ୧୧୩ |
| ଜହ୍ନ | ନରେନ୍ଦ୍ର ପ୍ରସାଦ ବେହେରା | ୧୧୫ |
| କେଉଁଦିନ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୧୫ |
| କ୍ଷଣିକ | ଶ୍ରୀକ୍ଷେତ୍ର ସୁନ୍ଦର | ୧୧୬ |
| କରୋନା ବେଳର କରୁଣ କଥା | ବିଜୟ କୁମାର ପଣ୍ଡା | ୧୧୭ |
| ଦାନ | ତ୍ରିପତି ପ୍ରଧାନ | ୧୨୦ |
| ନନ୍ଦିଘୋଷ ରଥ | ରାଜଶେଖର ସି “ଚମା” | ୧୨୧ |
| ମୋ ବୋଉ | ଝିଲମିଲ ସାହୁ | ୧୨୪ |
| କରୋନା ଆତଙ୍କ | ପ୍ରାଧାପିକା ଜ୍ୟୋତ୍ସ୍ନା ରାୟ | ୧୨୫ |

| | | |
|---|---|---|
| ଲକ୍ ଡାଉନ୍ ଇଫେକ୍ଟ | ସସ୍ମିତା ମହାନ୍ତି | ୧୨୮ |
| ତୁମେ ହିଁ ତ ତୁମେମୟ | ପ୍ରତତି ମହାନ୍ତି | ୧୩୧ |
| ଶ୍ରମିକ | ଭଜରାମ ସେଠୀ | ୧୩୩ |
| ମହାମାରୀ ପ୍ରଭାବିତ ବାର୍ଦ୍ଧକ୍ୟ | ଡକ୍ଟର ପ୍ରଦୀପ ମହାପାତ୍ର | ୧୩୪ |
| ଦୃଷ୍ଟି | ସୁବାସ ଚନ୍ଦ୍ର ମୁଦୁଲି | ୧୩୯ |
| ସଫଳତାର ପଥେ ପଥେ | ସୁଦାମ ଲେଙ୍କା | ୧୪୦ |
| କରୋନା | ରାଜେନ୍ଦ୍ର କୁମାର ମହାନ୍ତି | ୧୪୧ |
| ଘୃଣା | ସୁବଳ ମହାପାତ୍ର | ୧୪୨ |
| ମୋର ପରିବର୍ତ୍ତନ ହୋଇଛି | କୁମୁଦିନୀ ବେହେରା | ୧୪୬ |
| ପେଟ | ସତ୍ୟବ୍ରତ ସାହୁ | ୧୪୯ |
| ମୁମୁକ୍ଷୁ | ଆରତୀ ସାହୁ (ଆଶା) | ୧୫୦ |
| ଗାଆଁ ଆରପାଖ ନଇ ତୁଠ | ପୂର୍ଣ୍ଣଚନ୍ଦ୍ର ରଣା | ୧୫୪ |
| କବିର କଳ୍ପନା | ବାସନ୍ତୀ ଲତା ଜେନା | ୧୫୬ |
| ମୁଁ ଜଣେ ମାମୁଲି ଶ୍ରମିକ | ନୂତନ କୁମାର ବେହେରା | ୧୫୭ |
| ଶିଖର କାମିନୀ | ସୁଷମା ପରିଜା | ୧୫୮ |
| ମୋ ସରଗ ଗ୍ରହ ଆସୁଛି | ସଂଯୁକ୍ତା ମହାପାତ୍ର | ୧୬୩ |
| ଅଭିଶପ୍ତ ପିତୃତ୍ୱ | ବିନୟ ମହାପାତ୍ର | ୧୬୪ |
| ଗୋଡି | ମୀନାକ୍ଷି ପାଢୀ | ୧୬୬ |
| ମୋ ମାଆ | ଅନ୍ନପୂର୍ଣ୍ଣା ଦାସ | ୧୬୭ |
| ତୃପ୍ତି | ବିଦ୍ୟାଧର ମିଶ୍ର | ୧୬୯ |
| ପ୍ରିୟତମା | ଉମାକାନ୍ତ ଗୌଡ | ୧୭୦ |
| ଜୀବନ ର ପଥେ; ସ୍ୱପ୍ନ ର ସାଥେ | ନନ୍ଦିନୀ | ୧୭୨ |
| ଦିନେ କହିଥିଲ | ତ୍ରିଲୋଚନ ଦାସ | ୧୭୫ |
| ମୁଁ କରୋନା ଲଢେଇ ଲଢୁଛି | ସୌଭାଗ୍ୟ ଗିରି | ୧୭୬ |
| ସୂକ୍ଷ୍ମ ହାସ୍ୟ ନାଟକ- ଗଡବଡ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୭୮ |
| ନୂଆ ଅତିଥି | ରୋହିତ ସେଠୀ | ୧୮୫ |

| | | |
|---|---|---|
| ଡାକ୍ତର | ଶ୍ୟାମ ସୁନ୍ଦର କୁମ୍ଭାର | ୧୮୬ |
| ଧର୍ମ ଓ ପରମ୍ପରାକୁ ନନ୍ଦିତ କରୁଥିବା ଅସଭ୍ୟଙ୍କୁ ପଦେ | ଉଦୟନ ସୂପକାର | ୧୮୭ |
| ତତେ ହିଁ ତୁହି ରକ୍ଷାକର | ଡ. ସୌମ୍ୟ ରଞ୍ଜନ ମିଶ୍ର | ୧୮୮ |
| ଦୁଇଦିନ ଏଇ ଜୀବନ | ଶରତ ଚନ୍ଦ୍ର ଜାଲି | ୧୯୦ |
| ମୁଁ ଲେଖିବାକୁ ଚାହେଁ | ନବକିଶୋର ଦୀପ | ୧୯୧ |
| ସ୍ୱଚ୍ଛତା | ସରୋଜ ସାହୁ | ୧୯୨ |
| ମୁଠାଏ ମାଟି | ହେମନ୍ତ ନାୟକ | ୧୯୩ |
| ପାରିବି କି ଫେରି? | ଅଶ୍ୱିନୀ କୁମାର | ୧୯୯ |
| ମୋ ମା | ସଙ୍ଗୀତା ମହାନ୍ତି | ୨୦୧ |
| କାମନା | ଅଲେଖ ମେହେର | ୨୦୩ |
| ପାଞ୍ଚ ଟଙ୍କିଆ ବିସ୍କୁଟ ଓ ଫନ | ରେଶ୍ମା ମହାନ୍ତି | ୨୦୪ |
| ସତ | ନିରଞ୍ଜନ ସାହୁ | ୨୦୮ |
| ଭଲ ଲାଗୁଥିଲା | ଭାରତୀ ସାହୁ | ୨୦୯ |
| ସ୍ମୃତି | ଲକ୍ଷ୍ମଣ ମହାନ୍ତି | ୨୧୦ |
| ଧନ୍ୟ ତୁମେ ବେଦାନ୍ତୀ | ପୁଷ୍ପଲତା ବେହେରା | ୨୧୧ |
| ଜୀବନର ଅନ୍ୟନାମ ଯନ୍ତ୍ରଣା | ରୀତା ଅପରାଜିତା ମହାନ୍ତି | ୨୧୨ |
| ସରୁ ନାହିଁ ତା' ନେହୁରା | ରମେଶ ଚନ୍ଦ୍ର ମଲ୍ଲୀକ | ୨୧୪ |
| ଭିତ୍ତିହୀନ ବିଶ୍ୱାସ ବିରୁଦ୍ଧରେ ସଂଘର୍ଷ | ବାଲ୍ମୀକି ନାୟକ | ୨୧୫ |
| ସୁଖୀ ରହିବାର ପାଇଁ | ମହେଶ୍ୱର ସାହୁ | ୨୧୯ |
| ଆଶଙ୍କାରେ ରାମ ରାଜ୍ୟ | ଦିନବଂଧୁ ବେଜ | ୨୨୦ |
| ସ୍ୱାର୍ଥ ସମ୍ପର୍କ | ଉଦୟ କୁମାର ପଣ୍ଡା | ୨୨୧ |
| ଲଢେଇ | ଯୁବରାଜ କୁଦେଇ | ୨୨୩ |
| ସାକ୍ଷରତା ବନାମ ସଭ୍ୟ | ଖଗେଶ୍ୱର ବାଗ | ୨୨୪ |
| ରଜ ଭେଟି | ଶିବରାମ ଦଳେଇ | ୨୨୫ |
| ରହ କାଠୁରିଆ | ବୈବସ୍ୱତ ନାଏକ | ୨୨୬ |
| ଗାଁ | ତୁଷାରକାନ୍ତ ପ୍ରସାଦ | ୨୨୭ |

| | | |
|---|---|---|
| ଜୀବନର ଅନନ୍ୟ ରୂପ ବୃକ୍ଷ | ଅମୀୟ କୁମାର ପଧାନ | ୨୨୮ |
| ନାଲି ଗ୍ଯ' | ସୌମ୍ୟ ରଞ୍ଜନ ପାଲ | ୨୩୦ |
| ପ୍ରେମ କରୋନା ସମୟରେ | ଅଜୟ କୁମାର ମହାନ୍ତି | ୨୩୧ |
| ମାତୃତ୍ୱ | ହିମାଦ୍ରୀ ମହାନ୍ତ | ୨୩୨ |
| ବନ୍ଧୁରୁ ସାଜିଲ ବଧୂ | ପ୍ରଶାନ୍ତ କୁମାର ପଧାନ | ୨୩୫ |
| ନା ଆଉ ହବନ | କେଶରୀ ପ୍ରସାଦ ମହାନ୍ତି | ୨୩୬ |
| ଶ୍ରେୟା | ଯନ୍ନେଜୟ ପଣ୍ଡା | ୨୩୭ |
| ଫେରିଯା ପ୍ରିୟା | ପ୍ରଶାନ୍ତ କୁମାର ନାଥ | ୨୪୨ |
| ବିଦାୟ ନେଲକ | ତାରାପ୍ରସାଦ ଜେନା | ୨୪୩ |
| ସ୍ମୃତି ହୋଇ ରହିଗଲ ତୁେ | ରାଜୁ କୁମାର ପାତ୍ର | ୨୪୪ |
| ମା | ମାନସ ରଞ୍ଜନ ପଟ୍ଟନାୟକ | ୨୪୮ |
| ବୋଉ | ସତ୍ୟବ୍ରତ ନାୟକ | ୨୪୯ |
| ଛୋଟ ମୋର ନାଆଟି | ପ୍ରଫେସର ଅନତା ପଣ୍ଡା | ୨୫୦ |
| ଏକ ଅତୀତ | ଅନଙ୍ଗ ମଞ୍ଜରୀ | ୨୫୫ |
| ପ୍ରବାସ ବେଦନା | ନିବେଦିତା ମହାପାତ୍ର | ୨୫୭ |
| ଧର୍ମର ହେଉ ଜୟ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୨୫୮ |
| କରୋନା | ବାଦଲ ମହାରଣା | ୨୬୨ |
| କରୋନା | ଲୋପାମୁଦ୍ରା ସାହୁ | ୨୬୩ |
| ଅଭିମାନ | ସ୍ୱାତି ଦାସ | ୨୬୪ |
| ଶ୍ରୀମଦ୍ ଭଗବତ୍ ଗୀତାର ଦଶମ ଅଧ୍ୟାୟର ସାରକଥା | ନରେନ୍ଦ୍ର ପ୍ରସାଦ ବେହେରା | ୨୬୯ |
| ଆଗାମୀ କାଲି | ଶୁଭକାନ୍ତ ସାହୁ | ୨୭୩ |
| ମାଆ ପରି କିଏ କହ | ନିରଞ୍ଜନ ପାଣ୍ଡେ | ୨୭୫ |
| ଆଖିରେ ଆଖିଏ ଅପେକ୍ଷା | ତନ୍ମୟ କୁମାର ଭଳ | ୨୭୬ |
| କରିଦେ କାଳିଆ | ସୌଭାଗ୍ୟ ରଞ୍ଜନ ମହାପାତ୍ର | ୨୮୨ |
| ପ୍ରେମ ଅଢେଇ ଦିନ | ସେବାକାନ୍ତ ନନ୍ଦ | ୨୮୩ |
| ଆହ୍ୱାନ | ବେଣୁଧର ସୁରୁଜାଲ | ୨୮୪ |

| | | |
|---|---|---|
| କେଶମନ୍ତ ଏକ ଦୁର୍ଭାଗ୍ୟ | ତପନ କୁମାର ଦାଶ | ୨୮୬ |
| ମୃତ୍ୟୁ | ସୌମ୍ୟ ରଞ୍ଜନ ଜେନା(ସତ୍ୟ) | ୨୯୨ |
| ରୂପଜୀବି | ସନ୍ତୋଷ କୁମାର ନାୟକ | ୨୯୩ |
| ମୋ ପ୍ରିୟା | ଅରୂପ ଗିରି | ୨୯୪ |
| ଉପହାର | ଦୁଷ୍ମନ୍ତ ବେହେରା | ୨୯୫ |
| ଖବର ଆଉଛେ | ଫିରୋଜ କୁମାର ପଟେଲ | ୨୯୭ |
| କେଭେଁ ଫେର | ପୁସ୍ତମ୍ ଯୁଆଡି | ୨୯୮ |
| ଜଗଡା କେଚରା | ଶ୍ରୀ ସହଦେବ ଧରୁଆ | ୨୯୯ |
| କଷା ଖୁରୀ ଲାଗି ଦାଦନ ଖଟି | ଅଜିତ କୁମାର ଭୋଇ | ୩୦୦ |
| ଭଲ୍ ପାଏବାର୍ ଶିଖ୍ | ମନୋରଞ୍ଜନ ସୁରୁଜାଲ | ୩୦୧ |
| ଧେନ୍ ରେ ମୋବାଇଲ୍ ଦେଖା | ନରେଶ ତ୍ରୀପାଠି | ୩୦୨ |
| ଭାଗ୍ୟ | ଅନିଲ ସାହୁ | ୩୦୩ |
| ହାତ ପାହାନ୍ତାରେ ପ୍ରାକୃତିକ ପାଚନ - ପୁଦିନା | ଡି ଶୁଭମ୍ | ୩୦୪ |


# ଶିଶୁ ବିଭାଗ


| | | |
|---|---|---|
| କୋବି ଭଲ, କନ୍ତୁ ନୁହଁଇ କୋବି | ଡ଼ଃ ରଞ୍ଜିତ କୁମାର ସାହୁ | ୩୧୨ |
| ମଣିଷ ଜୀବନ ପାଣି ଫୋଟକା | ଅଙ୍କିତା ପାଢ଼ୀ | ୩୧୫ |
| ରାଣୀବଗର ସମାଜସେବା | ନୀଳମାଧବ ସାହୁ | ୩୧୭ |
| ପିଲାବେଳ, ଗ୍ରୀଷ୍ମ ଅବକାଶ ଓ ମାମୁଁଘର ଗାଁ କଥା | ସାଇପ୍ରସାଦ ସାହୁ | ୩୨୧ |
| ମୋ କଣ୍ଢେଇ ଜଗନ୍ନାଥ | ପଦ୍ମିନୀ ମାହାର୍ଣ୍ଣ | ୩୨୪ |
| ଘନଘନ ଘନାଘନ ମେଘ | ରାଜଶେଖର ସି "ଚମା" | ୩୨୫ |
| ଚନ୍ଦ୍ର | ରିୟାନ୍ସ ପଣ୍ଡା | ୩୨୬ |
| ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୨୭ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୨୮ |

# ଯୁଗ ବ୍ୟୁତ୍ପତ୍ତି ଓ ଦଶାବତାର କଥନ

ଅଧ୍ୟାପକ ଡଃ ଅର୍ଜୁନ ଚରଣ ବାରିକ

ଯୁଗାବତାରୀ ଜଗନ୍ନାଥ ଯୁଗେ ଯୁଗେ ଅବତାର ମାନ ଗ୍ରହଣ କରି ଭକ୍ତର ମନୋବାଞ୍ଛା ପୂର୍ଣ୍ଣକରି ଆସିଛନ୍ତି । ଏଥିପାଇଁ ତାଙ୍କୁ ଅନେକ କଷ୍ଟ ସ୍ୱିକାର କରିବାକୁ ପଡିଥାଏ । ବାରମ୍ବାର ସଂସାର ବକ୍ଷରେ ଯୋନୀ ଜନ୍ମ ନେଇ ସାଂସାରିକ ଦୁଃଖ ଜଞ୍ଜାଳ ମଧ୍ୟରେ ନିଜେ ନିଜର ମାୟାକୁ ପ୍ରକଟ କରି ସ୍ୱୟଂ ମାୟାଧର ନାମକୁ ସାର୍ଥକ କରିଥାନ୍ତି । ସେଥିପାଇଁ ମହାପୁରୁଷ ଶ୍ରୀ ଜଗନ୍ନାଥ ଦାସ କୃତ ଶ୍ରୀମଦ୍ଭାଗବତ ମହାପୁରାଣର ପାବନ ପଂକ୍ତିଟିଏ ପ୍ରଣିଧାନ ଯୋଗ୍ୟ- "ଯୁଗକୁ ଯୁଗ ଏହି ମତ । ପରମାନନ୍ଦ ଏ ଜଗତ ॥"

ପରମାନନ୍ଦ ଆନନ୍ଦକନ୍ଦ ଅବାରଣ ଶରଣଦୀନ ଜନରକ୍ଷଣ ନାରାୟଣ ଯୁଗକୁ ଯୁଗ ବାରମ୍ବାର ମର୍ତ୍ତ୍ୟଧାମରେ ଭକ୍ତହୀତ ନିମନ୍ତେ ଅବତରିଥାନ୍ତି । ସେ ତ ନିରଞ୍ଜନ ନିରାକାର । ତଥାପି ଧରଣୀର ଭାର ହରଣ ନିମନ୍ତେ ସେ ଅବତରିଥାନ୍ତି ସାକାର ରୂପ ଧାରଣ କରି । ପୁରାଣ ପୃଷ୍ଠାରେ ଭଗବାନଙ୍କର ଅବତାର ଗୁଡିକୁ ଭିନ୍ନ ଭିନ୍ନ ରୂପରେ ବର୍ଣ୍ଣନା କରାଯାଇଅଛି । ଏପରିକି ଭଗବାନଙ୍କର ବେଶ ଓ ଅଣଗୃଣ ଅବତାର ବିଷୟରେ ମଧ୍ୟ ଭାଗବତ ଗ୍ରନ୍ଥରେ ଉଲ୍ଲେଖ ଅଛି । ମୁଖ୍ୟତଃ ଏହାକୁ ଦଶଟି ଭିନ୍ନ ଭିନ୍ନ ଅବତାର ରୂପରେ ସୂଚିତ କରାଯାଇଛି । ଏଗୁଡିକ ହେଲା, ଯଥାକ୍ରମେ ମତ୍ସ୍ୟ, କଚ୍ଛପ, ବରାହ, ବାମନ, ନୃସିଂହ, ରାମ, ପର୍ଶୁରାମ, ବଳରାମ, ବଉଦ୍ଧ ଓ କଳକୀ । ଏହି ଦଶ ଅବତାର ଶ୍ରୀ ଜୟଦେବକୃତ ଗୀତଗୋବିନ୍ଦ" ରେ ମଧ୍ୟ ବର୍ଣ୍ଣିତ ।

ଯୁଗର ବର୍ଣ୍ଣନାନୁଯାୟୀ ଏହା ଚାରିଭାଗରେ ବିଭକ୍ତ ଯଥା ସତ୍ୟ, ତ୍ରେତା, ଦ୍ୱାପର ଓ କଳି । ପ୍ରଥମ ଯୁଗଟି ହେଉଛି ସତ୍ୟ ଯୁଗ । ଏହାର ଉତ୍ପତ୍ତି ହେଉଛି ବୈଶାଖ ମାସ, ଶୁକ୍ଳ ପକ୍ଷ, ତୃତୀୟା ତିଥି ଓ ରବିବାରରେ । ଏହି ଯୁଗରେ ଭଗବାନ ଚାରୋଟି ଅବତାର ଗ୍ରହଣ

କରିଥିଲେ । ସେଗୁଡିକ ହେଲା – ମତ୍ସ, କୁର୍ମ, ବରାହ ଓ ନୃସିଂହ । ଏ ଯୁଗରେ ପୁଣ୍ୟପୂର୍ଣ୍ଣ ଓ ପାପ ନାସ୍ତି । ଏ ଯୁଗରେ ପ୍ରସିଦ୍ଧ ତୀର୍ଥ ପୁଷ୍କର । ମନୁଷ୍ୟର ମଜ୍ଜାଗତ ପ୍ରାଣ ହେତୁ ଇଚ୍ଛାମୃତ୍ୟୁ ଅଟେ । ନର ଶରୀର ଏକୋଇଶ ହସ୍ତ ପରିମିତ ଓ ପରମାୟୁ ଏକ ଲକ୍ଷ ବର୍ଷ ଅଟେ । ସୁବର୍ଣ୍ଣ ପାତ୍ରରେ ମନୁଷ୍ୟ ଭୋଜନ କାର୍ଯ୍ୟ ସମ୍ପାଦନ କରୁଥିଲା । ସତ୍ୟ ଯୁଗର ପ୍ରସିଦ୍ଧ ରାଜନ ବର୍ଗ ହେଲେ ବଳୀ, ବେଣୁ, ମାନ୍ଧାତା, ପୁରୁରବା, ଧୁନ୍ଦୁମାର, କାର୍ତ୍ତବୀର୍ଯ୍ୟ । ଏମାନଙ୍କୁ ଷଡ ଚକ୍ରବର୍ତ୍ତୀ କୁହାଯାଏ । ଏ ଯୁଗର ଲୋକମାନେ ସର୍ବଦା ସତ୍ୟ ଧର୍ମରତ ଅଟନ୍ତି ଓ ତୀର୍ଥକୁ ଆଶ୍ରୟ କରି ରହିଥାନ୍ତି । ସମସ୍ତ ଲୋକେ ଦେବ ପୂଜନ କରିଥାନ୍ତି ଓ ସତ୍ୟ ଧର୍ମ ଆଚରଣ କରି ଜୀବନ ନିର୍ବାହ କରୁଥାନ୍ତି । ଏ ଯୁଗର ତାରକ ବ୍ରହ୍ମ ନାମ ହେଲା:-

"ନାରାୟଣଂ ପରା ଦେବା ନାରାୟଣଂ ପରକ୍ଷରା ।
ନାରାୟଣଂ ପରାଂ ମୁକ୍ତି ନାରାୟଣଂ ପରାଂଗତ ॥"

ସତ୍ୟ ଯୁଗ ପରେ ତ୍ରେତା ଯୁଗର ଶୁଭାଗମନ ଘଟିଥାଏ । ତ୍ରେତା ଯୁଗର ଉତ୍ପତ୍ତି ହେଉଛି କାର୍ତ୍ତିକ ମାସ ଶୁକ୍ଳ ପକ୍ଷ, ନବମୀ ତିଥି ଓ ସୋମବାରରେ । ଏ ଯୁଗରେ ଭବବାନ ବିଷ୍ଣୁଙ୍କର ମୁଖ୍ୟତଃ ତିନୋଟି ଅବତାର ପରିଦୃଷ୍ଟ ହୋଇଥାଏ । ସେଗୁଡିକ ହେଲା ବାମନ, ପର୍ଶୁରାମ ଓ ଶ୍ରୀରାମ । ତ୍ରେତା ଯୁଗରେ ପୁଣ୍ୟ ତିନିପାଦ ଓ ପାପ ଏକପାଦ । ଅର୍ଥାତ ଯୁଗରୁ ଏକ ପାଦ ଅନ୍ତରାଏ । ଯୁଗର ପାବନ ତୀର୍ଥ ନାମ ନୈମିଷ୍ୟାରଣ୍ୟ । ନର ଶରୀର ଚତୁର୍ଦ୍ଦଶ ହସ୍ତ ଯୁକ୍ତ । ଚଉଦହାତ ମାପର ମାନବ ଦେହ । ମନୁଷ୍ୟର ଆୟୁଷ ଦଶହଜାର ବର୍ଷ । ରୂପା ପାତ୍ରରେ ମାନବ ଭୋଜନ କରୁଥିଲେ । ଏ ଯୁଗର ରାଜାମାନେ ହେଲେ ସୂର୍ଯ୍ୟ ବଂଶ ରାଜା ଧନୁଧେୟ, ସଗର ଅଂଶୁମାନ, ଅରଞ୍ଜମ, ଦ୍ୱିଲୀପ, ଭାଗୀରଥୀ, ହରିଶ୍ଚନ୍ଦ୍ର, ରଘୁ, ଅଜ, ଦଶରଥ, ଶ୍ରୀରାମଚନ୍ଦ୍ର ଓ ଲବ କୁଶ ଆଦି ରାଜାମାନେ ।

ଏ ଯୁଗରେ ଲୋକମାନେ ଦାନଧର୍ମରତ ଓ ନିତ୍ୟ ତପସ୍ୟା ତଥା ତୀର୍ଥ ଦର୍ଶନାନୁରାଗୀ । ପୁନଶ୍ଚ ସେମାନେ ଅଗ୍ନିହୋତ୍ର ଯଜ୍ଞକାରୀ ଓ ରାଜାମାନେ ଯଜ୍ଞାଦି କର୍ମ ସମ୍ପାଦନ କରୁଥିଲେ । ତ୍ରେତୟା ଯୁଗର ତାରକ ବ୍ରହ୍ମନାମ ହେଲା -:

"ରାମ ନାରୟଣନନ୍ତ ମୁକୁନ୍ଦ ମଧୁସୂଦନ ।
କୃଷ୍ଣ କେଶବ କଂସାରେ ହରେ ବୈକୁଣ୍ଠ ବାମନଂ ॥"

ତ୍ରେତା ଯୁଗ ପରେ ଦ୍ୱାପର ଯୁଗର ଶୁଭାଗମନ । ଦ୍ୱାପର ଯୁଗର ଉତ୍ପତ୍ତି ହେଉଛି ଆଶ୍ୱିନ ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥି ଏବଂ ଗୁରୁବାର ଦିନ । ଏ ଯୁଗରେ ଭଗବାନ ମାତ୍ର ଦୁଇଟି ଅବତାର ଗ୍ରହଣ କରିଛନ୍ତି । ସେ ଅବତାର ଦୁଇଟି ହେଲା ଶ୍ରୀକୃଷ୍ଣ ଓ ବୁଦ୍ଧ । ପୁଣ୍ୟ ଦୁଇପାଦ ଓ ପାପ ମଧ୍ୟ ଦୁଇପାଦ । ଅର୍ଥାତ ଅର୍ଦ୍ଧେକ ପାପ ଓ ଅର୍ଦ୍ଧେକ ପୁଣ୍ୟ । ଏ ଯୁଗର ଶ୍ରେଷ୍ଠ ତୀର୍ଥ କୁରୁକ୍ଷେତ୍ର । ବ୍ରାହ୍ମଣମାନେ ଥିଲେ ନାଡୀ ରକ୍ଷକ ଓ ପ୍ରାଣ ଥିଲା ରକ୍ତ ଗତା । ସାତ ହସ୍ତ ପରିମାଣ ଥିଲା ମାନବ ଦେହ । ମନୁଷ୍ୟର ଆୟୁଷ ଥିଲା ଏକ ହଜାର ବର୍ଷ । ତାମ୍ର ପାତ୍ର ଥିଲା ଭୋଜନ ପାତ୍ର । ଦ୍ୱାପର ଯୁଗର ରାଜାମାନେ ହେଲେ – ଶାଲ୍ୱ, ବିରାଟ, କଂସଧ୍ୱଜ, ବବ୍ରୁବାହାନ, ରୁକ୍ମାଙ୍ଗଦ, ଜରାସନ୍ଧ, ଦୁର୍ଯ୍ୟୋଧନ ଓ ଯୁଧିଷ୍ଠିର ପ୍ରଭୃତି ଚକ୍ରବର୍ତ୍ତୀ ।

ଏଯୁଗରେ ଲୋକମାନେ ଧର୍ମ ଓ ଅଧର୍ମରେ ରତ ରହୁଥିଲେ । ସେମାନେ ଚପଳ ଓ ପ୍ରତାପୀ ଥିଲେ । ଜ୍ଞାନ ନଷ୍ଟା ଲୋକମାନଙ୍କର ବ୍ରତ ଥିଲା ଓ କପଟ ବାକ୍ ଚାତୁରୀ ବିସ୍ତାରିତ ଥିଲା । ଦ୍ୱାପର ଯୁଗର ତାରକ ବ୍ରହ୍ମ ନାମ ହେଲା :-

"ହରେ ମୁରାରେ ମଧୁ କୈଟଭାରେ, ଗୋଇନ୍ଦ ଗୋପାଳ ମୁକୁନ୍ଦ ସୌରେ ।
ଯଜ୍ଞେଶ ନାରାୟଣ କୃଷ୍ଣ ବିଷ୍ଣୋ ନିରାଶ୍ରୟଃ ମାଂ ଜଗଦୀଶ ରକ୍ଷଃ" ॥

ଦ୍ୱାପର ଯୁଗର ପରେ ପରେ କଳିଯୁଗ ଧରାଧାମରେ ବିସ୍ତାରଲାଭ କରିଥିଲା । ଏଯୁଗର ଅୟମାରମ୍ଭ ହେଉଛି ମାଘମାସ, ପୂର୍ଣ୍ଣିମା ତିଥି ଶୁକ୍ରବାରରେ । ଏ ଯୁଗରେ ଭଗବାନଙ୍କର ମାତ୍ର ଗୋଟିଏ ଅବତାର ଆଉ ତାହା ହେଉଛି କଳକୀ । କଳି ଯୁଗରେ ପାପ ତିନି ପାଦ ଓ ପୁଣ୍ୟ ମାତ୍ର ଏକ ପାଦ । ଶ୍ରେଷ୍ଠ ତୀର୍ଥ ହେଉଛି ଗଙ୍ଗା । ବ୍ରାହ୍ମଣ ମାନେ ନିରଗ୍ନିକ ଓ ଅନ୍ନଗତ ପ୍ରାଣ ଅର୍ଥାତ୍ ଖାଦ୍ୟାନୁସାରେ ଲୋକର ଆୟୁଷ ହୋଇଥାଏ । ମାନବ ଦେହ ସାଢେ ତିନି ହସ୍ତ ଅର୍ଥାତ୍ ତିନି ହାତ ଅଧେ । ମନୁଷ୍ୟର ଆୟୁଷ ବିଂଶୋତ୍ତରୀ ମତେ ଏକଶତ କୋଡିଏ ବର୍ଷ ଓ ଅଷ୍ଟୋତ୍ତରୀ ମତେ ଏକଶହ ଆଠ ବର୍ଷ । କଳି ଯୁଗରେ ଭୋଜନ ପାତ୍ରର ନିର୍ଣ୍ଣୟ ନାସ୍ତି । କଳି ଯୁଗର ରାଜାମାନେ ହେଲେ ଧର୍ମରାଜ ଯୁଧିଷ୍ଠିର, ଭୋଜ-ଶେଖର, ବିକ୍ରମାଦିତ୍ୟ, ବିକ୍ରମସେନ, ଲଡୁକେସନ, ବଙ୍ଗଳାସେନ, ନେପାଳ, ଭୁପାଳ, ମହୀପାଳ ଆଦି ରାଜାମାନେ ।

କଳି ଯୁଗର ଲକ୍ଷଣ ହେଲା – ଧର୍ମ ସଙ୍କୁଚିତ ହୋଇ ରହିବ, ଲୋକମାନେ ତପସ୍ୟା ବିରହିତ ହେବେ ଅର୍ଥାତ ତପ କାର୍ଯ୍ୟରୁ ଦୂରରେ ରହିବେ । ସତ୍ୟ ଦୂରେଇ ଯିବ ଓ ଅସତ୍ୟର କାରବାର ବଢିବ । କଳିଯୁଗର ମାନବ ଧର୍ମହୀନ ହେବେ । ବ୍ରାହ୍ମଣ ମାନେ ଲୋଭୀ ହେବେ ଓ ପୁରୁଷମାନେ ନାରୀ ବଶରେ ରହିବେ ।  ପୃଥିବୀ ଶସ୍ୟହୀନା ହେବ । ଧରାରେ ଔଷଧୀୟ ଦ୍ରବ୍ୟ ଗୁଣର ଅଭାବ ହେବ । ନୀଚ ଲୋକ ମାନେ ମହତ ବୋଲାଇବେ । ରାଜା ନିଜର ଧର୍ମକର୍ମ ରହିତ ହେବେ । ବିପ୍ରମାନେ କୁମାର୍ଗକୁ ଗତି କରିବେ । ସ୍ତ୍ରୀ ପତି ବିରୋଧିନୀ ହୋଇ ପରପୁରୁଷ ରତା ହେବେ । ପୁତ୍ର ମାନେ ପିତାଙ୍କର ବିଦ୍ୱେଷ କାରକ ହେବେ । ଅତଏବ ଏ କଳି ଯୁଗରେ ଜୀବନ ଧାରଣ କରିବା ବା ବଞ୍ଚିବା ବଡ କଷ୍ଟପ୍ରଦ ଅଟେ । ତେଣୁ ଯେଉଁଜନ ମରିଗଲା ସେ ତରିଗଲା । କଳିଯୁଗରୁ ମୁକ୍ତି ପାଇବାର ଶ୍ରେଷ୍ଠ ବାଟଟି ହେଲା ହରିନାମ ରସ ପୀୟୂଷ ପାନ କରିବା । ଅର୍ଥାତ ଶ୍ରୀହରି କଥା ରସାମୃତ ପାନକରି କର୍ଣ୍ଣ, ମନ ଓ ଶରୀର ପାବନ କରିବା । ନାମାମୃତ ଠାରୁ ବଳି ପରମ ପାବନ ପଦାର୍ଥ ଆଉ କିଛି ନାହିଁ । ମରଧାମରୁ ଜୀବନ୍ମୁକ୍ତ ହେବାର ସହଜ ଓ ସରଳ ମାର୍ଗ ହେଲା ଈଶ୍ୱରଙ୍କର ନାମର ମନନ, ଭଜନ, ଚିନ୍ତନ, କୀର୍ତ୍ତନ ଓ ଆହରଣ । ନାମ ହେଉଛି ବ୍ରହ୍ମ, ନାମ ହେଉଛି ସତ୍ୟ ସନାତନ, ନାମ ହିଁ ପରମ ଓ ଧର୍ମର ମାର୍ଗ ।

ତେଣୁ କଳି ଯୁଗର ତାରକ ବ୍ରହ୍ମ ନାମ ହେଲା :-

“ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।<br>ହରେ ରାମ ହରେ ରାମ ରାମ ରାମ ହରେ ହରେ” ॥

ଅତଏବ ନାମର ସ୍ୱାଧ୍ୟାୟ ନରର କର୍ତ୍ତବ୍ୟ ଓ ନରକ ନିସ୍ତାରଣର ଏକମାତ୍ର ମାର୍ଗ । “ଜୟ ଜଗନ୍ନାଥ”

ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗ, ମଧୁ, କେନ୍ଦ୍ରାପଡା

# ଶ୍ରମିକର ପ୍ରଶ୍ନ, ନିର୍ବାଣ କଣ ମୃତ୍ୟୁ?



ବିକାଶ କୁମାର ମଲ୍ଲୀକ

ଭାବିବସିଲି ଜୀବନ କଣ? ଅଧା ଥାଳ ଭାତ, ଡାଲି ଟିକେ,
କହିଲେ ମାଡ, ଏଠି ମଦ ପାଇଁ ଅନ ଲାଇନ ଟୋକେନ,
ସବୁ କହୁଛନ୍ତି ଜୀବନ ଟା ମହାମାରୀ ।
ମୋ ଖବର କାହା ପାଖେ ନାହିଁ, ସନ୍ୟାସୀ ପରି,
ନିଷ୍ଠୁର ମଣିଷକୁ ଚେତେଇ ଦେବାକୁ?
ମୁଁ କୁଆଡେ ଚାଲିଛି, ନିର୍ବାଣ ନା ମୃତ୍ୟୁ,
ଚାରିଆଡେ ଯମ ଦୂତ କାହିଁକ?

ମୁଁ ତ ବଞ୍ଚିବାକୁ ଚାଲିଥିଲି,
କେବେ ରାସ୍ତାରେ, କେବେ ରେଳ ଧାରଣାରେ,
ଜଙ୍ଗଲ ଭିତରେ, ବଳ ଥାଇ ବି ହଡା ବଳଦ ଟିଏ,
ସବୁ ପଡୁ ମାଡ, ଦୂର ଦୂର, ଭିକ ମାଗିନି, ତଥାପି ଭିକାରି,
ପାଣି, ପବନ, ଗାଁ ଛାଇ ର ଡାକ, ନିର୍ବାଣ ନା ମୃତ୍ୟୁ?
ମୋ ପାଦତଳୁ ମାଟି ନେଇଯାଉଛ?
ତମେ ଏ ନିର୍ବାଣ ନିଅ ମୋତେ ଟିକେ ବଞ୍ଚିବାକୁ ଦିଅ!

ଦେଖୁନ, ଛୋଟ ପିଲାଟା ଆଉ ଚାଲି ପାରୁନ,
ଆଃ କରି ପଚାରୁଛି ବାବା ଆଉ କେତେ ଦୂର?
ଖୁବ୍ ନିଦ ଲାଗିଲାଣି?

ଗର୍ଭିଣୀ ସ୍ତ୍ରୀ ଲୋକଟା ପାଦ ବି ପଡୁନି?
ପେଟେ ଭିତର ଛୁଆଟା ବି ଛେପ ଢୋକରେ କେତେ ବଞ୍ଚିବ?
ଏ ମାଟି ବି କଣ ମୋର ନୁହେଁ?
ବଞ୍ଚିବା ପାଇଁ ରାହା ଖୋଜୁଛି? କହୁଛ କଛି ଦିନରେ ନିର୍ବାଣ ମିଳିବ,
ଗଛ ଛାଇରେ ଶୋଇପଡିଲେ, ଚେତା ଶୂନ୍ୟ ହେଇଗଲେ,
ଲାଗୁଛି ନିର୍ବାଣ ବୋଧେ ମୃତ୍ୟୁ?
ତମେ ଏ ନିର୍ବାଣ ନିଅ ମୋତେ ଟିକେ ବଞ୍ଚିବାକୁ ଦିଅ !

ଚାଲି ଚାଲି ନଥକ ପଡିବା,
ରାସ୍ତା ନଥିଲେ, ଟ୍ରେନ ପଥରେ ବି ଚାଲିପଡିବା,
ଟ୍ରେନ ଚଢି ଚାଲିଗଲେ ବି ସେମିତି ନିଦରେ ଶୋଇଥିବା,
ଟିଭିରେ ଖବର ଆସିଲେ, ଜାଣିବା ଆମେ ମରିସାରିଛେ?
ଗୋଡ ଫୁଟୁକା, ଧୁ ଧୁ ଖରାରେ ଚାଲିବା ବେଳେ,
ଲାଗେ ମାଟି ବି ମୋର ନୁହେଁ, ନିର୍ବାଣ ମାଟି ବିନା ସମ୍ଭବ?
ମୋତେ ଅନେକ ଦିନରୁ ମାରି ସାରିଛ, ଗୋଡେଇ ଦେଇ,
ଗାଁ ଦାଣ୍ଡରୁ, ବିଲ ବାଡିରୁ,
ନିଷ୍ଠୁର ମଣିଷ ମୁଁ ବି ତମ ଭିତରୁ ଜଣେ!
ଟ୍ରେନ ଲାଇନରୁ ମୋ ଜୋତାଟା ଆଉ କାହାକୁ ଦେଇଦେବ
ନିର୍ବାଣ ପାଇଁ ଜୋତା ଦରକାର! ପାଦ ଚାଲି ଚାଲି ଥକ ନ ପଡିଲେ,
ନା ନିର୍ବାଣ ମିଳିବ? ନା ମୃତ୍ୟୁ?
ମୋ ପାଦରୁ ଜୋତା କାଢି, ମୋ ଥାଳୀରୁ ଭାତ ଛଡାଇ,
ମୋ ଗଛ ଛାଇ ନେଇ, ମୋତେଅନେକ ଦିନରୁ ମାରି ସାରିଛ,
ତମେ ଯଦି ନମରି ଥାଅ,
ଏ ନିର୍ବାଣ ମୋତେ ବି ଟିକେ ବଞ୍ଚିବାକୁ ଦିଅ!

ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ,
ଭାରତ ସରକାର, ନୂଆ ଦିଲ୍ଲୀ



ଶଶଧର ମହାପାତ୍ର

# କରୋନା ସୁନ୍ଦରୀ

**(ଦ୍ୱିତୀୟ ଭାଗ)**

କ ସମୟ ହେଲା କୁହ ମହାପ୍ରଭୁ
ଶ୍ରୀମନ୍ଦିରେ ପଡେ ତାଲା
ତୁମ ବଡଦାଣ୍ଡ ଖାଁ ଖାଁ ଲାଗେ
ନାହିଁ ଆଜି ଠେଲା ପେଲା
ତୁମେ ଅଛ ବୋଲି ଇଚ୍ଛା କରିଥାନ୍ତି
ତୁମ ଦରଶନ ଲାଗି
କାହିଁ କେତେ ଦୂରୁ ଆସିଥାନ୍ତି ପ୍ରଭୁ
ରୋଗୀ, ଭୋଗୀ, ଅନୁଭବୀ
କରୋନା ଭୂତାଣୁ ଆତଙ୍କ କଲାଣି
ସାରା ବିଶ୍ୱରେ ଆସି
ତ୍ରାହି ତ୍ରାହି ବୋଲି ଡାକ ଛାଡିଲେଣି
କେହି ନାହିଁ ଆଜି ଖୁସି
ସାରା ଦେଶଟାକୁ ଲକ୍‌ଡାଉନ୍
କରିଛନ୍ତି ଆମ ମୋଦି
କରୋନାରୁ ରକ୍ଷା ପାଇଁ ଟାଣିଲେ
ଲକ୍ଷ୍ମଣ ରେଖା ଜଲଦି
କହନ୍ତି ମୋଦି ଘରୁ ବାହାରି
ଭୁଲରେ ଯାଆନା ବୁଲି
କାଁ ଭାଁ କେଉଁଠି କଏ ବୁଲୁଅଛି
ରାସ୍ତା ବଜାର ଖାଲି
ତୁମରି ସନ୍ତାନ ମାଡ ଖାଉଅଛି
ପୋଲିସ୍ ଠେଙ୍ଗାରେ କେତେ

ହାଇଲାଇଟ୍ ହେଉଛି ଏ' ସବୁ
ଭିଡିଓ ମାଧ୍ୟମେ ଯେତେ
କଏ କହୁଅଛି ଏ' କଥା ସବୁତ
ମାଳକାରେ ଲେଖା ଥିଲା
ମହାମାରୀ ଆସି ସଫା କରିଦେବା
ଏ' ଜୀବନେ ସତ ହେଲା
ସାର୍ସ, ଇବୋଲା, ଏଚ୍.ଆଇ.ଭି., ଜିକା
ଦାଉ ସାଧିଥିଲେ ଦିନେ
ତାଙ୍କ କବଳରୁ ରଖିଅଛ ପ୍ରଭୁ
ଏବେ ବି ପଡୁଛି ମନେ
ସବୁ ମର୍ତ୍ତ୍ୟବାସୀ ବିକଳେ ଡାକୁଛୁ
ତୁମରି କରୁଣା ହେଉ
କରୋନାର ନାଶ କର ଶୀଘ୍ର ପ୍ରଭୁ
ଏ' ଜଗତ ବଞ୍ଚିଯାଉ
ତେବେ ଯାଇ ତୁମେ ପୂଜା ପାଇବ
ଖୋଲିବ ମନ୍ଦିର ତାଲା
ନହେଲେ ତୁମେ ଦେଖୁଥିବ ପ୍ରଭୁ
ଅନ୍ଧାରରେ ବସି ପାଲା
ସତ୍ୟ, ନ୍ୟାୟ, ଧର୍ମ ପ୍ରତିଷ୍ଠା କରିକ
ରଖି ଦିଅ ତୁମ ମାନ
ଧର୍ମ ଛତା ଧରି ବସିଅଛ ପ୍ରଭୁ
କର ଏହି ମହା ଦାନ ॥

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଝୁରୁଥିବା ମନ ପକ୍ଷୀ ଟି



ଶାନ୍ତିଲତା ମିଶ୍ର

ସହରର ସବୁଠୁ ବଡ ହୋଟେଲ "ସବୁଜିମା" କୁ ବର୍ଷକୁ ଥରେ ସେ ଆସନ୍ତି "ଆକାଶ' ଆଉ "ଆକାଶୀ'କୁ ନେଇ ସେମାନଙ୍କ ଜନ୍ମ ଦିନରେ ସୁନୀତା । ଆଜି ସେମାନଙ୍କର କୋଡିଏତମ ଜନ୍ମଦିନ । ଆଜିକୁ ଷୋହଳ ବର୍ଷ ତଳେ ସାନ ଭଉଣି ରିନ ଓ ତା ସ୍ୱାମୀର କାର୍ ଦୁର୍ଘଟଣାରେ ଯେତେବେଳେ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା, ସେ ସେତେବେଳେ ହସ୍ପିଟାଲରେ ଦିନ ରାତିକୁ ଏକାକାର କରି ତାକୁ ଜଗି ରହିଥିଲେ । ଭାବୁଥିଲେ ହୁଏତ ବଞ୍ଚି ଯାଇ ପାରେ । ସ୍ୱାମୀ ଦୁର୍ଘଟଣା ସ୍ଥଳରେ ମୃତ୍ୟୁ ବରଣ କରି ଥିଲେ । କିନ୍ତୁ ରିନ ବଞ୍ଚି ଯାଇଥିଲା ଡାକ୍ତର ମାନେ ଆଶା ରଖିଥିଲେ ହୁଏତ ବଞ୍ଚି ଯାଇପାରେ । "ସିନ' ବି ସେଇଆ ଭାବି ନେଇଥିଲେ ।

ସବୁଠୁ ଦୁଃଖର ବିଷୟ ଥିଲା ତାଙ୍କ ପାଇଁ ସେତେବେଳେ ରିନର ଦୁଇ ଜାଆଁଳା ପିଲାଙ୍କ ପିତୃ ମାତୃହରା ହୋଇ ଯିବାଟା ଏତେ ଶିଘ୍ର । ସେମାନେ ମାତ୍ର ଚାରି ବର୍ଷର । ରିନ ଶେଷ ନିଶ୍ୱାସ ତ୍ୟାଗ କଲା ପୂର୍ବରୁ ପିଲା ମାନଙ୍କ ଜିମା ତାଙ୍କ ହାତରେ ସମର୍ପଣ କରି ଯାଇଥିଲେ । ସିନ ଯାଣିଥିଲେ ତାଙ୍କ ସ୍ୱାମୀ "ମୋହନ ବାବୁ" ଏ କଥାରେ କେବେ ଅରାଜି ହେବେ ନାହିଁ, ଯଦି ସେ ପିଲା ଦୁଇଙ୍କୁ ପୋଷ୍ୟ ପୁତ୍ର ଓ ପୋଷ୍ୟ କନ୍ୟା ଭାବରେ ଗ୍ରହଣ କରିବେ । ଏମିତିରେ ସେମାନଙ୍କ ନିଜର କିଛି ସନ୍ତାନ ବା ସନ୍ତତୀ ନାହାଁନ୍ତି । ଦଶ ବର୍ଷର ବିବାହ ପରେ ବି ।

ମୋହନ ବାବୁ ବି ବିନା ଦ୍ୱିଧାରେ ସୁନୀତାଙ୍କର ସବୁ ସର୍ତ୍ତରେ ସେଦିନ ରାଜି ହୋଇଯାଇଥିଲେ । ସେ ସାନ ଭଉଣି ରିନକୁ ଯେତିକି ଭଲ ପାଉଥିଲେ ତା ପିଲା ମାନଙ୍କୁ ବି ସେତିକି । ସେମାନେ ଘରକୁ ଆସିଲେ ଆଦର ଅଭ୍ୟର୍ଥନାରେ କେବେ ତ୍ରୁଟି ରଖୁ ନଥିଲେ । ପିଲା ଦୁଇଜଣ ଘରକୁ ଆସିଗଲା ପରେ ଭଉଣୀ ଚାଲିଯିବାର ଦୁଃଖ ସତ୍ୱେ ଓ ଗୋଟେ ଖୁସିର ବାତାବରଣ ଘର ସାରା । ମୋହନ ବାବୁ ପିଲା ମାନଙ୍କ ସହିତ ମିଶି ଛୋଟ

ପିଲାଟିଏ ହୋଇଗଲେ । ଗୁହୁଁ ଗୁହୁଁ ଦୁଇ ବର୍ଷ ଗ୍ଲିଗଲା । ପିଲାମାନେ ଏବେ ସ୍କୁଲ ଯାଉଛନ୍ତି ।

କନ୍ତୁ ଏ ଖୁସି ଟା ବେଶୀ ଦିନ ରହିଲାନ । ଦିନେ ସକାଳୁ ଉଠି ସୁନୀତା ମୋହନ ବାବୁଙ୍କୁ କୋଉଠି ଘର ସାର୍ା ଖୋଜି ପାଇଲେନ । ଗ୍ଲରିଆଡ ଖୋଜି ସାରିଲା ପରେ ତାଙ୍କ ଅଫିସ୍ ରୁମକୁ ଯାଇ ଦେଖିଲେ ତାଙ୍କ ପଢା ଟେବଲ ଉପରେ ଗୋଟିଏ ଚଠି । "ପିଲା ମାନଙ୍କୁ ଧରି ଖୁସିରେ ରୁହ, ମୋତେ ଖୋଜିବନ" । ଦଶ ଥର ଚଠିଟି ପଢିଲେ କଛି ବୁଝି ପାରିଲେନ । ଏହାର ମାନେ କଣ ? ଉଦ୍ଦେଶ୍ୟ ବି କଣ ! ଏପରି ଚଠିର । ପାଗଳାମି ନା ଆଉ କଛି ।

ସେ ତ ତାଙ୍କ ସହିତ ପର୍ାମର୍ଶ କରି ପିଲା ମାନଙ୍କୁ ଘରକୁ ଆଣିଥିଲେ । ହଁ ଅବଶ୍ୟ ବେଳେ ବେଳେ ସେ କହୁଥିଲେ "ତୁମେ ପିଲା ମାନଙ୍କୁ ପାଇ ମତେ ଭୁଲି ଯାଇଛ" । ସେ ତାକୁ ଥଟ୍ଟାରେ ଗ୍ରହଣ କରୁଥିଲେ । ବେଳେ ବେଳେ ମନ ଦୁଃଖ ବି କରୁଥିଲେ "ମୋ ନଜର ଏପରି ଦୁଇଟି ପିଲା ଥାଆନ୍ତେ କ" ! ଏହା ବ୍ୟତୀତ ସେ ଆଉ କୋଉଥିରେ ଗତ ଦୁଇ ବର୍ଷ ହେବ କେବେ କଛିରେ ଅଭିଯୋଗ କରି ନାହାଁନ୍ତି । କନ୍ତୁ ଆଜି ଏପରି କଣ ହୋଇଗଲା । ବାର ବର୍ଷର ବନ୍ଧନକୁ ଏମିତି ଗୋଇଠା ମାରି କୁଆଡେ ଗ୍ଲି ଯିବାର ମାନେ କ'ଣ । ନା ଏହା ଏକ କଛି ନୂଆ ଧରଣର ଥଟ୍ଟା ପରିହାସ । ନା ଅନୁମାନକୁ ମିଥ୍ୟା ପ୍ରମାଣିତ କରି ସପ୍ତାହେ ହେବ ସେ ଆଉ ଫେରିଲେନ ।

କାହାକୁ କହିବେ । ବନ୍ଧୁ ବାନ୍ଧବକୁ କହିଲେ ହସିବେ, ହଜାର ପ୍ରକାର କଟାକ୍ଷ୍ୟ କରିବେ । କେବଳ ସାନ ଭାଇକୁ କହି ପୋଲିସରେ ଖବର ଦେଇଥିଲେ, କଛି ସୁଫଳ ମିଳିଲାନ । ପିଲାମାନେ ଯଦି ତାଙ୍କ ଦୁଃଖର କାରଣ ତେବେ ସେ ମୁଁହ ଖୋଲି କହି ତ ପାରିଥାନ୍ତେ । ସେ ତାର ଅନ୍ୟ କଛି ବ୍ୟବସ୍ଥା କରି ଥାନ୍ତେ । ଯଦିଓ ପିଲା ମାନଙ୍କୁ ସେ ଏବେ ତାଙ୍କ ଜୀବନ ଠାରୁ ଅଧିକ ମନେ କରନ୍ତି । ସେମାନଙ୍କ ବିନା ବଞ୍ଚିବା ତାଙ୍କ ପକ୍ଷେ ଏତେ ସହଜ ହୋଇ ନଥାନ୍ତା । ତଥାପି କଛି ସହଜ ପ୍ରତିକାର ଖୋଜା ତ ଯାଇ ପାରିଥାନ୍ତା ।

ର୍ାଗ ଅଭିମାନ ସବୁ ଏକାକାର ହୋଇ ଆଖି ବାଟେ ବରଷି ଗଲେ ବି ସେ ସାହାସ ହରେଇଲେନ। ପଥ ଯେତେ କଠିଣ ହେଉ ପଛେ ସେ ପିଲା ମାନଙ୍କୁ ନଷ୍ଟୟ ମଣିଷ

କରିବେ । ସାଇ ପଡିଶାର କଛି ପିଲା ମାନଙ୍କୁ ଘରେ ଟ୍ୟୁସନ କରି ଆର୍ଥିକ ସମସ୍ୟାରେ କଛିଟା ପରିବର୍ତ୍ତନ ଆଣିଥିଲେ । ଯେମିତି ସେମିତି ହେଉ ସେ ପିଲା ମାନଙ୍କୁ କୋଡିଏ ବର୍ଷର କରିଛନ୍ତି । ଆଜି ଆଉ ସେଦିନର କଷ୍ଟ ନାହିଁ । ପିଲା ମାନେ ଏ ବର୍ଷ ଗ୍ରାଜୁଏଟ କରି ସାରିଲେ ଦେଖିବେ ଭବିଷ୍ୟତରେ କଣ କରୁଛନ୍ତି । ସେଥିପାଇଁ ସେ ବିଶେଷ ଚନ୍ତିତ ନୁହଁନ୍ତି । ସେ ଯେମିତି ଚାହୁଁଥିଲେ ପିଲା ମାନଙ୍କୁ ସେପରି ସଂସ୍କାର ଦେଇ ଗଢି ତୋଳଛନ୍ତି।

ପିଲା ମାନଙ୍କୁ ସେ କହି ଦେଇଥିଲେ ତାଙ୍କ ଇଛା ମୁତାବକ ସେମାନେ ଖାଦ୍ୟର ଅର୍ଡର ଦେବାକୁ । ଏବେ ଖାଇବା ଟେବଲ୍ କୁ ୱେଟର ଆଣି ଖାଦ୍ୟ ଦେଇ ଗଲାଣି । ହୋଟେଲରେ ଅନ୍ୟଦିନ ପରି ଏତେ ଭିଡ ନଥିଲା । ବହୁତ ଜନପ୍ରିୟ ରେଷ୍ଟୁରାଣ୍ଟ ଏଇଟା, ଯଦି ରିଜର୍ଭେସନ ନଥାଏ ତେବେ ଘଣ୍ଟାଏ ଅପେକ୍ଷା କରିବାକୁ ପଡେ । ପିଲାମାନେ ତାଙ୍କ ଭିତରେ କଥାବାର୍ତ୍ତାରେ ମଗ୍ନ ସେ ନଜ ଭାବନା ରାଇଜରେ । ତଥାପି ସେ ଲକ୍ଷ୍ୟ କରୁଥାନ୍ତି ଚାରି ଆଡେ ଯିବା ଆସିବା ଲୋକଙ୍କୁ । କନ୍ତୁ ଦୂରରେ ଗୋଟେ କଣରେ ବସିଥିବା ଏକ ଲୋକ ତାଙ୍କ ଆଡେ ବାରମ୍ବାର ଚାହୁଁ ଥିବାର ତାଙ୍କର ମନେ ହେଲା । ହୁଏତ ଏକାକୀ ବସି ବସି ବିରକ୍ତି ଲାଗୁଥିବାରୁ ଚାହୁଁ ଥାଇ ପାରେ ।

ତା ଆଡୁ ମନ ହଟାଇ ସେ ପିଲା ମାନଙ୍କ କଥାବାର୍ତ୍ତାରେ ଯୋଗ ଦେଇ ଖାଇବା ଆରମ୍ଭ କଲେ । କୋଉ ଖାଇବାଟା କେତେ ସ୍ୱାଦ ହୋଇଛି ସେ ବିଷୟରେ ଆଲୋଚନା ଚାଲିଲା । କନ୍ତୁ ବେଳେ ବେଳେ ତାଙ୍କ ଆଖି ସେ ଲୋକଟି ଆଡେ ଚାଲି ଯାଉଥାଏ । ବଡ ରହସ୍ୟମୟ ଲାଗୁଥାଏ ଲୋକଟି । ତଥାପି ଆଖିକୁ ସିଆଡୁ ଟାଣିଆଣି ସେ ଖାଇବାରେ ମନ ଦେଲେ । ଖାଇ ସାରିଲା ପରେ ପିଲାମାନେ ମିଠା ମଗେଇଲେ ତାପରେ ଆଇସକ୍ରିମ ମଗାହେଲା । ପିଲା ମାନେ ଯେତିକ ବଡ ହଉଛନ୍ତି ସେମାନଙ୍କ ଖାଇବାର ସଉକ ଆଉ ଷ୍ଟାଇଲ୍ ବି ବଢି ଚାଲୁଛି। ସେ କୋଉଥିରେ ବାରଣ କଲେ ନାହିଁ । ତାଙ୍କର ମନେ ହେଲା ଆଜି ଟିକେ ତାଙ୍କ ବଜେଟ ଅପେକ୍ଷା ଅଧିକ ହୋଇଯିବ ଖର୍ଚ୍ଚଟା ଯଦିଓ, ତଥାପି ବର୍ଷକୁ ଥରେ ସେ ଏପରି ମନ ଖୋଲି ଖର୍ଚ୍ଚ କରନ୍ତି । ଅନ୍ୟ ଦିନେ ତ ସେଇ ସାଧା ସିଧା ଖାଦ୍ୟ ।

ଖିଆପିଆ ହସଖୁସି ଗପସପ ପରେ ଯେତେବେଳେ ୱେଟରକୁ ବିଲ୍ ମାଗିଲେ ସେ ଭାବୁଥିଲେ ନଶ୍ଚୟ ବଡ ରକମର ହୋଇଥିବ । ବିଲ ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ ।

ବିଲ୍ ତ ବଡ ଧରଣର ଥିଲା କନ୍ତୁ ବିଲ ପରିଶୋଧ କରି ଦିଆ ଯାଇଛି । ଆଶ୍ଚର୍ଯ୍ୟ **!** ବିଲ୍ କଏ ପେ କଲା **!!** ବିଲ୍ ସହିତ ଗୋଟିଏ ଚଠି ବି ଥିଲା ।

ଆଶ୍ଚର୍ଯ୍ୟ ହେବେନ ସୁନୀତା, "ବିଲ୍ ମୁଁ ପେ କରି ଦେଇଛି । ତୁମ ଉପରେ ମୋର ସମସ୍ତ ଅଧିକାର ହରେଇଥିଲେ ବି ଏତିକତ ଅଧିକାର ସାବ୍ୟସ୍ତ ତମେ ଗ୍ରହଣ କରିବ ବୋଲି ଅନୁରୋଧ କରିପାରେ । ମୋ ଦୁର୍ବୁଦ୍ଧିରୁ ଜୀବନ ସାରା ବହୁତ ଦୁଃଖ ଭୋଗିଛି । କନ୍ତୁ ତୁମେ ପିଲା ମାନଙ୍କ ସହିତ ସୁଖରେ ଅଛ ଦେଖି ବହୁତ ଖୁସି ଲାଗିଲା । ତୁମେ ମତେ ମନେ ରଖି ପାରିଲନ କ ଚହ୍ନି ବି ପାରିଲନ। ମୁଁ ତୁମକୁ ଭୁଲି ପାରିଲିନ କ ତୁମ ବିନା ବଞ୍ଚିବା ଶିଖି ପାରିଲିନ । ମତେ ଖୋଜିବନ କ ମୋ ବିଷୟରେ ଜାଣିବାକୁ ଚେଷ୍ଟା କରିବନ । ଚଠିର ତଳେ ଲେଖାଥିଲା "ମୋହନ" ।

ପିଲା ମାନେ ସୁନୀତା ହାତରୁ ଚଠି ନେଇ ପଢି ସେମାନେ ବି ଆଶ୍ଚର୍ଯ୍ୟ ହୋଇଗଲେ । କଏ ଏଇ ମୋହନ **!** ପରେ ସେ ପିଲା ମାନଙ୍କୁ ସବୁ କହିଥିଲେ । ସେଦିନର ଘଟଣା ଅତିକ୍ରାନ୍ତେ ଛଅମାସ ପରେ ସୁନୀତାଙ୍କ ଜନ୍ମ ଦିନ ଆସିଲା । ପିଲାମାନେ ଯିଦି କଲେ ସୁନତାଙ୍କୁ ନେଇ ଏକ ରେଷ୍ଟୁରାଣ୍ଟକୁ ଯିବେ । ଆକାଶ ଓ ଆକାଶୀ ଜାଣନ୍ତି ମା କେବେ ରାଜି ହେବେନ କୌଣସି ଦାମି ବା ଫେନସି ରେଷ୍ଟୁରାଣ୍ଟକୁ ଯିବାକୁ । ତେଣୁ ସେମାନେ ଏକ ସାଧାରଣ ଶସ୍ତା ହୋଟେଲ ବାଛି ତାଙ୍କୁ ନେଇଗଲେ । ଏବଂ ସେମାନେ ତାଙ୍କ ତରଫରୁ ଆଜି ମାଙ୍କୁ ଖୁଆଇବେ ବୋଲି ବି ସର୍ତ୍ତ ରହିଲା ।

ସୁନୀତା ଅନଛା ସତ୍ୱେ ପିଲାମାନଙ୍କ ଖୁସି ଏଡେଇ ନପାରି ବାଧ ହେଲେ ଯିବାକୁ । ଅଯଥା ଏମିତି ଖର୍ଚ୍ଚ କରିବାକୁ ତାଙ୍କୁ ଭଲ ଲାଗେନ । ପିଲା ମାନଙ୍କ ଆଗ୍ରହ ଯୋଗୁ ତାଙ୍କୁ ଝୁକବାକୁ ପଡିଲା । ହୋଟେଲରେ ପହଞ୍ଚି ତାଙ୍କ ଆଶ୍ଚର୍ଯ୍ୟର ସିମା ରହିଲାନ । ମୋହନ ସେଠି ବସିଛନ୍ତି । ସେଇ ଟେବଲରେ ପିଲା ମାନେ ଏକ ରକମ ତାଙ୍କୁ ଟାଣିନେଇ ବସେଇଦେଲେ। ବେଶୀ ସମୟ ସୁନୀତାଙ୍କୁ ଅନ୍ଧକାରରେ ନରଖି ଆକାଶ କଥା ଆରମ୍ଭ କରିଥିଲା ଆକାଶୀ ବି ଯୋଗ ଦେଇଥିଲା ମଝିରେ ମଝିରେ ସେ କଥାରେ । ସେମାନଙ୍କ ଜନ୍ମଦିନରେ ସେ ସୁନୀତାଙ୍କ ଠାରୁ ମୋହନଙ୍କ ବିଷୟରେ ସବୁ ଜାଣି ସେଦିନଠୁ ପିଲା ମାନେ ମୋହନଙ୍କୁ ଖୋଜିବାକୁ ଲାଗି ଯାଇଥିଲେ ସୁନୀତାଙ୍କ ଅଜାଣତରେ ।

ଏଇ ମାସକ ପୂର୍ବରୁ ତାଙ୍କ ଠିକଣା ପାଇ ସୁନୀତାଙ୍କୁ ତାଙ୍କ ଜନ୍ମ ଦିନରେ ଏପରି ଏକ ସରପ୍ରାଇଜ ଉପହାର ଦେବାକୁ ଠିକ୍ କଲେ । ମୋହନ ସେଦିନ ଘରୁ ଚ୍ଲି ଯାଇଥିଲେ ଆଉ ଗୋଟେ ଝିଅର ପ୍ରେମରେ ପଡି । କିନ୍ତୁ ସେ ଝିଅ ଯେତେବେଳେ ଜାଣିଲା ମୋହନ ତାଙ୍କର ସମସ୍ତ ଘରଦ୍ୱାର ସବୁ ସୁନୀତାଙ୍କୁ ଦେଇ ଆସିଛନ୍ତି ସେ ରାଗରେ ତାଙ୍କୁ ବିବାହ କରିବାକୁ ମନା କରିଦେଲା । କିନ୍ତୁ ମୋହନଙ୍କର ମୁହଁ ନଥିଲା ଆଉ ଫେରି ଆସିବାକୁ ସୁନୀତାଙ୍କ ପାଖକୁ । ସେବେ ଠୁ ସେ ଏକାକୀ ।

କିଛି ଲୁହ କିଛି ରାଗ, ରୋଷ, ଅଭିମାନ ପରେ ସେଦିନର ଜନ୍ମ ଦିନର ବାର୍ଷିକ ଉତ୍ସବ ଅବିସ୍ମରଣୀୟ ହୋଇ ରହିଯିବ ବୋଲି ମୋହନ ଓ ସୁନୀତା ଭାବି ନେଲେ । ପିଲାମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଯେତିକି ବଢିଥିଲା, ସମ୍ମାନ ତା ଠାରୁ ଅଧିକ ବଢି ଗଲା । ମୋହନଙ୍କ ହାତ ଧରି ଆକାଶ ଓ ଆକାଶୀ ଏକରକମ ଟାଣି ଟାଣି ଘରକୁ ନେଇ ଆସିଥିଲେ । ମୋହନଙ୍କୁ ବଡ ସଙ୍କୁଚିତ ଲାଗୁଥିଲା କିନ୍ତୁ ପିଲାମାନେ ସେମାନଙ୍କ ସ୍ନେହ ଶ୍ରଦ୍ଧା ଦ୍ୱାରା ମୋହନଙ୍କୁ କୌଣସି ପ୍ରକାର ଆତ୍ମଗ୍ଲାନିର ଆଭାଷ କରେଇ ଦେଇ ନଥିଲେ । ଏପରି ବ୍ୟବହାର କରୁଥିଲେ ଯେପରି କିଛି ଘଟି ନଥିଲା । ଏପରି ସ୍ନେହ ଶ୍ରଦ୍ଧାର ପରିବାରକୁ ଛାଡି କେଉଁ ଅଜଣା ସୁଖ ପଛରେ ଦୌଡି ଗଲେ ଏବେବି ମନେ ପଡିଗଲେ ମୋହନ ବାବୁ ସୁନୀତାଙ୍କ ମୁହଁକୁ ସିଧା ଚାହିଁ ପାରନ୍ତିନି । ସୁନୀତା ତାଙ୍କୁ ହୁଏତ କ୍ଷମା କରି ଦେଇଛନ୍ତି । କିନ୍ତୁ ସେ ନିଜକୁ କ୍ଷମା କରି ପାରୁ ନାହାଁନ୍ତି ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ମା

ରୋଜାଲିନ୍ ମିଶ୍ର

ଦୁନିଆକୁ ନ ଆସିବା ଦିନଠୁ
ଯିଏ ମୋତେ ଭଲ ପାଉଥିଲା,
କେମିତି ଭଲ ଭାବେ ରହିବ ବୋଲି
ଯିଏ ମୋର ଯତ୍ନ ନେଉ ଥିଲା,
ଯା ପାଇଁ ଦେଖିଛି ମୁଁ ଏ ଦୁନିଆ
ଯା' ବାହୁ ବନ୍ଧନୀ ମଧ୍ୟେ
ସୃଷ୍ଟି ମୋ ପରିଚୟ,
ସିଏ ଆଉ କେହି ନୁହଁ
ସିଏ ତ ମୋ ମମତାମୟୀ, ମମୟୀ...ମା..
ମୋ ମା ପଣତ ତ
ମୋ ପାଇଁ ନିରାପଦ ଆଶ୍ରୟର ପରିସର
ଯେଉଁଠି ପାଏ ମୁଁ ଅମାପ ଶାନ୍ତି ଓ
ଜୀବନ ସାଗରେ ଆସୁଥିବା ଜୁଆରକୁ ଏଡ଼େଇବାର ସାହସ,
ମୋ ମା'ର ଆଶୀର୍ବାଦ
ସୃଷ୍ଟି କରେ ମୋ ଚାରିପଟେ
ଏକ ସୁରକ୍ଷା ବଳୟ
ଯଦ୍ଵାରା ଏ ସଂଘର୍ଷ ଓ ବ୍ୟତିବ୍ୟସ୍ତ ଜୀବନ ମଧ୍ୟେ
ସମସ୍ତ ଝଡ଼ ଝଞ୍ଜାକୁ ସାମ୍ନା କରି
ତିଆରିଛି ଏ ଭବ୍ୟ-ରମ୍ୟ ପରିବେଶ।।

ଗ୍ରା/ପୋ-ଆଗଲପୁର (ରାଜ)
ଜି-ବଲାଙ୍ଗିର

# ପଥହରା ପଥିକ ମୁଁ

ସାବିତ୍ରୀ ମହାପାତ୍ର

ପଥହରା ପଥିକ ମୁଁ,
ନିସ୍ତବ୍ଧ ରଜନୀ ଭିତରେ
ଖୋଜି ବୁଲୁଛି
ନିଜର ପରିଚୟ.........

ନିଜର ପରିଭାଷାକୁ
ବୁଝିବାକୁ ଯାଇ
ହୋଇଛି ମୁଁ
ପରାଜୟ........

ବିଷାଦଭରା ଜୀବନର ସ୍ରୋତ
ଗଡିଚାଲିଛି ଆଗକୁ ଆଗକୁ
ଆଉ ନିରାଶଭରା ଜୀବନଟା
ପାଇନାହିଁ ଦିନେ କିଛି.....

କେବଳ ଅଶାନ୍ତିର
କୋଳାହଳ ଭିତରେ
ଶାନ୍ତି ଟିକେ ପାଇବାର
ପ୍ରଚେଷ୍ଟା ହିଁ କରିଛି.......

ମହକଭରା ଫୁଲର ସୁଗନ୍ଧକୁ
ଆଘ୍ରାଣ କରିବାକୁ ଯାଇ
କଣ୍ଟକିତ ପୁଷ୍ପରେ
କ୍ଷତବିକ୍ଷତ ହୋଇଛି
ହୃଦୟରେ ଘୁରିବୁଲୁଥିବା
ଭଗ୍ନ ହୃଦୟର ଲିପିକୁ
ଲିପିବଦ୍ଧ କରିବା ପାଇଁ
ଅତୀତର ପୃଷ୍ଠା ଉନ୍ମୋଚନ କରୁଛି.....

# ଜୀବନର ମାନେ....

ଶୈଳଜା ମିଶ୍ର

କେବେ ଆସିଲେ ବୁଝିଯିବ ମୋ ଠାରେ
"ଜୀବନର ମାନେ"
ଦୁରେଇ ଦେଖିଲେ ଶେଯ ପରି କଁଅଳ ଦିଶେ ଜୀବନ
ଧଳା ବେଡସିଟ୍ ପରି ଧୋବ ଫରଫର ସିନା
"କନ୍ତୁ"
ଜୀବନଟା ମନେପଡେ,
ସ୍ତ୍ରୀର ପଣତ ତଳେ,
ନଈପଠା କାଶତଣ୍ଡୀ ଫୁଲେ
ନିଜ ଛୁଆଙ୍କ ଦନ୍ତେଟି ହସରେ
ପୁଣି କେବେ ଜୀବନଟା ଥାଏ,
ତୁମ ଅଧାପୋଡା ସିଗାରେଟ୍ ଧୁଆଁର
କୁଣ୍ଡଳ ଭିତରେ ।
ପୁଣି କେବେ ନିଜ ପାଦର ଖଣ୍ଡିଆ ଜୋତା
ମନେ ପକାଏ ଜୀବନଟା ତ,
ନ ହେଲେ ବେଳେବେଳେ ଜୀବନଟା ଦିଶୁଥାଏ,
ରଣକ୍ଷେତ୍ରରେ ଯୁଦ୍ଧ ଲଢୁଥିବା ନିର୍ଭୟା ଆଖିରେ,
ଅବା ଉଗ୍ର "କରୋନା" ଭୂତାଣୁକୁ ଦେହରେ
ଧରି ଦିନ କାଟୁଥିବା ମଣିଷଟା ପାଖରେ,
ଜୀବନଟା ପୁଣି ହଠାତ୍ ମନେ ପଡିଯାଏ,
ଗୁଡ ହାଣ୍ଡିର ପିମ୍ପୁଡିଙ୍କ ମେଳେ,
ଝିଟିପିଟି ପାଟିରେ ଅଧାଥାଇ
ଡେଣା ଝାଡୁଥିବା କଙ୍କି ମୁହଁରେ
ଅଥବା
ସନ୍ଧ୍ୟା "ଗ୍ଲ" ର ଆସର ବେଳେ
ପୁଣି କେବେ ଜୀବନଟା ଦିଶେ,
ଝଡନ୍ତି କୃଷ୍ଣଚୁଡାର
ମଉଳା ମୁଁହରେ ॥

# ନାତୁଣୀର ବାହାଘର



ଡକ୍ଟର ବିଜ୍ଞାନୀ ଦାସ

ସକାଳୁ ସକାଳୁ ଜଳଖିଆରେ ପୋଡପିଠା ଦେଖି ଶ୍ରଦ୍ଧାନନ୍ଦ ବାବୁ ପତ୍ନୀ କମଳାଙ୍କୁ ପଚାରିଲେ, "କଣ ଆଜି ପୋଡପିଠା ହୋଇଛି ? କଣ ରଜ ଆସିଗଲା ?"

"ହଁ, ଆଜି ପହିଲି ରଜ ।" - କମଳା ଉତ୍ତର ଦେଇ ରୋଷେଇଘରକୁ ଚାହା ତିଆରି କରିବାପାଇଁ ଚାଲିଗଲେ ।

ରଜ ଆସିଗଲା ମାନେ, ଆଉ କେତୋଟି ମାତ୍ର ଦିନ ପରେ ସେମାନେ ମନର ବାହାଘରରେ ଯୋଗ ଦେବାକୁ ଆମେରିକା ଯାତ୍ରା କରିବେ । ମନେମନେ ଶ୍ରଦ୍ଧାନନ୍ଦ ବାବୁ ଅପେକ୍ଷା କରି ରହିଛନ୍ତି ସେ ଦିନଟିକୁ । ନାତୁଣୀ ମନର ବାହାଘର ଆଉ ୨-୩ ସପ୍ତାହ ରହିଲା । ତାଙ୍କ ବଡଝିଅ ଶାନ୍ତିର ବଡଝିଅ ସେ । ତା' ବାହାଘର ଦିନ ଯେତେ ପାଖେଇଆସୁଛି, ଶ୍ରଦ୍ଧାନନ୍ଦ ବାବୁ ସେତେ ପରିମାଣରେ ଉତ୍ତେଜନା ଅନୁଭବ କରୁଛନ୍ତି । ଶାନ୍ତି ବର୍ଷକ ତଳେ ଫୋନ୍ କରି ଖବର ଦେଇଥିଲା, "ବାପା, ମନର ନିର୍ବନ୍ଧ ହୋଇଗଲା । ଜୁଲାଇ ୪ ତାରିଖରେ ବାହାଘର । ତମେ ଓ ମା' ସେ ଦିନକୁ କ୍ୟାଲେଣ୍ଡରରେ ଲେଖିଦିଅ । ନିଶ୍ଚୟ ଆସିବ, କୌଣସି କୈଫିୟତ୍ ଦେବନି ।"

ସେଦିନ ଶ୍ରଦ୍ଧାନନ୍ଦ ବାବୁ କହିଥିଲେ, "ଏକଥା କଣ ତୋର ମତେ କହିବାର ଅଛି ? ଆମେ ତ ଅନେଇ ବସିଛୁ । ଯାହାହେଉ ସେ ପିଲା ବ୍ରାଣ୍ଡନ୍ ଶେଷରେ ପ୍ରପୋଜ୍ କଲା । ବହୁତ ଭଲ ଖବର । ତୁ ଜମା ଚିନ୍ତା କରନା ମା । ଯାହା ଦରକାର ଆମକୁ କହିବୁ ।"

ଶ୍ରଦ୍ଧାନନ୍ଦ ବାବୁ ସେଦିନ ଏତେ ଖୁସି ଥିଲେ ଯେ, ଫୋନ୍ କରି ସାଙ୍ଗସାଥୀ ଓ ବନ୍ଧୁବାନ୍ଧବ ସମସ୍ତଙ୍କୁ ଜଣେଇଦେଲେ । ଏତେଦିନ ପରେ କିଛି ଗୋଟିଏ ଭଲ ଘଟଣା ହେବ । ନହେଲେ ଏ ଜୀବନରେ ଯେ ଏତେ ଦୁଃଖର ଦିନ ଦେଖିବାକୁ ଥିଲା, କେବେ ବି ଚିନ୍ତା

କରିନଥିଲେ ସେ । କାହାର ତ କଛି ଅପକାର କରିନାହାନ୍ତି ସେ । ତେବେ ଭଗବାନଙ୍କର ତାଙ୍କ ପ୍ରତି ଏମିତି ଅବିଗ୍ଚର କାହିଁକ ?

ଆଖି ଆଗରେ ଭସି ଆସିଲା ଜୁଆଇଁ ପ୍ରକାଶଙ୍କର ଛବି । ହେଇତ ସେ ବୈଠକଖାନାର କାନ୍ଥରେ ଟଙ୍ଗା ହୋଇଛି ପ୍ରକାଶ ଓ ଶାନ୍ତିର ବାହାଘର ସମୟରେ ଉଠିଥିବା ଫଟୋ । କେତେ ସୁନ୍ଦର ଦିଶୁଛି ସେ ଜୋଡି । ତା' ପାଖରେ ଟଙ୍ଗା ହୋଇଛି ସେମାନଙ୍କ ପରିବାରର ଫଟୋ । ସେମାନଙ୍କ ସହିତ, ସେମାନଙ୍କର ଦୁଇ ଝିଅ ମନ ଓ ବନଙ୍କ ପିଲା ବୟସର ଫଟୋ ।

ଆଉ ଆଗକୁ ଗ୍ଚହିଁ ପାରିଲେନ । ଆଖି ଜକେଇ ଆସିଲା । ପୁଅ ସୁଶାନ୍ତର ପରିବାରର ଫଟୋ ସେଠି ଟଙ୍ଗା ହୋଇଥିଲା ।

ଗ୍ଚରିବର୍ଷ ପୂର୍ବେ ଶ୍ରଦ୍ଧାନନ୍ଦ ବାବୁଙ୍କର ପରିପୂର୍ଣ୍ଣ ଜୀବନ ଥିଲା । ସିଏ ଥିଲେ ଦିଲ୍ଲୀରେ ଏକ ଗବେଷଣା କେନ୍ଦ୍ରର ଡାଇରେକ୍ଟର୍ । ସେଥିରୁ ଅବସର ପାଇବା ଅବସରରେ ପୁଅ, ଝିଅ, ସାଙ୍ଗସାଥୀ ସମସ୍ତେ ମିଶି ହୋଟେଲରେ ଏକ ବଡ ପାର୍ଟିର ଆୟୋଜନ କରିଥିଲେ । ବଡ ଝିଅ ଶାନ୍ତି ରହେ ଆମେରିକାରେ । ତା' ସ୍ୱାମୀ ପ୍ରକାଶ ଜଣେ ପ୍ରତିଷ୍ଠିତ ଡାକ୍ତର । ପୁଅ ସୁଶାନ୍ତ ବାଙ୍ଗାଲୋରରେ ଏକ ବଡ କଂପାନୀର ମ୍ୟାନେଜିଙ୍ଗ୍ ଡାଇରେକ୍ଟର । ଝିଅର ଦୁଇଟି ଝିଅ, ମନ ଓ ବନ । ପୁଅର ଦୁଇଟି ପିଲା, ବଡ ପୁଅ ସୋନୁ, ସାନ ଝିଅ ରୁମି । ସେଦିନ ସେ ହୋଟେଲ୍‌ର ଉତ୍ସବରେ ସମସ୍ତେ ଉପସ୍ଥିତ ଥିଲେ । ଯଦିଓ ମନ ଓ ବନଙ୍କର ଛୁଟି ନଥିଲା, ତଥାପି ସେମାନେ କେବଳ ଗୋଟିଏ ସପ୍ତାହ ପାଇଁ ଅଜାଙ୍କ ସମ୍ମାନାର୍ଥେ ଉପସ୍ଥିତ ରହିବାକୁ ଗ୍ଚହିଁଥିଲେ । ପାର୍ଟିରେ ସମସ୍ତଙ୍କର ସେଇ ଏକାକଥା । ଶ୍ରଦ୍ଧାନନ୍ଦ ବାବୁ ବଡ ଭଗ୍ୟବାନ । ସିଏ ଯେମିତି, ପିଲାମାନଙ୍କୁ ବି ସେମିତି କରି ଗଢିଛନ୍ତି । ଅଳ୍ପଦିନ ପାଇଁ ବି ହେଉ, ଘର ତାଙ୍କର ଗହଳ ଚହଳରେ ଭରି ପଡୁଥିଲା । ପୁଅର ପରିବାର, ଝିଅର ପରିବାର ସହିତ ନଜ ଭଇ, ଭଉଣୀମାନଙ୍କୁ ଏକାସାଥୀରେ ଦେଖି ଅନେକଟା ଖୁସି ଥିଲେ ସିଏ ।

ଶାନ୍ତି କହିଲା, "ବାପା, ଏବେ ତ ଆଉ କୈଫିୟତ୍ ଦେବନ ଯେ, ସମୟ ମିଳୁନ ବୋଲି । ତମର ୟୁରୋପ୍ ଟ୍ରିପ୍ ପରେ ସିଧା ଯାଇ ଆମମାନଙ୍କ ସହିତ ଛଅ ମାସ ନଷ୍ଟୟ ରହିବ ।"

ଶାନ୍ତି ଓ ପ୍ରଶାନ୍ତ ସେମାନଙ୍କ ପାଇଁ ୟୁରୋପ୍‌ର ଟ୍ରିପ୍ ବୁକ୍ କରାଇଥିଲେ ।

ଛଅମାସ ପରେ ଭାଗ୍ୟ କେତେ ବଦଳଗଲା । ୟୁରୋପ୍ ଟ୍ରିପ୍ ପରେ ସେମାନେ ଯାଇ ଶାନ୍ତି ଓ ପ୍ରଶାନ୍ତଙ୍କ ସହିତ ତିନିମାସ ରହିଥିଲେ । ଆମେରିକାର କେତେସବୁ ଦର୍ଶନୀୟ ସ୍ଥାନ, ଡିଜ୍‌ନୀଲାଣ୍ଡ, ଗ୍ରାଣ୍ଡ କ୍ୟାନଅନ୍, ଗୋଲ୍ଡେନ୍ ଗେଟ୍ ବ୍ରିଜ୍ ଓ ଲାସ୍ ଭେଗାସ୍ ସମସ୍ତେ ସାଙ୍ଗ ହୋଇ ଯାଇଥିଲେ । ଏହା ପୂର୍ବରୁ ଯଦିଓ ସେମାନେ ତିନି, ଚାରିଥର ଆମେରିକା ଆସିଥିଲେ, ତେବେ ସେ ସମୟରେ ଝିଅ, ଜୁଆଇଁ ଅନ୍ୟ ସ୍ଥାନ ସବୁ ଦେଖେଇବାକୁ ନେଇଥିଲେ । ତିନିମାସ ରହି ସେମାନେ ପୁଣି ଦିଲ୍ଲୀ ଫେରି ଆସିଥିଲେ । ଝିଅ ଅଭିମାନ କରିଥିଲା । "ଆଉ ତିନିମାସ ରହିଥିଲେ କଣ ହୋଇଯାଇଥାନ୍ତା ? ସେଠି ତ ଆଉ କିଛି କାମ ନାହିଁ ।"

ଶ୍ରଦ୍ଧାନନ୍ଦ ବାବୁ କହିଥିଲେ, "ତୁ କେମିତି ବୁଝିବୁ ମା' । ସେଠି ପର୍ ଆମର ଜୁନିୟର୍ ଷ୍ଟାଫ୍ ମାନଙ୍କୁ ଟିକେ ତାଲିମ୍ ଦେବାକୁ ପଡିବ । ଯଦିଓ ମୁଁ ଚାକିରିରୁ ଅବସର ନେଲିଣି, ତଥାପି ସେମାନଙ୍କୁ ମୋର ସାହାଯ୍ୟ ଦରକାର । ଏତେଦିନ ତ ବୁଲାବୁଲି ହେଲା । ତୁ ମନର ବାହାଘର କର । ସେତେବେଳେ ଆସି ପୁଣି ତିନିମାସ ରହିବୁ ଆମେ ।"

ମନ ଅଭିମାନ କରି କହିଲା, "କଣ ଯେ କୁହ ତମେ ଅଜା । ମୋ ବାହାଘର ନହେଲେ କଣ ଆସିବନି । ଏବେ ତ ତମେ ଅବସର ନେଲଣି । ପୁଣି କଣପାଇଁ ସେ କାମ କଥା ଚିନ୍ତା କରୁଛ ? ମୁଁ ତ କହିବି, ତମେ ଏବେ ସାରା ପୃଥିବୀ ବୁଲି ଦେଖ । ମୁଁ ପି.ଏଚ୍.ଡି. ନ ସାରିଲେ ତ ବାହାହେବିନି । ଆଉ ସେଇଟା ତ ଚାରିପାଞ୍ଚ ବର୍ଷରୁ କମ୍ ଲାଗିବନି । ତାମାନେ ତମେ ସେତେଦିନ ପର୍ଯ୍ୟନ୍ତ ଆଉ ଆମମାନଙ୍କ ପାଖକୁ ଆସିବନି ?"

ହେଲେ ସେମାନେ ଆମେରିକାରୁ ଫେରିବା ପରେପରେ ହିଁ ସେ ଦୁଃସମ୍ବାଦ ମିଳିଥିଲା । ପ୍ରକାଶଙ୍କର ଦେହ ଅସୁସ୍ଥ ରହିଲା । ସିଏ ତ ନିଜେ ଡାକ୍ତର ଥିଲେ । ନିଜେ ନିଜର ଚିକିତ୍ସା କଲାପରେ ବି ଦେହ ଭଲ ନ ହେବାରୁ ହସ୍‌ପିଟାଲରେ ଅନ୍ୟ ଡାକ୍ତରଙ୍କର ପରାମର୍ଶ ନେଲେ। ଶେଷରେ ସେଇ ଖରାପ ଖବର ଆସିଲା । ପ୍ରକାଶଙ୍କର କ୍ୟାନ୍‌ସର୍ ହୋଇଥିଲା । କ୍ୟାନ୍‌ସର୍‌ର ଆରମ୍ଭ ଓ କାରଣ କିନ୍ତୁ ଜଣା ପଡୁନଥିଲା । ଚିକିତ୍ସା ଚାଲିଲା । କିନ୍ତୁ ଚିକିତ୍ସାରେ ସ୍ଥିତି କିଛି ଭଲଦିଗରେ ଯାଉନଥିଲା ।

ସେ ସମୟ ଯେମିତି କି ଏକ କାଳ ସମୟ ଥିଲା ତାଙ୍କ ଜୀବନରେ । ହଠାତ୍ ଦିନେ ଫୋନ୍ ଆସିଲା, ପୁଅ ସୁଶାନ୍ତର ଆକ୍‌ସିଡେଣ୍ଟ । ବାଙ୍ଗାଲୋର୍ ଆଉ ପୁରୁଣା ସୌନ୍ଦର୍ଯ୍ୟମୟ

ବାଙ୍ଗାଲୋର୍ ହୋଇ ନାହିଁ । ସହରର ଲୋକସଂଖ୍ୟା ଦ୍ରୁତଗତିରେ ବଢୁଛି । ହଜାର ହଜାର ସଫ୍ଟଓ୍ୱାର୍ କଂପାନୀ ବାଙ୍ଗାଲୋରରେ ନିଜନିଜର କଂପାନୀ ମୁଖ୍ୟାଳୟ ଖୋଲି ବ୍ୟବସାୟ କରୁଛନ୍ତି । ସେଇ ପରିମାଣରେ ଟ୍ରାଫିକ୍ ବି ବଢିଛି । ସୁଶାନ୍ତ କାମ ସାରି ଘରକୁ ଫେରୁଥିଲା । ଟ୍ରଫିକ୍ ଜାମରେ ଅଟକଥିଲା । ଟ୍ରାଫକ୍ ଖୋଲିବା ପରେ ନିଜ ଲେନରେ ହିଁ ସିଏ ନିଜେ ଗାଡି ଚଲେଇ ଯିବାକୁ ବସିଥିଲା । ଏହି ସମୟରେ ହଠାତ୍ କେଉଁଠାରୁ ଗୋଟିଏ ଟ୍ରକ୍ ଆସୁଥିଲା ଯେ, ତା' ପଛର ଗାଡି ସହିତ ଆକ୍ସିଡେଣ୍ଟ କଲା ଓ ପଛ ଗାଡି ଆସି ସୁଶାନ୍ତର ଗାଡିରେ ବାଡେଇ ହୋଇଗଲା । ବୋହୂ ବହୁତ ଡରି ଯାଇଥିଲା । ଶ୍ରଦ୍ଧାନନ୍ଦ ବାବୁ ନିଜ ପତ୍ନୀଙ୍କ ସହିତ ବାଙ୍ଗାଲୋରରେ ପହଞ୍ଚିଲେ । ପୁଅ କିଛିଦିନ ଆଇ.ସି.ୟୁ.ରେ ପଡିରହିଲା । ଯେତେ ମାନସିକ କଲେ ମଧ୍ୟ, ପୁଅକୁ ଆଉ ବଞ୍ଚାଇ ପାରିଲେନି । ପୁଅର ଦେହାନ୍ତର ତିନିମାସ ପରେ ଜୁଆଇଁ ମଧ୍ୟ ପରପାରକୁ ଗ୍ଳଲିଗଲେ । ଶ୍ରଦ୍ଧାନନ୍ଦ ବାବୁଙ୍କ ହସିଲା, ଖେଳନ୍ତା ସଂସାର ଉଜୁଡିଗଲା ।

ସେ ଘଟଣା ସବୁ ତିନିବର୍ଷ ତଳର । ଏ ଭିତରେ କେତେକେତେ ପରିବର୍ତ୍ତନ ହେଲାଣି । ହେଲେ ବଦଳିନାହିଁ ଶ୍ରଦ୍ଧାନନ୍ଦ ବାବୁଙ୍କ ମନ । ରିଟାୟାର୍ଡ କରିବା ପରେ କେତେ କଣ କରିବେ ବୋଲି ଯୋଜନା କରିଥିଲେ । ସେଥିରୁ କେତେକ ସ୍ୱପ୍ନ ଉଭୟ ପୁଅ ଓ ଜୁଆଁଇକୁ ଧରି ଥିଲା । ଗାଁରେ ଡାକ୍ତରଖାନାଟିଏ କରେଇ ଥାଆନ୍ତେ । ଜୁଆଁଇ ସେ କାମରେ ସାହାଯ୍ୟ

କରିବାପାଇଁ ଅନେକ ଆଗ୍ରହୀ ଥିଲେ । ପୁଅ ସେ ଡାକ୍ତରଖାନାର ସ୍ଥାପତ୍ୟ ନକ୍ସା ତିଆରି କରେଇଥିଲା ଓ ନିର୍ମାଣ ସଂସ୍ଥା ସହିତ କଥାବାର୍ତ୍ତା ମଧ୍ୟ ଆରମ୍ଭ କରିଥିଲା । ହେଲେ ସେ ସ୍ୱପ୍ନ ଆଉ ପୂରଣ ହେବାର ନାହିଁ । ନା ପୁଅ ରହିଲା, ନା ଜୁଆଁଇ ରହିଲେ । ମଣିଷର ଭାଗ୍ୟ ହିଁ ଏମିତି । ସବୁ ସମୟରେ ସେଇ ଚକାଭଉଁରୀ ଖେଳ । କେବେ ଉପରେ ତ କେବେ ତଳେ । କିଛି କିନ୍ତୁ ନିୟନ୍ତ୍ରଣରେ ନଥାଏ । ମନ ଗୋଟିଏ ଭାବିଥାଏ, ସେ ଭାବନାକୁ ଆଉ ଜଣେ କିଏ ଓଲଟେଇ ଦିଏ ।

ପୁତ୍ରଶୋକରୁ ମୁକ୍ତ ହେବାପାଇଁ ଶ୍ରଦ୍ଧାନନ୍ଦ ବାବୁ ପୁଣି ଯୋଗ ଦେଇଛନ୍ତି ଏକ ବେସରକାରୀ ସଂସ୍ଥାରେ ଆଂଶିକ ସମୟ ପାଇଁ ପରାମର୍ଶଦାତା ଭାବେ କାମ କରିବାକୁ । ପତ୍ନୀ କମଳା ଏବେ ସ୍ଥାନୀୟ ମନ୍ଦିର କମିଟିରେ ସ୍ୱେଚ୍ଛାସେବୀ ଭାବେ କାମ କରୁଛନ୍ତି । ସେଇଥିରେ ତାଙ୍କ ସମୟ ବିତିଯାଉଛି । ପ୍ରକାଶଙ୍କ ଦେହାନ୍ତ ପରେ ଝିଅ ଆସି ପାଖରେ କିଛିଦିନ ରହିଥିଲା । ତାପରେ ଫେରିଗଲା ।

ଏବେ ନାତୁଣୀର ବାହାଘର ଖବର ପାଇ ମନ ଟିକେ ଭଲଲାଗିଲା । ବନ୍ଧୁ ରାକେଶ୍ ପଟେଲ୍‌ଙ୍କର ବହୁତ ବଡ କପଡା ଦୋକାନ । ତାଙ୍କୁ ଏ ଖୁସି ଖବର ଦେବାମାତ୍ରେ ସିଏ କହିଲେ, "ଆନନ୍ଦ ସାହେବ, ନାତୁଣୀଙ୍କ ବାହାଘର ପାଇଁ ଯାହାଯାହା ଦରକାର, ସବୁ ମୋ ପାଖରୁ ନେବେ । ଶାନ୍ତି ବେଟୀକୁ କହିଦେବେ, ଯାହା ଯାହା ଡିଜାଇନ୍ ଦରକାର, ମୋତେ କହିଲେ, ମୁଁ ସବୁ ଯୋଗାଡ କରିଦେବି । ଯାହାହେଲେ, ମନ ବି ତ ମୋର ନାତୁଣୀ ନା ।" ରାକେଶ୍‌ଙ୍କର ଏ କଥାରେ ଅନେକ ଖୁସି ହେଲେ ଶ୍ରଦ୍ଧାନନ୍ଦ ବାବୁ । ଗପଶପ କରିବାକୁ ପାଟି ଖଲଖଲ ହେଉଥିଲା । ଇଚ୍ଛା ହେଉଥିଲା  ଅନେକ କିଛି କହିପକାନ୍ତେ । କହିଲେ, "ମନ ପି.ଏଚ୍.ଡି. କରୁଛି । ଆଉ ବର୍ଷେ ଖଣ୍ଡେ ଲାଗିବ । ସେଇଠି ସିଏ ତା' ବୟଫ୍ରେଣ୍ଡକୁ ଭେଟିଥିଲା ।"

ରାକେଶ୍ ପଟେଲ୍ କହିଲେ, "ବହୁତ ଭଲ କଥା ଆନନ୍ଦ ବାବୁ । ଆପଣ ମନ ବେଟୀର ବାହାଘର ପାଇଁ ଗଲେ ଆମେରିକାରେ ଟିକେ ଅଧିକ ଦିନ ରହିଯିବେ । ବୟସ ବେଳେ ଅନେକ ଖଟିଲେ । ଏବେ ଟିକେ କାମରୁ ବିଶ୍ରାମ ନିଅନ୍ତୁ ଓ ମନଖୁସି କରନ୍ତୁ ।"

ଆଉ ଜଣେ ବନ୍ଧୁଙ୍କ ସହିତ ଏ ଖୁସି ଖବର ବାଣ୍ଟିଲା ବେଳେ ସିଏ କହିଲେ, "ଆନନ୍ଦ ସାହେବ, ମୋ ଶାଳକଙ୍କର ଗହଣା ଦୋକାନ । ନୂଆ, ପୁରୁଣା ସବୁ ଡିଜାଇନ୍‌ର ଗହଣା ସିଏ ରଖନ୍ତି । ଆପଣଙ୍କ ନାତୁଣୀର ଯଦି କିଛି ସ୍ୱତନ୍ତ୍ର ଡିଜାଇନ୍‌ର ଗହଣା ପାଇଁ ଇଚ୍ଛା ଥାଏ ତ ମୋତେ ଜଣେଇବେ ।"

ଏମିତି ସବୁ ସାଙ୍ଗମାନେ ସବୁ ପ୍ରକାରର ସାହାଯ୍ୟ କରିବାକୁ ଆଗ୍ରହ ଦେଖେଇଲେ । ସେମାନଙ୍କ କଥା ସବୁ ଶୁଣି ଶ୍ରଦ୍ଧାନନ୍ଦ ବାବୁ ଅନେକ ଖୁସି ହେଉଥାଆନ୍ତି । ଶାନ୍ତିକୁ ଫୋନ୍ କରି କହିଲେ । ଶାନ୍ତି କହିଲା, "ବାପା, ମନ ଓ ମୁଁ ଡିସେମ୍ବର ମାସରେ ଦିଲ୍ଲୀ ଆସିବୁ । ସେଇଠି ମନ ନିଜେ ସବୁ ଦୋକାନରେ ଜିନିଷ ପରଖି ଯାହା ଇଚ୍ଛା ହେବ, ବରାଦ କରିବ ।"

ସେଇଆ ହିଁ ହେଲା । ବୋହୂ ବାଙ୍ଗାଲୋର୍‌ରୁ ଆସିଲା । ନଣନ୍ଦ, ଭାଉଜ ଦୁହେଁ ମନକୁ ଧରି ବିଭିନ୍ନ ଦୋକାନ ସବୁ ବୁଲିଲେ । ମନ ପାଇଁ ଶାଢୀ, ଗହଣା, ମନର ସାଙ୍ଗ ମାନଙ୍କ ପାଇଁ, ବ୍ରାଇଡ୍ ଓ ତାର ସାଙ୍ଗମାନଙ୍କ ପାଇଁ ଏକା ରଙ୍ଗର ପୋଷାକପତ୍ର ଏମିତି କରି ସବୁ ପ୍ରକାରର କିଣାକିଣି ହେଲା ଓ ଯାହା ନ ହୋଇପାରିଲା, ବରାଦ ଦିଆଗଲା । ଶ୍ରଦ୍ଧାନନ୍ଦ ବାବୁ ମଧ୍ୟ କେତେକ ଦୋକାନ ଯାଇଥିଲେ । ତାଙ୍କ ଗୋଡ ତଳେ ଲାଗୁନଥାଏ । କମଳା ବେଳେବେଳେ

ଚେତାବନୀ ଦେଉଥାଆନ୍ତି, "ବୁଲ୍‌ବୁଲି କରି ତମେ ଔଷଧ ଠିକ୍ ସମୟରେ ଖାଇପାରୁନ । ଶାନ୍ତି ଓ ବୋହୂ ତ ଯାଉଛନ୍ତି, ତମେ କଣ ନଗଲେ ହେବନ ?"

ଶ୍ରଦ୍ଧାନନ୍ଦ କୁହନ୍ତି, "ହେଲେ ସେମାନେ ତ ଏ ସହରରେ ଯାହାହେଲେ ବି ଅତିଥି ନା । ବଜାର ଦର ତାଙ୍କୁ କଣ ଜଣା ? କୋଉଠି ଠକ ଯିବେ ।"

କମଳା ତାଗିଦ୍ କରନ୍ତି, "ଶାନ୍ତି ତ ସବୁବେଳେ ଦିଲ୍ଲୀ ଆସୁଛି । ସବୁ ଦୋକାନବଜାର ତାକୁ ଜଣା । ଆଉ ବୋହୂ ବି ସେମିତି । ତମେ ଆଉ କୁଆଡେ ଯାଅନ । ଔଷଧପତ୍ର ଠିକ୍ ସମୟରେ ନନେଲେ ତମ ରକ୍ତଗ୍ରୂପ, ଡାଇବେଟିସ୍ ଅନିୟନ୍ତ୍ରିତ ହୋଇଯିବ ।"

ଶାନ୍ତି ବି ସେଇକଥା କହିଲା । "ବାପା, ମା' ଠିକ୍ କହୁଛନ୍ତି । ତମେ ଏତେ ବୁଲାବୁଲି କଲେ ତମ ଔଷଧ ନିୟମିତ ଭାବେ ନେବା ଗଣ୍ଡଗୋଳ ହୋଇଯିବ ।"

ସତକୁ ସତ ଶ୍ରଦ୍ଧାନନ୍ଦ ବାବୁଙ୍କ ଦେହ କାହିଁକି ଖରାପ ହୋଇଗଲା । ରକ୍ତଗ୍ରୂପ ବଢିଗଲା କି କଣ, ଦିନେ ସିଏ ପାହାଚରେ ଉପର ମହଲାରୁ ତଳ ମହଲାକୁ ଆସୁଆସୁ ମୁଣ୍ଡ ଚକର୍ ଦେଲା ଓ ସିଏ ତଳେ ପଡିଗଲେ । ଭାଗ୍ୟକୁ ନାତି ଘରେ ଥିଲା । ତାଙ୍କୁ ସମ୍ଭାଳନେଲା । ତଥାପି ଯେତିକି ମାଡ ହେଲା, ସେଥିରେ ସିଏ ଘରେ ପଡିରହିଲେ । ଆଉ ଚଲାବୁଲା କରିପାରିଲେ ନାହିଁ । ଡାକ୍ତର ଘରକୁ ଆସି ତାଙ୍କୁ ନିୟମିତ ନିଜପ୍ରତି ଯତ୍ନଶୀଳ ରହିବାକୁ ପରାମର୍ଶ ଦେଲେ ।

ମନ କହିଲା, "ଅଜା, ତମକୁ ସୁସ୍ଥ ହୋଇ ରହିବାକୁ ପଡିବ । କାହିଁକି ନା, ମୋ ବାହାଘରରେ ମୁଁ ତମର ଉପସ୍ଥିତି ଚାହେଁ । ରିସେପ୍ସନରେ ତମ ସହିତ ମୋର ଗୋଟିଏ ନାଚ ନମ୍ବର ରହିବ । କୋଉ ଗୀତ ତମେ ପସନ୍ଦ କରିବ, ଏବେଠାରୁ ଚିନ୍ତା କର ।"

ଶ୍ରଦ୍ଧାନନ୍ଦ ମନକୁ ଟିକେ ଗେହ୍ଲା କରି କହିଲେ, "ତୁ କଣ ଭାବୁଛୁ, ତୋ ଅଜା ସେକଥା ଚିନ୍ତା କରୁନାହାନ୍ତି । ତୋ ବାହାଘର ନ ଦେଖି କଣ ମୁଁ ଶରୀର ତ୍ୟାଗ କରିପାରିବି ?"

ଶାନ୍ତିର ଆଖି ଛଳଛଳ ହୋଇଉଠିଲା । ବୋହୂର ଆଖି ବି ଜକେଇ ଆସିଲା । ଶ୍ରଦ୍ଧାନନ୍ଦ ବାବୁ ଯେ ମସ୍ତବଡ ଭୁଲ୍ କଥାଟିଏ କହିଦେଲେ, ସିଏ ବୁଝିବାବେଳକୁ ଟିକେ ଡେରି ହୋଇଯାଇଥିଲା । ଯେଉଁ ଘରେ ବୋହୂ ବିଧବା, ଝିଅ ବିଧବା, ସେ ଘରେ ଆଉ ଗୋଟିଏ ପୁରୁଷର ଅନୁପସ୍ଥିତି କଳ୍ପନା କରିବା ଯେ କେତେ ଦୁଃଖଦାୟକ, ସେ କଥା ଶ୍ରଦ୍ଧାନନ୍ଦ ବାବୁ

ଏବେ ବୁଝିପାରିଲେ । ଭଗବାନଙ୍କୁ ମନେମନେ ଡାକଲେ, "ପ୍ରଭୁ, ଅନ୍ତତଃ ମୋ ନାତି, ନାତୁଣୀ ମାନେ ନିଜଗୋଡରେ ନିଜେ ଠିଆହେବା ପର୍ଯ୍ୟନ୍ତ ମତେ ଟିକେ ଦୃଢ କରି ରଖ ।

ସେମାନଙ୍କ ପାଇଁ କିଛି କରି ପାରିବାର କ୍ଷମତା ଦିଅ ।"

ଦିନ କେମିତି ଚାଲିଗଲା, ଜଣାପଡିଲାନି । ଜୁଲାଇ ଚାରି ତାରିଖରେ ମିନିର ବିବାହ । ରଜ ପରେପରେ ଜୁନ୍ ୨୩ ତାରିଖରେ ବାହାରି ୨୩ ତାରିଖରେ ଆମେରିକାରେ ପହଞ୍ଚିବାକୁ ଟିକେଟ୍ କରାଗଲା । ବୋହୂ ଓ ନାତିଙ୍କର ଭିସା ଯୋଗାଡ ହୋଇଗଲା । ତାଙ୍କ ଭଣଜା, ସାନଭଉଣୀର ପୁଅ ଛୋଟୁକୁ ମଧ୍ୟ ଭିସା ମିଳିଗଲା । ସେମାନେ ସମସ୍ତେ ସାଙ୍ଗ ହୋଇ ଯିବାର ବ୍ୟବସ୍ଥା ହେଲା । ମିନି ବାରମ୍ବାର କହୁଥିଲା, "ଅଜା, ତମେ ଟିକେ ସିନା ଆଗରୁ ଆସିଲେ, ଆମେ ନାଚ ଅଭ୍ୟାସ କରିବାର ସୁଯୋଗ ପାଇବା ?" ସେଥିପାଇଁ ଶ୍ରଦ୍ଧାନନ୍ଦ ବାବୁ ଅତି ଖୁସି ଥାଆନ୍ତି । ଯିବା ପୂର୍ବଦିନ କେତେସବୁ ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କୁ ଫୋନ୍ କରି କହିଗଲେ, "କାଲି ଆମେ ଦିଲ୍ଲୀ ଛାଡୁଛୁ । ମିନିର ବାହାଘର ଜୁଲାଇ ୪ ତାରିଖରେ । ତାପରେ ଶାନ୍ତି ପାଖରେ ତିନି-ଚାରି ମାସ ରହି ଫେରିବୁ ।"

କିଛି ବନ୍ଧୁ ପରାମର୍ଶ ଦେଉଥାଆନ୍ତି, "ସବୁ ଔଷଧପତ୍ର ଧରିକରି ଯିବେ । ନହେଲେ ସେ ଦେଶରେ କୁଆଡେ ଔଷଧ ସବୁ ବେଶି ଦର ।"

"ସେକଥା କଣ କମଳା କେବେ ଭୁଲିବେ ? ସିଏ ପରା ସବୁ ଔଷଧ ନିଜ ପର୍ସ ଭିତରେ, ହ୍ୟାଣ୍ଡ ବ୍ୟାଗରେ ଭର୍ତ୍ତି କରି ରଖିଲେଣି ।"

ତାଙ୍କର ଜଣେ ଜୁନିୟର୍ ଫୋନ୍ କରି ଶୁଭକାମନା ଜଣେଇଲେ, "ଆପଣଙ୍କ ଯାତ୍ରା ସଫଳ ହେଉ ସାର୍ । ହୁଏତ ବେଳେବେଳେ କାମରେ କିଛି ସମସ୍ୟା ହେଲେ ଆପଣଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଡାକି ବିରକ୍ତ କରିପାରେ ।"

ହସିହସି ଶ୍ରଦ୍ଧାନନ୍ଦ କହିଲେ, "ବାହାଘର ସରିଲେ ମୋର କାମ କଣକି ? ମୁଁ କେବଳ ଝିଅ ପାଖରେ ହିଁ ତ ରହିବି । ଆଉ ବୁଲାବୁଲି କରିବାକୁ ମନ ନାହିଁ । ତମେ ଆରାମରେ ଡାକିପାରିବ । ମୋ ହ୍ୱାଟ୍ସ୍ଆପ୍ ନମ୍ବର ତ ତମ ପାଖରେ ଅଛି । ସେଇଥିରେ ଡାକିବ । ନହେଲେ ଶାନ୍ତିର ଘର ଫୋନ୍‌କୁ ବି ଡାକିପାରିବ ।" ଏମିତି କହି ଶାନ୍ତିର ଘର ଫୋନ୍ ନମ୍ବର୍ ବି ତାଙ୍କୁ ଦେଲେ ।

ଏୟାର୍ ଇଣ୍ଡିଆର ଫ୍ଲାଇଟରେ ସିଧା ଯାଇ ଦିଲ୍ଲୀରୁ ୱାସିଂଟନ୍ ଡିସିରେ ପହଞ୍ଚିଗଲେ । ମଝିରେ କେଉଁଠି ରହିବାର ନାହିଁ। ଫ୍ଲାଇଟ୍ ଭିତରେ ଏତେ ସମୟ ବସି ରହିବାରେ ଅନେକ ଅସୁବିଧା ହେଉଥିଲା । ଗୋଡ ଦିଇଟା ଫୁଲି ଆସିଥିଲା ।

ତଥାପି ସେସବୁ ନଭାବି ସିଏ ବହି ପଢିପଢି, ପତ୍ନୀ, ବୋହୂ, ପୁତୁରା ଓ ନାତିଙ୍କ ସହିତ ଗପ କରିକରି ସମୟ ବିତାଇବାକୁ ବଦ୍ଧ ପରିକର ଥିଲେ । ସାନ ନାତୁଣୀ ବନ ଯାଇ ଏୟାରପୋର୍ଟରୁ ନେଇ ଆସିଲା । ଭଲରେ ଭଲରେ ସମସ୍ତେ ଆସି ଶାନ୍ତିର ଘରେ ପହଞ୍ଚିଲେ।

ଶାନ୍ତି ସକାଳ ଖାଇବା ପାଇଁ ସବୁ ପ୍ରସ୍ତୁତ କରି ରଖିଥିଲା । ସମସ୍ତେ ଖାଇପିଇ ଶୋଇପଡିଲେ । ଖରାବେଳେ ଉଠିବାପରେ ମନ ଫୋନ୍ କରିଥିଲା । କହିଲା, "ଜେଜେ, ତମେ ଟିକେ ଦି-ତିନ ଦିନ ବିଶ୍ରାମ କର । ତମ ଜେଟ୍‌ଲାଗ୍ ଛାଡିଯାଉ । ମୁଁ ଜୁନ୍ ୨୮ ତାରିଖରେ ପହଞ୍ଚିବି । ତାପରେ ନାଚ ଅଭ୍ୟାସ କରିବା ।"

ଏମିତି ବଡ ହସଖୁସିରେ ତିନଦିନ ବିତିଗଲା । ଆଜି ଜୁନ୍ ୨୮ ତାରିଖ । ମନ ଘରକୁ ଆସିବ । ସକାଳୁ କାହିଁକି କେଜାଣି ଦେହଟା ଭଲ ଲାଗୁନଥିଲା । ଶାନ୍ତି ଗୁହା ବସେଇ ଆସି ପଚାରିଲା, "ବାପା, ତମ ଜେଟ୍‌ଲାଗ୍ ଏପର୍ଯ୍ୟନ୍ତ ଯାଇନନା କଣ ? ତମେ ତ ସବୁବେଳେ ସକାଳେ ଉଠିଯାଅ । ଆଜି ଉଠିନ ଯେ ?"

କମଳା ସେତେବେଳକୁ ଉଠି ସାରି ଗାଧୁଆପାଧୁଆ ସାରି ଠାକୁରଘରେ ପୂଜା କରୁଥିଲେ । ଆସି ଶ୍ରଦ୍ଧାନନ୍ଦ ବାବୁଙ୍କୁ ଟିକେ ହଲେଇ ଦେଇ କହିଲେ, "ତମେ କଣ ଉଠିନ ଏତେବେଳ ଯାଏ ?"

ତାପରେ ଚମକପଡି କହିଲେ, "ମା ଶାନ୍ତି, ତୋ ବାପାଙ୍କ ଦେହରେ ତାତି ଅଛି ।"

ଶାନ୍ତି ଯାଇ ଛୁଇଁକରି ଦେଖେତ, ସତକୁ ସତ ବାପାଙ୍କ ଦେହରେ ବହୁତ ତାତି । ଘରେ କେତେ ରକମର ଜ୍ୱର ଔଷଧ ଥିଲା । ମା'ଙ୍କୁ ପଚାରିଲା, "ବାପାଙ୍କୁ ଜ୍ୱର ଔଷଧ ଦେବିକି?"

କମଳା କହିଲେ, "ଟିକେ ଡାକ୍ତରବାବୁଙ୍କୁ ଫୋନ୍ କରି ପଚାରେ । ସିଏ ଯାହା କହିବେ ।"

କମଳା ଦିଲ୍ଲୀରେ ଥିବା ସେମାନଙ୍କର ଫ୍ୟାମିଲି ଡାକ୍ତରଙ୍କୁ ଫୋନ୍ କରି ପଚାରିଲେ । ସିଏ ପରାମର୍ଶ ଦେଲେ, ଆଇବୁପ୍ରୋଫିନ୍ ଦେବାକୁ । ଶାନ୍ତି ବି ପ୍ରକାଶଙ୍କର ଜଣେ ସାଙ୍ଗ ଡାକ୍ତରଙ୍କୁ ଫୋନ୍ କରି ବୁଝିନେଲା । ସିଏ କହିଲେ, "ଆପଣ ଏବେ ଜ୍ୱର ଔଷଧ ଦେଇଥାନ୍ତୁ । ଯଦି କିଛି ଅସୁବିଧା ହୁଏ, ମତେ ଡାକିବେ । ଟ୍ରାଭ୍‌ଲ୍ ପରେପରେ ଏମିତି ଅନେକଙ୍କର ଦେହ ପ୍ରାୟତଃ ଖରାପ ହୁଏ । ବିଶ୍ରାମ କଲେ ଭଲ ହେଇଯିବ । ତାପରେ ବୟସ ବି ତ ହେଲାଣି । ସେଥିପାଇଁ ହୁଏତ ଏ ଯାତ୍ରା ପରେପରେ ସିଏ ଅଧିକ ଥକ୍କା ଅନୁଭବ କରୁଛନ୍ତି ।"

ସେଦିନ ସେମିତି ଗଲା । ମନ ଆସି ଅପରାହ୍ନରେ ପହଞ୍ଚିଲା । ମଝିରେ ଔଷଧ ଖାଇବାପରେ ଶ୍ରଦ୍ଧାନନ୍ଦ ବାବୁଙ୍କର ଦେହ ଟିକେ ଭଲ ଥିଲା । ମନ ସହିତ ବହୁତ ଥଟ୍ଟାତାମସା ହେଲେ । ମନ ଫୋନରେ ବ୍ରାଣ୍ଡନ୍ ସହିତ କଥୋପକୋଥନ କରାଇଦେଲା । ସେମାନଙ୍କର ନାଚର ୩୦ ସେକେଣ୍ଡ ପ୍ରାକ୍ଟିସ୍ ମଧ୍ୟ ହୋଇଗଲା । ସବୁ ଭଲ ଚାଲିଥିଲା । ହେଲେ ତା' ପରଦିନ ସକାଳେ ଜ୍ୱର ପୁଣି ବଢିଲା । ଶାନ୍ତି ଡରିଗଲା । ତାଙ୍କୁ ନେଇ ସବର୍ବାନ୍ ହସ୍‌ପିଟାଲରେ ଭର୍ତ୍ତି କରିଦେଲା ।

ଜୁନ୍ ୩୦ ତାରିଖ ସକାଳ । ଶ୍ରଦ୍ଧାନନ୍ଦ ବାବୁ ଆଖି ଖୋଲିଲା ବେଳକୁ ରାତି ସଂପୂର୍ଣ୍ଣଭାବେ ପାହିନଥିଲା । ଶାନ୍ତି ହସ୍‌ପିଟାଲ୍ ରୁମ୍‌ର ଝରକା ପାର୍ଶ୍ୱରେ ପଡିଥିବା ବେଞ୍ଚ୍ ଉପରେ ଆଖିବୁଜି ଶୋଇ ପଡିଥିଲା । କମଳା ବେଞ୍ଚ୍ ର ଆଉ ଗୋଟିଏ ପାର୍ଶ୍ୱରେ ବସି ରହିଥିଲେ । ତାଙ୍କ ଆଖି ଶ୍ରଦ୍ଧାନନ୍ଦ ବାବୁଙ୍କୁ ଜଗି ରହିଥିଲା । ସିଏ ପାଖକୁ ଆସିଲେ । ଶ୍ରଦ୍ଧାନନ୍ଦ ବାବୁ ତାଙ୍କ ହାତକୁ ଜାବୁଡି ଧରିଲେ । ଅନେକ କିଛି କହିବାକୁ ଚାହୁଁଥିଲେ, ହେଲେ ପାଟିରୁ କାହିଁକି କିଛି ଶବ୍ଦ ବାହାରିଲାନି । ଆଖିରୁ ଖାଲି ଲୁହ ବହିବାକୁ ଲାଗିଲା । କମଳା ଶାନ୍ତିକୁ ଡାକ ପକେଇଲେ । ଶାନ୍ତି ହଠାତ୍ ନିଦରୁ ଉଠି ବାପାଙ୍କ ପାଖକୁ ଆସି ହାତ ମାରି ଦେଖିଲା। ଦେହରେ ତ ଆଉ ଜ୍ୱର ନାହିଁ । ଭଲ ଲାଗୁଛନ୍ତି । ଶାନ୍ତି ପଚାରିଲା, "ବାପା, ଭଲ ଲାଗୁଛି ତ**?"**

ଶ୍ରଦ୍ଧାନନ୍ଦ ବାବୁ ମୁଠ ହଲେଇ "ହଁ" କହିଲେ । ପାଟିରୁ କିଛି ଶବ୍ଦ ବାହାରିଲାନି । ଶାନ୍ତି ଡରିକରି ଡାକ୍ତରଙ୍କୁ ଫୋନ୍ ଲଗେଇଲା । ଡାକ୍ତର ପହଞ୍ଚିବା ବେଳକୁ ସବୁ କିଛି ସରି ଯାଇଥିଲା । ଶ୍ରଦ୍ଧାନନ୍ଦ ବାବୁ ଗୋଟିଏ ହାତରେ ଶାନ୍ତିକୁ ଧରିଥିଲେ, ଆଉ ଗୋଟିଏ ହାତରେ କମଳାଙ୍କୁ ।

ଏ କେମିତି ଅଭିଶପ୍ତ ଜୀବନ କେଜାଣି **?** ଶାନ୍ତିର ମୁଣ୍ଡ ଘୂରି ଯାଉଥିଲା । କଣ ହେବ, କଣ ନହେବ, ବାପାଙ୍କ ଦେହାନ୍ତ, ମା'ଙ୍କୁ ସମ୍ଭାଳିବା, ମନର ବାହାଘର, ଆଉ ପ୍ରକାଶଙ୍କର ଅଭାବ, ସବୁ ଭିତରେ ଘାଣ୍ଟି ହୋଇ ପଡିଥିଲା ଶାନ୍ତି । ଭାଉଜ ସମ୍ଭାଳିନେଲେ ମା'ଙ୍କୁ । ଯଦିଓ ସିଏ ନିଜେ ଅସମ୍ଭାଳ ଥିଲେ, ତେବେ ଏ ଅବସ୍ଥାରେ ନିଜର ଦୁଃଖକୁ ଅନୁଭବ କରିବାପାଇଁ ବି ସମୟ ନାହିଁ । ମନର ବାହାଘର କଣ ସ୍ଥଗିତ ହୋଇଯିବ **?** ସେତେବେଳକୁ ସମସ୍ତ ବନ୍ଧୁବାନ୍ଧବ ଅନ୍ୟ ରାଜ୍ୟମାନଙ୍କରୁ ଯାତ୍ରା ଆରମ୍ଭ କରିସାରିଲେଣି । ଜୁଲାଇ ୪ ତାରିଖ ଆମେରିକାର ସ୍ୱାଧୀନତା ଦିବସ । ସେଇ ଅବସରରେ ପ୍ରାୟତଃ ସମସ୍ତେ ଅଧିକ ଦିନ ଛୁଟି ନେଇ ବୁଲି ବାହାରନ୍ତି । ଏଣୁ ଅନେକ ପ୍ରାୟ ମନ ବାହାଘର ସହିତ ଓ୍ୱାସିଂଟନ୍ ଡିସି ବୁଲାବୁଲିର ପ୍ରୋଗ୍ରାମ୍ କରି ତିନି-ଚାରି ଦିନ ପୂର୍ବରୁ ଜୁନ୍ ୨୮ ତାରିଖରୁ ଆସି ଯାଇଛନ୍ତି । ଆଉ ଦୁଇ ଦିନ ପରେ ସଂଗୀତ ଓ ମେହେନ୍ଦି । ଦୁଇ ଦିଅର ଓ ଦୁଇ ଯା' ଆସି ସକାଳେ ପହଞ୍ଚିଲେ । ବ୍ରାଣ୍ଡନ୍‌ର ପିତାମାତାଙ୍କ ସହିତ ବି ପରାମର୍ଶ କରାଗଲା । ସମସ୍ତେ ସେଇ ଗୋଟିଏ ମତ ଦେଲେ । ବାହାଘର ହୋଇଯାଉ । ବର୍ଷକ ଆଗରୁ ସବୁ ବ୍ୟବସ୍ଥା ହୋଇଛି । ହଜାରହଜାର ଡଲାର୍‌ର କଣ୍ଟ୍ରାକ୍ଟ ସବୁ । ହୋଟେଲ୍, ଖାଇବା, ସାଜସଜା, ଡିଜେ, ବ୍ରାହ୍ମଣ, ଫଟୋଗ୍ରାଫର୍, ଭିଡିଓଗ୍ରାଫର୍ ସେସବୁକୁ ହଠାତ୍ ତ ସ୍ଥଗିତ କରି ହେବନି । ସ୍ଥଗିତ କରି ବି ଲାଭ କଣ **?** ଶ୍ରଦ୍ଧାନନ୍ଦ ବାବୁ ତ ଆଉ ଫେରି ଆସିବେନି**?** ପଣ୍ଡିତ ମହାଶୟ ବି ସେଇ ଏକା ପରାମର୍ଶ ଦେଲେ, "ଆପଣଙ୍କ ଗୋତ୍ର ତ ଅଲଗା । ତେଣୁ ଅଶୁଦ୍ଧ ସମୟ ପଦ୍ଧତି ଏ ସ୍ଥଳରେ ଲାଗିବନି । ଆପଣଙ୍କ ମା', ଭାଉଜ ଓ ପରିବାରକୁ ଲାଗୁ ହେବ । ହେଲେ ଆପଣଙ୍କୁ ନୁହେଁ । ତେଣୁ ବାହାଘର ହେବାରେ କିଛି ପ୍ରତିବନ୍ଧକ ନାହିଁ ।"

ଜୁଲାଇ ଦୁଇ ତାରିଖ ଅପରାହ୍ନରେ ଫ୍ୟୁନରାଲ୍ ହୋମରେ ଶ୍ରଦ୍ଧାନନ୍ଦଙ୍କର ମରଶରୀରର ସଂସ୍କାର କରାଗଲା । ସମସ୍ତେ ଘରକୁ ଫେରିଲେ । ତାଙ୍କ ନାତି ତାଙ୍କର ଶେଷ କର୍ମ କଲା । ଗୋଟିଏ ଇତିହାସ ସେଇଠି ସରିଗଲା । ଆଉ ଗୋଟିଏ କାହାଣୀ ତା' ପରଠାରୁ ଲେଖାହେଲା । ମା' ଓ ଭାଉଜ ଘରେ ରହିବାର ବ୍ୟବସ୍ଥା ହେଲା । ଏମିତି ସମୟରେ ସେମାନେ ବାହାଘର ଭଳି କାର୍ଯ୍ୟକ୍ରମରେ ଯାଇ ସାମିଲ୍ ହେବାର ମାନସିକତା ହରାଇ ବସିଥିଲେ । ସେମିତି ମାନସିକତା ବି ଶାନ୍ତିର ନଥିଲା । ହେଲେ ସିଏ ତ ମୁଖ୍ୟ କର୍ତ୍ତ୍ରୀ । ସିଏ ଆଉ କଣ ନିଜ ମନ ଇଚ୍ଛା କିଛି କରିପାରିବ **?**

ଦୁଇ ଦିଅର ଓ ଯାଆମାନେ ପାଳ କରି ଭଲମନ୍ଦ ସବୁ ବୁଝିବାକୁ ପ୍ରସ୍ତୁତ ହୋଇଗଲେ । ଜୁଲାଇ ତିନ ତାରିଖ ସକାଳେ ଘରେ ମଙ୍ଗଳପାଗ କରାଗଲା । ତାପରେ ଅପରାହ୍ନରେ ସମସ୍ତେ ହୋଟେଲ୍ ହିଲ୍ଟନ୍‌କୁ ଗଲେ । ସେଇଠି ହେଲା ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ । ତା ପରଦିନ ବାହାଘର । ସକାଳ ୧୦ଟାରେ ବରାଗମନ, ତାପରେ ବାହାଘର, ତାପରେ ମଧ୍ୟାହ୍ନଭୋଜନ ସବୁ ଯେମିତି ହେବାର ଥିଲା ସେମିତି ହେଲା । ସଂଧ୍ୟାରେ ରିସେପ୍‌ସନ୍ ବି ସେମିତି ରହିଲା । ସମସ୍ତେ ଏ ଦୁର୍ଘଟଣା ବିଷୟରେ ଜାଣିଥିଲେ । ହେଲେ ସମସ୍ତେ ଯେମିତି ସାଧାରଣ ରହିବାର ଅଭିନୟ କରି ଚାଲିଥିଲେ । ଠିକ୍ ଯେମିତି ଶାନ୍ତି ଅଭିନୟ କରୁଥିଲା । ଝିଅ ବାହାଘରରେ ଖୁସି ହେବାର, ସମସ୍ତଙ୍କ ପ୍ରତି ଯଥାଯଥ ବ୍ୟବହାର କରିବାର, ପାରିବାରିକ ଫଟୋ ନେବାବେଳେ ସ୍ମିତହାସ ରଖିବାର ସମସ୍ତ ଅଭିନୟ ନିଖୁଣ ରହିଥିଲା । କେହିବି ଆଉ ତା' ବାପାଙ୍କ ପ୍ରସଙ୍ଗ ଉଠାଉ ନଥିଲେ । ହେଲେ ଗୋଟିଏ ଥର ଉଠିଥିଲା, ଉଠେଇଥିଲା ମନ । ରିସେପ୍‌ସନରେ ତା' ଅଭିଭାଷଣରେ କହିଲା, "ମୋ ଅଜାଙ୍କ ସାଥୀରେ ଆଜି ମୋର ନାଚ କରିବାର ଥିଲା । ଆମେ ଗୀତ ବାଛିଥିଲୁ, ପ୍ରାକ୍‌ଟିସ୍ ବି ଆରମ୍ଭ କରିଥିଲୁ । ମୋ ଅଜା ଦିଲ୍ଲୀରୁ ଆସିଥିଲେ ମୋ ବାହାଘରରେ ଯୋଗ ଦେବାପାଇଁ, ମୋ ସହିତ ନାଚବା ପାଇଁ । ହେଲେ ଭଗବାନ ତାଙ୍କୁ ଆମ ସମସ୍ତଙ୍କ ଠାରୁ ଛଡେଇନେଲେ । ଏବେ ମୁଁ ମୋ ଛୋଟୁ ମାମୁଙ୍କ ସହିତ ସେଇ ନାଚ ନାଚବି । ହୁଏତ ସ୍ୱର୍ଗରେ ଥାଇ ଅଜା ମୋର ଏ ନାଚ ଦେଖୁଥିବେ ଓ ନିଶ୍ଚୟ ଖୁସି ହେଉଥିବେ ।"

ଶାନ୍ତିର ପିଉସୀଙ୍କ ପୁଅ ହେଲା ସେ ଛୋଟୁ । ବାହାଘରରେ ମାମୁର ସମସ୍ତ ଭୂମିକା ସିଏ ହିଁ ସଂପନ୍ନ କରିଥିଲା । ଶାନ୍ତି ସେମିତି ନିସ୍ତବ୍ଧ ହୋଇ ବସି ରହିଥିଲା । ମନ ନାଚୁଥିଲା ଛୋଟୁ ସହିତ, ସେଇ ଗୀତରେ, ଯେଉଁ ଗୀତ ସିଏ ତା' ଅଜାଙ୍କ ସହିତ ନାଚବାକୁ ସ୍ଥିର କରିଥିଲା। ସେଇ ଛୋଟୁ ମଧ୍ୟରେ ସତେ ଯେମିତି ଶ୍ରଦ୍ଧାନନ୍ଦ ବାବୁଙ୍କ ମୁହଁ ଦିଶି ଯାଉଥିଲା ।

ରଦରଫୋର୍ଡ ଓ୍ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ଛନ୍ଦ ଛାଡ଼ ଛନ୍ଦାଚରଣ



ପ୍ରେମାନନ୍ଦ ବେହେରା

କେତେ ଛନ୍ଦ ଜାଣେ ଲୋ ସହି
ଜଗତ ଠାକୁର କଳା କହ୍ନେଇ
ଗୋପୀଗଣଙ୍କୁ ତା' ବଂଶୀସ୍ୱନରେ
ମୋହିନୀ ମନ୍ତ୍ରରେ କରିଲା ବାଇ
କେତେ ଛନ୍ଦ --------- ।।୧।।

କୁରୁସଭା କାଳେ ପାଣ୍ଡବ ଗହଣେ
ଦୁଃଶା ପାଞ୍ଚାଳିଙ୍କ ବସ୍ତ୍ର ଟାଣଇ
କି ଛନ୍ଦ କରିଲ ହେ ମୁରଲୀଧର
ବସ୍ତ୍ରଧାର କେବେ ଛିଡ଼ିଲା ନାହିଁ
କେତେ ଛନ୍ଦ --------- ।।୨।।

ବଡ଼ ଅତ୍ୟାଚାରୀ ମାମୁଁ କଂସାସୁର
ଅତ୍ୟାଚାରେ ସର୍ବେ ଛାଡ଼ିଲେ ରଡ଼ି
କି ଛନ୍ଦ କରିଲେ କି ମାୟା ରଚିଲେ
ମଲା ପାପୀ କଂସ ମଞ୍ଚାରୁ ପଡ଼ି
କେତେ ଛନ୍ଦ --------- ।।୩।।

ଶେଷେ ଯଦୁବଂଶ ହୋଇଲା ବିନାଶ
ଜାରା ତୀରେ ପ୍ରାଣ ଛାଡ଼ିଲ ଯାଇ

କ ଛନ୍ଦ କରିଲ ହେ ପରମବ୍ରହ୍ମ
ଅଗ୍ନିଦେବ ଜାଳ ପାରିଲେ ନାହିଁ
କେତେ ଛନ୍ଦ --------- ||୪||

ସେହି ପୂର୍ଣ୍ଣବ୍ରହ୍ମ ଦରିଆରେ ଭାସି
ମହୋଦଧି କୂଳେ ଲାଗିଲା ଯାଇ
କ ଛନ୍ଦ ତୋହର ବୁଝି ନ ହୁଅଇ
ଅଧଗଢ଼ା ହୋଇ ରହିଲୁ ତୁହି
କେତେ ଛନ୍ଦ --------- ||୫||

ଯୁଗେ ଯୁଗେ ତୁମ୍ଭେ ଧର୍ମର ସୁରକ୍ଷା
କରିଆସିଛ ହେ କଳା ଗୋସେଇଁ
କ ଛନ୍ଦ ପାଞ୍ଚୁଛ ମଣ୍ଡନେ ବସିଛ
ଭକ୍ତ ଡାକେ ଦୁଃଖେ ଆତୁର ହୋଇ
କେତେ ଛନ୍ଦ --------- ||୬||

ସାରା ଜଗତରେ ମହାମାରୀ ବ୍ୟାଧି
ବ୍ୟାପେ ଲକ୍ଷ ଲକ୍ଷ ଜୀବନ ନେଇ
କପଟ କାହିଁକି କରୁଛ ହେ ପ୍ରଭୁ
ଛନ୍ଦ ଛାଡ଼ ଛନ୍ଦଚରଣ ସାଇଁ
କେତେ ଛନ୍ଦ --------- ||୭||

ସହକାରୀ ଶିକ୍ଷକ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ପଦ୍ମପୁର, ବରଗଡ଼

# ରାଧା



ଅନୁସୂୟା ମିଶ୍ର

ଦ୍ୱାପରର ଅନ୍ତ ହୁଏ ସିନା
'ରାଧା'ର କଣ କେବେ ବି
ଲୟ ହୋଇପାରେ.. ?
ରାଧା ଯେ ଶରୀରର ଊର୍ଦ୍ଧ୍ୱ,

ଗୋପଦାଣ୍ଡର ଧୂଳଖେଳ ଭିତରେ
ସିଏ ଏକ ମନଲୋଭା ଦୃଶ୍ୟ
ଯମୁନା କୂଳରେ
କୈଶୋରର ଚପଳତା ଅନ୍ତରାଳେ
ସିଏ ଏକ ଅକୁହା ପୁଲକ

ମଥୁରାକୁ ଗନ୍ତବ୍ୟ ପଥରେ
ବିଶ୍ୱାସର ବେଳାଭୂମିଟିଏ ସେ
ନିଃଶ୍ୱାସର ନିଭୃତ ବିଳାସ

ଦ୍ୱାରକାର ରାଜସିଂହାସନେ
ସିଏ ଏକ ଅମାନିଆ ଅନ୍ୟମନସ୍କତା
କର୍ତ୍ତବ୍ୟର କଠୋରତା ପରେ
ଏକ ଶିତଳତାର ସ୍ପର୍ଶ
ଉଚ୍ଛ୍ୱସିତ କଛି ଭାବାବେଶ

ଚେତନାର ଅମଳନତାରେ
'ରାଧା' ଏକ ଗାଢ଼ ଅନୁଭବ
ଚିରନ୍ତନ ଓ ଶାଶ୍ୱତ,
ଶିଆଳୀ ଲତିକା ମୂଳେ
ଶରୀରଟିଏ ନିଥର ହୋଇଗଲ୍ ପରେ
ଆତ୍ମାରେ ଯେ ରହିଥାଏ ଜଡ଼ି
ଯୁଗ ପରେ ଯୁଗ ।

ଶତାବ୍ଦୀ ନଗର, ୟୁନଟ୍-୮, ଭୁବନେଶ୍ୱର

# ବିଶ୍ୱରେ ବିସ୍ମୟର ଦୁର୍ଦ୍ଦିନ



ବରଦା ପ୍ରସନ୍ନ ଦାସ

୨୦୨୦ ମସିହା ଆଜି ଇତିହାସରେ ଏକ ଦୁର୍ଦ୍ଦିନର ସ୍ମରଣୀୟ ବର୍ଷ ଭାବେ ବିଶ୍ୱରେ ଚହ୍ନିତ ହେଲା । ଅଜଣା ରୋଗରେ ମଣିଷ ସମାଜ ଆତଙ୍କିତ ଛାନଆ ରେ କାଳାତିପାତ କରିବାକୁ ପଡିଲା । ବୈଜ୍ଞାନିକ, ଭବିଷ୍ୟତ ବକ୍ତା, ବୁଦ୍ଧିଜୀବି ସମସ୍ତେ ଅବାକ । ସାମାନ୍ୟ ଭୁତାଣୁର ଅସାମାନ୍ୟ ପରିଣାମ । ଲକ୍ଷ ଲକ୍ଷ ମଣିଷଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଇ ବିଶ୍ୱରେ ବହୁ ଚର୍ଚ୍ଚିତ ଏହି କରୋନା ଭୁତାଣୁ । ମଣିଷ ପରି ଦୁର୍ଲ୍ଲଭ ଜୀବନ ଆଜି ବିଚଳତ ଓ ବିସ୍ମୟର ଗର୍ଭରେ ହତବାକ୍ ହୋଇ ପଡିଛି ।

କରମର୍ଦ୍ଦନରୁ ନମସ୍କାର ଆଜି ଭାରତୀୟ ସଂସ୍କୃତି ବିଶ୍ୱରେ ଆଦୃତ ହେବାକୁ ବାଧ୍ୟ ହୋଇଛି । ଅଚ୍ୟୁତାନନ୍ଦଙ୍କ ମାଳକା ଭବିଷ୍ୟତ ବାଣୀ ସତ ହୋଇଯାଇଛି । ଏପରି ଦୁର୍ଦ୍ଦିନ ପୂର୍ବରୁ ଆସିଥିଲା କି ନାହିଁ ଆସନ୍ତୁ ବିଗ୍ଭର କରିବା ।

ଅଚହ୍ନା ବ୍ୟାଧି ଯେ ଜଗତେ ଘୋଟିବ  
ବଇଦ ବଣା ହୋଇବେ ।  
ରୋଗ ଚହ୍ନିଣ ବଣା ହେଉଥିବେ  
ଅନେକ ପ୍ରାଣୀ ମରିବେ ।..... (ମାଳକା)

୫୦୦ ବର୍ଷ ପୂର୍ବେ ରଚିତ ୧୫୧୦ ମସିହାରେ ଅଚ୍ୟୁତାନନ୍ଦ ଦାସ, ଯେ କି ୧୮୫ ବର୍ଷ ଜୀବିତ ଥାଇ ସାଧନାରତ ଥିଲେ । ଆର୍ଯ୍ୟଭୂମି ଭାରତ ସନ୍ଥ ସାଧକମାନଙ୍କର ଦେଶ ରୂପେ ବହୁ କାଳରୁ ସମ୍ମାନିତ । ଏଠାରେ ବହୁ ଧର୍ମ, ବହୁ ଗୋଷ୍ଠୀ ଓ ବହୁ ସଂପ୍ରଦାୟର ଏକତ୍ର ଅବସ୍ଥାନ ତଥା ପାରସ୍ପରିକ ମତ ବିନିମୟ କ୍ଷେତ୍ରରେ ସନ୍ଥଧାରାର ଯେଉଁ ମୌଳିକ ବୈଶିଷ୍ଟ୍ୟ

ଫୁଟି ଉଠିଛି ତାହାହିଁ ଏ ଜାତିର ଉନ୍ନତ ଦୃଷ୍ଟି ଭଙ୍ଗୀ । ସମଗ୍ର ଜାତିକୁ ଉପଯୁକ୍ତ ମାର୍ଗ ପ୍ରବର୍ତ୍ତନ କରାଇବା ସନ୍ଥମାନଙ୍କର ପ୍ରଧାନ ଲକ୍ଷ୍ୟ ।

ମାଳକା କେବଳ ପଞ୍ଚସଖା ଯୁଗରୁ ସୃଷ୍ଟି ହୋଇନାହିଁ । ଏ ପ୍ରକାର ଭବିଷ୍ୟବାଣୀ ପ୍ରାୟ ପ୍ରତ୍ୟେକ ଧର୍ମ ସାହିତ୍ୟର ଏକ ବିଶିଷ୍ଟ ଅଙ୍ଗ ହୋଇପଡିଛି । ଭାଗବତ, ମହାଭାରତ ଅନ୍ୟାନ୍ୟ ପୁରାଣମାନଙ୍କରେ ଭବିଷ୍ୟତ ବାଣୀ ରହିଛି । ଖ୍ରୀଷ୍ଟିୟାନ ଓ ମୁସଲମାନ ଧର୍ମରେ ନୂତନ ସୃଷ୍ଟି ପ୍ରଳୟ ଏବଂ ମହାପୁରୁଷଙ୍କ ଆବିର୍ଭାବ ସମ୍ପର୍କରେ ଅନେକ ସୂଚନା ମିଳଥାଏ । ସମାଜ ସଂସ୍କାର ପାଇଁ ମାଳକାର ଦାନ ଗୁରୁତ୍ୱପୂର୍ଣ୍ଣ । ପଥଭ୍ରଷ୍ଟ ସମାଜକୁ ସୁସଂସ୍କୃତ କରିବା ଏବଂ ନିପିଡିତ ମାନବକୁ ଆଶା ଓ ଅଭୟବାଣୀ ଶୁଣାଇବା ମାଳକାର ଉଦ୍ଦେଶ୍ୟ । ଓଡିଶାର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ହେଉଛନ୍ତି ମାଳକା ସାହିତ୍ୟର ପ୍ରାଣକେନ୍ଦ୍ର । ମାଳକା ସହିତ ଶ୍ରୀ ଜଗନ୍ନାଥ କ୍ଷେତ୍ରର ମାହାତ୍ମ୍ୟ ଏବଂ ଶ୍ରୀ ଜଗନ୍ନାଥଙ୍କର କଳକୀ ଲୀଳା ଓତପ୍ରୋତ ଭାବେ ଜଡିତ । ସ୍ୱୟଂ ଜଗନ୍ନାଥ ହିଁ କଳକୀ ଅବତାର ଧାରଣ କରି ମ୍ଳେଚ୍ଛ ସଂହାର ପୂର୍ବକ ସତ୍ୟ ପ୍ରତିଷ୍ଠା କରିବେ ଏହାହିଁ ମାଳକା ସାହିତ୍ୟର ଚରମ ବାଣୀ ଅଟେ ।

ସଂପ୍ରତି ବିଶ୍ୱର ବୃହତ ରାଷ୍ଟ୍ର ମାନଙ୍କରେ କରୋନାର ବିଭତ୍ସକାଣ୍ଡ ଜନିତ ମହାମାରୀ ରେ ଲକ୍ଷାଧିକ ମଣିଷମାନଙ୍କର ମୃତ୍ୟୁ ଓ ପୀଡିତ ହୋଇ ଚିକିତ୍ସାଧୀନ ଥିବା ଅବସ୍ଥାରେ ଭାରତ ତଥା ଓଡିଶାରେ ମାନବ ସମାଜକୁ ସୁସ୍ଥ ଓ ସୁରକ୍ଷିତ ରହିବା ପାଇଁ ସରକାରୀ ସ୍ଲୋଗାନ ହୋଇଛି "ଘରେ ରୁହ" । ଏଭଳି ଅବସ୍ଥା ପୂର୍ବରୁ ହୋଇଥିଲା କି? ୧୭୨୦ ରେ ମୂଷାରୁ ପ୍ଲେଗ ରୋଗ, ୧୮୨୦ରେ ହଇଜା ରୋଗ, ୧୯୨୦ରେ ସ୍ପାନିସ୍ ଜ୍ୱର, ୨୦୨୦ରେ ଚୀନ କରୋନା ଜୀବାଣୁ ସମାଜରେ ୧୦୦ ବର୍ଷ ଅନ୍ତରରେ ମହାମାରୀ ରୂପେ ଦେଖା ଦେଇଥିଲା । ମୟୁରଭଂଜ ଗଜପତି ଶ୍ରୀରାମଚନ୍ଦ୍ର ଭଞ୍ଜ ତାଙ୍କ ପରିବାରର ବହୁ ସଦସ୍ୟ ହଇଜା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିବାରୁ ସେ କଟକରେ ଶ୍ରୀରାମଚନ୍ଦ୍ର ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।

କଥା ହେଲା ସେ ସବୁ ରୋଗର ଚିକିତ୍ସା ପାଇଁ ଔଷଧ, ଇଂଜେକ୍ସନ ଥିବାବେଳେ ସଂପ୍ରତି କରୋନା ଭୁତାଣୁର ଚିକିତ୍ସା ପାଇଁ କୌଣସି ଔଷଧ ବୈଜ୍ଞାନିକମାନେ ଆବିଷ୍କାର କରି ପାରିନାହାନ୍ତି । ତେଣୁ ଏ ବେମାରୀ ବିଶ୍ୱରେ ସବୁଠାରୁ ବେଶୀ ଆତଙ୍କରାଜ ଖେଳାଇଛି ।

ସବୁଠି କବାଟ ବନ୍ଦ । ଘରେ ରହିବାପାଇଁ ଓ ସତର୍କତା ନୀତି ଅବଲମ୍ବନ କରିବା ପାଇଁ ଉପଦେଶ । ଏସବୁ ଭୟ ସଙ୍କୁଳ ପରିସ୍ଥିତି ଆଖିଆଗରେ ରଖି ମାଳକା ଓ ମହାଭାରତ ର ବାଣୀର କପରି ସାମଞ୍ଜସ୍ୟ ରହିଛି ଆସନ୍ତୁ ବିଚାର କରିବା ।

ପିଲାବେଳେ ଆମେ ଶୁଣିଥାଉ କୋକୁଆ ଭୟ କଥା । ଭଲଭାବେ ବୁଝି ନଥିଲୁ । ଯେତେବେଳେ ୫୦୦ବର୍ଷ ତଳର ଦ୍ୱାପର ଯୁଗର ମହାଭାରତକୁ ଦୂରଦର୍ଶନ ମାଧ୍ୟମରେ କ୍ରମାନ୍ୱୟରେ ଦେଖିଲୁ ଜାଣିବାକୁ ମିଳିଲା ଏକ ଭୟଙ୍କର ଜୀବ "କୋକୁଆ" ସଂପର୍କରେ । ଏହା କଳ୍ପନା କି ବାସ୍ତବ ମୁଁ କହିପାରିବିନି । ମାତ୍ର ଏବର ଘଟଣାକୁ ଆଖି ଆଗରେ ରଖି ମାଳକାରେ ସାଧକ ଅଚ୍ୟୁତନନ୍ଦ ଦାସଙ୍କ ରଚିତ ପଦ୍ୟାବଳୀ ବେଶ ତାତ୍ପର୍ଯ୍ୟପୂର୍ଣ୍ଣ । ତାହାହେଲା –

ଅଜଣାରୋଗ ଯେ ମାଡି ଆସିବ, ଶ୍ରୀମନ୍ଦିରଟି ବନ୍ଦ ହେବ
ଭକତ ଦର୍ଶନ କରିବେ ନାହିଁ, ନେମାଳ ଗାଦିରୁ ଅଚ୍ୟୁତ କହି
ବଳଦେ ପ୍ରାୟେ ତୁଣ୍ଡି ବାନ୍ଧି ଥିବେ, ରୋଗର ଭଳ ଘର କୋଣେ ଲୁଚବେ ॥

ଗୁପ୍ତ ଗହନ ଗୀତାରେ ପଞ୍ଚସଖା ସାଧକ ଅଚ୍ୟୁତାନନ୍ଦ ଲେଖିଥିଲେ –

ପୁରାଣ ଗୀତା ଭାଗବତ ପଢି । ମଦ ମାଂସ ଖାଇ ହୋଇବେ ରାଢି ॥
ମାତା ମାଉସୀ ଶାଶୁଙ୍କୁ ହରଣ । ବେଦ ନ ପଢିବେ ତିଳେ ବ୍ରାହ୍ମଣ ॥

ଏଠାରେ ପାଠକମାନଙ୍କୁ ସୂଚାଇ ଦିଏ ଯେ ଆମ ଶାସ୍ତ୍ର ବେଦ ଅର୍ଥ ଜ୍ଞାନ ଯିଏ କି ଭଗବାନ ଦ୍ୱାରା ରଚିତ ହୋଇଥିଲା, ତାହାକୁ କ୍ରମେ ମାନବ ସମାଜ ଓ ବ୍ରାହ୍ମଣ ସମାଜ ଏକପ୍ରକାର ଭୁଲି ଯାଇଛି । ସମୟ ଆସିବ ପୁଣି ବେଦର ଗୁହିଦା ଘରେ ଘରେ ବୃଦ୍ଧି ପାଇବ । ଏହି ଯୁଗ ପରିବର୍ତ୍ତନ ଓ ଅଘଟଣ ଘଟିବା ବିଷୟରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଦିଆ ଯାଇଥାଏ । ସୃଷ୍ଟିଚକ୍ର ର ନିୟମ ଅନୁଯାୟୀ ସଂପ୍ରତି କାଳର ଅନ୍ତିମ ସମୟ ସଙ୍ଗମ ଯୁଗରେ ବିଶ୍ୱରେ ପରିବର୍ତ୍ତନ ଘଟି ସତ୍ୟ ଯୁଗ ର ଅୟମାରମ୍ଭ ହେବ । ତେଣୁ ବିଭିନ୍ନ ସାଧନା ତଥା ସହଜ ରାଜଯୋଗ ଅଭ୍ୟାସ ଓ ସୁନିରାମିଷ ଖାଦ୍ୟ ବଳରେ ଭାଇଭଉଣୀମାନେ ଆତ୍ମିକ ସ୍ଥିତିରେ ରହି ସତ୍ୟ ଯୁଗ ନିର୍ମାଣରେ ବ୍ରତି ହେବାକୁ ମୂରଲୀ

ପାଠ ମାଧ୍ୟମରେ କୁହାଯାଇଥାଏ । ସେମାନଙ୍କ ଆଚରଣ ଓ ଉଚ୍ଚାରଣରେ ସାମଞ୍ଜସ୍ୟ ଥାଏ । ପୁଣି ମାଳିକାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି :-

ଦିବ୍ୟ ଦୃଷ୍ଟି ବଳେ ଅଚ୍ୟୁତାନନ୍ଦ ସେ
ଲେଖିଛନ୍ତି ଭାଷା ନିଜ,
ମାଳିକା ବଚନ ମହାପୁରୁଷଙ୍କ
ଗଣନା ଫଳିଲା ଆଜ ।
ଶହଶହ ବର୍ଷ ପୁରୁଣା ଭବିଷ୍ୟ
ବାଣୀ ହେଲା ଏବେ ସତ,
ମହାମାରୀ ଘୋଟି ପୋକ ମାଛି ପରି
ଲୋଟିବେ ହେ ଦାଣ୍ଡେ ଶତ ।
ଭୈରବ ଡାକବ ଭୂତାଣୁ ରୂପରେ
ଅଦୃଶ୍ୟ ତାହାର ରୂପ,
ଅଚହ୍ନା ବ୍ୟାଧି ଯେ ଘୋଟିବ ସଂସାରେ
ଭାରାକ୍ରାନ୍ତ ହେବ ପାପ ।
ବୈଦ ନଜାଣିବେ ନିଦାନ ଓଷୁଧ
ହୋଇଯିବେ ବାଟବଣା,
ତ୍ରାହି ତ୍ରାହି ବୋଲି ରଡ଼ିବେ ଜନତା
ଦୂରେଇବେ ଚହ୍ନାଜଣା ।
ଆତଙ୍କଭୟରେ ରଖିବେ ଦୂରତ୍ୱ
ଅସ୍ଥିର ରହିବ ମନ,
ପରିବାର ସହ ଗୃହେ ବନ୍ଦୀ ହୋଇ
ରହିବେ ସକଳ ଜନ ।
ବଳଦ ପରାଏ ମୁଖେ ତୁଣ୍ଡି ବାନ୍ଧି
ରହିବାକୁ ହେବେ ବାଧ
ବିପଦେ ଆପଦେ ନ ଦେଖିବେ ମୁହଁ
ବନ୍ଧୁ ସ୍ୱଜନଙ୍କ ମଧ୍ୟ ।
ଧର୍ମ ଆଖିଠାର ଅଧର୍ମରୁ ଲୋଭ
ଲୋଭରୁ ପାପର ଜନ୍ମ,
ଜିଇଁ ଥାଉଥାଉ ଚେତ ସୁଧୀଜନେ
ଭଜୁଥାଅ ହରିନାମ,
ଭଜୁଥାଅ ହରିନାମ ॥

ଇତି ମଧ୍ୟରେ ପ୍ରକୃତିର ତାଣ୍ଡବ ଲୀଳା ବିଶ୍ୱର ବିଭିନ୍ନ ସ୍ଥାନରେ ମାନବ ସମାଜର ଘୋର କ୍ଷୟ କ୍ଷତି ଘଟାଇଛି । ଯଥା ସୁନାମି, ୧୯୯୯ ମହାବାତ୍ୟା, ବନ୍ୟା, ଭୂମିକମ୍ପ ଇତ୍ୟାଦି ।

ଭବିଷ୍ୟତରେ ତାହା କପରି ଫଳବ ତାକୁ ହିଁ ସମସ୍ତଙ୍କ ଅପେକ୍ଷା । ନୂଆ ଦୁନଆ ନଶ୍ଚିତ ସ୍ୱାଗତ ଯୋଗ୍ୟ । ମାତ୍ର ଦେଖାଯାଉ କପରି ସମ୍ଭବ ହେଉଛି । ବିଶ୍ୱ ବଜାର ଶୁନଶାନ୍ । ବିଶ୍ୱବାସୀ ସଂପ୍ରତି ସଙ୍ଗରୋଧ ଭାବେ ବାସ କରୁଛନ୍ତି । ପ୍ରଶାସନ ପକ୍ଷରୁ କଡା ନର୍ଦ୍ଦେଶ ଜାରି ରାସ୍ତାରେ ନବୁଲିବା ପାଇଁ । ଯୋଗ ଓ ଧ୍ୟାନ ଅବସ୍ଥାରେ ବିଶ୍ୱ ନୟନ୍ତାଙ୍କଠାରେ ଲୟ ରଖିବାକୁ ଅନୁରୋଧ ।

ଏଠାରେ ବିଶେଷ ଉଲ୍ଲେଖଯୋଗ୍ୟ ଯେ ସଂପ୍ରତି ମାନବ ସମାଜ କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ୧୪ ଦିନର ଚକସା ଓ ସଂଗରୋଧରେ ରହିବା ପରି ସ୍ୱୟଂ ଜଗନ୍ନାଥ ୧୪ ଦିନ ଅଣସରରେ ରହି ଚକସା ଏବଂ ବାହ୍ୟ ଶତୃ ଆକ୍ରମଣରୁ ନଜକୁ ରକ୍ଷା କରିବା ପାଇଁ ବହୁବାର ଶ୍ରୀମନ୍ଦିର ବାହାରେ ସଙ୍ଗରୋଧ ଅବସ୍ଥାରେ ଅନେକ ବର୍ଷ ରହିବା କଥା ଆମେ ଜାଣୁ ।

ସାମାନ୍ୟ ଭୂତାଣୁ କରୋନା ଆଜି ବିଶ୍ୱବାସୀଙ୍କୁ ଚକତ କରିଛି । ସରକାର ମୁଖ୍ୟତଃ ବାରମ୍ବାର ହାତ ଧୋଇ ପରସ୍ପରଠାରୁ ଦୂରତା ରଖିବା ସଙ୍ଗେସଙ୍ଗେ ବାହାରେ ନବୁଲି ଘରେ ରହିବାକୁ ସୁପରାମର୍ଶ ଦେଇଛନ୍ତି । ଅନନ୍ୟ ଉପାୟ ହୋଇ ଏଥିପାଇଁ ସତର୍କତା ଅବଲମ୍ବନ କରି ସୁରକ୍ଷିତ ରହିବା ଛଡା ଅନ୍ୟ ଗତି ନାହିଁ । ସରକାର ଜନ ମଙ୍ଗଳ ପାଇଁ ଏବଂ ଗୋଷ୍ଠୀ ସଂକ୍ରମଣରୁ ସୁରକ୍ଷା ପାଇଁ ନେଇଥିବା ପଦକ୍ଷେପ ବେଶ ଜନାଦୃତ ହୋଇପାରିଛି ।

ଯୁଗ୍ମ ନର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ –9861145687

# ବିଜୟ



ଡ. ଜ୍ଞାନେଶ୍ୱର ମିଶ୍ର

ଗଛ ଡାଳ ଓ ପତ୍ର
ବଡ ଲେଉଟାଉଛନ୍ତି
ପାହାଡ, ପର୍ବତ
ଗୁପୁଗୁପୁ ଗୀତ ଗାଉଛନ୍ତି
ହାଇ ମାରୁଛନ୍ତି
ନଦୀ ସବୁ ନାଚୁଛନ୍ତି
କଳକଳ ସ୍ୱଗରେ, ଅଳସ ଛନ୍ଦରେ
ପବନ ବୋହୁଛି, ସୂର୍ଯ୍ୟ ଉଠୁଛି
ଅସ୍ତ ବି ଯାଉଛି, ଘଡି କଣ୍ଟା ଘୁରୁଛି
ଖାଲି ଏ ମଣିଷ –
ମଙ୍ଗଳରେ ଘର କରିବାର ନଶା
ଉତୁରି ଯାଇଛି, ନୀରବି ଯାଇଛି
ମୁହଁ ବନ୍ଧା ହୋଇଯାଇଛି
ଏକ ଭୂତାଣୁ ଭୟରେ ଇତଃସ୍ତତ
ବାହାରକୁ ଯାଇପାରୁଛି ନା ଭିତରକୁ
ଜୀବନ ସହ ଲଢୁଛି
ବାରମ୍ବାର ହାରିବାର ଏକ ଯୁଦ୍ଧ
ଯଦିଓ ବିଜୟ ଅଦୃଷ୍ଟ ଭବିଷ୍ୟତ
ଘନ ଅନ୍ଧାରରେ ॥

କାର୍ଲମାର୍କ୍ସ ସରଣୀ, କୋଲକାତା

# ପ୍ରତୀକ୍ଷାର ଅବସାନ



ଭାସ୍କର ଚନ୍ଦ୍ର ଖଣ୍ଡା

ଦୁଃଖ ପରେ ଆସିଥାଏ ସୁଖ
ଆଲୋକର ପରଶରେ
ଯାଇଥାଏ ଉଭେଇ ଅନ୍ଧକାର
ବିଶ୍ରାମ ପରେ କ୍ଳାନ୍ତ ପଥିକ
ପାଇଥାଏ ନୂତନ ପ୍ରାଣର ଉନ୍ମାଦନା
ସୃଷ୍ଟିର ନିୟମ ଆବର୍ତ୍ତନରେ
ଘୁରୁଥାଏ କାଳଚକ୍ର
ସୂର୍ଯ୍ୟାସ୍ତ ପରେ ସୂର୍ଯ୍ୟୋଦୟ ଅବଶ୍ୟମ୍ଭାବୀ
ତଥାପି କାହିଁକି ବ୍ୟତିବ୍ୟସ୍ତ ମଣିଷ
ହରାଇ ବସେ ଆତ୍ମବିଶ୍ୱାସ କୁ ? ।।

ସତରେ କଣ ଏ ଦୁର୍ଦ୍ଦିନ ତା'ର ଚିରସ୍ଥାୟୀ
ମନେ କରି ନିଜକୁ ସବୁଠାରୁ ବିକଶିତ ରାଷ୍ଟ୍ର
ହୁଏ ଯଦି ଖର୍ବ ତା'ର ଅହମିକା
ସମୟ ସ୍ରୋତର ଚକ୍ରରେ
ଉଭେଇ ଯାଏ ଦୃଢ ବିଶ୍ୱାସର
ଆତ୍ମ ଭରଷା ଟି ।।

ହେଉପଛେ ଯେତେବଡ଼ ସନ୍ତରଣକାରୀ
ହୁଏ ଯଦି ସମ୍ମୁଖୀନ

ପୂର୍ଣ୍ଣଗର୍ଭା ନଦୀର ଭଉଁରୀରେ
ପେଷି ହୋଇ ତା ବାହୁ ବନ୍ଧନୀରେ
ହୋଇଥାଏ ଅଧୋମୁଖି
ସାଜିଥାଏ ପରାସ୍ତ ସୈନକ
ସେ ରଣ ପ୍ରାଙ୍ଗଣରେ ॥

କେ ଦେଲା ମନ୍ଦ ବୁଦ୍ଧି
କରୁଥିଲା କାହିଁକି ସେ ଗବେଷଣା
ଫଣାଟେକ ରହିଥିବା ବିଷଧର ଆଗେ
ଦେଖାଇ ସାରିବା ପରେ ନଜର ହାତକୁ
ଗ୍ରେଟଟା ଯେ ନଷ୍ଟିତ
ଜାଣିକ ପାରିନଥିଲା ସିଏ
ହାୟରେ ହତଭାଗ୍ୟ ମନ୍ଦବୁଦ୍ଧି
କାହିଁକି ଜୁଟିଲା ସେ ଦୁର୍ବୁଦ୍ଧି ॥

ବଞ୍ଚିବାକୁ ହେବ ତୋତେ
ରଖିବାକୁ ହେବ ଜାରୀ ସଂଘର୍ଷକୁ
ଖୋଜିବାକୁ ହେବ ତା'ର ଉପଗ୍ରର
ସ୍ୱହସ୍ତରେ ଜିହ୍ୱାକୁ ତୁ କରିଛୁ ଛେଦନ
ହେବ ରକ୍ତସ୍ରାବ କଛି
ପୂର୍ବକାଶରେ ଦେଖିବ
ନୂତନ ସୂର୍ଯ୍ୟାଲୋକର ଆଭାସ
ଆବିଷ୍କାର କରି ତାହାର ନଦାନ
ହେବ ଦିନେ ପ୍ରତୀକ୍ଷାର ଅବସାନ ॥

ରୋଡ୍ ନମ୍ବର ୩, ଜଗନ୍ନାଥ ନଗର
ଭୁବନେଶ୍ୱର

# ସଲାମ୍ ରେ ଯୋଦ୍ଧା! ସଲାମ୍



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

ସଲାମ୍ ରେ ଯୋଦ୍ଧା! ସଲାମ
ବଲମ ନଧରି କରୋନା ସହିତ
କରୁଅଛ ତୁମେ ସଂଗ୍ରାମ,
ସଲାମ୍ ରେ ଯୋଦ୍ଧା! ସଲାମ ।
ଦ୍ୱିତୀୟ-ଈଶ୍ୱର ଡାକ୍ତର ମାନଙ୍କୁ
କରୁଛି ଆଜି ମୁଁ ସଲାମ୍,
ସଲାମ୍ କରୁଛି ପୋଲିସ୍ ଭାଇଙ୍କୁ,
ସଫେଇ କର୍ମୀଙ୍କୁ ସଲାମ୍ ।
ସିଷ୍ଟର ମାନଙ୍କୁ ସଲାମ୍ ଜଣାଏ,
ମିଡିଆ ବନ୍ଧୁଙ୍କୁ ସଲାମ;
ଆଉ ଯେତେ ସବୁ କରୋନା ଯୋଦ୍ଧାଙ୍କୁ
ଜଣାଏ ବିନମ୍ର ପ୍ରଣାମ,
ସଲାମ୍ ରେ ଯୋଦ୍ଧା! ସଲାମ ।

ଦେବଦୂତ ସାଜି ଦୁର୍ଦ୍ଦିନରେ ଆଜି
ଜନତାର ସେବା କରୁଛ,
ନିଜ ଜୀବନକୁ ଖାତିର ନକରି
ଶବ ଦେହେ ପ୍ରାଣ ଭରୁଛ;
ସରି ନୁହେଁ କେହି ତୋ ସମ,
ସଲାମ୍ ରେ ଯୋଦ୍ଧା! ସଲାମ ।
କରୋନା ପରାସ୍ତ ହୋଇବ ନିଶ୍ଚୟ
ବିଜୟ ତୋହର ହୋଇବ;
ତୋ ତ୍ୟାଗ, ତିତିକ୍ଷା ହେବନାହିଁ ବ୍ୟର୍ଥ,
ଇତିହାସ ପୃଷ୍ଠା ମଣ୍ଡିବ;
ସଫଳ ତୋହର ଜନମ
ସଲାମ୍ ରେ ଯୋଦ୍ଧା! ସଲାମ୍ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉରକେଲା, ଓଡିଶା

# ବିଶ୍ୱାସର ବୀଜ



କୀର୍ତ୍ତି ଦେବୀ

ବିଶ୍ୱ ବ୍ରହ୍ମାଣ୍ଡର ନିୟନ୍ତକ ଆଜି ବେହୋସ୍ । ବିଶ୍ୱାସ ଆସିଲେ ବୀଜ ଉତ୍ପନ୍ନ ହୁଏ । ଏହା ପାଣି, ମାଟି, ପବନ, ସୂର୍ଯ୍ୟାଲୋକ ଓ ବୀଜର କାହାଣୀ । ବିଶ୍ୱବାସୀ ଏହାକୁ ସହଜରେ ଗ୍ରହଣ କରିବାକୁ ରାଜି ନୁହଁନ୍ତି । କାରଣ ପୂର୍ବରୁ ବିଶ୍ୱବାସୀ ବିଶ୍ୱକୁ ଖୁବ୍ ନିକଟରୁ ହେଉ ଅବା ଦୂରରୁ ହେଉ ଅନୁଭବ କରୁଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ ।

ବର୍ତ୍ତମାନର ପରିବେଶ ଓ ପରିସ୍ଥିତିରେ ସାରା ବିଶ୍ୱବାସୀ ଅତିଷ୍ଠ । ଅଣନିଶ୍ୱାସୀ ଓ ଅଣଦେଖାରେ ଚାଲିଛନ୍ତି ଏଇ ମାନବ ସମାଜ । ପୂର୍ବକାଳରେ ମନୁଷ୍ୟମାନେ ପ୍ରକୃତିର ଦାସ ହୋଇ ରହିଥିଲେ । ପ୍ରକୃତିକୁ ତାର ନିର୍ଦ୍ଦେଶରେ ଚାଲିବାକୁ ଦିଆଯାଉଥିଲା । କେଉଁଠି କେମିତି ଭୂଲ୍ ଭଟକା ହୋଇଯାଉଥିଲା । ସେଇଟାକୁ କେହି ଧରୁନଥିଲେ । ଆମେ ସାଧାରଣ କଥାକୁ ଯଦି ଦୃଷ୍ଟିରେ ରଖିବା ତାହେଲେ ଜାଣିପାରିବା ବର୍ତ୍ତମାନର ପରିସ୍ଥିତି କେତେ ଗମ୍ଭୀର । ଆମର ଚାରି ଦିଗର ଚାରୋଟି ପରିଚୟ ଆମେ ବର୍ତ୍ତମାନ ପାଇପାରୁଛେ ଖୁବ୍ ଶୀଘ୍ର ।

**(୧)** ପୂର୍ବ ଦିଗ- ପୂର୍ବଦିଗ ଅର୍ଥାତ ପୂର୍ବକାଳ କଥା ଆଜି ଆଉ ଦେଖିବାକୁ ମିଳୁନି । ଆଗ କାଳରେ ପ୍ରତ୍ୟେକ ପରିବାରରେ ଗୁରୁଜନ ଓ ଲଘୁ ଜନମାନଙ୍କ ସଂପର୍କ ଖୁବ୍ ଘନିଷ୍ଠ ଥିଲା । ଲୋକେ ବଡମାନଙ୍କ କଥାକୁ ଯଥେଷ୍ଟ ସମ୍ମାନ ଦେଉଥିଲେ । କୌଣସି କାମ ଯଥା ଘର-ବାହାର, ବାଡି-ବଗିଚା, ପାଠ-ସାଠ ଯାହାବି କଲେ ବଡ ମାନଙ୍କ ଅନୁମତି ଲୋଡୁଥିଲେ । ତାହା ବର୍ତ୍ତମାନ ସାରା ବିଶ୍ୱରେ ଲୋପ ପାଇଗଲାଣି ।

**(୨)** ପଶ୍ଚିମ ଦିଗ: ପଛକଥାକୁ କେହି ଗ୍ରହଣ କରିବାକୁ ରାଜି ନୁହଁନ୍ତି । କାରଣ ମଣିଷ ଶିଶୁଠାରୁ ବଡ ହେବା ପର୍ଯ୍ୟନ୍ତ ସବୁବେଳେ ପ୍ରକୃତି ସହିତ ତାଳ ଦେଇ ଚାଲିଛି । କିନ୍ତୁ

ଆଜିର ଆଧୁନକ ସମାଜରେ ସମସ୍ତେ ପ୍ରକୃତି ଉପରେ ଅନ୍ୟାୟ ଓ ଅତ୍ୟାଚ୍ଛର କରି ଚ୍ଛଲିଛନ୍ତି । କେହିଜଣେ ହେଲେ ପ୍ରକୃତି ମାଆକୁ ଖୁସି କରାଇବା ବଦଳରେ ଦେଇ ଚ୍ଛଲିଛନ୍ତି ବିରହ ବେଦନା, ଦୁଃଖ, ଯନ୍ତ୍ରଣା ଏମିତି କେତେ କଥା । ସମସ୍ତେ ନଜେ ନଜେ ଯେପରି ଜଣେ ଜଣେ ଭଗବାନଙ୍କ ଅବତାର ବୋଲି କହିବାକୁ ପଛାଉ ନାହାନ୍ତି ।

**(୩)** ଉତ୍ତର ଦିଗ**:** ଏହି ଦିଗ କଥା ଅତ୍ୟନ୍ତ ଦୁଃଖଦ ଓ ଗମ୍ଭୀର । କାରଣ ଏଇ ପୃଥିବୀରେ ଏପରି ଜଣେ ହେଲେ ବ୍ୟକ୍ତି ନାହିଁ, ଯିଏ ଅନ୍ୟ ଜଣକୁ ଉତ୍ତର ଦେବାରେ ସିଦ୍ଧହସ୍ତ ନୁହେଁ । ଜଣେ ଗୁରୁଜନ ସାଙ୍ଗସାଥି ବନ୍ଧୁ ପରିଜନ ହିସାବରେ ଯଦି ଅନ୍ୟ ଜଣଙ୍କୁ ଭଲ କଥାଟିଏ କହେ, ତାହେଲେ ମଧ୍ୟ ତାକୁ ଦି ପଦ ଉତ୍ତର ଶୁଣିବାକୁ ପଡିବ । ଏହି ଉତ୍ତର ବଣ୍ଟାବଣ୍ଟି ଏକ ଅଭ୍ୟାସରେ ପରିଣତ ହୋଇଯାଇଛି । ଏହାକୁ ଯିଏ ବଦଳାଇବା ପାଇଁ ଆସିଛି, ତାକୁ ଲୋକେ ପାଗଳ ବୋଲି ଆଖ୍ୟା ଦେଇଛନ୍ତି । ବାକ ରହିଲା

**(୪)** ଦକ୍ଷିଣ ଦିଗ**:** ଏହି ଦିଗକୁ ଏକ ନୂଆ ନାମରେ ପରିଣତ କରାଯାଇଛି । ତାହା "ଦକ୍ଷିଣା" ସ୍ୱରୂପ । ଅତି ସାଧାରଣରୁ ସାଧାରଣ କଥା କନ୍ତୁ ବୁଝିବାକୁ ମାନସିକତା ଦରକାର ଅସାଧାରଣ । ଛୋଟ ପିଲାଟିକୁ ଘରର ବୃଦ୍ଧ/ବୃଦ୍ଧା ବ୍ୟକ୍ତି ଗୋଟିଏ କାମ ପାଇଁ କହିଲେ ସେ ଉତ୍ତର ଦିଏ ପ୍ରଥମେ, "ମତେ କଣ ଦେବ**?**" ଯଦି ସନ୍ତୋଷଜନକ ଉତ୍ତର ମିଳଲା ତାହାହେଲେ କାମଟି ଖୁବ୍ ଶୀଘ୍ର ହୋଇଯିବ । ନଚେତ୍ ସେ କାମଟି କହି କହି ଥକଗଲେ ମଧ୍ୟ କେହି କରନ୍ତିନାହିଁ ।

ଏହାଠାରୁ ଟିକେ ଉର୍ଦ୍ଧ୍ୱକୁ ଗଲେ ଜଣାଯାଏ ଆଜିକାଲି ପରିବାରର ବୟସ୍କମାନେ କୌଣସି କାମକୁ ଗଲେ ଛୋଟ ପିଲା ଘରେ ଥିଲେ ତାର ଦକ୍ଷିଣା ପାଇବା ସୁନଶ୍ଚିତ । ସେହି ଦକ୍ଷିଣାରେ ସ୍ୱାଦ ଭିନ୍ନ ପ୍ରକାରର । ଏହା ମୋବାଇଲ୍, ଟି.ଭି., କମ୍ପ୍ୟୁଟର, ଇଣ୍ଟରନେଟ, ଲାପଟପ୍ ଆଦି ବଡବଡ ଜିନଷଠାରୁ ଆରମ୍ଭ କରି ଖାଦ୍ୟ, ଟଙ୍କା, ପଇସା ଯାଏ ଏହାର ଚେର ଲମ୍ବିଥାଏ । ଏଇଟି ହେଉଛି ମାନବ ସମାଜ ପାଇଁଏକ ଦୁଃଖଦ ପରିବେଶ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ଆଜି ସାରା ବିଶ୍ୱର ଚର୍ତୁଦିଗରେ କରୋନା ରୂପରେ ଯେଉଁ କରାଳ ଛାୟା ବିସ୍ତାରିତ ହୋଇଛି, ତାହା ଏହି ଚ୍ଛରିଦିଗର ସମାହାର କହିଲେ ଠିକ୍ ହେବ । କରୋନା କରୋନା..... ଶବ୍ଦ ଶୁଣିଲେ ମଣିଷ ଦେହରେ ଶୀହରଣ ହେଉଛି । କେଉଁ ଅଜଣା ଭୟ ମନରେ ଥିବା ଅନେକ

ଆଶା ଓ ଭରସାର ବିଶ୍ୱାସକୁ ଭାଙ୍ଗି ଦେଉଛି । କିଏ କହୁଛି ଚୀଇନା ହେଉଛି ଏହାର ସୃଷ୍ଟିକାରୀ । ଆଉ କିଏ କହେ ଏହା ମଣିଷକୃତ କର୍ମର ଫଳ । ତାହେଲେ ସାରା ବିଶ୍ୱକୁ ଏହା କିପରି ନିଜ ଛାଇରେ ବାନ୍ଧି ରଖିଛି ତାହା ମନରେ ସ୍ୱତଃ ପ୍ରଶ୍ନ ସୃଷ୍ଟିକରେ । କିଏ ଏହା ପାଇଁ ଦାୟୀ-ମଣିଷ, ସମାଜ, ଦେଶ, ଜାତି ନା ସାରା ବିଶ୍ୱବାସୀ । ମୋ ନିଜ ମତରେ ଏହା ଆମ ସମସ୍ତଙ୍କର ଦୋଷ ଓ ଦୁର୍ବଳତାର ଫଳ । ସମଗ୍ର ବିଶ୍ୱବାସୀଙ୍କର କୃତ କର୍ମର ଫଳ । ପ୍ରକୃତି ଉପରେ ଅନେକ ଅତ୍ୟାଚାରକୁ ସେ କିପରି ଭାବରେ ସହି ପାରିବ । ସେଥିପାଇଁ ସେ "ମହାମାରୀ କରୋନା" ରୂପରେ ଧରାପୃଷ୍ଠରେ ଅବତରୀ ଆସିଛି ।

ବର୍ତ୍ତମାନର ପରିସ୍ଥିତିରେ କିଏ କେତେ ଭୁଲ୍ କରିଛି ତାହାକୁ ଭୁଲି ସମସ୍ତେ ନିଜେ ଓ ନିଜ ମାନବ ସମାଜର ଉନ୍ନତି ପାଇଁ ସଚେତନ ହେବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ସରକାରଙ୍କ ଜନତା କର୍ଫ୍ୟୁ, ଆଇସୋଲେସନ୍, କ୍ୱାରେଣ୍ଟାଇନ୍, କଣ୍ଟେଣ୍ଟମେଣ୍ଟ, ଲକଡାଉନ୍, ସଟଡାଉନ୍, ସାମାଜିକ ଦୂରତ୍ୱ ଓ ସଂଗରୋଧ ହେଉଛି ଏକ ଏକ ମୂଳମନ୍ତ୍ର । ଯାହାଦ୍ୱାରା ଆମେ ସୁରକ୍ଷିତ ରହିପାରିବା । ପବିତ୍ର ବାଇବେଲ ଗ୍ରନ୍ଥରେ ପ୍ରଭୁ ଯୀଶୁଖ୍ରୀଷ୍ଟ କହିଛନ୍ତି ତିନୋଟି ଶବ୍ଦ (୧) ଆଶା, (୨) ବିଶ୍ୱାସ (୩) ଅଗାଢ ଭଲପାଇବା । ଆଶାକୁ ପ୍ରଦୀପ ରୂପରେ, ବିଶ୍ୱାସକୁ ଆତ୍ମବିଶ୍ୱାସ ରୂପରେ ଓ ଅଗାଧ ଭଲପାଇବାକୁ ମନୁଷ୍ୟ ମନୁଷ୍ୟକୁ ଭଲପାଇବା ଓ ଘୃଣା, ନୀଚମନକୁ ଦୂରେଇ ଦେବା । ଯଦି ଯୀଶୁଙ୍କର ଏହି କଥାକୁ ଆମେ ସମସ୍ତେ ମାନିବା ଏବଂ ନିଜେ ସଚେତନ ହେବା, ତାହେଲେ କରୋନା ଆପେ ଆପେ ଆମଠାରୁ ଦୂରେଇ ଯିବ ।

ପ୍ରତ୍ୟେକ ପରିବାରରେ ସମସ୍ତେ ସମସ୍ତଙ୍କ ଶରୀରର ଯତ୍ନ ନେବା ସଙ୍ଗେ ସଙ୍ଗେ ସରକାରୀ କିମ୍ବା ବେସରକାରୀ ଡାକ୍ତରଖାନାର ଉପଯୁକ୍ତ ବ୍ୟବହାର କରିବା । ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ କଥା ମାନି ତାକୁ ସମ୍ମାନର ସହ ପାଳନ କରିବା ହେଉଛି "ବିଶ୍ୱାସର ବୀଜ" ପରି । ଆଜି କେହି ଭୟଭୀତ ନ ହୋଇ ସାଧାରଣ ଭାବରେ ପରିସ୍ଥିତିର ସହିତ ଖାପ୍ ଖୁଆଇ ଚଳିଲେ ଏହି ସଂକଟ ଆପେଆପେ ଦୂରେଇ ଯିବ ।

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

# ହାଏରେ ଭୂତାଣୁ



ଡ. ପ୍ରସନ୍ନ କୁମାର ବଳ

ହାଏରେ ଭୂତାଣୁ ଏ କ ତୁମେ କଲ
ସାରା ଦୁନିଆକୁ ସ୍ତବ୍ଧ କରି ଦେଲ ।୧।
କେଉଁଠି ଜନ୍ମିଲ, କେବେ ତ ଜନ୍ମିଲ, କପରି ଜନ୍ମିଲ ତୁମେ,
ତୁମ ଇତିହାସ ପଢିବାକୁ ଆଜି ଭାବିଅଛି ମନେ ମନେ ।୨।
ଶୁଣି ଅଛି କାଳେ ତୁମର ଜନମ ବହୁକାଳ ପୂରୁବରୁ
ପ୍ରତିଥର ଭଳ ଏଥର କୁଆଡେ ଜନ୍ମିଲ ହିଁ ଚାଇନାରୁ ।୩।
ଯେବେ ବି ଆସିଛ, କାହାକୁ ଛାଡିନ ତୁମ କରାଳ ରୂପରୁ
କୋଟି କୋଟି ଲୋକେ ଜୀବନ ନେଇଛ ହିସାବ କରି ନ ପାରୁ ।୪।
ଏଥର ତ ତୁମ ରୂପଟା ଅଲଗା, ଉଦ୍ଦେଶ୍ୟ ତୁମର ହୀନ,
ଖାଲି ମାରୁନାହଁ ଜୀବନ ନେଇକ, ଜୀବନଟା ମୂଲ୍ୟହୀନ ।୫।
କପରି ଜାଣିବି କାହାକୁ ଜଗିବି, କେତେ ହେବି ସାବଧାନ,
ଅଦୃଶ୍ୟତ ତୁମେ ଦେଖା ଦେଉନାହଁ ସତେ କରି ଅଭିମାନ ।୬।
ଏପରି ତ ପୁଣି ପରିସ୍ଥିତି ଆସେ ଭାବି ତ ନଥିଲୁ ବଳେ,
ନଜ ଲୋକ ପୁଣି ପର ହୋଇଯାଏ ଜୀବନ ସାୟାହ୍ନ କାଳେ ।୭।
ତୁମ ଯୋଗୁ ଯଦି ମୃତ୍ୟୁକାର ହୁଏ କେହି ଛୁଏଁ ନାହିଁ ତାକୁ,
ନଜର ଲୋକ ବି ଦୂରତାରେ ରହେ କାଳେ ଆପଣିବ ଯାକୁ ।୮।

ଏତେ ବଡ ସତେ ମାନବ ଜାତିକୁ କରିଛ ତ ଆଜି ବନ୍ଦୀ,
କଳ କାରଖାନା, ରେଳ ଜାହାଜ ବି ନିସ୍ତବ୍ଧ ସାଜିଛି ଆଜି ।୯।
ଦୁଃଖ ତ ଲାଗୁଛି, ଡର ବି ଲାଗୁଛି ଆଶ୍ଚର୍ଯ୍ୟ ବି ହୁଏ ସତେ,
କିପରି ଏ ସବୁ କରୁଛ ତ ତୁମେ ଭାବି ନପାରଇ ମନେ ।୧୦।
ଏପରି ମଝିରେ ମଝିରେ କାହିଁକି ଜନମ ନେଉଛ କୁହ,
ଏତେ ବିଭୀଷୀକା କରି ଘରେ ଘରେ କେତେ ବୁହାଇବ ଲୁହ ।୧୧।
ହାତ ଧୋଇ ଧୋଇ ଥକି ବି ଗଲୁଣି, ତୁମେ କି ଦେଖୁ ନ ପାରି,
ମାସ୍କ ପିନ୍ଧି ପିନ୍ଧି କେତେଦିନ ଆଉ ପାରିବୁ ତ ପୁଣି ରହି ।୧୨।
ସାମାଜିକ ଦୂରତାକୁ ପୁଣି ଆମେ କରୁଅଛୁ ତ ପାଳନ,
ବହୁ ଶିକ୍ଷା ଦେଲ, ଶିଖି ଗଲୁ ଆମେ ନ କରିବୁ ଅଭିମାନ ।୧୩।
ଏତିକି ଗୁହାରୀ ଶୁଣିଯାଅ ଏବେ ଯଥେଷ୍ଟ କରିଲ ଲୀଳା,
ତ୍ରାହିଂ ତ୍ରାହିଂ ମା କରି ଡାକୁ ଅଛି ମାନବ ସମାଜ ପରା ।୧୪।

ଉପ ମହାପ୍ରବନ୍ଧକ,
ପଞ୍ଜାବ ନେସନାଲ୍ ବ୍ୟାଙ୍କ, କୋଲକତା

# ସୁଖ ଦୁଃଖ ର ସାଥୀ, କବି



ଆଶୁତୋଷ ମେହେର

ସୁଖ ର ସାଗର ଉତ୍ତାଳ ତରଙ୍ଗ
ହସଭର୍‌ା ମହୋଦଧି
ସେଇ କୂଳେ ବସି କବିତା ଲେଖଇ
କବି ଯେ ସାଧନା ସାଧି ।
କେବେ ଆସେ ମାଡି ଦୁଃଖ ମରୁଭୂମି
ତାତିଲ୍‌ ନିଶ୍ୱାସ ଭର୍‌ା
ତାହାରି ଭିତରୁ ଝରି ପଡେ ପୁଣି
କବିତା ର ଦୁଇ ଧାର୍‌ା ।
ସୁଖ ଦୁଃଖ ସାଥୀ କବିତା କଲ୍ଲୋଳ
ସାହିତ୍ୟ ର ପର୍‌ଭୂମେ
ଅବିରତ ବହେ ସ୍ରୋତସ୍ୱିନୀ  ରୂପେ
କବି ର ହୃଦୟ ଧାମେ ।
ଏଇ ଦୁଇ ସାଥୀ ଚିର ସହୋଦର
କବିର ଲେଖନୀ ପ୍ରାଣ
ଯୁଗ ଯୁଗାନ୍ତର ତୋଳ ରଖିଛନ୍ତି
ସାର୍ଥକ କବି ର ତ୍ରାଣ ।
ସେଇ ରସେ ସିକ୍ତ କବିର କାହାଣୀ
ଅନାହୁତ ଯୁଗ ଭରି
ସୁଖେ ଦୁଃଖେ କବି ଜୀବନ ନଉକା
ବାହିଛି ଲେଖନୀ ଧରି ।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ମହାମାରୀ



ରାଜକିଶୋର ସାଇଁ

ଏ ସାରା ବିଶ୍ୱକୁ କରିଛି ଗ୍ରାସ
କରୋନା ରୂପକ ମହାରାକ୍ଷସ
ସହସା ଆସି ଏ ବିପଦ ଘନ
ବରଷି ସଂସାର କରେ ଉଚ୍ଛନ
ତାର ପ୍ରତିହତ ପାଇଁ
ବିଜ୍ଞାନର ଯେତେ ଗବେଷଣା ଜ୍ଞାନ
ତାକୁ କାଟୁ କରୁନାହିଁ .....(୧)

ଚୀନ ଆମେରିକା ସ୍ପେନ ଇରାନ
ଇଟାଲୀ ଜର୍ମାନୀ ଫ୍ରାନସ୍ ଲଣ୍ଡନ
ଦିଶୁଥିଲା ଯହିଁ ଦିନରେ ଚାନ୍ଦ
କରୋନା ହଜାଇ ଦେଲାଣି ନିଦ
ମେଲାଏ ଭାରତେ କାୟା
ଖେଳାଇ ଚାଲିଛି ସମାଜେ ଏ ବ୍ୟାଧି
ଦାରୁଣ ଶୋକର ଛାୟା .....(୨)

ନଥିବାରୁ ତାର ପ୍ରତିଷେଧକ
ଖେଳାଏ ସବୁରି ମନେ ଆତଙ୍କ
ଲଭିବା ପାଇଁ ଏ ରୋଗୁ ମୁକତି
ସଚେତନ ହେବା କେବଳ ଗତି
ମାଡୁଛି ଦାବାଗ୍ନି ପରି
ଆତ୍ମଘାତୀ ସାଜି ଜୀବନ ନଅଇ
ଜଗତେ ଏ ମହାମାରୀ .....(୩)

ଭୀମ ଭୟେ ଧାଇଁ କୌରବ ସାଇଁ
ବ୍ୟାସ ସରୋବରେ ଲୁଚିଲେ ଯାଇଁ
ଦେବୀ କମଳିନୀ ସୁଦୟା ବହି
ପ୍ରାଣରକ୍ଷା ବାଟ ଦେଲେ ବତାଇ
ସମ୍ଭାଳିବୁ ତିନି ରଡି
ତେବେଯାଇ ତୁହି ଅଜୟ ହୋଇବୁ
ବୃକୋଦର ସଙ୍ଗେ ଲଢି .....୪)

ନମାନି ଏବାଣୀ କୁରୁ ରାଜନ
ଅକାଳେ ମୃତ୍ୟୁକୁ କଲେ ବରଣ
କରୋନା ଯୁଦ୍ଧକୁ ଜିତିବା ପାଇଁ
ଘରଛାଡି ଆମେ ଜିବାନି କେହି
ନମାନିଲେ ଉପଦେଶ
କରୁପତି ସମଦଶା ହେବ ଆମ
ସର୍ବେ ହୋଇଯିବା ନାଶ .....(୫)

ମୋ ଭାଇ ଭଉଣୀ ଆସରେ ଆସ
ସରକାରଙ୍କର ସବୁ ନିର୍ଦ୍ଦେଶ
ଶ୍ରଦ୍ଧା ସହକାରେ ଆମେ ପାଳିବା
କରୋନାର ସଂକ୍ରମଣ ଟାଳିବା
ମନେ କରିବା ଚିନ୍ତନ
ବିଜ୍ଞାନ ସହିତ ବିଧାତାଙ୍କର ଏ
ପୃଥିବୀକୁ ବରଦାନ .....(୬)

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# ଅଦୃଶ୍ୟ ବୟସ



ଅମ୍ବିକା ସ୍ୱାଇଁ

ଓହୋ **!** ଏକ ବଡ଼ ଚିନ୍ତା ଗଲା, ଖୁବ୍ ଦୀର୍ଘ ନିଶ୍ୱାସ ଟି ପକାଇ ଅଲିଭା ଟେବୁଲ୍ ଉପରେ ଖାତା କଲମ ଥୋଇ ଦେଇ ମନେ ମନେ ଭାବୁଥିଲା ଯାହା ହେଉ, ବର୍ଷକ ତଳୁ ଆରମ୍ଭ କରିଥିବା ଉପନ୍ୟାସ ଟି ଏହି କିଛି ଦିନର ପରିଶ୍ରମ ରେ ଆଜି ପୂର୍ଣ୍ଣ ରୂପ ନେଲା । ଖାଲି ଯାହା ସାଜ ସଜା ହୋଇ ସୁନ୍ଦର ପରିପାଟୀ ରେ ଲୋକ ଲୋଚନ କୁ ଆସିବାର ବାକି ରହିଲା। ଯାହା ବି ହେଉ ସେ ପ୍ରକାଶନୀ ସଂସ୍ଥା କୁ ଅଶେଷ ଧନ୍ୟବାଦ ତାଙ୍କର ଦୃଢ଼ ଫର୍ମମାଇସ୍ ରେ ରାତି ଦିନ ଲାଗିପଡି ପାଣ୍ଡୁଲିପି ଟିକୁ ପ୍ରସ୍ତୁତ କରିଦେଲି । ଏମିତି ଗୁଣୁ, ଗୁଣୁ ହୋଇ କହିଲା ଭିତରେ ବୁଲି ପଡି ଦେଖିଲା ସ୍ୱାମୀ ଦୀପକ୍ ଠିଆ ହୋଇ ମୁରୁକି ହସା ଦେଉଛନ୍ତି| ଅଲିଭା ପଚାରିଲା କଣ ହେଲା, ହସୁଛ ଯେ **? !!!** ନା ମ କିଛି ନାହିଁ ତୁମକୁ ଦେଖୁଛି **!** ମୋତେ ଦେଖୁଚ **!** କଣ ମୁଁ କିଛି ନୂଆ ଦିଶୁଛି କି **?** **!!** ଦୀପକ୍ ବାବୁ ଆଉ କିଛି ଉତ୍ତର ନ ଦେଇ ପୁଣି ଟିକେ ମୁରୁକି ହସା ଦେଇ ରୁମ୍ ବାହାର କୁ ଚାଲି ଗଲେ। ଅଲିଭା କିଛି ବୁଝି ପାରିଲାନି, ମନେ ମନେ ଭାବିଲା କଣ ପାଇଁ ଏମିତି ହସୁଚନ୍ତି **!!** ସେ ମୋନାଲିସା ହସର ରହସ୍ୟ ପରି ୟାଙ୍କ ର ଏ ହସର ରହସ୍ୟ କଣ **!!** ଟିକେ ଭାବିବା ପରେ, ଧଡକିନା ବେଡ୍ ରୁମ୍ କୁ ଯାଇ ଡ୍ରେସିଂ ଟେବୁଲ୍ ମିରର ଉପରେ ପଡ଼ିଥିବା ପରଦା କୁ ହଟାଇ ଯେତେବେଳେ ତା" ସାମ୍ନା ରେ ଠିଆ ହୋଇ ନିଜକୁ ଦେଖିଲା, ଚମକି ପଡ଼ିଲା ଆରେ ଏ କିଏ **?** ଆଗ ଓ ପଛକୁ ବୁଲି ବୁଲି ଦେଖିଲା, ଆରେ କେହି ତ ମୋ ପଛରେ ନାହିଁ, ମିରର ରେ କାହା ଛବି ଦିଶୁଛି, ଅଲିଭା ନିଜେ ନିଜକୁ ଚିହ୍ନି ପାରିଲାନି । ତା"ଆଖି ସତେ ଯେମିତି କି ଧୋକା ଖାଇଗଲା । ମିରର କଣ କେବେ ଧୋକା ଦେଇ ପାରେ**?** ମିରର ତ ମଣିଷ ର ଅଦେଖା ବାସ୍ତବ ଛବି କୁ ନିଜ ଆଖି ସାମ୍ନାରେ ପ୍ରତିବିମ୍ବିତ କରେ ।

ବିଶ୍ୱାସ କରିପାରିଲା ନି ସେ କେଇଟା ଦିନରେ ଏମିତି ବଦଳି ଯାଇଛି **!!!**

ମହାମାରୀ କରୋନା ଭୂତାଣୁ ଆସି  ସାରା ବିଶ୍ୱ ର ମେରୁଦଣ୍ଡ କୁ ଦୋହଲାଇ ଦେଇଛି, ସାରା ବିଶ୍ୱ ବର୍ତ୍ତମାନ ଲକ୍ ଡାଉନ୍ । ସେଥିପାଇଁ ଘରୁ ବାହାରି ବାର ନାହିଁ, ଅଫିସ ବି ଛୁଟି । କାହା ଘରକୁ ବନ୍ଧୁ ବାନ୍ଧବ ସାହି ପଡିଶା କେଉଁଠି କୁ ତ ଯିବାର ନାହିଁ ସବୁ ବନ୍ଦ  । ଏହି ସମୟ ରେ ହଠାତ୍  ଏକ ବଡ଼ ପ୍ରକାଶନୀ ସଂସ୍ଥା ଫୋନକଲେ ଅଲିଭା କୁ, କହିଲେ, ମ୍ୟାଡମ୍ ଯଦି ଆପଣ ଙ୍କ ର କିଛି ନୂଆ ବହି Creation କରିବାର ଅଛି ତେବେ ଏହି ସମୟ ରେ ଯଥେଷ୍ଟ ସମୟ ଅଛି ପ୍ରସ୍ତୁତ କରି ନିଅନ୍ତୁ, ବହିଟିଏ ଛାପି ଦେବା । ଅଲିଭା ଖୁବ୍ ଖୁସି ହୋଇ ଗଲା, ଓ ଭାବ ବିହ୍ୱଳତ ହୋଇ ମନ ଧ୍ୟାନ ରେ ଲାଗି ପଡ଼ିଲା ତା"କାମରେ ।ନିଜ ପ୍ରତି ଦୃଷ୍ଟି ଦେବାକୁ ଏକଦମ୍ ଭୁଲିଯାଇଛି, ଦର୍ପଣ ସାମ୍ନାରେ ଠିଆ ହୋଇ ନିଜକୁ ସଜେଇବାର ସମୟ ବି ଇଯେ ନୁହେଁ । ଅଫିସ ତ ଯିବାର ନାହିଁ ସଭା ସମିତି ରେ ବି ଯୋଗ ଦେବାର ନାହିଁ, ନିଜକୁ ଅଲିଭା ସଜେଇବ ବା କାହିଁକି !! କିଏ ଦେଖୁଚ ଯେ ତାକୁ ....!!!!

ଏହି ଫୁରସତ୍ ସମୟରେ ତା"ର ଅଧା ଉପନ୍ୟାସ କୁ ପୁରା କରିବା ପାଇଁ  ରାତି ଦିନ ଏକାକାର କରିଦେଇଛି । ଆଜି ସ୍ୱାମୀ ଙ୍କ ର ନୀରବ ଉପହାସ ର ହସ ଦେଖି ଏତେଦିନ ପରେ ସମୟ ମିଳିଛି, ନିଜକୁ ଦର୍ପଣ ଆଗରେ ପରଖି ନେବାକୁ । କିନ୍ତୁ କଣ ବା ପରଖିବ ନିଜକୁ, ସେ ତ ଦର୍ପଣ ଆଗରେ  ତା"ର ପ୍ରତିବିମ୍ବ କୁ ଚିହ୍ନି ପାରୁନି ନିଜେ, ଧୋବ ଫର ଫର ପାଚିଲା ଚୁଟି, ଅସଜଡ଼ା ଆଇ ବ୍ରୋ, ଓଠର ଶିଥିଳତା ମୁହଁ ରେ ନାହିଁ, ପୂର୍ବ ପରି ଆକର୍ଷଣୀୟ ଔଜ୍ଜ୍ୱଲ୍ୟତା । ଯେମିତି ୬୦ ବର୍ଷ ର ବୁଢ଼ୀ ଟିଏ, ତା"ସାମ୍ନାରେ ଠିଆହୋଇଛି, ସେ ତା" ବାସ୍ତବ ଛବି କୁ ଦେଖି  ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲା, ଡ୍ରେସିଂ ଟେବୁଲ୍ ଡ୍ରୟର ଖୋଲି ପ୍ରଥମେ ଅଣ୍ଡାଳ ପକାଇଲା, ଚୁଟି କୁ କଲର୍ କରିବା ପାଇଁ ତା"ଭିତରେ ଅଛି କି କାଳୀ ମେହେନ୍ଦି...ନା ମିଳିଲାନି !! କରୋନା ପାଇଁ ଏତେ ଜଲଦି, ଜଲଦି ସବୁ ବନ୍ଦବାନ୍ଦ ହୋଇ  ଗଲା ଯେ" ଏତେ କଥା ଭାବିବାକୁ ସମୟ କାହିଁ ! ଏ ସବୁ ଆଣି ଘରେ ରଖିବାକୁ| ଘର ର ଯାହା ଅତ୍ୟାବଶ୍ୟକ ଜିନିଷ  ଟିକେ ଦୀପକ ବାବୁ ବଜାର କୁ ଯାଇ ଧରି ଆସିଲେ, ସେବେଠାରୁ ତ ପୁରା ସତର୍କ ସୂଚନା ସମସ୍ତଙ୍କୁ ବାହାରକୁ ଯିବା ମନା ।ନିଜେ ସୁରକ୍ଷିତ ରହି ଅନ୍ୟ କୁ ସୁରକ୍ଷା ଦେବାର ଦାୟିତ୍ୱ ସମସ୍ତଙ୍କର ଏହି ଘଡିସନ୍ଧି ମୁହୂର୍ତ୍ତ ରେ| ସାମାଜିକ ଦୂରତା ରକ୍ଷା କରି କରୋନା କୁ ପ୍ରତିହତ କରିବାର ବେଳ । ଏ ସମୟରେ ଏସବୁ ଚିନ୍ତା ସହ ଉପନ୍ୟାସ ର ସୌନ୍ଦର୍ଯ୍ୟ କରଣ ଭିତରେ  ବୁଡି ରହି ପାଠକଙ୍କୁ ତା" ଉପନ୍ୟାସ ଭିତରେ ବାନ୍ଧି ରଖିବା ର ପଯତ୍ନ ପ୍ରୟାସରେ  ନିଜ ସୌନ୍ଦର୍ଯ୍ୟ କୁ ଧରି ରଖିବାକୁ ପୁରା ପୁରି

ଭୁଲି ଯାଇଛି ଅଲିଭ୍ଆ, ମାସକୁ ଥରେ ବିଉଟି ପାର୍ଲର ଯାଇ ସଜେଇ ହୋଇ, ନିଜ ସୌନ୍ଦର୍ଯ୍ୟ କୁ ନେଇ ଗର୍ବ କରୁଥିବା ଅଲିଭ୍ଆ ଆଜି ନିଜ ସୌନ୍ଦର୍ଯ୍ୟ ପାଖରେ ହାରି ଯାଇଛି, ତା" ଅଦୃଶ୍ୟ ବୟସ ଆଜି ଦର୍ପଣ ସାମ୍ନାରେ ତାକୁ ଦୃଶ୍ୟମାନ ହେଉଛି.....!!

ପୁଣି ଆଗକୁ ପଛକୁ ଚାହୁଁଁଚ, ଦର୍ପଣ ରେ ଦୀପକ ବାବୁଙ୍କ ର ପ୍ରତିଛବି କୁ ଦେଖି ଅଲିଭ୍ଆ ଚମକ ପଡି ପଛକୁ ଫେରି ଚାହୁଁର...ଦୀପକ ବାବୁ ଙ୍କ ର ପୁଣି ସେହି ନିରବ ପରିହାସ ର ରହସ୍ୟ ଭରା ମୃଦୁ ହସ ର ଶବ୍ଦ ତରଙ୍ଗରୁ ଯେମିତି ଭାସି ଆସୁଛି, ସତରେ ଆଜି ଯଦି ଦୁନିଆରେ ପ୍ରସାଧନ ସାମଗ୍ରୀ କମ୍ପାନୀ ହେୟାର କଲର୍ ନ ବାହାରି ଥାନ୍ତା କି ବିଉଟି ପାର୍ଲର, ସେଲୁନ ନ ଥାନ୍ତା ତେବେ ଆଜିକାର ଆଧୁନିକ ଯୁଗରେ ଷାଠିଏ, ପଞ୍ଚସଠି ବର୍ଷର ବୁଢ଼ା ବୁଢ଼ୀ ବି ତିରିଶ, ଚାଳିଶ ବର୍ଷ ର ଯୁବକ, ଯୁବତୀ ପରି ତାଙ୍କ ଅଦୃଶ୍ୟ ବୟସ ର ପ୍ରତିବିମ୍ବ ଭିତରେ ଲୁଚକାଳି ଖେଳ ନଥାନ୍ତେ.....!! ହଁ ! କି ନା !! ହଁ ସେଥିରେ ବି ତୁମେ ଆଉ ମୁଁ.....!!!!!

ଶ୍ୟାମପୁର, ଭୁବନେଶ୍ୱର

# ଭିତରେ ଯାଅ

ମୂଳ ରଚନା (ବଙ୍ଗଳା)- ଆର୍ଯ୍ୟତୀର୍ଥ
ଓଡିଆ ଭାଷାନ୍ତର - ସନାତନ ମହାକୁଡ



ସନାତନ ମହାକୁଡ

ଦେଶ ଡାକୁଛି ଆଜି ତୁମକୁ
ରଣ ସୁଝାଅ
ବାହାରେ ବିପଦ
ସବୁ ନାଗରିକ
ଭିତରେ ଯାଅ ।

ବାଘ ବାହାରିଲେ ନଶାର୍ଦ୍ଧ ଗତି
ଯେମିତି ମନା
ଏଇ କେତେ ଦିନ ସେମିତି ଭାବି, ବାହାରେ ନ ଯା ।
ରାସ୍ତାରୁ ସବୁ ଭିଡ ହଟାଅ
ଦେଶକୁ ଯଦି ଭଲ ପାଅ
ଭିତରେ ଯାଅ ।

ସେହି କଥା ବକ୍ ବକ୍ ହୋଇ ବହୁତ ହେଲା
ଅନୁରୋଧ ଏଥର
ବାସ୍ତବରେ ଆଖିଟା ଖୋଲ
ଭାବୁଛ ଯଦି ଘରେ ରହିଲେ ଚଳବକ ଆଉ
ମରିଲେ ତୁମେ
ବିଶ୍ୱ ଠିକ୍ ଚାଲିବ ଡିଅର!
ଘରର ବାକି ଲୋକଙ୍କର କ ସେଇ ଦଶା ଗ୍ରହ
ଆଗେ ବଞ୍ଚ ତାପରେ କାର୍ଯ୍ୟ
ଭିତରେ ଯାଅ ।

ସାହିନବାଗର ସମୟ ହେଲା ଏଥର ଉଠିବାର
ମହାମାରୀ ହଟୁ ତାପରେ ପୁଣି ଆୱାଜ କର
କରୋନା ଠିକ୍ ବୁଝିବାକୁ ଚାହେଁନା
ଏନ ଆର ସି କଣ?
ତାହାର ପାଶେ ଏକ
ସବୁ ପ୍ରକାର ଦାଢି ଟୀକା
ଖୁବ୍ ବୋକା ଭଳ ବାହାରେ ବସି ବିରୋଧ କର
ଲଢାଇ ଫଡାଇ ପରେ ହେବ
ଭିତରେ ଯାଅ ।

ଧାର୍ମୀକମାନେ ସପ୍ତା ଦୁଇ ଏକ ଏକଲା ରୁହ
ବନ୍ଦଘରେ ନିଜେ ନିଜର ଇଷ୍ଟ ଡାକ
ଧର୍ମସ୍ଥାନରେ ଝୁଲୁ କେତେ ଦିନ ବଡ ତାଲା
ଘରେ ଠାକୁର ପୁରୁଣା ଫୁଲର ଝୋଟମାଳା
ନିଜେ କାହିଁକି ନିଜର ବାକି ଆୟୁ କଟାଅ
ଆଉ କେତେଦିନ ବଞ୍ଚିବାକୁ ଥିଲେ
ଭିତରେ ଯାଅ ।

ବାହାରେ ଘରେ ମହାମାରୀ
ଔଷଧ ବିହିନ
ତୁମକୁ ଅନୁରୋଧ
ଘରେ ଥାଅ ଏଇ କେତେଦିନ
ଶବ ପରେ ଶବ ପଡିଛି
କେତେ ଦେଶ କେହି ଜାଣେନା
ସଂଖ୍ୟା କେଉଁଠି ପହଞ୍ଚେ ଶେଷେ
ଜାଣି କାହିଁକି ଏ ଦେଶେ ସଂଖ୍ୟା ବଢାଅ
ଚାହୁଁଛି ଭାରତ ସବୁ ନାଗରିକ
ଭିତରେ ଯାଅ ।
ଆଜି ସଭିଏଁ
ଦେଶ ପ୍ରେମର ପ୍ରମାଣ ଦିଅ ।

ବେରୁଆଁବାରୀ, ନୟାଗଡ, ଓଡିଶା

# ସଂକଟ ମୋଚନ

(ରାଗ-ଚୋଖି-ବୃତ୍ତେ-ପ୍ରାର୍ଥନା)



ଶମ୍ଭୁନାଥ ଦାସ

ଆହେ ପ୍ରଭୁ ଗଜାନନ ଗଣପତୈଃ ନମୋନମଃ
ସର୍ବାଗ୍ରେ ଦେବ ପୂଜନ ପ୍ରଭୁ ଗଣେଶ,
ଆହେ ପାର୍ବତୀ-ନନ୍ଦନ କର ସଂକଟ ମୋଚନ
କରୋନା ଆକ୍ରାନ୍ତେ ଜନ ମୃତ ଅଶେଷ ।
ତବ ଅଲୌକିକ ଶକ୍ତି ଉଦ୍ଧାରୁ ବିଶ୍ୱା !

ଆହେ ପ୍ରଭୁ ଶନିଦେବ ଅଶେଷ ମହିଁମା ତବ
ବେଦ-ଶାସ୍ତ୍ରରେ ଗୋଚର ହେ ଶନିଶ୍ଚର,
ସଂକଟ ତାରଣ ଦେବ ସକଳ ହୁଏ ସମ୍ଭବ
ସତ୍ୟ ଶାନ୍ତି ଦୟା ଧର୍ମ ତବ ବିଚାର ।
କରୋନା କବଳୁ ଉଦ୍ଧାର,
ବିଶ୍ୱବାସୀଙ୍କ ନିମିତ୍ତ ପ୍ରାର୍ଥନା ମୋର !

ଜୟ ବୀର ହନୁମାନ କୋଟି ଭକ୍ତି ଅର୍ଘ୍ୟ ଘେନ
ହନୁମାନ ଚାଳିଶାରେ ନାହିଁ ମୋ ଜ୍ଞାନ
ସାରା ବିଶ୍ୱରେ ସଂକଟ ଜନଗଣ ଛଟପଟ
କରୋନା ଆକ୍ରାନ୍ତେ ମୃତ ଜନ-ଜୀବନ
ହେଉ ଏ ସଂକଟ ମୋଚନ,
ମିନତି ମୋହର ପ୍ରଭୁ ଶ୍ରୀରାମ ରାଣ !!

ମୁଖ୍ୟ ସଂପାଦକ, "ଅଭିଯାନ",
ବିଶ୍ୱଲକ୍ଷ୍ମୀ ତାଲ୍ ରୋଡ, କୋଲକାତା

# ଅଫେର୍ ଗ୍ରୀଷ୍ମ



ଶମ୍ଭୁନାଥ ସାହୁ

ହେ ଗ୍ରୀଷ୍ମ,
ସତେ କ ତମେ ଅଫେର୍,
ଝାଞ୍ଜି ବତାସ ର ସେଇ ଉତ୍ତପ୍ତ
ପରିବେଶ ପାଇଁ ଯେମିତି ମୁଁ ଲାଳାୟିତ,
ଉତ୍ତର୍ ପବନ ସହିତ ଖଇ ଫୁଟା ତାତି,
ଅନ୍ୟପଟେ ନିର୍ମଳ ଗଗନରେ
ଆଦିତ୍ୟ ର ଚମକ, ପ୍ରତି ବର୍ଷ ଧରି ଯେମିତି
ଦୃଶ୍ୟମାନ ହେଉଥିଲ୍,
ଆଜି କୁଆଡେ ଗଲ୍ ସେହି ଚମକ,
ମୁଁ କଣ ପ୍ରକୃତି ର ମନମୁଗ୍ଧକର ପରିବେଶ,
ସେଇ ବସନ୍ତକୁ ଭଲପାଏ,
ନା ଭଲପାଏ  ସେଇ ଶୀତୁଆ ସକାଳର
ସୁନେଲି କରଣକୁ, ନା ଶରତ ର ଶ୍ବେତ ବସ୍ତ୍ର ଧାରି
ଧରିତ୍ରୀ, କ ଝରି ବର୍ଷା ର ଓଦଳଆ ମାଟି କୁ,
ମୁଁ ତ ଭଲପାଏ ବାର ମାସ ର ଛଅ ଋତୁ କୁ,
ହେଲେ କେମିତି ଭୁଲିଯିବି ଏ ଗ୍ରୀଷ୍ମ କୁ,
କନ୍ତୁ ଲାଗୁଛି, ପ୍ରକୃତି ନଜର ଭାରସାମ୍ୟ ହରାଇଛି,
ହସ୍ତକ୍ଷେପ କରୁଛି କାଦମ୍ବିନୀ ବାରମ୍ବାର,
ଉଭେଇ ଯାଉଛି ରବି ର ଚମକ ବିଜୁଳ ର ସ୍ପର୍ଶ ପାଇ,
ତଥାପି ଅନେଇ ଚାହିଁଛି ତମ ଆଗମନକୁ,
ଫେରିଆସ,
ହେ ଗ୍ରୀଷ୍ମ ପୁଣି ଥରେ ସେଇ ପ୍ରକୃତି କୋଳକୁ
ତମେ ଫେରିଆସ ।।।।।।

ସର୍ବେ, ସମ୍ବଲପୁର

# ଆକ୍ଟ ର ଅତୀତ ଓ ଭବିଷ୍ୟତ



ଆପ୍ତକାମ ମିଶ୍ର

୧୮୫୫ ମସିହା ସୁଦ୍ଧା ସାର୍ବଦେଶୀକ ମହାମାରୀ ପ୍ଲେଗ୍ ସମଗ୍ର ବିଶ୍ୱରେ ନଜର କାୟା ବିସ୍ତାର କରିସାରିଥିଲା । ମହାମାରୀର କେନ୍ଦ୍ରସ୍ଥଳ ଥିଲା ଚୀନର ୟୁହାନ ପ୍ରଦେଶ । ସେ ସମୟରେ ଏହି ମହାମାରୀ ଯୋଗୁଁ ଭାରତ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ଏକ ଅକଳନ ଅନୁଯାୟୀ ପ୍ରାୟ ଏକ କୋଟି ଲୋକ ଏହି ମହାମାରୀରେ ମୃତ୍ୟୁବରଣ କରିଥିଲେ । ଏହି ମହାମାରୀ ୧୯୬୦ ମସିହା ପର୍ଯ୍ୟନ୍ତ ଭାରତରେ ବଞ୍ଚି ରହିଥିବାର ପ୍ରମାଣ ମଧ୍ୟ ଅଛି । ସେ ସମୟରେ ଭାରତ ବ୍ରିଟିଶ ଶାସନ ଅଧିନରେ ଥିଲା । ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବ୍ୟାପୁଥିବା ଏହି ମହାମାରୀକୁ ରୋକିବା ପାଇଁ ତତ୍କାଳୀନ ବ୍ରିଟିଶ୍ ସରକାର ୧୭୯୭ ମସିହା ଫେବୃଆରୀ ୪ ତାରିଖରେ ଏକ ଆଇନ୍ ପ୍ରଣୟନ କଲେ । ଯାହାକି ଏପିଡେମିକ୍ ଡିଜିଜ୍ ଆକ୍ଟ ୧୮୯୭ ଭାବେ ଜଣା ।

ବର୍ତ୍ତମାନ ଏହି ଆଇନ୍ ଟି ଭାରତରେ ପ୍ରଚଳିତ ଥିବା ସମସ୍ତ ଆଇନ୍ ମଧ୍ୟରୁ କ୍ଷୁଦ୍ର ଅଟେ । ଏହି ଆଇନରେ ମାତ୍ର ୪ଟି ଧାରା ରହିଛି । ଆଇନ୍ ର ପ୍ରଥମ ଧାରା ଆଇନ୍ ଏବଂ ଆଇନ୍ ର ପରିସୀମା ସମ୍ବନ୍ଧିତ । ଦ୍ୱିତୀୟ ଧାରା ମହାମାରୀ ସଂକ୍ରମଣକୁ ରୋକିବା ପାଇଁ ସମୋୟଚିତ ପଦକ୍ଷେପ ନେବାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ କ୍ଷମତା ପ୍ରଦାନ କରିଛି । ତୃତୀୟ ଧାରା ଆଇନ୍ ଉଲ୍ଲଙ୍ଘନକାରୀକୁ ଭାରତୀୟ ପିଙ୍ଗଳକୋର୍ଡ ଧାରା ୧୮୮ ଅନୁଯାୟୀ ଦଣ୍ଡିତ କରିବାକୁ କ୍ଷମତା ପ୍ରଦାନ କରିଛି ଓ ଶେଷ ତଥା ଚତୁର୍ଥ ଧାରା ଆଇନ୍ ଅନୁଯାୟୀ କାର୍ଯ୍ୟ କରୁଥିବା ସରକାରୀ ଅଧିକାରୀମାନଙ୍କୁ ଆଇନଗତ ସୁରକ୍ଷା ପ୍ରଦାନ କରିବା ନିମିତ୍ତ ଉଦ୍ଦିଷ୍ଟ ।

ପ୍ରଚଳିତ ଧାରା ୨ ଅନୁଯାୟୀ ଯେତେବେଳେ ରାଜ୍ୟ ସରକାର ଅନୁଭବ କରିବେ ଯେ, ଭୟଙ୍କର ଭାବେ ସଂକ୍ରମିତ ହେଉଥିବା ମହାମାରୀକୁ ପ୍ରତିହତ କରିବା ନିମିତ୍ତ ପ୍ରଚଳିତ ଆଇନ୍ ଯଥେଷ୍ଟ ସହାୟକ ହେଉନାହିଁ, ସେ ସମୟରେ ରାଜ୍ୟ ସରକାର କ୍ଷମତା ବ୍ୟବହାର କରି ବ୍ୟକ୍ତି କିମ୍ବା ବ୍ୟକ୍ତି ସମୂହକୁ ମହାମାରୀ ପରିଚାଳନା ଦାୟିତ୍ୱ ହସ୍ତାନ୍ତର କରିପାରିବେ । ଖାଲି ସେତିକି ନୁହେଁ, ମହାମାରୀ ସଂକ୍ରମଣକୁ ସୁସଂଗଠିତ ଢଙ୍ଗରେ ରୋକିବା ନିମିତ୍ତ ଆବଶ୍ୟକତା ଅନୁଯାୟୀ ଆଇନଗତ ଦ୍ୱନ୍ଦ୍ୱରୁ ଉର୍ଦ୍ଧ୍ୱରେ ରହି ନୂତନ ନିର୍ଦ୍ଦେଶନାମା ଜାରି କରିପାରିବେ ଏବଂ ସର୍ବସାଧାରଣଙ୍କୁ ନୂତନ ନିର୍ଦ୍ଦେଶନାମା ସମ୍ବନ୍ଧରେ ନୋଟିସ୍ ମାଧ୍ୟମରେ ଅବଗତ କରାଇବେ ।

ବ୍ରିଟିଶ ସରକାର ସମୟରେ ଏହି ଧାରାରେ ବ୍ୟାପକ ଅପବ୍ୟବହାର କରାଯାଇଥିଲା ବୋଲି ଐତିହାସିକ ମତ ଦିଅନ୍ତି । କିଛି କ୍ଷମତାପ୍ରାପ୍ତ ଅଧିକାରୀମାନେ ଅପବ୍ୟବହାରରେ ସୀମା ଲଙ୍ଘି ଯାଇଥିଲେ । ମହାମାରୀ ରୋକିବା ନିମିତ୍ତ କ୍ଷମତା ପ୍ରାପ୍ତ ତତ୍କାଳୀନ ବ୍ରିଟିଶ ଅଧିକାରୀମାନେ ମହାମାରି ବ୍ୟାପୁଥିବା ସ୍ଥାନମାନଙ୍କରେ ଥିବା ସମସ୍ତ ଘରବାର ସମ୍ପୂର୍ଣ୍ଣ ଭାଙ୍ଗି ଦେଉଥିଲେ । ବହାନା ଦେଖାଇ ଲୋକଙ୍କ ସ୍ୱଅର୍ଜିତ ସମ୍ପତ୍ତିକୁ ସରକାର ବେଆଇନ୍ ଭାବେ ଦଖଲକୁ ନେଇଯାଉଥିଲେ । ଖାଲି ସେତିକି ନୁହେଁ, ତନଖି ନାମରେ ଉଭୟ ପୁରୁଷ ଓ ମହିଳାଙ୍କୁ ସମ୍ପୂର୍ଣ୍ଣ ଉଲଗ୍ନ କରି ତନଖି କରୁଥିଲେ । ମହିଳାମାନଙ୍କୁ ସମ୍ପୂର୍ଣ୍ଣ ଉଲଗ୍ନ କରି ତନଖି କରିବା ବିରୁଦ୍ଧରେ ଏକ ଜନ ଆନ୍ଦୋଳନ ମଧ୍ୟ ହୋଇଥିଲା । ଫଳରେ ୧୮୯୭ ମସିହାରେ ପ୍ଲେଗ୍ ରୋଗ ସଂକ୍ରାନ୍ତୀୟ ଅନୁସନ୍ଧାନକାରୀ ଦଳର ମୁଖ୍ୟ ୱାଲଟର୍ ଚାର୍ଲସ ରାଣ୍ଡ କୁ ପୁନା ନିବାସୀ ଉଗ୍ର ଜାତୀୟବାଦୀ ନେତା ଚାପେକର ଗୁଳି କରି ହତ୍ୟା କରିଥିଲେ ।

ଦ୍ୱିତୀୟତଃ ମହାମାରୀ ବ୍ୟାପୁଥିବା ସମୟରେ ସ୍ଥଳ ଭାଗରେ ରେଳ କିମ୍ବା ଅନ୍ୟ ଯାନବାହାନ ମାଧ୍ୟମରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ତନଖି କରିବାର ପ୍ରାବଧାନ ଅଛି । ତନଖି ସମୟରେ ତନଖି କରୁଥିବା ସରକାରୀ ଅଧିକାରୀ ଜଣକ ଯଦି ଜାଣିପାରିଲେ ଯେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ମଧ୍ୟରୁ କେହି ମହାମାରୀରେ ପିଡିତ ଅଛନ୍ତି, ତେବେ ତତକ୍ଷଣାତ୍ ଉକ୍ତ ସରକାରୀ ଅଧିକାରୀ ଜଣକ ଯାତ୍ରୀ ସମୂହକୁ ଅଲଗା କରି ଡାକ୍ତରଖାନା କିମ୍ବା ସାମୟିକ ବାସସ୍ଥାନରେ ରଖିବାର ବନ୍ଦୋବସ୍ତ କରିବେ ।

ପ୍ରଚଳିତ ଧାରା ୨(କ), ମହାମାରୀ ରୋକିବା ପାଇଁ କେନ୍ଦ୍ର ସରକାରଙ୍କୁ କ୍ଷମତା ପ୍ରଦାନ କରିଛି । କିନ୍ତୁ ସରକାରଙ୍କ କ୍ଷମତା ଜଳପଥ ମଧ୍ୟରେ ସିମିତ ଥିଲା କାରଣ ସେ ସମୟରେ

ଆନ୍ତଃଦେଶୀୟ ଯାତ୍ରା ମୁଖ୍ୟତଃ ଜଳପଥ ଦେଇ ହେଉଥିଲା । ତେଣୁ ମହାମାରୀ ସମୟରେ ପାଣି ଜାହାଜରେ ଯାତ୍ରା କରୁଥିବା ବ୍ୟକ୍ତି ବିଶେଷଙ୍କ ନିମିତ୍ତ କେନ୍ଦ୍ର ସରକାର ଆବଶ୍ୟକତା ମୁତାବକ ନିୟମାବଳୀ ପ୍ରଣୟନ କରୁଥିଲେ । ପାଣି ଜାହାଜରେ ଯାତ୍ରା କରୁଥିବା ବ୍ୟକ୍ତି ତନଖି ସମୟରେ ଯଦି ମହାମାରୀରେ ପୀଡିତ ହୋଇଥିବା ଜଣା ପଡୁଥିଲେ, ସେ କ୍ଷେତ୍ରରେ କେନ୍ଦ୍ର ସରକାର ପୀଡିତମାନଙ୍କୁ ବନ୍ଦର ମଧ୍ୟରେ ଅଲଗା ଅଲଗା କରି ରଖୁଥିଲେ ।

ଏ ତ ଗଲା ଅତୀତ । କିନ୍ତୁ ୧୧୮ ବର୍ଷର ସେହି ଆଇନ୍ ବର୍ତ୍ତମାନ ମଧ୍ୟ କାର୍ଯ୍ୟକାରୀ ହେଉଛି । ଏକବିଂଶ ଶତାବ୍ଦିରେ ଭାରତ ଉଭୟ ଜୀବାଣୁ ଓ ଭୂତାଣୁବାହିତ ମହାମାରୀର ସମ୍ମୁଖୀନ ହୋଇସାରିଲାଣି । ସଂକ୍ରମଣ ଜନିତ ମହାମାରଇ ଭାରତର ଅର୍ଥନୈତିକ ମେରୁଦଣ୍ଡକୁ ଦୁର୍ବଳ କରିଦେଉଛି । ମହାମାରୀ ସଂକ୍ରମଣକୁ ରୋକିବା ପାଇଁ ଆମକୁ ଏକ ଦୀର୍ଘସୂଚୀ ଯୋଜନା ଓ ଯୋଜନା ଓ ଏକକ ସ୍ୱାସ୍ଥ୍ୟସେବା ଆଇନର ଆବଶ୍ୟକତା ଅଛି ।

ଉତ୍ତମ ସ୍ୱାସ୍ଥ୍ୟ ଓ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା ପ୍ରତ୍ୟେକ ବ୍ୟକ୍ତିର ଏକ ମୌଳିକ ଅଧିକାର । ୧୯୪୮ ମସିହାରେ ସାର୍ବଜନୀନ ମାନବଧିକାର ଘୋଷଣାନାମାରେ ଏହା ସ୍ଥାନ ପାଇସାରିଛି । ଉକ୍ତ ଘୋଷଣାନାମା ଅନୁଯାୟୀ ଏହା ନାଗରିକ ଏକ ଅଧିକାର । ପ୍ରତ୍ୟେକ ରାଷ୍ଟ୍ର ତାର ନାଗରିକମାନଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ବାଧ୍ୟ । ଭାରତରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ କନଜ୍ୟୁମର ଏଜୁକେସନ୍ ଆଣ୍ଡ ରିସୋର୍ସ ସେଣ୍ଟର ବନାମ ୟୁନିଅନ୍ ଅଫ୍ ଇଣ୍ଡିଆ ଓ ଷ୍ଟେଟ୍ ଅଫ୍ ପଞ୍ଜାବ ବନାମ ମହିନ୍ଦର ସିଂ ମାମଲାର ଶୁଣାଣୀ କରି ଏହିପରି ମତରଖିଛନ୍ତି ଯେ, ଭାରତୀୟ ସମ୍ବିଧାନ ଧାରା ୨୧ ଅନୁଯାୟୀ ଯେଭଳି ବଞ୍ଚିବା ନାଗରିକ ଏକ ମୌଳିକ ଅଧିକାର ଠିକ୍ ସେହିପରି ଉତ୍ତମ ସ୍ୱାସ୍ଥ୍ୟ ଓ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା ପାଇବା ମଧ୍ୟ ଏକ ମୌଳିକ ଅଧିକାର । ଅନ୍ୟ ଅର୍ଥରେ କହିବାକୁ ଗଲେ, ଯଦି କୌଣସି ବ୍ୟକ୍ତିର ସ୍ୱାସ୍ଥ୍ୟ ଠିକ୍ ରହିବନାହିଁ ଓ ସେ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବା ପାଇପାରିବ ନାହିଁ, ତେବେ ସେ ବଞ୍ଚିବ କିପରି । ଖାଲି ବଞ୍ଚିବାକୁ ବ୍ୟକ୍ତିର ଏକ ମୌଳିକ ଅଧିକାର ଭାବେ ଘୋଷଣା କଲେ କିଛି ଲାଭ ନାହିଁ । ତେଣୁ ବଞ୍ଚିବାକୁ ହେଲେ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ନିହାତି ଆବଶ୍ୟକ । ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶମତେ ସମ୍ବିଧାନର ୨୧ ଧାରା ଉତ୍ତମ ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟସେବାକୁ ମୌଳିକ ଅଧିକାର ବୋଲି ବିବେଚନା କରୁଥିବା ସମୟରେ, ସମ୍ବିଧାନର ୪୭ ଧାରା କିନ୍ତୁ ପ୍ରତ୍ୟେକ ରାଜ୍ୟ ନିଜ ରାଜ୍ୟବାସୀଙ୍କୁ ପୁଷ୍ଟିକର ଖାଦ୍ୟ ଓ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ପ୍ରାଥମିକତା ଦେବା କର୍ତ୍ତବ୍ୟ ବୋଲି ଅଭିହିତ କରିଛି ।

ଭାରତରେ ଏଭଳି ଏକ ଆଇନ ପ୍ରଣୟନ କରାଯାଇପାରିଲେ ତାହା ୧୯୭୮ ମସିହାରେ ଆଲମା ଆଟା ଘୋଷଣାର ସଠିକ୍ ରୂପାୟନ ବୋଲି ବିବେଚିତ ହୋଇପାରିବ । ସାଉଥ୍ ଆଫ୍ରିକା ସମ୍ବିଧାନ ଏ କ୍ଷେତ୍ରରେ ସମଗ୍ର ବିଶ୍ୱପାଇଁ ଏକ ଉଦାହରଣ । ସାଉଥ୍ ଆଫ୍ରିକା ସମ୍ବିଧାନ ଧାରା ୨୭ ରେ ଏହା ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ, ସ୍ୱାସ୍ଥ୍ୟ, ଖାଦ୍ୟ, ପାନୀୟ, ଜରୁରୀ ସ୍ୱାସ୍ଥ୍ୟ ସେବା ବ୍ୟକ୍ତିର ମୌଳିକ ଅଧିକାର ଅଟେ ।

୧୯୫୫ ଓ ୧୯୮୭ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ଏଭଳି ଏକ ଆଇନ୍ ଆଣିବା ପାଇଁ ପ୍ରୟାସ କରିଥିଲେ । କିନ୍ତୁ ରାଜ୍ୟ ରାଜ୍ୟ ମଧ୍ୟରେ ସହମତି ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ପୁନର୍ବାର କେନ୍ଦ୍ର ସରକାର ୨୦୦୯ ମସିହାର ଏକକ ସ୍ୱାସ୍ଥ୍ୟ ଆଇନ୍ ଟିଠା ପ୍ରସ୍ତୁତ କରି ସଂସଦରେ ଉପସ୍ଥାପନ କରିବାର ପ୍ରୟାସ କରିଥିଲେ । କିନ୍ତୁ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଶୀତଳଭଣ୍ଡାରରେ ପଡି ରହିଛି ।

ଏକକ ସ୍ୱାସ୍ଥ୍ୟ ଆଇନ୍ ସମ୍ବନ୍ଧରେ ଆଲୋଚନା ବେଳେ ଉକ୍ତ ଆଇନ୍ ର ରୂପରେଖ କିଭଳି ହେଲେ ଭଲ ହେବ ସେ ସମ୍ବନ୍ଧରେ ସମ୍ୟକ ଧାରଣା ରହିବା ନିହାତି ଆବଶ୍ୟକ । ପ୍ରଚଳିତ ଏପିଡେମିକ୍ ଡିଜିଜ୍ ଆକ୍ଟରେ ସମୟ ସମୟରେ ସୃଷ୍ଟି ହେଉଥିବା ଜିବାଣୁ ଓ ଭୂତାଣୁବାହିତ ଭିନ୍ନ ପ୍ରକାର ରୋଗ ସଂକ୍ରମଣକୁ ସୁସଙ୍ଗଠିତ ଢଙ୍ଗରେ ରୋକିବା ନିମିତ୍ତ ନିର୍ଦ୍ଦିଷ୍ଟ ପ୍ରାବଧାନ ନାହିଁ । ତେଣୁ ମହାମାରୀ ସମୟରେ ସଂକ୍ରମଣକୁ ରୋକିବା ନିମିତ ନିର୍ଦ୍ଦିଷ୍ଟ ପ୍ରାବଧାନ ନାହିଁ । ତେଣୁ ମହାମାରୀ ସମୟରେ ସଂକ୍ରମଣକୁ ରୋକିବା ନିମିତ ବାଧ୍ୟ ହୋଇ ସରକାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଇନଗତ ଦ୍ୱନ୍ଦ୍ୱରୁ ଊର୍ଦ୍ଧ୍ୱରେ ରହି ଭିନ୍ନ ଭିନ୍ନ ଆଇନ୍ ର ସହାୟତା ନେଇ ପ୍ରଶାସନିକ ନିର୍ଦ୍ଦେଶନାମା ଜାରି କରୁଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆଇନ୍ ଓ ପ୍ରଶାସନିକ ନିର୍ଦ୍ଦେଶନାମାରେ ଆଇନଗତ ଫରକ ବହୁତ ଅଧିକ । ଅର୍ଥାତ ଆଇନ୍ ସବୁବେଳେ ପ୍ରଶାସନିକ ନିର୍ଦ୍ଦେଶାବଳୀରୁ ଊର୍ଦ୍ଧ୍ୱରେ ।

ତେଣୁ ଆମ୍ଭେ ଯେଉଁ ଏକକ ସ୍ୱାସ୍ଥ୍ୟ ଆଇନ୍ ସମ୍ବନ୍ଧରେ ଆଲୋଚନା କରୁଛେ ସେଥିରେ ସମସ୍ତ ତଥ୍ୟ ବିସ୍ତୃ ତ ଭାବେ ରହିବା ଦରକାର ଯାହାକି ଆଇନ୍ କୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ଦିଗରେ ସହାୟକ ହେବ । ମହାମାରୀ ସଂକ୍ରମଣ ସବୁଆଡେ ବ୍ୟାପେ ଏବଂ ଏହାର କୌଣସି ସୀମା ନାହିଁ । ଏହା ଆଗରେ ସମସ୍ତେ ସମାନ । ତେଣୁ ଏଭଳି ଆଇନ୍ ତିଆରି କରିବାକୁ ହେଲେ ଆମକୁ ଡାକ୍ତର, ବୁଦ୍ଧିଜିବି, ବ୍ୟବସାୟୀ, ସମ୍ବାଦପତ୍ର, ସାମାଜିକ ଅନୁଷ୍ଠାନ, ଗୋଷ୍ଠୀ ସମୂହଙ୍କ ମତାମତକୁ ବିଚାରକୁ ନେବାକୁ ହେବ । କାରଣ

ମହାମାରୀ ବ୍ୟାପିବା ଓ ନିୟନ୍ତ୍ରଣ କରିବାରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ ପ୍ରତ୍ୟେକଦିନ ଆମକୁ ଅପେକ୍ଷା କରିବାକୁ ପଡୁଛି କରୋନା ମହାମାରୀ ସମ୍ବନ୍ଧରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର କଣ ନୂତନ ନିର୍ଦ୍ଦେଶନାମା ଜାରି କରିବେ । ଏହା କାହିଁକି କରିବାକୁ ପଡୁଛି? ପ୍ରଚଳିତ ଆଇନରେ:-

୧. ମହାମାରୀର ସଂଜ୍ଞା ନିରୂପିତ ହୋଇନାହିଁ ।

୨. ଆଇନରେ ସରକାରଙ୍କୁ କ୍ଷମତା ଦିଆଯାଇଛି ସତ କିନ୍ତୁ ବ୍ୟକ୍ତି ଅଧିକାର ସମ୍ବନ୍ଧରେ କିଛି କୁହାଯାଇ ନାହିଁ ।

୩. ସରକାରଙ୍କର ବିଭିନ୍ନ ବିଭାଗ ଅଛି ସତ କିନ୍ତୁ ମହାମାରୀ ସମୟରେ କେଉଁ ବିଭାଗରେ କାର୍ଯ୍ୟ କଣ ତାହା ନିର୍ଦ୍ଦେଷ୍ଟ ଭାବେ ଉଲ୍ଲେଖ କରାଯାଇନାହିଁ ।

୪. ସରକାରଙ୍କର ବହୁତ ଅଧିକାରୀ ଅଛନ୍ତି, କିନ୍ତୁ ମହାମାରୀ ସମୟରେ କେଉଁ ଅଧିକାରୀଙ୍କ କାର୍ଯ୍ୟ କଣତାହା ମଧ୍ୟ ଦର୍ଶାଯାଇ ନାହିଁ ।

୫. ମହାମାରୀ ବ୍ୟାପିବାକୁ ରୋକିବା ପାଇଁ ସଂଘରୋଧ ଏକ ପ୍ରତିଷେଧକମୂଳକ ଚିକିତ୍ସା ବ୍ୟବସ୍ଥା । ଏହି ଚିକିତ୍ସା ଆଇନସିଦ୍ଧ ଅଟେ । ୧୯୯୦ ମସିହାରେ ବମ୍ବେ ହାଇକୋର୍ଟ ଏହି ଚିକିତ୍ସା ସପକ୍ଷରେ ମତ ରଖିଯାଇଛନ୍ତି । ଏହି ଚିକିତ୍ସା ସମୟରେ ବ୍ୟକ୍ତିର ଅର୍ଥନୈତିକ ଓ ସାମାଜିକ ସ୍ୱାଧୀନତା ହ୍ରାସ ପାଏ । ତେଣୁ ଏ କ୍ଷେତ୍ରରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର ଏ ସମ୍ବନ୍ଧରେ କିଛି କୁହାଯାଇ ନାହିଁ ।

୬. ବ୍ରିଟିଶ ଶାସନ ସମୟରେ ଭାରତ ବାହାରକୁ ଯିବାକୁ ହେଲେ ଲୋକମାନେ ଜଳପଥ ବ୍ୟବହାର କରୁଥିଲେ । ଭାରତ ଭିତରେ ମଧ୍ୟ ଗମନାଗମନ ପାଇଁ ଜଳପଥର ବ୍ୟାପକ ବ୍ୟବହାର କରାଯାଉଥିଲା । ତେଣୁ ପ୍ରଚଳିତ ଆଇନ୍ ରେ କେନ୍ଦ୍ର ସରକାରଙ୍କର କ୍ଷମତା କେବଳ ବନ୍ଦର ଅଞ୍ଚଳ ମଧ୍ୟରେ ସୀମିତ ବୋଲି ଲେଖା ଅଛି । କିନ୍ତୁ ବର୍ତ୍ତମାନ ସ୍ଥିତି ବଦଳି ଯାଇଛି । ଗମନାଗମନର ମାଧ୍ୟମ ବହୁବିଧ ହୋଇଯାଇଛି । ଗମନାଗମନ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ପ୍ରମୁଖ ଭାଗିଦାର । ତେଣୁ ମହାମାରୀ ବ୍ୟାପିବା ସମୟରେ ଗମନାଗମନକୁ କିଭଳି ସୂଚୀରୁ ଭାବେ ନିୟନ୍ତ୍ରଣ କରାଯାଇପାରିବ ସେ ସମ୍ବନ୍ଧରେ କିଛି ଲେଖା ନାହିଁ ।

୭. ମହାମାରୀ ସମୟରେ ଲୋକଙ୍କୁ କଉଳ ସଂକ୍ରମଣ ସ୍ଥାନରୁ ସ୍ଥାନାନ୍ତରଣ କରାଯିବ, ସଂକ୍ରମିତ ସ୍ଥାନରେ କଉଳ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପହଁଚିବ, ଜନସାଧାରଣଙ୍କର ମୌଳିକ ଅଧିକାର କେଉଁ ପରିସ୍ଥିତିରେ ନିୟନ୍ତ୍ରଣ କରାଯିବ ଆଦି ବିଷୟରେ ବିସ୍ତୃତ ଭାବେ ଉଲ୍ଲେଖ ନାହିଁ ।

ତେଣୁ ଏ ସମସ୍ତ ବିଷୟକୁ ଦୃଷ୍ଟିରେ ରଖି ବର୍ତ୍ତମାନର ଅନୁଭବକୁ ପାଥେୟ କରି ଏକକ ସ୍ୱାସ୍ଥ୍ୟ ଆଇନର ଆବଶ୍ୟକତା ଅନୁଭୂତ ହେଉଛି ।

ଆଇନଜୀବୀ
ଓଡିଶା ହାଇକୋର୍ଟ
କଟକ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# କରୋନା ଆବଦ୍ଧ ପରିସୀମା



ଇତିଶ୍ରୀ ମହାରଣା

ଗୃହବନ୍ଦୀରେ ଆବଦ୍ଧ ହୋଇଛି,
ଶତ ଶତ ମାନବ ଜାତି,
ସଂକ୍ରମଣତାର ବିଭୀଷିକା ଭୟେ,
ପରିବର୍ତ୍ତିତ ଆଜି ସବୁ ଦେଶ ନୀତି ।

ପ୍ରଧାନମନ୍ତ୍ରୀଙ୍କ ନୂଆନୂଆ ନୀତି,
ବଢୁଛି ମନରେ ତାତି,
ଏ ତ ରାଜନୀତିର ରୀତିନୀତି,
କେବେ ଶବ୍ଦ ପ୍ରଦୂଷଣ,
କେବେ ଦୀପ ପ୍ରଜ୍ଜ୍ୱଳନ,
କେବେ ଦିଅନ୍ତି ନୂତନ ଭେଟି |

କରୋନାର ଭୟେ ସବୁ ମର୍ମାହତ,
ଭବିଷ୍ୟତ ଦିଶେ ଆଜି ଅନ୍ଧାର
କିଏ ଦେଶ ମଧ୍ୟେ, କିଏ ଦେଶ ପ୍ରାନ୍ତେ,
କିଏ ବିଦେଶେ ଥାଇ କରେ ଚିତ୍କାର ।

ଅନ୍ତରର ବହ୍ନି, କରୁଣର ଧ୍ୱନି,
ଶୁଣାଯାଏ ପ୍ରତି ମୂହୁର୍ତ୍ତ,
କେବେ ଥାଏ ପାଞ୍ଚ, କେବେ ହୁଏ ଦଶ,
ମୃତ୍ୟୁସଂଖ୍ୟା କ୍ଷଣେ କ୍ଷଣେ ଏଠି ପରିବର୍ତ୍ତିତ ।

ସହର, ବଜାର, ରାସ୍ତାଘାଟ ସବୁ,
ସାଜିଛି ମରୀଚିକାର ଭୂମି,
ଗାଁ ଦାଣ୍ଡ ଆଜି ନଛାଟିଆ ଲାଗେ
ବିପଦ ସାଜିଛି ପାଣି, ପବନ, ଧରା ଭୂଇଁ ।

ଗରିବ ଲୋକର ପେଟ କିଏ ବୁଝେ,
କିଏ ବୁଝେ ତା ମନ ବେଦନା,
ଦିନ, ମାସ, ବର୍ଷ ସବୁ ଏକା ଲାଗେ,
ପୁଣି କରୋନା ଆଣିଛେ ଅନେକ ଯାତନା ।

ଦିନ ମଜୁରିଆ ଘରେ କାଟେ ଦିନ,
ମିଳେ ଓଳିଏର ଭାତ,
ଦିନ ଲାଗେ ମାସ,
ମାସ ଲାଗେ ବର୍ଷ,
ମନେ ଲାଗେ ଅବଶୋଷ
ମନେ ଲାଗେ ଅବଶୋଷ ।

ରୋଜଗାର ବିନା ଦିନ ଲାଗେ ରାତି,
ସବୁ କାରଣେ କରୋନା ପରିସ୍ଥିତି,
ଜଳୁ ନାହିଁ ଚୁଲି,
ଦିନ ଯାଏ ଚାଲି,
ଉପବାସେ କାଟେ ରାତ୍ର,
ମିଳୁନାହିଁ ମୁଠାଏ ଭାତ,
ମହାମାରୀ ପ୍ରଦୁର୍ଭାବରେ ଖଟିଖିଆ ସବୁ,
ବେଦନାରେ ମର୍ମାହତ ।

ପ୍ରକୃତି ହସୁଛି ମଣିଷକୁ ଦେଖି,
ପଚାରୁଛି ଆଜି ତାର ସ୍ଥାନ,
ଟଙ୍କାର ମଣିଷ ଘରେ ବସି ଆଜି,
କଳନା କରୁଛି ନିଜର ମାନ,
ପ୍ରକୃତିର ଶକ୍ତି ଦର୍ଶାଇ ଦେଇଛି,
ଅଦୃଶ୍ୟ ମହାମାରୀ ପ୍ରଭାବର ସୀମା,
ମନୁଷ୍ୟ ଠୁଁ ଉର୍ଦ୍ଧ୍ୱେ ସମ୍ମାନ ପାଇଛି,
ଶୁଣାଯାଏ ପ୍ରକୃତିର ଗାରିମା ।

ଭାଇ, ବନ୍ଧୁ ଠାରୁ ଦୂରରେ ଥାଏ ଆଜି,
ବୁଝିପାରନ୍ତି ଦେଶର ପରିସ୍ଥିତି,
କରୋନା ଅବଦ୍ଧ ପରିସୀମା ଆଜି,
ସାଜିଛି ଦେଶବାସୀଙ୍କର ପାଇଁ ଏକତାର ଦୃଢ ଚୁକ୍ତି ।

ଏମ୍.ଏ, ଇଂରାଜୀ ସାହିତ୍ୟ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

# ମା



ମୋନାଲିସା ସାହୁ

ଶୁଭ୍ର ତା'ର ଏଇ ଦିନରେ
ଜ୍ୟୋସ୍ନାଭରା ଏଇ ରାତିରେ,
କୋଟି ପୁଲକତ ଢାଳେରେ,
ମୋ ମା ।।
କୋଟି ହାତଶିଆ ମନରେ
ନବ ଜାଗରଣ ଆଣେ ରେ,
ଏଇ ମା ଅଟେ ଦେବୀ ରେ ।।
ଦରଦି ଆମର ଓଠ ରେ
ହସର କରଣ ଢାଳେ ରେ,
ଭୋକଲା ପେଟର ଭୋକକୁ
କଣିକା ଦେଇ ସେ ଭରେରେ,
ଏଇ ମା ଅଟେ ଦେବୀ ରେ ।।
ନରୀହ ଆଖିର ଲୁହ କୁ
ନଜ ପଣତରେ ପୋଛେରେ,
କରୁଣା ଭରା ତା' ହୃଦୟେ
ନାନା ଫୁଲ ଫଳ ଫୁଟେରେ,
ଏଇ ମା ଅଟେ ଦେବୀ ରେ ।।

ବିରକ୍ତ ଭରା ଏ ଜୀବନେ
ଖୁସିର ଜୁଆର ଆଣେରେ,
ତିଳ ତିଳ ହୋଇ ଜଳରେ
ଆମକୁ ଅଲୋକ ଦିଏ ରେ,
ଏଇ ମା ଅଟେ ଦେବୀ ରେ ।।
ଭୋକ ଉପବାସେ ଥାଇରେ
ଉଦର ଆମର ଭରେରେ,
ଭ୍ରାତୃତ୍ୱର ପାଠ ପଢାଇ
ଶାନ୍ତି ମୈତ୍ରି ପ୍ରୀତି ଆଣେରେ,
ଏଇ ମା ଅଟେ ଦେବୀରେ ।।
ପୂଜା କର ତା'ର ଚରଣେ
ଜଗତୁ ହୋଇବ ପାରିରେ,
ଏଇ ମା ଅଟେ ଦେବୀରେ ।।

ବେଗୁନଆ, ହରିପୁର, ବାଲେଶ୍ୱର

# ଭିଜା ପଣତ



ମିନତୀ ଦାସ

ଆଶଙ୍କିତ ମନ ଅହେତୁକ ଭୀତି
ଲୁହ ଭିଜା ପଣତରେ ।
ବାଧକା ସନ୍ତାନ ବକ୍ଷେ ଧରି ମା
ଆୟୁଷ କାମନା କରେ ॥
ମ୍ରିୟମାଣ ମହୀ ମୂର୍ମୁଷୁ କ୍ଷଣରେ
ମାତୃହୃଦ ବିଳାପିତ ।
ବସୁନ୍ଧର୍ କାନ୍ଦେ ଉଜୁଡେ ମମତା
ଅବଳା କାନ୍ଦପଣତ ॥
ପରମେଶ୍ୱରଙ୍କ ପଦେ ନଉଛାଳ
ଦୁର୍ଦ୍ଦିନ ଦିଅ ହଟାଇ ।
ଅନ୍ତରରେ ଦମ୍ଭ ଭରିଣ ସାହସ
ସମରେ ଦିଅ ଜିତାଇ ॥

ମନର ତୃଣିର ପରିପୂର୍ଣ୍ଣ ହେଉ
ଶକ୍ତି ଓ ବିଶ୍ୱାସ ତୀରେ ।
ଘୋର କଷଣରୁ ମୁକ୍ତି ଦିଅ ପ୍ରଭୁ
ଧରିତ୍ରୀ ଗୁହାରୀ କରେ ॥
କରିଦିଅ ନାହିଁ ଜଗଦୀଶ୍ୱର ହେ
ଜନଶୂନ୍ୟ ବସୁମତୀ ।
ମମତା ମୂଳର ମାନ ରଖ ବାରେ
ଖଣ୍ଡନ କର ବିପତ୍ତି ॥
କେତେ ବା ସହିବି ଆର୍ତ୍ତନାଦ ଆଉ
କରେ କାନ୍ଦ ପ୍ରସାରିତ ।
ଆରୋଗ୍ୟ ଆୟୁଷ ଆତ୍ମବଳ ସହ
ଭର ହେ ଭିଜାପଣତ ॥

# କଛି ସୁନ୍ଦରବନରେ ଯାତ୍ରା



ଅଶୋକ ବିଶ୍ୱାଳ

## ସୁନ୍ଦରବନରେ ଯାତ୍ରା-୯

ବୋଟ ଆଗକୁ ଗ୍ଭଲିଲା । ନଳୟ ପଛକୁ ଫେରି ଅନାଇଲା । ହୁଏତ ମଦନଟାକ ବାହାରକୁ ଆସିଥିବ । କିନ୍ତୁ ସେ ଆସିନଥିଲା । ବଡ ବଗଟି ପାଣି ଉପରର ଡାଳରେ ବସି ଏକ ଧ୍ୟାନରେ ବୋହିଯାଉଥିବା ପାଣିକୁ ଅନାଇଥିଲା । ତା'ର ଧଳା ପ୍ରତିଛବି ପାଣିରେ ନାଚୁଥିଲା। ଏକ ଛୋଟ ପକ୍ଷୀ ପ୍ରାୟ ପାଣିକୁ ଲାଗି ଉଡୁଥିଲା । ଏଇ ଛୋଟ ଛୋଟ ଢେଉକୁ ଛୁଇଁ ଯିବାକୁ ଆଉ ।

ବୋଟ ଆଉଟିକେ ଆଗକୁ ଗ୍ଭଲିଗଲା । ସେପଟେ କିଛି ଦୂରରେ ଖୋଲା ସମୁଦ୍ର ଥିଲା ଭଳି ଲାଗୁଥିଲା । ଆଗକୁ କିଛି ଦେଖାଯାଉନ । ଖାଲି ପାଣି । ଏତେ ଦୂରରେ ସମୁଦ୍ରର ପାଖାପାଖି ଅଞ୍ଚଳରେ ମଧ ଗଛଗୁଡା କିଛି ଅଂଶରେ ପାଣିରେ ବୁଡିରହିଥିଲା । କାଦୁଆ ମାଟି । ଏପର୍ଯ୍ୟନ୍ତ ସମୁଦ୍ରକୂଳର ବାଲି ଦେଖା ନଥିଲା । ସମୁଦ୍ର ବୋଧହୁଏ କିଛି ଦୂରରେ । ସେପଟ କୂଳରେ କିଛି ଖାଲି ଜମି । ପାଣି ଉପରୁ ଅଳ୍ପ ଉଠି ଆସିଛି । ସେଥିରେ ଘାସ ଭରିଯାଇଥିଲା । ଅଳ୍ପ ଖରା । ଲୁଣା ଜଙ୍ଗଲ ବେଶ ଚମକୁଥିଲା । ଲୁଣା ଜଙ୍ଗଲ ସବୁବେଳେ ସବୁଜ । ଛୋଟ ନଦୀର ଭିତରେ, ପାଣି ଧାରରେ ଢେଉ ପ୍ରାୟ ନଥିଲା । ଖୋଲା ସମୁଦ୍ରରେ ପାଣି ସବୁବେଳେ ନାଚୁଥାଏ ।

"ଆଉ ଏକ ମଦନଟାକ ।"– ତପନ ପାଟିକରି ଉଠିଲା ।

ଏକ ବିଶାଳ ପକ୍ଷୀ ଘାସ ପଡିଆ ଭିତରେ ଚରୁଥିଲା । ଘାସ ପଡିଆ ଭିତରେ ଏକ ଥୁଣ୍ଟା ଗଛ । ଅନ୍ୟଥା ଯାଗାଟା ଖାଲି । ଏକ ବଡ ଶୁଖିଲା ଡାଳ ଗଛର ମଝିରୁ ଭାଙ୍ଗି ବହୁତ ବଡ ପକ୍ଷୀ ପାଖରେ ପଡିଥିଲା । ପକ୍ଷୀଟାର ସେମିତି କଳା ପାଉଁଶିଆ ପିଠି । ମୋଟା ହଳଦିଆ

ଥଣ୍ଟ । ପକ୍ଷୀଟି ବୋଟକୁ ପାଖରେ ଦେଖି ସାବଧାନରେ ଠିଆ ହୋଇଗଲା ।

“ଆରେ ଗୋଟାଏ ନୁହଁ । ଦୁଇଟା ପକ୍ଷୀ ।”- କୌଶିକ ପାଟିକରି ଉଠିଲା ।

ଦୁଇଟା ମଦନଟାକ ପାଖାପାଖି ଠିଆ ହୋଇଥିଲେ । ଦ୍ୱିତୀୟ ପକ୍ଷୀଟି ବଡ ଘାସ ଗହଳରେ ଅଳ୍ପ ଦେଖାଯାଉଥିଲା । ବୋଟ ବୁଲିଗଲାରୁ ଉଭୟ ପକ୍ଷୀ ଭଲଭାବେ ଦେଖାଗଲେ । ପକ୍ଷୀଦୁଇଟି ୫-୬ ଫୁଟ ଅନ୍ତରରେ ମାଟିରେ ଠିଆ ହୋଇଥିଲେ । ଦୁଇଙ୍କର ମୁହଁ ଯେମିତି ଯୋଖାଯୋଖି ହୋଇଥିଲା । ଲାଗୁଥିଲା ଯେମିତି ସେମାନେ ଖୋଲା ପଡିଆରେ ଠିଆହୋଇ ଗପ କରୁଛନ୍ତି । ଏ ପକ୍ଷୀଗୁଡିକ ସାଧାରଣତଃ ଏକୁଟିଆ ବୁଲନ୍ତି ।

“ପକ୍ଷୀମାନେ ତାହେଲେ ଗପ କରନ୍ତି ।”- କୌଶିକ କହିଲା ।

“ପକ୍ଷୀବୋଲି ତା’ର କଣ ଜୀବନ ନାହିଁ । ତା’ର ମଧ୍ୟ ସାଙ୍ଗର ଦରକାର ଅଛି । ଦୁହେଁ ଏତେ ଦିନପରେ ଦେଖା ହେଲାପରେ ସାଙ୍ଗ ହୋଇ ଟିକେ ଖୁସି ଗପ କରୁଛନ୍ତି ।”- ବଳୟ କହିଲା ।

ପାଓଲି ସେ ଦୁଇ ପକ୍ଷୀଙ୍କୁ ଅନାଉଥିଲେ । ସେମାନେ ଯେମିତି ପାଖାପାଖି ଠିଆ ହୋଇଥିଲେ ଯିଏ କେହି ଦେଖିଲେ ଭାବନ୍ତା ଯେ ଦୁହେଁ ଖୁସିଗପ କରୁଛନ୍ତି । ଜଣେ ଜଣଙ୍କୁ ଯେମିତି ଅନାଇ ଠିଆ ହୋଇଛି ।

ବୋଟ ପାଖେଇ ଆସିବା ଦେଖି ଦ୍ୱିତୀୟ ପକ୍ଷୀଟି ହଜର ବିଶାଳ ଡେଣା ଖୋଲି ଉଡିଗଲା । ଏ ଡେଣାଖୋଲା ପକ୍ଷୀକୁ ଦେଖିଲେ କଏ ବି ଏହାକୁ ଦୈତ୍ୟପକ୍ଷୀ କହିବ । ଅତି ବିଶାଳ ପକ୍ଷୀ । ଡେଣା ଖୋଲିଗଲା ପରେ ପକ୍ଷୀଟିର ଚଉଡା ବହୁତ ବଢିଗଲା । ୬-୭ ଫୁଟରୁ କିଛି କମ ଲାଗୁନଥିଲା । ଲାଗୁଥିଲା ଯେମିତି ବଡ ବଡ ପକ୍ଷିଆ କଏ ଯେମିତି ବିଶାଳ ଶରୀରରେ ଖଞ୍ଜି ଦେଇଛି ।

“ଏମିତିଆ ପକ୍ଷୀକୁ ଏକା ଦେଖିଲେ ଭେଟଣା ହେବା କଥା ।”- କୌଶିକ କହିଲା । ଏମିତିଆ ପକ୍ଷୀ ଯଦି ଏକାକୀ ମଣିଷକୁ ଆକ୍ରମଣ କରିବ ତେବେ ମଣିଷ ବଞ୍ଚିବା କଷ୍ଟ । ବିଶାଳ ଥଣ୍ଟରେ ଖୁମ୍ପି ଦେଇଯିବ । କଏ ଜାଣେ ଏ ପକ୍ଷୀ ମଣିଷକୁ ଆକ୍ରମଣ କରେ କି ନାହିଁ ?

ଆଉ ପକ୍ଷୀଟି ଅନେକ ସମୟ ଏପଟ ସେପଟ ହେଲା । ସେ ଟିକେ ଗ୍ଭଲିଲା । କିନ୍ତୁ ବେଶି ସମୟ ଏକଯାଗାରେ ରହିପାରିଲା ନାହିଁ । ବୋଟ ଦୂରକୁ ଗ୍ଭଲିଯାଉ ନଥିବାରୁ ତା'କୁ ବ୍ୟସ୍ତ ଲାଗୁଥିଲା । କିଛି ସମୟ ଏପଟ ସେପଟ ଗ୍ଭଲିବାପରେ ତା'ର ବିଶାଳ ଡେଣାଟା ଖୋଲିଗଲା। ସେ ଆଉପକ୍ଷୀ ଉଡିଯାଇଥିବା ଦିଗକୁ ପ୍ରଥମେ ଉଡିଲା । ତାପରେ ଦିଗ ପରିବର୍ତ୍ତନ କରି ଖୋଲା ଦେଖାଯାଉଥିବା ଜଙ୍ଗଲ ଆଡକୁ ଉଡିଗଲା ।

ଖୋଲା ସମୁଦ୍ର ଆଉ ଟିକକ ଦୂରରେ । ବାଙ୍କ ପରେ ପବନର ଗତି ବଢିଯାଉଥିଲା । ଆକାଶରେ ମେଘ ନାହିଁ । ଗ୍ଭରିଆଡୁ କୁହୁଡି ପୁରା ଛାଡିନ । ତଥାପି ପବନଟା ବେଶ ଜଣାପଡୁଥିଲା । ପାଣି କେଉଁଠି ସବୁଜିଆ ଆଉ କେଉଁଠି ବେଶ ମାଟିଆ ଲାଗୁଥିଲା । ଖୋଲା ସମୁଦ୍ରରୁ ପାଣି ଆସି ଶେଷ ଦ୍ୱୀପର ମାଟିଆ କୂଳରେ ଜୋରରେ ମାଡ ହେଉଥିଲା । କୂଳ ଖାଇ ଯାଉଛି । ଅନେକ ଗଛ ଉପୁଡି ପଡିଲାଣି । କିଛି ଗଛ ଶୁଖିଗଲାଣି । ଦ୍ୱୀପର ଆଗରେ ବେଶ ଲମ୍ବା ମାଟି ଚଟାଣ । ବଡ ଜୁଆର ମାଡରେ ଦ୍ୱୀପର ମାଟି ଖାଇଯାଇ ଏକ ବଡ ଚଟାଣ ତିଆରି ହୋଇଯାଇଛି । ଧିରେ ଧିରେ ଦ୍ୱୀପର ବେଶ କିଛି ଅଂଶ ଜୁଆର ମାଡରେ ଧୋଇ ହୋଇଯିବ । ଦ୍ୱୀପରେ ପତଳା ଧଳାଗଛ ଗୁଡିଏ ସିଧାହୋଇ ଠିଆ ହୋଇଥିଲା ।

ଧଳା ଲମ୍ବା ବଗଟିଏ କେଉଁଠୁ ଉଡିଆସିଲା । ବେଶ ପତଳା ଲମ୍ବା ବେକ । ବଗ ଆସି ଏକଦମ ପାଣି ଧାରରେ ଠିଆ ହୋଇଗଲା । ସେଇଠୁ ମାଛ ଧରିବ । ଜଙ୍ଗଲରେ ଆଉ କିଛି ଜୀବନ ଥିଲାଭଳି ଜଣା ପଡୁଥିଲା । ଯାହା କିଛି ଅଛି ତା' ଜଙ୍ଗଲ ପଛରେ କେଉଁଠି ଲୁଚି ରହିଛି ।

"ବୋଟ ଆଉ ଆଗକୁ ଯାଇପାରିବନି ।"– ଗାୟନବାବୁ କହିଲେ । ବୁଢା ଲୋକଙ୍କର ସାହାସ ଜଲଦି ଦ୍ୱୀପର କୂଳ ଖାଇଲାଭଳି ସରିଯାଏ । ଲହଡି କ୍ଷୟ ହେଉଥିବା କୂଳ ଭଳି ତାଙ୍କର ଆଉ ଟିକଏ ସାହାସ ବଞ୍ଚିଥିଲା ଭଳି ଜଣାପଡୁନଥିଲା । ନହେଲେ ଏତେ ଜଲଦି ଏକଥା କହି ନଥାନ୍ତେ ।

"ଆଉ ଟିକେ ଆଗକୁ ଗଲେ ଭଲ ହୁଅନ୍ତ ।"-ଦଳୟ କହିଲା ।

ଠିକ ଯେ । ମାଟି କାଦୁଅର ଚଡାଗୁଡା ସ୍ପଷ୍ଟ ଜଣା ପଡିଲାଣି । ଭଟ୍ଟାର ସମୟ । ଜୁଆର ହୋଇଥିଲେ କିଛି ଚେଷ୍ଟା କରାଯାଇପାରନ୍ତା ।

ଏ ଭିତରେ ଖଲାସୀ ଟୋକା କେତେବେଳେ ଆଗରେ ଠିଆ ହୋଇଯାଇଛି । ତା' ହାତରେ ଛୋଟ ଲଙ୍ଗର । ସେଥିରେ ଅଳ୍ପ ଦଉଡି ଲାଗିଛି । ସେ ଛୋଟ ଲଙ୍ଗରକୁ ତଳକୁ ଛାଡିଦେଲା । ପ୍ରାୟ ୧୦ ଫୁଟ ପାଣି । ବୋଟ ଟିକଏ ଆଗକୁ ଯାଇପାରିବ ।

ବୋଟ କିନ୍ତୁ ବେଶି ଆଗକୁ ଯାଇ ପାରିଲାନି । ଖଲାସୀ ଟୋକା ହାତରେ ବାଉଁଶର କାତ ନେଲା । ତଳେ କାତ ଲାଗିଲାଣି । ବୋଟ ଆଗକୁ ଯିବା ଠିକ ହେବନାହିଁ । ଗୌତମ ମୁଣ୍ଡ ଟୁଙ୍ଗାରିଲା ଆଉ ହୁଇଲକୁ ଜୋରରେ ବୁଲାଇଦେଲା । ବୋଟର ଦିଗ ବଦଳଗଲା ।

ଏତେ ପାଣିଦେଖି ସବୁବେଳେ ଗୌତମକୁ ବୁଲି ପଡୁଥିବାର ଦେଖି ନିଳୟକୁ ଟିକଏ ହସ ଲାଗୁଥିଲା । ପାଣି କାତର ଶେଷ ଆଡକୁ ହେଉଛି । ଛଅ ଫୁଟରୁ ଅଧିକ ପାଣି । ଚାରି ଫୁଟରେ ବୋଟ ଚାଲିବ । ଡରପୋକ ଲୋକଟା ନା କଣ? ଟିକଏ କଥାରେ ଛାନିଆ ହେଉଛି। ସେ ନିଜ ମନରେ ତା'ର ଡରୁଆ ଆଉ ଛାନିଆ ରୂପ ଦେଖି ହସିଦେଲା । ନିଳୟ ଗୌତମ ପାଖରେ ଠିଆ ହୋଇଥିଲା । ତପନ ନିଳୟକୁ ଭରାଦେଇ ଗୌତମର ହୁଇଲକୁ ଅନାଇଥିଲା । ପଛପଟ ଖଟରେ ଗାୟନବାବୁ ଚକା ପକାଇ ବସି ଯାଇଥିଲେ । ରାତିରେ ସେଇଠି ମାଝି ବିଶ୍ରାମ କରେ । ଦିନରେ ଅନ୍ୟମାନେ କଥା କହୁକହୁ ସେଇଠି ବସି ଯାଆନ୍ତି।

"ଆମ ବୋଟଟା ସେଇଠୁ ଫେରି ଆସିଲା । କଣ କହୁଛନ୍ତି ଗାୟନବାବୁ ।"– ଏତିକି କହି ନିଳୟ ଟିକେ ହସିଦେଲା । ଗାୟନବାବୁ ମଧ୍ୟ ଟିକେ ହସିଦେଲେ । ସେ ପାଣିକଥା ଭଲକରି ଜାଣନ୍ତି ।

କିନ୍ତୁ ଗୌତମ ମଧ୍ୟ ଟିକେ ହସିଲା । କିଛି ନାହିଁ । ତା'କୁ ଟିକଏ ମାଡି ପଡୁଥିଲା । ଗାୟନବାବୁ କିଛି ଏ ପର୍ଯ୍ୟନ୍ତ କହି ନାହାନ୍ତି । ତାଙ୍କର କହିବା କଥା । ଗାୟନବାବୁ କିଛି ନକହିବାର କଥାଟା ହେଲା ତାଙ୍କୁ ଟିକେ ଅସକ୍ତ ଲାଗୁଥିଲା । ସେ ସାମାନ୍ୟ ହସି ନିଳୟର ପ୍ରଶ୍ନକୁ ଟାଳ ଦେବାକୁ ଚାହୁଁଥିଲେ । ସେଇଥିପାଇଁ ସେ ଆସି ଚକା ପକାଇ ଖଟ ଉପରେ ବସିଯାଇଥିଲେ । ଆଉ ଟିକକରେ ତ ଖଟ ଉପରତେ ଗଡି ପଡିଥାନ୍ତେ । ନହେଲେ ସେ ପାଣି ଆଉ ଭଉଁରି ଉପରେ ଭଲ ବକ୍ତୃତା ଦେଇଥାନ୍ତେ । ଗୌତମ ଗାୟନବାବୁଙ୍କ ବୁଜିହୋଇ ଯାଉଥିବା ଆଖିକୁ ଅନାଇଲା । ଗାୟନବାବୁ ଆଉ କିଛି କହିବେନି ।

"ଆମେ ସେଇଠି ୬ ଘଣ୍ଟା ଅଟକି ଯାଇଥାନ୍ତେ ।"– ଗୌତମ କହିଲା

ତପନ ଆଶ୍ଚର୍ଯ୍ୟ ହୋଇଗଲା । ୬ ଘଣ୍ଟା ଅଟକଯିବାଟା ବେଶ ବେଶି ସମୟ । କଣ ପାଇଁ ସେମିତି ଅଟକ ଯିବ ? ଠିକ ଅଛି ପାଣି କମ । କିନ୍ତୁ ସାମାନ୍ୟ ପରିଶ୍ରମ ପରେ ସେଇଠୁ ବାହାରି ହୋଇଥାନ୍ତା । ଏ ୬ ଘଣ୍ଟା ସମୟଟା ମନଗଢା ନୁହେଁ ତ ? ମାଝିମାନେ ସବୁ ସମସ୍ୟାକୁ ନିଜ ହିସାବରେ ବଡ କରି ବଖାଣନ୍ତି । ସେମାନଙ୍କର କିଛି ଅସୁବିଧା ହେବନି । ଯେତେ କମ ରିସ୍କ ସେତେ ଭଲ । ବୋଟର କିଛି କ୍ଷତି ହେବନି । ଏଣେ କିନ୍ତୁ ଭଡାରେ କିଛି କମ ମଧ୍ୟ ହେବନି । ଭଡାଟା ଏତେ ବା ଏତେ ଦିନ ପାଇଁ । ବୋଟ ଆଗକୁ ଗଲାନି । ସେଥିରେ ମାଝି କଣ କରିବ ?

"ବୋଟ ଥରେ ଚଡାରେ ତଳେ ବସିଗଲେ ଆଉ ବାହାରି ପାରିବନି । ଜୁଆର ପାଇଁ ଅପେକ୍ଷା କର । ପାଣି ଜୋରରେ ଖସୁଥିଲା । ଆଉ ପନ୍ଦର ମିନଟ ପରେ ସେ ଯାଗାରେ ପାଣି ଫୁଟେ ବା ଦୁଇଫୁଟ ହୋଇଯାଇଥାନ୍ତା ।"– ଗୌତମ କହିଲା

"ଆରେ ଏତେ ବଡ ସମୁଦ୍ର ଭଳିଆ ପାଣି । ପୁଣି ତା' ଭିତରେ ଚଡା?"– ତପନ କହିଲା

"ନଦୀ ଆସି ସମୁଦ୍ରରେ ମିଶୁଛି । କେବେକେବେ ଏମିତି ଚଡା ତିଆରି ହୋଇଯାଏ । ଜଣା ପଡେନି ।"- ଗୌତମ ବୁଝାଇଲା ।

"ଆଉ ଏ ଛୋଟ ଡଙ୍ଗାର ଲୋକଗୁଡା ଯେ କିଛି ପରବାୟ ନକରି ସମୁଦ୍ରକୁ ବାହାରିଗଲେ । ସେ ଲୋକଗୁଡାଙ୍କୁ ତ ଡର ଲାଗିଲାନି?"– କୌଶିକ କହିଲା ।

ଏ ଭିତରେ ଆଉ ଏକ ଛୋଟ ଡଙ୍ଗା ତଳକୁ ଚାଲିଯାଉଥିଲା । ଏତେ ତଳକୁ ସବୁବେଳେ କେଉଟମାନେ ଆସନ୍ତିନି । କିନ୍ତୁ କିଛି ସମୁଦ୍ରଜୟୀ କେଉଟ ସାଧାରଣ ଡଙ୍ଗାଧରି ତଳକୁ ଆସିଯାଆନ୍ତି । ସେମାନଙ୍କର ମାଛ ଧରିବାର ନିଶା ଥାଏ । ନୂଆ କିଛି ଦେଖିବାର ନିଶା ଥାଏ । ଏହି ନୂଆ କିଛି କରିବାର ଭାବନା ସେମାନଙ୍କୁ ଏତେ ଦୂରକୁ ନେଇଆସେ । ଡଙ୍ଗାରେ ପାଲ ଲାଗି ନଥିଲା । ସେମାନେ ଜୋରରେ ଆହୁଲା ମାରୁଥିଲେ । ଚାରିହଳ ଆହୁଲା । ମଝିରେ ଦୁଇଜଣ ଅଛନ୍ତି । କିଏ ଥକିଗଲେ ସେମାନେ ତାଙ୍କର ସ୍ଥାନ ନେବେ ଆଉ ଖାଲି ସମୟରେ ମଙ୍ଗ ସମ୍ଭାଳିବେ, ଆଗକୁ ଦେଖିବେ । ଏସବୁ ଡଙ୍ଗାରେ ସମସ୍ତେ ସବୁ କାମ କରିବା ପାଇଁ ଯୋଗ୍ୟ ହେବା ଦରକାର । ନହେଲେ ଏତେ ଦୂର ଆସିବା ସମ୍ଭବ ନୁହେଁ ।

ପାଓଲି ଭାବୁଥିଲେ ଏମିତି ଚଡାରେ ଯଦି ସେ ଲୋକମାନେ ବସି ଯାଇଥାନ୍ତେ ତେବେ ତ ଅସୁବିଧା ହୋଇଥାଆନ୍ତା । ସେମାନଙ୍କର ଡଙ୍ଗା ଏତେ ଛୋଟ । ଟିକିଏ ହଲିବା ବୁଲିବା

ପାଇଁ ଯାଗା ନାହିଁ । କିନ୍ତୁ ସେମାନେ ଚାଲିଗଲେ । ଟିକିଏ ଡର ନଥିଲା । ସତରେ କଣ ଗୌତମ ଡରୁଆ? କହି ହେବନି ।

ଛୋଟ ଖାଲି ଡଙ୍ଗା । ଫୁଟେ ପାଣିରେ ଚାଲିଯାଇ ପାରେ । ଏତିକି ପାଣିରେ ଲୋକେ ଓହ୍ଲେଇପଡି ଡଙ୍ଗାକୁ ଗଭୀର ପାଣିକୁ ପେଲିଦେବେ । ବୋଟରେ ସେ ଠେଲିବା କାମ ହୋଇପାରିବନି । ବୋଟର ଓଜନ ବହୁତ ବେଶି । – ଗୌତମ କହିଲା ।

କଥାଟା ଏବେ ବୁଝି ହେଉଥିଲା । ପାଓଲି ମଧ୍ୟ ମୁଣ୍ଡ ଟୁଙ୍ଗାରିଲେ ।

“ତମେ ସତରେ କଣ ପାଣିକୁ ଡରନି?”- କୌଶିକ ଏକ ଛୁଆ ଭଳି ପଚାରୁଥିଲା ।

“ତା’ ତ କହିହେବନି । ପାଣିକୁ ନଡରିବା ମାଝି ସୁନ୍ଦରବନରେ ଅଛନ୍ତି ବୋଲି କେହି କହିପାରିବନି । ଯେତେ ଓସ୍ତାଦ ହେଲେ ମଧ୍ୟ ପାଣିକୁ ବେଳେବେଳେ ଡର ଲାଗେ । ନଦୀ ମଝିରେ ଅନେକ ଯାଗାରେ ରୋଲିଙ୍ଗ ଢେଉ ଆସେ । ସେଇଟା ବେଶ ବିପଦଜନକ । ଏକାଥରେ ୩ଟା ରୋଲିଙ୍ଗ ଢେଉ ଆସେ । ମୋ ବୋଟଟା ୬୬ ଫୁଟ । ରୋଲିଙ୍ଗ ଢେଉ ପରେ ଢେଉ ଆସିଲେ ବୋଟର କ୍ଷତିକରିବ ।”- ଗୌତମ କଥାଟା ବିସ୍ତୃତ ଭାବେ ବୁଝାଉଥିଲା । ତା’ର ଆଖି ନଦୀର ପାଣି ଉପରେ ଲମ୍ବି ଯାଇଥିଲା । ବହୁତ ଦୂର ପର୍ଯ୍ୟନ୍ତ କିଛି ଦେଖାଯାଉନି । ଟିକିଏ ତଳକୁ ସମୁଦ୍ର । କିନ୍ତୁ ପାଣି ଏଠି ସମୁଦ୍ରଠାରୁ କିଛି କମ ନୁହେଁ । ତା’ର ମୁହଁର ଭାବ ଟିକେ ବଦଳିଗଲା । ସେ କ୍ଷଣକପାଇଁ ଆଖି ବନ୍ଦ କରିଦେଲା ଆଉ ନିଜ ଇଷ୍ଟଦେବୀଙ୍କୁ ସୁମରଣା କଲା । ଆଜି ପର୍ଯ୍ୟନ୍ତ ତାଙ୍କର ସୁଦୟାରୁ କିଛି କ୍ଷତି ଘଟିନି । ସବୁକିଛି ସୁରୁଖୁରୁରେ ଚାଲିଛି ।

“ଏବେ ଅବଶ୍ୟ ରୋଲିଙ୍ଗ ଢେଉର ସମୟ ନୁହେଁ । ସେଇଟା ଅପ୍ରେଲ, ମେ ମାସରେ ତିଆରି ହୁଏ ।”– ସେ କହିଲା । ଏ ଯାତ୍ରୀମାନେ ଅଯଥାରେ ଡରନ୍ତୁ ନାହିଁ ।

“ସେ ଡଙ୍ଗାଗୁଡା?”- ତପନ ପଚାରିଲା । ତା’କୁ ଲାଗୁଥିଲା ରୋଲିଙ୍ଗ ଆଉ ପିଚଙ୍ଗ ସମସ୍ତଙ୍କ ପାଇଁ । ସେ ଛୋଟ ଡଙ୍ଗାଗୁଡା ବେଶି କ୍ଷତିଗ୍ରସ୍ତ ହେବେ । ସାମାନ୍ୟ ଢେଉମାଡରେ ବୁଡିଯିବେ ।

“ଛୋଟ ଡଙ୍ଗା ଢେଉ ଉପରକୁ ଉଠିଯାଏ । କ୍ଷତି ହୁଏ ନାହିଁ । ବଡ ବୋଟର କ୍ଷତି ହୋଇଯାଏ ।”- ଗାୟନବାବୁ କହିଲେ । ସେ ଏ ଭିତରେ ଉଠି ଯାଇଥିଲେ । ବୁଢାଲୋକଙ୍କୁ କିଛି ସମୟ ପାଇଁ ତନ୍ଦ୍ରା ଆସେ । ତାପରେ ସେମାନେ ଚାଙ୍ଗା ହୋଇଯାଆନ୍ତି ।

ସବୁବେଳ ଭଳଆ ତାଙ୍କର କଥାଟା ବେଦବାକ୍ୟ । ଲୋକେ କଛି ବୁଝୁଥିଲେ କଛି ବୁଝୁନଥିଲେ । କନ୍ତୁ ତାଙ୍କୁ କେହି ବେଶି ପଗ୍ଭରୁ ନଥିଲେ ।

ଆଗର ଡଙ୍ଗାଟା ଅନେକ ଦୂର ଗ୍ଭଲିଯାଇଥିଲା । ଲୋକଗୁଡା ଜୋରରେ ଆହୁଲା ମାରୁଥିଲେ। ସେମାନେ ଗ୍ଭରିଜଣ ଆହୁଲାବାଲା, ଡଙ୍ଗାର ଦୁଇ ଧାରରେ ଦୁଇ ଦୁଇଜଣ କରି ବସି ଜୋରରେ ଆହୁଲା ମାରୁଥିଲେ । ସେମାନଙ୍କ ହାତ ଏକାସଙ୍ଗେ ଉଠୁଥିଲା ପଡୁଥିଲା । ଛୋଟ ଡଙ୍ଗା ବେଶ ଜୋରରେ ଆଗକୁ ଗ୍ଭଲି ଯାଉଥିଲା ।

ବଳୟଙ୍କୁ ବୋଟ ଆଉ ଡଙ୍ଗା ଭିତରେ ଏମିତିଆ ପ୍ରଭେଦ କଛି ବୁଝା ପଡୁନଥିଲା । ବୋଟ ଡଙ୍ଗାଠାରୁ ଅନେକ ଶକ୍ତ । ବେଶ ବଡ । କନ୍ତୁ ଝେଲିଙ୍ଗ ଢେଉରେ ଡଙ୍ଗାଠାରୁ ବୋଟର ବେଶି କ୍ଷତି ହୁଏ ? କାରଣଟା ତ ମାଝି କହିଛି । ଭଲଭାବେ ବୁଝି ହୋଇନ । ବୁଝିବାପାଇଁ ବୋଟର ତିଆରି କଥା ଜାଣିବା ଦରକାର । ଏଇଟା କଛି ଦରକାରୀ କଥା ନୁହେଁ । ସମୟ କଟାଇବାପାଇଁ ଏମିତି କଥାବାର୍ତ୍ତା ଭଲଲାଗେ । ଗାୟନବାବୁ ଆଉ ଗୌତମ ଏମିତିଆ ନତିଦିନଆ କଥାରେ ଖୁସିହେବେ ।

"ତାହେଲେ ଏ ବୋଟଟା କେଉଁଥିରୁ ତିଆରି?"- ବଳୟ ପଗ୍ଭରିଲା ।

"ମାଲେୟସିଆନ ଶାଳ ଆଉ ନାହାର କାଠରେ ।"- ଗୌତମ କହିଲା ।

"ମାଲେୟସିଆନ ଶାଳ । ଭାରତରେ କଣ ଶାଳ ମିଳଲାନ?"- କୌଶିକ କହିଲା । ତା'କୁ ଲାଗୁଥିଲା ଗୌତମ ଏକ ବାହାପିଆ । ଭାରତରେ କାଠ ନାହିଁ ଯେ ସିଧା ମାଲେୟସିଆରୁ ଏକ ସାମାନ୍ୟ ବୋଟପାଇଁ କାଠ ଆସୁଛି । ଏ ବୋଟବାଲାମାନେ କେତେ ସାମାନ୍ୟ କଥାକୁ ବନେଇ ଚୁନେଇ କୁହନ୍ତି । ଏମାନଙ୍କଠାରୁ କଥାକୁ କେମିତି ମାଜି କହିହୁଏ ଶିଖିବା କଥା ।

"ବହୁତ ଦାମ । ସିଲିଗୁଡି ଶାଳର ଦାମ ୩୨୦୦ ଟଙ୍କା ସି ଏଫ୍ ଟି । ସେ ଯାଗାରେ ମାଲେୟସିଆନ ଶାଳର ଦାମ ୧୫୦୦ ଟଙ୍କା ସି ଏଫ୍ ଟି, ଅଧା ଦାମ । ବୋଟର ମୁଖ୍ୟ ଅଂଶସବୁ ଶାଳରେ । ରେଲିଙ୍ଗ ମଧ୍ୟ ଶାଳରେ ।"– ଗୌତମ କହିଲା । ସେ ଟିକଏ ଖୋଲି କହୁଥିଲା । ତା'କୁ କୌଶିକର ଆକ୍ଷେପଭରା କଥା କଛି ଲାଗିଲାନ । କନ୍ତୁ କୌଶିକ ମଧ୍ୟ ଜାଣୁ ।

"ଶାଗୁଆନଟା ପରା ସବୁଠାରୁ ଭଲ କାଠ ।"- ବଳୟ କହିଲା । ତା' ଜାଣିବାରେ ସବୁଠାରୁ ଭଲ କାଠ ହେଉଛି ଶାଗୁଆନ । ବେଶି ଦିନ ଯାଏ । ହାଲୁକା ମଧ୍ୟ ।

"ଦର ତ ସୁନା, କଣି ହେବନ ।"- ଗାୟନବାବୁ କହିଲେ । ସେ ବୋଟ ତିଆରି ବିଷୟରେ ଭଲ ଭାବେ ଜାଣିଛନ୍ତି । ସୁନ୍ଦରବନର ଆଖପାଖରେ ଯାହାକିଛି ଘଟେ ସବୁ ବିବରଣୀ ତାଙ୍କ ପାଖରେ ଥାଏ ।

"ବୋଟରେ କେବଳ ମାଲେୟସିଆନ ଶାଳ ଆଉ ନାହାର କାଠ ଲାଗିଛି । ଆଉ କେଉଁ କାଠ ଲଗାଇନ ।"- ଗୌତମ କହିଲା ।

ବୋଟ ତିଆରି ବିଷୟରେ ଅନେକ କଥାବାର୍ତ୍ତା ହେଲା । ବୋଟ ତିଆରିପାଇଁ ପାଖାପାଖି ୨୫ ଲକ୍ଷ ଟଙ୍କା ଲାଗିଛି । ପ୍ରାୟ ନଅ ମାସ ସମୟ ଲାଗିଲା । ମିସ୍ତ୍ରୀ ଦେଢ ଲକ୍ଷ ଟଙ୍କା ମଜୁରୀ ନେଲା । ହେଲପର ହିସାବରେ ଗୌତମ ନିଜେ କାମ କରିଛି । ସେଥିରେ ଗୁଡେ ପଇସା ବଞ୍ଚିଯାଇଛି । ବୋଟର ଫ୍ରେମଟା ବେଶ ମଜଭୂତ ହୋଇ ତିଆରି ହୋଇଛି । ସବୁ ଷ୍ଟିଲ କଣ୍ଟା । କଳଙ୍କି ଧରିବନ । ଦାମ କିନ୍ତୁ ବୋଟ ପାଇଁ ଭଲ । ଭିତରର କୋଠରି ପାଇଁ ଶିରିଷ କାଠ ଲାଗିଛି ।

"ତମେ ତ ଏକ ଶେଠ ।"- ନିଳୟ କହିଲା । ତା'କୁ କଥା ମଜା ଲାଗୁଥିଲା । ବୋଟ ତିଆର ଖର୍ଚ୍ଚ ତା'ର ମୁଣ୍ଡର ବାହାରେ ଥିଲା ।

"ନାଁ ସେମିତି କିଛି ନୁହେଁ । ସବୁ ସମ୍ବଳ ଲଗାଇ, ଧାର ଉଧାର କରି ଏ ବୋଟ ତିଆରି କରିଛି ।"– ଗୌତମ ସରଳ ଭାବେ କହୁଥିଲା । ଏକ ସାଧାରଣ ମଣିଷ ଗୌତମ । ବଡ ହେବାର ସ୍ୱପ୍ନ ଦେଖୁଛି ।

ଏ ସାଧାରଣ ମାଝି ଏତେ ଟଙ୍କା ଖର୍ଚ୍ଚକରି ବୋଟ କରିଛି । ସେ ପୁଣି ସାଧାରଣ ଲୁଙ୍ଗି ପିନ୍ଧୁଛି, ବୋଟ ଚଲାଉଛି । ଆଗରେ ଠିଆ ହୋଇ କାତ ମାରୁଛି । ଖାଲି ସମୟରେ ଯାତ୍ରୀମାନଙ୍କ ପାଇଁ ରୋଷେଇ କରୁଛି । ତାହେଲେ କି ପ୍ରକାରର ମାଝି ଏ ଲୋକ ? ପଇସା ବଞ୍ଚେଇବା ଭଲ ଭାବେ ଜାଣିଛି । ଶେଠମାନଙ୍କର ସବୁ ଗୁଣ ତା' ପାଖରେ ଅଛି । ଜଣେ ଖାଲି ଜନ୍ମରୁ ମାଲିକ ବନେନ । ଜଣେ କର୍ମକରି ମାଲିକ ବନେ । ଜନ୍ମରୁ ବନିଥିବା ମାଲିକମାନେ କାମର ସବୁ ଲକ୍ଷଣ ନଧରିପାରିଲେ ମାଲିକ ବନି ରହିପାରନ୍ତି ନାହିଁ । ପାଓଲି ମନେମନେ ଗୌତମକୁ ପ୍ରଶଂସା କରୁଥିଲେ ।

କ୍ରମଶଃ.........

ସେକ୍ଟର-୩, ସଲ୍ଟଲେକ, କଲିକତା

# ବେଲ ପତର



ବୈଦ୍ୟନାଥ ପଣ୍ଡା

ବେଲ ପତରର  ତିନୋଟି ଶାଖାରେ
ତିନଗୁଣ ବହିଥାଇ
ସତ୍ୱ ରଜ ତମ  ତିନ ଗୁଣ ତାକୁ
ଯିଏ ସେ ତେଜି ଅଛଇ
ଦେବାଧି ଦେବ ସେ ମହାଦେବଙ୍କର
ଅତି ପ୍ରିୟ ସେ ହୁଅଇ
ବେଲପତରର.......... ||
ପାଞ୍ଚମନ ତୋର  ପଞ୍ଚତୀର୍ଥ ଜଳେ
ସ୍ନାହାନ କରାଇ ଦେବୁ
ତିନଗୁଣ ନାଶୀ  ହୃଦୟରୁ ତୋର
ଶିବଙ୍କୁ ତୁ ପୂଜୁ ଥିବୁ
ଛେଦନ କରିବୁ  ଷଡ଼ରିପୁ ତୋର
ତୁଣ୍ଡେ ଶିବ ନାମ ଗାଇ
ଆତ୍ମା ମନ ତୋର  ହୋଇବ ପବିତ୍ର
ଯିବୁ କୋଟି ପୁଣ୍ୟ ପାଇ
ବେଲ ପତରର.......... ||

ବଡ଼ ବଇରାଗି  ସେହି ମହାଯୋଗୀ
ତ୍ରିଶୂଳ ଆୟୁଧ ତାର
ତିନଗୁଣ ଠାରୁ  ଊର୍ଦ୍ଧ୍ୱରେ ବୋଲି ସେ
ନାମ ତା ଭୋଳା ଶଙ୍କର
ଭୁଜଙ୍ଗ ଭୂଷଣ  ଦୁରିତ ନାଶନ
କନ୍ଦର୍ପ ଦର୍ପକୁ ଦହି
ବାମଅଙ୍ଗ ଭାଗେ  ପାର୍ବତୀକୁ ବହୀ
ତାଣ୍ଡବ ନୃତ୍ୟ କରଇ
ବେଲ ପତରର.......... ||
ଶରଣ ପଶରେ  ଚରଣରେ ତାର
ତା ପାଦେ ମୁଣ୍ଡ ନୁଆଇଁ
ଘୁଞ୍ଚି ଯିବ ତୋର  ଯେତକ କଷଣ
ବସିବୁ କୈଳାସେ ଯାଇଁ ||

ଅବଦଲପୁର, ଯାଜପୁର

# ସାହସ



ପୁଷ୍ପାଞ୍ଜଳି ପଣ୍ଡା

ନିଜକୁ ଏତେ ତୁ କମଯୋର ବୋଲି
ହତାଶ ରେ ଭାବୁ ମନେ କାହିଁକି !
ଶ୍ରମିକ ତୁରେ ତୋ ହାତ ର କ୍ଷମତା
ସତରେ କି ତୁ ଜାଣି ନାହୁଁ କି!
କୋଠାବାଡି, ଘର, କ୍ଷେତ, ଦୁନିଆ ର
ଗଢିଛି ପରି ତୋ ନିଜ ହାତ।
ଖରା ବରଷା କୁ ଖାତିର ନଥାଏ
କଣ୍ଠରେ ଥାଏ ତୋ ଖୁସୀ ଗୀତ।
କେଇ କୋଶବାଟ ପଡିବ ଅଘଟ
ଗାଁ ଭିଟାମାଟି ଡାକିଲାଣି ।
ଉଛୁର ନକରି ଆ ବେଗି କରି
ଝାଇଁ ଖରା ମାଡ଼ି  ଆସିଲାଣି ।
ବାଟରେ ଘାଟରେ କରୋନା ବୁଲୁଛି
ନିଘା ରଖି ପାଦ ଥାପୁଥିବ ।
ନିଦ ଲାଗିଗଲେ ବାବୁରେ କେବେ
ବି ରେଳ ଧାରଣାରେ ନ ଶୋଇବ ।
ଦାଦନି କହନ୍ତି ତୁମକୁ ସଭିଏଁ
ଦାଦନିର କି ଜୀବନ ନାହିଁ  ।

ଝୁଲିଗଲା ପ୍ରାଣ ନିମିଷକେ ପରି
ରୁଟି କଥାକହେ ତା ପାଇଁ ।
ଉପକାର ତୋର ସୁଝିକି ପାରିବେ
ଖବର ଯୁଟାନ୍ତି ତତେ ନେଇ।
ଟିଭିରେ ଦେଖାଇ ଦୁନିଆ ଯାକର
ବାହାବା ନେବେ ତ ସେ ଗୋଟେଇ ।
ଛାତିରେ ଛାତିଏ କୋହ ମୋ ବାବୁରେ
ଆଖି ଦେଖୁଅଛି ତୋର ବାଟ।
ମହାମାରୀ ଯଦି ଆସି ନଥାନ୍ତା ରେ
କିଏ କାହିଁ କରିଥାନ୍ତା ନାଟ।
ସାହସ ଜୁଟାଇ ଉଠରେ ତୁହି
ମାଁ, ବାପା କଥା ପକା ମନେ ।
ଶ୍ରମବୀର ମୋର ଶ୍ରମିକ ପୁଅରେ
ନଇଁବନି ବିପଦ ସାମନେ।

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

# ବାର ମାସ



ନନ୍ଦିନୀ ରାଉତ

ବଇଶାଖ ମାସ ଦେଖ କେଡେ ଟାଣ ଖରା
ପାଣି ପାଇଁ ହନ୍ତସନ୍ତ ହେଉଅଛି ଧରା
ଜ୍ୟୋଷ୍ଠ ମାସେ ଚାଷୀ ମନ ହୁଏ ଆନମନା
ବୁଣିବ ଜମିରେ ଧାନ ଫଳାଇବ ସୁନା
ଆଷାଢ଼ ମାସରେ ଆସେ ରଜଯେ ପରବ
ଝିଅ ବୋହୂମାନଙ୍କର ହସ ଗଉରବ
ଶ୍ରାବଣ ମାସରେ ଚାଷ କାମ ଖରତର
ଚାଷୀ ମାନଙ୍କର ନାହିଁ ତିଳେ ଅବସର
ଭାଦୁଅ ମାସରେ ପୂଜା ଯେ ଖୁଦୁରୁକୁଣୀ
ଘରେ ଘରେ ପୂଜା ତାଙ୍କୁ କରନ୍ତି ତରୁଣୀ
ଅଶିଣରେ ଆକାଶଟା ଦେଖ କେତେ ସ୍ୱଚ୍ଛ
ଆକାଶେ ବିହଗ ଉଡେ ଜଳେ ଖେଳେ ମାଛ
କାର୍ତ୍ତିକରେ କାଳୀପୂଜା ପୁଣି ଦୀପାବଳି
ଗାଁରେ ଆନନ୍ଦ ଭରେ ପୂଜା ପାନ୍ତି କାଳୀ

ମଗୁଶିର ମାଣବସା ଲକ୍ଷ୍ମୀମାତା ପୂଜା
ଘର ଅଗଣା ଚତାରେ ହୋଇଥାଏ ସଜା
ପଉଷ ମାସରେ ଶୀତ ଦାନ୍ତ ଠକ ଠକ
ନିଆଁ ପାଶେ ବସିଛନ୍ତି କେତେ ଲୋକ ଦେଖ
ମାଘ ମାସେ ଆଗି ଜଳା ଆନନ୍ଦର ଢେଉ
ସକାଳୁ ସକାଳୁ ଆସି ଡାକଦିଏ କାଉ
ଫଗୁଣରେ ଆମ୍ବ କଷି ଗଛରେ ଯେ ଧରେ
ବଉଳର ବାସ୍ନା ଭରେ ମଧୁ ଖାଲି ଝରେ
ଚଇତରେ ମଲ୍ଲୀଫୁଲ ବାସ ମହ ମହ
ବିଭିନ୍ନ ଫୁଲେ ସଜାଇ ଭୋଗଥାଳି ଥୁଅ
ବେଙ୍ଗ କହେ ବେଙ୍ଗୁଲିଲୋ ମୋ କଥା ଶୁଣ
ବାର ମାସ ବାର ନାମ ମନେ ମନେ ଗୁଣ ॥

ବାଲିପଢା, ଅନୁଗୁଳ

# ଶେଫାଳି



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ଅନ୍ଧାର ହଉ ବା ଚାନ୍ଦିନୀ ରାତିରେ
ଏକାଏକା ଯାଏ ସେଇ ବାଟରେ
ବିଭୋର ହୋଇପଡେ ଶେଫାଳି ତୁମ ବାସ୍ନାରେ
ଇଚ୍ଛାହୁଏ ରହନ୍ତି କି ସଦା ତୁମ ପାଖରେ

ତୁମର ସେଇ ଭୁରୁଭୁରୁ ବାସ୍ନା
ମନରୁ ମୋର ମେଣ୍ଟାଏ ସବୁ ତୃଷ୍ଣା
ପବନରେ ଭାସି ଆସେ ତୁମର ବାସ୍ନା
ଆନନ୍ଦରେ ମନ ହୁଏ ଭାରି ଆନମନା

ଆଜି ରାତିରେ ଅଛ ତୁମେ
କାଲିକୁ ଯିବ ମଉଳି
ଏପରି କାହିଁକି ହୁଏ
କୁହ ଯେ ତୁମେ ଶେଫାଳି

ରାତି ପାହିଲା କ୍ଷଣି ଦେଖେ ତୁମକୁ ଭୂଇଁରେ
ସାଉଁଟିବାକୁ ଚାଲିଯାଏ ମୋ ପଣତ କାନରେ
ଅଟ ତୁମେ ସରଗର ପାରିଜାତ
ମର୍ତ୍ତ୍ୟ ମଣ୍ଡଳକୁ କରୁଥିବ ଏପରି ଆତଯାତ ॥

ମଠସାହି, ତୁଳସିପୁର

# ରଜପର୍ବ

ଶ୍ରୀ କୁଞ୍ଜବିହାରୀ ସାହୁ

ଦିନ ବଦଳଛି । ସମୟ ବଦଳଛି । ବୈଶାଖୀ ଖର୍‌ରେ ଏବେ ତାତିଲ୍‌ପଣ ନାହିଁ । ଜ୍ୟେଷ୍ଠ ବି ହର୍‌ଇବସିଛି ପ୍ରକୃତି ଉପରେ ର୍‌ଗ ଅଭିମାନ । ଏବେ ଏବେ ଅପର୍‌ହ୍ନର ଆକାଶରେ ଅଶନର ଘୋର ଗର୍ଜନ, ପବନର ସୁଉ..ସୁଉ.. ଶବ୍ଦ ଓ ସ୍ଥାନେ ସ୍ଥାନେ କୁଆପଥର ବର୍ଷାର ତାଣ୍ଡବଲୀଳା ମନରେ ଛନକା ଦେଉଛି । ସମୟେ ସମୟେ ଗୁଳୁଗୁଳର ଅସହ୍ୟ ବେଦନା ସହ୍ୟ କରି ହେଉ ନହେଉଣୁ ଏପରି ପର୍ଯ୍ୟାପ୍ତ କୋହଲ୍ ପାଗର ମୁଗ୍ଧ ମାଦକତା ମନରେ ଶିହରଣ ତୋଳୁଛି । ଚମତ୍କାର ପାଗ ସତେ । ବୋଧହୁଏ ଏ ବର୍ଷାରେ ମିଠା ମାଦକତା ନାହିଁ । ଆଷାଢର ବାରିପାତାରେ ଭିଜିବାର ଇଚ୍ଛାକୁ ମାଟି-ମା ଖୋଜୁଛି ବର୍ଷାର । ଅପଲକ ନୟନରେ ର୍‌ହିଁ ବସିଛି ମେଘ ବତୁର୍ ଆକାଶକୁ ।

ହଁ ଆଷାଢ଼ ଆସିଛି ମେଘ ପାଲିଙ୍କିରେ । ଧୂସରିତ ମାଟି-ମା ଶ୍ୟାମଳତ ହେବାର ସ୍ୱପ୍ନ ଦେଖୁଛି । ସ୍ନିଗ୍ଧ ଶ୍ୟାମଳ ପରିବେଶ ଏବଂ ରଜୋବତୀ ହେବାର ବିମୁଗ୍ଧ ସ୍ୱପ୍ନରେ ବିଭୋର ହୁଏ ମାଟି-ମା । ଆଷାଢ଼ର ପ୍ରଥମ ଦିନରେ ହିଁ ମାଟି-ମା ଆନନ୍ଦର ପ୍ରାଚୁର୍ଯ୍ୟରେ ସମ୍ମୋହନ ହୁଏ । ପଲ୍ଲୀ ହେଉ କ ସହର, ସବୁଠି ର୍‌ଲେ ଆଦ୍ୟ ଆଷାଢ଼ର ଭାବବିହ୍ୱଳ ପଟୁଆର । ଜ୍ୟେଷ୍ଠ ମେଲ୍‌ଣି ନେଇଥାଏ ଆପଣା ବାଟରେ । ଓଦା ମାଟି, ଓଦା ମନ ଓ ଓଦା-ଓଦା ପ୍ରକୃତି ହୃଦୟ ।

ବହୁବିଧ ଉତ୍କଳୀୟ ସଂସ୍କୃତି ପରମ୍ପର୍ ଓ ପାର୍ବଣର ସାରସ୍ୱତ ଅନୁଭବ କେବଳ ଓଡ଼ିଶାରେ ହିଁ ଉପଲବ୍ଧ ହୋଇଥାଏ । ସଂସ୍କୃତିପରମ୍ପର୍‌ରେ ମଗ୍ନ ଉତ୍କଳୀୟମାନେ କର୍ମକ୍ଳାନ୍ତ, ଦୁଃଖ-ଦୈନ୍ୟକୁ ପର୍‌ହତ କରି ଆନନ୍ଦ-ଉଲ୍ଲାସର ସମ୍ମୋହନ ମନ୍ତ୍ରରେ ମନ୍ତ୍ରିତ ହୋଇ ସଂସ୍କୃତିପରମ୍ପର୍‌କୁ ଆପଣେଇ ନଅନ୍ତି । ବାରମାସରେ ତେର ପର୍ବର ମିଳନ ଭିତରେ ରଜପର୍ବର ମହାର୍ଘ ଉପସ୍ଥିତି ପ୍ରତ୍ୟେକ ଉତ୍କଳୀୟ ପ୍ରାଣରେ ଓଡ଼ିଆ ସଂସ୍କୃତିର ଉଜ୍ଜ୍ୱଳ ଦୀପ୍ତି ପ୍ରକାଶ କରେ । ପହିଲି ରଜ, ରଜ ସଂକ୍ରାନ୍ତି, ଭୂଇଁ ଦହନ ଓ ବସୁମତୀ ସ୍ନାନର ମିଳତ ଆବେଗରେ ରଜପର୍ବର ମିଠା ମହକ ବୋଳ ହୋଇଯାଏ ।

ରଜପର୍ବର ମୁଖ୍ୟ ଆକର୍ଷଣ ଦୋଳ ଖେଳ । ଗାଁ ହେଉ କି ସହର ସବୁଠି ଗୁଲେ ଦୋଳ ଖେଳର ଆସର । ଜାତି ଧର୍ମ, ବର୍ଣ୍ଣ ନିର୍ବିଶେଷରେ, ଧନୀ–ଗରିବର ତାରତମ୍ୟ ଏଡ଼ାଇ ଏକାଠି ହୁଅନ୍ତି କୁଆଁରୀ କନ୍ୟା ଓ ବୋହୂମାନେ । ପାରସ୍ପରିକ ଆନ୍ତରିକତା ସହଯୋଗ, ସହାନୁଭୂତିକୁ ଆପଣେଇ ନିଅନ୍ତି । ଚେନାଏ ହସ, ଆଞ୍ଜୁଳାଏ ଖୁସି ଓ ପୁଲକିତ ମନ ନେଇ ଦୋଳ ଖେଳରେ ଭାଗ ନିଅନ୍ତି । ଆଖିରେ ଅସୁମାରି ସ୍ୱପ୍ନ । ଆକାଶକୁ ଛୁଇଁବାର ନିବିଡ଼ ମୋହ । ଦୋଳରେ ବସିବା ଓ ଦୋଳ ଝୁଲାଇବାରେ ସାଉଁଟି ଆଣନ୍ତି ନିଆରା ଅନୁଭବ । ପହିଲି ରଜରେ ସଜବାଜ ହୋଇ ନିଜକୁ ସୁନ୍ଦରୀ ବୋଲି ମନେ କରିଥାନ୍ତି । ଅଭିଆଡ଼ୀ ଯୁବତୀମାନେ ଆଖିର ଇସାରାରେ ନିଜ ନିଜର ମନପସନ୍ଦର ଯୁବକମାନଙ୍କୁ ଆକର୍ଷିତ କରିବାର ମୁଗ୍ଧ ପ୍ରୟାସ କରିଥାନ୍ତି ।

ଗାଁ ଓ ସହରର କୁଆଁରୀ ଓ ନୂଆବୋହୂମାନଙ୍କରେ ଓଠରୁ ଝରିପଡ଼େ ରଜଦୋଳର ଗୀତ । କେତେ ରକମର ଦୋଳ ଝୁଲେ ଗାଁ ଦାଣ୍ଡରେ, ଗାଁ ତୋଟାରେ ଓ ସହରର ବିଭିନ୍ନ ପାର୍କରେ। ବିଶେଷକରି ରଜଦୋଳର ଗୀତ କେବେଠୁ ଆରମ୍ଭ ହୋଇଥିଲା, ସହଜରେ ଉପଲବ୍ଧ ନୁହେଁ। ତଥାପି ଏ ଗୀତର ସୁର, ଲୟ, ତାଳ ଏପରିଭାବରେ ସଜ୍ଜିତ ଯେ ବୋଲିଲାବେଳେ ଯେତିକି ଆନନ୍ଦ ଲାଗେ, ଶୁଣିଲାବେଳେ ବି ଅଧିକ ଭଲ ଲାଗେ । ଏଭଳି ଗୀତ ସେହି ପୁର ପଲ୍ଲୀରୁ ହିଁ ଅୟମାରମ୍ଭ ବୋଲି ଯାହା ଜଣାପଡ଼ିଛି । ପଲ୍ଲୀ ସାହିତ୍ୟ ସଂଚୟନରୁ ଆନୀତ ରଜଦୋଳର ଗୀତଗୁଡ଼ିକ ଏଇମିତି –

ବନସ୍ତେ ଡାକିଲା ଗଜ,
ବରଷକେ ଥରେ ଆସିଛି ରଜ,
ଆସିଛି ରଜ ଲୋ
ଘେନି ନୂଆ ସଜବାଜ ।
ରଜ ଦୋଳି କଟକଟ
ମୋ ଭାଇ ମଥାରେ ସୁନା ମୁକୁଟ
ସୁନା ମୁକୁଟ ଲୋ
ଦିଶୁଥାଏ ଝକମକ ।
ବିଲରେ ବିଲ ଗଡ଼ିଶା
ଝିଅ ଯେତେବେଳେ ଶାଶୁଘର ଯାଏ

ଜାଣନ୍ତି ସାଇପଡ଼ିଶା ।
ଦୁଆରେ ହରଗଉରୀ
ଝିଅ ଯେତେବେଳେ ଶାଶୂଘର ଯାଏ
ବାଜଇ ଶଙ୍ଖ ମହୁରି ।

ନୂଆ ଲୁଗା ପିନ୍ଧି ଭଳଭଳକା
କୁଆଁରୀ ଖେଳନ୍ତି ବୋହୂବୋହୂକା
ବରଷକ ପରେ ଆସିଛି ରଜ,
ଦୋଳ ଝୁଲ୍ ତାର କେତେ ମଉଜ
ଯ..ଝୁଲି ଯା. ମେଘ ଛୁଇଁ ଯା..

ଶିଶୁସାହିତ୍ୟ ଏକାଦେମୀ, ଭୁବନେଶ୍ୱର ତରଫରୁ ଓଡ଼ିଆ ଶିଶୁସାହିତ୍ୟ ସଂକଳନ ରେ ସ୍ଥାନତ କମ୍ଚପ୍ରଦତ ଦୋଳଗୀତ ଶ୍ରୁତିମଧୁର । ଭାଷା ଯାହା ହେଉନା କାହିଁକ କଆର୍ ସ୍ୱର ଓ ଭାବ ସମସ୍ତଙ୍କୁ ଛୁଇଁପାରିଛି ।

ସରୁସରୁ ଧାନ ଶିରୀ
ପ୍ରଥମେ ବନ୍ଦିଲୁ ଧର୍‌ସୁନ୍ଦରୀ
ମୋ ଗୀତ ନ ଯାଏ ସରି ।
ଦୋଳକ ଦଉଡି ସାଜେ
ତେଲେଙ୍ଗା ଗଡରେ କ ବାଜା ବାଜେ
ବାଲିଦେଇ ଗଡୁ ମାଜେ ।
ପୁଚ ଲୋ ଘୁଂଚ ଯା
ଗହୀର ବିଲରେ ଲୁଚ ଯା
ଗହୀର ବିଲରେ ମଇଁଷି
ଧାନମ ମଚମଚ ଖାଉଚ
ଅଡେଇ ଦେ ରେ ଭଇ ଗଉଡ
ବଜେଇ ଦେ ରେ ବଇଁଶୀ ।

ମଇଁଷିଆ ଭାଇ କଏରେ
ପାନ ବୋଡିକର ଗୁଆ ବୋଡିକର
ଭାଇଙ୍କ ସାଙ୍ଗରେ ନେଏ ରେ ।

ଶିଶୁସାହିତ୍ୟର ସାରସ୍ୱତ ପ୍ରତିଭାମାନେ ବି ରଜପର୍ବକୁ ଖୁବ୍ ସୁନ୍ଦର ଭାବରେ କବିତାରେ ତୋଳ ଧରିପାରିଛନ୍ତି । ନଜର କାବ୍ୟିକ ଶାଣିତ ମୁନରେ କବିତା ରଚନା କରି ସାହିତ୍ୟ ସମାଜରେ ନଜ ଆସନ ବଜାୟ ରଖିପାରିଛନ୍ତି ।

ଦୋଳଖେଳ କଥା ଭାବିଲାବେଳକୁ ଓଡ଼ିଶାର ପ୍ରତି ଘରେ ଘରେ ଜଣାଶୁଣା ସୁନାମଧନ୍ୟ କବି ଉଦୟନାଥ ଷଡଙ୍ଗୀଙ୍କ ଦୋଳ ଖେଳ କବିତାର ପଦୁଟିଏ ମନେ ପଡ଼ିଯାଏ -

ଦୋଳରେ ଦୋଳ, ପବନ ଦୋଳ
ଦୋଳ ଖେଳବା ଆସ,
ଗଛର ଡାଳେ ଦୋଳଟି ଝୁଲେ
ତଳେ କଅଁଳ ଘାସ ।

ଶିକ୍ଷକତାକୁ ଆଦରି ନେଇ ସାହିତ୍ୟର ପ୍ରତ୍ୟେକ ଦିଗକୁ ପୁଙ୍ଖାନୁପଙ୍ଖ ଭାବେ ଛୁଇଁପାରିଛନ୍ତି ଶିଶୁ ସାହିତ୍ୟିକ ପ୍ରଶାନ୍ତ କୁମାର ମଙ୍ଗରାଜ । ଗଳ୍ପ, ଉପନ୍ୟାସରେ ସେ ଯେତିକ ସିଦ୍ଧହସ୍ତ, କବିତାରେ ବି ସେ ନପୁଣ । ଗାଁର ପାରିପାର୍ଶ୍ୱିକ ଚରିତ୍ରମାନଙ୍କୁ ଏକାଠି କରି ଅନେକ ସାରସ୍ୱତ ସୃଷ୍ଟି ଭେଟି ଦେଇଛନ୍ତି । ରଜପର୍ବକୁ ସେ ଦେଖିଛନ୍ତି ଭିନ୍ନ ଦୃଷ୍ଟିକୋଣରେ । ରଜପର୍ବର ମହନତା, ଏଥିରେ ସନ୍ନିବେଶିତ ମଜା-ମଜାଲିସ୍, ସାଂସ୍କୃତିକ ପରମ୍ପରାକୁ ସାଉଁଟି ଆଣିଛନ୍ତି ତାଙ୍କର କବିତା ରଜ-ସଜ-ମଉଜ ରେ:

ଆସିଲା ରଜ ବାହାର ସଜ
ହୋଇଲେ ଟୁଆଁ ଟୁଇଁ
ରଜ ମଉଜ ମନରେ ହେଜ
ହସିଲ ଧରା ଭୂଇଁ ।
ତିନୋଟି ଦିନ ରଜପରବ

ଜଗତେ ଜଣାଶୁଣା
ସବୁରି ଘରେ ହରଷ ଭରେ
ହୁଅଇ ପିଠାପଣା ।
ଆମ୍ବ ଗଛରେ ଲାଗିଛି ଦୋଳ
ଉଡେ ପବନ କାଟି
ଖରା ପହରେ ଗୀତ ଲହରେ
ସମୟ ଯାଏ ବିତି ।
ଗାଁ ଦାଣ୍ଡରେ ପଡିଛି ପାଲି
ଚାଲିଛି ପଶାଖେଳ
ଲୁଡୁ ତାଆସ ଖେଳବା ପାଇଁ
ହେଲେଣି ଲୋକ ମେଳ ।

ଆକାଶବାଣୀର କେନ୍ଦ୍ର ନିର୍ଦ୍ଦେଶକ ପଦବୀରୁ ଅବସର ନେଇଥିବା କବି ବରିଷ୍ଠ ଶିଶୁ ସାହିତ୍ୟିକ ଡଃ କୃତିବାସ ନାୟକ କେବଳେ ଯେ ଆକାଶବାଣୀର ନିଜ ସ୍ଥାନ ସଂରକ୍ଷିତ କରିଛନନ୍ତି ତା ନୁହଁ, ବରଂ ସାହିତ୍ୟର ବିଭିନ୍ନ ଦିଗକୁ ସରଳ, ତରଲ, ପ୍ରାଞ୍ଜଳଭାବରେ ରସାଣିତ କରିବାରେ ଅନନ୍ୟ ଭୂମିକା ନେଇଛନ୍ତି । ସେ ବି ରଜପର୍ବକୁ ପାଖରୁ ଦେଖିଛନ୍ତି। ଅନୁଭବ କରିପାରିଛନ୍ତି ରଜପର୍ବର ଏକ ବିମୁଗ୍ଧ ବାସ୍ତବତାକୁ । ବନସ୍ତେ ଡାକଲା ଗଜ କବିତାରେ ନିଜର ଅଭିବ୍ୟକ୍ତି ବାଢ଼ିଛନ୍ତି -

ଶାଢ଼ି ଆଣିଛନ୍ତି ଭାଇ
ପାନ ଭାଙ୍ଗିଛି ମୁଁ ଖଇର ଖାଇ
ଖଇର ଖାଇ ଗୋ
ମାଟି ରଙ୍ଗେଇବା ପାଇଁ ।
ତୋଟାରେ ଲାଗିଛି ଦୋଳ
ମକରକୁ ନେଇ ବୁଲେଇ ନେଲି
ବୁଲେଇ ନେଲି ଗୋ
ଗାଲେ ଥିଲା ପାନ ଖିଲି ।

ଦୋଳ ଖେଳରେ ପରମ୍ପରା ଆଦିବାସୀ ସମ୍ପ୍ରଦାୟରେ ବି ଅନୁଭବ କରିହୁଏ । କେଉଁଝର ଜିଲ୍ଲାର ଭୂୟାଁ, ଜୁଆଙ୍ଗ, ଭତୁଡି ସମ୍ପ୍ରଦାୟରେ ଲୋକମାନେ ଚାରିଦିନ ଧରି ରଜ ପର୍ବକୁ ଉପଭୋଗ କରିଥାନ୍ତି । ପ୍ରଥମ ଦିନ ରଜବତୀ ଠାକୁରାଣୀଙ୍କୁ ପୂଜା କରି ଦୋଳ ପୂଜା କରିଥାନ୍ତି । ଏହା ପୂର୍ବରୁ ପ୍ରାୟ ଏକ ସପ୍ତାହର ଅଧିକ ଦିନ ଧରି ଜଙ୍ଗଲରୁ କାଠ ସଂଗ୍ରହ କରିଥାନ୍ତି । ପଟା ଦୋଳ, ରାମ ଦୋଳ, ବାଉଁଶ ଦୋଳ ଏହିପରି ଚଉଦ ପ୍ରକାର ଦୋଳ ତିଆରି କରିଥାନ୍ତି । ଥଟ୍ଟା ତାମସାରେ ଦୋଳ ଖେଳ ଖେଳ ଗୀତ ଗାଆନ୍ତି । ଘରେ ପ୍ରସ୍ତୁତି ହୋଇଥବା ପିଠା ଖାଇ ମଜା ମଜଲିସ କରନ୍ତି । ପଂଚମ ଦିନ ଅର୍ଥାତ୍ ଶେଷ ଦିନରେ ରଜ ବାଟୋଇବା ପର୍ବ ପାଳନ କରି ରଜକୁ ହସି ହସି ବିଦାୟ ଦେଇଥାନ୍ତି ।

କୁଆଁରୀ ଝିଅମାନେ ଦୋଳ ଖେଳ, ପୁଚ, ଲୁଡୁପାଲି, ତାସ, କ୍ୟାରାମ ଆଦି ଖେଳ ରଜ ପର୍ବକୁ ସରସ ସୁନ୍ଦର କରିଥାନ୍ତି । ଏଭଳି ଖେଳରେ ଥିବା ନିଆରା ଅନୁଭବକୁ ସାଉଁଟି ଆଣନ୍ତି । ସମସ୍ତେ ଯେମିତି ଗୋଟାପଣେ ନିଜର । ମନାନ୍ତର ଓ ମତାନ୍ତରର ଊର୍ଦ୍ଧ୍ୱରେ । ହସ-ଗମାତ ଚାଲେ । କେତେବେଳେ ଯେ ସମୟ ବିତିଯାଏ, ଜଣାପଡ଼େନି ସହଜରେ । ପଲ୍ଲୀ ଗାଁ ପରି ସହରରେ ଏବେ ବି ଦୋଳ ଖେଳ, ପୁଚ ଖେଳର ଚାହିଦା ବ୍ୟାପକ ହୋଇପାରିଛି । ପାର୍କରେ ଅଥବା ଛୋଟଛୋଟ ଜାଙ୍ଗଲିକ ପରିବେଶରେ ଦୋଳ ଖେଳ ଓ ପୁଚ ଖେଳର ପ୍ରତିଯୋଗିତା ଚାଲୁଛି । ଏବଂ ନିଜର ପରମ୍ପରା ତଥା ନିଜର ଆନନ୍ଦ ଓ ଇଛାଶକ୍ତିକୁ ଜାହିର କରି ପ୍ରତିଯୋଗିତାରେ ଭାଗ ନେଇ ଉତ୍ସାହିତ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରୁଛନ୍ତି । ଡି.ଜେ ର ତାଳେ ତାଳେ ଓ ଗୀତର ସୁରେ ସୁରେ ପ୍ରତିଯୋଗୀମାନେ ନିଜକୁ ଖୁସିରେ ହଜାଇଦିଅନ୍ତି । ଦେଖଣାହାରୀ ମନରେ ଅଫୁରନ୍ତ ଆନନ୍ଦ । ସମୟ କ୍ରମେ ଅଲକ୍ଷ୍ୟରେ ନିଜେ ନିଜେ ପ୍ରତିଯୋଗୀ ହୋଇଯାଆନ୍ତି । ଘରକୁ ନିମନ୍ତ୍ରିତ ହୋଇ ଆସିଥିବା ଅତିଥିମାନେ ବି ଖୁସି ମିଜାସରେ ଏଭଳି ଖେଳରେ ଭାଗ ନେଇ ନିଜକୁ ଗୌରବାନ୍ୱିତ ମନେ କରନ୍ତି ।

ଯୁବକମାନଙ୍କର ଡୁ..ଡୁ, କବାଡି..କବାଡି ଖେଳ ବି ରଜ ପର୍ବକୁ ପ୍ରେମନ୍ବିତ କରିଥାଏ । ପାରସ୍ପରିକ ବୁଝାମଣାରେ ଜାତି-ଧର୍ମକୁ ପାସୋରି ନଇ ବାଲି ତଥା ଖେଳ ପଡ଼ିଆରେ ଯୁବକମାନେ ଖେଳରେ ଭାଗ ନେଇ ଭରପୂର ମଜା ଉଠାନ୍ତି । ଦେଖଣାହାରୀ ବି ଘଡ଼ିଏ ଠିଆ ହୋଇ ବାଃ ..ବାଃ କରନ୍ତି । ତାଳ ମାରନ୍ତି । ସୁବିଧା ସୁଯୋଗକୁ ଉଣ୍ଡି ଖେଳରେ ଭାଗ ନଅନ୍ତି । ସଭିଙ୍କ ମନରେ ଗୋଟିଏ ଭାବ-

ଆମେ ପଖ୍ ଓଡ଼ିଆ / ଆମ ଗାଁ ବଢ଼ିଆ ।
ରଜ ପର୍ବ ଆମର / ଆମେ ଏ ମାଟି କୁମର ।

ଓଡ଼ିଆର ଅନ୍ୟାନ୍ୟ ପର୍ବପର୍ବାଣିରେ ବିଭିନ୍ନ ପ୍ରକାରର ପିଠା ପ୍ରସ୍ତୁତି ହେଲା୍ ପରି ରଜପର୍ବରେ ମଧ୍ୟ କସମ କସମର ପିଠା ପ୍ରସ୍ତୁତି ହୋଇଥାଏ । ସେଥିରୁ ପୋଡ଼ପିଠାର ସ୍ୱାତନ୍ତ୍ର୍ୟ ରହିଛି। ଗ୍ଉଳ, ଗହମ, ବିରି, ଖ୍ଶି, ନଡ଼ିଆ ଓ ଘିଅର ମଧୁର ସମ୍ମିଶ୍ରଣରେ ପୋଡ଼ପିଠାର ପ୍ରସ୍ତୁତି। କାଠଚୁଲିରେ ପ୍ରସ୍ତୁତ କରା୍ଯାଇଥିବା ଏହି ପୋଡ଼ପିଠାର ସ୍ୱାଦ ଅନନ୍ୟ । ସେଥିରେ ମିଶିଥାଏ ନବିଡ଼ ଭଲପାଇବା, ଅନୁଗ୍‌ଗ । ନଜେ ଖାଇ ଅନ୍ୟକୁ ଖୁଆଇବାରେ ଆନନ୍ଦ ଥାଏ । ପୋଡ଼ପିଠା ଖାଇଲା୍ ବେଳକୁ ଗାଁ ର ଖ୍ଷେଇ ଘରଟି ଆଖି ଆଗରେ ନାଚ ଉଠେ ।

ଓଡ଼ିଶାର ଚର୍ଚ୍ଚିତ ଶିଶୁ ସାହିତ୍ୟିକ କବି ନନ୍ଦ କଶୋର ସାମଲଙ୍କ ଚର ସବୁଜମୟ କବିତା ପଦୁଟିଏ ମନେ ପଡ଼େ -

ଏଇଟି ଆମର ଖ୍ଷେଇ ଘର
ଘର ଭିତରଟି ସଫାସୁତର,
ଏଇଠାରେ ମାଆ ପରିବା କାଟେ,
ବେସର ବାଟେ
ଜାଇ ରଗଡ଼େ
ଶାଗ ଖରଡ଼େ,
ଗଢ଼ଇ ପିଠା
ଆରିଷା କାକରା୍ ଆହା କ ମିଠା ।

ଗାଁ ରେ ଯେ କେବଳ ପିଠାର ଆଦର ରହିଛି ତା ନୁହେଁ, ସହରର ପ୍ରତ୍ୟେକ ଘରେ ଘରେ ପିଠା ପ୍ରସ୍ତୁତ କରା୍ଯାଇ ଏକାଠି ପରିବାର ଲେ୍କେ ସେବନ କରନ୍ତି ଏବଂ ନମନ୍ତ୍ରିତ ଅତିଥିମାନଙ୍କୁ ପରଷିବା ସହ ସାଇପଡ଼ିଶାଙ୍କୁ ଭେଟି ଦିଅନ୍ତି । ଏଭଳ ଆତ୍ମିୟତା ସାର୍ବଜନୀନ ହୋଇପଡ଼େ ।

ଲେ୍କ ଗୀତରେ ବି ଦୋଳ ଗୀତ ଓ ପିଠାର ଆଦର କହିଲେ ନ ସରେ ।
ରଜ ଦୋଳ ଖେଳ କୁମାରୀ ଗୀତ ଚକୁଳରେ ପୁର ନଡିଆ
ଆରିସା, କାକରା୍, ମଣ୍ଡା ଗଇଁଠା ମୋ ଗାଇ କେତେ ବଢ଼ିଆ ।

ଶିଶୁସାହିତ୍ୟିକ କବି କୁଞ୍ଜବିହାରୀ ସାହୁଙ୍କ ରଜ ପିଠା କବିତାରେ ପିଠା ସହ ମାଆର ମମତାକୁ ତୁଳନା କରାଯାଇଛି, ଯେପରିକି-

ବୋଉ ବନେଇଛି ଆରିଷା କାକରା
ସୁଆଦିଆ ପୋଡପିଠା,
ସେନେହ-ଆଦର ଭରିଛି ସେଥିରେ
ଖାଇଲେ ଲାଗୁଛି ମିଠା ।
କୋଳେଇ କାଖେଇ ଖୁଆଏ ଆମକୁ
କଅଁଳ କଥାଟି କହି,
ଓଠରେ ତାହାର ହସଟେ ଝରାଏ
ଆମରି ମୁହଁକୁ ଚାହିଁ ।

ପୋଡ଼ପିଠାରେ ଚାଉଳ, ନଡିଆ, ଗୁଡ, କାଜୁ, ଗୁଜରାତି, ଗୋଲମରିଚ, ଅଦାର ମିଶ୍ରଣ ରହିଥାଏ । ଏହାଛଡ଼ା ମୁଗମଣ୍ଡା, ସୁଜିମୁଣ୍ଡା, ନଡ଼ିଆ ମଣ୍ଡା, କାକରା ପ୍ରସ୍ତୁତ ହୋଇ ବିକ୍ରି କରାଯାଇଥାଏ । କେତେକ ସ୍ଥାନରେ ଆକର୍ଷଣୀୟ ପିଠାବାକ୍ସ ଓ ପିଠା ପ୍ୟାକେଟ୍ ଦ୍ୱା ବିଭିନ୍ନ ରକମର ପିଠା ଉପହାର ରୂପେ ଲୋକମାନେ କଣିନଅନ୍ତି । ଭୁବନେଶ୍ୱରର ଓଟିଡିସିରେ ମହୁଲ ପିଠା ଓ ମାଣ୍ଡିଆ ପିଠା ପ୍ରସ୍ତୁତ କରାଯାଇଥାଏ । ଏହି ପ୍ରକାର ପିଠା ଗୁଡ଼ିକ ସେହି ଆଦିବାସୀମାନଙ୍କର ପାରମ୍ପରିକ ବୋଲି ବିବେଚତ ହୋଇଥାଏ ।

ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ବି ପୋଡ଼ପିଠାର ମହନୀୟତାକୁ ସୁନ୍ଦର ସାବଳୀଳ ଭଙ୍ଗୀରେ ଲିଖିତ ହୋଇଛି – "ଲକ୍ଷ୍ମୀଙ୍କର ପାକ ପରି ଲାଗୁଛି କହ୍ନାଇ/ ଶେଷେ ପୋଡପିଠା ଦେଖି ଆଚମ୍ଭିତ ହୋଇ ।"

ଦୋଳି ଖେଳର ସ୍ୱତନ୍ତ୍ର ମହକ ବାରି ହୋଇପଡ଼େ ରାଜଧାନୀର ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପାନ୍ଥପଡ଼ା ଗାଁ ର ସବୁଜସ୍ଥଳ । ଏଠାରେ ଶହେରୁ ଅଧିକ ଦୋଳି ଝୁଲାଯାଇଥାଏ । ଦୋଳି ଖେଳ ସହିତ ଝିଅ ବୋହୂଙ୍କ ମୁରୁଜ, ଝୋଟି, ମେହେନ୍ଦି, ଚତା

ପ୍ରତିଯୋଗିତା ଚାଲେ । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନରେ ନାଚ ଗୀତ, ପୁଚ ଖେଳ ପରି ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଶକୁ ରଙ୍ଗମୟ କରିଥାଏ ।

ରଜପର୍ବର ଅନ୍ୟ ଏକ ସାଂସ୍କୃତିକ ଆକର୍ଷଣ ହେଲା- ପାନ । ଓଡ଼ିଶାର ସାଧାରଣ ଲୋକମାନଙ୍କର ପାଖରେ ପାନ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇଛି । ଶ୍ରୀ ଜଗନ୍ନାଥଙ୍କ ଉପାସନା ସହିତ ପାନର ନିବିଡ଼ ସମ୍ପର୍କ ରହିଛି । ବଡ଼ ଠାକୁରଙ୍କ ସମସ୍ତ ଧୂପ, ବଡ଼ସଂହାର, ପହୁଡ଼, ଚନ୍ଦନ ଆଦି ତାମ୍ବୁଳ (ପାନ) ଅର୍ପଣ ପରମ୍ପରା ଶ୍ରୀ ମନ୍ଦିରର ସେବା କାର୍ଯ୍ୟର ଏକ ମୁଖ୍ୟ ଅଙ୍ଗ । ମହାପ୍ରଭୁଙ୍କ ପାନରେ ଗୁଆ, ଲବଙ୍ଗ, କର୍ପୂର, ଜାଇଫଳ, ଅଳେଇଚ ଆଦି ପକାଯାଏ । ସେହିପରି ସୁଆଦିଆ ପାନ ସେବନ ରଜପର୍ବର ଅନ୍ୟ ଏକ ଆକର୍ଷଣ । ରଜପର୍ବରେ ସାଧାରଣ ପାନ ଦୋକାନରେ ବି ରଜ ପାନର ବିକ୍ରି ଚାଲେ । ଖରିଦଦାରଙ୍କ ଭିଡ ଜମେ ସେଇଠି । ପ୍ରତିଯୋଗିତା ଚାଲେ ସୁଆଦିଆ ପାନର । ଦାମିକିଆ ପାନ ଖାଇବା ଓ ଖୁଆଇବାର ନିଆରା ଆନନ୍ଦ ସହଜରେ ବାରିହୋଇପଡ଼େ । ଲାଲ ଲାଲ ଓଠରେ, କଥା କହିବା ଶୈଳୀ ଭିତରେ ବାରି ହୋଇପଡ଼େ ରଜ ପାନର ମହାନତା ଓ ମାଦକତା । ରଜପାଇଁ ଗୋଟାପାନରେ ଚୂନଚୂନ କଟାଗୁଆ, ସୁବାସିତ ଜାଫ୍ରାନ କେଶର ଗୁଜୁରାତି, ଲବଙ୍ଗ, ଖଇର, ମୁଗେଇ, ଭଜା ସୁପାରୀ, କାଶ୍ମିରୀ ସୁପାରୀ, ଖିଲି ସୁପାରୀ,ଖଜୁରୀ ମସଲା, ପପତା ମସଲା, ଅଁଳା, ଆମ୍ବ କସିଆ ଅଦା,ଗୋଲାପ ଚଟଣୀ, ଭଜା ଧଣିଆ, ଡାଲଚିନି, ଭଜା ନଡ଼ିଆ, କାଜୁ ଖଣ୍ଡ,ଖଇର ଖଣ୍ଡ,ଚେରି ଖଣ୍ଡ, କେତକ ଖଣ୍ଡ, କବାବ ଚିନି,ଚୂଆ, ଶ୍ରୀକର୍ପୂର ପ୍ରଭୃତି ସୁମିଷ୍ଟ ମସଲାରେ ମିଶ୍ରିତ ହୋଇଥିବା ତ୍ରିଭଙ୍ଗ, ଚତୁଃଭଙ୍ଗ, ଷଡଭଙ୍ଗ, ଅଷ୍ଟଭଙ୍ଗରେ ସଜ୍ଜିତ ରଜ ପରବର ପାନ ନିହାତି ନିଆରା । ପ୍ରେମର ପ୍ରତୀକ ପାନ ଗୋଲାପ ଫୁଲଠାରୁ ଆହୁରି ରମଣୀୟ ଦିଶେ ଏହି ରଜପର୍ବରେ ।

ରଜପର୍ବ ଏକ କୃଷିଭିତିକ ପର୍ବ । ରଜ ସଂକ୍ରାନ୍ତିରେ ମାଟି-ମା ରଜସ୍ୱଳା ହୁଏ । ରଜୋବତୀ ନାରୀକୁ ଛୁଇଁବା ନିଷେଧ ପରି ରଜପର୍ବରେ ମାଟିକୁ କର୍ଷଣ କରିବା ନିଷେଧ । କୃଷିକାର୍ଯ୍ୟ ନିଷେଧ ହୋଇଥିବାରୁ କାଳିଆ କଷରା ବଳଦର ସଂପୂର୍ଣ୍ଣ ବିଶ୍ରାମର ଦିନ । ସେମାନଙ୍କର ପାଂଚଣକୁ ଡର ନଥାଏ । ଗୁହାଳ ଘରେ ଖାଇପିଇ ମସ୍ତି କରନ୍ତି । ରଜୋବତୀ ନାରୀ ସନ୍ତାନକୁ ଜନ୍ମ ଦିଏ । ସେହିପରି ପହିଲି ଆଷାଢ଼ର ବାରିପାତରେ ରଜୋବତୀ ମାଟି ଉତ୍ପାଦନକ୍ଷମ ହୋଇଥାଏ । ଭୂମି ଦହନ ପର୍ବ ପରେ ବସୁମତୀ ସ୍ନାନ

ପର୍ବ । ଧରିସ୍ନାନରେ ପ୍ରତ୍ୟୁଷରେ ପ୍ରତ୍ୟେକ ଘର ଅଗଣାରେ ଏକ କାଷ୍ଠ ଉପରେ ଲଙ୍ଗଳ ଲୁହା ସହିତ ଶିଳପୁଆ (ଭୁମି ଦେବୀର ପ୍ରତୀକ), ନଡ଼ିଆ ଇତ୍ୟାଦି ରଖି ହଳଦୀ ପାଣିରେ ସ୍ନାନ କରାଯାଏ । ବିଭିନ୍ନ ଫୁଲ, ସିନ୍ଦୁର ଲଗାଯିବା ସହ ଋତୁ ଭିତିକ ଫଳ ଅର୍ପଣ କରି ମହା ଲକ୍ଷ୍ମୀଙ୍କୁ କ୍ଷେତ ମଝିରେ ପୂଜର୍ଚ୍ଚନା କରି ବିଶ୍ରାମ ଲଭିଥିବା କୃଷକ କୃଷି କାର୍ଯ୍ୟ ଆରମ୍ଭ କରେ ।

ଏ ପର୍ବରେ କୌଣସି ଠାକୁର-ଠାକୁରାଣୀଙ୍କୁ ପୂଜା କରାଯାଏ ନାହିଁ ରଜସ୍ୱଳା ମାଟି-ମାଆକୁ ସମ୍ମାନ ଜଣାଇ । ନାରୀମାନେ ପୂଜା କରନ୍ତି ନାହିଁ । ତେଣୁ ଘରର ପୁରୁଷ ବ୍ୟକ୍ତି ହିଁ ପୂଜା କରିଥାନ୍ତି । ଗୃଉଳ କୁଟିବା, ଶିଳରେ ବାଟିବା, କୂଅରୁ ପାଣି ବୋହିବା, ଖାଲି ପାଦରେ ମାଟିରେ ଗ୍ଲିବା ମନା ପରି କେତୋଟି ନାସ୍ତିବାଚକ କାର୍ଯ୍ୟ ରଜ ପରମ୍ପରାର ଅନ୍ତର୍ଗତ । ଆଜି ବି ଘରର ଘରଣି ଓ କୁଆଁରୀ କନ୍ୟାମାନେ ପରମ୍ପରାକୁ ମାନ ଚଳବାର ନଜିର ରହିଛି ।

ରଜ ପର୍ବ ମାଟିର ପର୍ବ । ମାଟିରେ ନୁଆ କରି ମହକ ଝରିବାର ପର୍ବ । ବରିଷ୍ଠ କବୀ ସରଳା ବେହେରା ମାଟିର ମହକ କବିତାରେ ରଜ ପର୍ବ କୁ ସଂସ୍କୃତି ରେ ସାମିଲ କରି ଲେଖିଛନ୍ତି –

ଆସିଛିରେ ରଜ ଆସିଛି
ବରଷକ ପରେ ଆସିଛି
କୁଆଁରୀ ମନରେ କଳପନା ଭରି
ନାଲିନାଲି ଓଠେ ହସୁଛି ।
ବରଷା ଆସେ ଥିରିଥିରି
ସବୁରି ମନେ ରଙ୍ଗ ଭରି
ମାଟିର ପରବ, ମାଟିର ଗରବ
ଆମରି ସଂସ୍କୃତି କହୁଛି ।
ଆସିଛିରେ ରଜ ଆସିଛି ।।

ହଁ, ରଜ ପର୍ବ ଆସିଛି ତାଆରି ଢଙ୍ଗରେ । ଆସିବାରେ କଏ କାହିଁକି ବାଧା ଦେବ ? ଏବେ କରୋନା ଭୁତାଣୁର ଚକ୍ରବ୍ୟୁହରେ ସମଗ୍ର ବିଶ୍ୱ । ଘୁରିଆଡ଼େ ଏ ମହାମାରୀର ଅସଜଡ଼ା ଆତଙ୍କ । ଏକ ଅହେତୁକ ଭୟ । ସେ ଭୁତାଣୁ କେଉଁଠି ଅଛି, କପରି ଅଛି ତା ବିଷୟରେ ଭାବିହେଉନ ସହଜରେ । ସମସ୍ତେ ସଙ୍ଗରୋଧରେ । ନିଃସଙ୍ଗତା ଆବୋରି ନେଇଛି ସମସ୍ତଙ୍କୁ ଅନାୟସରେ । ମନହୃଦୟରେ କର୍ଫ୍ୟୁ । ପାଟିରେ ତୁଣ୍ଡି । ସାମାଜିକ ଦୁରତାରେ ସଭିଙ୍କ ଗ୍ଳିଚଳନ । କୋକୁଆ ଭୟ ମାଡ଼ିବସିଛି । ଏମିତି ଏକ ସନ୍ଧିକ୍ଷଣରେ ରଜପର୍ବ ଆସିଛି । ସରସତା ଉଜ୍ଜୀବୀତ ହେବା ବଦଳରେ ନୀରସତା କୋଳେଇନେଇଛି । ଏକାଠି ହେବାର ନଆର ଅନୁଭବ ଆପାଣାଛାଏଁ ଦୂରେଇଯାଇଛି । ସତେ ଯେମିତି କରୋନା ଭୁତାଣୁ ପଣ କରିଛି ଜିଅନ୍ତା ମାରିଦେବ ସବୁ ମଣିଷଙ୍କୁ । ପ୍ରବାସୀ ଫେରିଛି ତା ଭିଟାମାଟିକୁ ଗାଁ ର ମୋହ ତାକୁ ଅସ୍ତବ୍ୟସ୍ତ କରିଛି ବୋଲି । ଦେହରେ କନ୍ତୁ ସାଇତିରଖିଛି କରୋନା ମହାମାରୀ ଭୁତାଣୁ । ପ୍ରିୟ ପରିଜନକଙ୍କୁ ଭେଟିବାର ଅବକାଶ ପାଇପାରୁନ ସେ। କେବଳ ମନେ ପକାଉଛି ଗାଁ ର ଗହଳଆ ଆମ୍ବ ତୋଟା । ଗାଁ ର ନଇପୋଖରୀ । ନୀଳ ଜଳରାଶି । ପହଁରିବାକୁ ଅନୁଭବ, ମାଛ ଧରିବାର ଆନନ୍ଦ । ରଜପର୍ବର ଭିନ୍ନ ଆକର୍ଷଣ । କାହାକୁ କହି ନ କହିବାର ଯନ୍ତ୍ରଣାରେ ଛଟପଟ ହେଉଛି ।

ପ୍ରଶ୍ନଟିଏ ଉଙ୍କିମାରେ ସତରେ ରଜପର୍ବ ଆସିଛି ନା ? ଓଡ଼ିଆ ସଂସ୍କୃତି ଓଡ଼ିଆ ପରମ୍ପରା ବଂଚଛି ତ ? ଭାବିଲାବେଳକୁ ଜଣାପଡୁଛି ରଜପର୍ବର ସମସ୍ତ ସାଂସ୍କୃତିକ ପରମ୍ପରା ଏବେ କଳ୍ପନାରେ ବାହାରେ ।

ଏଲ୍.ଆଇ.ଜି-୧୫ ନୟାପଲ୍ଲୀ ଷ୍ଟ୍ରୀଟ୍ କଲୋନୀ,
ଭୁବନେଶ୍ୱର ୭୫୧୦୧୨

# ମା



ଡ. ସଦା ବିହାରୀ ସାହୁ

ଗୋଟିଏ ଅକ୍ଷର ରେ ସମାହିତ
ସମଗ୍ର ବିଶ୍ୱ
ସେ ହେଉଛି ମା
ସୁଖ ଓ ଦୁଃଖ ରେ ମନ ମଧ୍ୟରେ
ଆପେ ଆପେ ବାହାରି ଆସେ ଏକ ନାଁ,
ସେ ହେଉଛି ଚର ନମନ୍ୟ ମା

ଯିଏ ଭଲ ପାଏ ନଜଠୁ ବଳ ନଜ ସନ୍ତାନକୁ
ଭୋକରେ ରହି, ପେଟକୁ କାଟି ଅନ୍ନ ବଢାଇ ଦିଏ ନଜ ପିଲ୍ଙ୍କୁ
ସେ ହେଉଛି କରୁଣାମୟୀ ମା

ଭଗବାନଙ୍କ ଦ୍ୱିତୀୟ ରୂପ
ସ୍ନେହ ଓ ମମତାର ମୂର୍ତ୍ତିମୟୀ
ଯାହାକୁ ଅନୁଭବ କରିବା ପାଇଁ
ଭଗବାନ ବି ନଅନ୍ତି ଧର୍ ପୃଷ୍ଠରେ ଆବିର୍ଭାବ
ସେ ହେଉଛି ଜନ୍ମଦାତା ମା

ସମସ୍ତ ଦୁଃଖ, ରୋଗ ଓ ଶୋକକୁ
ଘୋଡାଇ ରଖେ ନଜ ପଣତ କାନ ରେ

ଯାର ଆଶିର୍ବାଦ ରେ ସଫଳତା ପାଦ ଛୁଏଁ
ସେ ହେଉଛି ଚର ବନ୍ଦନୀୟା ମା

ଜ୍ଞାନର ଶବ୍ଦକୋଷ, ଜୀବନର ପ୍ରଥମ ଗୁରୁ
ଜୀବନ ଓ ମୃତ୍ୟୁ ପର୍ଯ୍ୟନ୍ତ ଯେ ଥାଏ ପାଖେ ପାଖେ
ନିଃସ୍ୱାର୍ଥର ଜୀବନର କର୍ତ୍ତିମୟୀ
ସେ ହେଉଛି ପୂଜନୀୟ ମା

ମା ର ସ୍ଥାନକୁ ପୂରଣ କରିବାକୁ କେହି ନାହିଁ
ସ୍ରଷ୍ଟା ର ଏକ ଅନନ୍ୟ ରୂପ ସେ
ସବୁଠୁ ଧନବାନ୍ ଓ ଭାଗ୍ୟବାନ ସେ
ଯା ଉପରେ ଥାଏ ମା ର ଆଶିର୍ବାଦ ସବୁବେଳେ

ଚର ଦିନ ଋଣୀ ଆମେ ତା ପାସେ
ହେ ଜନ୍ମଦାତ୍ରୀ ମା, ଏ ଧରିତ୍ରୀ ମା
ଧନ୍ୟ ହେଲା ଏ ଜୀବନ
ଜନ୍ମିଲି ତୁମ ଗର୍ଭରୁ
ପାଣି, ପବନ, ଖାଦ୍ୟ ପାଇ ବଢ଼ିଲି ଏ ଧରା ପୃଷ୍ଠେ
ତୁମେ ଚୀର ବନ୍ଦନୀୟା, ତୁମେ ସଦା ନମସ୍ୟ, ସଦା ପୂଜନୀୟା
ହେ ମୋ ଯନ୍ମଦାତ୍ରୀ ମା, ଏ ଧରିତ୍ରୀ ମା
ତୁମ ଆଶିଷ ଥାଉ ମୋ ପାଶେ
ଯେତେ ଦିନ ଏ ଜୀବନ ଅଛି ଏ ଧରା ପୃଷ୍ଠେ

ଭାରତୀୟ ଲଘୁ ଉଦ୍ୟୋଗ ବିକାଶ ବ୍ୟାଙ୍କ, ମୁମ୍ବାଇ

# କେଉଁଠି ରଖିବି?



ଡକ୍ଟର ମନୋରଞ୍ଜନ ବିଷୋୟୀ

ତୁମେ କେବେ ଆସ ସ୍ୱପ୍ନରେ
କେବେ ପୁଣି ଆସ ସତରେ ।
କେଉଁଠି ରଖିବି ତୁମକୁ କୁହ
ମନରେ ନା ହୃଦୟରେ?
ସର୍ବଦା ଯୋଜନା କରୁଥାଏ
ତୁମର ଟିକଏ ସ୍ପର୍ଶ ଓ ସାନିଧ
ପାଇବାପାଇଁ ସମସ୍ତଙ୍କ ଅଲକ୍ଷ୍ୟରେ ।
ତୁମେ ତ ତୁମକୁ ବାନ୍ଧି ରଖିଛି
ମୋ କଥାରେ ଆଉ କବିତାରେ ।

ସ୍ନାତକୋତ୍ତର ଓଡିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର

# କୋରନା ମହାମାରୀ



ମଧୁଛନ୍ଦା ବେହେରା

ଚୀନ୍ ରୁ! କୋରନା ହେଲା ସଂକ୍ରମିତ
କ୍ଷଣକ ରେ ବ୍ୟାପିଗଲା ଏ ସାରା ଜଗତ ।
ମହୀମଣ୍ଡଳରେ ରେ ଆତଙ୍କ ରଚେଇ
ଏବେ ସାଜିଛି ମୃତ୍ୟୁର ଦୂତ ।

ଆମେରିକା, ଫ୍ରାନସ୍, ଇଟାଲୀ, ଜର୍ମାନୀ,
ଭାରତ ପରି, ମହାବଳଶାଳୀ ରାଷ୍ଟ୍ର
କେତେ ବୈଜ୍ଞାନିକ, କେତେ ଯେ ଡାକ୍ତର,
କେତେ ପୁଣି ଗବେଷକ,
ବହୁ ଚେଷ୍ଟା ପରେ ଖୋଜିପାଆନ୍ତିନି
କୋରନା ର ମୂଳତତ୍ତ୍ୱ ।

ଆତଙ୍କ ର କାୟା ବିସ୍ତାର କରିଛି
ସାରା ବିଶ୍ୱ ଆତଙ୍କିତ,
ବିଜ୍ଞାନ, ପ୍ରକୃତି ନିରୁପାୟ ଆଜି
ସବୁଥାଇ ନିରର୍ଥକ ।

ଜାତି, ଧର୍ମ, କୂଳ, ଧନୀ କି ଗରିବ
କିଛି ନାହିଁ ତା'ର ଭେଦଭାବ
ମୃତ୍ୟୁର ତାଣ୍ଡବ ଖେଳେ ଦିବାନିଶି
କେ କରିବ ତା, ପଥ ଅବୋରଧ ।

କୋରନା ଯୁଦ୍ଧ ରେ ନା ସୈନିକ ଲଢୁଛି
ନା ଫୁଟୁଛି ବନ୍ଧୁକ ଗୁଳି,
ବୀର ଯୋଦ୍ଧା ସାଜି ଡାକ୍ତର, ନର୍ସ
କେତେ ପଡୁଛନ୍ତି ବଳି ।

ଡାକ୍ତର, ନର୍ସ ବନ୍ଧୁମାନଙ୍କୁ
କରେ ଶତ ଶତ ପ୍ରଣାମ
କୋରନା ପୀଡିତ ସେବାରେ ଥାଆନ୍ତି
କରୁଥାନ୍ତି କର୍ମ ମହାନ ।

ତାଙ୍କରି ସେବାରେ, ତାଙ୍କ ପ୍ରଚେଷ୍ଟା ରେ
ପାଉ ସିନା ନୂଆ ଜୀବନ
ସେଥିପାଇଁ ତାଙ୍କୁ, ଦ୍ୱିତୀୟ ଈଶ୍ୱର
ଦିଆଯାଇଅଛି ସ୍ଥାନ ।

କୋରନା ଭୂତାଣୁ!
ପରଶ ମାତ୍ରକେ ବ୍ୟାପିଯାଏ ପୁଣି
ଯୋଜନ ଯୋଜନ ଦୂର
ହେଲେ ସଚେତନ, ରଖିଲେ ଦୂରତ୍ୱ
ନଥାଏ ସଂକ୍ରମିତ ହେବା ଡର ।

ମାନବ ଜାତି ର ପତନ ନ ହଉ
ତେଣୁ, ରଖ ସାମାଜିକ ଦୂରତା
ଗୃହେବନ୍ଦୀ ରହି ସୁରକ୍ଷିତ ରୁହ
ସରକାର ଦେଲେ ବାରତା ।

ଅର୍ଥ ବ୍ୟବସ୍ଥାକୁ ଖାତିର୍ ନ କରି
ସରକାର କରିଦେଲେ ଦେଶ ବନ୍ଦୀ
ତଥାପି କୋରନା ବଢେ ଦିନୁଦିନ
ସତେ, କେହି ନାହିଁ ତା'ର ପ୍ରତିଦ୍ୱନ୍ଦି ।

କୋରନା ପୀଡିତ ଶହ ଶହ ଲୋକ
ନତି ଯାଉଛନ୍ତି ମରି
ପ୍ରତିରୋଧ ଟୀକା(ଭ୍ୟାକସିନ୍) ବାହାରିବା
ପାଇଁ
ହେବ ଆଉ କେତେ ଡେରି?

ସାର୍ବ ବିଶ୍ୱ ହା ହା କାର
ସବୁ ତ ଯାଇଛି ହଜି
ତୁମେ ହାତେ ଗଢା, ଏ ଶ୍ରେଷ୍ଠ ମାନବ
କଛି ବାଟ ତ ପାଉନ ଖୋଜି ।

କେମିତି ମିଳବ ନସ୍ତାର ପ୍ରଭୁ ହେ
ଏ କୋରନା ମହାମାରୀ ହେବ ଦୂର
ତୁମେ ନ ଗୁହିଁଲେ ତୁମରି ସୃଷ୍ଟି
ହୋଇଯିବ ଛାରକାର ।

ଏତିକ ଗୁହାରୀ ତୁମ ଶ୍ରୀପୟରେ
ସବୁ ଦୁଃଖ ହେଉ ନାଶ
ଏ ମହାବିପତ୍ତି ରୁ ରକ୍ଷାକର ପ୍ରଭୁ
ପୁଣି ହସିଉଠୁ ମୋର ଦେଶ ।

କଟ୍‌ଓ୍ୱାରିଆ ସରାଇ, ନୂଆଦିଲ୍ଲୀ

# ମୁଁ ଓଡ଼ିଆ



ପ୍ରଶାନ୍ତ କୁମାର ମହାନ୍ତି

ବାରମାସରେ ତେରପରବ
ଶାଗପଖାଳ ଆମ ଗରବ
ମାଣବସା ରଜଦୋଳ ଆଉ ଖୁଦୁରୁକୁଣୀ
ବଉଳ ଖାଇ ମିତ ବସନ୍ତି ଆମ ଭୂଆସୁଣୀ
ମାଟିଘରେ ଝୋଟିଚିତା
ଭ୍ରି ମିଠା ଆମ କଥା
ଜେଜେଙ୍କର ବଙ୍କା ବାଡ଼ି ଆଇମା ର ଗପପେଡି
ବେଳବୁଡ଼େ ଧୂଳଉଡେ ଶୁଣୁଯେବେ ହଁମା ରଡି
ଲୁଗ୍ଲୁଚ ପୁଣି ପୁଚ ସାଥେ ବୋହୂଗ୍ଲେରି
ଖର୍‌ବେଳେ ମାଛମାରୁ ବନଶୀଟେ ଧରି
ଦୋଳ ଯାନଯାତର୍ ରେ କ୍ଷୀରିପୁରି ଭ୍ସେ
ବୋଉ ହାତ ଆରିସାଟା ମହମହ ବାସେ
ଢ଼ିଙ୍କିକୁଟା ଗ୍ଲଉଳକୁ ମାଣ୍ଡିଆର ଯାଉ
ବଡ଼ିଚୁର୍ ପଖାଳରେ ଭ୍ରି ଶାନ୍ତି ପାଉ
ଚକାଚକା ଭଉଁରୀ ଗୀତର ତାଳେ ତାଳେ
ଗାଁ ଦାଣ୍ଡେ ଟାୟାରଟା ଭୁଁ ଭୁଁ ଗ୍ଲେ
ଖଞ୍ଜଣୀ ର ବାଜା ଶୁଭେ ଭ୍ଗବତଟୁଙ୍ଗି ଘରେ
ଭ୍ଇ ଭ୍ଇ ସମ୍ପର୍କ ରେ ଆମ ଦିନ ସରେ
ରେବତୀ ଯେ ଆମ ଗପ ଯେବେ ମନେ ପଡେ
ଲୋ ନଅାଁ ଲୋ ଚୁଲି କଏ ଭୁଲିପାରେ
ବର୍ଣ୍ଣବୋଧ ବହି ଠାରୁ ଭ୍ଗବତ ଯାଏ
ଓଡ଼ିଆଙ୍କ ତ୍ୟାଗ କଥା ପ୍ରତି ଶବ୍ଦ କହେ
ଓଡିଶା ର ବୀରପୁଅ ଛାତି ଦମ୍ଭେ ଗାଆ
ଓଡ଼ିଆ ବଢିଆ ବୋଲି ଗର୍ବ କରୁ ତୋ ମାଟି ମା..

କାକଟପୁର, ପୁରୀ

# ହ୍ରଦର ହୀରକମାଳା ଓ ହିଡିମ୍ବା ଉପାଖ୍ୟାନ

ପ୍ରିୟବ୍ରତ ପାଣ୍ଡ

ଦେବ ସମ୍ରାଜ୍ୟର ବୃହତ୍ତମ ହ୍ରଦ ଭୀମ ତାଲକୁ ପଛରେ ପକାଇ ଆମ ଗାଡି ଗ୍ଲିଲା ସତତାଲ ଦିଗେ । ମହାଭ୍ରତର ବହୁଳାଂଶ ଏହି ଉତ୍ତରାଞ୍ଚଳକୁ ନେଇ ପର୍ଯ୍ୟବେସିତ । ଗାଡିରେ ଆଖି ମୁଦି ବସିଗଲେ – ପୁନଶ୍ଚ ଆବିର୍ଭାବ ହୁଏ ଭୀମତାଲ୍ ଓ ତତସଂଲଗ୍ନ ଅସଂଖ୍ୟ କମ୍ବଦନ୍ତୀର ଗାଥା । ଏହାକୁ ନର୍ମାଣ କରିଥିବା ଭୀମପୁତ୍ର ଘଟୋତ୍କଚଙ୍କ ମୃତ୍ୟୁପରି ଜନ୍ମ ମଧ୍ୟ ବିଚିତ୍ର ଓ ଘଟଣା ବହୁଳ ।

ହିମାଳୟରେ ବୁଲୁଥିବା ବେଳେ ଭୀମଙ୍କ ବିବାହ ଗ୍ରକ୍ଷସୀ କନ୍ୟା ହିଡିମ୍ବାଙ୍କ ସହିତ ହୋଇଥିଲ୍ । ହିଡିମ୍ବାଙ୍କ ପୁତ୍ର ଜନ୍ମ ପରଠୁ ବିଶାଳ କଳେବର ନେଇ ହୁ ହୁ ହୋଇ ବଢିବାକୁ ଲ୍ଗିଲେ । ସେ ଏକ ବିଚିତ୍ର ଚନ୍ଦାମୁଣ୍ଡିଆ ଅସୁର ଭ୍ବେ ପାଖଆଖର ପ୍ରତିଦ୍ୱନ୍ଦୀଙ୍କୁ ଅକ୍ଲେଶରେ ଧରାଶାୟୀ କରିପାରୁଥିଲେ । ତାଙ୍କ ନାମ ଥିଲ୍ ଘଟୋତ୍କଚ – ଯାହାର ଆକ୍ଷରିକ ଅର୍ଥ ହେଲ୍ ଯାହାର ମୁଣ୍ଡରେ ବାଳର ଆବଶ୍ୟକତା ନାହିଁ । ମହାଭ୍ରତ ଯୁଦ୍ଧରେ ସେ ଅନେକ ମାୟା ରଚନା କରିବାରେ ଧୁରଣ ଥିଲେ । ଏହି ବିସ୍ମୟ ବାଳକର ବର୍ଣ୍ଣନା କରିବାକୁ ଯାଇ, ହିଡିମ୍ବା ସୁତ ସ୍ମୃତି ନାମକ ଏକ ଭ୍ରମଣ କାହାଣୀରେ ମନୋଜ ଦାସ ଲେଖିଛନ୍ତି- କୁରୁକ୍ଷେତ୍ର ଯୁଦ୍ଧରେ ଏ ଯୁବ ଗ୍ରକ୍ଷସ ସର୍ବଦା ବଜ୍ରପାତ-ନ୍ୟାୟ ରଡିକରି, ଭଲ୍ଲୁକ ଚର୍ମାବୃତ୍ତ ରଥ ଆରୋହଣ କରି – ସେ ରଥ ଉପରେ ପୁଣି ପତାକା ପରିବର୍ତ୍ତେ ବସିଥାଏ ଭୟଙ୍କର ଗୃଧ୍ରଟିଏ...କୌରବ ମାନଙ୍କ ଭିତରେ ଏଭଳ ଆତଙ୍କ ସଞ୍ଚାର କଲେ ଯେ କର୍ଣ୍ଣ ବାଧ ହୋଇ ଅର୍ଜୁନକୁ ମାରିବା ପାଇଁ ସାଇତି ରଖିଥିବା ବୈଜୟନ୍ତୀ ଅସ୍ତ୍ର ଏହାଙ୍କ ଉପରେ ପ୍ରୟୋଗ କଲେ । ସମଗ୍ର ମହାଭ୍ରତରେ ଘଟୋତ୍କଚଙ୍କ ହତ୍ୟା ପଶ୍ଚାତରେ ଥିବା ଷଡଯନ୍ତ୍ର ଓ ବଳଦାନର ତୁଳନା ନାହିଁ ବୋଲି ଏ ଅଞ୍ଚଳର ଲ୍ୋକେ ଖୁବ୍ ଗର୍ବର ସହିତ କହନ୍ତି ।

ଉତ୍ତରାଞ୍ଚଳର ହ୍ରଦ ଦର୍ଶନ ଗାଡି ନୈନୀତାଲରୁ ବାହାରି ନଉକୁଚଆ ଓ ଭୀମତାଲ ଦେଖାଇବା ପରେ ପହଞ୍ଚିଲ୍ ଯାଇ ଅନ୍ୟ ଏକ ହ୍ରଦରେ, ନାମ ତାର ସତତାଲ । ଏହା

ମୁଖ୍ୟତଃ ଅନେକ ଗୁଡିଏ ହ୍ରଦର ପରିବେଷ୍ଟିତ ଜାଗା । ଘଞ୍ଚ ଓକ୍ ଗଛ ଦ୍ୱାର୍ ଘେର୍‌ହୋଇ ପାଖାପାଖି ଅଧ ଡଜନେ ଖଣ୍ଡେ ହ୍ରଦ ଖଣ୍ଡ ଏଠାରେ ପାଖାପାଖି ରହିଛି । ଏସବୁକୁ ହିମାଳୟର ହ୍ରଦର ହୀରକମାଳା ବୋଲି କବିମାନେ କହିଥାନ୍ତି । ମାନସ ଖଣ୍ଡରେ ଏଠାରେ ଯମଜ-ହ୍ରଦସବୁର ଉପସ୍ଥିତି ଥିଲ୍‌ବୋଲି ବର୍ଣ୍ଣନା ଅଛି, ଯେଉଁମାନଙ୍କ ନାମ ଯଥାକ୍ରମେ ନଳ-ଦମୟନ୍ତୀ, ରାମସିତା, ଲକ୍ଷ୍ମଣ-ହନୁମାନ ହ୍ରଦ ଇତ୍ୟାଦି ।

ଆଜି ସେ ସବୁ ପୌରାଣିକ ଯୁଗ୍ମ ହ୍ରଦ ସବୁର ଚହ୍ନବର୍ଣ୍ଣ ସୁଦ୍ଧା ନାହିଁ । ମହାଭାରତର ଶାନ୍ତି ପର୍ବରେ ବର୍ଣ୍ଣିତ ବିରାଟ ଦେଶ ଏସବୁ ହ୍ରଦାଞ୍ଚଳକୁ ନେଇ ଗଠିତ ଥିଲା ବୋଲି ଉଲ୍ଲେଖ ରହିଛି । ଅନେକ ଇଂରେଜ ଏଠାକାର ଦୃଶ୍ୟ ଦେଖି ତଟସ୍ଥ ହୋଇ ଯାଇଥିଲେ ଏବଂ ସେକାଳର ଅନେକ ରଚନାରେ ଏହିସବୁ ଜାଗାକୁ ଇଂଲଣ୍ଡର WESTMOORLAND ସହ ତୁଳନା କରିଥିଲେ । ଆଉକଛି ଲୋକ ଆଗକୁ ଯାଇ ଏହାକୁ ସହସ୍ର ହ୍ରଦର ଦେଶ ଫିନଲାଣ୍ଡ ସହ ତୁଳନା କରିଥିଲେ । ଫିନଲାଣ୍ଡରେ ହ୍ରଦ ଥାଇପାରେ, କନ୍ତୁ ହିମାଳୟର ଗାରିମା କାହିଁ**?** ଅତଏବ୍ ତୁଳନା ଅଯୌକ୍ତିକ । ଆଜି ସିମେଣ୍ଟ ବାଡ ଘେର୍ ଏକ କ୍ଷୁଦ୍ର ପୋଖରୀ ସଦୃଶ୍ୟ ଜଳାଶୟକୁ ବିଭିନ୍ନ ରଙ୍ଗୀନ ମାଛରେ ପରିପୂର୍ଣ୍ଣ କରାଯାଇଛି ଏବଂ ପୁରୁଣା କଥାକୁ ହେଜିବା ପାଇଁ ଏହାକୁ ନଳ-ଦମୟନ୍ତୀ ପୁଷ୍କରିଣୀ କୁହାଯାଉଛି । ହ୍ରଦର ଅପର ପାଖକୁ ସଂଯୋଗ କରୁଥିବା ଷ୍ଟାନଲେ ଜୋନସ୍ ଙ୍କ ସମାଧି ଓ ତତ୍ ସଂଲଗ୍ନ ଛାତଥିବା ଆଶ୍ରୟ କୁଟୀର । ସେଇ ସମାଧି ପାଖରୁ ବାମକୁ ଜଙ୍ଗଲୀ ରାସ୍ତାରେ ଗଲେ ପଡେ ଗରୁଡ ହ୍ରଦ ଏବଂ ଡାହାଣକୁ ଗଲେ ପଡେ ତିଇ ହ୍ରଦ (ରାମ, ଲକ୍ଷ୍ମଣ ଓ ହନୁମାନ ହ୍ରଦକୁ ମିଶାଇ) ର ଏକ ବୃହତ୍ତର ଏକକ ହ୍ରଦ । ହୀରକମାଳା ପରି ରହିଥିବା ଏ ସମସ୍ତ ହ୍ରଦ ସମୂହକୁ ସତତାଲ୍ କୁହାଯାଏ । ନକଟରେ ରହିଛି ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବଳରାମ ଝାକର୍ ଙ୍କ ତାରକା ହୋଟେଲ୍, "EUREKA FORBS" ।

ସତତାଲରେ ଆହ୍ଲାଦମୟ ଦେଶୀ ଢଙ୍ଗାରେ ବୁଲିଲୁ । ଦୁଇପଟେ ଘଞ୍ଚ ଅରଣ୍ୟ ଓ ଦୂର ଅଦୂରର ଗିରିଶୃଙ୍ଗ ବାଟ ଆଗୁଳ ଠିଆ ହେବା ପରି ଲାଗୁଥାନ୍ତି । ସଂକୀର୍ଣ୍ଣ ବିସ୍ତାରିତ ହ୍ରଦ ପୃଷ୍ଠରେ ନୌକା ଯାଇ ପହୁଞ୍ଚେ ସମ୍ପୂର୍ଣ୍ଣ ଜନମାନବ ହୀନ ଜଳାଶୟ ମଧ୍ୟରେ । ନୌକା ବିହାର ବେଳେ ଲାଗୁଥାଏ ସତରେ ଯେମିତି କୌଣସି ପରୀ ରାଇଜ ବୁଲି ଯାଉଛୁ ବା ସାଦର ନିମନ୍ତ୍ରଣ ପାଇ ଜଳପରୀଙ୍କ ଅଥଳ ଜଳେ ଥିବା ନଅର ବୁଲିବାକୁ ଯାଉଛୁ । ଗ୍ରରିପାଞ୍ଚଟି ହାଲୁକା କାଠର ଗଣ୍ଡିକୁ ବାନ୍ଧି ଭେଳା କରି କଛି ନାଉରୀ ଏପଟ ସେପଟ ହେଉଥାନ୍ତି ।

ବହୁଦୂରରେ ଏମିତି ଏକ କାଠଭେଳାରେ ଜଣେ ଲୋକ ଆଗକୁ ଆଗକୁ ତରତର ହୋଇ ଯାଉଥିଲେ । ଆମ ଭିତରୁ ଜଣେ କିଏ କହିଲେ – ଦେଖ ଦେଖ, କୁମ୍ଭୀର କେମିତି ମାଙ୍କଡକୁ ତା ଘରଆଡେ ବୁଲେଇ ନେଉଛି । କାଠଭେଳାର ପୃଷ୍ଠଭାଗଟି କୁମ୍ଭୀର ପିଠିପରି ଦିଶୁଥିଲା ଏବଂ ମଣିଷତ ମାଙ୍କଡ ପରି ସବୁବେଳେ ଦିଶିଥାଏ । ଅତଏବ୍ ତୁଳନାରେ କିଛି ଅତିଶୟତା ନଥିଲା । ଡଙ୍ଗା ଯେତିକି ଆଗକୁ ଯାଉଥିଲା, ପଛରେ ମଣିଷଙ୍କ କୋଳାହଳ ସେତିକି ନିସ୍ତେଜ ହୋଇ ପଡୁଥିଲା । ଦୂର ପର୍ବତ ଉପରେ ଥିବା ଦେବୀ ହିଡିମ୍ବାଙ୍କ ମନ୍ଦିରରୁ ଆସୁଥିବା ଘଣ୍ଟିଶବ୍ଦ ଯାହା ନୀରବତା ଭଙ୍ଗ କରୁଥିଲା । ଦେବୀଙ୍କ ନାମ ଉଚ୍ଚାରଣ ମାତ୍ରେ ନାଉରୀଆଙ୍କ ହାତ ପ୍ରଣାମ ମୁଦ୍ରାକୁ ଆସିଯାଉଥିଲା । ଏହି ଅଞ୍ଚଳରେ ହିଡିମ୍ବାଙ୍କ ଖୁବ୍ ଖ୍ୟାତି ।

ମହାଭାରତରେ ଭୀମଙ୍କ ରାକ୍ଷସୀ ପତ୍ନୀ ହିଡିମ୍ବାଙ୍କ ପ୍ରତି ଖୋଦ୍ ଆର୍ଯ୍ୟଋଷି ବେଦବ୍ୟାସ ଅନ୍ୟାୟ କରିଛନ୍ତି ବୋଲି ସ୍ଥାନୀୟ ଲୋକେ କହନ୍ତି । ସମଗ୍ର ଉତ୍ତରାଞ୍ଚଳ ଓ ହିମାଞ୍ଚଳ ପ୍ରଦେଶରେ ହିଡିମ୍ବା ସର୍ବ ଶକ୍ତିମୟୀ ଆଧାଶକ୍ତି ରୂପେ ପୂଜିତା । ଏଠିକାର ଲୋକେ କହନ୍ତି – ହିଡିମ୍ବା ଥିଲେ ଏହି ହିମାଳୟରେ ରହୁଥିବା ଅନନ୍ୟ ସୁନ୍ଦରୀ କନ୍ୟା । ଭୀମ ହିଁ ତାଙ୍କ ପିଛାକରି, ଫୁସୁଲେଇ, ପ୍ରେମ ନିବେଦନ କରିଥିଲେ ଏବଂ ବାହା ମଧ୍ୟ ହୋଇଥିଲେ । ବ୍ୟାସଦେବଙ୍କ ବର୍ଣ୍ଣନା ଅନୁସାରେ ହିଡିମ୍ବା ତାଙ୍କ ସପତ୍ନୀ ଦ୍ରୌପଦୀଙ୍କୁ ଖୁବ୍ ଭଲ ପାଉଥିଲେ ଏବଂ ପୁତ୍ର ଘଟୋତ୍କଚକୁ ବଡ ବାପା ଯୁଧିଷ୍ଠିରଙ୍କ ଆଜ୍ଞାବହ ହୋଇ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଦ୍ରୌପଦୀଙ୍କ ମଧ୍ୟ ସେହି ରାକ୍ଷସୀ ପୁତ୍ର ଘଟୋତ୍କଚ ଉପରେ ଅଗାଧ ଭରସା ଥିଲା । ଯୁଦ୍ଧର ଅବ୍ୟବହିତ ପୂର୍ବରୁ ପାଣ୍ଡବମାନେ ଯୁଦ୍ଧକୁ ନାପସନ୍ଦ କରୁଥିଲେ, କିନ୍ତୁ ଅଭିମାନୀ ଦୌପଦୀ ପୁତ୍ର ଘଟୋତ୍କଚ ଓ ନାବାଳକ ପୁତ୍ର ଅଭିମନ୍ୟୁଙ୍କୁ ଯୁଦ୍ଧ ରଚନା ପାଇଁ ଅନୁରୋଧ କରିବେ ବୋଲି ଘୋଷଣା କରିଥିଲେ ।

ଆଶ୍ଚର୍ଯ୍ୟ କଥା ଏଠାରେ ମନ୍ଦିରମାନ ଅଛି, ଯେଉଁଠି ଦୁର୍ଯ୍ୟୋଧନ ମଧ୍ୟ ପୂଜା ପାଆନ୍ତି । ଏହାର କାରଣ ହେଲା, ମହାଭାରତ ଯୁଦ୍ଧ ସମୟରେ ଏ ଅଞ୍ଚଳର ରାଜା ରୁପାତି ଦୁର୍ଯ୍ୟୋଧନଙ୍କ ବନ୍ଧୁ ରୂପେ କୌରବ ସେନାର ଯୋଗ ଦେଇଥିଲେ । ବୀରଗତି ପ୍ରାପ୍ତ ନିଜ ରାଜାଙ୍କୁ ସମ୍ମାନ ଦେବାପରି ରାଜାଙ୍କ ବନ୍ଧୁକୁ ମଧ୍ୟ ଏମାନେ ସମ୍ମାନ ଦିଅନ୍ତି ଓ ପୂଜା କରନ୍ତି ।

ଭୟଙ୍କର ମହାଭାରତ ଯୁଦ୍ଧରେ ମାତା ହିଡିମ୍ବା ପୁତ୍ରକୁ ଯୁଦ୍ଧରେ ସାହାଯ୍ୟ ପାଇଁ ପ୍ରେରଣ କରିଥିଲେ । ଘଟୋତ୍କଚ ଓ ହିଡିମ୍ବାଙ୍କୁ ନେଇ ସାରଳା ଦାସଙ୍କ ବର୍ଣ୍ଣନା କିନ୍ତୁ ଭିନ୍ନ । ସାରଳା

ସାଧାରଣ ଓଡିଆ ଚଷା ଘରର ବାସ୍ତବ ରୂପ ଦେଇଥିଲେ । ସାରଳାଙ୍କ ବର୍ଣ୍ଣନା ଅନୁଯାୟୀ ହିଡିମ୍ବା ନିଜ ସପତ୍ନୀ ଦ୍ରୌପଦୀଙ୍କୁ ଛାଡି ଅନ୍ୟ ସମସ୍ତଙ୍କୁ ପ୍ରଣାମ କରିବାକୁ ମାତା ହିଡିମ୍ବା କୁଆଡେ ପୁତ୍ର ଘଟୋତ୍କଚକୁ କର୍ଣ୍ଣମନ୍ତ୍ରଣା ଦେଇ ପଠାଇଥିଲେ । ସମ୍ପର୍କକୁ ଏଇ ବ୍ୟାସଦେବ ପ୍ରଚଣ୍ଡ ଆଦର୍ଶର କଥା କହିଲାବେଳେ ସାରଳା ନଗ୍ନ-ବାସ୍ତବତାର କଥା କହୁଥିଲେ । ଦୁଇ ମହାନ୍ କାବ୍ୟକାରଙ୍କ  ଦୃଷ୍ଟିକୋଣ ଭିନ୍ନ ଓ ମାନବ ଚେତନାର ଅଗ୍ରଗତି ପାଇଁ ଦୁଇଟିଯାକ ସତ୍ୟ ଏକ ପ୍ରଚଣ୍ଡ ଆହ୍ୱାନ ରୂପେ ଆମ ସମସ୍ତଙ୍କ ଆଗରେ ଦଣ୍ଡାୟମାନ ।

ନୌକାରୁ ଓହ୍ଲାଇବା ପରେ ସମସ୍ତେ ଗ୍ଲିଲେ ନିକଟସ୍ଥ ଚା-ଜଳଖିଆ ଦୋକାନକୁ । ଗରୁଡ ହ୍ରଦକୁ ଏକାକୀ ବୁଲିବାର ଅଭିଳାଷ ଥିଲା । ତେଣୁ ଏ ଲେଖକ ଏକୁଟିଆ ଚାଲିଲା ଗରୁଡ ହ୍ରଦ ଦିଗେ । ଦୁର୍ଗମ ପାଦଚଲା ରାସ୍ତାରେ କିଛିବାଟ ଗଲାପରେ, ଲଟା ବୁଦା  ଆଡେଇ ବଡ ବଡ ବୃକ୍ଷ ଗଣ୍ଡି ମାନଙ୍କୁ ଆଶ୍ରାକରି ଉଠାପକା ରାସ୍ତାରେ ଆଗକୁ ଗଲେ ପଡେ ଗରୁଡ ହ୍ରଦ । ଏଠାରେ ଘଡିବନ୍ଧା ଲୋକ ଓ ମୋବାଇଲ୍ ଲଟକା ଲୋକଙ୍କ ଆଦୌ ଭିଡ ନାହିଁ । ଖାସ୍ କରି ବିଶେଷ କଷ୍ଟ ସ୍ୱୀକାର କରି ଆସୁଥିବା କତିପୟ ପ୍ରକୃତିପ୍ରେମୀଙ୍କ ପାଇଁ ଏହି ହ୍ରଦଟି ସଂରକ୍ଷିତ, ତେଣୁକରି ବୋଧେ ମଟର ରାସ୍ତା ଏ ଯାବତ୍ କରାଯାଇନାହିଁ । ଗରୁଡହ୍ରଦ, ମୋଗଲ ଶାସନକାଳରେ କୌଣସି ବିଦଗଧ କବିଙ୍କ ବର୍ଣ୍ଣନା ଅନୁସାରେ ପାନ୍ନା ହ୍ରଦରେ ନାମିତ ହେଲା । ପାନ୍ନା ଭଳି ଅତୁଳନୀୟ ସୌନ୍ଦର୍ଯ୍ୟର ଅଧିକାରୀ ହେତୁ ବୋଧେ ଏପରି ନାମକରଣର ଯଥାର୍ଥତା ମଧ୍ୟ ଥିଲା । ବର୍ତ୍ତମାନ ପୁଣି ପୁରାଣ ବର୍ଣ୍ଣିତ ଗରୁଡଙ୍କ ନାମାନୁସାରେ ଏହି ହ୍ରଦ ନାମିତ । ଯଦି କେଉଁଠି ଦେବପକ୍ଷୀ ଗରୁଡ ଥାନ୍ତି, ତେବେ ଏହି ହ୍ରଦର ପରିବେଶ ହିଁ ତାଙ୍କ ପାଇଁ ଏକମାତ୍ର ଜାଗା ହେବ । ଏହି କ୍ଷୁଦ୍ର ବିଜନ ହ୍ରଦଟିକୁ ଆଖିରେ ନ ଦେଖିଲେ ଅଦଭୁତ ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରିବା କଷ୍ଟ । ସତେକି ତରଳା ରୂପାର ଏକ ଆସ୍ତର ହ୍ରଦ ଉପରେ ବିଛେଇ ହୋଇ ପଡିଛି ବା ପୂର୍ଣ୍ଣିମୀ ରାତିର ଚନ୍ଦ୍ରକିରଣ ଲେସି ହୋଇ ରହି ଯାଇଛି ।

ନିସ୍ତରଙ୍ଗ ହ୍ରଦର ପୃଷ୍ଠ ଭୂମିକୁ ଗୋଡିଟିଏ ଫୋପାଡି ଦେଲି । ସହସ୍ର ତରଙ୍ଗରେ ହ୍ରଦଟି କମ୍ପି ଉଠିଲା ଏବଂ ଦୂରକୁ ବହୁଦୂରକୁ ତାହା ସଞ୍ଚରି ଗଲା । ହ୍ରଦଟି ତାପରେ ପୁନଶ୍ଚ ସ୍ଥିର ହୋଇଗଲା । କୂଳରେ କୌଣସି ବସିବା ଯୋଗ୍ୟ ପଥର ଉପରେ ବସିଗଲି । ନିର୍ମଳ ପାଣିରେ ରଙ୍ଗବେରଙ୍ଗ ଅନେକ ଶିଶୁ ମାଛ ଏହି ନୂଆ ବନ୍ଧୁଟିକୁ ଦେଖିବାକୁ ସାଲୁବାଲୁ ହେଲେ । ହିମାଳୟର ଏତେ ଉଚ୍ଚରେ, ପ୍ରଥମ ଯୋଡା ମାଛ ଏହି ହ୍ରଦକୁ କେମିତି

ଆସିଥିବେ**?** – ଏକଥା ଭାବୁଭାବୁ ହ୍ରଦର ଆରପଟରୁ ବିଚିତ୍ର ସ୍ୱର କରି ଶତାଧିକ ଲମ୍ବା ଲାଞ୍ଜଯୁକ୍ତ ଅଜଣା ପକ୍ଷୀ ମୋ ଆଡେ ଉଡିଆସିଲେ । ନିଜର ଦୁଇଫୁଟ ଲମ୍ବର ଭାରୀ ଲାଞ୍ଜକୁ ଟେକ ଧରି ଧିରେ ଧିରେ ଉଡିବା ଯୋଗୁଁ ପାଣି ଉପରେ ଏକ ଘନୀଭୂତ ଛାୟା କୃଷ୍ଣ ମେଘର ପ୍ରହେଳିକା ସୃଷ୍ଟିକରି ପକ୍ଷୀ ଦଳ ମୋ ଆଡେ ଆସୁଥିଲେ । ମତେ ଲାଗିଲା ଯକ୍ଷଟାଏ ପାଣି ଭିତରୁ ମୋ ଆଡକୁ ଉଠି ଆସୁଛି । ସେଥର ଯୁଧିଷ୍ଠିରଙ୍କୁ ପଚାରିଲା ପରି ଯକ୍ଷ ଯଦି ମତେ ପଚାରେ**...** କୁହ କଣ ସବୁଠୁ ଆଶ୍ଚର୍ଯ୍ୟ କଥା**?**

ନିର୍ଦ୍ଧାରିତ ସମୟ ସୀମାରେ ଗରୁଡ ହ୍ରଦରୁ ଫେରିଲା ପରେ ଆମ ଗାଡି ନୈନୀତାଲ୍ ସହର ଅଭିମୁଖେ ଚାଲିଲା । ଗାଡିରେ ବସି ମନକୁ ମନ ମୁଁ ଯକ୍ଷର ସେଇ ସର୍ବକାଳୀନ ପ୍ରଶ୍ନର ଉତ୍ତର ପାଇଁ ପ୍ରସ୍ତୁତ ହେଉଥିଲି । ଆଧୁନିକ ମଣିଷ କାଳ୍ପନିକ ସୁଖର ପଶ୍ଚାତଧାବନ କରି**,** ପାଇବାର ଉତ୍ତେଜନା ଓ ନ ପାଇବାର ଗ୍ଲାନିବୋଧରେ କି କଲବଲ ନ ହେଉଛି । ଜାଣି ଜାଣି ନିଜର କ୍ଷୁଦ୍ର ଜୀବନକୁ ଆହୁରି କ୍ଷୁଦ୍ରତରକରି ଚାଲିଛି । ଅଥଚ ନିଜ ଚାରିପଟର ସୁନ୍ଦର ପୃଥିବୀକୁ ଆଖିମେଲି ଦେଖିବାକୁ ସମୟ ନାହିଁ । ଏହାହିଁ ବୋଧେ ଏ ଯୁଗ ପାଇଁ ସଠିକ୍ ଉତ୍ତର ହେବ । ହ୍ରଦ ସମୂହର ଦର୍ଶନ ଯେ କୌଣସି ବ୍ୟକ୍ତିକୁ ଏହି ସତ୍ୟର ନିକଟତର କରାଇଥାଏ ।

ଭାରତୀୟ ଜୀବନ ବୀମା ନିଗମ**,** କୋରାପୁଟ**,** ଓଡିଶା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ମୋ ପରିବାର



ନବ କୁମାର ଦାସ

ସ୍ନେହ ସମ୍ପର୍କ ପ୍ରେମର ଘର
ତାହା ମୋ ପରିବାର
କଥା କଥାରେ କେତେ ସୁନ୍ଦର
ଅଟେ ସରଗ ପୁର

ପାକୁଆ ପାଟି ପାକୁଆ କଥା
ମିଠା ମିଠା ଗପକୁ
ବାଢ଼ି ପକାନ୍ତି ଜେଜେ ଜେଜେମା
କୋଳେ ଧରି ଆମକୁ

ବାପା ମା ମୋର ସବୁ ବେଳରେ
ଆମରି କଥା ଚନ୍ତି
କାମ କରନ୍ତ କେତେ ଖଟ୍ଟରେ
ଆମକୁ ଦେଖୁଥାନ୍ତି

ମୋହରି ଭାଇ ମୋର ଭଉଣୀ
ଅଲିଅଳ ସାହସୀ
ପ୍ରତି କଥାରେ ମୋ ଗୁଣ ଗୁଣୀ
ଆନନ୍ଦେ ଯାନ୍ତି ହସି

ଏଇତ ଅଟେ ମୋ ପରିବାର
ମହତ କଥା ଯେତେ
ଯେତେ ଗାଇଲେ ଖୁସିର ସ୍ୱର
ଝରି ପଡଇ ସେତେ ॥

ବାଲିଆପାଳ, ବାଲେଶ୍ୱର

# ଜହ୍ନ



ନରେନ୍ଦ୍ର ପ୍ରସାଦ ବେହେରା

ସହସ୍ର ପୁତ୍ରର      ନାହିଁ ପ୍ରୟୋଜନ
ଗୋଟିଏ ସୁପୁତ୍ର ଥିଲେ
ଘନ ଅନ୍ଧକାର      ଦୂରକରେ ବୋଲି
ଜହ୍ନ ନାମ ତାକୁ ଦେଲେ ।୧।

ସୂର୍ଯ୍ୟ ଆଲୋକରେ      ଆଲୋକିତ ହୋଇ
ଆଲୋକ ଦିଏ ବିଛାଇ
ଭାରି ଭଲଲାଗେ      ତା' ଆଲୋକ ଯେବେ
ରାତିରେ ଚାଲେ ବାଟୋଇ ।୨।

ଏକା ଜହ୍ନ ପୁଣି      ଆଲୋକିତ କରେ
ସାରା ବିଶ୍ୱ ଅନ୍ଧାରକୁ
ସେଥିପାଇଁ ଆମ୍ଭେ      ସହସ ବଦନେ
ଜହ୍ନମାମୁ ବୋଲି ଡାକୁ ।୩।

ଶତ ପୁତ୍ରର ସେ      ଜନନୀ ଗାନ୍ଧାରୀ
ଆଖିରେ ପଟି ବାନ୍ଧିଲା
ଏକ ଯୁଧିଷ୍ଠିର      ଧର୍ମରାଜ ବୋଲି
ମହୀରେ ନାମ ରଖିଲା ।୪।

ଜହ୍ନକୁ ଦେଖାଇ      ପିତା ମାତାମାନେ
ପିଲାକୁ ତୁନ କରନ୍ତି
ଜହ୍ନମାମୁ ଗୀତ      ଗାଇ ଗାଇ ତାକୁ
କୋଳରେ ଶୋଇ ପକାନ୍ତି ।୫।

ଗର୍ବ ଅହଙ୍କାରେ      ଭସ୍ମୀଭୂତ ହେଲେ
ଆକାଶରେ ତାରାଗଣ
ଜହ୍ନମାମୁ ବୋଲି      ନାମ କମ୍ପା ହେଲା
ବିଶ୍ୱବାସୀ ମନେ ଗୁଣ ।।୬।।

ଆଳଦା, ଖଇରା, ବାଲେଶ୍ୱର

# କେଉଁଦିନ



ପ୍ରକାଶ ଚନ୍ଦ୍ର ପଣ୍ଡା

କେଉଁଦିନ ଆମ ଭାଗ୍ୟ ଆକାଶରେ
ନୂତନ ସୁରୁଜ ଉଇଁ,
ସକାଳ କଅଁଳ କିରଣ ସ୍ପର୍ଶରେ
ପିଣ୍ଡ ନୂଆ ପ୍ରାଣ ପାଇ ॥
ଖୁସିର କାକଳି ପ୍ରକମ୍ପିତ ହେବ
ବିହଙ୍ଗେ ଯିବେ ଗାଇ,
ଏଡାକୁ ସେ ଡାଳ ଉଡିଯିବେ ଆଜି
ଆନନ୍ଦେ ବିଭୋର ହୋଇ ॥
କଳା ବାଦଲର ଘନ ଅନ୍ଧକାର
ଆଜି ବି ଆକାଶେ ଭାସି,
ଦୁଃଖ ଯାତନାରେ ଘାଣ୍ଟୁଅଛି ସର୍ବେ
ସଭିଙ୍କ ହୃଦୟେ ପଶି ॥
କଟୁନାହିଁ ଦିନ ବିତୁ ନାହିଁ ରାତି
ସେଇ ଗୋଟେ କଥା ନିତି,
ସକାଳରୁ ସନ୍ଧ୍ୟା, ସନ୍ଧ୍ୟାରୁ ସକାଳ
ସେଇ ଗୋଟେ ପୁଣି ଭିତି ॥

ଛୋଟିଆ ଗୋଟିଏ ଭୁତାଣୁର ଦାଉ
ଛଡାଇ ଦେଇଛି ନିଦ,
ସଭ୍ୟତାର ଚକ ଗଡୁନାହିଁ ଆଉ
ପାଉନି ବିଜ୍ଞାନ ଭେଦ ॥
ଖାଁଆ ଖାଁଆ ଲାଗେ ଗାଁଆ ଦାଣ୍ଡ ଆଜି
ଶୁଭୁନି କେଁଏ କଟର,
ରାସ୍ତା ଘାଟ ଆଜି ଫାଙ୍କା ଫାଙ୍କା ଲାଗେ
ଦିଶୁନି ଗାଡି ମଟର ॥
ସତେକି ମାନବ ସ୍ଥାଣୁ ପାଲଟିଛି
ଦିଶୁନି ବଞ୍ଚିବା ରାହା,
କିଂକର୍ତ୍ତବ୍ୟ ସେ ବିମୁଢ ସାଜିଛି
ହୋଇବ କେ ତାର ସାହା ॥
ବେଶି ନୁହେଁ ଦୂର ଏ ଅମା ଅନ୍ଧାର
ଭାଗ୍ୟ ଆକାଶରେ ଆମ,
ନୂଆ ସକାଳର ନୂଆ କିରଣରେ
ହସିବ ଏ ଧରା ଧାମ .......

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# କ୍ଷଣିକ



ଶ୍ରୀକ୍ଷେତ୍ର ସୁନ୍ଦର

ସେମାନେ ଅଗୃନକ ଆସନ୍ତି
ଅଦିନ ବରଷା, ଆକାଶରେ ବିଜୁଳର ବିସ୍ଫୋରଣ
ଓ ଘଡ଼ଘଡ଼ିର ଗୁରୁ ଗମ୍ଭୀର ସ୍ୱରକୁ ନେଇ
ଅବାଞ୍ଛିତ ଭ୍ବେ କଳା କଟି କଟି ମେଘ ମାନଙ୍କ ଫୌଜ
ପୁର୍‌ ଆକାଶଟାକୁ ନଜ ଅକ୍ତିଆରକୁ ନେଇଯାନ୍ତି
ଆଉ ଆମ ମାନଙ୍କୁ ଭୟ ଦେଖାନ୍ତି
କେଉଁ ଏକ କ୍ରୁର ଶାସକର ର୍‌ଜବନ୍ଦୀ ପରି
ଏଣେ ପୃଥିବୀ ବକ୍ଷରେ କାଳବୈଶାଖୀର ତାଣ୍ଡବ ରଚ
ଆତଙ୍କର୍‌ଜର ପରିଚୟ ଦିଅନ୍ତି
ଜୀବନ ସବୁ ସ୍ତବ୍ଧ ଓ ନରବ ହୋଇଯାଏ ସତ
ହେଲେ କୁଶାସକର ଶାସନ ହେଉ ବା କାଳବୈଶାଖୀ
କେତେ ସମୟ ତିଷ୍ଠେ **???**

ସଂଗୀତ ଶିକ୍ଷକ
ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ

# କରୋନା ବେଳର
# କରୁଣ କଥା



ବିଜୟ କୁମାର ପଣ୍ଡା

ପ୍ରାଇଭେଟ କମ୍ପାନୀ ରେ କାମ କରୁଥିବା ମେମ ସାହେବ ଙ୍କୁ ଆଜିକାଲି ବହୁତ କାମ ଦେଉଥିଲା କମ୍ପାନୀ । ଏଇ କରୋନା ଯୋଗୁଁ ତ ସାରା ଦେଶରେ ଲକ୍ ଡାଉନ, କେହି କୁଆଡ଼େ ଯିବାକୁ ହେବନି । ଏଇ ସୁଯୋଗରେ କମ୍ପାନୀ ଗୁଡ଼ାକ ଅତ୍ୟାଚାର କରିଚାଲିଛନ୍ତି ।

-- ମେମ ସାହେବ ସେଦିନ କାମବାଲି କୁ ତାଗିଦ୍ କରି କହିଥିଲେ..

: "ଏଇ ଲକ୍ ଡାଉନ ରେ କିଛି ଯାଏ ଆସେନି । ମୁଁ ତୋତେ ଦୁଇ ମାସର ଦରମା ଆଡ୍‌ଭାନ୍ସ ବି ଦେଇ ଦେଉଛି, ଯେମିତି ତୋର ଚଳିବାରେ କୌଣସି ଅସୁବିଧା ନହୁଏ । ଆଉ କିଛି ଦରକାର ହେଲେ କହିବୁ.. କିନ୍ତୁ ତୁ ଯେମିତି ଟାଇମ୍ ରେ ଦୁଇବେଳା ଆସିଯିବୁ, ହେଲା ? "

: "ହଉ ମାଡାମ, ତୁମେ ଚିନ୍ତା କରନି। ମୁଁ ରେଗୁଲାର ଆସିବି ।" କାମବାଲୀ କାମସାରି ଚାଲିଗଲା ।

--ପର ଦିନ କାମବାଲି ଆଉ ଆସିଲାନି । କେତେଥର ଫୋନ କଲେ ବି ଉଠେଇଲା ନାହିଁ।

--ମେମ ସାହେବ ରାଗରେ ପାଟି କରି ନିଜକୁ ନିଜେ କହି ହେଉଥିଲେ। "ଯଦି ନଆସିବୁ, ଟିକେ ଆଗରୁ କହିବୁନି ? ଫୋନ କଲେ ବି ଉଠେଇବନି ! କେମିତିକା ଲୋକ ଯେ ..!!"

: " ଅଫିସ୍ ର ସବୁ କାମ, ରାତି ଯାଏଁ ମିଟିଂ ଉପରେ ମିଟିଂ ତା ସହିତ ରନ୍ଧା ବଢ଼ା, ବାସନ କୁସନ ଧୁଆ.. ଓ ହୋ.. ମଣିଷକୁ ନିଶ୍ୱାସ ନେବାକୁ ସମୟ ନାହିଁ ଯେ.. ! " ବିରକ୍ତି କର ଭାବରେ ଏକଥା ସ୍ୱାମୀଙ୍କୁ କହୁଥିଲେ ।

: "ଆଉଥରେ ଫୋନ ଲଗେଇ ଦେଖ..ନହେଲେ ଆଜି ଦିନଟା ଚଳେଇ ଦେବା। ମୁଁ ଟିକେ ସାହାଯ୍ୟ କରିଦେବି ।" ସ୍ୱାମୀ ଉତ୍ତର ଦେଲେ ।

--ସନ୍ଧ୍ୟାରେ ଥରେ ଫୋନ ଲଗେଇଲେ କିନ୍ତୁ ବନ୍ଦ ଅଛି ବୋଲି ଉତ୍ତର ଆସୁଥିଲା । ମଝିରେ କେତେଥର ଫୋନ ବି କରିଥିଲେ କିନ୍ତୁ ନିଷ୍ଫଳ ହେଲେ ।

ପ୍ରାୟ ପନ୍ଦର ଦିନ ବିତି ଯାଇଥିଲା ।

ହଠାତ ସେଦିନ ସକାଳ ନଅଟା ବେଳେ ଫୋନ ଟା ବାଜି ଉଠିଲା । ଗୋଟେ ଅଜଣା ନମ୍ବର ରୁ ଫୋନ ଆସିଥିଲା । ମେମ ସାହେବ ଫୋନ ଉଠେଇଲେ ।

: "ହେଲୋ ମାଡାମ ..! ମୁଁ କାମବାଲୀ କହୁଛି ।"

: "ତୁ ଏତେ ଦିନ ହେଲା କୁଆଡ଼େ ଯାଇଥିଲୁ ଯେ ! ଫୋନ କରିକି ଜଣେଇ ପାରିଲୁନି !" ମେମ ସାହେବ ଟିକିଏ ଚଢ଼ା ଗଳାରେ କହିଲେ ।

: "ଏବେ ସମୟ କିଛି ଭଲ ନୁହେଁ..ଆଗ ଘର ପରିବାର କଥା ପଗ୍ଚରି ବୁଝ..କଣ ସୁବିଧା ଅସୁବିଧା ଥିବ !" ମେମ ସାହେବଙ୍କ ସ୍ୱାମୀ ପଛରୁ କହୁଥିଲେ ।

ଉପରେ ରାଗ ଦେଖେଇଲେ ବି ନାରୀ ର ହୃଦୟ ବଡ଼ ଦୟାବାନ । ଆଉ ଜଣେ ନାରୀ ହୃଦୟ କଥା ଆପଣା ଛାଏଁ ବୁଝି ଯାଏ ।

କାମବାଲୀକୁ ସବୁ କଥା ପଗ୍ଚରି ବୁଝିଲେ ମେମ ସାହେବ ।

: "ମାଡାମ ..ସେଦିନ ସକାଳୁ ଆମ ଗାଁ ରୁ ଫୋନ ଆସିଥିଲା। ଗାଁରେ ମାମୁଁ ଘରେ ରହି ପାଠ ପଢୁଥିବା ବଡ଼ ପୁଅର ଦେହ ବହୁତ ଖରାପ । ଆମେ ଗାଡ଼ିଟେ ପାଇଁ ବହୁତ ବୁଝା ବୁଝି କଲୁ କିନ୍ତୁ କେହି ରାଜି ହେଲେନି । କହିଲେ ସରକାରଙ୍କ ନିୟମ ଅଛି, ଏବେ ଗାଡ଼ି ଗଡ଼ିବନି । ଯଦି ତମ ଭିତରୁ କେହି ରୋଗୀ ଥାନ୍ତେ ତାହେଲେ ପୋଲିସ କୁ କହି କଣ ଗୋଟେ କରିଦେଇଥାନ୍ତା.. ।

ଇଆଡ଼େ ସିଆଡ଼େ ଦଉଡ଼ା ଦୌଡ଼ି କରିବା ଭିତରେ ପୁରୁଣା ଫୋନ ଟା ବି ହାତରୁ ଖସି ପଡ଼ି ଖରାପ ହେଇଗଲା। ଆମେ ଭୋକ ଉପାସରେ ଶହ ଶହ ମାଇଲ ଚାଲି ଚାଲି ଆସି ଗାଁରେ ପହଞ୍ଚିଲୁ ।

:"ଓଃ.. ତୋ ପୁଅ କେମିତି ଅଛି ଆଗ କହିଲୁ ।" ମେମ ସାହେବ ଉତ୍କଣ୍ଠା ର ସହ ପଚାରୁଥିଲେ ।

:"ଭେ ଭେ ହେଇ କାନ୍ଦ ଶୁଭୁଥିଲା କାମବାଲୀ ର । ସେ ଆଉ ଏ ଦୁନିଆରେ ନାହିଁ ମାଡାମ। ଶେଷଥର ପାଇଁ ଆମେ ତା ମୁହଁ ବି ଟିକେ ଦେଖି ପାରିଲୁନି ମାଡାମ ।"

ସ୍ଥାଣୁ ପାଲଟି ଯାଇଥିଲେ ମେମ ସାହେବ । କାମବାଲୀ ଭିତରର ଗୋଟିଏ ମା'ର ହୃଦୟର ବ୍ୟଥା, ତାଙ୍କୁ ମର୍ମାହତ କରୁଥିଲା । ଅଜାଣତେ ଧାର ଧାର ଅଶ୍ରୁ ଗଡ଼ି ଯାଉଥିଲା।

ପ୍ରତିଷ୍ଠାତା ଓ ସମ୍ପାଦକ "ଓଡ଼ିଶା ବିଜୟଧ୍ୱଜା" ଇ-ପତ୍ରିକା
ସବଙ୍ଗ, ସିମୁଳଆ, ବାଲେଶ୍ୱର

ବେଦାନ୍ତୀର ଆଗାମୀ ସଂଖ୍ୟା ମାସ ୧ ତାରିଖରେ ପ୍ରକାଶ ପାଇବ। ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ। ଆପଣମାନଙ୍କ ଲେଖା ପ୍ରତିମାସ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ। ଆପଣମାନେ ଲେଖା ଇମେଲ୍ କିମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଦାନ



ତ୍ରିପତି ପ୍ରଧାନ

ଦାନୀ ଯେ ଦାନହିଁ କରିବ
ସାଧୁ ଅସାଧୁ ନ ଦେଖିବ
ଦେବା ତାହାର ମହା ଗୁଣ
ଦାନେ ସେ ନ ହୁଏ କୃପଣ (୧)

ବହିବା ତଟିନୀ ଧରମ
ବନ୍ଧେ କ ହୁଅଇ ଗରମ
ପଥୁ ତା ନହୋଇ ବିଚ୍ୟୁତ
କର୍ମେ ଗମଇ ଅବିରତ (୨)

ବୃକ୍ଷ ଦିଅଇ ଫୁଲ ଫଳ
ଔଷଧ ଛାଲି ଚେର ମୂଳ
କାଠୁରିଆ କ ତା ପାଳକ
ସମ ତା ପାଖେ ଦୁଇ ଯାକ (୩)

ପଥ ନ ଦେଖେ ଦୁଷ୍ଟ ଶିଷ୍ଟ
ଉଚ୍ଚ ନୀଚ ବା ଜ୍ଞାନୀ ମୂର୍ଖ
ତା ବକ୍ଷ ଦେଇ ଥାଏ ଖୋଲି
ସର୍ବେ ଯାଆନ୍ତି ହୃଦେ ଗ୍ଭଲି (୪)

ଜଳଦ କରେ ଜଳ ଦାନ
ନ ଦେଖି ଖାଲ ଢିପ ସ୍ଥାନ
ପାହାଡ଼ ବାଲି ନଈ କ୍ଷେତ
ପ୍ରଦାନେ ହୋଇ ହର୍ଷ ଚତ୍ତ(୫)

ଗୁରୁ ଦିଅଇ ଶିକ୍ଷାଦାନ
ହିନ୍ଦୁ ମୁସଲ ଖ୍ରୀଷ୍ଟିୟାନ
ଉତ୍ତମ କମ୍ବା ଆଉତ୍ତମ
ମନେ ନ ରଖି ଭିନ୍ନାଭିନ୍ନ (୬)

ଧର୍ମ ମଧ୍ୟରେ ଶ୍ରେଷ୍ଠ ଧର୍ମ
ଡାହାଣ ହସ୍ତେ ଯେହ୍ନୁ ଦାନ
ଦେଇ ଦିଆଏ ଯେହ୍ନୁ ଜନ
ମୃତେ ବୈକୁଣ୍ଠ ତାର ସ୍ଥାନ (୭)

ସଂସ୍କୃତ ଶିକ୍ଷକ, ଚକଟି

# ନନ୍ଦିଘୋଷ ରଥ



ରାଜଶେଖର ସି "ଚମା"

ତୁମେ ଆମର ଚକାନୟନ ଚକ୍ରପାଣି,
ତୁମେ ଆମର ନୀଳମାଧବ ନୀଳମଣି,
ତୁମେ ଆମ ରାଜଧ୍ୱଜ ରଥାଙ୍ଗ ପାଣି,
ତୁମେ ଆମ ମଦନମୋହନ ମଉଡ଼ମଣି।୧।

ତୁମେ ଆମ ନୟନାନନ୍ଦ ନୟନାଭିରାମ ନାଥ,
ଆହେ ଆମ ଚକାଡୋଳା ଜଗବନ୍ଧୁ ଜଗନ୍ନାଥ,
ଅପେକ୍ଷା କରୁଛି ଶ୍ରୀକ୍ଷେତ୍ର ପୁରୀର ରାଜପଥ,
ଅବଲୋକନ କରିବାକୁ ତୁମର ନନ୍ଦିଘୋଷ ରଥ।୨।

ଅକ୍ଷୟ ତୃତୀୟା ଦିବସରେ ହୁଏ ରଥଖଳା,
ପୁଣି ଆରମ୍ଭହୁଏ ଚନ୍ଦନ-ଯାତ୍ରାର ମେଳା,
ଅତ୍ୟନ୍ତ ଅଦ୍ଭୁତ ଯେ ରଥ ନିର୍ମାଣର କଳା,
ଶୃଙ୍ଖଳାରେ କରାଉଛ ରଥଯାତ୍ରାର ଲୀଳା।୩।

ରାଜକୀୟ ଦିଶେ ତୁମ ନନ୍ଦିଘୋଷର ଥାଙ୍ଗ,
ରଥ ଚାନ୍ଦୁଆ ପାଇଛି ହଳଦିଆ ନାଲିରଙ୍ଗ,
ଯାହାକୁ ଟାଣନ୍ତି ଚାରି ଶ୍ୱେତବର୍ଣ୍ଣ ରତୁରଙ୍ଗ,
ଶଙ୍ଖଚୂଡ଼ ଦଉଡ଼ି ଧରି ପ୍ରସନ୍ନ ହୁଏ ଅନ୍ତରଙ୍ଗ।୪।

ଷୋଡ଼ଶ ଚକ ବହୁ ଆକର୍ଷକ,
ତୁମେ ହେଲ ନଆଗ୍ ରଥିକ,
ଗରୁଡ଼ ହେଲେ ରଥର ରକ୍ଷକ,
ତୁମ ସାରଥୀ ହେଲେ ଦାରୁକ।୫।

ନନ୍ଦିଘୋଷର ଅନ୍ୟତମ ନାମହେଲା ଗରୁଡ଼ଧ୍ୱଜ,
ଅନ୍ୟାନ୍ୟ ନାମଧେୟ ହେଲେ ଚକ୍ରଧ୍ୱଜ କପିଧ୍ୱଜ,
ରଥ ଉପରେ ଦିଶନ୍ତି ତ୍ରୈଲୋକ୍ୟମୋହିନୀ ଧ୍ୱଜ,
ସୁନ୍ଦର ଦିଶନ୍ତି ଚକ୍ର ଶୁକପକ୍ଷୀ ତିନ କଳଶର ସଜ।୬।

ତୁମ ନନ୍ଦିଘୋଷ ହେଲା ଚଳନ୍ତା ଦେବାଳୟ,
ଯାହା ନଅ ପାର୍ଶ୍ୱ ଦେବାଦେବୀଙ୍କର ଆଳୟ,
ଏ ରଥର ଦ୍ୱାରପାଳକ ହେଲେ ଜୟ ବିଜୟ,
ରମ୍ୟ ଚନ୍ଦ୍ରକଳାରେ ଭୂଷିତ ହୁଏ ସାରା ବଳୟ।୭।

ଘୋଷଯାତ୍ରା ଆରମ୍ଭହୁଏ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନେ,
ଶ୍ରୀଜୀଉ ରଥରେ ବିରାଜମାନ ହୁଅନ୍ତି ଏହି ଶୁଭଦିନେ,
ତାଳଧ୍ୱଜ ଦେବଦଳନ ରଥ ଆଗେ ଯାଆନ୍ତି ଏହିଦିନେ,
ଟାହିଆ ଧାରଣକରି ଗୁଣ୍ଡିଚ୍ଚା-ଯାତ୍ରା କରୁଛ ଏ ସୁଦିନେ।୮।

ହେରାପଞ୍ଚମୀ ଏକ ଅତିଶୟ ଅଲୌକିକ ଦିନ,
ଶ୍ରୀଦେବୀ କରନ୍ତି ଆଡ଼ପ ମଣ୍ଡପରେ ଆଗମନ,
ମାଁ କରନ୍ତି ତୁମସହ ଫେରିବାର କଥୋପକଥନ,
ରଥର ଅଂଶ ଭାଙ୍ଗି ଶ୍ରୀମନ୍ଦିରକୁ କରନ୍ତି ପ୍ରତିଗମନ।୯।

ଦଶମୀ ଦିନେ ମାଉସୀମାଙ୍କ ଘରୁ ହୁଏ ବାହୁଡ଼ା ବିଜେ,
ବାହୁଡ଼ାଯାତ୍ରା ଦିନେ ପୁନଃ ହୁଏ ତୁମର ପହଣ୍ଡି ବିଜେ,

ଭକ୍ତ ସାଲବେଗଙ୍କ ପାଇଁ ନନ୍ଦିଘୋଷ ଅଟକେ ନଜେ,
ବଡ଼ଦାଣ୍ଡରେ ତୁମକୁ ଦେଖିଦେଖି ଭକ୍ତଙ୍କ ମନ ହଜେ।୧୦।

ବଡ଼ ଦେଉଳରେ ତିନିରଥଙ୍କର ପୁନର୍‌ଗମନ ଯେ ବହୁ ବିଶେଷ,
ବଡ଼ଦେଉଳ ପ୍ରାଙ୍ଗଣରେ ଆକର୍ଷକ ଲାଗେ ଅଧରପଣା ସୁନାବେଶ,
ଅଚଳ ରଥରୁ ଦିବ୍ୟଦର୍ଶନ ଦ୍ୱାରା ଦେଉଛ ଅଶେଷ ବିଶେଷ ଆଶିଷ,
ନୀଳାଦ୍ରିବିଜେରେ ତୁମ କ୍ଷୀରମୋହନ ଭେଟି ଶ୍ରୀଲକ୍ଷ୍ମୀଙ୍କୁ ଦିଏ ସନ୍ତୋଷ।୧୧।

ତୁମର ନନ୍ଦିଘୋଷ ରଥ ହେଲା କାଷ୍ଠର ଭବ୍ୟ ବିଭବ,
ସମ୍ପୂର୍ଣ୍ଣ ଜଗତରେ ବିଖ୍ୟାତ ଯାହାର ବିଶିଷ୍ଟ ବୈଭବ,
ତୁମର ଇଚ୍ଛାକ୍ରମେ ଚାଲିବା ଗଡ଼ିବା ଯାହାର ସ୍ୱଭାବ,
ରଥଟଣାର ଦିବ୍ୟଦର୍ଶନ ସ୍ୱୟଂ ଦିଏ ଅଭିନବ ଅନୁଭବ।୧୨।

chvrajasekhar@gmail.com

ଚଳନ୍ତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା। ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ।

# ମୋ ବୋଉ



ଝିଲମିଲ ସାହୁ

ତା ହୃଦୟ ବହ୍ନିର ଉତ୍ତାପେ
ଯେବେ ଆସେ ନିଦାଘ ଗ୍ରୀଷ୍ମ
ହରିଚନ୍ଦନ ପ୍ରାୟ ଲାଘବେ
ସଭିଙ୍କ ହୃଦୟ ତାପ ॥
ତା ନୟନର ପ୍ରତି ଅଶ୍ରୁ ଧାରେ
ଆଗମନେ ଧାଇଁ ଶ୍ରୀ ଶ୍ରାବଣ
ପ୍ରକୃତି ସହ ପରିଚିତ କରାଏ
ଅର୍ଘ୍ୟ ଢାଳି ବିଭୁ ପୟରରେ ॥
ତା ସ୍ପନ୍ଦନର ପ୍ରତି କମ୍ପନରେ
ଧୀରେ ଥରି ଆସେ ବାଘୁଆ ଶୀତ
ଉଷୁମ କୋଳେ ସେ କରେ ସକ୍ରିୟ
ଅନ୍ଧାରେ ମାର୍ଗ ଦର୍ଶାଏ ସାଜି ବତୀଘର ॥
ଫାଲଗୁନର ଫଗୁ ରଙ୍ଗସାଥେ
ରଙ୍ଗେଇ ଦିଏ ଫଗୁଦଶମୀରେ
ଖୁଆଇଦିଏ ଆମ୍ବ, ଚଣା, ଗୁଡ ଓ ମହୁଲ
ସ୍ପର୍ଶେ ତାର ଦୁର୍ବାର ବି ଲାଗେ କମନୀୟ ॥

ତା ସଂସାରେ ଭରେ ସାତରଂଗ
ଝୁଣ୍ଟିଗଲେ ପୁଣି ଉଠିପଡେ
ସଂଗୀଲେ ସଭିଙ୍କ ଜୀବନ ତରୀ
ଅନାବିଳ ସ୍ନେହ ସୁଧା ଧାରେ ॥
ଖରା, ଶୀତ କବା ବରଷାରେ
ସିକ୍ତ ନୟନେ ଅବା ଶିଥିଳ ହାତରେ
ନେପଥ୍ୟରେ ରହି କେତେ ସଜାଡିଛି
ତା ଅନ୍ତର ବ୍ୟଥା ଏବେ ମରମେ ହେଜୁଛି ॥

ଶିକ୍ଷୟିତ୍ରୀ, ନୟାଗଡ

# କରୋନା ଆତଙ୍କ



ପ୍ରାଧାପିକା ଜ୍ୟୋତ୍ସ୍ନା ରାୟ

ଚତୁର୍ଦ୍ଦିଗେ ମହାମାରୀ କରୋନା  ଆତଙ୍କ
ଆଁ ସେ କରିଛି ଦେଖ ଗ୍ରାସିବାକୁ ସାରା ଏ ଜଗତ
ଗିଳିଲାଣି ଅଦ୍ୟାବଧି ଲକ୍ଷାଧିକ ମଣିଷର  ମୁଣ୍ଡ
ରୋଗଟା ମାଡୁଛି  ତେଣେ
ରୋଗୀ ସଂଖ୍ୟା ବଢୁଛି ପ୍ରବଳ
କିଛି ରୋଗୀମୁକ୍ତ ହେଲେ  ପୁଣି କିଛି
ଯୋଡ଼ି ହୋଇ ହୁଅନ୍ତି ଆକ୍ରାନ୍ତ
ଏ ମହାବିପଦ..ସରେନାହିଁ ଅସରନ୍ତି ସ୍ରୋତ
ବିଷମଞ୍ଜି ବୁଣିଦେଇ ମଜାନିଏ ଚାଇନାଟା
ଦୁର୍ଦ୍ଦିନରେ ମଣିଷକୁ କରି ହନ୍ତସନ୍ତ
କର୍ମମୟ ଜୀବନଟା ହୋଇଛି ବିଭ୍ରାନ୍ତ
ନିଦାଘର ଦହନରେ ଦହିଯାଏ ସୁଖ ଶିରୀ
ବଢ଼ିଯାଏ ଅକର୍ମାର ତାଲାବନ୍ଦୀ ଦୁଃଖ
ଏମିତି ଭୂତାଣୁ ଗୋଟେ ..ଯୁଦ୍ଧ ନାହିଁ
ଯୁଦ୍ଧ ସମ  କ୍ଷୟକ୍ଷତି କରି
ଜୀବନକୁ ରୋକିଦିଏ କରେ ଆତଙ୍କିତ
ବଢ଼ିଚାଲେ ନିର୍ବାଧରେ ବିଜୟର ଯାତ୍ରାପଥେ
ବିନାଶ କରିବ କିଏ ମେଡିସିନ ଭ୍ୟାକସିନ୍
କିଛି ବି ତ  ମିଳିନି  ତାହାର
ରକ୍ତଶୋଷା  କରୋନାଟା ଶୋଷିନିଏ ପ୍ରାଣ
ଦେଖେନା ଧନୀ ଦରିଦ୍ର ବୃଦ୍ଧ କି ବାଲୁତ

ଘରେଘରେ  ପୁରେପୁରେ ଲୋକେ ଭୟଭୀତ
ସତେ କଣ  ବର୍ତ୍ତିହେବ  ଆଉ
ବିକଟାଳ ମହାମାରୀ  କୋବିଦ କବଳୁ?
ଘ୍ରରିପାଳ ଲକ୍ ଡାଉନ୍ ଆମ ରାଜ୍ୟ ଓଡ଼ିଶାରେ
ତଥାପି ତ ଦିନୁଦିନ ବଢ଼େ ପ୍ରାଦୁର୍ଭାବ
ଅଦୃଶ୍ୟରେ ବଢାଏ ସେ ଲହଲହ ଜିଭ
ଆକ୍ରାନ୍ତ ସହସ୍ରାଧିକ ମୃତ୍ୟୁ ଏବେ ସାତ
କିଏ ହେବ ସଂକ୍ରମିତ  କିଏସେ ରହିବ
କାଲି କଥା କିଏ ବା କହିବ ?
ମାସ୍କ, ସାନଟାଇଜର ସାଥେ ସଙ୍ଗରୋଧେ ରହି
କାଢା ପିଇ ଏ ମଣିଷ ବିତାଉଛି ଗୃହବନ୍ଦୀ ଦିନ
ମାରାତ୍ମକ ଭୂତାଣୁ ଏ ଯୁଝିଯୁଝି ଜିତିବାକୁ ହେବ
କରୋନାର ଯୋଦ୍ଧାମାନେ
ଯୁଦ୍ଧପଥେ ସର୍ବଦା  ଜାଗ୍ରତ
ଜୀବନଟା ବଞ୍ଚିବା ଜରୁରୀ
ପ୍ରାଣପଣେ ଯୁଝିବାକୁ କହିଛନ୍ତି ଆମ ସରକାର
କଣ୍ଟେନମେଣ୍ଟ ଜୋନ ରୂପ ଅତି  ଭୟାବହ
ଗ୍ରୀନ- ରେଡ- ଅରେଞ୍ଜ ଜୋନ
ସବୁଠାରେ  ଭୂତାଣୁ ପ୍ରବାହ
ଆଉ କେତେ ମୁଣ୍ଡନେବ
କ୍ୱରେନଟାଇନ କଷ୍ଟ ଦେବ
ପଥହୁଡ଼ା ମଣିଷକୁ କେତେ ଆଉ ଶାସ୍ତି ଦେବ
ଦୁଃଖ ଏବେ  ସୀମା ଟପିଗଲା
ପ୍ରବାସୀଏ  ପେଟପାଇଁ
କେବେ ଦିନେ ଯାଇଥିଲେ
ଭିଟାମାଟି ଛାଡି  କ୍ଷୁଧାରେ ଆତୁର ହୋଇ
ପଙ୍ଗପାଳ ଦଳ ଏବେ  ମାଡି ଆସିଲେଣି କାଠିକରପାଠ ଏବେ ଜୀବନ ବଞ୍ଚିବା

ଧର୍ମକର୍ମ  ଚୁଲିକ ଗଲ୍ଣି
ଡିଣ୍ଡିମ ପିଟିଲେ ଆଉ କ ହେବ କୁହ ତ
ଦିନଚର୍ଯ୍ୟା ସଦାଗ୍ଭର ଭୁଲି
ଗୋଦଡ଼ କୋଡିଲ୍ କର୍ମକଜେ ଭେଗିଲ୍ଣି
କଳଙ୍କିତ ଶେଷଦୀପ ଲିଭି ଆସିଲ୍ଣି
ହରିନଅ ପାପତାପ ହେ ଜଗତ ତାତ
ରୁଦ୍ଧକର  ରୁଦ୍ଧକର କରୋନାର ପଥ
ଶରଧାବାଲିରେ ଗ୍ଭଲୁ ନନ୍ଦିଘୋଷ ରଥ
ଯୁଗାନ୍ତର ଶଙ୍ଖଧ୍ୱନ ହେଉ ଗୁଞ୍ଜରିତ।।

ଆଜିମାବାଦ, ବାଲେଶ୍ୱର, ଓଡିଶା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲ୍ vedantimagazine@gmail.com and editor.vedantimagazine@gmail.com

# ଲକ୍ ଡାଉନ୍ ଇଫେକ୍ଟ



ସସ୍ମିତା ମହାନ୍ତି

କଣ କରୁଛ, ଦେଖିବ ଆସ ସ୍ତ୍ରୀ ନନ୍ଦିନୀଙ୍କ ଉଦ୍ଦେଶ୍ୟରେ ଡାକ ଛାଡ଼ିଲେ ପ୍ରଦୀପ୍ତ।

ମୋର ସମୟ ନାହିଁ। ରୋଷେଇ ଅଧା ହୋଇଛି। ଆଉ ଟିକଏ ଗଲେ ବାବୁଙ୍କର ଲଞ୍ଚ ଟାଇମ ହୋଇଯିବ ଯେ ପାଟି କମ୍ପେଇବ।

କାମ ତ ହେଉଥିବ। ଆସୁନ ଟିକଏ ଦେଖି ଯିବ।

ମୋର ଦରକାର ନାହିଁ ତୁମେ ଦେଖ। ଆଉ କ କାମ ଅଛି କ ତୁମର। ସବୁବେଳେ ତ ଦେଖୁଛ ପେପର ଟିଭି ନଚେତ୍ ମୋବାଇଲ।

ଆରତୀ ଭାଉଜ ଫେସବୁକ୍ ରେ କଣ ପୋଷ୍ଟ କରିଛନ୍ତି ଦେଖିଲେ ତମେ ଚମକ ପଡିବ।

ଆରତୀ ଭାଉଜଙ୍କ ନାଁ ଶୁଣୁ ଶୁଣୁ ରୋଷେଇ ଘରୁ ଗୁଲି ଆସି ନନ୍ଦିନୀ କହିଲେ ହଁ ମ ପୁରୁଣା ଫଟୋକୁ ଏଡିଟ୍ କରି ନୂଆ ଡିପି ଦେଇଥିବେ ତୁମ ସୁଇଟ୍ ସିକ୍ସଟିନ୍ ଆରତୀ ଭାଉଜ । ପକ୍କା ଫୁଲେଇ ସେ। ଆଗରୁ ପ୍ରତି ଦୁଇ ଦିନରେ ଥରେ ନଜ ଫେସବୁକ୍ ଡିପି ବଦଳଉଥିଲେ। ଲାଇକ ଓ କମେଣ୍ଟରେ ଭର୍ତ୍ତି ହୋଇଯାଉଥିଲା ତାଙ୍କ ଫେସବୁକ୍ ୱାଲ। ଲକ୍ ଡାଉନ୍ ପରେ ସବୁ ବନ୍ଦ। ସେଦିନ ମଧୁ ଅପା ଏଇ କଥା ପଗ୍ଗରିବାରୁ ସେ କହିଲେ ଏବେ ଯାହା ବେଳ କାଳ ଗ୍ଗଲିଛି କଛି କରିବାକୁ ଇଚ୍ଛା ହେଉନ। ଅନଷ୍ଟିତତା ଭିତରେ ସମୟ କାଟିବା ଖୁବ୍ କଷ୍ଟକର।ଅସଲ କଥା ହେଉଛି ଏବେ ବିଉଟି ପାର୍ଲର ବନ୍ଦ। ତେଣୁ ଆଇବ୍ରୋ ବଢି ଘଞ୍ଚ ଜଙ୍ଗଲ ହେବଣି। ଆଖିତଳ କଳା ଦାଗ ଓ ମୁହଁରେ ଥିବା ବ୍ରଣ ଦାଗ ଆଉ ଲୁଚେଇ ହେଉନ।ୱାକ୍ସିଂ, ପେଡିକଓର, ମ୍ୟାନକଓର ସବୁ ବନ୍ଦ । ତେଣୁ ଯେତେ ଗରମ ହେଲେ ମଧ୍ୟ ସ୍ଲିଭ୍ ଲେସ୍ ପିନ୍ଧି ହେଉନ।ଚୁଟି କଥା ନକହିବା ଭଲ। ସେଥିରେ ପୁଣି କାମବାଲୀ ଓ ରୋଷେଇବାଲୀ କେହି ଆସୁନାହାନ୍ତି। ତୁମ ଏଭରଗ୍ରୀନ୍ ଆରତୀ ଭାଉଜ କାମ

କରି କରି କଳା ପଡିଗଲେଣି। ଏମିତି ଚେହେରାରେ ନୂଆ ଫଟୋ ଉଠେଇ ଅପଲୋଡ କରିବେ ବା କେମିତି ? ତାଙ୍କ ପରି ଏମିତି ପନ୍ଦର ଦିନରେ ଥରେ ପାର୍ଲର ଗଲେ ଆମ କାମବାଲୀ ହେମା ଅଧିକ ସୁନ୍ଦର ଦିଶିବ।

ଧେତ୍ ତୁମେ ତ କଛି ନଶୁଣି ନିଜ କଥା କହି ଗ୍ଲିବ। ସେଥିପାଇଁ ମୁଁ ବିରକ୍ତ ହୁଏ। ହଉ ଦେଖ ଆରତୀ ଭାଉଜଙ୍କ ଝିଅ ମେଘା କେମିତି ଅରୁଣର ଚୁଟି କାଟି ଦେଉଛି। ସେଇ ଫଟୋ ଅପଲୋଡ କରିଛନ୍ତି ଭାଉଜ। ହେୟାର ଷ୍ଟାଇଲଟା ଅରୁଣକୁ ଭଲ ମାନୁଛି ବହୁତ ସ୍ମାର୍ଟ ଦିଶୁଛି ସେ।

ମତେ ଏଇ ଦେଖେଇ ହେବା ଗୁଣ ଜମା ଭଲ ଲାଗେନ। ସବୁବେଳେ କଛି ନାଁ କଛି ଫଟୋ ଅପଲୋଡ କରି ଅଯଥା ପ୍ରଶଂସା ଗୋଟେଇବା ତାଙ୍କର ଅଭ୍ୟାସ। ଆମ ଝିଅବେଳେ କଣ ବିୟୁଟି ପାର୍ଲର ଥିଲା। ଆମେ ଭଉଣୀମାନେ ପରସ୍ପରର ଚୁଟି ସାଇଜ କରିଦେଉଥିଲୁ। ହଷ୍ଟେଲରେ ମୋ ସାଙ୍ଗ ମିନ ଆମ ଚୁଟିକୁ କେଡେ ସୁନ୍ଦର ଫିଲ୍ମ ହିରୋଇନଙ୍କ ଷ୍ଟାଇଲରେ କାଟି ଦେଉଥିଲା। ସବୁ ପିଲା ତା ପାଖରେ ଲାଇନ୍ ଲଗଉଥିଲେ। ସେତେବେଳେ ଏମିତି ଫେସବୁକ୍ ଥିଲେ ମିନ ଭାରତ ବିଖ୍ୟାତ ହୋଇଯାଇଥାନ୍ତା।

ହଉ ଶୁଣ ତୁମେ ତ ଆଗରୁ ତୁମ ଭଉଣୀମାନଙ୍କର ଚୁଟି କାଟୁଥିଲ ମୋ ଚୁଟି ଟିକଏ କାଟି ଦିଅନ୍ତନାହିଁ।ଚୁଟି ଗୁଡାକ ବଢିଗଲାଣି, ଭଲ ଲାଗୁନ।

ମୋର ଯେମିତି ଆଉ କଛି କାମ ନାହିଁ ? ଅପେକ୍ଷା କର ଲକ୍ ଡାଉନ୍ ଖୋଲିଲେ ସେଲୁନ୍ ଯାଇ ଚୁଟି କାଟି ଦେବ।

ଲକ୍ ଡାଉନ୍ ଖୋଲିଲେ କଣ ହେବ ? ତୁମେ କଣ ଶୁଣିନ ଆମେରିକାରେ ପରା ୫୦ ପ୍ରତିଶତ ଲୋକ ସେଲୁନ୍ ଯାଇ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁଲାଭ କରିଛନ୍ତି। ଆମର ଏଠି ସେଲୁନ୍ ର ଅବସ୍ଥା ଯାହା ଛାଡ।ସେଲୁନ୍ ଖୋଲିବା ମାତ୍ରେ ଲୋକଙ୍କର ଲମ୍ବା ଲାଇନ୍ ଲାଗିଯିବ। ସେଲୁନବାଲା ଗୋଟିଏ ଦିନରେ ଅତି କମରେ ପଚଶ ତିରିଶି ଜଣଙ୍କ ସଂସ୍ପର୍ଶରେ ଆସିବ। ଗୋଟିଏ ତଉଲିଆ, ବ୍ରସ, ରେଜର, ପାଣିଆ ଓ ଚେୟାରକୁ ବହୁତ ଲୋକ ବ୍ୟବହାର କରିବେ। ତେଣୁ କରୋନା ସଂକ୍ରମଣର ଆଶଙ୍କା ରହିବ ଓ ସେଠାକୁ ଯିବା ବିପଜ୍ଜନକ ହେବ। ଯେପର୍ଯ୍ୟନ୍ତ କରୋନା କବଳରୁ ଆମ ଦେଶ ସଂପୂର୍ଣ୍ଣ ମୁକ୍ତ ହୋଇନ

ସେପର୍ଯ୍ୟନ୍ତ ସେଲୁନ୍ ଯାଇହେବନି। ସେଥିପାଇଁ କହୁଥିଲି ଟ୍ରିମରରେ ଟିକଏ ସାଇଜ କରିଦିଅ।

ହଉ ଠିକ୍ ଅଛି .......ଏତେକରି କହୁଛ ଯେତେବେଳେ କାଟିଦେବି।

ଚୁଟି କଟା ସରିବା ପରେ ଆଇନାରେ ମୁହଁ ଦେଖି ନିଜକୁ ନିଜେ ଚହ୍ନି ପାରିଲେ ନାହିଁ ପ୍ରଦୀପ୍ତ। ଚିତ୍କାର କରି ନନ୍ଦିନୀଙ୍କୁ କହିଲେ ଇଏ କଣ କଲ ?

ମୁଁ କଣ କରିଥାନ୍ତି ତୁମ ଚୁଟି ତ ସେମିତି। କୋଉଠି ଦି ଗୁରି ବୁଦା ଅଛି ତ କୋଉଠି ପୁଣି ଟାଙ୍ଗର ଭୂଇଁ। କାଟିବା ଯେ କେତେ ମୁସ୍କିଲ ତୁମେ କାହୁଁ ଜାଣିବ ? ଅରୁଣବାବୁଙ୍କର ଗହଳ ଚୁଟି। ତାଙ୍କ ହ୍ୟାଣ୍ଡସମ୍ ଚେହେରାକୁ ସବୁ ପ୍ରକାର ହେୟାର ଷ୍ଟାଇଲ ମାନେ। ଆଉ ତୁମେ .......

ଗୋଟିଏ କାମ ମଧ୍ୟ ତୁମେ ଠିକସେ କରିପାରିବ ନାହିଁ।ମୋ ଚୁଟି ପୁରା ଉଡେଇ ଦେଲ ? ଏମିତି ଚୁଟିରେ ମୁଁ ଏବେ ବାହାରକୁ କିପରି ଯିବି ?

ତମେ ଏବେ କୁଆଡେ ଯାଇଥାନ୍ତ ? ଲକ୍ ଡାଉନ୍ ପାଇଁ ପରା ସବୁ ବନ୍ଦ। ସରକାର ଘରୁ ନବାହାରିବା ପାଇଁ ବାରମ୍ବାର ଘୋଷଣା କରୁଛନ୍ତି। କୁଆଡକୁ ଯିବା ଦରକାର ନାହିଁ। ତୁମେ ବରଂ ଘରେ ରହି ଘର କାମରେ ମତେ ସାହାଯ୍ୟ କର। ଲକ୍ ଡାଉନ୍ ସରିଲା ବେଳକୁ ଚୁଟି ବଢି ଯାଇଥିବ।

ମହାନଦୀ ବିହାର,
କଟକ

# ତୁମେ ହିଁ ତ ତୁମେମୟ.....



ପ୍ରତତି ମହାନ୍ତି

ହେ ! ମାଟିର ମୁକ୍ତିଦାତା
ମାଟିର ଅମର୍ତ୍ତ୍ୟ ବିଧାଣି ।
ଜୀବନର ଦୋ ଛକରେ ......
ବାଟବଣା ପଥିକଟେ ମୁଁ ।
ସ୍ନେହିତ ପରସ ଦେଇ
ବାଟ କଢ଼ାଇଲ ମୋତେ ।
ଘୃଣା, ଦ୍ୱେଷ, ମାନ-ଅଭିମାନର
ସକଳ ସାଉଁଟାରେ ମୁଁ ଜର୍ଜରିତ ।
ଜାଣେନ ......
ସ୍ରଷ୍ଟାଙ୍କର ସୃଷ୍ଟିର ଗୂଢ଼ତୁରତା ।
ପ୍ରଭାତର ପ୍ରଥମ ସ୍ପର୍ଶରେ
ତୁମ ଦର୍ଶନରେ ସୃଷ୍ଟି ହୁଏ
ଦମ୍ଭ ଓ ସାହସ .....
ଦିନମାନର କାମ କରିବାକୁ
ଇଛା ହୁଏ ବାର ବାର .....
ହେ ! ମୋ ଜୀବନ ରଥର ସବଳ ସାରଥୀ !
ଜୀବନୁ ଜଡତା ନାଶି
ଶୂନ୍ୟ ପ୍ରାଣ କଲ ପରିପୂର୍ଣ୍ଣ ।

ହେ ମୋ ଜୀବନ ଭଗ୍ନାଂଶର
ଭାଗଫଳଟିଏ .....
ତୁମେ ମୋ ଅସମୟରେ
ସ୍ୱପ୍ନ ଲବ୍ଧ ସମୟଟିଏ ।
ତୁମେ ମୋ ଅମଡ଼ା ବାଟର
ସଜଡ଼ା ହାଟଟିଏ .....
ତୁମେ ମୋ ତୃଷାର୍ତ୍ତ କଣ୍ଠର
ଶୀତୋଦକ ଜଳ ବିନ୍ଦୁଟିଏ .....
ସବୁର ନାହିଁ ଭିତରୁ
ହଁର ଓଁକାର ଧ୍ୱନିଟିଏ ତୁମେ .....
ତୁମେ ହିଁ ତ ନିର୍ଵଶାର
କ୍ଷୀଣ ଆଶାଟିଏ ।
ତୁମେ ହିଁ ତ ପତିତର ସେବକ ଓ ସଖା ।
ତୁମେ ହିଁ ତ ଅନ୍ଧାରର ଆଲୋକର ଶିଖା .....
ତୁମେ ହିଁ ତ ସର୍ବହରା
ଜୀବନର ସମ୍ବଳ ଓ ସାଥି ।
ତୁମେ ହିଁ ତ ତୁମେମୟ .....
ତୁମେ ହିଁ ତ ତୁମେମୟ .....

ଜି.ଏମ.ଆର. ଟାଉନସିପ୍,
କମଲାଙ୍ଗ, ଢେଙ୍କାନାଳ

# ଶ୍ରମିକ



ଭଜରାମ ସେଠୀ

କୋଡ଼ି,  ଝୁଡ଼ି, ପିକାସ୍, ଖଣତି, ଖୋଦେଇ,
ଶ୍ରମ ଶାବଳ ହୁଂ-କାରେ ହାଡ଼କୁ ମଜେଇ,
ଘର୍ମ ଝରଇ ହୃଦେ ଖରା-ଝାଞ୍ଜି  ପାଇ,
ସୃଷ୍ଟି ସ୍ରଷ୍ଟା ଜୀବନ୍ତ  ପାଷାଣ ଖୁଣ୍ଟେଇ  ।

ବର୍ଷା, ମେଘଶିଳା, ପ୍ରକୃତି ମୁଣ୍ଡେ ବୋହି,
ଫଟେଇ ଖୋଜଇ ମୃତ୍ତିକା ଶିଳା ଧୋଇ,
ତଳ ତଳେ କାଳ କରାଳ ଜୀବଜନ୍ତୁ,
କଳନପାରେ ବିଷାକ୍ତ ଅମୃତ ସିନ୍ଧୁ  ।

ଖଟ୍ ଖଟ୍ ଫଟ୍କା ବବୁନ ରାନ୍ଧ କାଳ,
ଗଞ୍ଜି ଅଧାଚଡ଼ି ଅରଟ ଅଖ ଗୋଲ,
ଶ୍ରମିକ ଶ୍ରମ ଦାନେ ମାର୍ବଲ୍ ମହଲ,
ରକ୍ତ ସିଜେଇ ସଜାଏ ଗୋଲାପ ଜଳ ।

ରକ୍ତ ବୁହାଇଲା ନହାଣ ବାର୍ସି ଛୁଇଁ,
କାଷ୍ଠେ ଚନ୍ଦିତ ମୂର୍ତ୍ତି ଦୋଳନେ ଝୁଲଇ,
ଛୁଞ୍ଚି ଅଗ୍ରେ ଯୋଖି  ଗଢ଼େ ସେ ଆଭୂଷଣ,
କଇଁଚ ଘର୍ଷଣେ ଘୋଷିତ ଆକର୍ଷଣ  ।

ପିଞ୍ଜରାର ରନ୍ଧ୍ରେ ରନ୍ଧ୍ରେ ଲେଖେ ଯେ' ଦୁଃଖ,
ମୁଣ୍ଡଫଟା ଖରା ତଳେ  ମାଗେ ଯେ'  ସୁଖ,
ଜଣେଇଛି  କ'ବା ସେ' ହାଡ଼ ଭଙ୍ଗା ମୂଲ,
ବୋହେ  ମୁଣ୍ଡ  ଝାଳ  ତୁଣ୍ଡକୁ  ଯା'  ଅମୂଲ  ।

ନତମ୍ବ ଭାଗେ ଚାପିଛି ଯେ' ଝଜି ଖଣ୍ଡେ,
ବଞ୍ଚିଛି ପରାଣେ ଚାହିଁ  ପେଟ ଚାଖଣ୍ଡେ,
ହାତ ଫାଟିଛି କାନ୍ଧେ ବିଣ୍ଡି ଦିଶେ ଝଟକ,
ମୁଣ୍ଡ ବାଳ ପାଣ୍ଡେର୍ କହେ ତା' ଝଟତି  ।

ଶ୍ରମିକ ଶ୍ରମ ଚିହ୍ନିଛି କେ'ବା ଜଗତେ,
ଅଟ୍ଟହାସ୍ୟେ ପରିଚିତ ପାଉଛି  କେତେ,
ମୃତ୍ୟୁ ସଙ୍ଗେ ଲଢେଇ ଲଢୁଆ ବୀର ସେ,
ମରୁ ବା ବଞ୍ଚୁ ସେ ହସେ ମର୍ତ୍ୟ ହରଷେ  ।

ଝଜି -ପତଳା ତିନହାତିଆ ଗାମୁଛା
ପାଣ୍ଡେର୍-ନାରଙ୍ଗୀ ରଙ୍ଗ ସଦୃଶ ଝୋଟ ସମ ବାଳ।

ନରାଳ, ଆସିକା, ଗଂଞ୍ଜାମ

# ମହାମାରୀ ପ୍ରଭାବିତ ବାର୍ଦ୍ଧକ୍ୟ

ଡକ୍ଟର ପ୍ରଦୀପ ମହାପାତ୍ର

'କୋଭିଡ୍-୧୯' ସଂକ୍ରମଣ ବିଶ୍ୱବ୍ୟାପୀ ବୃଦ୍ଧଜନଙ୍କ ନିମନ୍ତେ ଅନ୍ୟାନ୍ୟ ବୟଷବର୍ଗ ତୁଳନାରେ ବିପଦଜନକ ପ୍ରମାଣିତ ହୋଇଛି । ପ୍ରଥମତଃ, ମହାମାରୀରେ ଭୂତାଣୁ ଆକ୍ରାନ୍ତ ୬୦ ବର୍ଷରୁ ଉର୍ଦ୍ଧ୍ୱଙ୍କ କ୍ଷେତ୍ରରେ ରୋଗଜନିତ ମୃତ୍ୟୁହାର ତିନି ଚତୁର୍ଥାଂଶ ହିସାବ କରାଯାଇଛି। ଦ୍ୱିତୀୟତଃ, ବୟସାଧିକ କାରଣ ହେତୁ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ହ୍ରାସ ଏବଂ ଉଚ୍ଚ ରକ୍ତଚାପ, ହୃଦରୋଗ, ମଧୁମେହ, ଯକୃତ ସମସ୍ୟା ଓ କର୍କଟ ଇତ୍ୟାଦି ରୋଗାକ୍ରାନ୍ତଙ୍କ କ୍ଷେତ୍ରରେ ସଂକ୍ରମଣରୁ ଉପଶମ ଜଟିଳ ସାବ୍ୟସ୍ତ ହେଉଛି । ତୃତୀୟତଃ, ଦୀର୍ଘକାଳ ଧରି ଜନପଦ ବନ୍ଦ ଡ଼ାକରା ହେତୁ ଶଯ୍ୟାଶାୟୀ ଓ ଦୈନନ୍ଦିନ ଜୀବନରେ ସହାୟତା ଆଶ୍ରିତ ବରିଷ୍ଠ ନାଗରିକମାନଙ୍କ ଯତ୍ନ ନେବାଲାଗି ଲୋକବଳ ତଥା ମୁକ୍ତ ସାର୍ବଜନୀନ ଚିକିତ୍ସା ଅଭାବ କାରଣରୁ ସେମାନେ ନିର୍ଯ୍ୟାତିତ ହେବା ଉଦାହରଣର ଅଭାବ ନାହିଁ । ସର୍ବୋପରି ଅନିଶ୍ଚିତତାର ବାତାବରଣ ବରିଷ୍ଠ ନାଗରିକଙ୍କୁ ମାନସିକସ୍ତରରେ ଭରାକ୍ରାନ୍ତ କରିପକାଇଛି ।

ଅତୀତ ଅନୁଭୂତି ଆଧାରରେ ନୂତନ କରୋନା ଭୂତାଣୁ ସଂକ୍ରମଣର ଦୀର୍ଘ ଅବଧି ଆକଳନ କରାଯାଉଛି । ବିଗତ ଶତାବ୍ଦୀ ୧୯୧୮ରେ ପ୍ରଥମ ବିଶ୍ୱଯୁଦ୍ଧ ଶେଷପାଦରେ 'ସ୍ପାନିଶ ଫ୍ଲୁ' ସଂକ୍ରମଣରେ ଦୁଇବର୍ଷ ଧରି ତିନିଗୋଟି ତରଙ୍ଗରେ ପ୍ରାୟ ୫୦ କୋଟି ଜନସାଧାରଣ ଆକ୍ରାନ୍ତ ହୋଇ ପାଞ୍ଚ କୋଟି ଯାଏଁ ମୃତ୍ୟୁମୁଖରେ ପଡ଼ିଥିବା ଜଣାଯାଏ । ଚଳିତ ଶତାବ୍ଦୀର ପ୍ରଥମ ଦୁଇ ଦଶକରେ ସାର୍ସ, ସ୍ୱାଇନ ଫ୍ଲୁ, ମାର୍ସ, ଇବୋଲା ଇତ୍ୟାଦି ଭୂତାଣୁ ସଂକ୍ରମଣ ବାରମ୍ବାର ଦେଖା ଦେଇଛି । ବିଶ୍ୱବ୍ୟାପୀ ମେ' ୨୦୨୦ ପ୍ରଥମ ସପ୍ତାହ ସୁଦ୍ଧା ନୂତନ କରୋନା ଭୂତାଣୁ ସାଥିରେ ଦୈନନ୍ଦିନ ଜୀବନଚର୍ଯ୍ୟା ଆରମ୍ଭ କରିବା ନିମନ୍ତେ ଆହ୍ୱାନ ଦିଆଯାଇଥିବା ସ୍ଥଳେ ଆପାତତଃ ବରିଷ୍ଠ ନାଗରିକମାନେ ପରିବର୍ତ୍ତିତ ପରିବେଶ ସହ

ନଜକୁ ସାମିଲ କରିବାକୁ ପଡ଼ିବ । ତେବେ ସେମାନଙ୍କ ବୟସବର୍ଗରେ ଭୂତାଣୁ ସଂକ୍ରଣର ଭୟାବହତା ଦୃଷ୍ଟିରୁ ମାତ୍ରାଧିକ ସାବଧାନତା ଆବଶ୍ୟକ କରେ ।

ମୁମ୍ବାଇ ଯଶଲୋକ ହସପିଟାଲର ଜଣେ ପ୍ରମୁଖ ଚିକିତ୍ସକ ରାଜେଶ ପାରେଖ ଅନ୍ୟ ଦୁଇଜଣ ସହଯୋଗୀ ଚିକିତ୍ସକଙ୍କ ସହ 'ଦି କରୋନା ଭାଇରସ : ହ୍ୱାଟ ୟୁ ନିଡ଼ ଟୁ ନୋ ଏବାଉଟ ଦି ଗ୍ଲୋବାଲ ପାଣ୍ଡାମିକ' ଶୀର୍ଷକ ଏକ ପୁସ୍ତକ ରଚନା କରିଛନ୍ତି । ଏହା ଏପ୍ରିଲ ୨୦୨୦ରେ ପ୍ରକାଶିତ ହୋଇଥିଲା । ପାରେଖଙ୍କ ଅନୁଶୀଳନରେ ବିଶ୍ୱମହାମାରୀ ପରବର୍ତ୍ତୀ ପରିବେଶରେ ମାନବ ସମାଜରେ ପାରସ୍ପରିକ ସଂପର୍କ ତଥା ଇତର ଜୀବଜନ୍ତୁ ଓ ପ୍ରାକୃତିକସ୍ତରରେ ସହାବସ୍ଥାନ ଗଭୀର ପ୍ରଭାବିତ ହେବା ଆଶା କରାଯାଇପାରେ ।

ମାବନ ସଭ୍ୟତା ସାମାଜିକ ବ୍ୟବସ୍ଥାକୁ ନେଇ ଗଢ଼ି ଉଠିଛି । ପରସ୍ପର ମଧ୍ୟରେ ସଂପର୍କ ସ୍ଥାପନ ଧାରାକୁ ମନୁଷ୍ୟର ଜନ୍ମକାଳରୁ ଉତ୍ସାହିତ କରାଯାଇ ଆସିଛି । ବ୍ୟକ୍ତିଗତସ୍ତରରୁ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ପରିବେଶରେ ପାରସ୍ପରିକ ସଂପର୍କ, ସହଯୋଗ ଓ ସଂଗଠନ ସଭ୍ୟତାର ମାପକାଠି ରୂପେ ବିବେଚତ ହୋଇଆସିଛି । ଭୂତାଣୁ ସଂକ୍ରମଣ ଭୟରେ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଶାରୀରିକ ଦୂରତ୍ୱ ବଜାୟ ରଖିବା, ବହୁ ସଂଖ୍ୟାରେ ଏକତ୍ରୀତ ନହେବା ଏବଂ ଭ୍ରମଣକୁ ନିରୁତ୍ସାହିତ କରିବା ଭଳ ମହାମାରୀ ପର ଅବସ୍ଥାରେ ନୀତି ନିର୍ଦ୍ଧାରଣ ପାରମ୍ପରିକ ବ୍ୟବସ୍ଥାର ବିରୁଦ୍ଧାଚରଣ କରିଥାଏ ।

'କୋଭିଡ଼-୧୯' ବିଶ୍ୱମହାମାରୀ ସଂକ୍ରମଣର ନୂତନ କରୋନା ଭୂତାଣୁ ଏବଂ ବିଗତ ଦୁଇ ଦଶନ୍ଧି ଧରି ତଦ୍‌ଅନୁରୂପ ସଂକ୍ରାମକ ଭୂତାଣୁଗୁଡ଼ିକ ପଶୁପକ୍ଷୀଙ୍କ ସୂତ୍ରରୁ ମନୁଷ୍ୟ ଶରୀରରେ ପ୍ରବେଶ କରୁଥିବା ଅଭିଜ୍ଞତା ଅନ୍ୟ ଜୀବଜନ୍ତୁଙ୍କ ସହ ମନୁଷ୍ୟର ସଂପର୍କରେ ନୂତନ ସମୀକରଣ ଆଣିବା ନିଶ୍ଚିତ । ଜଙ୍ଗଲର ପରିସୀମା ହ୍ରାସ, ଜଙ୍ଗଲର ଜୀବଜନ୍ତୁ ମନୁଷ୍ୟର ଖାଦ୍ୟ ସାମଗ୍ରୀ ତାଲିକାରେ ବହୁଳଭାବେ ଅନ୍ତର୍ଭୁକ୍ତ ହେବା ଏବଂ ବ୍ୟାବସାୟିକ ସ୍ତରରେ ପଶୁପାଳନ ଫଳରେ ସଂକ୍ରମଣ ବ୍ୟାପୁଥିବା ହେତୁ ଏଦିଗରେ ସରକାରୀ ସ୍ତରରେ କଠୋର ଆଇନାବଳୀ ପ୍ରଣୟନ ଓ ଅନୁପାଳନ ଆଶା କରାଯାଇପାରେ ।

ସେହିପରି ଜଗତୀକରଣ ପରଅବସ୍ଥାରୁ ଆନ୍ତର୍ଜାତିକସ୍ତରରେ ପରିବେଶ ପରିପନ୍ଥୀ ବିକାଶଧାରା, ବିଶେଷତଃ ଜୈବ-ଇନ୍ଧନ ବ୍ୟବହାରରେ ଅଙ୍ଗାରକାମ୍ଳ ପଦଚିହ୍ନ ସୃଷ୍ଟି

ପ୍ରାକୃତିକ ଋତୁଚକ୍ରକୁ ପ୍ରଭାବିତ କରିବା ତଥା ବିଶ୍ୱ ତାପମାତ୍ରା ବୃଦ୍ଧିକୁ ଆୟତ୍ତ ନିମନ୍ତେ ସଚେତନତା ସୃଷ୍ଟି ସଂଭବପର ହୋଇପାରିଛି । ତେବେ ପ୍ରକୃତ କାର୍ଯ୍ୟକ୍ଷେତ୍ରରେ ଅର୍ଥନୀତିକ ତଥା ରାଜନୀତିକ କାରଣରୁ ପ୍ରଭାବ ବିସ୍ତାର କରିପାରି ନାହିଁ । ମହାମାରୀ ହେତୁ ବିଶ୍ୱବ୍ୟାପୀ ଜନଜୀବନ ଓ ଅର୍ଥନୀତି ବିପଦଗ୍ରସ୍ତ ହୋଇଥିବା ହେତୁ ପରିବେଶ ସୁରକ୍ଷା ଦିଗରେ ନୀତିନିର୍ଦ୍ଧାରଣ ନିମନ୍ତେ ଗୁରୁତ୍ୱ ବୃଦ୍ଧି ପାଇବା ଆଶା ସୁସ୍ପଷ୍ଟ । ମହାମାରୀ ସଂକ୍ରମଣକୁ କେନ୍ଦ୍ରକରି ଯାନବାହନ ଯୋଗେ ଯାତ୍ରାରେ କିଛିକାଳ ଅଙ୍କୁଶ ଲାଗିବା ତଥା ବୈଷୟିକ ପଦ୍ଧତି ଉପଯୋଗରେ ବିନା ଶାରୀରିକ ଉପସ୍ଥିତିରେ ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ, ପ୍ରଶାସନିକ କାର୍ଯ୍ୟ ସଂପାଦନ ଅନୁଭୂତି ପରବର୍ତ୍ତୀ ପରିବେଶକୁ ପ୍ରଭାବିତ କରିବା ସଂଭବ ।

ଡ଼ାକ୍ତର ପାରେଖ ଟୀପ୍ପଣି ଦେଇଛନ୍ତି ଯେ 'କୋଭିଡ଼-୧୯' ମହାମାରୀ ସଂକ୍ରମଣ ରୋକିବାରେ ଆନ୍ତର୍ଜାତିକସ୍ତରରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି ସତ, ତେବେ ଏଭଳି ବିପତ୍ତିର ସମ୍ମୁଖୀନ ହେବା ନିମନ୍ତେ ବହୁରାଷ୍ଟ୍ରରେ ପୂର୍ବପ୍ରସ୍ତୁତିର ଅଭାବ ଅନୁଭୂତ ହୋଇଥିଲା ।

ବିଭିନ୍ନ ରାଷ୍ଟ୍ର ସ୍ଥାନୀୟସ୍ତରରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଅଭିଜ୍ଞତା ହାସଲ କରିଥାନ୍ତି । ତେବେ ଜନସ୍ୱାସ୍ଥ୍ୟ ସମସ୍ୟା ଓ ବିଶ୍ୱବ୍ୟାପୀ ଏହାର ପ୍ରଭାବ ସଂପର୍କରେ ଅନୁଭୂତି ଅଭାବ ହେତୁ ମହାମାରୀରେ ସଂକ୍ରମଣ ପ୍ରତିରୋଧ ନିମନ୍ତେ ନୀତିନିୟମ ପ୍ରଣୟନରେ ତ୍ରୁଟି ରହିବା ସ୍ୱାଭାବିକ । 'କୋଭିଡ଼-୧୯'ର ଉନ୍ମେଷ ଚୀନରୁ ଘଟିଥିବା ହେତୁ ସେଠାର କମ୍ୟୁନିଷ୍ଟ ରାଷ୍ଟ୍ର ଆଦର୍ଶରେ ତାହାର ନିୟନ୍ତ୍ରଣ ନିମନ୍ତେ ଉଦ୍ୟମ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ଚୀନରେ ପ୍ରବର୍ତ୍ତିତ ଧାରା ଉପଯୋଗ କରିବା ଉଦ୍ୟମ ଫଳରେ ଗଣତାନ୍ତ୍ରିକ ଆଙ୍ଗୀକ ଆଘାତପ୍ରାପ୍ତ ହୋଇଥିବା ଅଭିଯୋଗ ଉଠିଥିଲା ଏବଂ ସେଭଳି ତ୍ରୁଟି ସୁଧାରିବାକୁ ଯିବାବେଳେ ବିପର୍ଯ୍ୟୟ ପରିଚାଳନାରେ ବ୍ୟାଘାତ ପହଞ୍ଚିଥିବା ଉଦାହରଣ ଦେଖିବାକୁ ମିଳିଥିଲା । ଏତାଦୃଶ ପରିବେଶରେ ସର୍ବସାଧାରଣଙ୍କ ସହ ବରିଷ୍ଠ ନାଗରିକମାନେ ମଧ୍ୟ ପ୍ରଭାବିତ ହୋଇଥିଲେ ।

ଚେନ୍ନାଇସ୍ଥିତ ରାଜୀବ ଗାନ୍ଧୀ ସରକାରୀ ଜେନେରାଲ ହସପିଟାଲର ବାର୍ଦ୍ଧକ୍ୟ ଭେଷଜ ବିଜ୍ଞାନ ବିଭାଗର ମୁଖ୍ୟ ଡ଼ାକ୍ତର ଶାନ୍ତିଙ୍କ ବିଚାରରେ ମହାମାରୀପର ଜନଜୀବନରେ ବରିଷ୍ଠ ନାଗରିକମାନେ ବେଶ କିଛିକାଳ ଧରି ନିଜକୁ ସଂକ୍ରମଣରୁ ସୁରକ୍ଷିତ ରଖିବା ନିମନ୍ତେ

ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ । ବ୍ୟକ୍ତିଗତ ସ୍ତରରେ ବାସଗୃହରେ ଆବଦ୍ଧ ରହିବା, ମାସ୍କ ପିନ୍ଧିବା, ବାରମ୍ବାର ସାବୁନରେ ହାତ ଧୋଇବା ଅଭ୍ୟାସ ଜାରୀ ରଖିବା ଆବଶ୍ୟକ ।

ମୁଖ୍ୟତଃ ସେମାନେ ଯୁବବର୍ଗଙ୍କ ଠାରୁ ଦୂରେଇ ରହିବା ତଥା ସଂସ୍ପର୍ଶରେ ଆସିବା ସମୟରେ ଶାରୀରିକ ଦୂରତ୍ୱ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ । ମହାମାରୀ ପରପର୍ଯ୍ୟାୟରେ ଯୁବକଯୁବତୀମାନେ ସାମାଜିକସ୍ତରରେ ସ୍ୱଚ୍ଛନ୍ଦରେ ବିଚରଣ କରିବା ଅବସରରେ ସଂକ୍ରମଣର ବିଭିନ୍ନ ପ୍ରବାହରେ ଭୂତାଣୁ ଆକ୍ରାନ୍ତ ହେବା ଭୟ ଲାଗିରହିଥାଏ । ତେବେ ଅନେକ କ୍ଷେତ୍ରରେ ରୋଗର ଲକ୍ଷଣ ପ୍ରକାଶ ପାଇନଥାଏ । ଅର୍ଥାତ ଭୂତାଣୁ ଆକ୍ରାନ୍ତ ହେଲେହେଁ ନିଜ ଶରୀରର ରୋଗ ପ୍ରତିରୋଧକ ଶକ୍ତି ପ୍ରୟୋଗରେ ରୋଗାକ୍ରାନ୍ତ ହୋଇନଥାନ୍ତି। କିନ୍ତୁ ଭୂତାଣୁ ଆକ୍ରାନ୍ତ ହୋଇଥିବା ହେତୁ ସେମାନଙ୍କ ସଂସ୍ପର୍ଶ ଆସୁଥିବା ବ୍ୟକ୍ତିବିଶେଷ ସଂକ୍ରମିତ ହେବା ସମ୍ଭବପର ।

ଡ଼ାକ୍ତର ଶାନ୍ତି କହନ୍ତି ଯେ ନୂତନ କରୋନା ଭୂତାଣୁ ସଂକ୍ରମଣରେ ସମାଜର ୨୦ ରୁ ୫୦ ବର୍ଷ ମଧ୍ୟରେ ଏକ ବୃହତ ବର୍ଗଠାରେ ଅଧିକରୁ ଅଧିକ ସଂଖ୍ୟାରେ ସଂକ୍ରମଣ ସତ୍ତ୍ୱେ ରୋଗର ଲକ୍ଷଣ ପ୍ରକାଶ ନପାଇବା ହିସାବ ସାମୂହିକ ପ୍ରତିଷେଧକ 'ହେର୍ଡ ଇମ୍ୟୁନିଟି' ସୃଷ୍ଟି ହେଉଥିବା ସୂଚନା ଦିଏ । ଭୂତାଣୁ ବିପକ୍ଷରେ ସାମୂହିକ ପ୍ରତିଷେଧକ ଶକ୍ତି ବୃଦ୍ଧି ପାଇଲେ କ୍ରମଶଃ ରୋଗ ସଂକ୍ରମଣ ଭୟ ଦୂର ହୋଇଥାଏ । ତେବେ ବରିଷ୍ଠ ନାଗରିକମାନଙ୍କ ଶରୀରରେ ବୟସାଧିକ କାରଣରୁ ରୋଗ ପ୍ରତିରୋଧଶକ୍ତି ସ୍ୱାଭାବିକ ଭାବେ କମି ଆସୁଥିବା ହେତୁ ଏହି ସମୟସୀମାରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ।

ମହାମାରୀପର ଦୈନନ୍ଦିନ ଜୀବନଯାତ୍ରାରେ ବରିଷ୍ଠ ନାଗରିକମାନେ ବଜାର ସଉଦା କରିବା, ପ୍ରାତଃ କିମ୍ବା ସାନ୍ଧ୍ୟଭ୍ରମଣରେ ବାହାରିଲେ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସିବା ସମ୍ଭାବନା ଥିବା ହେତୁ କିଛିକାଳ ସେଥିରୁ ଓହରିଯିବା ବାଞ୍ଛନୀୟ । ସେମାନେ ଶାରୀରିକ ତଥା ପ୍ରତିଷେଧକ ଶକ୍ତି ବୃଦ୍ଧି ନିମନ୍ତେ ଉତ୍ତମ ଖାଦ୍ୟପେୟ, ବ୍ୟାୟାମ ଓ ଆବଶ୍ୟକ ସ୍ଥଳେ ଚିକିତ୍ସକଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିବା ଉଚିତ । ଯେଉଁମାନେ ପୁରାତନ ରୋଗ ଉପଶମ ନିମନ୍ତେ ଔଷଧ ସେବନ କରୁଛନ୍ତି ତାହାର ନିୟମିତତା ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

ଶାରୀରିକ ଭିନ୍ନ ମାନସିକସ୍ତରରେ ମଧ୍ଯ ବରିଷ୍ଠ ନାଗରିକମାନେ ମହାମାରୀ ପରପର୍ଯ୍ୟାୟରେ ଭଗ୍ନକ୍ରାନ୍ତ ହେବା ସ୍ୱାଭାବିକ । ଦୀର୍ଘକାଳ ଧରି ସମାଜର ମୂଳସ୍ରୋତରୁ ଦୂରେଇ ରହିବା ତଥା ଏକାକୀତ୍ୱ କାରଣରୁ ଅବସାଦ ଓ ଭୂତାଣୁ ସଂକ୍ରମଣର ଭୟାବହତା ସଂପର୍କରେ ଅବଗତ ହୋଇ ମୃତ୍ୟୁଭୟ ଅନେକଙ୍କ କ୍ଷେତ୍ରରେ ଆଶା କରାଯାଏ । ଏହି ପରିପ୍ରେକ୍ଷୀରେ ପ୍ରବୋଧନା 'କାଉନସିଲିଂ'କୁ ମୁଖ୍ୟ ଉପାୟରୂପେ ଚକସ୍ୱକମାନେ ଚିହ୍ନଟ କରିଥାନ୍ତି । ପରିବର୍ତ୍ତିତ ପରିବେଶରେ ବୟସ୍କଙ୍କ ଯତ୍ନରେ ପରିବାରବର୍ଗଙ୍କ ଭୂମିକା ଗୌଣ ହୋଇଆସୁଥିବା ସ୍ଥଳେ ବିକଶିତ ରାଷ୍ଟ୍ରଗୁଡ଼ିକ ଭଳ ସାମାଜିକସ୍ତରରେ ପ୍ରବୋଧନା ର ଭିତ୍ତିଭୂମି ଆମ ଦେଶରେ ଗଢ଼ି ନଉଠିଥିବା ହେତୁ ଉଭୟ ସରକାରୀ ଓ ବେସରକାରୀସ୍ତରରେ ଯୋଜନାବଦ୍ଧ ଉଦ୍ୟମ ଆବଶ୍ୟକତା ଅନୁଭୂତ ହୁଏ ।

ମହାମାରୀ ପ୍ରଭାବିତ ବାର୍ଦ୍ଧକ୍ୟ ପାରମ୍ପରିକ ଜୀବନଚର୍ଯ୍ୟାରୁ ଦୂରେଇ ଯାଉଥିବା ହେତୁ ପରିବର୍ତ୍ତିତ ପରିବେଶ ସହ ଖାପଖୁଆଇବା ବରିଷ୍ଠ ନାଗରିକମାନଙ୍କ ପକ୍ଷେ କଷ୍ଟସାଧ ବୋଧ ହୋଇପାରେ । ତେବେ ସଚ୍ଚେତନତା ପ୍ରସାର ତଥା ଅନୁକରଣୀୟ ଜୀବନଶୈଳୀ ତାଲିମ ବ୍ୟବସ୍ଥା ପରିବର୍ତ୍ତନର ଧାରାକୁ ସରଳ କରିପାରିବ । ଏହି କ୍ଷେତ୍ରରେ ସଚ୍ଚେତନ ବରିଷ୍ଠ ନାଗରିକଙ୍କ ସହଭାଗୀତା ଗୁରୁତ୍ୱପୂର୍ଣ୍ଣ ।

ଭାପୁର ବଜାର, ବ୍ରହ୍ମପୁର, ଓଡିଶା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ଦୃଷ୍ଟି



ସୁବାସ ଚନ୍ଦ୍ର ମୁଦୁଲି

ଶହେ ଆଖି ଯାହାକୁ ପାରେନ ଦେଖି

କେମିତି ଦେଖିବ ମୋ ଦୁଇ ଆଖି

ହେଲେ,

ଆଖି ତାର କୋଣହୀନ ଗୋଲାକାର

ସବୁ ପାରେ ପରଖି

ପଲକ ହୀନ ତନ୍ଦ୍ରା ତାରେ

କଟାକ୍ଷ କରେ ଭକ୍ତ ମାନସରେ

ଦେଖିପାରେ ଦାସିଆ ନଡ଼ିଆ

ହାତ ବଢେଇ ନଏ ରତ୍ନସିଂହାସନେ ॥

ଅବସରପ୍ରାପ୍ତ ବରିଷ୍ଠ ପ୍ରୟୋଗଶାଳା ପ୍ରାଯୁକ୍ତିକ
ଜିଲ୍ଲା ମୁଖ୍ୟ ଚକସ୍ୱାଳୟ, ସମ୍ବଲପୁର

# ସଫଳତାର ପଥେ ପଥେ



ସୁଦାମ ଲେଙ୍କା

ସ୍ୱପ୍ନ ରହିଅଛି ମନ ଏକାନ୍ତରେ
ମନ ରହିଅଛି ବିବେକ କାନ୍ଥରେ !!
ଆକାଂକ୍ଷା ର ପଥେ ଜୀବନ ବିତିଛି
ସଦା ମନ ମଧ ବିବେକ କାନ୍ଦୁଛି !!
ସ୍ମୃ ତି କୁ କରିଛି ନଜ ଗଳା ହାର
ଶରୀର ଯେ ଓଦା ଲୁହର ସାଗର !!
ମନେପଡେ ଆଜି ସେଇ ପିଲ୍‌ଦିନ
ଧୂଳ ବାଲି ଖେଳ ଆସର ଆଜନ !!
ପ୍ରତିଟି ମୁହୂର୍ତ୍ତ ଦେଉଛି ମୁଁ ବଳ
ଆକାଂକ୍ଷାର ଏହି ପ୍ରଦୀପ କୁ ଜାଳ !!
ଅତୀତ କାନ୍ଦୁଛି ମୋ ମନ ମଧ୍ୟରେ
ଲୁହ ଝରୁଅଛି ଝରଣା ସ୍ରୋତରେ !!
ପ୍ରୀତି ପରିଜନ କରିଛନ୍ତି ପର
ଆମେ ରହିଅଛୁ ମୋ ଭିଇର ମୋର !!
ମନ ବଳକୁ ମୁଁ କରିଛି ଏକତା
ହାସଲ କରିବି ନଜ ସଫଳତା !!
ପ୍ରତିଜ୍ଞା କୁ କେବେ ନ ଭୁଲିବି ମୁହିଁ
ଆସକ୍ତିର ଜୁଇ ଦେବି ମୁଁ ଲିଭେଇ !!

ଅଧ୍ୟାପକ, ରାଜନୀତି ବିଜ୍ଞାନ,
ଗୋନାସିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦୁଝର

# କରୋନା



ରାଜେନ୍ଦ୍ର କୁମାର ମହାନ୍ତି

ଦୁର୍ଦ୍ଦାନ୍ତ କରୋନାର
ଆକ୍ରମଣରେ ନିହତ
ସୈନ୍ୟଦଳ
ତଥାପି ନାହିଁ ଭୟାର୍ତ୍ତ
ଲଢ଼ିବାକୁ ହେବ
ଶତ୍ରୁ ସହିତ
ଜୀବନ ଥିବା ଯାଏ ।
ଜୀବନ ସିନା ନେଇ ଯାଉଛି
ସୃଷ୍ଟିକରି ଦେଇଛି ଦୁର୍ବିସହ
ବାତାବରଣ
କିନ୍ତୁ ଶିଖିବ ପାପିଷ୍ଠ କରୋନା
ଆମେ ଜନ୍ମ ନେଉଛୁ ମରିବୁ
ଧ୍ରୁବସତ୍ୟ
କିନ୍ତୁ ପଳାତକ ନହୁ

ଯୁଝି ଯୁଝି ମରିବାରେ
ଆମେ ହିଁ ଅଭ୍ୟସ୍ତ ।
ଦୁରାଗ୍ରହୀ କରୋନା
ଏଠି ଶିଶୁହିଁ କରିପାରେ
ଯୁଦ୍ଧର ବିଭୀଷିକା
ବଂଚବା ମାନେ ନୁହେଁ
କେବଳ ନିଜ ପାଇଁ ବଂଚବା
ଏଠି ସମସ୍ତେ
ନିଃସ୍ୱାର୍ଥପର ଅଭିମନ୍ୟୁ
ନିଃସ୍ୱାର୍ଥପର ଧର୍ମପଦ
ଜାତି ଦେଶ ପାଇଁ ନିଜ ଜୀବନ
ଦେଇଦେବେ ହେବେ ସହୀଦ
ଏଇତ ମୋ ସୁନାର ଭାରତ ।

ରାଜବୋରା ସମ୍ବର ପଦ୍ମପୁର, ବରଗଡ

# ଘୃଣା..



ସୁବଳ ମହାପାତ୍ର

ଦାଣ୍ଡ ଘରେ ପଶୁ ପଶୁ ଘର ଭିତର, ଗନ୍ଧରେ ନାକ ଫାଟି ପଡୁଥିଲା। ସୁମ, ସୁମ ବୋଲି ବଡ ପାଟିରେ ଚଲ୍ଲେଇ ଚଲ୍ଲେଇ ଘର ଭିତରେ ପଶିଲା ବିଜୟ। ରୋଷେଇ ଘରୁ ଛୁଆଙ୍କ ପାଇଁ ରୁଟି କରୁ କରୁ ହାତରେ ବେଲନା କାଠି ଧରି ଆସିଲା ସୁମ। "କଣ ହେଲା?" ବୋଲି ପଚ୍ଚାରୁ ପଚ୍ଚାରୁ ଚଡିଉଠି ବିଜୟ ଉତ୍ତର ଦେଲା,"ଜାଣି ପାରୁନ କଣ ହେଲା? କ ଗନ୍ଧ..ଆଗ ସଫାକର ଏସବୁ। ମା ବୋଧେ ଝାଡା କରି ଦେଇଛି ଶେଜରେ। ଆଗ ଦେଖ ଟିକେ।

ସେପଟେ ଛୁଆ ଦୁଇଟା ଖାଇ ବସିଛନ୍ତି। ଏପଟେ ସୁମ ରୋଟି କରୁଛି। ଏ ଭିତରେ ଏତକ କାଣ୍ଡ କରି ସାରିଥିଲା ମା। "ମୁଁ ଏବେ ପାରିବିନ, ଦଶ ମିନଟ ସମୟ ଦିଅ, ରୋଟି କରି ସାରେ" ବୋଲି କହି ସୁମ ଫେରିଗଲା ରୋଷେଇ ଘରକୁ। ଅସନା ଜିନଷ କ ଗନ୍ଧ କୁ ମୋଟେ ସମ୍ଭାଳ ପାରେନ ବିଜୟ। ଗନ୍ଧରେ ଅସ୍ତବ୍ୟସ୍ତ ଲାଗୁଥିଲା ବିଜୟ କୁ। ଘର କହିଲେ, ଭିତରେ ବଖରେ ଘରକୁ ବାରଣ୍ଡା, ଯାହାକୁ କାନ୍ଥ ଦେଇ ଦାଣ୍ଡ ଘର କରା ଯାଇଛି। ସେଇଠି ତା' ଖଟ ଉପରେ ଶୋଇଥିଲା ମା। ବୟସ ପ୍ରାୟ ପଞ୍ଚାଅଶୀ ବର୍ଷ। ଦୁଇମାସ ହେବ ଚଲାବୁଲା ବନ୍ଦ। ଆଗରୁ ବସିଲେ ଉଠି ପାରୁ ନଥିଲା। କନ୍ତୁ ପାରାଲିସିସ ହେବା ପରଠୁ, ଏବେ ସବୁ କଛି ଖଟ ଉପରେ। ଖାଇବା, ଝାଡା ଯିବା, ଦାନ୍ତ ଘଷିବା, ଗାଧୋଇବା ସବୁ ସେଇ ଖଟ ଉପରେ।

ମା ର ଯାବତୀୟ କାମ ସୁମ କରେ। ବିଜୟ ର ସ୍ତ୍ରୀ। ବୋହୁ ହିସାବରେ କେବେବି ଶାଶୁଙ୍କର କୌଣସି କାମକୁ ସେ ଘୃଣା କରେନ କ ଶାଶୁଙ୍କୁ ହତାଦର କରେନ। କନ୍ତୁ ସମୟ ଅସମୟରେ ବିଜୟ ଟିକେ ହାତ ବି ଲଗାଏନ। ଆଜିର ସମୟ କଛି ଅଲଗା ଥିଲା।

ସେପଟେ ପିଲାଙ୍କୁ ଖାଇବାକୁ ବସେଇ ରୋଟି ତିଆରି କଲାବେଳେ ମା ଝାଡ଼ା କରି ଦେଇଥିଲା ଖଟ ଉପରେ ଆଉ ସେହି ସମୟରେ ହିଁ ବିଜୟ ଫେରିଥିଲା ଅଫିସ ରୁ।

ସୁମ ଉପରେ ଗର ଗର ହୋଇ ମା ଘୋଡ଼ି ହୋଇଥିବା କମ୍ବଳ ଟେକିଲା ବିଜୟ। ଉଁ ହୁଁ.. ଗନ୍ଧ। ନାକରେ ଗାମୁଛା ଭିଡି ସେ ମା ର ଅଣ୍ଟା ପାଖରୁ ଘୁଞ୍ଚେଇବାକୁ ଚେଷ୍ଟା କଲା। ହେଃ...ଏଗୁଡା ସବୁ ଅଣ୍ଡିରା ପିଲା କଏ କରନ୍ତି? ଛି...ନାକ କୁ କଞ୍ଚିତ ଉପରକୁ ଟେକ ଭ୍ରୁକୁଞ୍ଚନ ର ସହ "ଏସବୁ ମାଇକନା ଙ୍କ କାମ କହି" ରାଗରେ ଗର ଗର ହେଲା ବେଳକୁ ହଠାତ କାହା ପାଦ ଶବ୍ଦ ଶୁଣି ବୁଲି ଗ୍ଚହିଁଲା ସେ।

ସାନ ମାଉସୀ? ଦୀର୍ଘ ପଇଁଚ୍ଲଶ - ପଚ୍ଚଶ ବର୍ଷ, ମାନେ ବିଜୟ ର ଜନ୍ମ ର ବର୍ଷେ ଦୁଇବର୍ଷ ପର ଠାରୁ ସାନ ମାଉସୀ ସହ ମା ର ସମ୍ପର୍କ ନାହିଁ କହିଲେ ଚଳେ। ମା କେବେବି ସାନ ମାଉସୀ ଘରକୁ ଯାଏନ କି ସାନ ମାଉସୀ କେବେ ବି ଏ ଘରକୁ ଆସିବା ର ନଜିର ନାହିଁ। ବେଳେ ବେଳେ ମା ଓ ମାଉସୀ ଦେଖା ହୁଅନ୍ତି ମାମୁଁ ଘରେ କିନ୍ତୁ କେବେ କେହି କାହା ସହ ବି କଥା ହେବାର ଜଣା ନାହିଁ। ଆଜି ହଠାତ ସାନ ମାଉସୀ କୁ ଏ ଘରେ ଦେଖି ଭୂତ ଦେଖିଲା ପରି ଚମକ ପଡିଲା ସେ।

ଏପଟ ଘରକୁ ଆସ ଆସ ବୋଲି ବିଜୟ କହି, ଭିତର ଘରକୁ ଡାକିଲା ସାନ ମାଉସୀ କୁ।

"ନା, ଆଜି ମୋତେ ତା ଋଣ ଟିକେ ସୁଝିବାକୁ ଦେ। ତୁ ତ ସବୁବେଳେ ତା'ସେବା କରୁଛୁ" କହି ସାନ ମାଉସୀ, ମା ର ଝାଡ଼ା ସଫା କରିବାରେ ଲାଗି ପଡିଲା। ମା କୁ ସଫା ସୁତୁରା କରି ତା ଗୋଡ଼ ତଳେ ବସି କେତେ କଣ କଥା କହି ଚାଲିଲା ମା ସହ। ମା ସବୁ ଶୁଣୁଥାଏ। ପାରାଲିସିସ ହେତୁ ହାତ ଗୋଡ ନ ଚଳଲେ ବି ଏତେ ଦିନ ପରେ ସାନ ଭଉଣୀ କୁ ଦେଖି ତା ଆଖିରୁ ଧାର, ଧାର ଲୁହ ବୋହି ଯାଉଥାଏ। ଦୁଇ ଭଉଣୀ ଙ୍କ ସ୍ନେହ ଦେଖି ବିଭୋର ହେଉଥାଏ ବିଜୟ।

କିଛି ସମୟ ପରେ ମା ଶୋଇଗଲା। ମାଉସୀ କୁ ଘର ଭିତରେ ବସେଇ ବିଜୟ ପଚ୍ଚରି ଚାଲିଥାଏ ମା ଆଉ ତାଙ୍କର ତିକ୍ତ ସମ୍ପର୍କ ବିଷୟରେ। କାହିଁକି ଓ କିପରି ପରିସ୍ଥିତି ରେ ମା ଆଉ ମାଉସୀ ଅଲଗା ହେଲେ? କାହିଁକି ସେମାନେ ଏତେ ବର୍ଷ ହେଲା କଥା ହେଉ

ନଥିଲେ? ଏବେ ପୁଣି ମାଉସୀ କେମିତି ଆସିଲା ମା ପାଖକୁ ? ଇତ୍ୟାଦି, ଇତ୍ୟାଦି। ମାଉସୀ ଗୋଟି ଗୋଟି କରି କହି ଚାଲିଥାଏ ଘଟଣା ସବୁ...

ଜାଣିଛୁ? ତୋ ପାଇଁ ହିଁ ମୁଁ ଆଉ ତୋ ମା ଅଲଗା ହୋଇ ଯାଇଥିଲୁ। ବାହାଘର ର ଦୀର୍ଘ ବର୍ଷ ଯାଏଁ କଛି ପିଲା ପିଲି ନ ହେବାରୁ କେତେ ଓଷା, ବ୍ରତ, ମାନସିକ କଲା ପରେ ତୁ ଆସିଲୁ। ମୋ ବାହାଘର ବେଳେ ତୋତେ ଦେଢ଼ ବର୍ଷ କ ଦୁଇ ବର୍ଷ ହୋଇଥାଏ। ମୋ ବାହାଘର ର ଦୁଇ ଦିନ ପୂର୍ବରୁ ହିଁ ତୋର ଦେହ ଖରାପ ହେଲା। ତୁ ସେତେବେଳେ ଭୀଷଣ ଦେହ ଖରାପ ରେ ପଡ଼ିଥାଉ। ଡାକ୍ତରଖାନା ରେ ଏପଟେ ତୋଠି ସାଲାଇନ ଲାଗିଥାଏ, ସେପଟେ ପିଚକାରୀ ମାରିଲା ପରି ତୋର ଝାଡ଼ା ବୋହି ଯାଉଥାଏ। ସବୁଥର ତୋ ଝାଡ଼ା ତୋ ମା ର ଦେହ, ମୁହଁ, ହାତ ବି ହେଇ ଯାଉଥାଏ କନ୍ତୁ ଏଥିରେ ବି ସେ ବିଚଳତ ନ ହୋଇ ଭଗବାନ ଙ୍କୁ ଡାକ ଚାଲିଥାଏ। ପୁରା ଦୁଇଦିନ ନର୍ଜଳା ଓପାସ କରି ସେ ଭଗବାନ ଙ୍କୁ ଡାକୁଥାଏ। କହିହେବ କ ସେ ଯମ ପାଖରୁ ଛଡେଇ ଆଣିଥିଲା ତୋତେ।

ସେପଟେ ମୋ ବାହାଘର ପାଇଁ ବ୍ୟସ୍ତ ଥାଏ ମୁଁ। ମୋତେ ଏ ବିଷୟରେ କେହି ଜଣେଇ ନଥିଲେ। ତୋ ମା ଉପରେ ଭୀଷଣ ରାଗିଥିଲି ମୁଁ। ଆମ ଚାରି ଭଉଣୀ ଙ୍କ ଭିତରୁ ତୋ ମା ଆଉ ମୋର ଥିଲା ମା-ଝିଅ ର ସମ୍ପର୍କ। ତାକୁ ଦଶବର୍ଷ ହୋଇଥିବା ବେଳେ ମୁଁ ଜନ୍ମ ହୋଇଥିଲି। ଆମ ମା ଥିଲେ ବି କୋଳେଇ, କାଖେଇ, ମୋ ଗୁହ-ମୁତ ସଫା କରି ସେ ମୋତେ ବଡ କରିଥିଲା। ବଡ ହେବାଯାଏଁ ବି ମୁଁ ହାତରେ ଖାଉ ନଥିଲି। ସବୁ କରୁଥିଲା ସେ ମୋର। ଅଳ ଅଝଟ ରୁ ଆରମ୍ଭ କରି ଗାଳ ମାଡ଼ ସବୁ ସହୁଥିଲା ସେ ମୋର। ଆଉ ବାହାଘର ପରେ ନଜ ଘରକୁ ପର କରି ଅନ୍ୟ ଘରକୁ ଯିବା ବେଳେ ତା ଅନୁପସ୍ଥିତି ମୁଁ ସମ୍ଭାଳ ପାରି ନଥିଲି।

ଅଷ୍ଟ ମଙ୍ଗଳା ରେ ତାକୁ ଦେଖି ମନଇଚ୍ଛା ଗାଳ କଲି ତାକୁ। ଆଉ କହୁ କହୁ କହିଦେଲି,"ଯେଉଁ କାମ ପାଇଁ ତୁ ମୋ ବାହାଘର କୁ ଆସି ପାରିଲୁନ, ସେ କାମଟା ତୋର ନ ହୁଅନ୍ତା କ?" । ଏତିକ କଥାରେ ରାଗିଯାଇ ସେ ମୋ ସହ କଥାବାର୍ତ୍ତା ବନ୍ଦ କରିଦେଲା। ସେତେବେଳ ଯାଏଁ ମୁଁ ଜାଣି ନଥିଲି ଯେ ତୋ ଦେହ ଖରାପ ପାଇଁ ଦୁଇଦିନ କାଳ ସେ

ନିର୍ଜଳା ଉପବାସ କରିଥିଲା ବୋଲି। ପରେ ଜାଣିଲା ପରେ କେତେ ଭୁଲ ମାଗିଛି, କିନ୍ତୁ ସେ କଣ ଶୁଣିଲା?

ମୋ ପୁଅକୁ ଅଭିଶାପ ଦେଲୁ କଣ ପାଇଁ? ବୋଲି ପଗ୍ଭରି ଏକରକମ ପର କରିଦେଲା ମୋତେ।

ଆଜି ଏତେଦିନ ପରେ ଏ ଖବର ଶୁଣିଲି। ତେଣୁ ଗ୍ଭଲି ଆସିଲି ମୋ ଋଣ ରୁ କିଛି କାଳେ ସୁଝି ପାରିବି ବୋଲି। କହୁ କହୁ ଆଖି ପୋଛିଲେ ମାଉସୀ।

ବିଜୟ, ସବୁ ଶୁଣି ସାରି ନିଜକୁ ଧିକ୍କାର କରୁଥିଲା। ଟିକେ ମାତ୍ର କଥା ପାଇଁ ମା ଯେ ଏତେ ସ୍ନେହ ସମ୍ପର୍କ କୁ ଛାଡି ଦେଇ ପାରେ ବିଶ୍ୱାସ ହେଉ ନଥିଲା ତା'ର। ମା ର ମମତା ସତରେ ମହାନ, ଏକଥା ଏତେ ବର୍ଷ ପରେ ସେ ହୃଦୟଙ୍ଗମ କରୁଥିଲା। ଏତେ ପାଖରେ ଥାଇ ମଧ୍ୟ ଆଜିଯାଏଁ ଦିନେ ହେଲେ ବି ମା ର ସେବା କରି ନଥିବାରୁ ତାକୁ ଦୋଷୀ ଦୋଷୀ ଲାଗୁଥିଲା। ଜଣେ ମା ଯଦି ପୁଅ ର ସବୁ ଜିନିଷ କରେ ତେବେ ପୁଅ ଜଣେ ମା ର ସେବା କରିବାରେ ଅସୁବିଧା କେଉଁଠି? କେବଳ ଘରର ସ୍ତ୍ରୀ ଲୋକମାନେ ଯେ ଏସବୁ କରନ୍ତି ବୋଲି ମନୋବୃତ୍ତି ରଖିଥିବା ବିଜୟ ର ମନ ପରିବର୍ତ୍ତନ ହେଇ ଯାଉଥିଲା...

ସେ ଉଠି ଯାଉଥିଲା, ଦାଣ୍ଡ ଘର ଖଟ ପାଖରେ ପଡିଥିବା ମା ର ମଇଳା ଲୁଗାଟିକୁ ଧୋଇ ଦେବାପାଇଁ। ଜୀବନ ସାଗ୍ଭ ମଇଳା ଜିନିଷ ଦେଖି ନାକ ଟେକୁଥିବା ବିଜୟ କୁ ଆଜି ଏ ଅସନା ଲୁଗା ଆଉ ଘୃଣା ଲାଗୁ ନଥିଲା....

ଖଲାରୀ, ଅନୁଗୁଳ, ଓଡିଶା

# ମୋର ପରିବର୍ତ୍ତନ ହୋଇଛି

କୁମୁଦିନୀ ବେହେରା

ପରିବର୍ତ୍ତନ ନୂଆ ଜନ୍ମ ପରେ ଜାଣିଛି
ହେଲେ ଏ ଜନ୍ମେ ମୋ ପରିବର୍ତ୍ତନ ହୋଇଛି
ମୋତେ ଭରି ଆନନ୍ଦ ଲାଗୁଛି... ।

ଆଗେ ବାହାରେ ବୁଲୁଥିଲି ନ ମାନ କଛି
ଶାନ୍ତ ସୁଧାର ହୋଇ ମୁଁ ଏବେ ଘରେ ରହୁଛି
ମୋର ପରିବର୍ତ୍ତନ ହୋଇଛି...।

ଆଗେ ଆମିଷ ବିହୁନେ ଖାଦ୍ୟ ନ ରୁଚେ କଛି
ଏବେ ଆମିଷ ଦେଖିଲେ ମୋତେ ଘୃଣା ଲାଗୁଛି
ମୋର ପରିବର୍ତ୍ତନ ହୋଇଛି.... ।

ମଦ ପିଇ ମୁଁ ଭଟିରେ କେତେ ମାତାଲ ହୋଇଛି
ଏବେ ଗାଁ ରେ ଭଦ୍ର ଲୋକ ପଦବୀ ପାଇଛି
ମୋର ପରିବର୍ତ୍ତନ ହୋଇଛି... ।

ସିନେମା ପାର୍କ ହୋଟେଲ ଯାଇ ଟଙ୍କା ଉଡେଇଛି
ଆଜି ସେ ସବୁ ଦୁରେଇ ଦେଇ ଶାନ୍ତିରେ ରହୁଛି
ମୋର ପରିବର୍ତ୍ତନ ହୋଇଛି.... ।

ପାନ, ଗୁଡ଼ାଖୁ, ସଫଲ ଖାଇ ରୋଗ ମୁଁ କଣିଛି
ଏବେ ଏ ସବୁ ନ ଖାଇ ସ୍ୱାସ୍ଥ୍ୟ ସୁସ୍ଥ ରେ ଅଛି ।
ମୋର ପରିବର୍ତ୍ତନ ହୋଇଛି....।

ପିତାମାତା, ପରିବାର ଅବହେଳା କରିଛି
ଏବେ ଏକାଠି ସଭିଙ୍କ ସାଥେ ଖୁସିରେ କାଟୁଛି
ମୋର ପରିବର୍ତ୍ତନ ହୋଇଛି. ।

ବିଦେଶୀ ଖାଦ୍ୟ ପଛରେ ପଡି ସବୁ ହରାଇଛି
ଏବେ ସ୍ୱଦେଶୀ ଖାଦ୍ୟର ସ୍ୱାଦ ପାଇ ମୁଁ ପାରୁଛି
ମୋର ପରିବର୍ତ୍ତନ ହୋଇଛି.... ।

ଆଗେ ସହରୀ ପାଣି ପବନେ ଘାଣ୍ଟି ମୁଁ ହୋଇଛି
ଏବେ ଗାଁର ପରିବେଶରେ ସରଗ ଦେଖୁଛି ।
ମୋର ପରିବର୍ତ୍ତନ ହୋଇଛି..।

ଥଣ୍ଡା, ମିରିଣ୍ଡା, କୋକାକୋଲ୍ କେତେ ମୁଁ ପିଇଛି
ଦହି ସରବତ ସବୁଠୁ ଭଲ ଆଜି ମୁଁ ଜାଣୁଛି
ମୋର ପରିବର୍ତ୍ତନ ହୋଇଛି.. ।

ଇଡଲି ଦୋଷା ଖାଇ ଖାଇ ମୁଁ ଗ୍ୟାଷ୍ଟ୍ରିକ୍ କଣିଛି
ଏବେ ବାଡିର ଶାଗ ପଖାଳ ମୋ କଷ୍ଟ ହରୁଛି
ମୋର ପରିବର୍ତ୍ତନ ହୋଇଛି... ।

ଯାନବାହାନ, କଳକାରଖାନା ଧୂଆଁ ମୁଁ ପିଇଛି
ଘରେ ରହି ମୁଁ ଶାନ୍ତିରେ ଟିକେ ନିଃଶ୍ୱାସ ମାରୁଛି
ମୋର ପରିବର୍ତ୍ତନ ହୋଇଛି.. ।

ଆଗେ ମୁଁ ଗାଡି ମଟର ଚଢି ଦୁନଆଁ ବୁଲିଛି
ଏବେ ପାଦରେ ଗ୍ଭଲିବା ମୋର ଅଭ୍ୟାସ ହୋଇଛି
ମୋର ପରିବର୍ତ୍ତନ ହୋଇଛି...।

ବିଦେଶୀ ମଦ ଛାଡି ମୁଁ ଏବେ ପଇଡ ପିଉଛି
ନଭେଲ ଛାଡି ଧରମ ଶାସ୍ତ୍ର ନିତି ମୁଁ ପଢୁଛି
ମୋର ପରିବର୍ତ୍ତନ ହୋଇଛି... ।

ରୁମ୍ ସ୍ପ୍ରେ, ବଡି ସ୍ପ୍ରେ ଛାଡି ମୁଁ ଦେଇଛି
ଝୁଣା, ଧୂପ ଦୀପରେ ମୋର ଅଗଣା ବାସୁଛି
ମୋର ପରିବର୍ତ୍ତନ ହୋଇଛି... ।

ଘରେ ବାହାରେ ତାଗିଦ୍ ଶୁଣି ଦିନ ମୋ ଯାଇଛି
ବାପା ମାଆଙ୍କ ସ୍ନେହ ଆଦର କେତେ ମୁଁ ପାଉଛି
ମୋର ପରିବର୍ତ୍ତନ ହୋଇଛି... ।

ଆଗେ ପ୍ରାର୍ଥନା ପାଇଁ ସମୟ ପାଏନା କହିଛି
ଏବେ ପ୍ରଭୁଙ୍କ ସାଥିରେ ବସି ଆଳାପ କରୁଛି
ମୋର ପରିବର୍ତ୍ତନ ହୋଇଛି...।

ଭୁଲ କାମ କରନା କରନା କାନେ ମୋ ଶୁଭୁଛି
କରୋନା ଭାଇ ଯାଅ ଦୂରେଇ ନେହୁରା ହେଉଛି
ମୋର ପରିବର୍ତ୍ତନ ହୋଇଛି.. ।

ଆଖି ଆଗରେ ଯାହା ଦେଖିଲି ଲେଖି ଦେଉଅଛି
କୁମୁଦିନୀ ମୁଁ ଦୋଷ ନ ଧର କ୍ଷମା ମାଗୁଅଛି
ମୋର ପରିବର୍ତ୍ତନ ହୋଇଛି....।

ଶିକ୍ଷୟିତ୍ରୀ, ଅନୁଗୋଳ

# ପେଟ



ସତ୍ୟବ୍ରତ ସାହୁ

ଛାତି ତଳକୁ ଚାରିଖଣ୍ଡେ ଜାଗା; ପେଟ
ଯେଉଁଠି ଜଳୁଛି ନିଆଁ ଅହରହ
ଜାଳ ପୋଡ଼ି ଶେଷ କରିଦେଉଛି
ପାଣି ଠାରୁ ମାଂସ ପର୍ଯ୍ୟନ୍ତ ସବୁକିଛି,
ଯିଏ ଭରି ରଖିଛି ସବୁ କ୍ଷୁଧା, ତୃଷା
ସବୁ ଅଭାବ ତାକୁ, କେବେ ପୂର୍ଣ୍ଣ ହୁଏନା ସେ,
ଯେତେ ଭରିଲେ ବି ପୁଣି ଖାଲି ହୋଇଯାଏ ।

ସେହି ପେଟ ପାଇଁ ହିଁ ସବୁ ନାଟ
ପେଟ ଅଛି ତ ଭୋକ ଅଛି, ଶୋଷ ବି ଅଛି
ଭୋକ ଅଛି ତ ଖାଦ୍ୟ ପାଇଁ ସଂଗ୍ରାମ ଚାଲିଛି
ସେହି ସଂଗ୍ରାମ ଭିତରେ ଯିଏ ହାରି ଯାଉଛି
ଭୋକରେ ଜଳ ମରୁଛି ତ ପୁଣି କିଏ ବାଛି ନେଉଛି
ଦ୍ୱିତୀୟ ରାସ୍ତା/ଭିନ୍ନ ମନସ୍କିତ ରାସ୍ତା
କିଏ ପକେଟ କାଟୁଛି, ଚୋରି/ଡକାୟତି କରୁଛି
ଲୁଟି ନେଉଛି କାହାର ସର୍ବସ୍ୱ ।

ଏଇ ଚାରିଖଣ୍ଡେ ଜାଗାର ଦାଉ ସହିନପାରି
କିଏ ବିକି ଦେଉଛି ନିଜ ରକ୍ତ ମାଂସର ସନ୍ତାନକୁ
ତ କିଏ ସମର୍ପି ଦେଉଛି ଦେହ,
ବଦଳ ଯାଉଛି ସମ୍ପର୍କର ମାନଦଣ୍ଡ
ପେଟ ପାଇଁ କେହିନା କେହି କାହା ପାଖେ ଆତ୍ମ ସମର୍ପିତ ।
ସତରେ ସବୁ ତାମସା ହିଁ ତ ପେଟ ପାଇଁ,
ପେଟ ନଥିଲେ ଏସବୁ କିଛି ଘଟନ୍ତାନି ବୋଧହୁଏ !

ପଲ୍ଲାସାହି, କମାଳପୁର,
ଅହିୟାସ, ଯାଜପୁର

# ମୁମୁକ୍ଷୁ



ଆରତୀ ସାହୁ (ଆଶା)

ହସ୍ପିଟାଲ ନବ ଜୀବନ । ଡାକ୍ତର ନର୍ସ ସମସ୍ତେ ଧାଁ ଧପଡ଼ କରୁଛନ୍ତି । ଡାକ୍ତର ମହାପାତ୍ର ଗଲେ କୁଆଡେ । ସି ଏମ ଓ ଡାକ୍ତର ମହାପାତ୍ର କାହାକୁ କହି ରିପୋର୍ଟ ନକରି ହଠାତ୍ କେମିତି ଏମିତି ଯାଇ ପାରିବେ ଯେ । କରୋନା ରୋଗୀଙ୍କ ସବୁ ବ୍ୟବସ୍ଥା, ଥଇଥାନ ତାଙ୍କରି ତତ୍ତ୍ୱାବଧାନରେ ତ ହେଉଥିଲା । ତାଙ୍କର ଅନୁପସ୍ଥିତି ରେ କାମ କେମିତି ଚଳିବ । ଏପର୍ଯ୍ୟନ୍ତ ଷାଠିଏ ଜଣ ରୋଗୀ ତାଙ୍କ ପାଇଁ ପୁନର୍ଜନ୍ମ ପାଇଛନ୍ତି । ଆହୁରି ଅନେକେ ଆଶାୟୀ ଦୃଷ୍ଟିରେ ଅନେଇ ରହିଛନ୍ତି ତାଙ୍କ ବାଟକୁ । ଏପରି ସମ୍ବେଦନଶୀଳ ସମୟରେ ସେ ତ ନିଜ ବାସଭବନକୁ ମଧ୍ୟ ଯାଉ ନଥିଲେ କି ଯିବାପାଇଁ ଚିନ୍ତା ସୁଦ୍ଧା କରୁ ନଥିଲେ ।

ପରିବାର ବୋଇଲେ, ସ୍ତ୍ରୀ ତ ପରଲୋକ ବାସିନୀ କେବେଠାରୁ । ଦୁଇ ପୁଅ ଓ ଦୁଇ ବୋହୂ ସମସ୍ତେ ଆଇ ଟି କମ୍ପାନୀ ରେ କାର୍ଯ୍ୟରତ । ତିନୋଟି ନାତି ନାତୁଣୀ । ସମସ୍ତେ ବର୍ତ୍ତମାନ ଘରେ ଆବଦ୍ଧ, ଲକ୍ ଡାଉନରେ । ଥରେ ସେ ଘରକୁ ଯାଇ ଫାଟକ ବାହାରେ ବସି ଚାହା ଟିକିଏ ପିଇଦେଇ, ସମସ୍ତଙ୍କୁ ସାନ୍ତ୍ୱନା ଦେଇ ଚାଲି ଆସିଥିଲେ । ଛୋଟ ନାତି ଟୋକାଟା ଟିକେ ଅଝଟ ହେଉଥିଲା । ବାବା ବାବା କହି ଚାହାଧରି କାନ୍ଦୁଥିଲା । ସେ ନିଜର ଲୁହ କୋହ ଲୁଚାଇ ଏକମୁହାଁ ହୋଇ ପଳେଇ ଆସିଥିଲେ ।

ଏସବୁ କଥା ଚର୍ଚ୍ଚା କରୁଥିଲେ ଡାକ୍ତର ମହାପାତ୍ରଙ୍କ ପାଖରେ ଛାଇପରି ଲାଗି ରହିଥିବା ସିନିୟର ମେଟ୍ରନ ମିସ୍ ସବିତା । ସେ ନିଜକୁ ଅସହାୟ ମନେ କରୁଥିଲେ । ଗତକାଲି କାମ ଟିକେ କମ ଥିଲା ବୋଲି ଡାକ୍ତର ମହାପାତ୍ରଙ୍କୁ ଶୋଇଥିବାର ଦେଖି ନିଜେ ବି କେବିନରେ ଆସି ଶୋଇ ପଡ଼ିଥିଲେ ।

ଡାକ୍ତର ମହାପାତ୍ର ଚାଲିଛନ୍ତି ନିରୁଦ୍ଦିଷ୍ଟ ଭାବେ । ପାଦରେ ଫଟଫଟିଆ ଚପଲ ହଳେ । ବେଶଭୂଷା ଅତ୍ୟନ୍ତ ସାଧାରଣ । ତାଙ୍କୁ ଚାଲି ଚାଲି ଯାଉଥିବାର ଦେଖିଲେ ପୋଲିସ ମାନଙ୍କ

ମନରେ ପ୍ରଶ୍ନ ନ ଉଠିବା କୌଣସି ଆଶ୍ଚର୍ଯ୍ୟ ନୁହେଁ । କେହି କେହି ପଗ୍ଚରିଲେ ବି କେଜୁଏଲି ପଗ୍ଚରି ଦେଉଛନ୍ତି ଉତ୍ତରକୁ ଅପେକ୍ଷା ନକରି । ସମସ୍ତେ କଣ ଚହ୍ନି ରଖିଛନ୍ତି**?**

ଦିଲ୍ଲୀରୁ ବନାରସ୍ ଅଭିମୁଖେ ଯାତ୍ରା ତାଙ୍କର । କରୋନା ରୋଗୀଙ୍କୁ ଦେଖିଦେଖି ମନରେ ତାଙ୍କର ବୈରାଗ୍ୟ ଜାତ ହୋଇଥିଲା ସଂସାର ପ୍ରତି । ବିତୃଷ୍ଣ ହହୋଇ ପଡୁଥିଲେ ସେ । ଏତେ ରୋଗୀଙ୍କୁ ସୁସ୍ଥ କରିଥିଲେ ସେ । ସମସ୍ତଙ୍କୁ ସାହସ ଦେଉଥିଲେ ସେ । କନ୍ତୁ ଯେତେବେଳେ ସେ ଜାଣି ପାରିଲେ ଯେ ଭାଇରସ ତାଙ୍କୁ ବି ଆକ୍ରମଣ କରି ସାରିଲାଣି**,** ନଜ ମସ୍ତିଷ୍କ ଆଉ ସନ୍ତୁଳତ ରଖି ପାରିଲେ ନାହିଁ ।

ରୋଗ କଥା ଛାଡ଼ି ଦେଲେ ମଧ୍ୟ**,** ଏକାକତ୍ୱ **?** ଇଏ କ ଜୀବନ **?** ଘର ନାହିଁ**,** ପରିବାର ନାହିଁ**,** ସାଙ୍ଗ ନାହିଁ**,** ସାଥି ନାହିଁ ପର୍ବ ନାହିଁ**,** ଖେଳ ନାହିଁ**,** ହସ ନାହିଁ**,** ଖୁସି ନାହିଁ । ଖାଲି ନାହିଁ ନାହିଁର ହାହାକାର ।

ସାଧାରଣ ଭିକ୍ଷୁକ ବେଶରେ ବାହାରି ଗଲେ ସେ । ବନାରସ ଯିବେ ସେ । ଶୁଣିଛନ୍ତି**,** ପଢ଼ିଛନ୍ତି**,** କନ୍ତୁ ବିଶ୍ୱାସ କରି ନାହାନ୍ତି । ବନାରସରେ ମିଳେ ମୋକ୍ଷ । ଜୀବନର ଶେଷ ପାହାଚ ଚଢ଼ି ସାରିଛନ୍ତି ସେ**,** ସ୍ୱଇଚ୍ଛାରେ । ହସପିଟାଲରେ ଥିଲେ ତ ସେ ନଶ୍ଚିତ ଆରୋଗ୍ୟ ଲାଭ କରିଥାନ୍ତେ**,** ଏଥିରେ ଅଣୁମାତ୍ର ସନ୍ଦେହର ଅବକାଶ ନାହିଁ । କାରଣ ତା ହସ୍ପିଟାଲକୁ ଯେତେ ରୋଗୀ ଆସିଲେ ସମସ୍ତେ ଆରୋଗ୍ୟ ଲାଭ କଲେ । ତାଙ୍କ ଭଳ ଦାୟିତ୍ୱବାନ୍ ଡାକ୍ତରକୁ ସାମାନ୍ୟ ଏକ ଭାଇରସ ପରାସ୍ତ କରିବ **?** ଅସମ୍ଭବ **!!**

କନ୍ତୁ ସେ ଗ୍ଚାଲି ଆସିଲେ**,** କାହାକୁ କଛି ନ ଜଣାଇ । ନଜର ପରିଚୟକୁ କେବିନ୍ ଥାକରେ ଥୋଇଦେଇ । ନଜ ନାମ ଫଳକକୁ କେବିନ୍ କାନ୍ଥରେ ଝୁଲେଇ ଦେଇ ।

ଦିଲ୍ଲୀରୁ ବନାରସ୍**,** ଅନ୍ୟୁନ ସାଢ଼େ ଆଠଶହ କଲୋମିଟର । କେତେବେଳେ ପାଦରେ ତ କେତେବେଳେ କାହାର ବାଇକରେ ତ କେତେବେଳେ ସାଇକେଲରେ । ଗ୍ଚାଲିଛନ୍ତି ତ ଗ୍ଚାଲିଛନ୍ତି । ଅବିଶ୍ରାନ୍ତ**,** ଅବିରାମ । ଗ୍ଚାଲିବା ପାଇଁ ଶକ୍ତି ଆବଶ୍ୟକ । ଶକ୍ତି ପାଇଁ ଖାଦ୍ୟ ମଧ୍ୟ ଆବଶ୍ୟକ । ବାଟରେ ଅନ୍ନଛତ୍ର ବା ଭଣ୍ଡାରାର ଅଭାବ ନାହିଁ । କେତେକ ପଶି ଅଞ୍ଚଳ ବା ଭିତିରିଆ ଗାଁ ମାନଙ୍କରେ ଲକ୍ ଡାଉନର ବା କରୋନା ଆତଙ୍କର ଏତେ ବେଶି ପ୍ରଭାବ ପରିଲକ୍ଷିତ ହେଉ ନଥିଲା । ସହୃଦୟ ଲୋକମାନେ ଖାଦ୍ୟ ବଣ୍ଟନ କରୁଥିଲେ । ରୋଗାକ୍ରାନ୍ତ

ଶରୀର, ତାପରେ ପଥ ଶ୍ରମ । ଚେହେର୍ ବେଚେହେର୍ ହୋଇଗଲ୍ଣି । ଭିକ୍ଷୁକ ପରି ଦେଖା ଗଲେଣି ।

ବନାରସର ମଣିକର୍ଣ୍ଣିକା ଘାଟ । ସୂର୍ଯ୍ୟୋଦୟ ସମୟ । ସମୟ କେତେ ହେବ କେଜାଣି । ମୋବାଇଲ ତ ବାଟରେ ଫୋପାଡ଼ି ଦେଇ ଆସିଛନ୍ତି, ଦରକାର କଣ, ଗୋଟେ ଗଳଗ୍ରହ ।

ବାଳସୂର୍ଯ୍ୟଙ୍କର ଲୋହିତ ରଶ୍ମିରେ ଅପେକ୍ଷାକୃତ ଅତ୍ୟଧିକ ସ୍ୱଚ୍ଛ ଗଙ୍ଗାଜଳରେ ପଡ଼ି ଏକ ପ୍ରହେଳିକା ସୃଷ୍ଟି କରୁଛି । ଏକାଧାରରେ ଉଜାଗର କରୁଛି, ଜୀବନ ଓ ମରଣ ଉଭୟଙ୍କ ପ୍ରତି ପ୍ରଲୋଭନ ।

ପତିତପାବନୀ ମାତା ଗଙ୍ଗା ଦର୍ଶନରେ ସେ ସବୁବେଳେ ହୁଅନ୍ତି ଭାବପ୍ରବଣ, ସବୁବେଳେ ହୃଦୟ ତାଙ୍କର ହୁଏ ଆଲୋଡ଼ିତ । ଚାରି ପାଞ୍ଚଥର ତାଙ୍କୁ ସୁଯୋଗ ମିଳିଛି, କାର୍ଯ୍ୟରୁ ଅବସର ନେଇ ହରିଦ୍ୱାର ଯାଇ ମାଆ ଗଙ୍ଗାକୂଳରେ ବସିବାର । କାହିଁକି କେଜାଣି ମାଆ ଗଙ୍ଗାଙ୍କୁ ଦେଖିଲେ ତାଙ୍କର ଡାକ୍ତରିଆ ମନଟା କବିତ୍ୱକୁ ଆବାହନ କରେ । ଦିନର ଚବିଶ ଘଣ୍ଟାରୁ ପ୍ରାୟ କୋଡ଼ିଏ ଘଣ୍ଟା ସେ ବସି ରହନ୍ତି ହରକି ପୌଡ଼ିର ପବିତ୍ର ପାହାଚ ମାନଙ୍କରେ। ଗଙ୍ଗା ସ୍ରୋତକୁ ଅନେଇ ରହନ୍ତି ନିର୍ଲିପ୍ତ ହୋଇ । ଅନୁଭବ କରନ୍ତି ଅପୂର୍ବ ଶାନ୍ତି । ଗଙ୍ଗା ଆରତୀର ପବିତ୍ର ଧ୍ୱନିରେ ତର୍ଜମାକ୍ତ ମନଟା ହୋଇଯାଏ ଭକ୍ତିପୂରିତ ।

ସେ ଶୁଣିଛନ୍ତି, ସମାଚାରରେ ବି ଦେଖିଛନ୍ତି, ମଣିକର୍ଣ୍ଣିକା ଘାଟରେ ଶବଦାହ କରିବା ପାଇଁ କୁଆଡେ ଧାଡ଼ି ଲଗେଇବାକୁ ପଡେ । ମୃତ୍ୟୁଲୋକରେ ବି ଲକ୍ ଡାଉନ୍ ଚାଲିଛି କ ? ମାତ୍ର ତିନି ଚାରିଟା ଚିତା ଜ୍ୱଳନ୍ତ ଥିବା ବେଳେ ଦୁଇ ତିନୋଟି ଚିତା ଲିଭି ଲିଭି ଆସୁଛି । ଭାବୁକ ହୋଇ ଉଠିଲେ ସେ । ଇଏ ହେଉଛି ଚିରନ୍ତନ ସତ୍ୟ । ଜନ୍ମ ମୃତ୍ୟୁ ଏହି ଦୁଇ ସମ୍ୟକ ସତ୍ୟର ଧାର ମଧ୍ୟରେ ଜୀବନର ଯେତେକ ମିଥ୍ୟା ଅବତାରଣା ।

ସମ୍ମୁଖରେ ସ୍ରୋତସ୍ୱିନୀ ଗଙ୍ଗା । ସ୍ନାନରତ ଦୁଇ ତିନି ଜଣ ସାଧୁ । ପାହାଚ ମାନଙ୍କରେ ବି କେଇଜଣ ଘୁମନ୍ତ ସାଧୁ । ଆଉ କିଛି ତାଙ୍କରି ଭଳି ଦେଖା ଯାଉଥିବା ଭିକାରୀ କେଇଜଣ । ପାହାଚ ଉପରେ ବସି ପଡ଼ିଲେ ସେ ।

ସମ୍ମୁଖରେ ଜଳୁଥିବା ଏକ ଲେଲିହାନ୍ ଚିତା ପାଖରେ ଅଗ୍ନିଦାନକ ଜଣେ ବ୍ୟକ୍ତି ଅସୁସ୍ଥ ହୋଇ ଟଳି ପଡ଼ିଲ୍ । ଯେତେ ଧ୍ୟାନ ନଦେଲେ ମଧ୍ୟ ଚିକିତ୍ସକ ହୃଦୟ । ରୋଗ ଓ ରୋଗୀ ଉଭୟ ପ୍ରତି ଲୋଭ । ଧାଇଁ ଗଲେ ସେ । କରୋନା ଜନିତ ଲକ୍ଷଣ ବାରି ପାରିଲେ ସେ । ସଙ୍ଗେ ସଙ୍ଗେ ତାର ଆଶୁ ଚିକିତ୍ସାରେ ଲାଗି ପଡ଼ିଲେ । କିଛି ଔଷଧ ମଗାଇ ଲୋକଟିକୁ ସାମାନ୍ୟ

ପ୍ରକୃତିସ୍ଥ କଲେ । ବୁଢ଼ିଲା ଲୋକକୁ କୁଟା ଖିଏ ଦରକାର ତେଣୁ ସନ୍ଦେହର ଅବକାଶ ନାହିଁ ଲୋକଙ୍କ ପାଖରେ ।

ଗୃହୁଁ ଗୃହୁଁ କଥାଟା ପ୍ରଘଟିତ ହୋଇଗଲା । ଚମତ୍କାରୀ ସାଧୁବାବା ନାମରେ ତାଙ୍କର ଖ୍ୟାତି ଉଡ଼ିଲା ।

କଏ ଜଣେ ଆଜିର ତାରିଖ କହୁଥିଲା । ତିରିଶ ଅପ୍ରେଲ । ହେଁ !! ସେ ତେବେ ଦୀର୍ଘ ପଚଶଦିନ ହେଲା ଦିଲ୍ଲୀରୁ ବାହାରିଲେଣି । ଅପ୍ରେଲ ପାଞ୍ଚ ତାରିଖରେ ସେଠାରୁ ଯାତ୍ରା ଆରମ୍ଭ କରିଥିଲେ । ତାଙ୍କ ଦେହରେ ଭୂତାଣୁର ଇନକ୍ୟୁବେସନ୍ ପିରିୟଡ଼ ସରି ଗଲାଣି ତେବେ । କାହିଁ ତାଙ୍କର ତ କଛି ହେଲାନାହିଁ । ଶରୀରରେ କଷ୍ଟ ମଧ ନାହିଁ । ବର୍ତ୍ତମାନ ତାଙ୍କର ସ୍ମରଣ ହେଲା ଯେ ସେ କରୋନା ଭୟରେ ମୋକ୍ଷ ପ୍ରାପ୍ତ ପାଇଁ ଆସିଛନ୍ତି ବନାରସ।

ମୋକ୍ଷ ତାଙ୍କ ଭାଗ୍ୟରେ କାହିଁ ? ତାଙ୍କୁ ଫୁରୁସତ କାହିଁ ମୋକ୍ଷ ପାଇଁ । ପ୍ରତିଦିନ ତାଙ୍କ ପାଖରେ ବିଭିନ୍ନ ପ୍ରକାର ରୋଗାକ୍ରାନ୍ତ ଲୋକ ଗହଳ କରୁଛନ୍ତି । ତାଙ୍କର ଚକିତ୍ସା କରୁକରୁ ତାଙ୍କର ସମୟ ଜ୍ଞାନ ରହୁନାହିଁ । ସଂସାର ଚନ୍ତା ନାହିଁ । ପରିବାର ଚନ୍ତା ନାହିଁ । ପଇସା ଚନ୍ତା ନାହିଁ କ ଶରୀର ବନ୍ଧନର ଚନ୍ତା ବି ନାହିଁ ।

ତାଙ୍କୁ ଲାଗୁଛି ତାଙ୍କର ଆକାର ନାହିଁ, ନିରାକାର ସେ। ତାଙ୍କର ସ୍ଥାୟୀ ବାସ ନାହିଁ ସର୍ବ ବିଦ୍ୟମାନ ସେ । ସେ ନିଜେ ଶିବ, ସେ ନିଜେ ସତ୍ୟ ।

ମାନବ ସେବାରେ ହିଁ ସେ ପାଇ ଯାଇଛନ୍ତି ମୋକ୍ଷ ।

ବସନ୍ତ ବିହାର, ନୂଆ ଦିଲ୍ଲୀ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ଗାଆଁ ଆରପାଖ ନଇ ତୁଠ



ପୂର୍ଣ୍ଣଚନ୍ଦ୍ର ରଣା

ଆଁ ଆରପାଖ ନଇର ପାଣି
କୁଳୁକୁଳୁ ହୋଇ ବହି ଗ୍ଲଲିଥିଲା
ନଇ ଏ ପାରିରୁ ଆର ପାରିକୁ
ପଶ୍ଚିମ ଆକାଶେ ଦିଶୁଥିଲେ ରବି
ଶୋଣିତ ପରି ଲାଲ୍
ଗଗନ ବକ୍ଷରେ କାକଳି କରି
ଉଡ଼ି ଯାଉଥିଲେ
ଦଳ ଦଳ ହୋଇ ହଳଦୀ ବସନ୍ତ
ସଙ୍ଗେ କଜଳପାତୀ
ନଦୀ ତୁଠର ଶୁଖିଲା ବାଲିରେ
ଯୁବତୀଙ୍କ ମଜା ଖଟି
ଗ୍ଲଲିଥିଲା ଭରି ଆନନ୍ଦରେ
ନଇ ଆର ତୁଠେ ଯୁବ ପ୍ରେମିଟି
ଯୁବତୀଙ୍କୁ ଦେଖୁଥିଲା ଛପି ଛପି
ମଜା ଖଟି କରୁ କରୁ
ଜଣେ ଯୁବତୀ ଦେଖିଲା ସେ
ଯୁବ ପ୍ରେମିକୁ
ଆଉ ଆଖିର ସେ ବଦମାସ ଇସାରାରେ
ଆଖିରେ ମିଶିଲା ଆଖି
ପୁଣି ମନରେ ମିଶିଲା ମନ
ପ୍ରେମ ହୋଇଗଲା ଦୁହିଁଙ୍କ ମଧ୍ୟରେ

ଓଠର ସେ ମିଠା ମିଠା ହସ
ଯେମିତି ଗ୍ଲେରେଇ ନେଲା
ଦୁଇ ହୃଦୟକୁ
ସନ୍ଧ୍ୟା ପରେ ଦୁହେଁ ନିଜ ଭବନରେ
ହେଉଥାନ୍ତି ଖୁବ୍ ଅସ୍ଥିର
ଯେମିତି ଭେ଼କଲା ମଣିଷଟି
ହୋଇଥାଏ ଖାଦ୍ୟ ଠାରୁ ବହୁ ଦୂର
ଖୋଜି ହେଉଥାନ୍ତି ଦୁହେଁ ଦୁହିଙ୍କୁ
କିନ୍ତୁ ପାଉ ନଥାନ୍ତି
କିଏ କାହାର ସନ୍ଧାନ
ପ୍ରେମି ଯୁଗଳ ଦୁହେଁ ଉଭୟଙ୍କୁ
ଦେଖିବା ପାଇଁ ଖୁବ୍ ବ୍ୟାକୁଳ
ନଇ ଏ ପାରିରେ ପ୍ରେମିକାର ଗାଆଁ
ପୁଣି ନଇ ଆର ପାରିରେ ଥାଏ ଯୁବ ପ୍ରେମିକ
ରାତିର ସେ ନିଚ୍ଛାଟିଆ ସମୟଟା
ଜମା ଶୀଘ୍ର କଟୁନି
ଅପେକ୍ଷାରେ ଦୁହେଁ
ଆର ଦିନ ପ୍ରଭାତକୁ
ଭାବନାରେ ଭାବନାରେ
ପାହି ଯାଇଥିଲା ରାତି
ଆଉ ମନ ଭିତରେ ଥିବା ସେ ଅଭୁଲା ତାତିକୁ

ସାଙ୍ଗରେ ଧରି
ଦୁହେଁ ଭେଟା ଭେଟି ହେଲେ
ଗାଆଁ ଆର ପାଖ ନଇ ତୁଠରେ
ଦୁଇ ମନରେ ଖୁସିର ଲହରୀ
ଆଉ ଓଠରେ ଲାଜୁଆ ଲାଜୁଆ ହସକୁ ଦେଖି
ଫିକା ପଡୁଥାଏ ଇନ୍ଦ୍ରଧନୁ
ଉଭୟ ଯେ କଲେ ଆଲିଙ୍ଗନ
ସେ ଆଲିଙ୍ଗନ ଦେଖି
ଲାଜେଇ ଗଲା ସେ ଅଳସୀ ନଇ
ଆର ପାରିକୁ ଧିରେ ଧିରେ
ଗଲା ସେ ବହି ।

ହାଟସିଂହାପୁର, ଯାଜପୁର

# କବିର କଳ୍ପନା



ବାସନ୍ତୀ ଲତା ଜେନା

କବିର ଜୀବନ ସରଳ ଅଟଇ
ସେ ଶବ୍ଦରେ ହୁଏ ବନ୍ଧା
ଅକ୍ଷର ସାଉଁଟେ ସୃଷ୍ଟି ମାଳକାରୁ
ପ୍ରୀତିରେ ହୁଏ ସେ ଛନ୍ଦା ॥
ଅକ୍ଷରକୁ ନେଇ ଯୋଡିବାର ନିଶା
ଯୋଗ କାଉଁରୀ କାଠିର
ଶବ୍ଦକୁ ନେଇ ଗୁନ୍ଥିବାର ନିଶା
କବିତା ପୁଷ୍ପର ହାର ॥
କବିର ଭାବନା ମହା ସାଗରର
ସଲିଳର ଢେଉ ପରି
କବିର କଳ୍ପନା ସୃଜନର ସୃଷ୍ଟି
ନୂତନ ସମ୍ଭାର ଧରି ॥
କବିର କଳ୍ପନା ଶୋଭାର ଭଣ୍ଡାର
ପ୍ରୀତି ଫୁଲ ଝରୁ ଥାଏ
ମଉଳା ଫୁଲର ବାସ ଭରି ଉଠେ
ସଦ୍ୟ ପ୍ରସ୍ଫୁଟିତ ହୁଏ ॥
କବିର ତୂଳୀକା ଶୁଷ୍କ ପାଷାଣରେ
ବସନ୍ତ ମହକ ଭରେ
କବିତା ଶାଶ୍ୱତ ପ୍ରେମିକାର ପ୍ରେମ
ମଧୁର ସଂଗୀତ ସ୍ୱରେ ॥

କବି ନିଜେ ଦୀପ ନିଜେ ହିଁ ସଳିତା
ଜଳି ଜଳି ଶିଖା ଦିଏ
ଅମାବାସ୍ୟା ରାତ୍ରି ପୂର୍ଣ୍ଣିମା ହୁଏ
ଆକାଶରେ ଚନ୍ଦ୍ର ଉଏଁ ॥
କବିର କଳ୍ପନା ଭାବ ନ୍ୟାସ ସିନା
କବିତାରେ ବଞ୍ଚି ଥାଏ
ସ୍ୱର୍ଗ ଅପସରି କବିତାର ପ୍ରାଣ
କାଗଜରେ ସିଞ୍ଚି ଦିଏ ॥
ନିଜେ ଲେଖୁ ଥାଏ ନିଜେ ପଢୁଥାଏ
ସତେ କି ପ୍ରିୟାର ଚିଠି
ପ୍ରିୟର ମାନସୀ ଦୂରେ ଯାଇଥିଲେ
ପ୍ରଣୟ ଦେଉଛି ଭେଟି ॥
କବି ଅନୁଭୂତି କଳ୍ପନା ବିଳାସୀ
ରୂପ ଦିଏ କାଗଜରେ
ନୂତନତା ଆଣେ ସାହିତ୍ୟ ଜଗତେ
ଆହ୍ୱାନ କରେ ଶାନ୍ତିରେ ॥

ସହକାରୀ ଶିକ୍ଷୟିତ୍ରୀ
ଗାନ୍ଧିନଗର, ନବରଙ୍ଗପୁର

# ମୁଁ ଜଣେ ମାମୁଲି ଶ୍ରମିକ



ନୂତନ କୁମାର ବେହେରା

ମୁଁ ଜଣେ ମାମୁଲି ଶ୍ରମିକ
ମରି ଗଲେ ହଜି ଗଲେ
ମୋ ପାଇଁ କେହି ଭାବେ ନାହିଁ ଅଧିକ,
ଔପୋଗ୍ବରିତାରେ କରି ଟିକଏ ଶୋକ
ସମବେଦନା ଜଣାନ୍ତି ନାହିଁ ଅନେକ।
ମୁଁ ଜଣେ ମାମୁଲି ଶ୍ରମିକ
ଦେଖନ୍ତି ନାହିଁ କେହି ପେଟର ଭୋକ,
ଦିନରାତି କରେ ମୁଁ ମେହେନତ
ବିପଦଆପଦ କାଳେ ପାତିଲେ ହାତ
ସାହାଯ୍ୟ ପାଇବା ଦୂର କଥା
ମୋ ପାଇଁ ହୁଏ ତାହା ଭୟାନକ।
ବିନା ସ୍ୱାର୍ଥରେ କେବେ କେହି
ମୋ ଜୀବନ ପଥେ ହୁଏନା ସହାୟକ,
କି ସାହାଯ୍ୟ ସହଯୋଗ କରିବାକୁ
ହୁଏ ନାହିଁ କାହାର ତିଳେ ବିବେକ।
ମୁଁ ଜଣେ ମାମୁଲି ଶ୍ରମିକ
ମୋ ପାଇଁ ଯୋଜନା ହୁଏ
ଦେଶରେ ଅନେକ ଅନେକ,
ବୁଦ୍ଧି ଜ୍ଞାନ ଖଟାଇ ସବୁ କରନ୍ତି
ଜନନାୟକ ଦେଶସେବକ ଶାସକ
କନ୍ତୁ ମିଳେ ନାହିଁ ବାସ୍ତବରେ ସବୁ
ତୋଷାମଦ କରିବା ବ୍ୟତିରେକ।

ମୁଁ ଜଣେ ମାମୁଲି ଶ୍ରମିକ
କାମବେଳେ ମୂଲକ ଯାକରେ
ଲୋଡନ୍ତି ମୋ ହାତ ବହୁ ସଂଖ୍ୟକ,
ମୋ ସୁରକ୍ଷା ପରିବାର କଥାରେ
ଆସେ ନାହିଁ ହୃଦୟେ କାହାର
ଦୟା ଦରଦ ଅନୁକମ୍ପା ଟିକକ।
ଭଇ ପିମ୍ପୁଡ଼ି ପରି କାମରେ ଲାଗିଥାଏ
ତିଆରିବାକୁ କୋଠାଘର ରାସ୍ତା ପୋଲ
ଯାହାହୁଏ ଯେବେ ଆବଶ୍ୟକ,
ରୋଗରେ ପଡି ଛଟପଟ ହେଲାବେଳେ
ନ ଥାଏ କା'ର ତିଳେ ସହାନୁଭୂତି
ଅବା ହୁଏ ନାହିଁ କେହି ମୋର
ଶୁଭଦୃଷ୍ଟିର କଲ୍ୟାଣକାରୀ ଶୁଭେଚ୍ଛୁକ।
ମୁଁ ଜଣେ ମାମୁଲି ଶ୍ରମିକ
ଲୋଡା ନାହିଁ ମୋର ଧନ ରତ୍ନ ଐଶ୍ୱର୍ଯ୍ୟ
ହାତୀ ଘୋଡ଼ା ଗଜଦନ୍ତ ପଲଙ୍କ,
ଖୋଜେ କେବଳ ଜୀବନେ ଏତିକ
ମଣିଷଠାରୁ ମଣିଷର ଭରସା
ସ୍ନେହ ଶ୍ରଦ୍ଧା ମମତା ବିଶ୍ୱାସ
ଭଲପାଇବାର ଏକ ମଧୁର ସମ୍ପର୍କ।

କୋହି, ଗଡ଼ିଆ, ମୟୂରଭଞ୍ଜ

# ଶିଖର କାମିନୀ



ସୁଷମା ପରିଜା

ଅଙ୍କାବଙ୍କା ବଙ୍କା ଜଙ୍ଗଲେ ରାସ୍ତା ଦେଇ କାରଟି ଛୁଟି ଚାଲିଥିଲା ତୀର ଭଳି ପ୍ରବଳ ବେଗରେ । ଆହୁରି ଅଧିକ ବେଗରେ ଧାଉଁଥିଲା ସ୍ୱସ୍ତିକାର ମନ । ପାଖରେ ବସିଥିବା ଏଗାର ବର୍ଷର ଆସ୍ଥା ବାରମ୍ବାର ପ୍ରଶ୍ନ କରୁଥିଲା “ଆମେ କୁଆଡେ ଯାଉଛେ ମାମା !” କିନ୍ତୁ କିଛିହେଲେ ଉତ୍ତର ଦେଉନଥିଲା ସ୍ୱସ୍ତିକା । କେବଳ ବିଜୟିନୀର ହସଟିଏ ବେଳେ ବେଳେ ଖେଳି ଯାଉଥିଲା ତା’ର ମୁଖମଣ୍ଡଳରେ । ପ୍ରାପ୍ତିର ଆଶାରେ ଧମ୍ ଧମ୍ ହେଉ ଥିଲା ତା’ଛାତି । ଆଖିରେ ଆଖିଏ ସ୍ୱପ୍ନଭରି ଯାଉଥିଲା ସୁନେଲି ଭବିଷ୍ୟତର ।

ସ୍ୱସ୍ତିକା ଫେରି ଯାଉଥିଲା ଛଅ ସାତ ବର୍ଷ ତଳର ଅତୀତକୁ ଯେବେ ତା’ର ନୂଆନୂଆ ଭେଟ ହୋଇଥିଲା ସୌମେନ୍ଦ୍ରଙ୍କ ସହିତ । ସୌମେନ୍ଦ୍ର ଥିଲେ ତା’ର ସ୍ୱାମୀ ଅରିନ୍ଦମଙ୍କର ବନ୍ଧୁ । କେବେ କେମିତି ଆସୁଥିଲେ ସେମାନଙ୍କର ସେଇ ଦୁଇ ବେଡ ରୁମର ଭଡାଘରକୁ ଅରିନ୍ଦମଙ୍କ ସାଥିରେ । ସାମାନ୍ୟ ଗପସପ କରି ଚାହା ଜଳଖିଆ ପରେ ଫେରି ଯାଉଥିଲେ । ସେଇ ସ୍ୱଳ୍ପ ସମୟର ରହଣୀ ଭିତରେ କିନ୍ତୁ ସେ ପଢି ନେଇଥିଲେ ସ୍ୱସ୍ତିକାର ମନରେ ଥିବା ଉଚ୍ଚାଭିଳାଷ ଆଉ ମଧ୍ୟବିତ୍ତ ପରିବାରରେ ଅରିନ୍ଦମର ସୀମିତ ଆୟରେ ସେଇ ଅଭିଳାଷକୁ ପୂରଣ କରିବାଲାଗି ଅସମର୍ଥ ପଣିଆକୁ, ଯାହାକୁ ନେଇ ସବୁବେଳେ ଅଶାନ୍ତି ଲାଗି ରହୁଥିଲା ସେମାନଙ୍କ ଦାମ୍ପତ୍ୟ ଜୀବନରେ । ସ୍ୱାମୀ-ସ୍ତ୍ରୀଙ୍କର ଝିକ୍ ଝିକ୍ ଭିତରେ ଅବହେଳିତ ହୋଇ ପଡୁଥିଲା ସେମାନଙ୍କ ଏକମାତ୍ର କନ୍ୟାସନ୍ତାନ ଆସ୍ଥାର ଶୈଶବ । ଅରିନ୍ଦମ ଥିଲେ ଜଣେ ସାଧାରଣ କଣ୍ଟ୍ରାକ୍ଟର । ନିଜର ଛୋଟ ବ୍ୟବସାୟର ସୀମିତ ଆୟରେ ନିଜର ସାଧ୍ୟମତେ ସେ ଚେଷ୍ଟା କରୁଥିଲେ ନିଜର ପରିବାରକୁ ସୁଖରେ ରଖିବା ଲାଗି । କିନ୍ତୁ ସ୍ୱସ୍ତିକା ଅସାମାନ୍ୟା ସୁନ୍ଦରୀ, ପ୍ରବଳ ଉଚ୍ଚାଭିଳାଷୀ, ନିଜକୁ ସବୁବେଳେ ସମସ୍ତଙ୍କଠାରୁ ଭିନ୍ନକରି ଦେଖାଇବାକୁ ଚାହୁଁଥିଲା, ସବୁବେଳେ ଘର ଭିତରେ ବାନ୍ଧିହୋଇ ବସି ରହିବା ଅପେକ୍ଷା ମୁକ୍ତ ବିହଙ୍ଗଟିଏ ହୋଇ ଖୋଲା ଆକାଶର ଉଡି ବୁଲିବାକୁ ଚାହୁଁଥିଲା, ଗୋଟିଏ ବିଳାସପୂର୍ଣ୍ଣ ଜୀବନ ବିତେଇବା ଲାଗି ଚାହୁଁଥିଲା, ନିଜକୁ ସବୁବେଳେ ଶିଖରରେ ଦେଖିବାକୁ ଚାହୁଁଥିଲା,

ଯାହା ଅରିନ୍ଦମର ଆୟତ୍ତ ଭିତରେ ନଥିଲା, ତେଣୁ ସବୁବେଳେ ଅଶାନ୍ତି ଲାଗି ରହୁଥିଲା ଘରେ । ସେଇପରି ସ୍ଥିତିର ସୁଯୋଗ ଉଠାଇଥିଲେ ସୌମେନ୍ଦ୍ର ।

ସୌମେନ୍ଦ୍ର ଥିଲେ ଗୋଟିଏ  ସଂପନ୍ନ ପରିବାରର ପ୍ରଭାବଶାଳୀ ରାଜନେତା । ବ୍ୟବସାୟିକ ସଂପର୍କ ଥିଲା ଅରିନ୍ଦମଙ୍କ ସହିତ ହେଲେ ଆଖି ଥିଲା ସ୍ୱସ୍ତିକାର ସୌନ୍ଦର୍ଯ୍ୟ ଉପରେ । ସୌମେନ୍ଦ୍ର କୌଣସିମତେ ସ୍ୱସ୍ତିକାକୁ ହାସଲ କରିବାକୁ ଚାହୁଁଥିଲେ। ତେଣୁ ଅରିନ୍ଦମଙ୍କ ସହିତ ସଂପର୍କ ବଢାଇବା ସହ ବେଳେବେଳେ ଛୋଟ ମୋଟ ଉପହାର ଦେବା ଆରମ୍ଭ କରିଥିଲେ ସ୍ୱସ୍ତିକାକୁ । ବନ୍ଧୁତା ଖାତିରିରେ ପ୍ରତିବାଦ କରିନଥିଲେ ଅରିନ୍ଦମ । ଏବେ ସ୍ୱସ୍ତିକା ଆଉ ବେଶୀ କଳି ଝଗଡା କରୁନଥିଲା, ଅରିନ୍ଦମ ଭାବୁଥିଲେ ସୌମେନ୍ଦ୍ର ସ୍ୱସ୍ତିକାକୁ ବୁଝେଇବା ପରେ ସେ ବୋଧହୁଏ ନିଜ ବ୍ୟବହାରରେ ପରିବର୍ତ୍ତ ନଆଣିଛି । ତେଣୁ ସୌମେନ୍ଦ୍ରର ତାଙ୍କ ଅନୁପସ୍ଥିତିରେ ଯିବାଆସିବା କରିବାକୁ ମଧ୍ୟ ସେ ସନ୍ଦେହ କରିନଥିଲେ । ସୌମେନ୍ଦ୍ର ଆଉ ସ୍ୱସ୍ତିକାର ସଂପର୍କ ବେଳକୁବେଳ ଘନୀଭୂତ ହେଉଥିଲା, ଘରର ଚାରିକାନ୍ଥରୁ ବାହାରି ପାର୍କ,  ମଲ୍, ସିନେମା ହଲ୍, ହୋଟେଲ, ରେଷ୍ଟୁରାଣ୍ଟ ଯଏଁ ବିସ୍ତାରିତ ହୋଇ ଚାଲିଥିଲା ଅରିନ୍ଦମର ଦୃଷ୍ଟି ଆଢୁଆଳରେ । ଧୀରେ ଧୀରେ କାନରୁ କାନ ହୋଇ କଥା ଆସିଥିଲା ଅରିନ୍ଦମଙ୍କ କାନକୁ । ସେତେବେଳକୁ କଥା ବହୁତ ବାଟ ଆଗେଇ ସାରିଥିଲା, ସେମାନଙ୍କ ଦାମ୍ପତ୍ୟ ଜୀବନରେ ଝଡ ଉଠିଥିଲା, ଛିନ୍ନହୋଇ ଯାଇଥିଲା ସ୍ୱାମୀ ସ୍ତ୍ରୀଙ୍କର ସଂପର୍କ । ସ୍ୱସ୍ତିକା ଆସ୍ଥାକୁ ନେଇ ବାହାରି ଆସିଥିଲା ଅରିନ୍ଦମଙ୍କ ଘରୁ ଆଉ ଆଶ୍ରୟ ନେଇଥିଲା ବାପଘରେ ।

ନିଜର ରାଜନୈତିକ ଜୀବନରେ ପାଦ ପାଦ ଆଗକୁ ବଢୁଥିବା ସୌମେନ୍ଦ୍ର ସେତେବେଳେ ଆଶ୍ୱାସନା ଦେଇଥିଲେ ସ୍ୱସ୍ତିକାକୁ, ସେ ସବୁ ଦାୟିତ୍ୱ ନେବେ ତା'ର, ଜୀବନରେ ସେ ଚାହିଁଥିବା ସବୁ ସୁଖ ଦେବେ ତା'କୁ,  ହେଲେ କିଛି ସମୟ ଅପେକ୍ଷା କରିବାକୁ ପଡିବ, ଥରେ ମନ୍ତ୍ରୀ ପଦଟା ହାତକୁ ଆସିବା ପର୍ଯ୍ୟନ୍ତ ଏଇ ସଂପର୍କକୁ ଲୋକଲୋଚନ ରୁ ଦୂରେଇ ରଖିବାକୁ ପଡିବ । ସ୍ୱସ୍ତିକାକୁ ସ୍ଥାନୀୟ ଜଣେ ରାଜ ନେତ୍ରୀଙ୍କର ବ୍ୟକ୍ତିଗତ ସହାୟିକା ଭାବରେ ରଖାଇ ଦେଇଥିଲେ ତଦ୍ୱାରା ସେ ଘରୁ ବାହାରକୁ ଗଲେ କାହାରି ସନ୍ଦେହ ହେବନାହିଁ । ସେମାନଙ୍କ ସଂପର୍କ ଅବ୍ୟାହତ ରହିତ । ସମୟ ଗଡି ଚାଲିଥିଲା ତା' ବାଟରେ ।

ସୌମେନ୍ଦ୍ର ଭୁବନେଶ୍ୱରରେ ଘରଟିଏ କିଣି ସ୍ୱସ୍ତିକା ସହ ଆସ୍ଥାକୁ ଆଣି ରଖିଥିଲେ ଏବଂ ଆସ୍ଥାର ନାମ ଲେଖାଇଥଲେ ସ୍ଥାନୀୟ ଏକ ନାମୀ ସ୍କୁଲରେ । ସ୍ୱସ୍ତିକା ଏବଂ ଆସ୍ଥାଙ୍କୁ ଗୋଟିଏ ବିଳାସମୟ ଜୀବନର ସବୁ ସୁଖ ଦେଇଥିଲେ । ସ୍ୱସ୍ତିକା ସେଇ ମଧ୍ୟରେ

ଆଇନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲା ଏବଂ କଟକର ହାଇକୋର୍ଟରେ ନିଜ ଆଇନ୍ ବ୍ୟବସାୟ ଆରମ୍ଭ କରିଥିଲା । ସବୁ ସୁଖ ଭିତରେ କିନ୍ତୁ ଦୁଃଖଟିଏ ରହିଯାଉଥିଲା ସ୍ୱସ୍ତିକାର ମନରେ । ପଡୋଶୀମାନଙ୍କ ପାଖରେ ନିଜକୁ ସ୍ୱାମୀସ୍ତ୍ରୀ ବୋଲି ପରିଚୟ ଦେଉଥିଲେ ମଧ୍ୟ ଏ ଯାଏଁ ବିଧିବଦ୍ଧ ଭାବେ ବିବାହ ହୋଇନଥିଲା ସେମାନଙ୍କର । ପାଞ୍ଚବର୍ଷର ଏକାନ୍ତ ରହଣୀ ଭିତରେ ଭାରତର ବିଭିନ୍ନ ସ୍ଥାନକୁ ବୁଲାବୁଲି କରିବାକୁ ଯାଇଥିଲେ ସେମାନେ, ସେଠାରେ ସବୁଠି ନିଜକୁ ସ୍ୱାମୀସ୍ତ୍ରୀ ବୋଲି ପରିଚୟ ଦେଇ ରହୁଥିଲେ ହେଲେ ରେଜିଷ୍ଟ୍ରେସନ ପାଇଁ ସ୍ୱସ୍ତିକାର ବାରମ୍ବାର ଅନୁରୋଧକୁ କିଛି ନା କିଛି ଆଳ ଦେଖାଇ ଆଡେଇ ଯାଉଥିଲେ ସୌମେନ୍ଦ୍ର । ନିଜର ଆଉ ଆସ୍ଥାର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀଟିଏ ସବୁବେଳେ ରହୁଥିଲା ସ୍ୱସ୍ତିକା ମନରେ । ସୌମେନ୍ଦ୍ର କୌଣସି କଥାରେ ଅଭାବ ରଖିନଥିଲେ ତା'ର କିନ୍ତୁ ଏଇ ସାମାନ୍ୟ କଥାଟି ସେ କାହିଁକି ଟାଳଦେଲା ପରି ମନେ ହେଉଥିଲା । ସେଇ କଥାକୁ ନେଇ ମାନ ଅଭିମାନ ଲାଗି ରହିଥିଲା ଦୁହିଁଙ୍କ ମଧ୍ୟରେ ।

କିଛିଦିନ ତଳେ ସ୍ୱସ୍ତିକା ଏକା ଜିଦ୍ ଧରି ବସିଥିଲା "ବହୁତ ହୋଇଗଲା ଏଇ ମିଛ ସଂସାର, କାଲି କିଏ ଦେଖିଛି ? ମୁଁ ଆମ ମାଆ ଝିଅ ଦୁହିଁଙ୍କର ସାମାଜିକ ସୁରକ୍ଷା ଚାହେଁ, ତୁମକୁ ଯେମିତି ହେଲେ ମଧ୍ୟ ବିବାହ କରିବାକୁ ପଡିବ ମୋତେ ।" ବହୁତ ବୁଝାଇଥିଲେ ସୌମେନ୍ଦ୍ର, ତୁମେ ତ ଜାଣ ମୋ'ର ସ୍ତ୍ରୀ ଅଛି, ପିଲାମାନେ ଅଛନ୍ତି, ତୁମକୁ ବିବାହ କରି ଘରକୁ ନେବି କେମିତି? ତୁମର କ'ଣ କୌଣସି ପ୍ରକାର ଅଭାବ ରଖିଛି ମୁଁ? ଯାହା ଯେତେବେଳେ ଚାହିଁଛ ଦେଇଛି, ଆଉ କ'ଣ ପାଇଁ ଲୋଡା ବିବାହ? ଏଥରକ କିନ୍ତୁ ମୋଟେ ବୁଝି ନଥିଲା ସ୍ୱସ୍ତିକା, ସଫା ସଫା ଶୁଣେଇ ଦେଇଥିଲା "ବାହାଘରହୋଇ ପାରିବନି ତ ମୁଁ ଆଉ ଏମିତି ମିଛ ମୁଖା ପିନ୍ଧି ରହି ପାରିବିନି ଏଠି ।" ଫେରି ଯାଇଥିଲେ ସୌମେନ୍ଦ୍ର । ଶେଷରେ ଛତିଶଗଡ ର କେଉଁଏକ ଦେବୀ ମନ୍ଦିରରେ ସେମାନଙ୍କ ବାହାଘରର ନିଜେ ସବୁ ବ୍ୟବସ୍ଥା କରିଥିଲେ ଏବଂ ଡକାଇଥିଲେ ସ୍ୱସ୍ତିକାକୁ ।

ଭୁବନେଶ୍ୱରରୁ ଗତକାଲି ବାହାରିଥିଲେ ସେମାନେ, ଝାରସୁଗୁଡାରେ ଗୋଟିଏ ହୋଟେଲରେ ସେମାନଙ୍କୁ ଛାଡି ଦେଇ ସୌମେନ୍ଦ୍ର ଚାଲି ଯାଇଥିଲେ ବ୍ରଜରାଜନଗର, ତାଙ୍କ ନିଜ ଘରକୁ । କହି ଯାଇଥିଲେ ଆଜି ରାତିଟା ଏଇଠି ବିତେଇନିଅ ଡାର୍ଲିଂ! ଆଉ ମାତ୍ର କେଇ ଘଣ୍ଟାର କଥା । ତା'ପରେ ଆମ ଦୁହିଁଙ୍କର ସବୁ ସ୍ୱପ୍ନ ସାର୍ଥକ ହେବ । ରାୟଗଡାର ସେଇ ଦେବୀ ମାଆଙ୍କ ମନ୍ଦିରରେ ସବୁ ବ୍ୟବସ୍ଥା ସରିଛି, ତାଙ୍କରି ସମ୍ମୁଖରେ, ତାଙ୍କୁ ହିଁ ସାକ୍ଷୀ ରଖି ବିଧିବଦ୍ଧ ଭାବେ ସାରା ଜୀବନ ପାଇଁ ଆମେ ଏକାଠି ବାନ୍ଧି ହୋଇଯିବା ଗୋଟିଏ ପବିତ୍ର

ବନ୍ଧନରେ । ପାଞ୍ଚବର୍ଷ ଧରି ତୁମେ ନତି ନତି କରୁଥିବା ଅଳଟି ଆଉ ମାତ୍ର ସାମାନ୍ୟ କେଇ ଘଣ୍ଟା ମଧ୍ୟରେ ପୂରଣ ହୋଇଯିବ। ତୁମକୁ ଆଉ ସମାଜର ଭୟ ନଥିବ କି ଅନିଶ୍ଚିତ ଭବିଷ୍ୟତର ଆଶଙ୍କାରେ ତୁମେ ସବୁବେଳେ ସନ୍ତୁଳ ହେବ ନାହିଁ, ସୁରକ୍ଷିତ ହୋଇଯିବ ତୁମର ଆଉ ଆସ୍ଥାର ଭବିଷ୍ୟତ ସବୁଦିନ ପାଇଁ। ମୋ ସୁନାଟା ପରି, ଟିକଏ ଧୈର୍ଯ୍ୟଧରି ଅପେକ୍ଷା କରିଥାଅ । କାଲି ସକାଳେ ମୁଁ ଗାଡି ଧରି ଆସି ତୁମ ଦୁହିଁଙ୍କୁ ନେଇଯିବି ସେଇ ମନ୍ଦିରକୁ । ଆମଘରର କେହି ଦେଖିବେନକ କେହି ଜାଣିବେନ । ସେଠାରୁ ଫେରିଲେ ଘରେ ସମସ୍ତଙ୍କୁ ଜଣାଇବା । ଅଳ୍ପ ହସି ସୌମେନ୍ଦ୍ର  ଛାତିରେ ମୁଣ୍ଡ ଗୁଞ୍ଜିଥିଲା ସ୍ୱସ୍ତିକା ।ହାତ ହଲାଇ ଶୁଭରାତ୍ରି ଜଣାଇ ବାହାରି ଯାଇଥିଲେ ସୌମେନ୍ଦ୍ର । ନିଜର କଥା ରକ୍ଷାକରି ସୌମେନ୍ଦ୍ର ଆଜି ଭୋରରୁ ନିଜର ବୋଲେରୋ ଧରି ଆସି ପହଞ୍ଚିଥିଲେ ହୋଟେଲରେ । ସେତେବେଳକୁ ସ୍ୱସ୍ତିକା ନିଜର ନିତ୍ୟକର୍ମ ସାରି ଲାଲ୍ ରଙ୍ଗର ଶାଢୀରେ ସଜେଇହୋଇ ଅପେକ୍ଷା କରି ବସିଥିଲା ତାଙ୍କୁ । ଆସ୍ଥାକୁ ଶିଘ୍ର ରେଡି ହେବାଲାଗି ଆଦେଶ ଦେଇଥିଲା,  ସେ ମଧ୍ୟ ଖୁବ୍ ଆଗ୍ରହରେ ନିତ୍ୟକର୍ମ ସାରି ଟିପ୍ ଟପ୍ ହୋଇ ବସି ରହିଥିଲା । ସୌମେନ୍ଦ୍ର ଆସିବାକ୍ଷଣି ସ୍ନେହରେ କୋଳେଇ ନେଇଥିଲେ ସ୍ୱସ୍ତିକାକୁ ଆଉ ସେମାନେ ହୋଟେଲ ଛାଡି ବୋଲେରୋରେ

ବସି ବାହାରି ପଡିଥିଲେନିଜର ଗନ୍ତବ୍ୟସ୍ଥଳ ଆଡକୁ।

ଜଙ୍ଗଲିଆ ରାସ୍ତାଦେଇ ଯାଉଯାଉ ହଠାତ୍ ବ୍ରେକ କସିଲା ଡ୍ରାଇଭର୍ । "ସାବ୍ ଏକ ମିନଟ୍" କହି ଗାଡିରୁ ଓହ୍ଲାଇଲା । ସ୍ୱସ୍ତିକା ଭାବିଲା ବୋଧହୁଏ ପରିସ୍ରା କରି ଯିବ ସିଏ । ରାତି ଅନେକ ହୋଇ ଯାଇଥିଲା,  ଆସ୍ଥା ତା' କାନ୍ଧକୁ ଆଉଜି ଶୋଇ ପଡିଥିଲା । ସିଏ ମଧ୍ୟ ଆଖି ବନ୍ଦକରି ବସି ପଡିଲା । "ଓଃ, ଏତେବେଳ ଯାଏଁ କ'ଣ କରୁଛୁ" କହି ଗାଡିରୁ ଓହ୍ଲାଇପଡିଲେ ସୌମେନ୍ଦ୍ର, ଡ୍ରାଇଭରକୁ ଖୋଜିବା ଉଦ୍ଦେଶ୍ୟରେ । ଦୁଇ ମିନଟ୍ ହୋଇଛି କି ନାହିଁ କ'ଣ ଗୋଟାଏ ବଜ୍ରଭଳି ଧମ୍ କରି ବାଜିଲା ସ୍ୱସ୍ତିକାର ମୁଣ୍ଡରେ ଆଉ ଧାର ଧାର ରକ୍ତବୋହି ଓଦା ହୋଇ ଯାଉଥିଲାତାର ସର୍ବାଙ୍ଗ । ପୁଣି ପଡିଲା ପାହାରେ, ଏଥରକ ଆସ୍ଥାର ମୁଣ୍ଡରେ, ଉଚ୍ଛୁଳ ପଡୁଥିଲା ରକ୍ତ ର ଫୁଆରା । ସ୍ୱସ୍ତିକା ଚତ୍କାର କରିବାକୁ ଚେଷ୍ଟାକ ରୁଥିଲା,  ହେଲେ ତା'ର କଣ୍ଠକୁ କଏ ଚାପି ଧରିଥିଲା ଯେମିତି । ବହୁତ କଷ୍ଟରେ ଆଖିଖୋଲି ଦେଖିବାକୁ ଚେଷ୍ଟାକଲା ସେ, କଏ ଏମିତି ଅତର୍କିତ ଭାବେ ଆକ୍ରମଣ କରିଛି ତାଙ୍କୁ? ତା' ଆଖି ବନ୍ଦହେବା ପୂର୍ବରୁ ଅନ୍ଧାର ଭିତରେ ସେ  ଦେଖିପାରୁଥିଲା ସୌମେନ୍ଦ୍ରର ଦପ୍ ଦପ୍ ହୋଇ ଜଳୁଥିବା ଆଖି ଦୁଇଟା ଆଉ ଡ୍ରାଇଭରର ହାତରେ ଥିବା ଲୁହା ରଡ୍ ଖଣ୍ଡେ । ଆଶ୍ଚର୍ଯ୍ୟରେ ବିସ୍ଫାରିତ

ହୋଇଗଲା ତା'ର ଆଖି।ଇଏ କ'ଣ ଦେଖୁଛି ସେ ! ସୌମେନ୍ଦ୍ର ତା'କୁ ଆଉ ଆସ୍ଥାକୁ ନିଃଶେଷ କରି ଦେବାକୁ ଚାହାଁନ୍ତି ?

ସେଇଥିପାଇଁ ଏମିତି ଚକ୍ରାନ୍ତ କରିଛନ୍ତି? ଆଃ, ସେ ଭାବି ପାରୁନଥିଲା, ଯେଉଁ ହାତ ବିଗତ ପାଞ୍ଚଛଅ ବର୍ଷଧରି ତା'ର ଦେହକୁ ଏତେ ସ୍ନେହ ଏତେ ଆଦର କରି ଆସିଛି, ଆଜି ସେଇ ହାତ ଲୁହାରଡରେ ତା'ର ଜୀବନ ନେବାକୁ ବସିଛି? କ'ଣ କଲେ ସୌମେନ୍ଦ୍ର? ଦିନେ ନିଜ ଜୀବନ ଠାରୁ ସ୍ୱସ୍ତିକାକୁ ଅଧିକ ଭଲ ପାଉଥିବା କଥା କହୁଥିବା ସୌମେନ୍ଦ୍ର ଆଜି ଏତେ ନୃଶଂସ ହୋଇପାରିଲେ ? ତାଙ୍କରିପାଇଁ ସ୍ୱସ୍ତିକା ନିଜର ଘର ସଂସାର, ସ୍ୱାମୀ ସବୁ ତ୍ୟାଗକରି ଚାଲି ଆସିଥିଲା ଦିନେ, ଆଜି ସେ ଏଇ ପ୍ରତିଦାନ ଦେଲେ ତା' ପ୍ରେମର ? ଦିନେ ନିଜକୁ ଶିଖର ରେ ଦେଖିବାର ଲାଳସାରେ ଅନ୍ଧହୋଇ ସେ ଯେଉଁ ଭୁଲ୍ କରିଥିଲା ଇଏ କ'ଣ ସେଇ ଭୁଲର ପରିଣାମ? ଆଉ ଭାବି ପାରୁ ନଥିଲା ସ୍ୱସ୍ତିକା, ଅତ୍ୟଧିକ ରକ୍ତସ୍ରାବ ହେତୁ ତା'ର ଆଖି ବୁଜି ହୋଇ ଯାଉଥିଲା, ସେ ଅଚେତ୍ ହୋଇ ଟଳିପଡିଲା ସେଇଠି। ଶିଖର ଗାମିନୀ ନୀରବ ନିସ୍ପନ୍ଦ ହୋଇ ଲେଟୁଥିଲା ନିର୍ଜନ ରାସ୍ତା ଉପରେ। ପ୍ରବଞ୍ଚକ ପ୍ରେମିକ ମୁହଁରେ ଖେଳୁଥିବା ପୈଶାଚିକ ହସ। ସୌମେନ୍ଦ୍ର ଆଉ ତା'ର ଡ୍ରାଇଭର ମିଶି ଘୋଷାରି ଆଣିଲେ ସ୍ୱସ୍ତିକା ଆଉ ଆସ୍ଥା ଙ୍କର ନିଶ୍ଚଳ ଶରୀର ଦୁଇଟି। ରାସ୍ତା ଉପରେ ଶୁଆଇଦେଇ ଡ୍ରାଇଭରକୁ ଆଦେଶଦେଲା ସୌମେନ୍ଦ୍ର, "ଗାଡି ଚକା ଚଢେଇ ନିଶ୍ଚିହ୍ନ କରି ଦେ ସେମାନଙ୍କୁ, ମୁଣ୍ଡ ଖରାପ କରି ଦେଲାଣି ବାହାଘର ବାହାଘର କହି, ଏବେ ସ୍ୱର୍ଗରେ ରହି ସାମାଜିକ ସ୍ୱୀକୃତି ପାଉଥାଉ, ଝିଅର ଭବିଷ୍ୟତ ସୁରକ୍ଷିତ କରୁଥାଉ, ଶା...ଏତେ ଦିନଧରି ଖାଇ ପିଇ ଅଏସ କରୁଥିଲା, ସେତିକି ଯଥେଷ୍ଟ ହେଉନଥିଲା, ଅଧିକାର ମାଗୁଥିଲା, ନେ' ଭଲକରି ନେ' ଏବେ ଅଧିକାର"।

ଦୁଇ ଚାରି ଥର ସେମାନଙ୍କ ଉପରେ ଗାଡି ଚଢେଇ ଦେଇ ପଛକୁ ଚାହିଁଲା ଡ୍ରାଇଭର୍, ଦୁଇଟି ମାଂସପିଣ୍ଡୁଳା ଭଳି ଦିଶୁଥିଲା ସେମାନଙ୍କ ଶରୀର। ହାତ ଝାଡି ଦେଇଆସି ଗାଡି ବସିଲା ସୌମେନ୍ଦ୍ର, ଗାଡି ଫେରିଲା ବିପରୀତ ଦିଗରେ। ରକ୍ତ ଜୁଡୁବୁଡୁ ଦୁଇଟି ନିଶ୍ଚଳ ଶରୀର ସେମିତି ପଡି ରହିଥିଲା ଅପନ୍ତରାରେ, ନୀରବି ଯାଇଥିଲା ଶିଖର ଗାମିନୀ, ଆଉ ତା'ର ଉଚ୍ଚାଭିଳାଷର ଅଗ୍ନି ଶିଖାରେ ଭସ୍ମହୋଇ ଯାଇଥିଲା ନିଷ୍ପାପ କଳିକା ଆସ୍ଥା।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ

# ମୋ ସରଗ ଚନ୍ଦ ଆସୁଛି



ସଂଯୁକ୍ତା ମହାପାତ୍ର

କହିଦେ ଧନରେ କେବେତୁ ଆସିବୁ
ବିଛାଇ ବସିଛି ଆଖି
ଚାହିଁ ରହିଛି ମୁଁ ଚାତକର ପରି
ଖୁସି ହେବି ତୋତେ ଦେଖି ।

ତୁ ଆସିଗଲେ ଘର ଉଛୁଳିବ
ତୋର କୁଆଁ କୁଆଁ ସୁରେ,
ଖାଲି ଘରେ ମୋର ଖୁସି ଭରିଯିବ
ପାଇଲେ ତୋତେ ମୁଁ କୋଳେ ।

ପଲ୍ଲବି ଉଠିବ ଶୁଷ୍କ ଜୀବନ ମୋ
ଦେଖି ତୋ ଲାବଣ୍ୟ ରୂପ
ଜୀବନର ସବୁ ସୁଖ ମିଳିଯିବ
ଯେବେ ପୁଅ ମୋ ହୋଇବ ବାପ ।

ଆଜି ଲାଗୁଅଛି ଏଇ ଜୀବନର
ତୋ ସାଥେ ସବୁ ମୋ ସୁଖ,
ତୁ ଆସିଗଲେ ସବୁ ମିଳିଯିବ
ଭୁଲି ଯିବି ସବୁ ଦୁଃଖ ।

ତୋହରି ହସରେ, ତୋହରି କାନ୍ଦରେ
ଦେଖିବି ବିତିଲା ଦିନ,
ଟୁକୁ ଟୁକୁ ତୋର ହସ ଦେଖି ଧନ
ଭରିଯିବ ମୋର ମନ ।

ମାର୍ଫତ-ବିନୟ ମହାପାତ୍ର
ପଟିଆ, ଭୁବନେଶ୍ୱର

# ଅଭିଶପ୍ତ ପିତୃତ୍ୱ



ବିନୟ ମହାପାତ୍ର

ଭାବିଥିଲି
ଦୁନିଆରେ ସ୍ନେହ, ପ୍ରେମ ଆଉ
ଟିକିଏ ମମତା ଟିକିଏ ଦାୟିତ୍ୱବୋଧ
ଆଉ ଟିକିଏ ସମ୍ମାନ
ସବୁ ସମ୍ପତ୍ତିଠାରୁ ସତେ କେତେ ମୂଲ୍ୟବାନ,
ଉଧାରରେ ଦିଏ ନାହିଁ କେହି
କିଣିବାକୁ ମିଳେନାହିଁ କାହିଁ
ଢାଳିଦେଲେ କୁବେରର ଯେତେସବୁ ଧନ ।
କିନ୍ତୁ ଏବେ ମନରେ ଭାବୁଛି,
ମୁଁ ସତେ କେତେ ଭୁଲ ବୁଝିଥିଲି
ସ୍ୱାର୍ଥପର ଦୁନିଆରେ
କେତେ ନିର୍ବୋଧ ମହାମୂର୍ଖ ଥିଲି,
ମାଆ ଲକ୍ଷ୍ମୀଙ୍କ ଶକ୍ତିକୁ
ସତେ କେତେ କମ ଭାବିଥିଲି ?
ଧନର ମର୍ଯ୍ୟାଦା ଏବେ ଟିକିନିଖି ବୁଝିହୁଏ,
ଯେବେ କାମରୁ ଅବସର ମିଳିଯାଏ,
ସନ୍ତାନ ପଛରେ
ବ୍ୟାଙ୍କଖାତା ଖାଲି ହୋଇଯାଏ,
ପେନସନ ମିଳେନା ଅବା
ସରକାରୀ ବାର୍ଦ୍ଧକ୍ୟଭତ୍ତା ପାଇଁ
ସାଧାରଣ ଜନତାର ଯୋଗ୍ୟତା ନଥାଏ ।
ଗୋଟିଏ ଟଙ୍କାପାଇଁ
ଗୋଡଭାଙ୍ଗି ଯେବେ ହାତ ପାତିଦିଏ
ପୁଅବୋହୁଙ୍କର ଆଗରେ,

ସେତେବେଳେ,
ନା' ସନ୍ତାନର ସ୍ନେହ ମିଳେ,
ନା' ପ୍ରେମ ନା' ସମ୍ମାନ
ନିଜକୁ ଦୁନିଆର ବଡବୋଝ ପରି ଲାଗେ ।
ମନରେ ବହୁତ ଭରସା ଥିଲା
ବୟସ ଗଳିଗଲା ପରେ
ବାର୍ଦ୍ଧକ୍ୟରେ ଖସିପଡିବା ପୂର୍ବରୁ
ପିଲାମାନେ ହାତ ଧରିନେବେ ।
ହେଲେ, ବୁଢା ବାପା ମାଆ
ଆଜି ବୋଝପରି ଲାଗେ
ମାଆ କଥା ପାଗଳ ପ୍ରଳାପ ସତେ
ପତ୍ନୀର କଥାରେ କେବଳ ବିଶ୍ୱାସ ଜାଗେ ।
ତୁଟିଯାଏ ମନର ବିଶ୍ୱାସ
ମାଆର ମମତା ବାପାର କର୍ତ୍ତବ୍ୟ
ଯେତେ ସବୁ ସ୍ନେହ ବୃଥା ହୋଇଯାଏ
ଜୀବନର ଯେତେ ସବୁ ପୂଣ୍ୟ,
ଆଜି ସତେ ପାପପରି ଲାଗେ ।
ମନେ ବଡ ଅବଶୋଷ ହୁଏ,
ସନ୍ତାନର ନିଷ୍ପାପ ହସରେ
ତାର ଠୁକୁଠୁକୁ ଗଳି ଆଉ
ତାର ଅବୁଝା ଦେଢ଼େଟି କଥାରେ
ପୁତ୍ର କନ୍ୟାଙ୍କ ମାୟାରେ
ସେମାନଙ୍କ ଅବୋଧ ମୋହରେ
ବାର୍ଦ୍ଧକ୍ୟକୁ ଭୁଲିଯିବା
ସତରେ କେତେ ନିର୍ବୋଧତା ଥିଲା !
ନିଜ ଭୋକ ଭୁଲି ସନ୍ତାନର ପେଟଭରିଦେବା
ସତରେ କଣ, ଏତେବଡ ପାପ ହୋଇଗଲା ?

କଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର

# ଗୋଟି



ମୀନାକ୍ଷି ପାଢୀ

ବିପଣୀ ହାଟରେ ବସେ ମଣିଷ ସଉଦା,
ଭାରୀ ମହରଗ ମଣିଷ
କନ୍ତୁ ଏ'ଠି ବେଶି ଶସ୍ତା...।
କୈଶୋରର ଚପଳତା ହଜିଯାଏ
ଦାଦନ ଭୂଇଁରେ,
ମଣିଷ ବିକେ ମଣିଷ ଟଙ୍କା କେଇଟାରେ!
ରାତି ଅଧିଆ ଗ୍ଲାଣ ହୁଏ ନାବାଳକା,
କାମ ଖୋଜିବା ଆଶାରେ
ହୋଇଯାଏ ତା'ର ସ୍ୱପ୍ନ ବିକା....
ଅନ୍ଧ ଗଳିର ଦଲାଲ
ହୁଏ ମାଲାମାଲ୍,
ସ୍ୱପ୍ନ ସବୁ ହଜିଯାଏ
ଗରାଖର ଉଷୁମ ଶେଯରେ
ରାତ୍ରିର ନୀରବ ପ୍ରହରେ।
କୋମଳ ଆଘାତେ ଫାଟେ ପାଷାଣ ଶରୀର,
ଲୋତକ ନୁହେଁ ଆଖିରୁ ଝରଇ ରୁଧିର,
ସେ ଶୋଣିତେ ଲେଖା କେତେ
ଅସ୍ପଷ୍ଟ କାହାଣୀ,
ରାତି ତାର ଅଭିଶାପ ଦିନ ମରୁଭୂମି,
ପାଷାଣୀ କନ୍ୟା ସେ
ତା'ର କରୁଣ କାହାଣୀ...।
ମା' ପଣତ ପାଏ ନାହିଁ ଧୂଳ ପୋଛିବାକୁ
ଅସହାୟ ଶୈଶବର
ସାକ୍ଷୀ ରହିବାକୁ...
ପ୍ରଜାପତି ଧରୁଥିବା କଅଁଳ ହାତରେ,
ଉଚ୍ଛିଷ୍ଟ କରଇ ସଫା ଗଳ, ମହଲରେ...
ମାଟିର ମଣିଷ ଛୁଆ
ମାଟି ଦେହେ ବୋଳେ...।
କର୍ତ୍ତବ୍ୟର ବୋଝ ତଳେ କଅଁଳ ଶରୀର,
ଲୋତକ ଦିଅଇ ଧୋଇ
ସବୁ ସ୍ୱପ୍ନ ତା'ର...
ସ୍ୱପ୍ନ ଫୁଲବନେ ନାହିଁ ଘୁରି ବୁଲିବାକୁ,
ବାସ୍ତବତା ଦିଏ ଜୀବନକୁ ଚହ୍ନିବାକୁ...!
ଜୀବନର ପରିଭାଷା ସହଜ ନୁହଁଇ,
ସୁଖ ସମାନ ନୁହଁଇ ସଭିଙ୍କର ପାଇଁ..।

ଶିକ୍ଷୟିତ୍ରୀ, ଚକଟୀ
ପେଣ୍ଠ, ଗଞ୍ଜାମ

# ମୋ ମାଆ



ଅନ୍ନପୂର୍ଣ୍ଣା ଦାସ

ସେଦିନ ଶାଶୁ ଘରେ  ପରିବା କାଟିବା ବେଳେ ଅଜାଣତରେ ମୋ ଆଙ୍ଗୁଠି ଟିକେ କଟିଗଲା, ଆହଃ କରି ମୁଁ ପାଟି କଲି।ପାଟି ଶୁଣି ଶାଶୁମା' ଧାଇଁ ଆସିଲେ ।

ଆରେ ହାତ କଟିଗଲା!! ଆଣେ ପରିବା ମୁଁ କାଟି ଦଉଛି  । ଶାଶୁ ମାଆ ପରିବା କାଟୁ କାଟୁ କହିଲେ "ପରିବା ଟିକେ କାଟିଲା ବେଳକୁ ତୋ ହାତ ତ କଟି ଯାଉଛି, ତୋ ମାଆ ତତେ ଶିଖେଇଛି କଣ"??

ମୁଁ ଟିକଏ ଅଟକ ଗଲି ଆଉ ଭାବିଲି, ସତରେ ମାଆ ମତେ ଶିଖେଇଚ କଣ? ମତେ ସବୁ ଶିଖେଇବାକୁ ତାକୁ ସମୟ କୋଉଠି ଥିଲା କ? ସେ ତ ଅନବରତ ଦିପଟିଏ ଭଳ ଜଳୁଥିଲା।

ପ୍ରତିଦିନ ସକାଳୁ ସୂର୍ଯ୍ୟଦେବତାଙ୍କ ସହ ପ୍ରତିଯୋଗିତା କରିବା ତାର ଅଭ୍ୟାସ ଥିଲା । ସୂର୍ଯ୍ୟ ଉଠିବା ଆଗରୁ ବାସି ପାଇଟି ସାରି ସୂର୍ଯ୍ୟ ଆସିଲା ବେଳକୁ ପାଣି ଢାଳେ ଧରି ଟେକ ଦେଉଥିଲା ତାଙ୍କୁ। ମତେ ଲାଗେ ମୋ ମାଆ ହାତର ପାଣିରେ ସୂର୍ଯ୍ୟ ସବୁଦିନ ମୁହଁ ଧୁଅନ୍ତି।  ଚୁଲିର ଘଷି ଧୂଆଁ ଭିତରେ  ଧନ୍ଦିହେଇ ଆମକୁ ହସିହସି ପରସି ଦେବା ମୁଁ ଦେଖିଛି।  ମୁଠି ଗୁଉଳ ଜମା କରି ବାପାଙ୍କ ଅସୁବିଧା ସମୟରେ ସାହା ହେଇଛି। ଲୁଗାର ପାଖେ କାନ ଚରିଗଲା ବେଳେ ଆର ପାଖକୁ ପିନ୍ଧି ଚରି ଯାଇଥିବା ପାଖକୁ ସିଁ ଦେଇ ସେଥିରେ ଆମ ପାଇଁ ସପନ ସାଉଁଟିଛି। ଆମକୁ ପେଟ ଭର୍ତ୍ତି ଖୁଆଇ ନିଜକୁ ଭୋକ ନାହିଁ ବୋଲି କେତେ ସୁନ୍ଦର ମିଛ କହି ପାରିଛି।

ବାବା କୁହନ୍ତି, ତୋ ମାଆଟା" ଅ", "ଆ" ଫେଲ ।

ସିଏ ହସିଦିଏ, ଏକଥା ରେ ମାନ ନକରି ଆମକୁ ସ୍କୁଲ ପଠେଇଛି। ବାବା ସାଙ୍ଗରେ କାନ୍ଧରେ କାନ୍ଧ ମିଳାଇ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିକ ତୋଳଛି।

ଏତେସବୁ ଭିତରେ ମତେ ଖାଲି ନଆସ୍ ସବୁ ଶିଖେଇ ଥାନ୍ତା କେତେବେଳେ?? ଗୋଟିଏ ନିମ୍ନ ମଧ୍ୟ ବିତ୍ତ ପରିବାରର ଝିଅକୁ କଛି ଶିଖେଇ ବାକୁ ପଡେନ, ସେ ଆପେ ଶିଖିଯାଏ ସବୁ ତା ମାଆକୁ ଦେଖି ଦେଖି।

ଏ ମୋ ଅନୁଭବ ଓ ଅନୁଭୂତି ପ୍ରତ୍ୟେକ ମାଆ ମାନଙ୍କୁ ସମର୍ପିତ।

ଜଗନ୍ନାଥପୁର, କାମାକ୍ଷାନଗର, ଢେଙ୍କାନାଳ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ତୃପ୍ତି



ବିଦ୍ୟାଧର ମିଶ୍ର

ଏ କଥା ଜଣା ନାହିଁ କାହାର
ସୁଖ ସହି ପାରେନ
ସୁନ୍ଦର ନୀଳ ଆକାଶରେ
କଳା ମେଘର ଛାଇ
ହସ ଖୁସିଆ ଜୀବନରେ
ଦୁଃଖର ଘନଘଟା
ଧଳା କାଗଜରେ
କାଳର ଛିଟା (ଦାଗ)
ଜୀବନର ଶେଷ ପାହାଚରେ
ନରାଶା ଲଂଫ ଦାନ
ଭରସାର ଆଶା ବାଡି
ଭାଙ୍ଗିଯିବାର ଦୃଶ୍ୟ
ହସ କଲ୍ଲୋଳରେ
ଆର୍ତ୍ତ ଚତ୍କାର
ତାକୁ ମନୋରମ ଲାଗେ
ସେଇଥିପାଇଁ କାହା ଜୀବନ
ପରିତୃପ୍ତ ନୁହେଁ

ଯାଜପୁର ଟାଉନ

# ପ୍ରିୟତମା!



ଉମାକାନ୍ତ ଗୌଡ

ପ୍ରିୟତମା !
ଭୁଲି ପାରୁନାହିଁ ମୋ ଛାତିର ବ୍ୟଥା
ପରାହତ ସୈନିକର ମନନେଇ
ଲୁହ ଓ କୋହରେ ମୁଁ ପଢୁଛି କବିତା
ବର୍ଷ-ମାସ-ଦିନ-ଦଣ୍ଡ
ମନେପଡେ ତୁମର ସେ କଥା ।

ପ୍ରିୟତମା !
ସତେ କଣ ସତ ହେବ ସପନ ଆମର,
ସବୁ ସାନ୍ନିଧ୍ୟକୁ ଏକାକାର କରି
ଗଢିଦେବି ତୁମର ସେ ଝାଟିମାଟି ଘର!
ଯେଉଁଠି ନଥିବ ଦୁଃଖ-ଶୋକ-କ୍ଲେଶ,
ହୋଇ ଏକାକାର
ଖାଲି ଯାହା ବାଣ୍ଟୁଥିବା ଆୟୁଷ ଆମର ।
ପ୍ରିୟତମା !
ସମୟର ଅଦେଖା ହାତରେ
ବିତାଇଛି ଅନେକ ଫଗୁଣ
ମଥାରେ ଓଢଣା ଦେଇ
କେବେ ତୁମେ ଜାଳଦେବ ଦୀପାଳଟେ
ମୋ ଚଉରା ମୂଳେ
ବୁଢୀ ଠାକୁରାଣୀ ପାଖେ ରଖିଛି ଗୁହାରୀ
ମନାସିଛି ଭୋଗ ।

ପ୍ରିୟତମା !
କୁନ ଛେଳଛୁଆଟେ ପରି ତୁମେ ଖେଳୁଥିବ
ସୁନାର ହରିଣୀ ପାଇଁ ଯିଦ୍ ଧରୁଥିବ
ନଈର ହାଟରେ ପବନ ପଠାଇଥିବା
ଚଠିଟାକୁ ବାରମ୍ବାର ପଢୁଥିବ
ପ୍ରଜାପତି ଧରିବାର ବାହାନାରେ
ବାଡିପଟ ଆମ୍ବ ତୋଟାରେ
ଲୁଚଛପି ମୋତେ ଦେଖୁଥିବ ।

ପ୍ରିୟତମା !
ତମ ରୁଣଝୁଣ ଚୁଡିର ଶବ୍ଦରେ
ନିଦ ମୋର ଭାଙ୍ଗିଯିବ
କୃତ୍ରିମ ରାଗର ଭାଷା
ସହଜରେ ତୁମେ ବୁଝିଯିବ ।
ଖଟେଇ ହେବାପରି ଜିଭଟା ଦେଖେଇ
ଗଳିଯିବା ବେଳେ
ତୁମ ହାତ ପାପୁଲିଟା ମୋ ପାଖରେ ଥିବ ।

ପ୍ରିୟତମା !
କାକରଭିଜା ଗୋଲାପ କଢିପରି
ତୁମ ଓଠ ଭିଜି ଯାଇଥିବ
ମୋ ଅସଜଡା ବାଳକୁ ସଜାଡୁ ସଜାଡୁ
ଚୁମାଟେ ଆଙ୍କିବା ପାଇଁ ଅଳ କରୁଥିବ
ଶବ୍ଦହୀନ ଲାଜବୋଳା ହସଧାରେ
ମୋ ଉପରେ ଢାଳ ହୋଇଯିବ ।

ପ୍ରିୟତମା !
ଗୋଧୂଳର ପରେପରେ ଆସନ୍ନ ସନ୍ଧ୍ୟାରେ
ଓଢଣା ଫାଙ୍କରେ ଜହ୍ନ ଉଇଁଥିବ
ମୋ ହାତେ ବନ୍ଧାହୋଇ
ତମ ଗାଲେ ମୋ ଓଠ ଚହ୍ନ ଥିବ ।
ଓଦା ଶାଢୀରେ ମୁହଁ ପୋଛୁପୋଛୁ
ଦୁଷ୍ଟ ବୋଲି ଅପଷ୍ଟ କହିବ ।

ପ୍ରିୟତମା !
ପରିଷ୍କାର ଦିଶୁଥିବ ତୁମ ମୁହଁ
ରାତିର ଘନ ଅନ୍ଧାରରେ ବିନା ଆଲୁଅରେ
ପରସ୍ପରକୁ ଆଲିଙ୍ଗନୁଥିବା
ନିବିଡ ଆଶ୍ଲେଷରେ
ବରଫ ପରି ତରଳ ଯାଉଥିବ ପଥର ଖଣ୍ଡ
ଅନଚ୍ଛାକୃତ ସଂଯମତାରେ ।

ପ୍ରିୟତମା !
ମନ କହେ ସେଦିନଟା ନିଶ୍ଚୟ ଆସିବ
ତମ ଦେହର ମିଠାମିଠା ବାସ୍ନା
ମୋତେ ଅଧୀର କରିବ
ଦାନକ୍ଷେତେ ପଙ୍ଗପାଳ ପରି
ଗୋଟାଏ ଲମ୍ଫରେ କୁଳ ଲଙ୍ଘିଯିବ
ସ୍ୱାକ୍ଷରିତ ହେବ ପୌରୁଷର ଚୁକ୍ତି
ଅଭୁଲା ହୋଇବ ଆମ ପୂର୍ଣ୍ଣଗର୍ଭା ସ୍ମୃତି ।

ଓ.ଡବ୍ଲୁ.ପି.ଓ କଲୋନୀ, ୟୁନଟ୍-୮, ଭୁବନେଶ୍ୱର

# ଜୀବନ ର ପଥେ; ସ୍ୱପ୍ନ ର ସାଥେ -୧



ନନ୍ଦିନୀ

ପାହାନ୍ତିଆ ସମୟ, ସାମାନ୍ୟ ରାତି ଥାଏ। କହିବାକୁ ଗଲେ ଭୋର ବେଳା। ହଠାତ୍ ନିଦ ଭାଙ୍ଗିଗଲା। ବିଛଣା ରେ ଚେଇଁ ଶୋଇ ରହିଲା ତେଜସ୍ୱୀନ । ସେଦିନ ତାକୁ ସତର ପୁରି ଅଠର ହୋଇଛି। ଜନ୍ମଦିନ ତାର । ଆଜି ନାବାଳକା ରୁ ସାବାଳକା ହୋଇଛି। କେତେ ଯେ ଦାୟିତ୍ୱ ଆସି ପୁଣି ଅଜାଡ଼ି ହୋଇପଡିବ ତା ମୁଣ୍ଡ ଉପରେ। ସତେ ଯେମିତି ବୋଝ ଉପରେ ନଳିତା ବିଡା। ଜନ୍ମଦିନ ର ଶୁଭ ମହୁରତ ରେ ଖୁସି ମନେଇ କଏ ସିନା ଖେଳ, ମଜା, ମସ୍ତି କରନ୍ତି। ମାତ୍ର ତେଜସ୍ୱୀନ ସେମିତି ବିଛଣାରେ ଶୋଇ ରହିଥାଏ। ମନରେ ଉଙ୍କି ମାରୁଛି ଅସୁମାରୀ ପ୍ରଶ୍ନ, ମନରେ ଅସଂଖ୍ୟ ବେଦନା, ଜୀବନ ରେ ଯାତନା, ଛଳଛଳ ଆଖିରେ ଲୁହ ଜକେଇ ଆସିଥାଏ, ଓଠ ଶୁଖିଲା। କୋହପୂର୍ଣ୍ଣ ହୃଦୟ। ତକିଆ କୁ ଜାବୁଡ଼ି ଧରି କେଜାଣି କେତେ କଣ ଭାବୁଥାଏ। ମନେ ପଡିଗଲା ତାର ଅତୀତ। ପୁଣି ଭାବୁଥିଲା ତାର ବର୍ତ୍ତମାନ ର ପରିସ୍ଥିତିକୁ। ସବୁବେଳେ ଖାଲି ଦୁଃଖ, କଷ୍ଟ, ଯାତନା, ନିର୍ଯାତନା। ଲାଗୁଥିଲା ସତେ ଯେମତି ଝିଅ ଜୀବନ ଟା ଗୋଟେ ଅଭିଶାପ। ଅଠର ବର୍ଷ ହେଲାଣି ଯାହା ଚାଲିଛି ଏତିକିରେ ଶେଷ ହେବ ନା ଆଗକୁ ଆଉ ଅଛି ସେକଥା କଏ କହିବ। କହିବା ଓ କରିବା ବାଲା ତ ସମୟ।

ଅଠର ବର୍ଷ ତଳେ ଗୋଟେ ସୂର୍ଯ୍ୟ ଉଇଁ ଥିଲା। ସେଦିନ ଥିଲା ବର୍ଷର ପ୍ରଥମ ଏକାଦଶୀ। ବରୁଥିନୀ ଏକାଦଶୀ। ଜନ୍ମ ଗ୍ରହଣ କରିଥିଲା ଝିଅଟେ। ସେ ଥିଲା ବାପାମାଆ ଙ୍କ ଦ୍ୱିତୀୟ ସନ୍ତାନ। ପ୍ରଥମ ସନ୍ତାନ ଜନ୍ମ ସମୟରେ ମୃତ୍ୟୁ ଘଟିଛି। ସେଇ କାରଣରୁ ପିତା ଏ ସନ୍ତାନକୁ ପ୍ରଭୁ ଶ୍ରୀ ସୂର୍ଯ୍ୟ ନାରାୟଣ ଙ୍କୁ ଦାନ କରିଦେଲେ। ତା ପରେ ଝିଅକୁ ସୂର୍ଯ୍ୟ କନ୍ୟା ଭାବି କୋଳକୁ ନେଲେ। ମାତ୍ର ଏଇ କଥାକୁ ନିଜ ଭିତରେ ରଖିଲେ। କଟକ ରେ ଜନ୍ମ ଗ୍ରହଣ କରିଥିଲା ବୋଲି ମାଆ ତାକୁ କଟକ ର ମାତା କଟକ ଚଣ୍ଡୀ ଙ୍କ ଆଶୀର୍ବାଦ ଭାବି ଗ୍ରହଣ କଲେ। ହେଲେ କଣ ହେବ। ସେ ତ ଝିଅ ନା। ତା ପାଇଁ କଏ କରିବ ସବୁକିଛି

ଯାହା ଗୋଟେ ପୁଅ ପାଇଁ ହୁଏ। । ହେଇ ହେଇ ଖାଲି ବାର ଯାଏ। ନା ଅଛି ଶଙ୍ଖ ହୁଳହୁଳି ନା ବନ୍ଦାପନା। ନା ଏକୋଇଶି ପୂଜା ନା ବାର୍ଷିକ ଉତ୍ସବ । ବାପାମାଆ ଙ୍କ ପାଖରେ ପଇସା ବି ନଥାଏ ଝିଅ ପାଇଁ କିଛି କରିବାକୁ। ମନ ର ଆଶା କୁ ମନରେ ମାରି ଚୁପ୍ ରୁହନ୍ତି । ସେମାନେ ତ ଝିଅକୁ ଟିକେ ଖାଇବାକୁ ଦବା ପାଇଁ ନିଜ ପେଟକୁ ମାରି ଉପାସ ଭୋକରେ ରୁହନ୍ତି। ପୂଜା ମେଳା ପାଇଁ କ୍ଷମତା ବା କାହିଁ। ସେଥିରେ ଝିଅ କୁ ଆଜି ସର୍ଦ୍ଦି ତ କାଲି ଜ୍ୱର । ବିଚାରି ଛୁଆ ଟା ପୁଷ୍ଟି ତତ୍ତ୍ୱ ର ଅଭାବ ରେ ରୋଗ ପ୍ରତିରୋଧକ ଶକ୍ତି ନ ପାଇ ଦୁର୍ବଳ ଓ ରୋଗଣା ହୋଇ ପଡ଼ିଥାଏ।

ଝିଅ ଜନ୍ମ ପରେ ବାପାଙ୍କୁ ତାର ଦରମା ମିଳିବା ଆରମ୍ଭ ହେଲା। ବାପା ଥିଲେ ବେସରକାରୀ ସ୍କୁଲ୍ ର ଶିକ୍ଷକ। ଉଚ୍ଚ ଶିକ୍ଷା ଗତ ଯୋଗ୍ୟତା ହେତୁ ପ୍ରାପ୍ୟ ମିଳିବା ପରେ ବାପା ଝିଅ କୁ ଅଧିକ ଭଲ ପାଉଥିଲେ। ବାପାମାଆ ଙ୍କ ପରେ ଝିଅ କୁ ଆଉ ଯଦି କେହି ବେଶୀ ଭଲପାଉଥିଲେ ସେ ହେଉଛନ୍ତି ଜେଜେ।

ଜେଜେ ନାତୁଣୀ ଙ୍କ କାହାଣୀ କହିଲେ ନସରେ। ସକାଳ ହେଲେ ଝିଅ ଉଠିଲା ପରେ, ପ୍ରଥମେ ବୋଧ ହୁଏ ଜେଜେଙ୍କ ମୁହଁ ଦେଖିଲେ ଯେମିତି ତାର ଶୁଭ ହୁଏ। ଦୌଡି ଯାଏ ଜେଜେ ଙ୍କ ପାଖକୁ । ଜେଜେ ତାକୁ "ମାନୁ" ଡାକନ୍ତି। ତା ପରେ ଦୁହେଁ ମିଶି ଦାନ୍ତ ସଫା କରନ୍ତି। ମିଶି କରି ସକାଳ ଜଳଖିଆ ଖାଆନ୍ତି। ଛୋଟ ଛୁଆ ସେ, ସାଙ୍ଗରେ ସିନା ଖାଇ ବସେ, ସେ କଣ ବଡ ମାନଙ୍କ ଖାଇବା ଖାଇ ପାରିବ। ସେସବୁ ତା ଖାଇବା ନୁହଁ ନା। ମାଆ ଆସି ପୁଣି ଖୁଆଇ ଦିଅନ୍ତି ଚୁଡ଼ା ଗୁଣ୍ଡ କ ଛତୁଆ ଟିକେ। ସେ ବି ବିନା ଚିନି ରେ। ମାଆ ଙ୍କ ସହ ପାଣିରେ ଖେଳ ଖେଳ ଗାଧୋଇବା ଭାରି ପସନ୍ଦ କରେ। ମାତ୍ର ବର୍ଷିକିଆ ଛୁଆ କୁ ପାଣି ରେ ଖେଳିବାକୁ କିଏ ବା ଦବ। ବିଚାରି ମନ ଦୁଃଖ କରେ। ପୁଣି ସବୁକିଛି ଭୁଲି ଯାଏ। ମାଆ ରୋଷେଇ କରନ୍ତି। ଝିଅ ସେଇ ଚୁଲି ପାଖେ ବସି ଖେଳେ।

ଖିଆବେଳେ ବାପାମାଆ ବୁଲେଇ ବୁଲେଇ ଗପ କହି କେତେ କଷ୍ଟ ରେ ମୁଠାଏ ଖୁଆନ୍ତି। ସତେ ଯେମିତି ଖାଇବା ତାର ଶତ୍ରୁ। ହେଲେ ସମସ୍ତଙ୍କ ସହ ଖାଇଲା ବେଳେ ସାଙ୍ଗ ହୋଇ ବସିବା ତାର ଭାରି ପସନ୍ଦ। ପୁଣି ଆସି ଜେଜେଙ୍କ ସହ ଖାଇ ବସେ। ଜେଜେ ଖାଇଲା ବେଳେ ମାନୁ ମାନୁ କହି ଡାକନ୍ତି। ସତେ ଯେମତି ତାହା ଚୁମ୍ବକ ପରି କାମ କରେ। ସାଙ୍ଗରେ ନଖୁଆଇଲେ ଜେଜେ ବି ଶାନ୍ତି ରେ ଖାଇ ପାରନ୍ତିନି। ଖାଇ ସାରି ଜେଜେ ଙ୍କ ବଖରା ରେ ଖେଳେ ।

କୁନ ହାତରେ କୁନ ପିଢ଼ା ଟେ। ସେ କୁଆଡେ ତାର ପୁଅ। ତାକୁ କୋଳରେ ଧରି କେତେ ଯେ ଖେଳ। ସକାଳେ ସଂଜ ରେ ମାଆ ଠାକୁର ପୂଜା କରିବା ବେଳେ ସେ ବି ପୂଜା କରିବାକୁ ଭାରି ଭଲ ପାଏ। ଆଉ ମାଆ ପୂଜା କରି ପ୍ରଣାମ କଲା ବେଳକୁ ସେ ସବୁ ଭୋଗ ଖାଇଦିଏ। । ପୁଣି ହାତ ଯୋଡ଼ି ବସି ପ୍ରାର୍ଥନା କରେ। ହାତରେ ଧୂପକାଠି ଟେ ଧରି ମାଆ ଙ୍କ ପଛରେ ବୁଲି ବୁଲି ପୂଜା କରେ। ସଂଜ ବେଳେ ମାଆ ଙ୍କ ଠାରୁ ଖାଇବା ଆଣି ସମସ୍ତଙ୍କୁ ଦିଏ। ରାତିରେ କଣ ଟିକେ ଖାଇଦେଇ ଜେଜେ ଙ୍କ ପାଖରେ ଶୋଇ କାହାଣୀ ଶୁଣେ। କାହାଣୀ ଶୁଣିବା ଭିତରେ ନଦ ମାଉସୀ ଆସି କେତେବେଳେ ଯେ ଆଉଁସି ଦେଇ ଯାଏ କେଜାଣି ସେ କଥା ସେ ଜାଣେନା। ମାଆ ତାକୁ ନେଇ ନିଜ ପାଖରେ ଶୁଆନ୍ତି। ପୁଣି ରାତି ଅଧରେ ଉଠି ପଡ଼ି ଖେଳନା ଧରି ମାଆ କୋଳରେ ବସି କଣ କଣ ସବୁ କରେ। ଯେତେବେଳେ ସମଗ୍ର ଜୀବଜଗତ ସୁପ୍ତ ଥାଏ ସେ ଜାଗ୍ରତ ଅବସ୍ଥା ରେ ରହି କିଛି ନା କିଛି କରୁଥାଏ। ସତେ ଯେମିତି ସେ ଏ ଦୁନିଆ କୁ କିଛି ଉଦ୍ଦେଶ୍ୟ ନେଇ ଆସିଛି। ରାତି ର ଶେଷ ପ୍ରହରେ ସେ ପୁଣି ଶୋଇଯାଇ ସକାଳେ ଉଠେ। ଗୋଟେ ଆଶ୍ଚର୍ଯ୍ୟ ର ଉପାଦାନ ଥିଲା ସେ। ନୂତନ ସକାଳ ଆସିଲେ ସେ ପୁଣି ଆରମ୍ଭ କରେ ଏକ ନୂତନ ସମ୍ଭାବନା।

ତା ଛଡା ଘରେ ଥିଲେ ଜେଜେମା ଓ କକା। ସେମାନଙ୍କ ସହ ଜୀବନ ଥିଲା ଟିକେ ଅଲଗା।

......ଅବଶିଷ୍ଟାଂଶ ଭାଗ -୨ ରେ

# ଦିନେ କହିଥିଲ....

ତ୍ରିଲୋଚନ ଦାସ

ଦିନେ କହିଥିଲ ଆସିଲେ ବି ଝଡ
ଛାଡିବନି ମୋର ହାତ
ହେଲେ ନିଜ କଥା ନିଜେ ରଖିଲନି
ତୁମ ପାଇଁ ବଡ ସ୍ୱାର୍ଥ ।୦।
ନିଜ ସୁଖ ପାଇଁ ତୁମେ ଭୁଲିଗଲ
ସମ୍ପର୍କ ଲକ୍ଷ୍ମଣ ରେଖା
ମିଥ୍ୟା ଅପବାଦ ମୋ ମୁଣ୍ଡରେ ବୋଳି
ଦେଲ ସ୍ୱାର୍ଥପର ଆଖ୍ୟା
କେଉଁ ପରିସ୍ଥିତି ହୀନ କରି ମୋତେ
କଲ୍ ଏତେ ଅପଦସ୍ତ
ଦିନେ କହିଥିଲ ଆସିଲେ ବି ଝଡ
ଛାଡିବନି ମୋର ହାତ ।୧।
ବାରମ୍ବାର ଆଜି ନିଜକୁ ପଚାରେ
ଏତେଛୋଟ ଭାଗ୍ୟ ମୋରେ
କଷଟି ପଥରେ ଦେଉଛି ପରୀକ୍ଷା
ଦେଉଥିବି ନିରନ୍ତର
ମନ ବିବେକର ଦୋଛକରେ ଖୋଜେ
ଚାଲିବାକୁ ଦୂର ପଥ
ଦିନେ କହିଥିଲ ଆସିଲେ ବି ଝଡ
ଛାଡିବନି ମୋର ହାତ ।୨।

ଶ୍ରୀବିହାର, ଖୋର୍ଦ୍ଧା

# ମୁଁ କରୋନା ଲଢେଇ ଲଢୁଛି



ସୌଭଗ୍ୟ ଗିରି

ମୁଁ ମୋ ସରକାର କଥା ମାନୁଛି
ତାଲାବନ୍ଦ କୁ ମୁଁ ପାଳୁଛି
ବାହାରେ ଯିବିନି ଶପଥ କରିଛି
ମୋ ଫାଟକରେ ତାଲା ମାରିଛି
ଶପଥ ପାଠକୁ କାଗଜରେ ଲେଖି କବାଟରେ ମାରି ଦେଇଛି
ମୁଁ କରୋନା ଲଢେଇ ଲଢୁଛି.......
ବୟସ୍କଙ୍କ ଧ୍ୟାନ ରଖୁଛି
ଘରଦ୍ୱାର ସଫା କରୁଛି
ହ୍ୟାଣ୍ଡୱାଶ ସାବୁନ୍ ରଖିଛି
ବାରମ୍ବାର ହାତ ଧୋଉଛି
ହାତକୁ ବେଶୀ ମୁଁ ମୁହଁରେ ମାରୁନି ଭରି ଜଗିରଖି ଚଳୁଛି
ମୁଁ କରୋନା ଲଢେଇ ଲଢୁଛି........
ଘରେ ମୁଁ ତାଗିଦା କରିଛି
ଷ୍ଟକ୍ ବେଶୀ ରଖିବନି କହିଛି
ମୁଁ ଭାତଡାଲମା ଖାଲି ରାନ୍ଧୁଛି
ସଉଦା ଜଗିରଖି ଖର୍ଚ୍ଚ କରୁଛି
ଯୋଡିଏ ଅଧିକ ରାନ୍ଧିକ ନେଇକ ବୁଲା ଗାଈ କୁକୁରଙ୍କୁ ଦେଉଛି
ମୁଁ କରୋନା ଲଢେଇ ଲଢୁଛି......
ଟିଭି ନଉଜ୍ ମୁଁ ଦେଖୁଛି
ଗୋଟିଗୋଟି ସବୁ ବୁଝୁଛି

ନଜେ ସଚେତନ ହେଉଛି
ସଚେତନ ବି ମୁଁ କରୁଛି
ଅଳ୍ପ ହେଉ ପଛେ ସଭିଏଁ ଖାଇବା ଏକଥା ମୁଁ ମନେ ରଖୁଛି
ମୁଁ କରୋନା ଲଢେଇ ଲଢୁଛି........
ସାମାଜିକ ଦୂରତା ମୁଁ ରଖୁଛି
ଦୂରେଇ ଦୂରେଇ ରହୁଛି
କେବେ ଘଣ୍ଟଘଣ୍ଟା ପିଟୁଛି
କରୋନା ଯୋଦ୍ଧାଙ୍କୁ ସମ୍ମାନ ଦେଉଛି
କେବେ ଦୀପ ଟିଏ ଜାଳଦେଇ ପୁଣି ଦୂରତା ଭିତରେ ଏକତାର ବାର୍ତ୍ତା ଦେଉଛି
ମୁଁ କରୋନା ଲଢେଇ ଲଢୁଛି.........
କରୋନା ରାଜରାସ୍ତାରେ ବୁଲୁଛି
ଘରେ ପଶିବା ସୁଯୋଗ ଖୋଜୁଛି
ଆମ ସଚେତନତାକୁ ଦେଖୁଛି
ଦି ପାଦ ପଛକୁ ଫେରୁଛି
ବୀର ଯୋଦ୍ଧା ଆମେ ମିଶିକ ଲଢିବା ସେ ନଶ୍ଚିତ ହାରିବ ଜାଣିଛି
ମୁଁ କରୋନା ଲଢେଇ ଲଢୁଛି.........

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ
୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।

# ସୂକ୍ଷ୍ମ ହାସ୍ୟ

# ନାଟକ- ଗଡବଡ



ସୁଧାଂଶୁ ଶେଖର ଦ୍ୱିବେଦୀ

ପାତ୍ର ପରିଚୟ:

୧. ଗୁଜିଆନା – ପୁରୋହିତ; ୨. ବାଇଗଣ -ବାରିକ

୩. ମୂଳା – ପ୍ରେମିକ; ୪. ବିଲତି - ପ୍ରେମିକା

(୧)

ମଞ୍ଚ ଆଲୋକିତ । ଗୁଜିଆନାର ଘର ଦ୍ୱାର ବନ୍ଦ । ସ୍ୱୟଂ ନାସିକାରେ ଶ୍ୱାସ ବାରି ଶୁଭବେଳ ନିର୍ଦ୍ଧାରଣ କରୁଥାଏ । ବାହାରୁ ବାଇଗଣ ବାରିକ କ୍ଷୁରମୁଠି ଧରି ପ୍ରବେଶ କରୁ କରୁ ଛିଙ୍କ ରୋକିବାକୁ ପ୍ରୟାସ କରେ । ପ୍ରୟାସ ଅସଫଳ ହୁଏ । ଖୁବ୍ ଜୋରରେ ଛିଙ୍କିଦିଏ ।

ଗୁଜିଆନା – ହାଃ, ତୋ ଗୋଷ୍ଠିକି କ ବୋଲେ..... । ମୋ ଅନୁକୂଳଟା ବିଗାଡି ଦେଲୁ ।

ବାଇଗଣ – ସେମିତି ଅବାଗିଆ କଥା କହିବନି ଗୋସେଇଁ । ଛିଙ୍କକୁ କଣ ଅଟକେଇ ହୁଏ?

ଗୁଜିଆନା – ଚୁପ୍ ଶ.... ବଦମାସ କୋଉଠିକାର । ଶୁଭ ଅନୁକୂଳରେ ଯିବାପାଇଁ ବାହାରିଥିଲି.... ସାରା ଦିନ ଆଉ କଣ ଯାଇହେବ... । ହଉ, ଏ ଅବେଳରେ କାହିଁ ଆସିଛୁ କହ-?

ବାଇଗଣ – ଚାଁଛିବି...

ଗୁଜିଆନା – ହାଃ, ମୂଳରୁ ମାଇପ ନାହିଁ..... ଏଇ ଦେଖ ମୋର ପରା ସବୁ ଝାଡି ଝୁଡି ହୋଇ ସଫା ।

ବାଇଗଣ – କିନ୍ତୁ ଗୋସେଇଁ, ମୁଁ କାଲି ରାତିରେ ସପନ ଦେଖିଛି ତମ ମୁଣ୍ଡରେ ଘଞ୍ଚ ବାଳ ହେଇଯାଇଛି । ମୁଁ ଖାଲି କଚକଚ କରି କାଟୁଛି, ଚାଁଛୁଚ...ଚାଁଛୁଛି....କାଟୁଛି....) କଇଁଚ ଚଳେଇ ଏକ୍ଟିନ କରେ)

ଗୁଜିଆନା – ଥକ ଯିବୁ ବେ.... ଟିକେ ଥୟ ଧର.... ।

ବାଇଗଣ – ଜମ୍ମା ଥକବିନ ଗୋସେଇଁ। ମୋ ବହୁତ ଏନାର୍ଜୀ ଅଛି। ଖାଲି କଚକଚ କାଟିବି...ଚାଁଛିବି....।

ଗୁଜିଆନା – ହାଃତୋ ଗୋଷ୍ଠିକ କବୋଲେ। ତୁଟା ସପନ ବାଉଳା କବେ। କାହିଁ କୋଉଦିନରୁ ମୋ ମୁଣ୍ଡ ଟଙ୍ଗର୍ ଭୂଇଁ। ତୁ ଆସିଛୁ କଚକଚ କରିବୁ?

ବାଇଗଣ – ଆରେ ହଁ.... ସତେତ ତମ ମୁଣ୍ଡରେ ଜମାରୁ ବାଳ ନାହିଁ ଗୋସେଇଁ। ହଉ ଆସିଛି ଯେତେବେଳେ ଟିକେ ବସିପଡ। ଦାଢି ଚାଁଛିଦିଏ।

ଗୁଜିଆନା – ହେଃ, କାଟିବ ବେ। ତୋର ସେ କୁଣ୍ଠା କ୍ଷୁରରେ ମୁଁ ଚାଁଛିବିନ।

ବାଇଗଣ- ସେମିତି ଅବାଗିଆ କଥା କହିବନ ଗୋସେଇଁ। ପ୍ରତି ସପ୍ତାହରେ ପର୍ କ୍ଷୁର ପଜାଏ। ସାଏଁ ସାଏଁ ଚଳେଇ ସବୁ ବାଳ ଚାଁଛିଦେବି। ଯାହା ହେଲେବି ତମେ ଗୋଟେ ଆମ ଗାଁର ଇଏ....।

ଗୁଜିଆନା – ତାଳସଜ ଦେଖେଇ ମୋତେ ଆଉ ତାଳଗଛକୁ ଚଢାନା ବେ।

ବାଇଗଣ – ଅବାଗିଆ ହୁଅନ ଗୋସେଇଁ। ଶୁଭ କାମରେ ଯିବ ମାନେ ଟିକେ ଭେକ ହେଇଯାଆ। କଥାରେ ପର୍ ଅଛି – ଭେକ ଦେଖି ଭିକ।

ଗୁଜିଆନା – ଓ ହୋଃ – ତୋ ସାଙ୍ଗରେ ପାରିହେବନ। ହଉ ଶୀଘ୍ର ଚାଁଛ। ଆଲେ ବିଲ୍ତି ଟିକେ ଗରମ ପାଣି ଆଣିଲୁ....।

ଅନ୍ତର୍ଲୁ – ନେଉଛି ବାପା..... (ବିଲ୍ତି ଗୋଟେ ଗିନାରେ ଗରମ ପାଣି ଧରି ଆସେ)

ବାଇଗଣ – (ବିଲ୍ତିକୁ ଦେଖି) ଇସ୍......ବାଗ ଦେଖ.....।

ବିଲ୍ତି – ବାପାଲେ..... ଏଇ ଗରମ ପାଣି ନଅ.....

ବାଇଗଣ – ବସିପଡ-ବସିପଡ ଗୋସେଇଁ। ମୁଁ ସାଙ୍ଗେସାଙ୍ଗେ ଚାଁଛି ଦେଉଛି.... (କ୍ଷୁରକୁ ଗୋଟେ ଚମଡା ବେଲ୍ଟରେ ଘସେ)

ଗୁଜିଆନା – କରେ ଏମିତି ଘସୁଛୁ କାହିଁକ? କୁଣ୍ଠା ନ କସ?

ବାଇଗଣ – ତମର ସବୁବେଳେ ସେଇ ଅବାଗିଆ କଥା ଗଲ୍ନ ଗୋସେଇଁ, ତମେ ବସିଲ। ମୁଁ ଚାଁଛିଦିଏ....

ଗୁଜିଆନା – କରେ ଟିକେ ସାବୁନ ଫେଣ ମାରୁନୁ।

ବାଇଗଣ - ଦରକାର ନାହିଁ । ଧାରୁଆ କ୍ଷୁରରେ ସବୁ ଦାଢ଼ି ସାଏଁ ସାଏଁ ହେଇଯିବ । (ଗୁଜିଆନା କୁ କ୍ଷୀଅର କରେ)

ବିଲ୍ତି - ହେଇଟି ବାଇଗଣ ଭଇ, ତୁମର ସରିଲ୍ ନା ନାଇଁ ମ, ମୋର ପର୍ ବିନ୍ଧିଲ୍ଣି ।

ବାଇଗଣ - ଟିକେ ଥୟ ଧରିଯା, ତୋ ବାପାକୁ ଚାଁଛି ସାରେ ଆଗ ।

ଗୁଜିଆନା - ହାଃ ତୋ ଗୋଷ୍ଠି.... ଆ-ହା-ହା- ମାରିଦେଲ୍ରେ (ଗାଲ କଟିଯାଏ)

ବାଇଗଣ - ତୁମେ ତ ମୁଣ୍ଡ ହଲ୍ଣ ହମ କ୍ୟା କରତା ।

ବିଲ୍ତି - ଏଁ....ଏଁ.... ଏଁ (କାନ୍ଦ) ତୁମେ ମୋ ବାପାଙ୍କର କାଟିଦେଲ...

ବାଇଗନ - ମେଁ କ୍ୟା କରତା ସେ ତ ହଲ୍ତା - ହଲ୍ତା-କଟେଯାତା । ଗୋସେଇଁ ଫିଟିକରି ଘସିଦେବି କ.....

ଗୁଜିଆନା - ଘୋଡାଡିମ୍ବ ଘସିବୁ । ଯା-ଭ୍ଗ ଏଠୁ...

ବିଲ୍ତି - ବାପାଲ୍ଲୋ..... ମୋର ପର୍ ବିନ୍ଧୁଛି....

ଗୁଜିଆନା - ତୋର୍ ବିନ୍ଧିଲେ ସେ କସ କରିବ?

ବାଇଗଣ - କଥା କଣକ ଗୋସେଇଁ ତାର ତ ବାଳ କଟାକଟି ବ୍ୟାପାର ନାହିଁ । ମୁଁ ତାକୁ ଆର୍ମ କରେଇ ଦେବି ।

ଗୁଜିଆନା - ଆଉ ବେଶୀ ଆର୍ମ ହନା, ମୋର ତ ଗାଲ ଫାଳେ କାଟି ରକ୍ତ କାଢ଼ିଲୁଣି । ତାକୁ ଆଉକଛି କରିଦେବୁ । ଯା ପଳା ଏଠୁ ।

ବାଇଗଣ - ପଳେଇବି....

ବିଲ୍ତି - ଏଁ....ଏଁ....ଏଁ.... (କାନ୍ଦ)

ଗୁଜିଆନା - ଗ୍ଲେ.....ପ୍.....   (ମଞ୍ଚ ଅନ୍ଧାର)

(୨)

(ମଞ୍ଚ ଆଲୋକତ ହେବାରୁ ମୂଳା ବିଲ୍ତିକୁ ବାହୁ ଫାଶରେ ଭିଡି ଧରିଥାଏ)

ବିଲ୍ତି - ହେତ୍, ତମେ ଭ୍ରି ଇଏ...

ମୂଳା - ମୁଁ ଆଉ କଏ? ମୁଁ ପର୍ ତୋ ମନର ମୂଳା ।

ବିଲ୍ଲତି – ବାପାଙ୍କୁ କହୁନ....

ମୂଳା – କୋଉ କଥା?

ବିଲ୍ଲତି – ଆମ ବାହାଘର କଥା ।

ମୂଳା – ବୁଝିଲୁ ବିଲ୍ଲତି, ତୁଟା ଭରି ଚଞ୍ଚଳଟେ । ଆଲେ ଏଇମିତି କଛିଦିନ ମଜା ମସ୍ତି ହେଇଯାଉ । ଠିକ୍ କ୍ଲାଇମେକ୍ସ ବେଳକୁ ବୁଢା ଜାଣିପାରିବନ! ସେଇବେଳେ ବାଜା ବାଜିବ, ବାଣ ଫୁଟିବ ।

ମୂଳା – କାହିଁ ବେ ତୋ ବୋପା? (ଗୁଜିଆକୁ ଦେଖି) ନା....କଥା କଣକ ମଉସା ମୁଁ ଟିକେ ବିଲ୍ଲତି ପାଖକୁ ଆସିଥିଲି ।

ଗୁଜିଆନା – ତୁ କଏ ବେ?

ମୂଳା – ମୋତେ ଚହ୍ନିପାରୁନ ମଉସା?

ଗୁଜିଆନା – କାହିଁ ତୋ ନାଁ ତ କୋଉ ଇତିହାସରେ ନାହିଁ ।

ମୂଳା – ସେଇଠିତ ଭୁଲ କରିଛ ମଉସା । ମୁଁ ପଦ୍ମ ଆର ସାହି କଳାର ପୁଅ ମୂଳା ।

ଗୁଜିଆନା – ହାଃ, ତୋ ଗୁ...ତୁ କଳା ପୁଅ ମୂଳା?

ମୂଳା – ଖାଲି ସେତିକ ନୁହେଁ, ମୁଁ ଲ୍ଲଲ ମୂଳା । ଗୁଜିଆନା – ମୋ ଘର ଆଡେ...?

ମୂଳା – ଦୁଧ ନେବି । ଘରକୁ କୁଣିଆ ଆସିଛି । ଗ୍ଣ ତିଆରି ହେବ ।

ଗୁଜିଆନା – ମୋର ତ ଗାଇ ଦୋହଳ ନାହିଁ ।

ମୂଳା – ତା ହେଲେ ସେ ବାଇଗଣ ଭାଇଟା ମୋତେ ମିଛ କହିଲା ।

ଗୁଜିଆନା – ହାଃ ତା ଗୋଷ୍ଠିକ ବୋଲେ । ଏଇ ଦେଖୁନ ମୋତେ କେମିତି ଗୁଞ୍ଜିକ ଖଣ୍ଡିଆ କରିଦେଇଛି ।

ମୂଳା – ଆ-ହା-ବା- ବଡ କାଟୁଥିବ.... ।

ଗୁଜିଆନା – ଆଁ କରି ହେଉନରେ....

ବିଲ୍ଲତି – ବାପାଲେ....

ଗୁଜିଆନା – କଣ କହୁଛୁ.....

ବିଲ୍ଲତି – ତମର ଆଜି ବାହାରେ କାମ ନାହିଁକି**?**

ଗୁଜିଆନା – ନା**....**

ମୂଳା – ବଡ ହଇରାଣ ହେଲୁ ମଣିଷ ।

ବିଲ୍ଲତି – ହେଇଟି ମୂଳା ଗ୍ଲ ଆମେ ଦୁହେଁ ଆମ୍ବତୋଟାରେ ବୁଲିବା । **(**ହାତ ଧରାଧରି ହୋଇ ଯିବାକୁ ଉଦ୍ୟତ**)**

ଗୁଜିଆନା – ହାଃ ତୋ ଗୁ**.....** ହାତ ଛଡା ଛଡି ହୁଅବେ । କହିଲୁ ଆମ୍ବତୋଟାରେ ବୁଲିବା ।

ବିଲ୍ଲତି – ତମେ ଏମିତି ଜଗି ରହିଲେ ଆମେ କେମିତି ଇଏ କରିବା ଯେ**....**

ଗୁଜିଆମ – ଇଏ**....?** ଇଏ ମାନେ କଣ**?**

ମୂଳା – ପ୍ରେମ**....**

ଗୁଜିଆନା – ନା ହୋଇପାରିବନ ।

ମୂଳା**/**ବିଲ୍ଲତି – ହେଇ ସାରିଲୁଣି । ଆମେ ଦୁହେଁ ଏବେ ପ୍ରେମିକ ପ୍ରେମିକା ।

ଗୁଜିଆନା – ହାଃ ତମ ଗୁ**....**

**(**ମଞ୍ଚ ଅନ୍ଧାର**)**

**(**୩**)**

**(**ମଞ୍ଚରେ ଆଲୋକ ଆସିବାରୁ ଗୁଜିଆନା ଟିପା ଫୋନରେ ନମ୍ବର ଚପି ଫୋନ କରୁଥାଏ**)**

ଗୁଜିଆନା – ହାଲୋ**...**ହାଲେ**...**ହାଲେ**...**ହାଃ ତୋ ଗୁଷ୍ଟିକ କବୋଲେ**....** ଶ**..** ନେଟଓ୍ୱାର୍କ ଗଣ୍ଡଗୋଳ । **(**ପୁଣିଥରେ ପ୍ରୟାସ କରି**)** ହାଲୋ**...** ମୁଁ କହୁଥିଲେ ଆଜ୍ଞା । ଗୁଜିଆନା**,** ଭଲ ପ୍ରସ୍ତାବଟା**,** ଫଟୋ**-**ଜାତକ ଟିପଣା ସବୁ ଅଛି । ଆପଣ ହଁ କହିଲେ ହେଲୁ ।

**(**ବାଇଗଣ ନାରୀ ଛଦ୍ମବେଶରେ ହାତରେ ଗୋଟେ ଝାଡୁଧରି ଆସେ**)**

ବାଇଗଣ – ହେଇଟି ଗୋସେଇଁ ତମେ କହୁନ କୋଉଠି ଝାଡୁ ଦେବି**?**

ଗୁଜିଆନା – **(**ବାଇଗଣର ନାରୀ ବେଶକୁ ଦେଖି **:** ଏଲୋ ତୁ କଏ କଲୋ**?** ତୋତେ କଏ କହିଲୁ ଝାଡୁ ଦେବାପାଇଁ**?**

ବାଇଗଣ – ମୋ ମା ପର୍ ବୁଢ୍ୀ ହେଇଗଲାଣି ସେ କ ଆଉ କାମକୁ ପାରୁଛି । ତା ବଦଳରେ ପର୍ ମୁଁ ଆସିଛି ।

ଗୁଜିଆନା – ତୋ ନାଁ କଣ ଲୋ....?

ବାଇଗଣ – ଆମୁଲ ।

ଗୁଜିଆନା – ପୁର୍ ଗୁଟିଲ୍ ଭଳଆ ହେଇଛୁ.... ।

ବାଇଗଣ – ହେଃ ତୁମେ ସେମିତି କହିବନ ଗୋସେଇଁ ମୋତେ ଭ୍ରି ଶରମ ଲ୍ଗୁଛି ।

ଗୁଜିଆନା – ହାଃ.... ତୋ ଶରମ, ଶରମ ଗୋଟେ କଣ କଲେ । ସେ ଝାଡୁ ଛାଡିଦେ... ପରେ ଝଡାଝଡି କରିବୁ । ଆ ମୋ ପାଖକୁ ।

ବାଇଗଣ – ହେଃ ମୁଁ ମାଇପିଟେ ହୋଇ ତମ ପାଖକୁ କେମିତି ଯିବି.....

ଗୁଜିଆନା – ଏଇ ଦେଖ ଦେଖ ମୁଁ ତୋତେ ବତେଇ ଦେଉଛି ଦେଖ । (ବାଇଗଣର ହାତ ଧରି ଭିଡି ଧରିବାକୁ ପ୍ରୟାସ କରେ)

ବାଇଗଣ – ହେଃ ମୋ ହାତ ଛାଡ ଗୋସେଇଁ। ତମେ ଭ୍ରି ଇଏ.... ମୁଁ ଯାଉଛି ଗୋସେଇ । ତମେ ନା ମୋତେ ଭଲଲୋକ ନୁହଁ....

(ବାଇଗଣ ଯିବାକୁ ଉଦ୍ୟତ । ଗୁଜିଆନା ବାଟ ଓଗାଳ)

ଗୁଇଆନା – ନା ଛାଡିବିନ –

(ଗୀତ କଣ୍ଠେ) – ନଯାଆ, ନଯାଆ ଆଲେ ମୋ ମଇନା
ମୁଁ ପର୍ ତୋ ମାଲିକ ଗୁଜିଆ ନନା
ଆଲେ ଆ -ଆ- ଭିଡିଆ -ନା
ବାଇଗଣ – ଆରେ ମୋ ଥୋବର୍ ବୁଢା
ପାକୁଆ ପାଟିରେ କଷି କାକୁଡିକୁ
ଗ୍ଲେବାନା ଭ୍ବି ଦହିଚୂଡା ।
ଗୁଜିଆନା - ଆଲେ କଷି କାକୁଡିକୁ
ମୋ ପାକୁଆ ପାଟି
ରିଢାରେ ରଖି ଦେବି ଲୋ ଗୁପି

ହେଉଥିବୁ ଖାଲି ଆଁ....ଆଁ....ଆଁ.....

ବାଇଗଣ – ରିହା ଚପାଚଜ ହେବନ ହଜମ

ହେବ ତୋର ପେଟ ହଡହଡ

ବାଇୟା ହଅନା ପାକୁଆ ବୁଢା

ରହିଯା ଟିକେ

ଆଣୁଛି ତୋପାଇଁ ଖାଇବା ସୋଡା ।

ଗୁଜିଆନା – ନଯାଆ, ନଯାଆ ଆଲୋ ମୋ ମଇନା

ମୁଁ ପର୍ ତୋ ମାଲିକ ଗୁଜିଆ ନନା (ବାଇଗଣକୁ ଭିଡିଧରି) ମୋର ପୁର୍ ଦମ ଅଛିଲୋ ଆମ୍ଳ । ଖାଇବା ସୋଡା ବିନା ସବୁ ହଜମ କରିଦେବି । (ଟଣା ଓଟର୍ କରେ)

ମୂଳା – (ଛଦ୍ମ ସନ୍ନ୍ୟାସୀ ବେଶରେ ପ୍ରବେଶି) ହରି ଓଁ ହାସ୍ ହାସ୍ । ଏ ନେହ ଆଜି କଣ ଦେଖିଲାରେ....

ଗୁଜିଆନା – ହାଃ ତୋ ଗୁଷ୍ଟିକ କ ବୋଲେ । ଠିକ୍ ଶିକାର ବେଳେ ପହଞ୍ଚିଗଲୁ?

ମୂଳା – ଏ ବୟସରେ ଟଣା ଓଟର୍ କରିବା ସ୍ୱସ୍ଥ୍ୟ ପାଇଁ ନଗ୍ପଦ ନୁହେଁ ବସ୍ର ।

ଗୁଜିଆନା – ମୋର ଆଉ କେତେ ବୟସ ହେଲ୍ କ?

ମୂଳା – ତଥାପି....

ଗୁଜିଆନା – ମାହ ଅଣଷଠି ।

ମୂଳା – ହରି ଓଁ ହାସ ହାସ୍ । ହସାଇଲ ବସ୍ର । ଅଣଷଠି ବର୍ଷ ହେଲାଣି ଅଥଚ ଖଇଗ୍ମି ଛାଡିନାହିଁ ।

ଗୁଜିଆନା – ଦେଖ ବାବା । ତମେ ଆସିଛ ଦି ପଇସା ମାଗିବ । ଆମେ ଦେବୁ । ଏତେ କଥାରୁ କଣ ମିଳବ ଏଇ ପାଞ୍ଚ ଟଙ୍କା ନେଇ ଏଠାରୁ ଯାଅ ।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ନୂଆ ଅତିଥି



ରୋହିତ ସେଠୀ

ନୂଆ ଅତିଥି ହେ ନୂଆ ଅତିଥି ଆସିଅଛ ତୁମେ ଚାଲି
ସେନେହ ଆଦରେ ପାଛୋଟି ନେବି ହୃଦୟ ଦୁଆର ଖୋଲି ।
କୁନକୁନ ପାଦ ପଡ଼ିବ ଯେବେ ମୋର କୁଡ଼ିଆ ଘରେ
ଅଜା ଆଈ ମାମୁଁ ମାଉସୀ ସର୍ବେ ଛ'ନ୍ତି ତୁମ ପ୍ରତୀକ୍ଷାରେ ।
ସ୍ୱାଗତ କରିବେ ଆନନ୍ଦ ଭରେ ତୁମକୁ କୋଳରେ ଧରି
ମମତା ଦୋଳରେ ଝୁଲେଇ ଦେବେ ହସୁଥିବ କରିକରି ।
ସଭିଏଁ ଡାକବେ ପାକୁଲି ମାମା ଟିଙ୍ଗିରି ବଗୁଲୀ ଚଆଁ
ଏମିତି ଅଡୁଆ ନାଁ ଶୁଣି ତୁମେ କାନ୍ଦୁଥିବ କୁଆଁ କୁଆଁ ।
କୁନକୁନ ଆଖି ସତେ ଯେମିତି ସରଗର ଟିକି ତାରା
ମୁହଁଟି ତୁମର ପୂର୍ଣ୍ଣିମା ଚାନ୍ଦ ଢାଳେ ଚାନ୍ଦିନୀର ଧାରା ।
ଟିକି ଓଠରେ ହସିଲେ ତୁମେ ମୁକୁତା ପଡ଼ଇ ଝରି
କାନ୍ଦିଲେ ତୁମେ ସଭିଙ୍କ ଆଖିରୁ ଝରଇ ଶ୍ରାବଣ ବାରି ।
ହାତ ଦୁଇଟି କୋମଳ ସିନା ଖୁସିର ପସରା ଆଣି
ସଭିଙ୍କ ମନରେ ଦେଇଗଲ ତୁମେ ହସର ମଞ୍ଜି ବୁଣି ।
ଏକୋଇଶ ଦିନ ରହିଲ ତୁମେ ଆମ କୁଡ଼ିଆ ଘରେ
ଅଜା ଆଈଙ୍କୁ ବାନ୍ଧି ଯେ ଦେଲ ସ୍ନେହ ମମତା ଡୋରେ ।
ତୁମର ଶୂନ୍ୟତା କୁଡ଼ିଆ ଘର ମନେ ପକାଏ ସବୁ
ଖଟରେ ବସି ମାମୁଁ ଲେଖଇ କବିତା ଭାବୁ ଭାବୁ ।

ଶିକ୍ଷକ, ଦୁତୀମେଣ୍ଡି (ମଲିକସାହି)
ଖଜୁରୀପଡା, କନ୍ଧମାଳ

# ଡାକ୍ତର

ଶ୍ୟାମ ସୁନ୍ଦର କୁମ୍ଭାର

କରୋନା ରଚୁଛି ତାଣ୍ଡବ ଲୀଳା
ମାନବ ଜାତିର ବୁଡୁଛି ଭେଳା
ତା କବଳୁ ମୁକ୍ତି ପାଇଁ ।
କଏ ଡାକେ ଆଲ୍ଲା, କଏ ଡାକେ ଯୀଶୁ
ଆଉ କଏ ଡାକେ ଜଗନ୍ନାଥ ପ୍ରଭୁ
ଏ ବିପଦୁ କର ତ୍ରାହି ॥

ଏମାନେ କ ଆଉ ଶୁଣିବେ ଡାକ
ରହିଛନ୍ତି କଲି କବାଟ ତାଙ୍କ
ତାଙ୍କ ପାଖ ଯିବା ମନା ।
ଏ ଦୁଃଖ ଦୁର୍ଦ୍ଦିନେ ବାହୁ ମେଲେଇ
ଆସ ମୁଁ ତୁମକୁ ନେବି କୋଳେଇ
ଡାକୁଛି ଡାକ୍ତରଖାନା ॥

ଡାକ୍ତରଖାନାରେ ବସିଛି ପ୍ରଭୁ
ଡାକୁଛି ମୋ ପାଖେ ଆସରେ ବାବୁ
ମୁଁ ରହିଛି ତୁମ ସାଥେ ।
ତୁମର ଆରୋଗ୍ୟ ମୋର କାମନା
ଚିକିତ୍ସା କରିବି ଭୟ କରନା
ମୁହିଁ ବଂଚଥିବା ଯାକେ ॥

ନ ଛୁଇଁଲେ ତୋର ମାତା ପିଅର
ବୋଲି କ ମୁଁ ତୋତେ କରିବି ପର
ଯିଏ ଯାହା ମନେ ଭାବୁ ।
ମନରେ ମୋ ନାହିଁ ବାଛ ବିଚାର
ମୁହିଁ ଏକା ସାହା ଭରସା ତୋର
ମୋତେ କେବେ ନ ଭୁଲିବୁ ॥

ମୋର ବିନା ତୋତେ କଏ ଛୁଇଁବ
ଏ ଦୁଃଖ ଦୁର୍ଦ୍ଦିନେ ସହାୟ ହେବ
ରଖିବ ତୋର ଜୀବନ ।
ଏ କଥା ତୋ ମନେ ରଖିଥା ଧନ
ମୋ ହାତେ ତୋହର ଆରୋଗ୍ୟ ଜାଣ
ମୁହିଁ ତୋ ଗତି କାରଣ ॥

ଧନ୍ୟ  ହେ ଡାକ୍ତର ତୁମ ମହିମା
ଧନ୍ୟ ଧନ୍ୟ ତୁମ୍ଭ ଜ୍ଞାନ ଗାରିମା
ଧନ୍ୟ ତ୍ୟାଗ ବଳଦାନ ।
ନିଜ ଜୀବନକୁ ଦେଇ ଆହୁତି
ମାନବ ସେବାରେ ଲାଗିଛ ନିତି
ବୁଝେନା କେ ତୁମ୍ଭ ମନ ॥

ତୁମ ଚିକିତ୍ସାରେ ଆରୋଗ୍ୟ ହୋଇ
ତୁମ୍ଭ ଯଶ ଗୁଣ ଗାଏନା କେହି
କହେ ପ୍ରଭୁ ରକ୍ଷା କଲେ ।
ଯିଏ ଯାହା କହୁ ମନେ ତାହାର
ଏ ବିଶ୍ୱେ ତୁମ୍ଭେ ଚଳନ୍ତି ଠାକୁର
ଶରଣ ତୁମ୍ଭ ପୟରେ ॥

ସଦି ବାହାଲ, ଜାମୁଟ ବାହାଲ, ବରଗଡ

# ଧର୍ମ ଓ ପରମ୍ପରାକୁ ନିନ୍ଦିତ କରୁଥିବା ଅସଭ୍ୟଙ୍କୁ ପଦେ



ଉଦୟନ ସୂପକାର

ହରି ସିଂହ କୁ ମାରି ଇଂରେଜୀ ଘୁଷି
କିଆ ବୁଦା ତଳେ ଫୋପାଡ଼ି ଦେଲ୍ ||,୧
ସମାଜର ସବୁ ବୁଦ୍ଧିଜୀବିଙ୍କୁ ରେ ଭାଇ
ଏ କଥାଟି ତ ବଡ଼ ଅସହ୍ୟ ହୋଇଲ୍ ||୨
ପିତୃ ଅପମାନ କରି ଦେଲ୍ କି ବୋଲି
ସତେ କି ଏହାଙ୍କ ପର୍ ପ୍ରାଣ କାନ୍ଦିଲ୍ ||୩
ଆମର ଏ ସଭ୍ୟ ସମାଜର ପ୍ରତି ବ୍ୟକ୍ତି
ମନ ଇଚ୍ଛା ସେ ଗୋପାଳକୁ ରେ ନିନ୍ଦିଲ୍||୪
ଭାଗ୍ୟର ଚରମ ବିଡ଼ମ୍ବନା ଭାଇ ଏହି ରେ
ଜାଗୃତ ବୁଦ୍ଧିଜୀବି ବାଟ ବଣା ହୋଇଲ୍ ||୫
ଧର୍ମ ନିରପେକ୍ଷତାର ମୁଖା ଦେଇ ମୁଖେ
ନିଜର ହିଁ ପରମ୍ପରା କୁ ସଦା ନିନ୍ଦିଲ୍ ||୬
ସୀତା ମାତାଙ୍କୁ ସେ କଳଙ୍କିନୀ କହି କରି
ପ୍ରଗତିଶୀଳତାର ଧ୍ୱଜା ବାହକ ସଜିଲ୍ ||୭
ମର୍ଯ୍ୟାଦା ପୁରୁଷୋତ୍ତମଙ୍କୁ ଅପଶବ୍ଦ କହି
ନିଜକୁ ପୁରୁଷ ପୁଙ୍ଗବ ପର୍ ସେ କହିଲ୍||୮
ବଉଁଶ ବୁଡି ବୁଡ଼ି ଆସିଲ୍ ବେଳକୁ ସତେ
ଦେଖ ଦେଖ ଘୋଡ଼ା ମୁହଁ ପୁଅ ଜନମିଲ୍||୯
ଯାହାର ରେ ବୁଦ୍ଧି ଯିବି ଯିବି ହେଉଅଛି
ଏ ଦେଶେ ସେ ବୁଦ୍ଧିଜୀବିର ଯଶ ଅର୍ଜିଲ୍||୧0

ଭୁବନେଶ୍ୱର, ଓଡିଶା

# ତତେ ହିଁ ତୁହି ରକ୍ଷାକର



ଡ. ସୌମ୍ୟ ରଞ୍ଜନ ମିଶ୍ର

ଅଫିସ୍ କାମରେ ବାହାରକୁ ଯାଇ ସୁଦର୍ଶନ ଫସିଯାଇଥିଲା ଲକ୍ ଡାଉନରେ । ଏବେ ନିୟମ ଟିକେ କୋହଳ ହେବାରୁ ଘରକୁ ଫେରିଛି । ଅବଶ୍ୟ ମୋ ସହ ସବୁଦିନ କଥା ହୁଏ ମୋବାଇଲରେ । କିନ୍ତୁ ସ୍ୱଦେହରେ ଦେଖା ହୋଇନଥିଲା ବହୁ ଦିନରୁ । ଏଭିତରେ ବହୁତ ଝଡି ଯାଇଛି ସେ । ଜିଜ୍ଞାସା କରିବାରୁ କହିଲା – ଏକା ଏକା ରହିବାରୁ ଏମିତି ହୋଇଛି । ତୁମ ସହ ଦେଖା ହେଲାଣି । ଏବେ ପୁଣି କଅଁଳ ଯିବ । ଚା ପିଇବାକୁ ଘରକୁ ଡାକିଲି, ହେଲେ ସଫାସଫା ମନା କରିଦେଲା । ବେଳକାଳ ଭଲ ନାହିଁ । ଯାହା କଥା ହେବା ଏଇଠି, ବାହାରେ । ତା କଥାକୁ ମୁଁ ସମ୍ମାନ ଦେଲି ।

କଥା ହୁଆନ୍ ରୁ ଆରମ୍ଭ ହୋଇ ହର୍ଷବର୍ଦ୍ଧନ ପର୍ଯ୍ୟନ୍ତ ଚାଲିବାକୁ ଥିଲା । କିନ୍ତୁ ସୁଦର୍ଶନ ଗୋଟିଏ ପ୍ରସଙ୍ଗରେ ଏକଦମ୍ ମର୍ମାହତ ଥିଲା । ଜଗନ୍ନାଥଙ୍କୁ ନେଇ ସୁଦର୍ଶନ ଏମିତି ସଦାବେଳେ ସମ୍ବେଦନଶୀଳ । ସୁଦର୍ଶନ ଚାହେଁ ଏବର୍ଷ ରଥଯାତ୍ରା ନହେଉ । ପ୍ରଭୁ ବାହାରକୁ ନବାହାରନ୍ତୁ । ତାକୁ ସାନ୍ତ୍ୱନା ଦେବାକୁ ଯାଇ କହିଲି-ସରକାର ତ ନିଷ୍ପତ୍ତି ନେଇଛନ୍ତି । ସ୍ଥିର ହୋଇଛି ବାହାରୁ ଲୋକ କେହି ଆସିବେନି । ସେବାୟତ ମାନେ ହିଁ ରଥ ଟାଣିନେବେ । ମୋ କଥାକୁ ଫୁତକାରରେ ଉଡେଇ ଦେଲା ସୁଦର୍ଶନ । ତୁମେ କଣ ଭାବୁଛ ଭାଇନା, ଭକ୍ତ ବିନା ରଥଯାତ୍ରା ହୋଇପାରିବ । ଖାଲି ବୟାଳିଶି ବୟାଳିଶି ଚକ ଗଡିବ ସିନା, ଘୋଷଯାତ୍ରା ହେବନି । ତୁ କଣ ଚାହୁଁଛୁ ଏ କରୋନା ବେଳେ ଲୋକ ମାଳମାଳ ରୁଣ୍ଡ ହୁଅନ୍ତି । ମହାମାରୀ ଆହୁରି ବଢୁ-ମୁଁ କହିଲି । ମୁଁ ତ ସେଥିପାଇଁ କହୁଛି ଭାଇନା, ଏବର୍ଷ ପ୍ରଭୁଙ୍କର ଘୋଷଯାତ୍ରା ନହେଉ । କିନ୍ତୁ ପ୍ରଭୁଙ୍କର ଠିକାଦାର କଣ ସେକଥା କରାଇଦେବେ । ଆଚ୍ଛା, ମତେ କୁହତ ଭାଇନା, ଯବନ ଆକ୍ରମଣ ବେଳେ କେତେଥର ଦିଅଁଙ୍କୁ ଏଇ ଓଡିଆ ବିଲେଇଛୁଆ ଭଳି ନ ନେଇଛି । କେତେଥର ରଥଯାତ୍ରା ବନ୍ଦ ନ ହୋଇଛି । କାହିଁକି ଜାଣିଛ ଭାଇନା! ଓଡିଆ ସବୁବେଳେ ଜଗନ୍ନାଥଙ୍କୁ ନିଜ ପରିବାରର ସଦସ୍ୟ ଭାବି ଆସିଛି । ନହେଲେ ଉତ୍କଳ ଭୂଇଁରେ କଣ ପୋଖତ ଲିମ୍ବଗଛର ଅଭାବ ଥିଲା ନା ଏବେ ବି ଅଛି । ଆଜି ବି ଭଲମନ୍ଦ

କର୍ମରେ ତାକୁ ଆମେ ଆଗ ନେଉଛେ । ନିମନ୍ତ୍ରଣ ପଠାଉଛେ । କିନ୍ତୁ ଏବେ ହେଉଛି କଣ ଦେଖ । ଏହି ମହାମାରୀ ସମୟରେ ସରକାର ଯେଉଁଠି ବୟସ୍କମାନଙ୍କୁ ଘରୁ ନବାହାରିବାକୁ ପରାମର୍ଶ ଦେଉଛି, ସେଇଠି ପ୍ରତି ଓଡିଆ ଘରର ସବୁଠାରୁ ପୁରୁଖା ସଦସ୍ୟକୁ କେମିତି ବାହାରକୁ ବାହାର କରିବାକୁ ଚେଷ୍ଟା ଚାଲିଛି ଦେଖ । ନଷ୍ଟସ୍ୟ କନ୍ୟା ଗତିଃ - କହିଲା ସେ । ପଦକୁ ପଦ ଯୋଡି ମୁଁ କହି ପକାଇଲି - ମହାଜନଃ ଯେନ ଗତଃ ।

ଏଇ କଥା ପଦକ ଜାଣ ପୂର୍ଣ୍ଣାହୂତି ଥିଲା । ରକ୍ତ ପିଙ୍ଗଳ ବର୍ଣ୍ଣ ଧାରଣ କଲା ସୁଦର୍ଶନର ଆଖି ଦୁଇଟି । କହିଲା -ମୁଣ୍ଡିଆଳମାନେ ଏତେ ବୈଠକ କରୁଛନ୍ତି । ନାୟାଳୟ ବି ଏ ପ୍ରସଙ୍ଗରେ ନାକ ପୂରାଇଛନ୍ତି । କିନ୍ତୁ କେହି କେବେ ଭାବିଛନ୍ତି, ଜଗା ଚାହେଁ କଣ? ମା ଲକ୍ଷ୍ମୀ କଣ ଚାହାଁନ୍ତି? ଆହୁରି ଗୋଟିଏ କଥା ଭାଇନା, ରଥଯାତ୍ରା ପୂର୍ବରୁ ସ୍ନାନ ପୂର୍ଣ୍ଣିମା ଆସୁଛି । ଶହେ ଆଠ ଗରା ପାଣି ଢାଳିବେ କାଳିଆ ଉପରେ । ଥଣ୍ଡା ଜ୍ୱରରେ ପଡିବ କାଳିଆ । ଅନ୍ୟଦିନ ହୋଇଥିଲେ କଥାଟା ଅଲଗା । ଏ ସମୟରେ କାଳିଆକୁ ଜାଣିଶୁଣି ଥଣ୍ଡା ଜ୍ୱରରେ ପକାଇବା ଉଚିତ ହେବ କି? ତମ ଘର ସଦସ୍ୟ ହୋଇଥିଲେ ତୁମେ ଏମିତି ବ୍ୟବହାର କରିଥାନ୍ତ? ସବୁତ ଖାଇବେ ଖାଇବେ ହେଉଛନ୍ତି, କହିବ କାହାକୁ । ଶ୍ଲୋକ ପରା କହିଲେ - କ୍ଷୁଧା ତୁରାଣାଂ ନ ଚ ଶୁଦ୍ଧବୁଦ୍ଧି । ଏତିକି କହି ସୁଦର୍ଶନ ମୋତେ ଚାହିଁଲା ।

ହଉ, ଯାହା କାଳିଆର ଇଚ୍ଛା । ଯେଉଁମାନଙ୍କ ମୁଣ୍ଡରେ ସେ ପାଟ ଶିରିପା ବାନ୍ଧିଛି, କଣ କରିବାକୁ ହେବ ସେମାନେ ନିଷ୍ପତ୍ତି ନିଅନ୍ତୁ - ତାର କ୍ରୋଧ ଶାନ୍ତ କରିବାକୁ କହିଲି ମୁଁ। ଏବେ ତ କେତେକ ପାପୀ ପୁଣି ମନ୍ଦିରର ସୁନା ଉପରେ ବି ନଜର ପକାଇଲେଣି । ତାଙ୍କ ମତରେ ମନ୍ଦିର ଏକ ସାମାଜିକ ଅଭିଯାନ । କିନ୍ତୁ ସେମାନେ ଭୁଲିଯାଇଛନ୍ତି ଯେ ପଥର କାନ୍ଥ ଭିତରର ମୂର୍ତ୍ତି ପ୍ରତି ଥିବା ଶ୍ରଦ୍ଧା ଓ ସମର୍ପଣ ଏକାନ୍ତ ବ୍ୟକ୍ତିଗତ । ଏତିକି କହିସାରି ସୁଦର୍ଶନ ସେତେବେଳକୁ ମୋଠାରୁ କିଛି ଦୂର ଚାଲିଗଲାଣି । ମୁଁ ବୋଧେ ଟିକେ ଭାବପ୍ରବଣ ହୋଇଯାଇଥିଲି । ଜାଣିପାରିଲିନି, ଖାଲି ଏତିକିଶୁଣି ପାରିଲି - ମୁଁ ଛାର ମଣିଷ ମାତର ।

ମଧଖଣ୍ଡୀ, ଶ୍ରୀ ବଳଦେବ ଜୀଉ, କେନ୍ଦ୍ରାପଡା

# ଦୁଇଦିନ ଏଇ ଜୀବନ



ଶରତ ଚନ୍ଦ୍ର ଜାଲି

ଦୁଇଦିନ ଏଇ ମଣିଷ ଜୀବନ
ପାଣି ଫୋଟକାଟେ ପରି
ଭଗ୍ନଘଟୁ ଜଳ ସରିଲା ପରିଏ
ଆୟୁ ଯାଉଅଛି ସରି ।
କେତେବେଳେ ରୋଗ କେତେବେଳେ ଭୋଗ
କେବେ ଚନ୍ତା କୀଟ ହୋଇ
ଜୀବନ ରୂପକ ବୃକ୍ଷ କାଟୁଅଛି
ମାନବ କୋଳରେ ଶୋଇ
ଜାଣିପାରୁ ନାହିଁ ଜୀବନର ଛଇ
କାଳ ନଏ ହାତ ଧରି ।
ମରୀଚକା ପଛେ ଧାଇଁଧାଇଁ ଶେଷେ
ମରିବାକୁ ମଣେ ସାର
ସାର ଜୀବନ ତା ଅସାର ହୁଅଇ
ଭାଙ୍ଗେ ଗର୍ବ, ଅହଂକାର
ଛଟପଟ ହୁଏ ଜୀବନର ପକ୍ଷୀ
ପିଣ୍ଡୁ ଗଲେ ପ୍ରାଣ ମରି ।

ଏ ଘର ସଂପତ୍ତି, ପତ୍ନୀ, କନ୍ୟାପ୍ରୀତି
ମିଛ, ମାୟା, ମୋହ ଜାଣି
ତଥାପି ମଣିଷ ମାୟା ବନ୍ଧନରେ
ପଡେ ଆପେ ହୋଇ ଟାଣି
ପାପପଙ୍କେ ହୁଏ କେତେ ନଟପଟ
ଦିବାନିଶି ଏକ କରି ।
ବେଳକାଳ ଆସି ନିକଟ ହୋଇଲେ
ପଶେ ମନରେ ତା ଚେତା
କେଉଁପଥେ ଗଲେ ଅନ୍ତିମ ସମୟେ
ହରଣ ହୋଇବ ଚନ୍ତା
ହରିଙ୍କର ବିନା କିଏ ଲଗାଇବ
କୂଳେ ଏ ଜୀବନ ତରୀ ।

ପଥରା, ଖଲିକୋଟ, ଗଂଜାମ

# ମୁଁ ଲେଖିବାକୁ ଚାହେଁ..



ନବକିଶୋର ଦୀପ

ମୁଁ ଲେଖିବାକୁ ଚାହେଁ
ମୋ କବିତା କାନ୍ଧରେ
ମୁଣ୍ଡ ରଖି କାନ୍ଦିପାରୁଥିବା
ସମାଜ ର
ଶୋଷିତ, ନିଷ୍ପେସିତ
ନିରୀହ, ବିରହ
ଶ୍ରମିକ, କୃଷକ, ପ୍ରେମିକ
ଅଛୁଆଁ, ଅଲୋଡ଼ା ଓ
ନିର୍ଯାତିତ ନାରୀ ମନର
ଅକୁହା ଅଶୁଣା କଥା..
ମୁଁ ଲେଖିବାକୁ ଚାହେଁ
ମୋ କବିତା ପ୍ରାଣରେ
ଜୀବନ୍ତ ହୋଇ କହିପାରୁଥିବା
ନଦୀ, ନାଳ
ନିର୍ଝର, ସାଗର
ବାୟୁ, ବ୍ୟୋମ
ଗିରି, କନ୍ଦର
ଜମି, ଜଙ୍ଗଲ
ପଶୁ, ବିହଙ୍ଗ
ହୃଦୟର ଅସରନ୍ତି ବ୍ୟଥା....
ମୁଁ ଲେଖିବାକୁ ଚାହେଁ
ମୋ କବିତା ଲହୁରେ
ଲୁହା ପାଲଟି
ପ୍ରଶ୍ନ କରି ପାରୁଥିବା
ଭୋଟର, ଚାକର
ବିଧବା, ସଧବା
ଖଟିଖିଆ, ମଜୁରିଆ
ଅନାଥ ଏବଂ ଅକର୍ମଣ୍ୟର
ଜୀବନ, ଜୀବିକା, ଜୀଇଁବାର
କୋହଭରା କଥା .......
ମୁଁ ଲେଖିବାକୁ ଚାହେଁ
ଛଳ, ବଳ, କଳର
ସାହାରା ନେଇ
ମଣିଷକୁ ପଶୁତୁଲ୍ୟ
ଶୋଷଣ କରି
ଗରିବ ହାଡ଼ମାଂସରେ
ନଭଶ୍ଚୁମ୍ବୀ ଅଟ୍ଟାଳିକା
ଠିଆ କରିଥିବା
ସେ ମିଛୁଆ ଲାଞ୍ଚୁଆ
ଅଧିକାରୀ, ଠିକାଦାର
ଓ ନେତାମନ୍ତ୍ରୀ ଙ୍କ କଥା
ସାହସ ଓ ନିର୍ଭିକ ହୋଇ
ମୃତ୍ୟୁ ସହିତ, ମୃତ୍ୟୁ ପର୍ଯ୍ୟନ୍ତ
ମୁଁ ଲେଖିବାକୁ ଚାହେଁ
ମୁଁ ଲେଖିବାକୁ ଚାହେଁ
ମୁଁ ଲେଖିବାକୁ ଚାହେଁ....

ବୌଦ୍ଧ

# ସ୍ୱଚ୍ଛତା



ସରୋଜ ସାହୁ

ଆସ ମିଳମିଶି ଏକ ହେବା
ନିଜ ପରିବେଶ ସ୍ୱଚ୍ଛ ରଖିବା
ସ୍ୱଚ୍ଛତାରେ ଆଣି ପରିବର୍ତ୍ତନ
ଗାଇବା ତା ଲାଗି ନୂଆ ସ୍ଲୋଗାନ ।
ପଥ ପ୍ରାନ୍ତ କ୍ଷୁଦ୍ର ନାଟକ ଲେଖି
ବୁଝାଇବା ଗାଁ ଗାଁକୁ ଡାକ
ମନରୁ ହଟାଇ ଭ୍ରାନ୍ତ ଧାରଣା
ସଭିଙ୍କ ମନରେ ଜାଗି ପ୍ରେରଣା ।
ସ୍କୁଲ କଲେଜର ଶିକ୍ଷିତଗୋଷ୍ଠି
ନୂଆ ଅଭିଯାନ କରିଣ ସୃଷ୍ଟି
ପାଠ୍ୟକ୍ରମ ମଧ୍ୟେ ପରିବେଶ ଗୁରୁତ୍ୱ
ଚିତ୍ରରେ ଆଙ୍କିବା ସ୍ୱଚ୍ଛତାର ମହତ୍ୱ ।
ଶିଶୁଙ୍କ ହୃଦୟ ସ୍ୱଚ୍ଛ ନିର୍ମଳ
ଲୋଡା ଯାହା ଖାଲି ସାହାସ ବଳ
ଇଶ୍ୱରଙ୍କ ଆଗେ ନେବା ଶପଥ
ଆଗାମି ଭବିଷ୍ୟତ ରହିବ ସୁସ୍ଥ ।

ଆଠଗଡ, କଟକ

# ମୁଠାଏ ମାଟି

ହେମନ୍ତ ନାୟକ

ନମଇଁ ନୃସିଂହ ଚରଣ । ଅନାଦି ପରମ କାରଣ ॥
ଲୀଳା ବିଧୃତ କଳେବର । ଦେବ ମାନବେ ଅଗୋଚର ॥
ମାୟା ସଂସାରେ ଯାର ଲୀଳା । ଯା ନାମ ଭବଜଳେ ଭେଳା ॥

ଜଗନ୍ନାଥ ଦାସକୃତ ଶ୍ରୀମଦ୍ଭାଗବତର ଗୋଟିଏ ଦୁଇଟି ଅଧ୍ୟାୟ ପାଠ କରିବା ତାଙ୍କର ଏକ ନତିଦିନଆ କଥା । ବୟସଟା ସିନା ପାକଳ ହେଲାଣି ମନଟା କିନ୍ତୁ ଭାରି ଚଞ୍ଚଳ । ପାକୁଆ ପାଟିରୁ ଭାଗବତ ଦିପଦ ଶୁଣିଲେ ଯେ, କେତେ ଏକାଗ୍ରତା ଜାତହୁଏ ତାହା ଅନୁଭବୀ ହିଁ ଠିକ୍ ଜାଣିପାରେ । ମାଉସୀ ଗଲା ଦିନଠୁ ଗୁଳଛପର ଛିଆ ଗୁହାଳ ଘରେ ଦଉଡ଼ିଆ ଖଟଟିଏ ପକେଇଦେଇ ସବୁବେଳେ ଏଇ ଚର୍ଚ୍ଚା ରତନ ମଉସାଙ୍କର । ଖରାବେଳ ମଧ୍ୟାହ୍ନ ସମୟ ବାହାର ପବନ ଖାଇ ଟିକେ ଥଣ୍ଡା ଥଣ୍ଡା ଲାଗେ, ନଡା ଛପର ହେଇଥାଏ ବୋଲି । ବେଳେବେଳେ ଯଦୁ କାକା ଓ ଗାଁ ମନ୍ଦିର ପୂଜାରୀ ବି ଠୁଳ ହେଇଯାନ୍ତି, ରତନ ମଉସାଙ୍କ ପୁରାଣ ଶୁଣିବା ପାଇଁ, ଦୁଃଖ ସୁଖ ଭଲମନ୍ଦ ଗାଁର ହାନିଲାଭ କେତେ କଥା ତାରି ଭିତରେ । ମଉସାଙ୍କ ବୟସ ୭୦ (ସତୁରୀ ) ଉପରକୁ ସେ ହେବ, କମ୍ ହେବନି । ବୋଧେ ଗାଁର ସମସ୍ତଙ୍କ ଠୁ ବୟସରେ ବଡ଼ହେବେ । ଛୁଆ ଠୁ ବଡ଼ ଯାଏଁ ସମସ୍ତେ ସେଥିପାଇଁ ବାବା ....ବାବା .... ବୋଲି ଆଦରରେ ଡାକନ୍ତି ।

ବୃଦ୍ଧ ହେଲେ ସୁଦ୍ଧା ଭାରି କର୍ମଠ, ଖୁବ୍ ଆଗ୍ରହଶୀଳ ଓ ଇଚ୍ଛାଶକ୍ତି ତାଙ୍କ । କିଛି ନା କିଛି କାମ ସବୁବେଳେ କରନ୍ତି । କାଠ ବଢ଼େଇଟି, ଘରକରଣା କାଠ ସରଞ୍ଜାମ କାମ ସବୁଜଣା। ପଲଙ୍କ, ସୋଫା, ଡାଏନିଙ୍ଗ୍ ଟେବୁଲ ବ୍ୟବହାର୍ଯ୍ୟ ଘରୋଇ ଜିନିଷ କେତେ ନ ତିଆରିଛନ୍ତି ତାଙ୍କ ଦିନରେ ସେ। ବୟସ ଗଲାଣି ଏବେ ଆଉ ସେସବୁ କଣ କରିପାରୁଛନ୍ତି କି, ତଥାପି ଠୁକୁଡୁ ଠାକୁଡୁ କରି ଛୋଟମୋଟ ଯେମିତି ଲକ୍ଷ୍ମୀ ଖଟୁଲି, ପୋଟି ବେଲଣା,

ପୂଜା ପାଇଁ ବ୍ୟାସଗାଦି, ପିଢ଼ା ଖଣ୍ଡେ ଇତ୍ୟାଦି ଇତ୍ୟାଦି । ଦିପଇସା ରୋଜଗାର କରିନଅନ୍ତି ସେଥିରେ ।

ଭରି ଧାର୍ମିକ ପୁରୁଷ, ଧର୍ମ ପ୍ରତି ତାଙ୍କର ଅଗାଢ଼ ବିଶ୍ୱାସ । ଜାତିରେ ଶବର ହେଲେହେଁ କଣହେଲା ଆଦିବାସୀଟିଏ, ବ୍ରାହ୍ମଣଙ୍କ ପରି ଗ୍ଚଲିଚଳଣୀ । ବେଳ ଉଇଁଲା ବେଳକୁ ଗାଧୁଆ ପାଧୁଆ ଆଉ ନଥିବ । ବହୁତ ସଫା ସୁତୁରା, ଧଳା ପିନ୍ ପିନ୍ ଧୋତି ଗାମୁଛା ପିନ୍ଧି ପୂଜା ଗୃହକୁ ଯାଇ ଚନ୍ଦନ ତିଳକ ଘୋରି ଦିଅଁ ଦେବତା ଠାକୁରଙ୍କ ସେବା ଟିକଏ କରି ଚଟ୍ କନା ପିଢ଼ାଟିଏ ପକେଇ ବସିଯାନ୍ତି ଶ୍ରେଷେଇ ଘର ପାଖେ । ଆଉ ଡାକ ପକାନ୍ତି **......!!**ବୋହୂ **......!!!** ଆଜି କଣ କରିଛୁ ଟିକଏ ଆଣିଲୁ ମାଁ **.....!!!!** ଭୋକଲା ପେଟ ନହେଲେ ବି ଗାଧେଇ ସାରି କଣ ଟିକଏ ପେଟରେ ନ ପଡିଲେ ଟିକେ ଆଉଟୁ ପାଉଟୁ ଲାଗେ । ଗଁ ଗଁ **....**ଫଁ ଫଁ **...**କରେ । ଅଭ୍ୟାସ ଟା ରହିଯାଇଛି ସେମିତି ରତନ ବାବାଙ୍କର । ନାଲି ଗୁ ସହିତ ମୁଢ଼ି କମ୍ବା ଚୁଡା ଗଣ୍ଡେ ଆଣି ଥୋଇ ବଢେଇ ଦିଏ ବୋହୂ ତୁଳସୀ ।

ତୁଳସୀ **.....!!!!!** ବୋଧେ ସଂସାରର ବଡ଼ ଦୁଃଖିନୀଟେ । ତାଙ୍କର ଗୋଟିଏ ମାତ୍ର ପୁଅ ବୋହୂ । ବିବାହର ଆଠ ବର୍ଷ ପୁରିଲାଣି, ହେଲେ ସେଇ ଗୋଟିଏ ଅବଶୋଷ, ଦୁଃଖ ଆସି ସବୁବେଳେ କାନ୍ଦୁ ପିଟୁଛି ତା'ଭଙ୍ଗା ମନର ଚଉ କାନ୍ଥରେ । ମାଁଆଟିଏ ହେବାପାଇଁ ଈଶ୍ୱର ତା ସୌଭାଗ୍ୟକୁ ଛଡେଇ ନେଇଛନ୍ତି ବହୁତ ଦୂରକୁ । ମରୁଭୂମି ପାଲଟି ଯାଇଛି ତା ମାତୃଗର୍ଭସ୍ଥଳ । ତରୁ ତୃଣଟିଏ ଅଙ୍କୁରିତ ହେଇନ ଏଯାଏଁ ତା ଗର୍ଭ ମାଟିରେ । ସମାହିତ ହେଉଛି ସବୁବେଳେ ଅଗ୍ନିପରିକ୍ଷା ଦେବାକୁ ସମାଜ ଆଗରେ ସନ୍ତାନଟିଏ ପାଇଁ , ବଂଶରକ୍ଷକ ଉତ୍ତରାଧିକାରୀ ପୁଣି ଅନ୍ତକାଳରେ ନିର୍ମାଲ୍ୟ ଟିକଏ ଓ ଶବ ଉପରେ କାଠ ଖଣ୍ଡିଏ ମାଟି ମୁଠାଏ ଆଶ୍ରାରେ । କେତେ ପୂଜା ପାଠ ଦିଅଁ ଦେବତା ଉପାସବ୍ରତ କରୁଛି, ମନ୍ଦିରରେ ଯାଇ ଅଧିଆ ପଡିଛି । ଗାଁ ଠାକୁରାଣୀ ମନ୍ଦିରରେ ମାନସିକ କରିଛି, ପୁଅ କି ଝିଅଟିଏ ହେଲେ ବୋଦା ବଳି ଦେବ, ଘଣ୍ଟ ନଡ଼ିଆ ଦେବ କିନ୍ତୁ କେହିକଣ ଶୁଣୁଛନ୍ତି ସମସ୍ତେ ନିର୍ବାକ , ନୀରବ ପ୍ରସ୍ତର ।

ଏ ଦେବତାମାନେ ବି କେବେଠୁ ଲାଞ୍ଚନେବା ଶିଖିଗଲେଣି ଯେ, ମଣିଷ ତ ଯାହା ନଉଛି ନଉଛି । ଏମାନଙ୍କୁ ମଧ୍ୟ କିଏ ବୁଦ୍ଧି ଶିଖେଇଦେଲା ଯେ, ନଦେଲେ କିଛି ହବନି, ତା'ବିନିମୟରେ କିଛି ଦେବେନି ମଧ୍ୟ,,,, ବାଃ, ବା, ରେ ଦେବତା **......!!!**

ହଉ ....!! ସେମାନେ ଦେବତା ନା ମାନବାକୁ ତ ପଡିବ ଅବଶ୍ୟ !!!

ତୁଳସୀ ଭାଉଜ ଆମ ଘରକୁ ଅନେକ ଥର ଆସନ୍ତି । ମୋ ମିସେସ୍ ଗାୟତ୍ରୀ ସହିତ ଦୁଃଖସୁଖ ହେଇକ ଯାନ୍ତି । କିନ୍ତୁ ସେଇ ଗୋଟିଏ କଥା ଭାଉଜଙ୍କ ପାଟିରୁ ସବୁଦିନେ ଶୁଣେ, ହେଇ ଦେଖୁଛ ତୁମ ବାହାହେବା ଦୁଇବର୍ଷ ପୁରିନି ତୁମଘରେ ପୁଅଟିଏ ହେଲାଣି , ମୋର ଭାଗ୍ୟରେ ଅବା କଣ ଲେଖା ଯେ, ଫଟା କପାଳ ମୋ ମରଣ ଆସୁନି ମୋତେ ,,, ଲୋକେ ଖାଲି ଛି....ଛି....କଲେଣି । ଆଖିରୁ ଖସ୍ ଖସ୍ ଝରେଇ ଦିଅନ୍ତି ସବୁ ଯନ୍ତ୍ରଣାର ସାଇତିଥିଲା ଅବାରିତ ଲୁହକୁ । ସୁ ସୁ କରି ନାକରୁ ମଧ ପାଣି ବାହାରି ପଡେ ଅନିଚ୍ଛା ସତ୍ତ୍ୱେ । ପିନ୍ଧିଥିଲା କାନପଣତରେ ପୋଛି ହେଇ ମୁହଁ ଢାଙ୍କି ଗ୍ଲିଯାନ୍ତି ତଳମୁହାଁ କରି ନିଜ ଘରକୁ ଗ୍ଲେରଣୀ ଅବା ବଡ଼ ଦୋଷୀଟିଏ ପରି ।

ତାଙ୍କ ପରିବାର ସହିତ ଆମ ଘରର ଖୁବ୍ ନିବିଡ଼ ସମ୍ପର୍କ । ପଡିଶା ଘର ନହେଲେ କଣହେଲା, ଯିବାଆସିବା ଲାଗିଥାଏ ସବୁବେଳେ । କ୍ଷେତ ଜମିଟା ମଧ ଗୋଟିଏ ଜାଗାରେ । ବିକ୍ରମ ମୋ ପିଲାଦିନର ସାଙ୍ଗ । ତାଙ୍କ ବାହାଘରର ଫଟୋଟା ଏବେବି ମୁଁ ସାଇତି ରଖିଛି ମୋ ଆଲବମ୍ ଭିତରେ ତୁଳସୀ ଭାଉଜ ଓ ବିକ୍ରମ ଭାଇ ମୋ ଦୁଇ ପାର୍ଶ୍ୱରେ ରେ ଥିବାବେଳେ ମୁଁ ମଝିରେ ଛିଡ଼ା ହେଇଛି ମୁରୁକ ମୁରୁକ ହସ ସାଙ୍ଗକୁ ଭାଉଜଙ୍କ ନାଲି ଓଢଣା ଦିଆ ଲାଜେଇ ବେଶ । ଖୁବ୍ ଗୁଲୁଗୁଲିଟେ କଣ୍ଢେଇଟିଏ ପରି ଲାଗୁଥିଲେ ସେତେବେଳେ । ସେଦିନ ଦିଲ୍ଲୀରୁ ମୁଁ ଫେରୁଥାଏଁ, ଘରକୁ ପହଞ୍ଚିଲା ବେଳକୁ ରାତି ଅନେକ ହେଇଯାଇଥିଲା ପ୍ରାୟ ୧୧ଟା ପାଖାପାଖି । ବସ୍ ଷ୍ଟାଣ୍ଡ ରୁ ଓହ୍ଲାଇ ଘରକୁ ଆସିଲି ପୁଅକୁ ଆଉଜି ଗାୟତ୍ରୀଙ୍କ ମଧ ନିଦରେ ଆଖି ଲାଗିଯାଇଥିଲା ତାଙ୍କର । ବାଟରେ ମନୋରମା ରେଷ୍ଟୁରେଣ୍ଟ ରେ ମୋ ଆଗରୁ ଖିଆପିଆ ସରିଯାଇଥାଏ । କ୍ଲାନ୍ତ ଅନୁଭବ ସାଙ୍ଗକୁ ରାତି ମଧ ଅନେକ ହେଇଯାଇଥିଲା ସାଇଁ କିନା ନିଦ ମାଡ଼ିଗଲା ଦେଖୁଦେଖୁ । ତଥାପି ଭୋର୍ ୫ଟାରୁ ଉଠିବା ମୋର ଗୋଟାଏ ପୁରୁଣା ଅଭ୍ୟାସଟା ।

ପ୍ରତିଦିନ ପରି ସାବୁନ ଏବଂ ଦାନ୍ତକାଠି ଖଣ୍ଡେ ଧରି ସଅଳ ସଅଳ ଭୋର୍ ପହପହରୁ ଉଠି ବାହାରି ପଡିଲି ପୋଖରୀ କୂଳକୁ । ମାହେନ୍ଦ୍ର ମୁହୂର୍ତ୍ତ ମନ ଖୁବ୍ ପ୍ରଫୁଲ୍ଲିତ ଥାଏ । ଶିରିଶିରି ମୃଦୁ ପବନରେ ବାହ୍ୟ ବାତାବରଣ ଆନ୍ଦୋଳିତ କରୁଥାଏ ହୃଦୟ ତନୁ କୁ ।

ବେଶ୍ ଏକ ନଆଗ୍ ଉନ୍ମାଦନାରେ ପାଦ ପକେଇଲି ଗାଁ ଦାଣ୍ଡର ଲମ୍ବା ଗଳ ଦେଇ ଉତ୍ତର ରୁ ଦକ୍ଷିଣ ଦିଗକୁ ଲମ୍ବି ଯାଇଥିବା ଅଣଓସାରିଆ ପାଦଚଲା ରାସ୍ତାରେ । ଜନାକୀର୍ଣ୍ଣ ଶୂନ୍ ଶାନ୍ ପରିବେଶରେ ପ୍ରଭାତରୁ ଉଠିଥିବା ବିହଙ୍ଗମାନଙ୍କ କଚରି ମିଚରି ଶବ୍ଦରେ ବେଶ୍ ଆମୋଦିତ କରୁଥିଲା ମନକୁ । ଅତର୍ଚ୍ଛା ମୋ ନଜର ପଡିଗଲା ରାସ୍ତାରେ ତଳେ ପଡିଥିବା ଅନେକ ଗୁଡ଼ିଏ ଖୁଚୁରା ପଇସା ଉପରେ ।

ପଇସା .....!!! ପୁଣି ଏତେ ଗୁଡାଏ ଖୁଚୁରା ଓ ରାସ୍ତା ମଝିରେ !!!! ଆଶ୍ଚର୍ଯ୍ୟ ଲାଗୁଥାଏ ଏବଂଲୋଭ ମଧ,, ଆଗପଛ ଚାରିପଟେ ଚାହିଁଲି କେହିଜଣେ ହେଲେ ସେଠି ଦେଖାଯାଉ ନାହାଁନ୍ତି । ପଇସାକୁ ବା କାହାର ଲୋଭନାହିଁ ଯେ !!!!! ଏ ଦୁନଆ ତ ଖାଲି ପଇସା ପଇସା ହିଁ ହଉଛି । ରାତିରେ ପଇସା ଦିନରେ ପଇସା, ଉଠିଲେ ବସିଲେ ପଇସା ପଇସା, ପଇସା ପଛରେ ମଣିଷ ଏମିତି ଗୋଡେଇଛି ଯେ, ଆଉ କାହାର ଜୀବନ ନେବାକୁ ମଧ ପଶ୍ଚାତାପ କରୁନ । ଆଉ ମୁଁ କଣ କମ୍ କ ??? ନର୍ଦ୍ଦନ୍ଦରେ ପଇସା ସବୁକୁ ଗୋଟେଇଲି, ଚାରି ଅଣିଠୁ ଆରମ୍ଭ କରି ଆଠଣି ଟଙ୍କି ଦୁଇ ଟଙ୍କି ଆଉ କେତେ ପୁରୁଣା ପଇସା ସବୁ ମୁଠାଏ ଟେ । ଭାବିଲି କାହା ଗଣ୍ଠିରୁ ବାଟରେ ଯାଉଥିବା ବେଳେ ଖସିଯାଇଥିବ ଏତେ ଗୁଡାଏ । ଯାହାହେଉ କାହା ମୁହଁ ଚାହିଁ ଆଜି ବାହାରିଲି ଯେ ଏତେ ଗୁଡାଏ ଟଙ୍କା ପାଇଲି । ତଥାପି ଲୋଭ ଆଗକୁ,, ଯାଇକ ଆଉ ଖୋଜନ୍ତି କ !!!!

ସତରେ ଖୋଜିଲି !!! ପୁଣି ଟଙ୍କା ....!!!! ପୁଣି ଦିଚାରିଟା ଟଙ୍କି ଓ ଦୁଇ ଟଙ୍କି !!! ଅତି ଅଦ୍ଭୁତ ଲାଗୁଥାଏ ଯେମିତି ଖୁସି ମଧ ଲାଗୁଥାଏ ସେଦିନ । କାହିଁକ ଟଙ୍କା ମିଳୁଛି ନା ,,, ଟଙ୍କା ତ ଟଙ୍କା ହିଁ ଏକା, ଖୁଚୁରା ହେଉ ଅବା ନୋଟ ହେଉ । ପୋଖରୀ ରାସ୍ତାରେ ତ୍ରିଛକ ପଥପଡେ । ସେଠି ଆଉ ଏକ ଦୃଶ୍ୟ ଦେଖି ଯାହା ମୋ ଅନ୍ତରାତ୍ମାକୁ ଦୋହଲାଇ ଦେଲା କ୍ଷଣିକରେ । ହତବାକ୍ ହେଇ ଚାହିଁଲି ତାକୁ,, ଖଇ କଉଡ଼ି ବିଞ୍ଚା କୁଳେଇ ସହିତ ଭଙ୍ଗା ରନ୍ଧା ହାଣ୍ଡିଟିଏ, ସ୍ତବ୍ଧ ହେଇ ଛିଡ଼ା ହେଇଗଲି । କାହାର କ'ଣ ହେଲା କ ???? ଏମିତି ତ ଶବଯାତ୍ରା ବେଳେ କରନ୍ତି । ଛକ ରାସ୍ତାରେ ଶବକୁ ଓହ୍ଲେଇ ହଳଦୀ ତେଲ ଲେପି ସେଠାରୁ ବିଦାୟ ଦିଅନ୍ତି । ଖଇ କଉଡ଼ି ବିଞ୍ଚିବା ମଧ ଆଗରୁ ପ୍ରଥା ରହିଛି । ବୋଧେ ଏଇ ଖୁଚୁରା ପଇସା ସବୁ ସେଇଆ ନୁହେଁ ତ ???? ମୋ ମାନସ ପଟରେ ବାରମ୍ବାର ପ୍ରଶ୍ନ ଉଠି ମୋତେ କୋଳାହଳ କରୁଥାଏ । ତାହେଲେ କାହାର ଏ ଶବଯାତ୍ରା !!!! ସତରେ ଏ ଜୀବନ ଓ ସମୟ ଏଭଳ ଜଡ଼ିତ ଯେ, କାହାପାଇଁ ଅମୃତର ସକାଳ ତ ଆଉ

କାହାପାଇଁ ଜୀବନର ଅନ୍ତକାଳ । କଏ ଧନ ପାଉଛି ତ ଆଉ କଏ ଜୀବନ ହରଉଛି, ବିଧାତାଙ୍କ ଏହି ଅପୂର୍ବ ସୃଜନୀକୁ ଦଣ୍ଡବତ କରୁଥାଏ , ମୋ ହୃଦୟର ଗଭୀର କୋଣରୁ । ବାଃ, ବାଃ, ତୁମେ ସ୍ରଷ୍ଟା ଧନ୍ୟ ତୁମ ଲୀଳା । ନିଜକୁ ଏକ ଅପରାଧୀ ଭାବି ଅତି ଘୃଣ୍ୟ ମଣୁଥିଲି ସେତେବେଳେ । ବହୁତ ବଡ଼ ଭୁଲକାମଟିଏ କରି ପକେଇଛି । ଘୋର ଅନୁତାପ କରି ବସିପଡିଲି ସେଠି କିଛି ସମୟ ।

ଟୁପୁରୁ ଟାପୁରୁ ହେଇ କେଇ ଦୁଇ ଜଣ ଆଗେଇ ଆସୁଥାନ୍ତି ମୋ ନିକଟକୁ । ଗଛ ଆଢୁଆଳରେ କିଛି ଜଣାପଡୁନଥିଲା ତଥାପି ଚିହ୍ନାଚିହ୍ନା ସ୍ୱର । ହଁ ,, ପାଖେଇ ଆସିଲେ ଦୁଷ୍ମନ୍ତ ମଉସା ଏବଂ ଆମ କୀର୍ତ୍ତନ ଦଳର ଗାୟକ ବିବେକ କାକା । ମୋତେ ଦେଖି ସେମାନେ ଟିକଏ ସ୍ତବ୍ଧ ହେଇଗଲେ !! କହିଲେ ....!!!

- କିରେ ଏଠି କ'ଣ କରୁଛୁ ???
ମାଟିଦେଇ ଯିବୁନି କି ???
ଟିକଏ ଅବୁଝା ପରି ଚାହିଁଲି .....!!
- ମାଟି !!!
କୋଉଠି କି ....???

ଭାବୁଥିଲେ ସେମାନେ ମୋତେ ଜାଣିଶୁଣି ମଜାକରୁଛି । ବିବେକ କାକା ଙ୍କ କଣ୍ଠରୁ ବାହାରି ପଡ଼ିଲା ,,, ଆରେ ରତନ ବାବା ଆଉ ନାହାଁନ୍ତି, ସେ ରାତିରେ ଆମକୁ ଛାଡ଼ି ଚାଲିଗଲେ ଇହଧାମରୁ.....!!!! ତାଙ୍କର ଶବ ବୋହି ମଶାଣି କୁ ଗଲେଣି ସମସ୍ତେ । ଚାଲ୍ !!!!

ରତନ ମଉସାଙ୍କ ମୃତ୍ୟୁ ଖବର ଶୁଣି ମୋ ପାଦରୁ ଭୂମି ଯେମିତି ଖସିଯାଉଥିଲା, ଆକାଶ ଛିଣ୍ଡି ମୁଣ୍ଡରେ ଲଦିହେଉଥିଲା । ହାତଗୋଡ଼ ନିସ୍ତେଜ ଶକ୍ତି ହରା । ନିଜକୁ ସମ୍ଭାଳିବାକୁ ପ୍ରୟାସ କଲି ଏବଂ ବିବେକ କାକା ଙ୍କ ସହିତ ମଶାଣି କୁ ଚାଲିଗଲି । ରାତିକ ଭିତରେ ଏତେସବୁ ଘଟଣା ଘଟିଗଲା, ଅଥଚ ମୁଁ କିଛି ଜାଣିପାରିଲିନି, ବିକ୍ରମ ଭାଇ ତ ମୋତେ ଜଣେଇବା କଥା । ଅବଶ୍ୟ ମୁଁ ଦିଲ୍ଲୀରୁ ରାତିରେ ଫେରିବା କଥା ସେ ଜାଣିନଥିବ । ନହେଲେ ନିଶ୍ଚୟ ଜଣେଇଥାନ୍ତା । ପହଞ୍ଚି ଗଲୁ ତିନି ଜଣ ମଶାଣି ପଦାରେ । ସେଠି ସମସ୍ତେ, ଯଦୁ କାକା, ଗାଁ ଗଉଁତିଆ, ଅନେକ ଭଦ୍ରବ୍ୟକ୍ତି ଓ କୀର୍ତ୍ତନ

ଦଳର ସମସ୍ତ ପିଲ୍ ଠୁଳ ହେଇଥାନ୍ତି । ସମସ୍ତଙ୍କ ମୁହଁରେ ଶୋକର ଛାୟା ତଳ ମୁହଁ କରି ଛିଡ଼ା ହେଇଥାନ୍ତି ରତନ ମଉସାଙ୍କ ଶବ ପାଖରେ । ଉତ୍ତର ଦକ୍ଷିଣ ଦିଗକୁ ସମାଧି ଦେବାପାଇଁ ମାଟି ଖୋଲ୍ ସରିଯାଇଥାଏ ଦେଢ଼ହାତ ଗର୍ତ୍ତରେ । କେବଳ ପ୍ରତୀକ୍ଷା ସମସ୍ତଙ୍କୁ ମାଟି ମୁଠାଏ କାଠଖଣ୍ଡେ ଦେବାକୁ । ପୁତ୍ରର ଅଧିକାର ରେ ପ୍ରଥମେ ବିକ୍ରମ ବାପାଙ୍କ ଶବ ଉପରେ ମାଟି ମୁଠିଏ କାଠଖଣ୍ଡିଏ ଦେଇ ଶେଷ ପ୍ରଣାମ କରି ଘୁଞ୍ଚି ଆସିଲ୍ କଛି ଦୂରକୁ । ତାପରେ ସମସ୍ତେ ଜଣ ଜଣ କରି ମାଟି ମୁଠିଏ ଦେଉଥାନ୍ତି । ସବୁ ଏକ ଲୟରେ ଛଳଛଳ ଆଖିରେ ମୁଁ ଗୃହୁଁଥାଏ । ମଉସାଙ୍କ ସବୁ କଥା ମୋ ମନେ ପଡିଯାଉଥାଏ । ଅନେକ ଥର ମୋତେ କହିଛନ୍ତି ....

ପ୍ରଭୁତ ବେଟା ତୁ ଯୋଉଠି ଥିଲେ ବି ମୁଁ ମରିଗଲେ ଆସିକ ମୋ ଶବ ଉପରେ କାଠଖଣ୍ଡିଏ ମାଟି ମୁଠାଏ ଦେଇ କ ଯିବୁ । ମୋତେ ଭୁଲିବୁନ ......!!! କୋହ ଆଉ ସମ୍ଭାଳ ପାରିଲିନ, ବହୁତ ଚେଷ୍ଟା କଲି ବାନ୍ଧିବାକୁ । ଆପେଆପେ ଖସ୍ ଖସ୍ ଝରିପଡିଲ୍ କେଇ ବୁନ୍ଦା ଅଶ୍ରୁ, ରତନ ମଉସାଙ୍କ ଶବ ଉପରେ । ଶୋକରେ ସକାଳ କାନ୍ଦୁଥିବା ବେଳେ କାଳ ତା କରାଳ ରୁପକୁ ଦେଖେଇ ଅଟ୍ଟହାସ୍ୟ କରୁଥାଏ । ମୁଁ ସେମିତି ଧରିଥାଏଁ କାଠଖଣ୍ଡିଏ ଓ ମାଟି ମୁଠାଏ ଦେବାକୁ । ଇଚ୍ଛା ଥିଲ୍ ହାତଯୋଡ଼ି କଛି ଆଶିର୍ବାଦ ନେବାକୁ । ହେଲେ ସବୁ ଶେଷ ହେଇଯାଇଥାଏ ।

**ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ**

**୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।**

# ପାରିବି କ ଫେରି?



ଅଶ୍ୱିନୀ କୁମାର

ମନରେ କେତେ ଆଶା ନେଇ
ଚାଲି ଆସିଥିଲି ସହରକୁ,
ପେଟ ଚାଖଣ୍ଡ ପାଇଁ ।।
ମୁ ଦିନ ମଜୁରିଆ
ମୋ ପାଇଁ ଯଥେଷ୍ଟ
ଦୁଇ ଯୋଡ଼ା କନା
ପେଟ ପାଇଁ  ମୁଠାଏ ଦାନା,
କେବେ ବଡ଼ ଲୋକ ହେବାର
ସ୍ୱପ୍ନ ଦେଖି ନାହିଁ ।।

ହେଲେ ଆଶା ଆଶାରେ ରହିଲା
ଆଜି ଏଠି ବି ଚର ହାହାକାର ।।
ଦି ଧାର ଅସ୍ତ୍ର ଆଗେ
ଚାଲୁଛି ମୁ ଆଜି,
ଗୋଟେ ପଟେ କରୋନା ସାଧେ ଦାଉ ।
ଅନ୍ୟ ପଟେ ଭୋକର ଜ୍ୱାଳା
କରେ ଥରହର ।।

ଏଠି ଜୀବନ ପାଲଟି ଯାଇଛି ଦୁର୍ବହ
ଏଠି ମାରିବା ଅପେକ୍ଷା ତ
ମୋ ଭିଟା ମାଟି ଶହେ ଗୁଣ ଭଲ ।
ସେ ଟିକଏ ଆଶା ନେଇ
ଚାଲେ ନିତିପ୍ରତି
ଆଜି ଶରୀର ମୋ ଶକ୍ତିହୀନ
କ୍ଲାନ୍ତ ଶିଥିଳ ।।

ଶୁଣି ଥିଲି
ଅରକ୍ଷିତକୁ ଦଇବ ସାହା ।
ହେଲେ ଆଜି ଭାଗ୍ୟକୁ ଆଦରି
ଖୋଜିବୁଲେ ବଞ୍ଚିବାର ରାହା ।।
ତୁମେ ଦେଉଥିବା ମୁଠାଏ
ରିଲିଫ ଦାନା,
ଓଟ ମୁହଁରେ ଜିରା ପରି ।।
ମୋ ଆଖି ଆଗରେ
ମୋ ସନ୍ତାନଙ୍କ ଖୋକଲା କ୍ରନ୍ଦନ
ମୋ ସ୍ୱାଭିମାନ କୁ ଦେଇଛି ମାରି ।।

ଦୁନଆ ଠିକ କହେ
ଗରିବର କେହି ନାହିଁ ସାହା,
ଗରିବ ମାଇପ ସବୁରି ଶାଳୀ ।।
ସତେ ଯେମିତି ନୟତି ସାଧେ ଦାଉ
କରିଛି ମୃତ୍ୟୁର ପରବାନା ଜାରି ।।

ହେ ଲୀଳାମୟ
ଶୁଣି ପାରୁନ କ ତୁମ କର୍ଣ୍ଣ ଗହ୍ୱର
ମୋ ବିକଳ ଆର୍ତ୍ତନାଦ ।
ଓହୋ ତୁମ ହାତରେ ଆଉ କଛି ନାହିଁ
ତେଣୁ ବନ୍ଦ ହୁଏ ତୁମ ଉପାସନା ସୌଧ ।।
ତୁମେ ପର୍ କରିଥିଲ
ଦୁଇ ପଟ ରୋଟିରେ
ହଜାର ଲୋକଂକ କ୍ଷୁଧା ନବାରଣ ।
କରିଥିଲ ଭକ୍ତର ଉଦ୍ଧାର
ଚକ୍ରପେଶି ନକ୍ର ନାଶିଣ ।।

କୁଆଡେ ଗଲ ହୋ ଅବତାରୀ,
ଇଶ୍ୱରଙ୍କ ଦୂତ, ଇଶ୍ୱର ସନ୍ତାନ ।।
ଆଜି ଖୋଜିବୁଲେ ତୁମରି ସାନ୍ନିଧ
ଦେଖି ପାରୁନ କ
ମୋ ଅଶ୍ରୁ ବେଦନ ।।

ପରିବାର ବୋଝ
ମୁଣ୍ଡରେ ବୋଝେଇ ।
ଅବୋଧ ଶିଶୁକୁ
କାନ୍ଧରେ କାନ୍ଧେଇ,
ରାଜରାସ୍ତାରେ ହୁଏ ଅଗ୍ରସର ।।
ଜାଣେନା ମୁ ପାରିବିକ ଫେରି
ତଥାପି ଗ୍ଲେ ଦମ୍ଭ ଧରି
ଏଠୁ ମୋ ଲକ୍ଷସ୍ଥଳ ବହୁ ଦୂର ।।

ଶିକ୍ଷକ, ଝରିଗ୍ରାମ, ନବରଙ୍ଗପୁର

# ମୋ ମା



ସଙ୍ଗୀତା ମହାନ୍ତି

ମାମାଙ୍କ ନା ହେଲ୍ ଶର୍ମିଷ୍ଠା
ସବୁକାମରେ ତାଙ୍କର ଭ୍ରି ନଷ୍ଠା
ସ୍ନେହ ଶ୍ରଦ୍ଧାରେ ସେ ବାନ୍ଧିନଅନ୍ତି ସଭିଙ୍କୁ
ସେଥିପାଇଁ ଭଲ ପାଆନ୍ତି ସଭିଏଁ ତାଙ୍କୁ
ନାହିଁ ତାଙ୍କ ପାଖେ ଧନ ହେଲେ ରଖନ୍ତି ସଭିଙ୍କ ମନ
ପର କ ଆପଣା କେବେ କାହାକୁ ଭ୍ବି ନାହାନ୍ତି
ସେଥିପାଇଁ ଲକ୍ଷ୍ମୀ ତାଙ୍କ ପାଖେ ଅଛନ୍ତି
ଲକ୍ଷ୍ମୀ ପ୍ରତିମା ମୁହଁଟି ତାଙ୍କର ଦେଖିବାକୁ ଭ୍ରି ସୁନ୍ଦର
ଘରେ ନଥିଲେ ସେ ଲ୍ଗେନ ଘର ପରି
ଲ୍ଗେ ଯେମିତି ସତେକ ମା ଲକ୍ଷ୍ମୀ ଯାଇଛନ୍ତି ଦୂରେଇ
ସେ ହାତ ପରସାରେ ଥାଏ କେତେ ସ୍ଵାଦ
ଦିନକୁ ଦିଏ ମୁଁ ହଜାରେ ବର୍ଦ
ସତରେ ମା ର ନାମଟି ବଡ ମଧୁର
ଦୁନଆରେ ନାହିଁ କେହି ତା ଠୁ ସୁନ୍ଦର
ପଇସା ମାଗିଲେ କମ କରିକ ଦିଏ
କନ୍ତୁ ଖାଇବା ବେଳେ ରୁଟି ଗୋଟେ ମାଗିଲେ ଦୁଇଟି ଥୋଇ ଦେଇଥାଏ
ମାଲେ୍ ତୋ ପଣତ କାନ ମତେ ସରଗ ଦେଇଛି ଆଣି

ମଧୁ ଠୁ ମିଠା ତୋ କଥା ହଜାଇ ଦିଏ ମୋ ମନ ବ୍ୟଥା

କଏ ବା ବୁଝିଛି ମା ର ତ୍ୟାଗକୁ ତ୍ୟାଗର ମୂରତି ସିଏ

ମୃତ୍ୟୁର କୋଳରେ ଶୋଇ କରି ନିଜେ ସନ୍ତାନକୁ ଜନ୍ମ ଦିଏ

ଦୟା, କ୍ଷମା, ସ୍ନେହ ପ୍ରେମର ମୂର୍ତ୍ତି ଅଟେ

ଗଙ୍ଗା ଠାରୁ ଅଟେ ପବିତ୍ର ସିଏ

ସବୁରି ସୁଖରେ ସବୁରି ଦୁଃଖରେ

ସବୁ ସମୟରେ ସେ ପାଖରେ ଥାଏ

ତା ଋଣ କେବେବି ସୁଝି ହବନି

ତାର ସ୍ଥାନ କେହି ନେଇ ପାରିବେନି

ବିନା ସ୍ୱାର୍ଥରେ ସେ ଆମକୁ ଭଲ ପାଉଥାଏ

ନୀତି ଠାକୁରଙ୍କ ପାଶେ ଆମ ପାଇଁ ଶୁଭ ମନାସେ ॥

ତୁଳସୀପୁର, ମଠସାହି

# କାମନା



ଅଲେଖ ମେହେର

ତୁମ ପ୍ରେମ ଏକ
ଆଟଲାଣ୍ଟିକ ମହାସାଗର
ବରମୁଁଡା ତ୍ରିକୋଣାଞ୍ଚଳର
ଘୂର୍ଣ୍ଣାୟମାନ ସ୍ରୋତ,
ଆକାଶ ଯାନ ଅବା ଜଳ ଜାହାଜକୁ
ହଜମ କରିଯାଅ ନିଜ ଗର୍ଭରେ।
ଭ୍ରମରେ ଭ୍ରମନ୍ତି ଭ୍ରମର ପାଗଳା
ଗୁଣୁଗୁଣୁ କରି କମଳ ଭିତରେ
ସନ୍ଧ୍ୟାରେ ହୁଅନ୍ତି ବନ୍ଦୀ,
ତୁମ ବାହୁ ପାଶର ଅମାପ ଶକ୍ତିରେ।
ଅଝଟ ମନ ଜମା ବୋଲ ମାନେନା
ପତଙ୍ଗକୁ ଅନଳ ଯେସନ ଦଗ୍ଧ ହେବାକୁ
ଗୋଡ କାଢିବସେ ବିନା ଦ୍ୱିଧାରେ।
ଆପଣା ହସ୍ତରେ ଛେଦନ କରେ ଜିହ୍ୱାକୁ
ତଥାପି ତ ଭଲଲାଗେ
ହେଉ ପଛେ ମାୟା ମରିଚକା
ଲମ୍ଫ ଦେବାକୁ ତୁମ ହୁତାସନରେ।

ସୋହେଲା, ବରଗଡ

# ପାଞ୍ଚ ଟଙ୍କିଆ ବିସ୍କୁଟ ଓ ଫନି



ରେଶ୍ମା ମହାନ୍ତି

ଆଜି ଜଣେ ବନ୍ଧୁ ଙ୍କର whatsapp ଗ୍ରୁପ ରେ ମେସେଜ ପଢ଼ିଲି ଯେ.. happy birthday fani.....ହସ ତ ଲାଗିଲା ଆଉ କଷ୍ଟ ବି... କୋଉ ଓଡିଶାବାସୀ ଗ୍ରହାଁନ୍ତିନ  ତା ଜନ୍ମ ଦିନ ମନେଇବାକୁ ରେ ଭାଇ....ମନେ ପଡିଗଲା ଠିକ ବର୍ଷେ ପୂର୍ବର ଫନି ର ସେ ତାଣ୍ଡବ..

ମେ ୩..ସକାଳୁ ବର୍ଷା ସହ ଘନ ଘନ ପବନ... ସମସ୍ତେ ଆତଙ୍କିତ... ଜଗନ୍ନାଥ ଙ୍କୁ ପ୍ରାର୍ଥନା ସହ ମନରେ ଦୃଢ଼ତା ଜଗା ଅଛି ମ... କିଛି ହବନି ..ହେଲେ ଜଗା ର ଇଚ୍ଛା ବୋଧେ କିଛି ଅଲଗା ଥିଲା.. ଦାଣ୍ଡ ପଟେ ଆମର ଘରକୁ ଲାଗି ୭.. ୮ ଟି ନଡ଼ିଆ ଗଛ.. ଆଜବେଷ୍ଟସ ଘର...ସେଥିପାଇଁ ନିଜକୁ ସୁରକ୍ଷା ଦେବାକୁ ବାରି ପଟ ଛାତ ଘରେ ଆଶ୍ରୟ ନେଲୁ.... ଗ୍ରିଲ ଭିତରେ ରହି ଦେଖୁଥାଉ ବାଡ଼ି ପଟ ଗଛ ଗୁଡିକ ଫନି ର ତାଣ୍ଡବ ରେ ଟଳି ପଡୁଥାନ୍ତି ଗୋଟି ଗୋଟି ହୋଇ.... ଛାତ ଘରେ ଆମେ ସୁରକ୍ଷିତ ଥାଉ...ପବନ ର ଘୁ ଘୁ ନାଦ ବ୍ୟତିରେକ ହଠାତ ଏକ ବିରାଟ ଶବ୍ଦ ଶୁଭିଲା ଦାଣ୍ଡ ପଟ ଘର ଆଡୁ.... କିଛି ସମୟଅନ୍ତେ ଅନୁଭୂତ ହୁଏ  ବର୍ଷା ପରେ ଚତୁଃର୍ଦିଗ ରେ ମହକୁଥିବା ମାଟିର ଗନ୍ଧ ..ଏ ଥିଲା ଭାଙ୍ଗି ପଡିଥିବା ମାଟି କାନ୍ଥ ର ଗନ୍ଧ... ବର୍ଷା ପରେ ମାଟି ର ଗନ୍ଧ ମନ ମୋହିନିଏ ଆଜି କିନ୍ତୁ ମନ ଆଜି ବିଷାଦ ରେ ପୂର୍ଣ୍ଣ .. ଜେଜେ ବାପା ଙ୍କ ଅମଳରେ ତିଆରି ଘର ର କାନ୍ଥ ଗୁଡିକ ମାଟି ଜାବ ରେ ତିଆରି.. ଉପରେ ସିମେଣ୍ଟ ର ପରସ୍ତ ମାତ୍ର... ୪..୫ ଘଣ୍ଟାର ବର୍ଷା ପବନ ପରେ ଦେଖିଲୁ ଦାଣ୍ଡ ପଟ ଘର ର ଅବସ୍ଥା... ଘର ଭିତରେ ନଡ଼ିଆ ଗଛ .. ଭୂମି ରେ ପଡି ରହିଛି ନଡ଼ିଆ ପଇଡ଼... ଆସବାବ କଥା ନ କହିଲେ ଭଲ....ପିଲା ଦିନରୁ ଦେଖି ଆସୁଥିବା ଟିଭି ମୁହଁ ମାଡି ପଡିଛି ମାଟିରେ... କାଠ ସିଲିଂ ଘର ର ପଟା ସବୁ ବତୁରି ପଡିଛି ଖଣ୍ଡ ବିଖଣ୍ଡିତ ହୋଇ... ଯେପରି ଦୁଇ ଟି ରୁମ ଏକାଠି ହୋଇ ମିଶିଯାଇଛନ୍ତି ମାଟି

ର ଗର୍ଭ ରେ.. ଘର ଟିଏ କରିବା କେତେ ଯେ କଷ୍ଟ... ପୁଣି ନଜ ହାତରେ ସଜେଇ ଥିବା ଜିନଷ ଗୁଡିକର ଏ ଦୟନୀୟ ଅବସ୍ଥା...

ଏ ଭଳ ଅବସ୍ଥା ଦେଖି ମା, ବାପା ଙ୍କ ଆଖିରେ ଜକେଇ ଆସୁଥିବା ଲୁହ କୁ ଠିକ ଲକ୍ଷ୍ୟ କରି ପାରୁଥିଲୁ ଆମେ... କନ୍ତୁ ଖୁସି ଏୟା ଥିଲା ଯେ ଆମେ ମାନେ ସୁରକ୍ଷିତ ଥିଲୁ... ଘର ତ ପୁଣି ହେଇଯିବ ନା... .. ବାପା' ମା କାନ୍ଧ ରେ  ହାତ ରଖି କହୁଥାନ୍ତି, କାଇଁ ବେସ୍ତ ହଉଛ.. ସବୁ କଛି ହେଇଯିବ... ଆମେ ସବୁ ସୁରକ୍ଷିତ ତ ଅଛେ... ଭଗବାନ ଙ୍କ ଦୟାରୁ ଆମର ମୁଣ୍ଡ ଗୁଞ୍ଜିବାକୁ ଜାଗା ତ ଅଛି... କଛି ଲୋକ ଙ୍କର ସେତକ ବି ଏ "ଫନ"ରଖିନଥିବ... ।

ବାପା ଙ୍କ କଥା ପୁରା ଠିକ ଅନୁଭବ କଲି ଯେବେ ପର ଦିନ ସକାଳେ ଘରୁ ବାହାରିଲି.. ଘର ପାଖ ରେ ହରିଜନସାହି ... ଆଉ ପଟେ ମୁସଲିମ ବସ୍ତି...ହରିଜନ ସାହି କଥା ନକହିଲେ ଭଲ... ଗାଁ ଆରମ୍ଭରେ ଖନୀ ସ୍ତ୍ରୀ ଲୋକଟି ଯାହାର ସ୍ୱାମୀ ଆଉ ପାରିରେ... ମାଟିରେ ମିଶିଯାଇଥିବା ଘର ର ବାଉଁଶ ଗୁଡିକୁ ଦେଖାଇ ଉପରକୁ ହାତ ଟେକୁଥାଏ... ବୋଧ ହୁଏ ଭଗବାନ ଙ୍କୁ କହୁଥାଏ ହେ ଭଗବାନ ଏ କଣ କଲ.... ଆଗକୁ ଯାଇ ଦେଖେ ତ ଗାଁ ପୁରା ଶ୍ରୀହିନ...କାହାର ଘର ଉଡି ଯାଇଛି ତ କାହାର କାନ୍ଥ ପଡିଯାଇଛି.. କଏ ଖୋଲା ଆକାଶ ତଳେ ବାସନ କେଇଖଣ୍ଡ ଧରି ଗୁହିଁ ରହିଛି ତ କଏ ଉଜୁଡି ଯାଇଥିବା ଭଙ୍ଗା ଘର ର ଟୁକୁଡା ଗୁଡିକୁ ଗୋଟାଇବାରେ ଲାଗିଛି... ସରକାରୀ ସହାୟତା ଆଶାରେ ସଭିଏଁ...ମୁସଲିମ ବସ୍ତିର ଅବସ୍ଥା ବି କଛି କମ୍ ନଥିଲା...... ସେହିଭଳ ସ୍କୁଲ ଘର ଗୁଡିକର ଆଜବେଷ୍ଟସ ଭାଙ୍ଗି ପଡିଛି... ରାସ୍ତା ଯାକ ଗଛ ପଡି ବାଟ ରୋକୁଛନ୍ତି ପଥିକର.....ଦମକଳ ବାହିନୀ, ଓଡ୍ରାଫ ଟିମ..ସମସ୍ତ ଜରୁରୀ କାଳୀନ ସଂସ୍ଥା ଚଳଚଞ୍ଚଳ..। ରାସ୍ତାରୁ ଧୀରେ ଧୀରେ ଗଛ କାଟି ସଫା କରାଯାଉଥାଏ... ସରକାର ଜିରୋ କାଜୁଆଲିଟି ର ବାଃ ବାଃ ନେଉଥାନ୍ତି.. ହଁ ଏଇଟା ପ୍ରଶଂସା ର ବିଷୟ ବି ଥିଲା.. ନହେଲେ ୧୯୯୯ ର ପ୍ରଳୟଙ୍କାରୀ ବିଭୀଷିକା ରେ ରାସ୍ତା ରେ ଗଦା ହୋଇଥିବା  କୁଢ଼ କୁଢ଼ ଶବ  କୁ କଏ ବା ଭୁଲିପାରିବ... ଫନ ପୀଡିତ ଙ୍କୁ  ସରକାର କଛି ସହାୟତା ଦେଉଥାନ୍ତି ଆଉ କଛି ବେସରକାରୀ ସଂସ୍ଥା ମଧ୍ୟ ସାହାଯ୍ୟ ର ହାତ ବଢ଼ାଉଥାନ୍ତି.. ଏଇ ସବୁ ତ ଏବେ ଗରିବ ର ପୁଞ୍ଜି ସାଜିଥାଏ.. ପେଟ ନ ପୁରୁ ପଛେ ଗଣ୍ଡେ ଦାନା ପେଟ ରେ ପଡିଯାଉ  .... ନଜେ ନ

ଖାଉ ପଛେ ନିଜ ଛୁଆ ଙ୍କ ପେଟ ଖାଲି ନ ରହୁ... ଗରିବ ମା ର ଏତିକ ପ୍ରାର୍ଥନା ଥାଏ ସମସ୍ତ ଙ୍କ ପାଖେ... ଏଥିରେ ବି କଳା ବଜାରୀ ଙ୍କ ଅଭାବ ନଥାଏ... ଗରିବ ଙ୍କ ପେଟ ର ଦାନା କୁ ବି ଛଡେଇ ନେବାରେ ରେ ଲିପ୍ତ କେତେକ ଅସାମାଜିକ...

ଏ ସବୁ ବେଶୀ ଅନୁଭବ ହେଲା ଯେବେ କିଛି ଅତ୍ୟାବଶ୍ୟକ ସାମଗ୍ରୀନେଇ ସ୍ୱେଚ୍ଛାସେବୀ ଭାଇ ଭଉଣୀ ଙ୍କ ସହ ପହଞ୍ଚିଥିଲୁ ଘର ଦ୍ୱାର ହରେଇ ଥିବା କିଛି ଲୋକ ଙ୍କ ପାଖରେ.... କିଏ ମୁଣ୍ଡରେ ହାତ ଦେଇ ବସିଛି ତ କିଏ ଭୋକଲା ପିଲା କୁ ବୁଝାଇବାକୁ ଚେଷ୍ଟା କରୁଛି...କାହାର ତ ମୁଣ୍ଡ ଗୁଂଜିବାକୁ  ଜାଗା ଟି ବି ଉଜୁଡ଼ିଯାଇଛି... .....ସରକାରୀ ସହାୟତା କିଛି ଲୋକ ପାଇଛନ୍ତି ତ କିଛି ପାଇପାରି ନାହାନ୍ତି....ଆମ ଗାଡି ରହିବା ପରେ କୋମଳମତି ଶିଶୁ ଗୁଡିକ ଦୌଡ଼ିଆସିଲେ ବିସ୍କୁଟ ମିଳବ ବିସ୍କୁଟ ମିଳବ କହି.....

... ପ୍ରତି ଘର ପାଇଁ ଚୁଡା, ଗୁଡ, ମହମବତୀ ଆଉ ଦରି ର ବ୍ୟବସ୍ଥା ଥାଏ... କିନ୍ତୁ ଛୋଟ ଶିଶୁ ଙ୍କ ପେଟ ର ଭୋକ ଦେଖି ଆଖି ଓଦା ହେଇଯାଉଥାଏ....ସ୍ୱେଚ୍ଛାସେବି ଭାଇ ଭଉଣୀ ମାନଙ୍କୁ ଫେରିବା ଡେରି ହେଲେ ଖାଇବା ପାଇଁ ପାଞ୍ଚ ଟଙ୍କିଆ ବିସ୍କୁଟ ଗୋଟେ ଗୋଟେ ଦିଆଯାଇଥାଏ... ଶିଶୁ ମାନଙ୍କ ଭୋକ ଦେଖି, ଆମେ ସମସ୍ତେ ସେ ବିସ୍କୁଟ ଗୁଡିକୁ ଏ ଶିଶୁ ମାନଙ୍କୁ ଦେବାପାଇଁ ନିଷ୍ପତ୍ତି ନେଲୁ। ସେଗୁଡିକୁ ସଂଗ୍ରହ କରି ଛୋଟ ଶିଶୁ ମାନଙ୍କୁ ଦିଆଗଲା... ସେମାନଙ୍କ ଆଖିର ଖୁସି ଆଉ ଓଠ ର ହସରେ ଥିବା ଆନନ୍ଦ ଆଉ କୋଉଠି ମିଳନପାରେ ....

ପାଣି ଟିକେ ମାଗିବାରୁ କୁନି କୁନି ପାଦ ପକାଇ ଦୌଡ଼ିଗଲେ ଦୁଇଟି ଝିଅ... ଗ୍ଲାସ ଗ୍ଲାସ ପାଣି ଆଣିବା... ସମସ୍ତ ଙ୍କ ପାଇଁ ପାଣି ଆଣିଦେଲେ କୁନି ଝିଅ ଦୁଇଟି.. .. ଆଖିରେ ଥାଏ ନିଃସ୍ୱାର୍ଥପରତା ର ଝଲକ...କିନ୍ତୁ ଶୁଖିଲା ମୁହଁ ଆପେ ଆପେ ଜଣେଇଦେଉଥାଏ ଫନ ଦେଇଥିବା ପେଟରେ ଭୋକ କୁ ..  ଛୋଟ କୋମଳମତି ପିଲା ଗୁଡିକ କୁଣ୍ଢେଇ ପକାଉଥାନ୍ତି...... ଆମେ ଆସିବା ବେଳେ ପଚାରୁ ଥାନ୍ତି ଆମ ଗାଁ କୁ ପୁଣି ଆସିବ ଟି ଦିଦି.........

"ଫନ" ର ସେ କରାଳ ଦୃଶ୍ୟ ଆଜି ବି ଭୟ ଓ ବିଷାଦ ର ଚହ୍ନ ଆଙ୍କିଦେଉଛି ମାନସପଟରେ ....ସରକାର ସହାୟତା ଯୋଗାଉଥାନ୍ତି... କନ୍ତୁ ସବୁ ସହାୟତା କ'ଣ ପହଞ୍ଚିପାରେ  ଗରିବ ଙ୍କ ପାଖେରେ.. ହଁ ଗରିବ ଙ୍କ ଲୁହ ପୋଛିବାରେ କଛି ମାତ୍ରା ରେ ସହାୟକ ହୋଇପାରେ.... କନ୍ତୁ ବର୍ଷେ ହେଇଗଲାଣି ଆଜି ବି ତ ଗରିବ କାନ୍ଦୁଛି .. ଏବେ ଯାଏଁ ଫନ ସହାୟତା ମିଳପାରିନ ତାକୁ... .ନ୍ୟୁଜ ରେ ଦେଖାଏ ଲକ୍ଷ ଲକ୍ଷ କୋଟି କୋଟି ଟଙ୍କାର ହେରଫେର...ଏତେ ଟଙ୍କାର ସତେରେ କଣ ଅସ୍ତିତ୍ୱ ଅଛି.....କେଜାଣି ଥିବ... . ମୋ ରାଜ୍ୟର ଗରିବ ଝିଅଟି  ତ ଆଜି ବି ଗୋଡାଉଛି ସେ ପାଞ୍ଚ ଟଙ୍କିଆ ବିସ୍କୁଟ ପଛରେ...

.... ଭଗବାନ ଙ୍କୁ ଏତିକ ପ୍ରାର୍ଥନା "ଫନ "ଜନ୍ମଦିନ ମନେଇବାକୁ ନ ଆସୁ ଆଉ..........

ନମାପଡା, ପୁରୀ, ଓଡିଶା

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି ।
ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ | ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ସତ

ନିରଞ୍ଜନ ସାହୁ

ସତ କହିବାକୁ ଭାରି ଡର ଲାଗେ
ସତ କହିପାରେ ନାହିଁ
ଗୋଟାପଣେ ମିଛ କହେ ସତ ପରି
ଲୋକେ ରହିଥାନ୍ତି ଗୃହିଁ ॥
ନିଜକୁ ନିଜେ ମୁଁ ବୁଝାଇ ଦେଇଛି
କିଏ ବା କହୁଛି ସତ
ସତ କହି କାହିଁ ଅପ୍ରିୟ ହୋଇବି
ଆକ୍ରମଣେ ହେବି କ୍ଷତ
ଜାଣିଜାଣି ସବୁ ବୁଝି ବୁଝି ସବୁ
ବିପଦ ବରିବି କାହିଁ ॥
ନିଜ ପାଇଁ ଯେବେ ସତ ଲୋଡାଯାଏ
ସାକ୍ଷୀକୁ ତାଗିଦ କରେ
ଯାହା ତୁ ଦେଖିଛୁ ସତ କହିଦେବୁ
ଡରିବୁନି ଧମକରେ
ସତକୁ ନେଇ ମୁଁ ସମୀକ୍ଷା କରିଲେ
ମୁଣ୍ଡ ହୁଏ ଝାଇଁଝାଇଁ ॥

ନିହାଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ

# ଭଲ ଲାଗୁଥିଲା



ଭାରତୀ ସାହୁ

ଭଲ ଲାଗୁଥିଲା ଭଲ ଲାଗୁଥିଲା
ଆମ ଦେଶ ପାଣି ପବନ
ଭଲ ଲାଗୁଥିଲା ଏ ମଣିଷ ଜାତି
ଭଲ ଲାଗୁଥିଲା ଜୀବନ ।
ବଦଳଗଲା କ୍ଷଣିକେ ସବୁ
ଅଧା ରହିଗଲା ସପନ
ଭଲ ଲାଗୁଥିଲା ଭଲ ଲାଗୁଥିଲା
ଆମ ଦେଶ ପାଣି ପବନ.....
ପୁରୁଣା ସଭ୍ୟତା ପୁରୁଣା ସଂସ୍କାର
ଆମେ ସବୁ ଭୁଲିଗଲେ
ନଜର ପୁରାଣ ନଜ ବେଦ ଗୀତା
ସବୁ ପୁଣି ପାଶୋରିଲେ
ପାଶ୍ଚାତ୍ୟଭାଷା ଭାବିଲୁ ପରା
ଆମ ଦେଶଠାରୁ ମହାନ
ଭଲ ଲାଗୁଥିଲା ଭଲ ଲାଗୁଥିଲା
ଆମ ଦେଶ ପାଣି ପବନ.....
ଆମ ଦେଶଠାରୁ ମହାନ.....

ଆମ ଦେଶ ପାଣି ପବନ
ଗୋଉତମ ବୁଦ୍ଧ ସେ ବିବେକାନନ୍ଦ
କହିଥିଲେ ଯେଉଁବାଣୀ
ଆମେତ ଅଜ୍ଞାନ ସେ କଥାରେ ମର୍ମ
ପାରିଲେନ କେବେ ଜାଣି
ଆମରି ଆଗେଇ ମରଣ ଫାଶ
ହୃଦୟେ ଜାଗଏ କମ୍ପନ
ଅଧା ରହିଗଲା ସପନ
ଭଲ ଲାଗୁଥିଲା ଭଲ ଲାଗୁଥିଲା
ଆମ ଦେଶ ପାଣି ପବନ.....

ମାର୍ଫତ ଦୀପ୍ତିକାନ୍ତ ସାହୁ,
ଯୁନଦା ପାଟଣା, ଦଶରଥପୁର, ଯାଜପୁର

# ସ୍ମୃତି



ଲକ୍ଷ୍ମଣ ମହାନ୍ତି

ସ୍ମୃତି ଏକ
ଚରସ୍ମରଣୀୟ ସ୍ପନ୍ଦନ,
ଯାହା ସ୍ମରଣ କରେ
ବର୍ଷବର୍ଷ ତଳର
ସୁଖ-ଦୁଃଖର କାହାଣୀ ।।
ସ୍ମୃତି କଥା କହେନାହିଁ
ଆଖି ଲୁହଧାରର ରଚନା କରେ
ଛାତିଥର୍ କାହାଣୀ ।।
ସ୍ମୃତି ଏକ
ବିରହ ଓ ମିଳନର ପ୍ରମାଣ
ଯାହା ଚକ୍ଷୁ ଓଦାକରେ
ହୃଦୟେ ଉନ୍ମାଦ ଭରେ
ଉନ୍ମୁକ୍ତ କରେ
ଅତିତର କମନୟ ଦୃଶ୍ୟ ॥

ସ୍ମୃତି ଦେଖାଯାଏ ନାହିଁ
ନୟନ ସମ୍ମୁଖେ ବୋଲଦିଏ
ପ୍ରେମ-ପ୍ରତାରଣା ଦୃଶ୍ୟ
ସ୍ନେହ-ମମତାର ଦୃଶ୍ୟ
ବିଜୟ-ପର୍‌ଜୟ ର ଦୃଶ୍ୟ ।
ସ୍ମୃତି ଏକ ନଈ ବହିଯାଏ,
ଅନେକ ସ୍ଥାନ ଦେଇ
ଯେଉଁଠି ଥାଏ,
ଦୁଖ-ଦୁଃଖ, ଖର୍-ଛାଇ ॥

ସୌରୀପାଲି, ଖଟଖଟିଆ, ବୌଦ୍ଧ

# ଧନ୍ୟ ତୁମେ ବେଦାନ୍ତୀ

ପୁଷ୍ପଲତା ବେହେରା

ମୋର ବଡ ଭଉଣୀଙ୍କ ପାଇଁ
ଆଜି ପ୍ରଥମ କରି ବେଦାନ୍ତୀ ପଢିବାର
ସୁଯୋଗ ପାଇଲି
ସମ୍ପାଦିକାଙ୍କ ଅପୂର୍ବ ପ୍ରୟାସ ଦେଖି
ସ୍ତମ୍ଭିଭୂତ ହେଲି
ସେଥିପାଇଁ କବି ନହୋଇ ବି କବିତା ଲେଖିଲି
ନୁହେଁ ତ ଏ କବିତା
ବେଦାନ୍ତୀ ପ୍ରତି ମୋର ଅନ୍ତରର କୃତଜ୍ଞତା ।
ରାଇଜ ନୁହେଁ କ ରାଷ୍ଟ୍ର ନୁହେଁ
ବେଦାନ୍ତୀ ପାଇଁ
ସାରା ବିଶ୍ୱର ଓଡିଆ ଯେଉଁଠି
ଏକତା ମନ୍ତ୍ରରେ ଅଭିମନ୍ତ୍ରିତ
ଲିଭି ଆସୁଥିବା ଆଶାର ପ୍ରଦୀପଟି
ପୁଣି ଅନ୍ତରେ ହୋଇଉଠିଲା ପ୍ରଜ୍ଜ୍ୱଳିତ
ଜିତିବାର ସୁପ୍ତ ଶକ୍ତିଟି ପୁଣି ହେଲା ଜାଗ୍ରତ
ମନ କହୁଛି ଜିତିବ ମାନବ ଜାତି
କରୋନା ନିଶ୍ଚୟ ହେବ ପରାଜିତ ।
ବେଦାନ୍ତୀ ମାଧ୍ୟମରେ ବିଶ୍ୱସାରା ଗୁଞ୍ଜରିଉଠୁ
ଗୋଟିଏ ନାମ
ଶ୍ରୀ ଜଗନ୍ନାଥ ଶ୍ରୀ ଜଗନ୍ନାଥ...
ଓଡିଆ ଜାତିର ତ ଏଇ ଗୋଟିଏ ଅସ୍ତ୍ର
ଜଗନ୍ନାଥଙ୍କର ସେଇ ଅଦୃଶ୍ୟ ହାତ
ସକଳ ସଙ୍କଟରେ ସେହି ଏକା ଆମ ମୁକ୍ତିର ପଥ
ଜିତିବ ଓଡିଶା ଜିତିବ ଭାରତ
ବିଶ୍ୱ ହେବ ନିଶ୍ଚେ କରୋନା ମୁକ୍ତ ॥

ରାଉରକେଲା, ଓଡିଶା

# ଜୀବନର ଅନ୍ୟନାମ ଯନ୍ତ୍ରଣା



ରୀତା ଅପରାଜିତା ମହାନ୍ତି

ମୋ ପାଇଁ ଜୀବନର ଅନ୍ୟନାମ ଯନ୍ତ୍ରଣା ।
ଏ ଋତୁ ଯଦିଓ ହଜିଯିବାର ଋତୁ ।
ଜୀବନକୁ ନେଇ ବହିଯିବାର ଋତୁ ।
ହେଲେ ମୋ ପାଇଁ ଏ ସବୁ ମନା ।
ଜୀବନ ର ଅଡୁଆ ସୂତା ରେ
ଗୁଡେଇ ମୋ ବେକ ଟା କୁ କିଏ ଯେମିତି ଟାଣି ଧରୁଛି ।
ମୋ ପାଇଁ ଯେତେ ଯାହା ସବୁ ନାହିଁ ।
ଫୁଲ ଖୋଜିଲେ କଣ୍ଟା ର ପୀଡା ମିଳେ ।
ମରିବା ପାଇଁ ମୃତ୍ୟୁ ଟିକିଏ
ଚାହିଁଲେ ବି ସେ କରିଦିଏ ମନା ।
ମୁଁ ଏମିତି ଜୀବନ ଜିଇଁଛି
ପ୍ରତି ମୁହୂର୍ତ୍ତରେ ନିଜକୁ
ଟିକେ ଟିକେ ମାରୁଛି ।
କେତେବେଳେ ନିଜ ରାଗକୁ
କେତେବେଳେ ନିଜ ଦୁଃଖକୁ ।
କେତେବେଳେ ନିଜ ଆତ୍ମା କୁ ।
ଦିନ ଯାଇ ପୁଣି ନୂଆ ଦିନ ହୁଏ ।
ହେଲେ ମୋ ପାଇଁ ସବୁଦିନ ଏକାପରି ।
ପ୍ରତ୍ୟେକ ଋତୁରେ ଭିନ୍ନ ମାଦକତା ଥାଏ ।
ହେଲେ ମୋ ଦୁଃଖର ଅନ୍ତ କାହିଁ **.....?**
ମୋ ଲୁହର ଶେଷ କାହିଁ **...?**

ସେତ ଅବିରତ ବହି ଚାଲେ
କେତେବେଳେ ଆଖି କୋଣ ରୁ ତ କେତେବେଳେ ହୃଦୟ କୋଣ ରୁ।
ଏ ଆଖିରେ ନିଦ ଅଛି
ହେଲେ ସ୍ୱପ୍ନ ପାଇଁ ଯାଗା ନାହିଁ।
ସବୁ ଋତୁରେ ମୋର ସେଇ
ହାଡ଼ ଭଙ୍ଗା ଖଟଣି।
ଜୀବନର ଗାଡି ଟାଣିବାକୁ
ମୁଣ୍ଡ ଉପରେ ଇଟା ଆଉ ସିମେଣ୍ଟ ର ବୋଝ।
ଯେଉଁଠି ପ୍ରତ୍ୟେକ ପେଜ ତୋରାଣି ପାଇଁ ଏତେ ସଂଗ୍ରାମ ସେଠି ମୋର ସ୍ୱପ୍ନ
ଦେଖିବା ବୃଥା।
ତଥାପି ବେଳେ ବେଳେ ଇଚ୍ଛା ହୁଏ।
ପ୍ରଥମ ବର୍ଷା ରେ ପାଦରେ ପାଉଁଜି ପିନ୍ଧି ଛମଛମ ନାଚବାକୁ।
ହେଲେ ସୁଖ ମୋ ପାଇଁ ଖଞ୍ଜା ନୁହେଁ।
ଏତେ ଘର ତିଆରି କଲେଣି
ମୋର ନିଜସ୍ୱ ଘର ନାହିଁ।
ମୋର ଯଦି ଥାଆନ୍ତା ଛୋଟ ମୋଟ ଘର ଖଣ୍ଡେ।
ସେ ଚଉଁରି ମୁଁ ଦିଅନ୍ତି ସଞ୍ଜବତୀ ।
ମୋ ପରିବାର ର ଶୁଭ ମନାସି।
କଳ୍ପନା ଉପରେ କାହାର ବନ୍ଧନ ନାହିଁ ।
ହେଲେ ମୋ ପାଇଁ ଜୀବନର ଅନ୍ୟ ନାମ ଯନ୍ତ୍ରଣା।
ସେ ମୋର ଛାଇ ହେଇ ରହିଯାଇଛି।
ଜାଣେନି କଣ ପାଇଁ **...?**

ପ୍ଲଟ ନ -୮୩**(ସି),** ଆମ୍ରପଲ୍ଲୀ**,** ଭୁବନେଶ୍ୱର

# ସରୁ ନାହିଁ ତା' ନେହୁର୍

ରମେଶ ଚନ୍ଦ୍ର ମଲ୍ଲୀକ

ଖର୍ ଆଉ ଧାର୍ ପରିପାଟୀ ମାଖି
ସୁସଜ୍ଜିତ ଆଜି ଧର୍
ମାଟିର ମଣିଷ ବାନ୍ଧିଛି ବିଶ୍ୱାସ
ବୁଣିବ ପହିଲି କେର୍
ବାସୀ ତୋର୍ଣି କ ସାତ ସିଆଁ ଥାଉ
ମେଲିବ ଶସ୍ୟ ପସର୍
ତୃପ୍ତି, ସୁଷୁପ୍ତିରେ ଭରିବ ସକଳେ
ଅମଳ ସ୍ୱର୍ଣ୍ଣିମ ହିର୍
ତାକୁ କଏ କେବେ ଜାଣୁ ବା ନଜାଣୁ
ଖଟୁଥାଏ ସେ ବିଚର୍
ପଞ୍ଜର୍ କାଠି ତା' କଙ୍କାଳ ହେବାଯାଏ
ଫାଟିପଡୁଥାଏ ଶିର୍
କହି ତା'ର କଥା କଏ ହୁଏ କୋଟିପତି
ଦେଖାଇ ତାକୁ ଯାତର୍
ମତ ତା'ର କଣି ତା'ସମ୍ପତ୍ତି ଲୁଟି
ବନଯାଏ କଏ ନେତା

ଯୋଜନା ପରେ ଯୋଜନା ପଲ୍ଲି ରୁ ଦିଲ୍ଲୀ
ପଡୁଛି କେତେ କାନ୍ତର୍
ତଥାପି ......ଦାଦନ ଯାତନା
ଛୁଆପିଲ୍ଯାକ ବାତର୍
ଦିନରେ ତା' ଗ୍ଲେ ତାର୍
ଘରଣୀ ମୁଣ୍ଡ ବି ନୁଖୁର୍
ବାର ଓଳ ଶୁଣ୍ଟି ପିଣ୍ଡା ହୋଇ
ନ ସରେ ତା'ର ନେହୁର୍

# ଭିତ୍ତିହୀନ ବିଶ୍ୱାସ ବିରୁଦ୍ଧରେ ସଂଘର୍ଷ



ବାଲ୍ମୀକ ନାୟକ

ବିଭିନ୍ନ ପ୍ରକାର ଭିତ୍ତିହୀନ ବିଶ୍ୱାସକୁ ପ୍ରଚ୍ଚର କରି ଧର୍ମଭୀରୁ ଜନତାଙ୍କୁ ଠକବା ପାଇଁ ଦୋକାନ ଖୋଲି ବସିଥିବା ତଥାକଥିତ ବାବା, ମାତା, ତାନ୍ତ୍ରିକ, ଗୁଣିଆ, ଜ୍ୟୋତିଷ, ସାଧୁ, ସନ୍ୟାସୀମାନଙ୍କ ବିରୁଦ୍ଧରେ ସମାଜରେ କଛି ମୁକ୍ତମନା ବୁଦ୍ଧିବାଦୀମାନଙ୍କ ଦ୍ୱାର୍‌ ସଂଘର୍ଷ ଧୀରେଧୀରେ ବୃଦ୍ଧି ପାଇବାରେ ଲ୍‌ଗିଛି । କଛି ବୁଦ୍ଧିବାଦୀ, ପ୍ରଗତିଶୀଳ, ହେତୁବାଦୀ ଓ ସାହସୀ ବ୍ୟକ୍ତି ଜନମାନସରେ ଜମି ରହିଥିବା ଅସଂଖ୍ୟ ପ୍ରକାର ଭିତିହୀନ ବିଶ୍ୱାସ ଦୂର କରିବା ପାଇଁ ଦୃଢତାର ସହ ପ୍ରୟାସ କରୁଛନ୍ତି । ଗତ ଦୁଇବର୍ଷ ମଧ୍ୟରେ ଦୁଇଟି ହିନ୍ଦୀ ଚଳଚ୍ଚିତ୍ର "ଓ ମାଇଁ ଗଡ" ଏବଂ "ପିକେ" ପ୍ରଦର୍ଶିତ ହୋଇ ଦେଶର ସାମାଜିକ କୁସଂସ୍କାର ଏବଂ ରଢିବାଦୀ ବିଚ୍ଚରଧାର୍‌କୁ ଦୋହଲ୍‌ଇ ଦେଇଛି । ବିଶେଷକରି ବିଭିନ୍ନ ଧର୍ମସ୍ଥଳ ଓ ମଠ ମାନଙ୍କରେ ବସି ସ୍ୱାର୍ଥସିଦ୍ଧ କରୁଥିବା ପରଜୀବୀ ଗୋଷ୍ଠୀଙ୍କ ମୁହଁରୁ ପରଦା ଉଠେଇବା ପାଇଁ ଏଇ ଦୁଇଟି ଚଳଚ୍ଚିତ୍ର ଜବରଦସ୍ତ ସନ୍ଦେଶ ଦେଉଛି । ମୌଳବାଦୀ ଗୋଷ୍ଠୀ ଯେତେ ତର୍କ ଦେଉଥିଲେ ମଧ୍ୟ ଆସ୍ତିକବାଦୀ ଦର୍ଶକ ଚଳଚ୍ଚିତ୍ରରେ ପ୍ରଦର୍ଶିତ ଦୃଶ୍ୟ ଓ ସମ୍ବାଦକୁ ଅସ୍ୱୀକାର କରିପାରି ନାହାନ୍ତି । ସାମାଜିକ ସଂସ୍କାର ପାଇଁ ଏହା ଏକ ଶୁଭ ସୂଚନା । ବହିରେ ପଢିବା କମ୍ବା କାହାରି ଭ୍ଷଣ ଶୁଣିବା ଅପେକ୍ଷା ଟିଭି ଓ ସିନେମାର ଦୃଶ୍ୟ ମଣିଷକୁ ବେଶୀ ପ୍ରଭ୍ବିତ କରିଥାଏ । ସେଥିପାଇଁ ଟିଭି ଚ୍ୟାନେଲ ଗୁଡିକରେ ଯଦି ଭିତ୍ତିହୀନ ବିଶ୍ୱାସ ବିରୁଦ୍ଧରେ କାର୍ଯ୍ୟକ୍ରମ ପ୍ରସାର ହୁଅନ୍ତା, ଖୁବ୍‌ ଶୀଘ୍ର ସମାଜରେ ଏକ ସୁସ୍ଥ ବିଚ୍ଚରଧାର୍‌ ବିକାଶ ଲ୍‌ଭ କରନ୍ତା । କନ୍ତୁ ଆଜିକାଲି କେବଳ ଭିତ୍ତିହୀନ ବିଶ୍ୱାସକୁ ବେଶୀ ପ୍ରସାର କର୍‌ଯାଉଛି । କାରଣ, ସେଥିରେ ଆର୍ଥିକ ଲ୍‌ଭ ବେଶୀ ହେଉଛି ।

ଗତ ଆଠବର୍ଷ ଧରି "ଅନ୍ଧବିଶ୍ୱାସ ଭଗାଓ, ଦେଶ ବଚ୍ଚଓ" ସ୍ଲୋଗାନ ଦେଇ ବିହାର ପ୍ରଦେଶରେ ବାସ କରୁଥିବା "ବୁଦ୍ଧ ପ୍ରକାଶ ଭନ୍ତେ" ସମାଜରୁ କୁସଂସ୍କାର ଓ ଭିତ୍ତିହୀନ ବିଶ୍ୱାସ ଦୂର କରିବା ପାଇଁ ସଂଘର୍ଷ କରିଆସୁଛନ୍ତି । ସେ କୁହନ୍ତି, ମୋ ଜୀବନର ଲକ୍ଷ୍ୟ

ହେଉଛି – ପଣ୍ଡିତ, ମୁଲ୍ଲା ଏବଂ ଭଣ୍ଡ ଧର୍ମଗୁରୁମାନଙ୍କ ଦ୍ୱାରା ପ୍ରଚାରିତ ଭାଗ୍ୟ, ଭଗବାନ, ମୂର୍ତ୍ତିପୂଜା, ପୁନର୍ଜନ୍ମବାଦ ଆଦିକୁ ବିରୋଧ କରିବା । ସେମାନେ ପ୍ରଚାର କରୁଛନ୍ତି "କଣ କଣ ମେ ଭଗବାନ ହୈ" । ବାସ୍ତବ ମେ କଣ କଣ ମେ ବିଜ୍ଞାନ ହୈ" । ବ୍ୟକ୍ତି, ସମାଜ, ଦେଶ ଓ ଦୁନିଆର ବିକାଶ କେବଳ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ସମ୍ଭବ ହୋଇଛି । ଏଥିରେ ତଥାକଥିତ ଭଗବାନଙ୍କର କୌଣସି ହାତ ନାହିଁ । ବୁଦ୍ଧ ପ୍ରକାଶ ନଜର ବଳିଷ୍ଠ ତର୍କ ଏବଂ ବିଜ୍ଞାନର କୌଶଳ ପ୍ରୟୋଗ କରି ବାବାମାନଙ୍କ ଦ୍ୱାରା ପ୍ରଦର୍ଶିତ ହେଉଥିବା ଚମତ୍କାରୀ ଖେଳର ପର୍ଦ୍ଦାଫାସ୍ କରି ଦେଉଛନ୍ତି । ସେ ବିହାର ପ୍ରଦେଶର ସଂଖ୍ୟାଲଘୁ ଆୟୋଗର ଜଣେ ସକ୍ରିୟ ସଦସ୍ୟ । ସେ କୁହନ୍ତି, ଯୁଗଯୁଗ ଧରି ଅନ୍ଧବିଶ୍ୱାସର ଅମୁହାଁ ଗଳିରେ ବାସ କରୁଥିବା ମଣିଷମାନଙ୍କୁ ନୂତନ ଜ୍ଞାନରେ ଆଲୋକିତ କରି ପରିବର୍ତ୍ତନ କରିବା ପାଇଁ ସମୟ ତ ଲାଗିବ । ଧୀରେଧୀରେ ହେଉ ପଛେ ଲୋକମାନେ ଠକମାନଙ୍କ ଅସଲ ଉଦ୍ଦେଶ୍ୟ ବୁଝିବାକୁ ସକ୍ଷମ ହେଲେଣି ।

ଅନ୍ୟ ଜଣେ ହେତୁବାଦୀ ଡାକ୍ତର ଦିବାକର ତେଜସ୍ୱୀ ଗତ ଚଉଦବର୍ଷ ଧରି ସ୍ୱାସ୍ଥ୍ୟ ଓ ରୋଗ ସମ୍ପର୍କରେ ପ୍ରଚଳିତ ନେକ ଭ୍ରାନ୍ତ ଧାରଣା ଓ ଭିତ୍ତିହୀନ ବିଶ୍ୱାସକୁ ନଜର ବଳିଷ୍ଠ ତର୍କ ଓ ଚିକିତ୍ସା ବିଜ୍ଞାନ ସାହାଯ୍ୟରେ ଭୁଲ୍ ପ୍ରମାଣିତ କରିଆସିଛନ୍ତି । ଏଡସ୍ ଭଳି ମାରାତ୍ମକ ରୋଗ ସମ୍ପର୍କରେ ସମାଜରେ ଥିବା କିଛି ଭୁଲ୍ ଧାରଣା ଦୂର କରିବା ପାଇଁ ସେ ଲୋକମାନଙ୍କୁ ବୁଝେଇଥାନ୍ତି । ଥରେ ପ୍ରମାଣିକ ରୂପେ ଜଣେ ଏଡସ୍ ରୋଗୀର ଅଇଁଠା ବିସ୍କୁଟ୍ ତାରି ହାତରେ ନିଜେ ଖାଇ ସମସ୍ତଙ୍କୁ ଦେଖାଇ କହିଲେ – ଏହି ରୋଗୀ ସହ ମିଳାମିଶା କଲେ କିମ୍ବା ଭୋଜନ କଲେ ଏଡସ୍ ରୋଗ ଜୀବାଣୁ ଆକ୍ରାନ୍ତ କରନ୍ତି ନାହିଁ । ରୋଗୀ ସହ ଅସୁରକ୍ଷିତ ଭାବେ ଯୌନ ସଂପର୍କ ରଖିବା କିବା ରୋଗୀର ରକ୍ତ ସୁସ୍ଥ ବ୍ୟକ୍ତିଙ୍କ ରକ୍ତରେ ମିଶିବା କାରଣରୁ ଏଡସ୍ ରୋଗ ବ୍ୟାପିଥାଏ । ଆଗରୁ ହଇଜା, ପ୍ଲେଗ୍, ବସନ୍ତ ଆଦି ରୋଗ ଦୈବୀ ପ୍ରକୋପ ଯୋଗୁ ହୁଏ ବୋଲି ବିଶ୍ୱାସ ଥିଲା । ବର୍ତ୍ତମାନ ମେଡିକାଲ ସାଇନସ୍ ଉଦ୍ଭାବନ କରିଥିବା ଆଧୁନିକ ଚିକିତ୍ସା ପଦ୍ଧତି ଓ ଔଷଧ ଦ୍ୱାରା ଉପରୋକ୍ତ ସମସ୍ତ ରୋଗର ସଫଳତା ପୂର୍ବକ ଚିକିତ୍ସା ହୋଇପାରୁଛି । ଲୋକମାନେ ହଇଜା ବ୍ୟାପିଲେ ଦେବୀ, ଦେବତାଙ୍କ ଭରସାରେ ବସି ରହୁ ନାହାନ୍ତି ବରଂ ଡାକ୍ତରଙ୍କ ପାଖକୁ ଦୌଡି ଯାଉଛନ୍ତି ।

ଆଜିର ବ୍ୟସ୍ତ ଜୀବନଶୈଳୀ ଯୋଗୁ ଅନେକ ଲୋକ ଡିପ୍ରେସନ ବା ମାନସିକ ଅବସାଦର ଶିକାର ହୋଇ, ଅସ୍ୱାଭାବିକ ବ୍ୟବହାର କରନ୍ତି ଓ ଅପ୍ରୀତିକର କଥାବାର୍ତ୍ତା କରନ୍ତି ।

ସେମାନଙ୍କ ଉପରେ କୌଣସି ପ୍ରେତବାଧା ଲାଗିଯାଇଛି କହି ଲୋକେ କୌଣସି ଜଣାଶୁଣା ତାନ୍ତ୍ରିକ ବା ଗୁଣିଆ ପାଖକୁ ନେଇଯାଆନ୍ତି । ତାନ୍ତ୍ରିକ ଭୂତ ଉତାରିବା ବାହାନାରେ ପୂଜା କର୍ମକାଣ୍ଡ କରେ । ପୂଜା ଏବଂ ଦକ୍ଷିଣା ଖର୍ଚ୍ଚରେ କୌଣସି ସୀମା ନଥାଏ । କିନ୍ତୁ ରୋଗୀ ଭଲ ନହୋଇ ଆହୁରି ବେଶୀ ଅବସାଦ ଭିତରେ ବୁଡି ରହେ । ଯଦି ସେହି ବ୍ୟକ୍ତିଙ୍କୁ କୌଣସି ମନୋବୈଜ୍ଞାନିକ ପାଖକୁ ନିଆଯାଆନ୍ତା, ତେବେ ସେ ତା ମନରେ ଅବସାଦର ଅସଲ କାରଣ ଖୋଜି ନିରାକରଣର ଉପାୟ ବତେଇ ଦିଅନ୍ତେ । ଏହାଦ୍ୱାରା ରୋଗୀ ଜଣକ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିପାରନ୍ତେ ।

ସାଧାରଣତଃ କୁହାଯାଏ ଯେ, ଗାଁ ଗହଳର ଅଶିକ୍ଷିତ ଲୋକମାନେ ବେଶୀ ଅନ୍ଧବିଶ୍ୱାସୀ । କିନ୍ତୁ ଏହାର ବିପରୀତ ଆମେ ଦେଖୁଛୁ ସହରର ଶିକ୍ଷିତ ଓ ଉଚ୍ଚ ଶିକ୍ଷିତ ଲୋକମାନଙ୍କ ଭିତରେ ବି ଭିତ୍ତିହୀନ ବିଶ୍ୱାସ ପ୍ରବଳ ଭାବେ ଭରି ରହିଛି । ଇଣ୍ଡିଆନ ମେଡିକାଲ ଆସୋସିଏସନର ପ୍ରାକ୍ତନ ରାଷ୍ଟ୍ରିୟ ଅଧ୍ୟକ୍ଷ ଡ. ଅଜୟ କୁମାର ବାବାମାନଙ୍କର ଠକବିଦ୍ୟା ବିରୁଦ୍ଧରେ ସ୍ୱର ଉଠେଇଥିଲେ । ବିଶେଷ କରି ଜଣେ ବିଖ୍ୟାତ ବାବାଙ୍କ ଦ୍ୱାରା ପ୍ରଚାରିତ ଯୋଗ ଏବଂ ତାଙ୍କ ଦ୍ୱାରା ପ୍ରସ୍ତୁତ ଔଷଧ ଦ୍ୱାରା ସମସ୍ତ ପ୍ରକାର ରୋଗ ଠିକ୍ କରିଦେବା ଦାବିକୁ ସେ ଅସ୍ୱୀକାର କରିଦେଇଥିଲେ । ସେ କୁହନ୍ତି ଏଡସ୍, ଡାଇବେଟିସ୍, ବ୍ଲଡପ୍ରେସର, ବାତ, ଅନ୍ଧତ୍ୱ, ହାର୍ଟ, କିଡନୀ ଓ ଲିଭରର ରୋଗଗୁଡିକ କେବଳ ଯୋଗ ବା ପ୍ରାଣାୟାମ ଦ୍ୱାରା ଠିକ୍ କରିଦେବା ଆଦି ଆଦୌ ଗ୍ରହଣୀୟ ନୁହେଁ । ଯଦି ଚେରମୂଳ, ଝଡାଫୁଙ୍କା ଓ ଯୋଗ ଦ୍ୱାରା ସମସ୍ତ ରୋଗର ଚିକିତ୍ସା ସମ୍ଭବ ହୋଇପାରୁଥାନ୍ତା, ତେବେ ଆୟୁର୍ବେଦ, ଏଲୋପ୍ୟାଥି ଏବଂ ସମଗ୍ର ମେଡିକାଲ ସାଇନସର ଆବଶ୍ୟକତା ରହନ୍ତା ନାହିଁ । ଅସଲ କଥା ହେଉଛି, ଅନ୍ୟାନ୍ୟ ଶାରୀରିକ ବ୍ୟାୟାମ ଭଳି ଯୋଗ ଦ୍ୱାରା ଅନେକାଂଶରେ ରୋଗକୁ ନିୟନ୍ତ୍ରଣ କରି ରଖିହେବ । କିନ୍ତୁ ରୋଗର ଚିକିତ୍ସା ସମ୍ଭବ ନୁହେଁ । ଯେଉଁମାନେ ଯୋଗ ଦ୍ୱାରା ରୋଗମୁକ୍ତ କରିଦେବା ଦାବି କରୁଛନ୍ତି, ସେମାନେ ରୋଗୀକୁ ମୃତ୍ୟୁମୁହଁକୁ ଠେଲିଦେଉଛନ୍ତି ।

କୁଷ୍ଠ ରୋଗ ସମ୍ପର୍କରେ ବି ପ୍ରଚଳିତ ଧାରଣା ଅଛି – "ଏହା ପୂର୍ବଜନ୍ମର ପାପକର୍ମର ଫଳ ।" ଏହା ସମ୍ପୂର୍ଣ୍ଣ ଭାବେ ଏକ ଭ୍ରାନ୍ତ ଧାରଣା ଓ ଭିତ୍ତିହୀନ ବିଶ୍ୱାସ । ଡ. ଦିବାକର ତେଜସ୍ୱୀ କୁହନ୍ତି, ଯେଉଁ ବ୍ୟକ୍ତିକୁ କୁଷ୍ଠରୋଗ ଆକ୍ରାନ୍ତ କରେ ତାକୁ ଅଧିକ ଯତ୍ନ ଓ ସହାନୁଭୂତି ଆବଶ୍ୟକ । କିନ୍ତୁ ତାର ପରିବାର ଲୋକମାନେ ହିଁ ତାକୁ ଘୃଣା ଓ ଉପେକ୍ଷା କରିଦିଅନ୍ତି । ଏହି ରୋଗ "ମାଇକ୍ରୋବେକ୍ଟିରୀୟମ ଲେପ୍ରି" ନାମକ ଭୂତାଣୁ ଯୋଗୁ

ହୋଇଥାଏ । ଏହି ରୋଗକୁ ପ୍ରାରମ୍ଭିକ ସ୍ତରରୁ ହିଁ ଚହ୍ନଟ କରି କ୍ରମାଗତ ଭାବେ ଆଧୁନିକ ଚିକିତ୍ସା କଲେ ସମ୍ପୂର୍ଣ୍ଣ ଭାବେ ଭଲ ହୋଇଯାଏ । ଦେଶରେ ଅନେକ କୁଷ୍ଠାଶ୍ରମ ଗଠନ ହୋଇଛି । ପରିବାର ଦ୍ୱାରା ବିତାଡିତ ହୋଇ ଅନେକ ରୋଗୀ କୁଷ୍ଠାଶ୍ରମକୁ ଆସନ୍ତି, ସେଠାରେ ବି ସେମାନଙ୍କର ଅବସ୍ଥା ଶୋଚନୀୟ ହୋଇପଡେ ।

ଉପରୋକ୍ତ ସମସ୍ତ ପ୍ରକାର ଭିତ୍ତିହୀନ ବିଶ୍ୱାସ ମୂଳରେ ରହିଛି ବୈଜ୍ଞାନିକ ଚିନ୍ତନର ଅଭାବ । ଯେଉଁମାନେ ଏଥିପାଇଁ ସଂଘର୍ଷ କରୁଛନ୍ତି, ସେମାନଙ୍କୁ ସ୍ୱଚ୍ଛ ମନରେ ସ୍ୱାଗତ କରି ସମର୍ଥନ କରିବା ହେଉଛି ଆଜିର ଆହ୍ୱାନ ।

କେ.ଆର. ପୁରମ, ବାଙ୍ଗାଲୋର

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି ।
ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା
ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ
ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ | ପାଠକ ପାଠିକାମାନଙ୍କୁ
ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର,
ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର
ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ସୁଖୀ ରହିବାର ପାଇଁ



ମହେଶ୍ୱର ସାହୁ

ସୁଖୀ ରହିବାକୁ, ଚାହୁଁଥିଲେ ବନ୍ଧୁ,
ଆଦରିବା କିଛି ମନ୍ତ୍ର ।
ଯେଉଁ ମନ୍ତ୍ର ବନ୍ଧୁ, ନିରଟ ସତ୍ୟ ଯେ,
ସାଧନା ରୂପକ ତନ୍ତ୍ର ।।
ସମ୍ପର୍କ ରଖିବା, ମନ ମିଶୁଥିଲେ,
ଭାଙ୍ଗେ ନା ସମ୍ପର୍କ କଦା ।
ମନ ଭାଙ୍ଗି ଗଲେ, ଦୁଃଖ ଆସିଯାଏ,
ଜଳେ ଜୀବନ ସର୍ବଦା ।।
ସ୍ଥାନ ବନାଇବା, ଇଜ୍ଜତ ପାଇବା,
ଝୁରୁଥିବେ ସର୍ବ ଜନ ।
ଇଜ୍ଜତ ନଥିଲେ, କ୍ଷୁବ୍ଧ ହୁଏ ମନ,
ଲୋଡ଼ା ନାହିଁ ସେ ଆସନ ।।
ଶୃତିର ଆକାଂକ୍ଷା, ନାହିଁ ଯାହାଠାରେ,
ବୁଝାଇ କି ଲାଭ ହୁଏ ।
ବୃଥା ଆଶ୍ଫାଳନ, ଦୃଢ଼ ପ୍ରବଚନ,
ଦୁଃଖ ହିଁ ନିଜକୁ ଦିଏ ।।
ଯେଉଁ ଦ୍ରବ୍ୟ ପାକ, ନହୁଏ ହଜମ,
ଭୋଜନେ କି ପ୍ରୟୋଜନ ।
ଉଦରେ ଯନ୍ତ୍ରଣା, ଦୁଃଖ କଷ୍ଟ ପୀଡା,
ରୋଗରେ ବିତେ ଜୀବନ ।।

ସତ୍ୟର ହଜମ, ହୁଏ ନାହିଁ ଜାର,
ସତ୍ୟରେ ଆସଇ କୋପ ।
ତୁଚ୍ଛା ହେବ ନିଜ, ମାନ ଓ ସମ୍ମାନ,
ବୁଝାଇଲେ ଭୀମ ରୂପ ।।
ଦୁଃଖ ତ ଆସିବ, ନ ଡରିବା କେବେ,
ଦୁଃଖ ସୁଖ ଆମ ପାଇଁ ।
ନ ଡରି ଦୁଃଖକୁ, କରିବା ସାମନା,
ସୁଖ ରହିଥିବ ଚାହିଁ ।।
ମୌସମ ରୂପରେ, ଯିଏ ବଦଳଇ,
ବଦଳାଏ ନିଜ ସାଥି ।
ଲୋଡ଼ା ନାହିଁ ସିଏ, ଜୀବନ ପଥରେ,
ଦୁଃଖ ଦିଆ ସେଇ ପ୍ରୀତି ।।
ପିତା ମାତା ଗୁରୁ, ଆଉ ଗୁରୁଜନ,
ଥାଉ ତାଙ୍କରି ଆଶିଷ ।
ଦୁଃଖ ହୁଏ ଦୂର, ନିରୋଗ ଶରୀର,
ମିଳଇ ଜୀବନେ ଯଶ ।।

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ,
ବାଲେଶ୍ୱର(ଭଦ୍ରକ)

# ଆଶଙ୍କାରେ ରାମ ରାଜ୍ୟ

ଦିନବଂଧୁ ବେଜ

ଘରେ ଘରେ ଶୁଭୁକ
ସ୍ୱାଚ୍ଛନ୍ଦର ସ୍ୱର
ପେଟରେ ଆଉ ନାହିଁ
ପେଟ ଭର୍ତ୍ତି ଅହମିକା,
ଭେକର ଭୂଗୋଳ
ମୁଣ୍ଡଟେକ ଉପରକୁ
ଦେଖୁଥିବା ମଣିଷକୁ
ଦିଶୁଛି ଛକ ଶୂନ ହୋଇ ।
ଅନତି ଦୂରୁ ହାତ ଠାରି
ଶିଶୁ କଙ୍କାଳ ଡାକୁଛି
ଜାତିର ନଗ୍ନ ମାନଚନ୍ଦ୍ରରୁ
ଉତୁରି ପଡୁଥିବା
ଉନ୍ନତିର ଏକତା ମୂର୍ତ୍ତିରୁ,
ଫର୍ଦ ଫର୍ଦ ସଂଦର୍ଭ
ବୟାନ କରୁଛି କୃତ୍ରିମ
ଉନ୍ନତିର ମିଛ ଖୋଳପାକୁ ।
ଝଡବର୍ଷାର ଭିଡ଼ ପରି
ଅବିଶ୍ରାନ୍ତ ଲୁହର ଫୁଆର
ଢେଉ ଖେଳୁଛି ଗାଁ ଦାଣ୍ଡରେ
କଆଁଳକଢି ଝଡିଲ୍ ପରି
ବୃନ୍ତଚ୍ୟୁତ ହେଉଛି କୁଆଁରୀ ।
ଗଣିତର ହିସାବ ନକାସ
ଶତକଡ଼ା ପ୍ରିତି ହେଉଛି ଆଦୃତ
ଲାଞ୍ଚ ଖୋର ଚେଡି ଓ ଗ୍ରାମଗ୍ରା
ମୁଖରୁ ଉକୁଟୁଛି କୁଟିଳ ହସ
ଆଖୁବାଡ଼ି ସୌନ୍ଦର୍ଯ୍ୟ ତା ବାଟରେ
ଖିନଭିନ୍ ହେଉଛି ଆଖୁର ହୃଦୟ
ଖାଲି ଆଖୁ ଛେଦା ପାହାଡ଼
ଶୁନ୍ୟ ଆଉ ଶୂନ୍ୟ ଆଖୁ ରସ,
ରସ ଶୂନ୍ୟ ସମାଜରେ
ମହଙ୍ଗା ହେବହିଁ ହେବ ହରିଶଦ୍ଧ
କଷ୍ଟଲବ୍ଧ ମୁଷ୍ଟିମେୟ ଧର୍ମ
ପାପର କରେଇରେ
ଭଜା ହେଉଛି ସଂସ୍ଥାପନା ପାଇଁ
ରାମରାଜ୍ୟର ଉତ୍ତର ସଂୟମ ।

ବାସୁଦେବପୁର, ଭଦ୍ରକ

# ସ୍ୱାର୍ଥ ସମ୍ପର୍କ



ଉଦୟ କୁମାର ପଣ୍ଡା

ସ୍ୱାର୍ଥ ସବୁ ସ୍ୱାର୍ଥ। ସ୍ୱାର୍ଥପର ଏହି ଦୁନିଆ। ଯଦି ତୁମେ ନିଃସ୍ୱ ତେବେ ତୁମ ପାଇଁ ଏ ଦୁନିଆ ବିଷ। ଯଦି କେହି ଜାଣିବେ କି ତୁମେ ଅସହାୟ, ଅଦରକାରୀ ତେବେ ତୁମପାଇଁ ଏ ଦୁନିଆ ପର ହୋଇଯିବ ଏବଂ  ସମସ୍ତେ ତୁମଠାରୁ ଦୂରେଇଯିବେ। ହୁଏତ ତୁମ୍ଭର ସମୟ, ପରିସ୍ଥିତି ଏବଂ ପରିବେଶ ତୁମକୁ ନିଃସ୍ୱ କରିଦେଇ ଥାଇପାରେ। ପରନ୍ତୁ କେହି ତୁମର ବାସ୍ତବତା ଜାଣିବାକୁ ଚାହିଁବେ ନାହିଁ। ଏଠି ତ କେବଳ ସ୍ୱାର୍ଥ ହାସଲ୍ ହିଁ ମୂଳ ଲକ୍ଷ। କ'ଣ ଏ ଦୁନିଆରେ ଜଣେ ମଧ୍ୟ ବାସ୍ତବ ମାନବିକତାକୁ ବୁଝିବା ପ୍ରାଣୀ ନାହାଁନ୍ତି**?** ଏହିପରି ଭାବନା ଆଜି ଅମିତ୍ ମନରେ ଉଙ୍କି ମାରିଛି। ଶୁଣିବାକୁ କେହି ନାହାଁନ୍ତି କି କହିବାକୁ କେହି ନାହାଁନ୍ତି। ଅମିତ୍ ଆଜି ନିଜେ ନିଜର ବକ୍ତା ଓ ଶ୍ରୋତା।

ଦିନ ଥିଲା ଅମିତ୍ ସତରେ ଗୋଟେ Looser ଥିଲା। ସମସ୍ତେ ଅମିତ୍ ଠାରୁ ଦୂରେଇ ଯାଇଥିଲେ। ସମସ୍ତଙ୍କର ଅମିତ୍ ପ୍ରତି ବିତୃଷ୍ଣା ଭାବ ଅମିତ୍ କୁ ବହୁତ କଷ୍ଟ ଦେଲା।  ଅମିତ୍ ମଧ୍ୟ ବହୁତ ପରିଶ୍ରମ କରି ସଫଳତା ପାଇଲା। ଦିନେ ଯେଉଁମାନେ ତାକୁ ତାର ବିଫଳତା ପାଇଁ ଦିନେ ଥଟ୍ଟା  କରୁଥିଲେ ଆଜି ସେଇମାନେ ଅମିତ୍ ର  ସଫଳତା ପାଇଁ ତାକୁ ଅନୁକରଣ କରୁଛନ୍ତି। କିନ୍ତୁ ଯେଉଁ ଅମିତ୍ ସମସ୍ତଙ୍କ ଆପଣାର ହେବାପାଇଁ ଏତେ ପରିଶ୍ରମ କଲା, ଆଜି ସିଏ ପୁଣିଥରେ ପୂର୍ବ ଅବସ୍ଥାକୁ ଫେରିଯିବାକୁ ଚାହୁଁଛି। ତାକୁ ଆଉ କିଛି ଅଛପା ନାହିଁ। ସେ ବୁଝିଜାଇଛି ଏହି ସ୍ୱାର୍ଥପର ମଣିଷମାନଙ୍କୁ। ସେ ବହୁତ ଖୋଜିଲା କାଳେ କେଉଁଠି ହେଲେ ଗୋଟିଏ ନିସ୍ୱାର୍ଥପର ଆତ୍ମୀୟ ମିଳିଯିବ କିନ୍ତୁ ଯାହା ବିରଳ ତାହା ସେ କେଉଁଠାରୁ ବା ପାଇଥାନ୍ତା। ଶେଷରେ ସେ ନିଷ୍ପତ୍ତି ନେଲା କି ପୁଣିଥରେ ସମସ୍ତଙ୍କ ପାଇଁ ସେ ବିଫଳ ବ୍ୟକ୍ତିତ୍ୱର ର ଅଭିନୟ କରିବ।

ଅମିତ୍ ର  ସଫଳତା ପରର ଘଟଣା**.....**

କଲେଜରେ ପଢିବା ସମୟରେ ଅମିତ୍ ର ବହୁତ ବନ୍ଧୁ ଥିଲେ। କଲେଜ ଛାଡିବାର ଗୋଟେ ବର୍ଷ ପରେ ସମସ୍ତଙ୍କ ସହିତ ତାର ଦେଖା ହେଲା। ସମସ୍ତଙ୍କ ସହ କଥାହେବା ପରେ ଗୋଟିଏ କଥା ଅମିତ୍ କୁ ବହୁତ ଅଜବ ଲାଗିଲା । ଏତେ ସାଙ୍ଗ ଥିଲେ କିନ୍ତୁ ଜଣେ କେବଳ ଅମିତ୍ କୁ ଚିହ୍ନିପାରିଲା ଏବଂ ଅନ୍ୟମାନଙ୍କୁ ନ ଚିହ୍ନିଲାପରି ବ୍ୟବହାର କଲା। ସେତେବେଳେ ଅମିତ୍ କୁ ଏହା ଅଜବ ଲାଗିଥିଲା କିନ୍ତୁ ପରେ ସେ ସବୁ ଭୁଲିଗଲା। ଏମିତି କିଛିଦିନ ପରେ ଥରେ ଅମିତ୍ ତାକୁ ସାମାନ୍ୟ କିଛି ସାହାଯ୍ୟ ମାଗିଦେବାରୁ ସେ ଅମିତ୍ କୁ ଜାଣିନାହିଁ ବୋଲି ମନା କରିଦେଲା। ଅମିତ୍ ଜାଣିଗଲା କି ସେ ସ୍ୱାର୍ଥପର ଥିଲା। ସ୍ୱାର୍ଥ ହାସଲ ହୋଇପାରିଲାନି ବୋଲି ନଚିହ୍ନିବାର ଅଭିନୟ କଲା। ଅମିତ୍ ଆଖିରେ ଏବେ ସମସ୍ତେ ସ୍ୱାର୍ଥପର ମଣିଷ।.........

ସମୟ ନଈରେ ପୂର୍ବ ସ୍ମୃତି କୁ ଜଳାଞ୍ଜଳି ଦେଇ ଅମିତ୍ ପୁଣିଥରେ ସମୟ ସୁଅରେ ଭାସି ଚାଲିଲା। ହଠାତ୍ ଦିନେ ଅମିତ୍ ର ସେହି ଅବିବେକୀ, ସ୍ୱାର୍ଥପର ବନ୍ଧୁ ସହ ଭେଟ ହୋଇଗଲା। ଠିକ୍ ସେହି ସ୍ଥାନରେ ଯେଉଁଠି ସେ ଅମିତ୍ କୁ ଜାଣିନାହିଁ ବୋଲି କହିଥିଲା। ଆଜି କିନ୍ତୁ କଥା ଅଲଗା। ସେଦିନ ଅମିତ୍ ର ଆବଶ୍ୟକତା ଥିଲା କିନ୍ତୁ ଆଜି ସେହି ଅବିବେକୀ ବନ୍ଧୁ ଜଣକ ବିପଦରେ...........

ବନ୍ଧୁକୁ ବିପଦରେ ପଡ଼ିଥିବାର ଦେଖି ଅମିତ୍ ର ଆଖି ଛଳ ଛଳ ହୋଇଗଲା। ଅମିତ୍ ର ବିବେକ୍ ତାକୁ ବାଧା ଦେଲା। ତତକ୍ଷଣାତ୍ ସେ ଯଥାଶକ୍ତି ତାକୁ ସାହାଯ୍ୟ କଲା। ବନ୍ଧୁ ଜଣକ କିଛି କହିବା ଆଗରୁ ଅମିତ୍ ତାକୁ ନଚିହ୍ନିଲା ପରି ଚାଲିଗଲା..............।

ବୁଦାଖୁଣ୍ଟା, ବଡପୋଖରୀ, ଔପଦା,
ବାଲେଶ୍ୱର, ଓଡିଶା

# ଲଢେଇ



ଯୁବରାଜ କୁଦେଇ

ଆରମ୍ଭ ହୋଇଛି ଅଜବ ଯୁଦ୍ଧ
ସଭିଏଁ କରିବା ଲଢେଇ,
ନୋହିଲେ କରୋନା ବଇରୀକୁ ଆମେ
ପାରିବାନ କେବେ ହରେଇ ।

ଏଇ ଯୁଦ୍ଧ ପାଇଁ ଅସ୍ତ୍ର ଶସ୍ତ୍ରର
ଜମା ଦରକାର ନାହିଁ,
ସଚେତନ ହୋଇ ଆଗକୁ ବଢିଲେ
ବିଜୟ ରହିଛି ଗୃହିଁ ।

ଅଦୃଶ୍ୟ ଶତ୍ରୁ ସେ ଭାରି ପରାକ୍ରମୀ
ପ୍ରଚଣ୍ଡ ପ୍ରହାର ତାର,
ଆତ୍ମଗୋପନ କଲେ ଗହ ମଧ୍ୟେ
ଶତ ହେବ ଛାରଖାର ।

ଆବଶ୍ୟକ ନାହିଁ ଖଣ୍ଡା କ ଢାଳ
ଗୁଳି ଆଉ ବନ୍ଧୁକର,
ହାତ ସଫା ରଖି ମାସ୍କ ପିନ୍ଧିଲେ
ସେତ ହେବ ଥରହର ।

ଏଇ ଯୁଦ୍ଧକୁ ଲଢିବା ବେଳେ
ଦୂରେ ଦୂରେ ଥିବା ରହି,
ଛନ୍ଦଭଙ୍ଗ ଦେଇ ଗୃଲିଯିବ ସତ
ପାରିବନ କଛି କହି ।

ବାଜୁ ଶଂଖ ଘଣ୍ଟ ମାର କରତାଳ
ଶୁଭୁ ହୁଳହୁଳ ସ୍ୱର,
ଶବ୍ଦର ବାଣରେ ଜର୍ଜରିତ ହୋଇ
କରୋନା ରାକ୍ଷସ ଗୃଲିଯାଉ ବହୁ ଦୂର
ଗୃଲିଯାଉ ବହୁ ଦୂର ।

ତିଳେ ବି ନ ଡରି ଆସ ହେ ସଭିଏଁ
ହେବା ଜଣେ ଜଣେ ସୈନ୍ୟ,
ତାହେଲେ ସିନା ମାଁ ଭାରତୀ
ସତରେ ହୋଇବ ଧନ୍ୟ
ସତରେ ହୋଇବ ଧନ୍ୟ... ।

ଇଛାପୁର, ଡୁଙ୍ଗୁରିପାଲି, ସୋନପୁର

# ସାକ୍ଷରତା ବନାମ ସଭ୍ୟ

ଖଗେଶ୍ୱର ବାଗ

ସାକ୍ଷରତା ବୋଲେ ଆମ କରାମତି ତୁମକୁ କି ଅଛି ଜଣା
ଆମ ଦସ୍ତଖତେ କାରବାର ଚାଲେ ଅଛି କାହାକୁ ଅଜଣା ।।
ବେଶ ଦେଖ ଆମ କୋଟ୍ ପ୍ୟାଣ୍ଟ ସାର୍ଟ କି ମାସକ ରୁତୁ ଆସେ
ଆମ କଥାବାର୍ତ୍ତା ବିଦେଶୀ ଭାଷାରେ ମହମହ ହୋଇ ବାସେ ।।
ଖାଦ୍ୟପେୟ ଆମ ଚକେନ୍ ମଟନ୍ କଣ୍ଟା ଚାମଚରେ ଖାଉ
ବିଅର ହଟ୍ ଏସି ସିଗାରେଟ ସବୁବେଳେ ପିଉଥାଉ ।।
ନିତି ଆମ ଖେଳ ନାରୀ ସଙ୍ଗେ ଭେଳ ବିବସନା ହତ୍ୟା କେତେ
କରି ବଳାତ୍କାର କରୁ ଛାରଖାର ସୁରାକ ମେଣ୍ଟାଇ ସତେ ।।
ସଭ୍ୟ ବୋଲି ତୁମ ପରିଚୟ କିଛି ଅଛି କି କହିବ ନାହିଁ
ଥିଲେ ହେଲେ କିଛି କିଏ ପଚାରୁଛି ଆମ ସମ ତୁମେ କାହିଁ ?
ସ୍ମିତହାସ୍ୟେ ସଭ୍ୟ କହେ ଶୁଣ ଭାଇ ସାର୍ଟିଫିକେଟ୍ ଲୋଡା ନାହିଁ
ଆଚାର ବେଭାର ବଚନ ମଧୁର ଶରୀରସ୍ତ ଆମ ଏଇ ।।
ଶ୍ରଦ୍ଧାର ସୁମନ ଚରଣେ ପ୍ରଦାନ ବୟୋଜ୍ୟେଷ୍ଠ ସୁଧୀ ଜନେ
ଏ ଜୀବ ଯୌବନ ସମାଜକୁ ଦାନ ବଞ୍ଚିଛୁ ଏହି କାରଣେ ।।
ତେଜି ପ୍ରଥା ନୀତି ସ୍ୱଭାବ ସଂସ୍କୃତି ଅନ୍ଧାନୁକରଣ କାହିଁ
ନିଜ ପରାକ୍ରମ ଭୁଲିବା କେମନ୍ତେ ପରାଶ୍ରିତ ହେବୁ ନାହିଁ ।।
ବେକାରି ସମସ୍ୟା ଦ୍ୱାହି ଦେଇ ଆମେ ଧାରଣାରେ ବସି ନାହିଁ
କରମଠ ଆମେ କଉଳକ ବୃତ୍ତି କରୁ ପରିବାର ପାଇଁ ।।
ପରିଚୟ ପାଇଁ ଆମେ ମରୁ ନାହିଁ ଫେସନ ଦେଖି ଚାଲିବା
ସମାଜ କଲ୍ୟାଣ ଧ୍ୟେୟ ସିନା ଆମ ଏଇ ଛାପ ଛାଡି ଯିବା ।।
ଫିକା ପଡିଗଲା ସାକ୍ଷରତା ମୁହଁ ସଭ୍ୟର ବଚନ ଶୁଣି
କହିଲା ହେ ଭାଇ କ୍ଷମା କର ମୋତେ ଅହଂକାରେ ଦେଲି ଭଣି ।।
ତୁମ ସଙ୍ଗେ ମୁଁ ହିଁ ଥିଲେ ଏକ ହୋଇ ସେ ନର ଉତ୍ତମ ହୁଏ
ସରବ ଗୁଣରେ ପରିପୂର୍ଣ୍ଣ ହୋଇ ସବୁଠି ସେ ପୂଜା ପାଏ ।।

ନୂଆପଡ଼ା

# ରଜ ଭେଟି



ଶିବରାମ ଦଳେଇ

ସାନ ପୁଅର ବାହାଘର ପର ଠାରୁ ଦାମୋଦର ବାବୁ ଙ୍କ ଘରେ ରୀତିମତ ଝଗଡା ଲାଗି ରହିଛି। କେତେବେଳେ ଦୁଇ ଯାଆ ମଧ୍ୟରେ ତ କେତେବେଳେ ବଡ଼ପୁଅ, ବାପା ମାଆ ଙ୍କ ସହିତ ।

ବଡ଼ ପୁଅ ବାଙ୍ଗାଲୋର ରେ ଥିବା ସମୟରେ ଯେଉଁ ଟଙ୍କା ପଠେଇ ଥିଲା ଆଜି ସେ ଟଙ୍କାର କଡ଼ାଗଣ୍ଡା ହିସାବ ମାଗୁଛି । ଦାମୋଦର ବାବୁ ଘର ଖର୍ଚ୍ଚ ଝିଅ ବାହାଘର ଖର୍ଚ୍ଚ ଆଉ ତା ବାହାଘର ଋଣ ସୁଝିବା ନାଁ ରେ କଥା କାଟନ୍ତି ।

ସାନ ପୁଅ କୁ ଟିକଏ ଗେଲ୍ହା ଆଦର ରେ ଦେଖନ୍ତି ଦାମୋଦର ବାବୁ । କାଲି ଥିଲା ପହିଲି ରଜ । ଘରେ ଘରେ ପିଠା ପଣା । ବଡ଼ ପୁଅ କହିଛି ଆଣିନାହିଁ ବୋଲି ଘରେ ପିଠା ପଣା କିଛି ହେଇନାହିଁ ।

ସାନ ପୁଅ ସ୍ତ୍ରୀକୁ ଧରି ତା ଶଶୁର ଘର ଗ୍ଲିଗଲା । ବାପ ମାଆ ସଫାସଫା କହିଦେଲେ ନିଜ ନିଜ ସିଙ୍ଘ ରେ ନିଜେ ମାଟି ତାଡ଼ିବାକୁ । ବଡ଼ ପୁଅ କଣ ଟିକଏ ଆଣି କ୍ଷୀରି ପିଠା କରି ବାପା ବୋଉକୁ ଖାଇବା ପାଇଁ ଦିଅନ୍ତି ତ ଆମେ ଭାତ ଖାଇସାରିଲୁଣି କହି କ୍ଷୀରି ପିଠା ଫେରାଇ ଦେଲେ । ଶେଷ ରଜ ଦିନ ସାନ ପୁଅ ଘରକୁ ଫେରିଲା । ବାପା ମାଆ ସହ ଅଲଗା ହାଣ୍ଡିଟେ ବସାଇଲା ।

ଆଜି ବସୁମତୀ ସ୍ନାନ । ଦାମୋଦର ବାବୁ ସାନ ପୁଅ କୁ ଧରି ନୂଆ ବାଇକ ଟେ କଣିଲେ । ଗାଁ ର ସୁଦାମ ମଉସା ପଗ୍ଗ୍ରିବାରୁ ଦାମୋଦର ବାବୁ କହିଲେ ସାନ ବୋହୁର ବାପା "ଝିଅକୁ ତାର ପ୍ରଥମ ବର୍ଷ ରଜ ଭେଟି ଦେଇଛନ୍ତି ।

ଲେଖନପୁର, ସାଲେପୁର

# ରକ୍ଷ କାଠୁରିଆ



ବୈବସ୍ୱତ ନାଏକ

ଗଛଟିଏ ଆମ ବନ୍ଧୁଟିଏ
ରକ୍ଷ କାଠୁରିଆ ଥରୁଟିଏ ।
କ ଦୋଷ କରିଛି ସେ ତୋହର
କମ୍ପା ଦେଉ ଦଣ୍ଡ ହୋଇ ନିଷ୍ଠୁର ।
ବାୟୁରୁ ଅଙ୍ଗାରକାମ୍ଳ କରୁଛି ହରଣ
ଅମ୍ଳଜାନ ଦେଇ ରଖିଚ ଆମ ଜୀବନ ।
ଗଛଟିଏ ଆମ ସଖାଟିଏ
ନ ହାଣ ମାନ ମୋ ବଚନ ଟିଏ ।
ତାକୁ ଯଦି ଏମିତି କରିବୁ ଛେଦନ
ତା ବିନା ଦିନେ ହାରିବା ପ୍ରାଣ ।
କେତେ ଉପକାର କରିଛି ସେ ଆମର
ସାତ ଜନ୍ମରେ ସୁଝି ପାରିବୁନ ଋଣ ତାହାର ।
ଫଳଫୁଲ ଦେଇ ଆମ ମେଣ୍ଟାଏ ଭୋକଶୋଷ
ଖରାରେ ତା ଛାଇରେ ବସି ପାଉଁ ଆତ୍ମସନ୍ତୋଷ ।
ଖଟପଲଙ୍କ ଚୌକି ଟେବୁଲ ରୂପେ ରହି
ଖୁସି କରେ ଆମକୁ କେତେ ଯେ ଦୁଃଖ ସହି ।
ଗଛଟିଏ ଆମ ମିତ ଟିଏ
ରହିଥିବ ଦୁଃଖେ ସୁଖେ ସାଥିରେ
ବୃକ୍ଷ କରୁଛି କ୍ରନ୍ଦନ
ନ ଦିଅ ତାକୁ ଏତେ କଷଣ
ଧରୁଅଛି ମୁଁ ତୁମ ଚରଣ ।

ଯୁକ୍ତତିନ ପ୍ରଥମ ବର୍ଷ (ଓଡ଼ିଆ ବିଭାଗ)
ସରକାରୀ ସ୍ୱଂୟ ଶାସିତ ମହାବିଦ୍ୟାଳୟ, ଭବାନୀପାଟଣା

# ଗାଁ

ତୁଷାରକାନ୍ତ ପ୍ରସାଦ

ଅଛି ସେଇ ଗାଁ ମାଟି,
ଅଛନ୍ତି ସେ ଲୋକ।
କାହିଁକି ବଦଳ ଯାଏ ଗାଁ ରୂପରେଖ?

ହସେ ଆମ୍ବ ବଉଳ,
ବରଗଛ ଛାଇ।
ହଜିଛି ସେ ଗାଁ ବାସ୍ନା ଖୋଜି ପାଉ ନାହିଁ।।

ଗୁଳ ଛପର ଭଙ୍ଗି,
ଠିଆ କୋଠାଘର।
ଗାଁ ମୋର ଧିରେ ଧିରେ ହେଉଛି ସହର।।

ଉଡେ ନାହିଁ ଗୋ-ଧୂଳ,
ସଞ୍ଜ ର ସାଥିରେ।
ଜେଜେ ମା' ଗପ ଆଉ ଶୁଭୁନ ରାତିରେ।।

ପିଲାଦିନ ଗାଁ ସ୍ମୃତି
ଆଖିରେ ଭାସୁଛି।
ଥିଲା ଯେଉଁ ଭାଇଗୁର ସ୍ୱପ୍ନ ଲାଗୁଛି।।

ତଥାପି ହସୁଛି ଗାଁ,
ଯନ୍ତ୍ରଣା କୁ ସହି।
ଗୁହିଁଛି ପଥ ଅବା ଫେରିବ କ କେହି।।

ବରୀ, ଯାଜପୁର

# ଜୀବନର ଅନନ୍ୟ ରୂପ ବୃକ୍ଷ



ଅମୀୟ କୁମାର ପଧାନ

ଭାରତ ବର୍ଷ ପ୍ରାକୃତିକ ସମ୍ପତ୍ତିରେର ପରିପୂର୍ଣ୍ଣ। ପ୍ରାକୃତିକ ସମ୍ପତ୍ତିରେର ଗଚ୍ଛିତ ଭାରତବର୍ଷ ନିଶ୍ଚିତ ଭାବରେ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର, କାହିଁକି ନା ପ୍ରାକୃତିକ ସମ୍ପତ୍ତିରୁ ହିଁ ପ୍ରାକୃତିକ ସୌନ୍ଦର୍ଯ୍ୟର ସୃଷ୍ଟି। ପ୍ରାକୃତିକ ସମ୍ପତ୍ତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଉଦାହରଣ ସ୍ୱରୂପ – ପ୍ରାକୃତିକ ସମ୍ପତ୍ତିର ଗନ୍ତାଘର ହେଉଛି ହୀରାକୁଦ, ପୁନଶ୍ଚ ପ୍ରାକୃତିକ ସୌନ୍ଦର୍ଯ୍ୟର ମଧ୍ୟ ହୀରାକୁଦ। ପ୍ରକୃତିର ସୌନ୍ଦର୍ଯ୍ୟ ଯେଉଁଠି ପ୍ରାକୃତିକ ସମ୍ପତ୍ତି ମଧ୍ୟ ସେଇଠି। ପାହାଡ, ପର୍ବତ, ବଣ, ଜଙ୍ଗଲ, ନଦୀ ଓ ଝରଣା ପ୍ରଭୃତି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହେଲେ ମଧ୍ୟ ଏଗୁଡିକ ପ୍ରାକୃତିକ ସମ୍ପତ୍ତିର ଗନ୍ତାଘର। ସେହି ପ୍ରାକୃତିକ ସମ୍ପତ୍ତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ମୂଳ ଉପାଦାନ ହେଉଛି ବୃକ୍ଷ।

ମନୁଷ୍ୟ ବୃକ୍ଷର ଉପାଦେୟତା ଜାଣେ, ଅନୁଭବ ମଧ୍ୟ କରେ। କିନ୍ତୁ ଦୁଃଖର କଥା ସେ (ମନୁଷ୍ୟ) ସବୁକିଛି ଜାଣି ମଧ୍ୟ ସର୍ବଦା ଭୁଲ୍ କାର୍ଯ୍ୟରେ ଲିପ୍ତ ରୁହେ। ଭୁଲ୍ କାର୍ଯ୍ୟରେ ମନୁଷ୍ୟ ଲିପ୍ତ ତାହା ଏକ ଯୁକ୍ତିଯୁକ୍ତ। କାରଣ ମନୁଷ୍ୟ ମାତ୍ରକେ ଭୁଲ୍ ସ୍ୱାଭାବିକ। କିନ୍ତୁ ଜାଣିଶୁଣି ଭୁଲ୍ କରିବା ଏକ ଅପରାଧ। ବୃକ୍ଷ ହିଁ ଜୀବନଏହା ସର୍ବଦା ଯୁକ୍ତିଯୁକ୍ତ। ପ୍ରତ୍ୟେକ ମନୁଷ୍ୟ ଜାଣିଥାଏ "ବୃକ୍ଷ ହିଁ ଜୀବନ"। ଏହି ବୃକ୍ଷ ରୂପକ ଜୀବନ ହିଁ ଆମକୁ ସୁସ୍ଥ, ସବଳ ଓ ଶରୀରର ବୃଦ୍ଧି ହେବାରେ ସାହାଯ୍ୟ କରିଥାଏ। କାରଣ ବୃକ୍ଷରୁ ହିଁ ସୃଷ୍ଟି ହୁଏ ଜଳ, ବାୟୁ, ଅଗ୍ନି, ବସ୍ତ୍ର, ଖାଦ୍ୟ ତଥା ଜଣେ ମଣିଷ ବଞ୍ଚିବା ପାଇଁ ଯାହା ଆବଶ୍ୟକ ତାହା ଆମେ ବୃକ୍ଷରୁ ହିଁ ପାଇଥାଉ କହିଲେ ଅତ୍ୟୁକ୍ତି ହେବନାହିଁ।

ସମାଜରେ ଜଣେ ମନୁଷ୍ୟ ବଞ୍ଚିବା ପାଇଁ ଯାହା ଆବଶ୍ୟକ ହୋଇଥାଏ ସେହି ଆବଶ୍ୟକତାକୁ ପୁରଣ କରିବାରେ ସାହାଯ୍ୟ କରିଥାଏ ପ୍ରାକୃତିକ ସମ୍ପଦ ଓ ବୃକ୍ଷ। ବୃକ୍ଷ ମନୁଷ୍ୟର ଜୀବନକୁ ସବୁ କ୍ଷେତ୍ରରେ ସାହାଯ୍ୟ କରିଥାଏ, ତାହା ପ୍ରତ୍ୟେକ୍ଷ ଭାବରେ ହେଉ

ବା ପରୋକ୍ଷ ଭାବରେ ହେଉ । କେବଳ ମନୁଷ୍ୟକୁ ନୁହେଁ, ସମଗ୍ର ପ୍ରାଣୀ ଜଗତକୁ ବୃକ୍ଷ ହିଁ ସହାଯ୍ୟ କରିଥାଏ । ଜୀବନ ରୂପକ ଶରୀରକୁ ବଞ୍ଚାଇ ରଖିବା ପାଇଁ ମନୁଷ୍ୟ ଅମ୍ଳଜାନ, ଫଳମୂଳ, ପନପରିବା, ଭାତ, ଡାଲି, ରୁଟି ପ୍ରଭୃତି ଆବଶ୍ୟକ କରିଥାଏ ଏବଂ ଏହି ଆବଶ୍ୟକତାକୁ ପୁରଣ କରିଥାଏ ବୃକ୍ଷ । ତେଣୁ ବୃକ୍ଷକୁ ମନୁଷ୍ୟର ବା ପ୍ରାଣୀଜଗତର ଜୀବନଦାତା ମଧ୍ୟ କହିପାରିବା । କେବଳ ବୃକ୍ଷ ମନୁଷ୍ୟ ବା ପ୍ରାଣୀ ଜଗତର ବଞ୍ଚିବା ପାଇଁ ଏକ ଶ୍ରେଷ୍ଠ ଉପାଦାନ ନୁହେଁ, ଏହା ସୌନ୍ଦର୍ଯ୍ୟକରଣ କରିବାର ଏକ ଉପାଦାନ ମଧ୍ୟ । ପାହାଡର ସୌନ୍ଦର୍ଯ୍ୟ ମଧ୍ୟ ବୃକ୍ଷ ଦ୍ୱାରା, ରାସ୍ତା କଡର ଉଭୟ ପାର୍ଶ୍ୱର ସୌନ୍ଦର୍ଯ୍ୟ କେବଳ ବୃକ୍ଷ ଦ୍ୱାରା, ପାର୍କର ସୌନ୍ଦର୍ଯ୍ୟ ବୃକ୍ଷ ଦ୍ୱାରା, ଏପରିକି ମନୁଷ୍ୟର ସୌନ୍ଦର୍ଯ୍ୟ ମଧ୍ୟ ବୃକ୍ଷ ଦ୍ୱାରା ହୋଇଥାଏ । ତେଣୁ ଆମେ ଜାଣିଲେ ଯେ ସବୁ କ୍ଷେତ୍ରରେ ବୃକ୍ଷର ହିଁ ଅବଦାନ ରହିଛି ଏହା ସର୍ବତ୍ର ସ୍ୱୀକାର୍ଯ୍ୟ ।

ସର୍ବୋଶେଷରେ କୁହାଯାଇପାରେ ମନୁଷ୍ୟର ଜୀବନ ରୂପକ ଡଙ୍ଗାର ନାଉରୀ ସାଜି ବୃକ୍ଷ ରୂପକ ଜୀବନ ହସ, ଖୁସି, ଲୁହ ଦେଇ ସଂସାରରୁ ବିଦାୟ ନେଇଥାଏ ।

ଓଡ଼ିଆ (ସମ୍ମାନ)
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

# ନାଲି ଗୃ'



ସୌମ୍ୟ ରଞ୍ଜନ ପାଲ

ବିଦେଶ ଫେରନ୍ତା ସ୍ୱାମୀଟା ପଞ୍ଚା'ତ ନବାସ ଭିତରେ ଅଛି
ଭେକ ଧରି ପେଟେ ଗୃଲୁଥିବା ଝିଅ କବର ଭିତରେ ଅଛି
ଟଙ୍କା ଅୟୁତକୁ ପକେଟରେ ଧରି ଅମୀର ଖୁସିରେ ଅଛି
ପ୍ରଥମ ଗୃକରୀ ଯାଇପାରିନାହିଁ ପୁଅଟା ଗମ୍ଭୀରେ ଅଛି ।।

ପ୍ରଦୂଷଣ ଭ୍ର କମିଛି ବୋଲି ଏ ମେଦିନୀ ମଉଜେ ଅଛି
ବେପାର ବଜାରେ ତାଳମେଳ ନାହିଁ ଗୃଷୀଟା କରଜେ ଅଛି
ଗୁଜବ କାରଣୁ ଭିଡ଼ହିଂସା ମୃତ ଶରୀର ଚତାରେ ଅଛି
ଓଷଦର ଏଠି ପତ୍ତା ମିଳୁନାହିଁ ବିଜ୍ଞାନ ଚନ୍ତାରେ ଅଛି ।।

ଖାକି ଷ୍ଟେଥୋ ସେନା ସଫେଇ ଜନତା ଭ୍ରତ ଶାନ୍ତିରେ ଅଛି
ବିଶ୍ୱ ମାର୍ଗଦର୍ଶୀ ବନବା ପାଇଁକ ଭ୍ରତ କ୍ରାନ୍ତିରେ ଅଛି
ଗୃହବନ୍ଦୀ ରହି ଜାଣିଲ୍ ଓଡ଼ିଶା ଫାଳେ ଦାଦନରେ ଅଛି
ଭୂତାଣୁ ଯୁଦ୍ଧ ନା ଭୟର ଯୁଦ୍ଧ ଏ ସୌମ୍ୟଟା ଦ୍ୱନ୍ଦରେ ଅଛି ।।

ଧୂଆଁ ବାହାରୁଛି ନାଲି ଗୃ' ଟା କାଚ ଗିଲ୍ସ ଭିତରେ ଅଛି
ଦିନମଜୁରିଆ ରକତଟା କାଚ ଗିଲ୍ସ ଭିତରେ ଅଛି ।।

ବଡ଼ଶୋଳ, ମୟୂରଭଞ୍ଜ

# ପ୍ରେମ କରୋନା ସମୟରେ

ଅଜୟ କୁମାର ମହାନ୍ତି

ମଧୁମକ୍ଷୀ କଣ କରେ
ଇଚ୍ଛାକୃତ ଏକାନ୍ତ ବାସରେ
ଫୁଲ ଫୁଟେ ବଗିଚ୍ଚରେ
ଏକା ଏକା ମକ୍ଷୀ ଅପେକ୍ଷାରେ।।

ପାର୍କ ଏଠି ଜନଶୂନ୍ୟ
ଅନୁପମ ସଜିବ ସୁନ୍ଦର
ଫାଟକରେ ଝୁଲୁଛି ଫଳକ
ପ୍ରବେଶ ନୁହଁଇ ସ୍ୱାଗତ।

ଘରକୁ ଫେରିଛି ଦେଶ
ଶବ୍ଦାୟିତ କୋଣ ଅନୁକୋଣ।
ଇଣ୍ଟରନେଟ ସେବା ବ୍ୟସ୍ତ
ଖୋଜା ହୁଏ ପ୍ରେମ ପାଇଁ ସ୍ଥାନ।।

ଦିର୍ଘ ଡ୍ରାଇଭ୍ ଦିବାସ୍ୱପ୍ନ
ଯୋଡ ବିଯୋଡ ସଂଖ୍ୟା ର ଖେଳରେ
ରେସ୍ତୁର୍‌ା ସବୁ ବନ୍ଦ
କାହିଁ ଯିବ ଡିନର ଡେଟିଂରେ।।

ବଜାର ବିପଣୀରେ ତାଲା
ସପିଙ୍ଗ ହଉଏ ସୁଯୋଗ
ମନ୍ଦିରରେ ପ୍ରବେଶ ନଷିଦ୍ଧ
କେମିତି ମାଗିବ ପ୍ରଭୂଙ୍କ ଆଶିଷ।

ସାମାଜିକ ଦୂରତ୍ୱ ଆବଶ୍ୟକ
ସଙ୍ଗରୋଧ ଆଜିର ପ୍ରସଙ୍ଗ
ଏମିତି କରୋନା ସମୟର ପ୍ରେମ
ଡେଟ୍ ପାଇଁ ଶ୍ରେଷ୍ଠତମ ସ୍ଥାନ।

# ମାତୃତ୍ୱ



ହିମାଦ୍ରୀ ମହାନ୍ତ

ନାରୀ ଜନ୍ମ ର ସାର୍ଥକତା ମାତୃତ୍ୱ ଲାଭ ରେ, ଏହି କଥା ଯୁଗ ଯୁଗ ଧରି ଆମେ ପୂର୍ବ ପୁରୁଷ ଙ୍କ ଠୁଁ ଶୁଣି ଆସୁଛୁ ଏବଂ ଆସୁଥିବା ମଧ। କନ୍ତୁ ଯେଉଁମାନେ ଦୁର୍ଭାଗ୍ୟ ବଶତଃ ମାତୃତ୍ୱ ର ଗୌରବ ଲାଭ କରି ପାରୁ ନାହାନ୍ତି ଅତ୍ୟାଧୁନକ ବିଜ୍ଞାନ ର ପ୍ରଚେଷ୍ଟା ବି ବିଫଳ ହେଉଛି, ସେହି ନାରୀ ମାନଙ୍କୁ ସମାଜ ଅନ୍ୟ ଏକ ଦୃଷ୍ଟି ରେ ଦେଖେ। ବାଞ୍ଝ ର ନନ୍ଦା ଅପବାଦ ଶୁଣିବାକୁ ମିଳେ। ସେଥିପାଇଁ ସାର୍ା ଜୀବନ କଷ୍ଟ ସହେ ନାରୀ, କାରଣ ସେ ତା'ର ବଂଶ ରକ୍ଷା କରି ପାରିଲାନ, ମାତୃତ୍ୱ ର ଗୌରବ ତା' ଜୀବନ ରେ ଆସିଲାନ। ବାଞ୍ଝ ର ମୁହଁ ଦେଖିଲେ କାଳେ ଅଶୁଭ, ବାଞ୍ଝ ର ହାତ ଲାଗିଲେ ଅମଙ୍ଗଳ ହୁଏ, କୌଣସି ଶୁଭ କାର୍ଯ୍ୟ ରେ ବାଞ୍ଝ କୁ ମନା ଏମିତି କେତେ କ'ଣ ଭାବି ହୁଏ ନାରୀ, ନଜେ ତିଳ ତିଳ ହୋଇ ମରେ ଆଉ ତା'ର କୌଣସି ଉପାୟ ନଥାଏ। ସେ ନଜସ୍ୱ ଜୀବନ ବିତାଇ ପାରେନା। ଆଉ ଅଙ୍ଗୁଳ ସର୍ବଦା ନାରୀ ଉପର କୁ ହିଁ ଉଠେ, ପୁରୁଷ ଉପରକୁ ନୁହେଁ।

ଦୁନଆ ର ଦୃଷ୍ଟି କୋଣ ବି ଭିନ୍ନ। କେଉଁଠି ନାରୀ ମାତୃତ୍ୱ ଲାଭ କରି ନଥିବାରୁ ନନ୍ଦା ଅପବାଦ ଶୁଣୁଛି ତ ଆଉ କେଉଁଠି ନାରୀ କୁମାରୀ ମାତୃତ୍ୱ ଲାଭ କରି ନନ୍ଦା ଅପବାଦ ଶୁଣୁଛି। ପ୍ରତ୍ୟେକ କ୍ଷେତ୍ରରେ ସମାଜନାରୀ କୁ ହିଁ ଦାୟୀ କରିଥାଏ।

ସମାଜ କେବଳ ଜଣେ ମା'ଙ୍କୁ ହିଁ ଦୋଷାରୋପ କରିବାରେ ସାହାସ ଦେଖାଇବାରେ। କଳଙ୍କିନୀ ର ଆଖ୍ୟା ଦେଇପାରେ। ପିତୃ ପରିଚୟ ହୀନ ସନ୍ତାନ କୁ କୁତ୍ସିତ ନଜରରେ ଦେଖିପାରେ। ତା ହେଲେ....... ଜଣେ ପୁରୁଷ କୁ କାହିଁକ ନୁହେଁ **??** ସେ ବି ତ ସମପରିମାଣରେ ଦାୟୀ। କୁଆଁରୀ କୁନ୍ତୀ ସିନା ଲୋକ ଲଜ୍ଜ୍ୟା କୁ ଡରି ଯାଇଥିଲେ। ସୂର୍ଯ୍ୟ ଦେବ କାହାକୁ ଡରୁଥିଲେ**?** ସେ ଚାହିଁଥିଲେ ତ କୁନ୍ତୀ କୁ ବିବାହ କରି ପାରି ଥା'ନ୍ତେ। କର୍ଣ୍ଣ ଙ୍କ ମସ୍ତକ ରୁ ଜାରଜ ର ଶବ୍ଦ କୁ ଲିଭେଇ ପାରିଥାନ୍ତେ। ଯୁଗେ ଯୁଗେ ପୁରୁଷ ନାରୀ ଉପରେ ନଜ ପୁରୁଷତ୍ୱ ଜାହିର୍ କରି ଆସିଛି ଆଉ ତା'ର ଫଳ ସ୍ୱରୂପ ସୃଷ୍ଟି ହୁଅନ୍ତି ଅନେକ ଅନେକ କର୍ଣ୍ଣ ମାନେ।

ଏହି ସମସ୍ୟା ଟା କେତେ ଦୂର ସତ୍ୟ ତାହା ଆମେ ଜାଣିବା ବିନି ଆଉ ଲତା ର ଜୀବନ କାହାଣୀ ଭିତରେ............

ବିନି, ସୁରେନ୍ଦ୍ର ବାବୁଙ୍କ ସ୍ତ୍ରୀ। ଏକ ମଧ୍ୟବିତ୍ତ ପରିବାର ର ବୋହୂ। ସେ ରୂପବତୀ ଆଉ ଗୁଣବତୀ ମଧ୍ୟ  କହିବାକୁ ଗଲେ ସର୍ବ ଗୁଣସଂପୂର୍ଣା ଝିଅଟିଏ। ଗୁଣବତୀ ପୁତ୍ରବଧୂ ପାଇ ସୁରେନ୍ଦ୍ର ବାବୁଙ୍କ ମାତା ପିତା ଖୁସି ରେ ଫାଟି ପଡନ୍ତି। ବିନି କୁ ସେମାନେ କେବେ ବି ଅବହେଳା କରନ୍ତି ନି କି ସେ ବି ଶାଶୂ ଶ୍ୱଶୁର ଙ୍କ ସେବା ରେ କୌଣସି ତୃଟି କରେନି। ବିନି କେବେ ଅନ୍ତଃସତ୍ତ୍ୱା ହେବ ଆଉ ତାଙ୍କ ଘର କୁ କୁଳଦ୍ୱୀପ ଟିଏ ଆସିବ ସେହି ଅପେକ୍ଷା ରେ ଥାନ୍ତି।  ଗୁହୁଁ ଗୁହୁଁ ଏପରି ଆଠ ନଅ ବର୍ଷ ବିତି ଗଲାଣି କିନ୍ତୁ ବିନି ର କୋଳ ସେମିତି ଶୂନ୍ୟ ରହିଛି। ସୁରେନ୍ଦ୍ର ପୁଣି ଏକମାତ୍ର ପୁଅ। ବିନି ର କୋଳ ଶୂନ୍ୟ ରହିଲେ ତାଙ୍କର ବଂଶ ରକ୍ଷା ହେବ କପରି, ଏହି ଚିନ୍ତା ରେ ସମସ୍ତେ ଭାଙ୍ଗି ପଡନ୍ତି। ସମସ୍ତ ଡାକ୍ତରୀ ଚେଷ୍ଟା ମଧ୍ୟ ବିଫଳ। ସୁରେନ୍ଦ୍ର ଙ୍କ ବାପା ମା ବାଧ୍ୟ କରନ୍ତି ସୁରେନ୍ଦ୍ର ଙ୍କୁ ଦ୍ୱିତୀୟ ବିବାହ ନିମନ୍ତେ। କିନ୍ତୁ ସୁରେନ୍ଦ୍ର ସିଧା ଠୋକ୍ ମନା କରି ଦିଅନ୍ତି। ଧୀରେ ଧୀରେ ବିନି  ପ୍ରତି ସମସ୍ତ ଙ୍କ ଦୃଷ୍ଟି କୋଣ ବଦଳିବାକୁ ଲାଗେ। ବାଞ୍ଝ ର ଆଖ୍ୟା ବି ମିଳି ଗଲାଣି। ଶାଶୁ  ଶ୍ୱଶୁର ଙ୍କ ଆଦର ସ୍ନେହ ବି କମି ଗଲାଣି, ଅବଶ୍ୟ ସୁରେନ୍ଦ୍ର କିଛି ନ କହି ନୀରବ ରୁହନ୍ତି।

ସେହି କଲୋନୀ ରେ ରହେ ଲତା। ବାପ ଛେଉଣ୍ଡ ଝିଅ ଟି। ବୟସ ଅଠର କି ଉଣେଇଶ। ଘରେ କେବଳ ସେ ଆଉ ତା' ମା'। ତା ମା ଲୋକଙ୍କ ଘରେ କାମ କରି ଯାହା ରୋଜଗାର କରେ ସେତିକି ରେ  ତାଙ୍କ ଘର ଚଳେ। କେବେ କେମିତି ତା' ମା' ର ଦେହ ଖରାପ ହେଲେ ଲତା ଯାଏ ତା ମା' ବଦଳ ରେ ସେହି ଘର ମାନଙ୍କୁ କାମ କରିବାକୁ।

ଲତା ଉପରେ ନଜର ପଡେ ସୁଦୀପ୍ ର। ସୁଦୀପ୍, ଯାହା ଘରେ ଲତା ର ମା କାମ କରନ୍ତି। ବୟସ ଚବିଶ କି ପଚିଶ ହେବ। ସୁଦୀପ୍ ର ମା ବାପା ଉଭୟ କର୍ମଜୀବୀ। ଲତା ର ଆକର୍ଷଣୀୟ ଅଙ୍ଗ ସୌଷ୍ଠବ ପ୍ରତି ସୁଦୀପ୍ ଆକର୍ଷିତ ହୁଏ। ବାପା ମାଆ ଙ୍କ ଅନୁପସ୍ଥିତି ର ସୁଯୋଗ ନେଇ ସୁଦୀପ୍ ନିଜ ଶରୀର ର ତୃଷ୍ଣା ମେଣ୍ଟାଏ ଲତା ଉପରେ। ଆଉ କଡା ତାଗିଦ୍ କରିଥାଏ କାହାକୁ କିଛି ନ କହିବା ପାଇଁ। ବିଚାରୀ ଲତା ଭୟ ଆଉ ଲଜ୍ଜା ରେ କାହାକୁ କିଛି କହିବାକୁ ସାହାସ କରି ପାରେନା। ଫଳସ୍ୱରୂପ ଲତା ହୁଏ ଗର୍ଭବତୀ। ଲତା ଆଉ ତା ମା ଜୀବନ ରେ ଅନ୍ଧାର ଘୋଟି ଆସେ। ସେମାନେ ଗରୀବ, କାହାକୁ କହିବେ?? ସୁଦୀପ୍ ର ପରିବାର କ'ଣ ଲତା କୁ ଗ୍ରହଣ କରିବେ?? ସେମାନେ ଲତା ମାଆ ହାତ ରେ କିଛି ପଇସା ଗୁଞ୍ଜି ଦେଇ ଗର୍ଭ ନଷ୍ଟ କରିବାକୁ କହନ୍ତି। ପାଞ୍ଚ ମାସ ର ଗର୍ଭ ହେଇ ଗଲାଣି ପୁଣି ଲତା ର ବୟସ ବି କମ୍ ତେଣୁ ଡାକ୍ତର ଗର୍ଭ ନଷ୍ଟ କରିବାକୁ ମନା କରି ଦିଅନ୍ତି। ଲତା

ଆଉ ତା ମାଆ କରୁପାୟ। କରିବେ କ'ଣ?? ନ୍ୟାୟ ପାଇଁ ନା ଅଛି ଅର୍ଥ ନା ଅଛି ସାମର୍ଥ୍ୟ। ପୋଲିସ୍ କୁ ପ୍ରମାଣ ଦରକାର।କ'ଣ ପ୍ରମାଣ ଦେବ ଲତା?? ସେମାନେ ଗରୀବ ଆଉ ସୁଦୀପ୍ ବେଶ୍ ପ୍ରତିଷ୍ଠିତ। ସେମାନଙ୍କ ବିପକ୍ଷ ରେ ଲଢିବା କୁ ସାହାସ ପାଏନା ଲତା।

ସମାଜ ରେ ଜନ୍ମ ନଏ ଆଉ ଏକ କର୍ଣ୍ଣ। କୁମାରୀ ମାତୃତ୍ୱ ର ଲାଞ୍ଛନା, ନିନ୍ଦା, ଅପବାଦ ରେ ମଧ୍ୟ ଭାଙ୍ଗି ପଡିନ ଲତା। ମାତୃତ୍ୱ ର ସ୍ନେହ ମମତା ସବୁ ଅଜାଡି ଦେଇଛି ତା ପୁଅ ପାଇଁ। କିନ୍ତୁ ଲତା ର ନିନ୍ଦା ଅପବାଦ ତା ମାଆ ପାଇଁ ହୋଇଯାଏ ଅସହ୍ୟ। ଚିନ୍ତା ରେ ସେ ହୁଏ ଶଯ୍ୟା ଶାୟୀ ଆଉ କିଛି ଦିନ ପରେ ଲତା କୁ ଏକୁଟିଆ ଛାଡି ଚାଲିଯାଏ ଆରପାରି କୁ। ଲତା ଜୀବନ ରେ ଛାଇ ଯାଏ ଦୁର୍ଦ୍ଦିନ ର କଳା ବାଦଲ। ବିଚାରୀ ସଂପୂର୍ଣ୍ଣ ଏକୁଟିଆ। କିପରି ତା ପୁଅ କୁ ବଡ କରିବ?? ପୁଣି ସମାଜ ଦୃଷ୍ଟି ରେ ସେ ଯେ ଏକ ଜାରଜ ସନ୍ତାନ।ତଥାପି ନିନ୍ଦା ଅପବାଦ କୁ ଖାତିର୍ ନ କରି ତା ମେରୁଦଣ୍ଡ କୁ ସଳଖ କରେ। କିଛି ସମାଜ ସେବୀ ଙ୍କ ସହାୟତା ରେ ତାକୁ କିଛି କାମ ମିଳିଯାଏ। ନିଜ ପାଇଁ ଆଉ ତା ପୁଅ ପାଇଁ ଦି ମୁଠା ଖାଦ୍ୟ ଯୋଗାଏ। ଏମିତି ଚାରି ପାଞ୍ଚ ବର୍ଷ ବିତି ଯାଏ। କିନ୍ତୁ ବିଧାତା ବି ବଡ ବିଚିତ୍ର। ଗୋଟିଏ ଦୁର୍ଘଟଣା ରେ ଲତା ର ଜୀବନ ଚାଲି ଯାଏ। ତା ପୁଅ ହୋଇଯାଏ ନିଃସହାୟ ଆଉ ନିଃସ୍ୱ ।

ଏପଟେ ବିନି ସନ୍ତାନ ଟିଏ ପାଇଁ ଭଗବାନଙ୍କ ପାଖେ କେତେ କ'ଣ ମାନସିକ କରୁଥାଏ। ଲତା ର ପୁଅ କୁ ନିଃସହାୟ ଅବସ୍ଥା ରେ ଦେଖି ତାଙ୍କର ମାତୃତ୍ୱ ର ଆଶା ଜାଗି ଉଠେ। ସେ କୋଳେଇ ନିଅନ୍ତି ଲତା ର ପୁଅକୁ। ତା ପାଇଁ ଅଜାଡି ଦେଇଛନ୍ତି ଅସରନ୍ତି ସ୍ନେହ ଆଉ ସମାଜ ରେ ଭଲ ମଣିଷ ଟେ କରି ଗଢି ତୋଳିବାକୁ ବିନି ଦିନ ରାତି ଏକ କରି ଦେଇଛନ୍ତି।

ଲତା ର ପୁଅ ବଡ ହୋଇ ସମାଜରେ ପ୍ରତିଷ୍ଠିତ ହୁଏ। ବିନି ଆଉ ସେ ହେଇ ଯାନ୍ତି ସମାଜ ପାଇଁ ଆଦର୍ଶ। ଲତା ର ପୁଅ ମାତା ପିତା ର ପରିଚୟ ପାଇ ତା ମସ୍ତକ ରୁ ଜାରଜ ଶବ୍ଦ ଟି ଲିଭି ପାରିଲା ଆଉ ବିନି ମସ୍ତକ ରୁ ବାଞ୍ଝ ଶବ୍ଦ ଟି ।।।

ସତ ରେ ଭଗବାନ ଙ୍କ ଲୀଳା ବି ଭାରି ବିଚିତ୍ର !!!!

ଶିକ୍ଷୟିତ୍ରୀ, କେନ୍ଦୁଝର

# ବନ୍ଧୁରୁ ସାଜିଲ ବଧୂ



ପ୍ରଶାନ୍ତ କୁମାର ପଧାନ

ବନ୍ଧୁଟିଏ ହୋଇ ଆସିଲ ଜୀବନେ
ବନ୍ଧୁରୁ ସାଜିଲ ବଧୂ
ଉଆଁସର ଏଇ ଜୀବନରେ ମୋର
ହୋଇଲ ପୂର୍ଣ୍ଣମୀ ଇନ୍ଦୁ ।।
ବିନା ବରଷାରେ ଇନ୍ଦ୍ରଧନୁ ହସେ
ମନ ଆକାଶରେ ମୋର
ରଜନୀଗନ୍ଧାର ସୁବାସ ଚହଟେ
ଅଗଣାରେ ନିରନ୍ତର ।।
ପରଶମଣିର ଯାଦୁଗରୀ ସ୍ପର୍ଶ
ଅଟେକିବା ତୁମ ଛୁଆଁ
ସୁବର୍ଣ୍ଣର ପରି ଏ ଦେହ ଚମକେ
ଅଙ୍ଗେ ମୋର ଲାଗେ ନିଆଁ।।
ଅଳସ ଆଖିରେ ହଜାରେ ସପନ
ସପନରେ ଖାଲି ତୁମେ
ଦିନର ଆରମ୍ଭ ତୁମରି ପାଖରୁ
ଶେଷହୁଏ ତୁମ ନାମେ।।
ହଜି ମୁଁ ସାରିଛି ତୁମରି ପାଖରେ
ଜନ୍ମ ଜନ୍ମାନ୍ତର ପାଇଁ
ବିତିଯାଉ ମୋର ପ୍ରତିଟି ମୁହୂର୍ତ୍ତ
ତୁମ ମୁହଁ ଗୁହିଁଗୁହିଁ।।

ବୁର୍ଗେମୁଣ୍ଡା, ବରଗଡ଼

# ନା ଆଉ ହବନ...



କେଶରୀ ପ୍ରସାଦ ମହାନ୍ତି

ନା ଆଉ ହବନ
ବଞ୍ଚି ହବନ
ରହି ହବନ
ସହି ହବନ
ଏ ବିଷାକ୍ତ ପୃଥ୍ୱୀ ରେ..

ବାୟୁ ପ୍ରଦୂଷଣ ଧୂଆଁ ରେ
ବିଶ୍ୱ ତାପନ ନଆଁ ରେ
ଅମ୍ଳବୃଷ୍ଟି ର ଘା ରେ
ମୃତ୍ତିକା କ୍ଷୟ ର ଆଁ ରେ
ରହି ହବନ ଏ ପୃଥ୍ୱୀ ରେ...

ପ୍ରଳୟକାରୀ ପବନ
ପୃଥିବୀ ର କମ୍ପନ
ଶବ୍ଦ ପ୍ରଦୂଷଣ ଗର୍ଜନ
ପୃଥ୍ୱୀ କ କରିବ ମଣିଷ ବିହୀନ...

ଜଳ ସଙ୍କଟ ର ତୃଷ୍ଣା
କଳକାରଖାନା ଧୂଆଁ ର ବାସ୍ନା
ହଜେଇ ଦେଲନ ଜହ୍ନ ର ଜ୍ୟୋତ୍ସ୍ନା..

ଜଳବାୟୁ ର ପରିବର୍ତ୍ତନ
ମାନବ ର ବିବର୍ତ୍ତନ
ସମାଜ ର ଆଧୁନକ ଗଠନ
ଅତିଷ୍ଠ କଲାଣି ଜୀବନ...

ମଣିଷ ର ଛଳନା ମିଶା କଥା ରେ
ମିଛ ଅଭିନୟ ର ରଙ୍ଗମଞ୍ଚ ରେ
କଳୁଷିତ ଭାବନା ର ଷଡଯନ୍ତ୍ର ରେ
ନା ଆଉ ବଞ୍ଚି ହବନ ଏ ପୃଥ୍ୱୀ ରେ...

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ
ମହାବିଳୟ, ଯାଜପୁର

# ଶ୍ରେୟା



ଧନେଞ୍ଜୟ ପଣ୍ଡା

କହନ୍ତି କାଳେ ପ୍ରେମ ଜୀବନର ସବୁଠୁ ମଧୁରତମ ଅନୁଭବ । ସେଇ ମଧୁରତମ ଅନୁଭବକୁ ବୋଧେ ଉପଲବ୍ଧି କରିବାକୁ ସେଦିନ ନିଜ ଅଜ୍ଞାତରେ, ନିଜ ଅଜାଣତରେ, ନିଜ ଅଗୋଚରରେ ଅଠର ବର୍ଷର କିଶୋରୀଟି ଅଜାଡି ଦେଇଥିଲା ତା ହୃଦୟ ଗହନରେ କାହିଁ କେଉଁ କାଳରୁ ସାଇତି ରଖିଥିବା ପ୍ରେମ ସବୁକୁ, ସମ ବୟସ୍କ କିଶୋରଟି ସମ୍ମୁଖରେ । କିଶୋରଟିର ନାଁ ରାଜା, ଆଉ କିଶୋରୀଟିର ନାଁ ଶ୍ରେୟା ।

ଦୁହିଁଙ୍କର ପରିବାର କାହିଁ କେଉଁ କାଳରୁ ମଧୁର ସମ୍ପର୍କର ସୂତାଖିଅରେ ଯୋଡ଼ା । ଏ ଘରେ ସୋରିଷ ଫୁଟିଲେ ସେ ଘରକୁ ଶୁଭେ । ସେଥିପାଇଁ ରାଜା ଆଉ ଶ୍ରେୟାଙ୍କର ଉଭୟଙ୍କ ଘରେ ଅବାଧ ପ୍ରବେଶ । ଦୁହିଁଙ୍କର ବନ୍ଧୁତା ଠିକ ସେବେଠାରୁ, ଯେବେଠାରୁ ରାଜା ଖସି ଯାଉଥିବା ହାଫ ପ୍ୟାଣ୍ଟ ଟାକୁ ଟିକେ ଉପରକୁ ଉଠେଇଦେଇ ଗାଁ ଦାଣ୍ଡରେ ଡେଇଁ ଡେଇଁ ବାଟି ଆଉ କବାଡି ଖେଳୁଥିଲା ଆଉ ଶ୍ରେୟା ଛିଟପକା ଚଡିଟିଏ ପିନ୍ଧି ନାକରୁ ବୋହି ଆସୁଥିବା ସିଂଘାଣି ସବୁକୁ ଜିଭ ଲଗେଇ ଚାଟି ଦେଇ ଭାରି ମିଠା ବୋଲି କହୁଥିଲା । ଦୁହିଁଙ୍କର ସିନା ଦୁଇଟି ଦେହ ଥିଲା ହେଲେ ଗାଁ ସାଇ ପଡିଶା ଏମିତିକି ଉଭୟଙ୍କ ଘର ଲୋକ ମଧ୍ୟ କହୁଥିଲେ ଯେ ସେମାନଙ୍କର ଆତ୍ମା ଗୋଟିଏ ବୋଲି । ବାପା icecream ଆଣିଲେ ଚୁପ କରି ଅତି ସନ୍ତର୍ପଣରେ ଫ୍ରିଜରୁ ଲୁଚେଇ ଟିକେ ଅଧିକ ଆଣି ଯିଏ ରାଜାକୁ ଦିଏ ସେଇ ନିରୀହ ଝିଅଟି ହେଉଛି ଶ୍ରେୟା । ଉଦୁଉଦିଆ ଦି ପହରେ ଫକୀର ଅଜା ବାଡ଼ିରେ ପଶି ପିଜୁଳି, ଆମ୍ବ ଆଉ ବରକୋଳି ଯିଏ ତୋଳି ଆଣି ଶ୍ରେୟାକୁ ଦିଏ ସେହି ପୁଅଟି ହେଉଛି ରାଜା । ପିଜୁଳି, ଆମ୍ବ କି ବରକୋଳି ତୋଳିବା ବେଳେ ଗଛର ଡାଳବାଜି ରାଜାର ଗୋଡ଼ହାତ କ୍ଷତବିକ୍ଷତ ହୋଇଗଲେ, ମାଆ ବାପାଙ୍କ ଠାରୁ ଅତି ବିକଳ ପାଏ ଶ୍ରେୟା ଆଉ ଲୁହ ଦି ଟୋପା ଗଡେଇ ଦେଇ ମୁଚୁକାନୀ କି ବିଶଲ୍ୟକରଣୀ ପତ୍ର ହାତରେ ଦଳି ଲଗେଇ ଦିଏ ତାର କ୍ଷତ ସ୍ଥାନରେ। ପରୀକ୍ଷା ହଲରେ ରାଜାକୁ ଯେତେବେଳେ କିଛି ଉତ୍ତର ଆସେନି, କଣ ଲେଖିବ ସେ ବୁଝିପାରେନି ଠିକ ସେତିକି ବେଳେ ଯିଏ ସମସ୍ତଙ୍କ ଆଖିରେ ଧୂଳି ଦେଇ ରାଜାର ଖାତାକୁ

ଛଡେଇନେଇ ନିଜେ ଉତ୍ତରସବୁ ଲେଖି ପକାଏ ଆଉ ପଚାରିଲେ କହେ "ମୁଁ ତ ଝିଅଟା ପାଠ ପଢ଼ିଲେ ଚୁଲିକି ନପଢ଼ିଲେ ବି ଚୁଲିକି ", ସେହି କଅଁଳ ଝିଅଟି ହେଉଛି ଶ୍ରେୟା।

ଯା ଭିତରେ ଦୁହିଁଙ୍କର plus two ସରିଲାଣି । ଦୁହିଁଙ୍କର ଗୋଟିଏ କଲେଜ । ହେଲେ ସେମାନଙ୍କର ପିଲାଳିଆମି ଠିକ ସେମିତି ଅଛି । କଲେଜରେ ଶ୍ରେୟା ଯଦି କେଉଁ ପୁଅ ସହ ଗପେ ତାହେଲେ ରାଜାର ଛାତିଭିତରଟା କୋରି ହୋଇଯାଏ । ଠିକ ସେପରି ରାଜା ଯଦି ଅନ୍ୟ କେଉଁ ଝିଅ ସହ ଟିକେ କଥା ହୁଏ ଶ୍ରେୟାକୁ ଖୁବ ବାଧେ । ଦୁହେଁ କିଛି ଦିନ ଯାଏଁ ଆଦୌ କଥା ହୁଅନ୍ତି ନାହିଁ, ବୋଧେ ଅଭିମାନରେ । ପରୀକ୍ଷାଦେଇ ଦୁହେଁ ଆସିଛନ୍ତି ଛୁଟିରେ। ପୁଣି ଚାଲୁ ହୋଇଯାଇଛି ସେମାନଙ୍କର ମାଡ଼ପିଟ, ଟିକେ ଟିକେ କଥାରେ ରାଗରୁଷା, ଆଉ ଦିନେ କିମ୍ବା ଦୁଇଦିନ ଅଭିମାନ । ପିଲାବେଳେ ଦିନେ ଦିନେ ଶ୍ରେୟା, ରାଜାର ଘରେ ଏବଂ ରାଜା ଶ୍ରେୟାର ଘରେ ରହିଯାନ୍ତି, ରାତିରେ ମଧ୍ୟ ।

ପରନ୍ତୁ ଏବେ ଯେ ସେମାନେ ବଡ଼ ହେଲେଣି । ଘରଲୋକଙ୍କର କଟକଣା ଆଗ ଅପେକ୍ଷା ଏବେ ଟିକେ ବଢ଼ିଯାଇଛି । ବଢ଼ିଲା ପୁଅ ସହ ଗୋଟିଏ ବଢ଼ିଲା ଝିଅକୁ ଯେ କେହି ବି ଦେଖିଲେ ନିଶ୍ଚିତ ଅନ୍ୟ ଅର୍ଥରେ ନେବ, ସେଥିପାଇଁ ବୋଧେ ସେମାନଙ୍କର ପରିବାର ଲୋକ ସେମାନଙ୍କୁ ଟିକେ ବାରଣ କରୁଥିଲେ ଅଧିକ ମିଳାମିଶା ପାଇଁ ।

ସେଦିନ ଥାଏ ସୋମବାର । ଉଭୟଙ୍କ ପରିବାର ଲୋକ ନିଷ୍ପତ୍ତି ନେଲେ ସୁଦୂର ଧବଳେଶ୍ୱର ଯିବା ପାଇଁ । ଅନୁଗୁଳରୁ ଧବଳେଶ୍ୱର ମନ୍ଦିର ପାଖାପାଖି **148k.m.** ସକାଳୁ ସକାଳୁ ଶ୍ରେୟାର ଟିକେ ବାନ୍ତି ହେବାରୁ ସେ ମନା କରିଦେଲା ଯିବାକୁ । ରାଜା ବା କେମିତି ଯାଇଥାନ୍ତା? ଶ୍ରେୟା ଯେ ଯିବନାହିଁ । ଜଣେ ଫୁଲ ହେଲେ ଜଣେ ଫଗୁଣ । ଜଣେ ମଳୟ ହେଲେ ଜଣେ ଚନ୍ଦନ । ଜଣେ ଜଳ ହେଲେ ଆଉ ଜଣେ ଘୃତକ । ଜଣେ ପହିଲି ବର୍ଷାଭିଜା ମାଟି ହେଲେ ଆଉ ଜଣେ ସେ ମାଟିର ମହକ । ଜଣେ ଆଉ ଜଣକ ବିନା କେମିତି ଯାତ୍ରାକୁ ଉପଭୋଗ କରିଥାନ୍ତା । ରାଜା ରହିଲା ଶ୍ରେୟାର ଯତ୍ନ ନେବ କହି । ଯଥା ସମୟରେ ସଭିଏଁ ବାହାରିଗଲେ ଧଳା ମଚ ମଚ ବୋଲେରୋ ଗାଡ଼ିରେ । ଦୁହେଁ ସେଦିନ ଖୁବ ମସ୍ତି କଲେ । ମଧ୍ୟାହ୍ନରେ ରାଜା ତାର ବାଇସାଇକେଲଟିକୁ ନେଇ ପାଖ ବଜାରରୁ କିଣି ଆଣିଲା ଶ୍ରେୟାର ମନପସନ୍ଦର ଖାଇବା ସବୁ । ଅବଶ୍ୟ ଶ୍ରେୟା ଟିକେ ସେଦିନ ଅସୁସ୍ଥ ଅନୁଭବ କରୁଥିଲା । କିନ୍ତୁ ରାଜାର ସଂଗତି ତାର ସବୁ ଅସୁସ୍ଥତା କୁ ଦୂରେଇ ଦେଇଥିଲା । ଶ୍ରେୟାକୁ ଶୁଆଇଦେଇ ରାଜା ବସିରହିଲା ତାର ବେଡ଼ ପାଖରେ । ପ୍ରଥମଥର ପାଇଁ ସେଦିନ ଶ୍ରେୟା ତା ଛାତିରେ ଅନୁଭବ କରୁଥିଲା ଭିନ୍ନ ଏକ ଯନ୍ତ୍ରଣା । ପୋଡ଼ାମୁହାଁ ପ୍ରେମଟା କେତେବେଳେ ତା ଭିତରକୁ

ଧସେଇ ପଶି ଆସିଥିଲା । କୁହାଯାଏ "ବନ୍ଧୁତାରୁ ଯେଉଁ ପ୍ରେମ ସୃଷ୍ଟି ହୁଏ ତାହା ଶାଶ୍ୱତ, ଚରନ୍ତନ ।" ଏମିତି ଏକ ଦୁର୍ବଳ ପରିସ୍ଥିତିରେ ଶ୍ରେୟା ପ୍ରେମ ନିବେଦନ କରିବସିଲା ରାଜାର ଦୁଇ ହାତକୁ ଜାବୁଡି ଧରି । ଆଉ ଭାରି କଅଁଳ କଣ୍ଠରେ ଡରି ଡରି କହିଲା, "ଏ ରାଜା ! I LOVE U SO MUCH...FOREVER EVER AND EVER..."କାହିଁକି କେଜାଣି ଶ୍ରେୟାକୁ ସେଦିନ ଭାରି ଡର ଲାଗୁଥିଲା । ବୋଧେ ସେ ଡରୁଥିଲା କାଳେ ରାଜା ତାକୁ ମନା କରିଦେବ, ବୋଧେ ସେ ଡରୁଥିଲା କାଳେ ସେମାନଙ୍କ ବନ୍ଧୁତାର ସମ୍ପର୍କରେ ଭଙ୍ଗା ପଡ଼ିଯିବ ସବୁଦିନ ପାଇଁ, ଆଉ ବୋଧେ ସେ ଡରୁଥିଲା  କାଳେ ରାଜା ଆଖିରେ ସେ ନ୍ୟୁନ ହୋଇଯିବ ସବୁଦିନ ପାଇଁ... ଏମିତି କେତେ କଣ ଭାବି । ହେଲେ ରାଜା ସେଦିନ ଶ୍ରେୟାର କଥା ଶୁଣି ହସରେ ଉଡେଇଦେଇଥିଲା ଆଉ କହିଥିଲା, "ହଁ ହଁ ଜାଣିଛି, ଏଇ ଆଇ ଲଭ ୟୁ ମତେ ତୁ ପିଲା ବେଳୁ କହିଆସୁଛୁ । ଏବେ ତୋ ଦେହ ଭଲ ନାହିଁ, ଏଇ ସମୟରେ ଏଇ ସବୁ **formality** ଦେଖେଇବା କଣ ଜରୁରୀ? "ଶ୍ରେୟା ଚୁପ ରହିଲା । ସେ କହିବାକୁ ଚାହୁଁଥିଲେ ବି ନିଆଁଲଗା ଦେହଟା ତାର କହିବାକୁ କିଛି ବି ମଞ୍ଜୁରୀ ଦେଉନଥିଲା । ରାଜା ବେଡ଼ସିଟଟିଏ ଘୋଡେଇ ଦେଲା ଶ୍ରେୟାଉପରେ  ।ଆଉ ତାର ମଥା ଉପରେ ହାତ ରଖି ଥାପୁଡ଼େଇ ଦେଉଥିଲା ମାଆଟିଏ ପରି ।

ଶ୍ରେୟାର ମଥା ଥାପୁଡ଼େଇ ଦେଉ ଦେଉ ଯେ ରାଜା ନିଜେ  କେତେବେଳେ ଶୋଇପଡିଛି ସେ କଥା ତାକୁ ଜଣାନାହିଁ । ସମୟ ପାଖାପାଖି **7**ଟା । ପରିବାର ଲୋକ କେହି ହେଲେ ଏ ଯାଏଁ ଫେରିନାହାନ୍ତି । ଚେୟାରରୁ ଉଠି ସେ ଆଖି ମଳିଲା । ବେସିନ ପାଖକୁ ଯାଇ ମୁହଁ ଧୋଇଲା । ମୁହଁ ଧୋଇ ସାରି ଆସି ଥରୁଟିଏ ଶ୍ରେୟା ଆଡକୁ ଚାହିଁଲା । ତାର ସେଇ ଗୋଲ ଗୋଲ ଶାମୁକା ପରି ଆଖି, ରଙ୍ଗଣୀ ଫୁଲଠୁ ଆହୁରି ନାଲି ଅଧର, ଦୁଇନୟନ ର ମଝିରେ ଥିବା କଳା ବିନ୍ଦି, ଟେଡି ବିଅରର ନାକ ପରି ଖୁବ କୋମଳ ନାକ ଏବେ ତାକୁ କାହିଁକି ବେଶୀ ଆକର୍ଷଣୀୟ ଦେଖାଯାଉଥିଲା । ଏବେ ମନେ ପଡିଯାଉଥିଲା ତାର ଶ୍ରେୟାର ସେହି ପ୍ରେମ ନିବେଦନ କଥା । ସେହି ଭାବନାରେ ତଲ୍ଲୀନ ହୋଇ ମୁରୁକି ମୁରୁକି ହସିବାକୁ ଲାଗିଲା । ବୋଧେ ପ୍ରେମରୂପୀ ଅଦୃଶ୍ୟ ବୁଢ଼ୀ ଅସୁରୁଣୀଟା ତାକୁ ଏବେ ପୂର୍ଣ୍ଣରୂପେ ଗ୍ରାସ କରିସାରିଲାଣି । ରାଜା ମନେ ମନେ ନିଷ୍ପତ୍ତି କରିସାରିଥିଲା ଯେ ସେ ଶ୍ରେୟାକୁ ଆଜି ତା ମନର କଥା ସବୁ କହିଦେବ ଏବଂ ଦୁହେଁ ପରସ୍ପର ଭିତରେ ହଜିଯିବେ ଯୁଗ ଯୁଗ ପାଇଁ, ଏକାକାର ହୋଇଯିବେ । ଦୁହିଁଙ୍କ ଔରସରୁ ଜନ୍ମ ନେଇସାରିଥିଲା ପ୍ରେମ ରୂପୀ ଶିଶୁକନ୍ୟା । କେଇ ଘଣ୍ଟା ଆଗରୁ ଶ୍ରେୟାର ପ୍ରେମକୁ ଯେ ବନ୍ଧୁତ୍ୱ ବୋଲି ଭାବୁଥିଲା ଏବେ ସେ ହିଁ ସେହି

ବନ୍ଧୁତ୍ୱକୁ ପ୍ରେମର ରୂପ ଦେବାକୁ ଚାହୁଁଛି । ଧୀରେ ସାହସ କରି ରାଜା ନଜର ଓଠକୁ ଶ୍ରେୟାର ମଥା ପାଖକୁ ନେଲା । ଛାତି ତାର ଥରି ଉଠୁଥିଲା । ସେ କଛି ଭୁଲ କରୁନ ତ ! ଶ୍ରେୟାର ନଜରରେ ସେ ଛୋଟ ହୋଇଯିବନ ତ ! ଏମିତି ଅନେକ ପ୍ରଶ୍ନବାଣ ତାକୁ ଆନ୍ଦୋଳତ କରୁଥିଲା । ତଥାପି ସାହସ ବାନ୍ଧି ଚୁମ୍ବନଟିଏ ଆଙ୍କିଦେଲା ଶ୍ରେୟାର ମଥାରେ । ଭାବିଥିଲା ଶ୍ରେୟା ଚମକ ପଡିବ ଆଉ ଉଠିପଡ଼ି ହୋ କନା ଗୋଟାଏ ଚାପୁଡ଼ା ବଜେଇ ଦେବ ତା ଗାଲରେ । ହେଲେ ଏ କଣ**?**

ସେ ଯେ ପ୍ରତିକ୍ରିୟା ବିହୀନ । ସେମିତି ନର୍ଜୀବଟିଏ ପରି ପଡ଼ିରହିଛି । ରାଜା ତାକୁ ଏପଟ ସେପଟ କରି ହଲେଇଲା ଏବଂ ବିକଳରେ ଚତ୍କାର କରିବାକୁ ଲାଗିଲା । ସେତେବେଳକୁ ଶ୍ରେୟା ଆଉ ଏ ଦୁନଆରେ ନଥିଲା । ରାଜା କାନ୍ଦିଲା । ଭୋ ଭୋ ହୋଇ କାନ୍ଦିଲା । ଛାତି ଫଟେଇକ କାନ୍ଦିଲା । ତା କାନ୍ଦରେ ଆଜି ଗଗନପବନ କମ୍ପି ଉଠୁଥିଲା । ମାଉସୀ ଯେ ତାକୁ ବାର ବାର କହିଥିଲେ ଶ୍ରେୟାର ଧ୍ୟାନ ରଖିବାକୁ । ଏବେ ସେ କ ଉତ୍ତର ଦେବ**?** ଏଥି ସହ ତା ମନର କୋହକୁ ସେ ଲୁଚେଇ ପାରୁନଥିଲା । ଯେଉଁ ମୁହୂର୍ତ୍ତରେ ସେ ପ୍ରେମକୁ ଅନୁଭବ କଲା ଠିକ ସେହି ମୁହୂର୍ତ୍ତରେ ଈଶ୍ୱର ତା ସହ କପଟ କଲେ ବୋଲି ରାଗ ଆଉ ଅଭିମାନରେ କାନ୍ଦି କାନ୍ଦି କହି ହେଉଥିଲା । ଶ୍ରେୟାର ହାତରେ ଥିଲା ଚିଠିଟିଏ ଯେଉଁଥିରେ ଲେଖାଥିଲା........

ରାଜା,

"ମୁଁ ତତେ କେବେଠାରୁ ଭଲ ପାଉଛି ଜାଣିନ । ପ୍ରେମ କଣ ତାହା ବି ଜାଣିନ । ପ୍ରେମ କେମିତି କରାଯାଏ କେବେ ବୁଝିନ । ବାସ ଖାଲି ଏତିକ ଜାଣିଛି ଏ ମାଟି ଆକାଶକୁ ଯେତେ ଭଲ ପାଏ, ବାଦଲ ମେଘକୁ ଯେତିକ ଭଲପାଏ, ମେଘ ମୟୂରୀକୁ ଯେତିକ ଭଲପାଏ ମୁଁ ତତେ ସେମାନଙ୍କଠାରୁ ବହୁତ ଅଧିକ ଭଲପାଏ । ମୁଁ ତତେ ଯେତେବେଳେ ବି ପ୍ରପୋଜ କରିଛି ତୁ ସବୁବେଳେ ଭାବୁ ମୁଁ ସାଙ୍ଗ ହିସାବରେ "ଆଇ ଲଭ ୟୁ "କହୁଛି ବୋଲି । ବୋଧେ ମୋ ପ୍ରେମ କୁ ତୁ ଅନୁଭବ କରିପାରୁନଥିଲୁ । ଏଥିରେ ତୋର କଛି ବି ଦୋଷ ନାହିଁ । ଆମର ଦୋସ୍ତି ଟା ହିଁ ସେମିତିକା ଥିଲା । ମୁଁ ତୋ କୋଳରେ ମୁଣ୍ଡରଖି ଶୋଇବାକୁ ଚାହୁଁଥିଲି ହେଲେ ତତେ ବହୁତ ଦିନ ପରେ ଆଜି ଶାନ୍ତିରେ ଶୋଇଥିବାର ଦେଖିଲି । କେମିତି ତତେ ନଦରୁ ଉଠେଇ ଦେଇଥାନ୍ତି**?** ମୋ ଛାତିରେ ଏବେ ଭୀଷଣ କଷ୍ଟ ହେଉଛି । ଅସହ୍ୟ ଯନ୍ତ୍ରଣା ମତେ ଲାଗୁଛି ମୁଁ ଆଉ ବଞ୍ଚିବିନାହିଁ । ପୂର୍ବରୁ ଏମିତି ଯନ୍ତ୍ରଣା ଦୁଇଥର ଅନୁଭବ କରିଥିଲି ପରନ୍ତୁ ଆଜିର ଯନ୍ତ୍ରଣା ଖୁବ ଅସହ୍ୟ । ମୁଁ ଯାଉଛିରେ ରାଜା । ଯାଉଛି ବୋଲି ମନ ଦୁଃଖ

କରିବୁନ, uncle, aunty ଙ୍କର ଯତ୍ନ ନେବୁ । ଏ ଜନ୍ମରେ ନହେଲେ ନାହିଁ ପର ଜନ୍ମରେ ମତେ ତୋ ସ୍ତ୍ରୀ ନିଶ୍ଚୟ କରିବୁ ନହେଲେ ତତେ ବହୁତ ମାରିବି ।"

"ପର୍ବତରୁ ଗଡ଼ିଆଇଲେ ଦୁଇଯୋଡ଼ା ହାତୀ

ତୁଟିନି କି ତୁଟିବନି ତୋର ମୋର ଦୋସ୍ତି ।"(ସେମାନଙ୍କ ପିଲାବେଳର କବିତା)

॥ ଇତି ॥

ତୋର ଶ୍ରେୟା,

I LOVE YOU RAJA (infinity times)

ମୃତ୍ୟୁର କେଇ ମିନଟ ପୂର୍ବରୁ ବୋଧେ ଶ୍ରେୟା ଲେଖିଥିଲା ଏହି ଚିଠିଟି । ବିଧିର ବିଧାନ ସେଦିନ ଅଲଗା କରିଦେଇଥିଲା ଦୁଇ ସରଳ ନିଷ୍ପାପ ପ୍ରେମୀ ଯୁଗଳଙ୍କୁ ସବୁଦିନ ପାଇଁ ।

(ପ୍ରେମ ରୂପକ ଖାତାର ପ୍ରଥମ ପୃଷ୍ଠା ହେଉଛି ବନ୍ଧୁତା )

(ନିଜ ପାଇଁ ବଞ୍ଚିବାକୁ ଜୀବନ କୁହାଯାଏନାହିଁ ଅନ୍ୟପାଇଁ ବଞ୍ଚିବାକୁ ଜୀବନ କୁହାଯାଏ )

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଫେରିଯା ପ୍ରିୟା



ପ୍ରଶାନ୍ତ କୁମାର ନାଥ

ଜାଣିଥିଲି ଦିନେ ଭଲ ପାଉଥିଲୁ
କରୁଅଛୁ ଆଜି ଘୃଣା
ପ୍ରେମ ପ୍ରତିଦାନ ମାଗିବି ନାହିଁ ଲୋ
କରିବିନ ବାଟବଣା ।

ଯଦିତୁ ଭାବୁଛୁ ସାଥିରେ ମୋହର
ପାଉଛୁ ଏତେ ତୁ କଷ୍ଟ
କାହିଁକ କହତୁ ମୋ ସାଥିରେ ରହି
ସମୟ କରିବୁ ନଷ୍ଟ ।

ପଛ କଥା ଯେତେ ମନରୁ ତୋହର
ପାରିଲେ ଦେଏଲୋ କାଢି
କାହିଁକ ମିଛର ଦୁଃଖ ତୁ ପାଇବୁ
ଛାତିରେ ଧରି ତୁ ଭିଡି ।

ଜାଣିଗଲି ଯେବେ ମୋ ପାଇଁ ମନରେ
ଘୃଣା ତୁ ଦେଉଛୁ ଭରି
କାହିଁକ କହଲୋ ମିଛରେ ବାନ୍ଧିବୁ
ମୋସଥେ ସମ୍ପର୍କ ଡୋରୀ ।

କହିବିନ କେବେ କାହିଁକ ମୋତେ ତୁ
ପାଉଥିଲୁ ଏତେ ଭଲ
ତୋର ଖୁସି ପାଇଁ ସାଜି ପାରେ ମୁହିଁ
ଅଲୋଡ଼ା ମଉଳା ଫୁଲ ।

ବଦ୍ରାହାଲି, ସକାଲବାଗ୍ରୋଡ଼,
ଜିଗନହୋବଲି,
ଅନେକଲତାଲୁକ, ବାଙ୍ଗାଲୋର

# ବିଦାୟ ନେଲକ.....



ତାର୍ପ୍ରସାଦ ଜେନା

ବିଦାୟ ନେଲକ ଆଖିର ଆଗରୁ
ସତରେ ଭେଳକ ସାଜି
ରୂପର ଫସଲ ଉଜୁଡା ହୋଇଲ୍
ସନ୍ଦେହ ଖର୍କୁ ବାଜି !

ବୟସ ରଙ୍ଗଟା ବେରଙ୍ଗ ଦିଶିବ
ସପନ ହୋଇବ ପୋଡା
ଫୁଲର ଗହଣା ଅଙ୍ଗକୁ ସୁନ୍ଦର
ହେବନ ଆଉ ତ ଲେ୍ଡା
କାମନା ନଆଁଟା ପାଉଁଶ ହୋଇଲ୍
କ୍ଷଏସ କହିବ ଆଜି ।

ଅଭୁଲ୍ ଶୋଷକୁ ବୁଝିବା ଛାଡିବ
ବିଦ୍ରୂପ ଲ୍ଲିମା ଓଠ
ଅତୀତ ଉଖାରି ପଢି ତ ହେବନ
ପ୍ରଣୟ ବେଦର ପାଠ
ମିଳତ ପ୍ରାଣର ବିଚ୍ଛେଦ ତୁରୀଟା
ତୁହାଇ ଉଠିବ ବାଜି !

ରଣପୁର, ନୟାଗଡ, ଓଡିଶା

# ସ୍ମୃତି ହୋଇ ରହିଗଲ ତୁମେ



ରାଜୁ କୁମାର ପାତ୍ର

ଶତଚେଷ୍ଟା ସତ୍ତ୍ୱେ ବି ଶୋଇପାରୁନଥିଲା ପ୍ରମୋଦ । ବେଡ୍ ରେ ଏପଟ ସେପଟ କଡ ଲେଉଟାଇ ଚାଲିଥିଲା ମାତ୍ର । ଏକ ଅଜଣା କୋହ ତା'ର ହୃଦୟକୁ ସ୍ପର୍ଶ କରି ଯନ୍ତ୍ରଣା ରେ ଜର୍ଜରିତ କରିବାକୁ ବଦ୍ଧ ପରିକର ଥିଲା ଯେପରି । ନିର୍ଜନ ରାତ୍ରି ଅନ୍ଧକାର ର ନିରବତା କୁ ପରିହାସ କରି ଚାଲିଥିଲା ଘଣ୍ଟା କଣ୍ଟା ର ଟିକ୍ ଟିକ୍ ଶବ୍ଦ।

ବେଡ୍ ରୁମ୍ ରେ କିଛି ମୁହୂର୍ତ୍ତ ଚିନ୍ତାଗ୍ରସ୍ତ ଭାବେ ପଦଚାଳନା କରୁଥିଲା ପ୍ରମୋଦ । ସିଗାରେଟ୍ ଟାଣିବାକୁ ହାତ ବଢ଼ାଇ ଥିଲା ଟେବୁଲ ଉପରେ ଥିବା କାଚ ପାତ୍ର ଉପରକୁ । ପୁଣି କ'ଣ ହେଲା କେଜାଣି ଏଥିରୁ ସେ ନିବୃତ୍ତ ରହିଲା । ପାଣି ବୋତଲ ଟି କୁ ଏକ ନିଶ୍ୱାସ ମଧ୍ୟରେ ଶେଷ କରିଦେଲା । ଲାଗୁଥିଲା ଯେମିତି କି ଅନେକ ଦିନ ହେଲା ମରୁଭୂମି ରେ ଦିଗହରା ପଥିକ ଟିଏ ଯେପରି ।

ନୟନ ସମ୍ମୁଖରେ ଏକ ଝିଅ ର ନିରିହ ଏବଂ ପ୍ରେମଭରା ଚେହେରା ଜଳଜଳ ହୋଇ ପ୍ରତ୍ୟୟମାନ ହେଉଥିଲା । ପାଖରେ ଅତି ଯତ୍ନପୂର୍ବକ ସାଇତି ରଖିଥିବା ସ୍ମିତା ର ପିଲା ଦିନ ର ଫୋଟୋ ଟିକୁ ଏକ ଲୟରେ ଦେଖିବାରେ ବ୍ୟ ପ୍ରମୋଦ । ସ୍ମିତା ଫୋଟୋ ଭିତରେ ନିଜକୁ ସଂପୂର୍ଣ୍ଣ ଭାବେ ସମର୍ପଣ କରିଦେଇଛି ସେ।

ସ୍ମିତା ହେଉଛି ସେହି ଝିଅ ଯିଏକି ପିଲା ବେଳର କେବଳ ସାଙ୍ଗ ନ ଥିଲା ଉତ୍ତମ ପଥ ପ୍ରଦର୍ଶକ ମଧ୍ୟ । ସମୟ ଚକ୍ରରେ କେଉଁ ମୁହୂର୍ତ୍ତରେ କ'ଣ ଘଟିବ ତାହା କହିବା ସମ୍ଭବପର ନୁହେଁ। ସମୟ କ୍ରମେ ଉଭୟଙ୍କ ଅନାବିଳ ବନ୍ଧୁତ୍ୱ ରୁ ଜନ୍ମ ଗ୍ରହଣ କରିଛି ଶାଶ୍ୱତ ଚିରନ୍ତନ ପ୍ରେମ । ପ୍ରେମ ରୂପକ ନଦୀର ପ୍ରବାହିତ ଜଳ ରେ ଭାସି ଯାଇଥିଲେ ଉଭୟେ। କିନ୍ତୁ ବିଧି ର ବିଧାନ ଥିଲା ସଂପୂର୍ଣ୍ଣରୂପେ ଭିନ୍ନ । ପରିଣାମ ସ୍ୱରୂପ ଉଭୟଙ୍କ ପ୍ରେମ ରେ ଅଦିନିଆ କଳା ହାଣ୍ଡିଆ ମେଘ ର ଛାୟା ଖେଳଯାଇଥିଲା । ଯେଉଁ ଦିନ ପ୍ରମୋଦ ରେ ଅନିଚ୍ଛା ସତ୍ତ୍ୱେ ପରିବାର ସହିତ ଚିରଦିନ ଲାଗି ସୁଦୂର ଆମେରିକା

ଗସ୍ତ ସମୟରେ  ସ୍ମିତା ଆଖି ରେ ଅଶ୍ରୁ ଥମିବାର ନା ନେଉନଥାଏ। ଆଖି ସାମ୍ନାରେ ଉଭୟଙ୍କ  ପ୍ରେମ ରୂପକ ବସା କୁ ଅଦିନଆ ଝଡ ର ପ୍ରକୋପ ରେ ଛିନ୍ନଛନ୍ନ  କରିଦେଲା ଯେମିତି । ଆମେରିକା ଆସିବା  ପରଠାରୁ  ପ୍ରମୋଦ ଅନେକ  ଚେଷ୍ଟା ସତ୍ତ୍ୱେ ବି  ସ୍ମିତା ସହିତ ଦର୍ଶନ କମ୍ବା ବାର୍ତ୍ତାଳାପ ହେବାର ସମ୍ଭବ ହୋଇ ପାରିନ।

ଅନ୍ତରରେ ଜମାଟ ବାନ୍ଧି ହୋଇ ରହିଛି ଅନେକ ଅଭୁଲା ସ୍ମୃତିଆଉ କଛି ଅକୁହା ବେଦନା। ଆମେରିକା ରେ ଅନେକ ଝିଅ ଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ ମଧ ତା ହୃଦୟରେ ଅଙ୍କିତ ସ୍ମିତା ର ପ୍ରେମ ରୂପକ ରେଖା କୁ କେବେ ଲିଭେଇ ପାରିନ କ ଚେଷ୍ଟା ବି କରିନ। ସମୟ ଚକ୍ରରେ ରେ ଦଶ ବର୍ଷ  ବିତିଗଲାଣି ପ୍ରମୋଦ କୁ ଭାରତରୁ ଆମେରିକା  ଆସିବାକୁ।

ମନେ ମନେ ସ୍ଥିର କରିଛି ସେ ଭାରତ  ଯାଇ  ସ୍ମିତା କୁ ନଜର  ବିରହ ବେଦନା ର ବାର୍ତ୍ତା ଗୁଡ଼ିକୁ ବ୍ୟକ୍ତ କରିବା ସହ ତାକୁ ଜୀବନ  ସାରା  ନଜର  କରିବାକୁ  ଅନୁମତି  ମାଗିବ। ସ୍ମିତା କୁ ଆପଣେଇ ନେବାକୁ  ପ୍ରମୋଦ ର  ହୃଦୟ  ଅମାନଆ ଛୋଟ  ପିଲାଟିଏ ପରି ଜିଦ୍ ଧରିଥିଲା ଯେମିତି । ଖୁସିରେ  ହୃଦୟଟା ପୁଲକତ ଓ ଅସ୍ଥିର ହୋଇ ଉଠିଲା ପ୍ରମୋଦ ର।

ଖୁସିରେ ଆମ୍ବ ବିଭୋର ଥିବା  ସ୍ଥଳେ କାନ୍ଥ ଘଣ୍ଟା  ଉପରେ ହଠାତ୍  ଦୃଷ୍ଟି ସ୍ଥିର ହୋଇଗଲା ତାର । ସମୟ ରାତି **2:15** ପାଖାପାଖୀ।   ସ୍ମିତା ର ସ୍ମୃତି ଗୁଡ଼ିକ ପୁନର୍ଜୀବିତ କରୁ କରୁ  ସମୟ  ଗଡ଼ିଯାଇଛି  ତାହା  ପ୍ରମୋଦ  ର  ଜ୍ଞାତ  ବାହାରେ।  ପ୍ରମୋଦ  ଦର୍ପଣ ସାମନାରେ ଛିଡ଼ା ହୋଇ  ଅଭିନୟ ଶୈଳୀ ରେ ନଜ  ପ୍ରତିଛବି ପ୍ରତି ଆଦେଶ ଦେବା ଭଙ୍ଗୀରେ  କହିଲା - "ଶୋଇପଡ଼େ ରୋମିଓ କାଲି ପୁଣି  ସ୍ମିତା ନକଟକୁ ଯିବାର ଅଛି ।"

ପରବର୍ତ୍ତୀ ଦିନ  ଉଡାଜାହାଜ ରେ ଯାତ୍ରା ଆରମ୍ଭ ସମୟରେ  ଖୁସିରେ ଆମ୍ବହରା ହୋଇ ଯାଉଥିଲା ଯେମିତି ସେ ।  ଅନେକ ଦିନରୁ ହୃଦୟରେ ଅଭ୍ୟନ୍ତରରେ ଲୁକ୍କାୟିତ ବାର୍ତ୍ତା କୁ ସ୍ମିତା ସମ୍ମୁଖରେ ବ୍ୟକ୍ତ କରିବା  ପାଇଁ ଅଧୀର ହୋଇପଡ଼ିଛି  ସେ । ପାଖରେ ବସିଥିବା ସହ ଯାତ୍ରୀଙ୍କୁ ଅନୁନ୍ୟ ସାତ ଥର  ପଚାରି ସାରିଥିଲା କ ଆଉ କେତେ ସମୟ ଲାଗିବ ଭାରତରେ ପହଞ୍ଚିବାକୁ।

ଶେଷରେ  ସମସ୍ତ  ଅପେକ୍ଷା ର ଅନ୍ତ ଘଟିଛି ଏବଂ ପ୍ରମୋଦ  ଭାରତ  ବର୍ଷରେ ଅବତରଣ କରିଛି । ବିମାନ ବନ୍ଦର ରୁ ଏକ ମୁହାଁହୋଇ  ପ୍ରଥମେ  ଗୋଟିଏ ଶାଢ଼ି  ଦୋକାନ ରେ ପ୍ରବେଶ କରିଛି ।  ସ୍ମିତା ର ପିଲା ଦିନ ର ଫୋଟୋ ଟିକୁ ଅନୁଧାନ କରି ଶାଢ଼ି  ଟିଏ ପସନ୍ଦ କରିଛି। ରାସ୍ତାରୁ କଛି ଫଳ ଓ ଚକୋଲେଟ୍ ବି ସାଥିରେ ଧରିଛି ।ରାସ୍ତା  ସାରା

ସ୍ମିତା ର କଥା କୁ ମନେ ପକାଇ ଚାଲିଥିଲା ସେ। ସମସ୍ତ ପ୍ରତିକ୍ଷା ର ଅନ୍ତ ଘଟାଇ ପ୍ରମୋଦ ସ୍ମିତା ଘର ସମ୍ମୁଖ ରେ ପହଞ୍ଚିଛି । କିନ୍ତୁ ଘରେ ତାଲା ବନ୍ଦ ଥିବା ଦେଖି ତାର ମୁହଁରୁ ହସ ଚାଲିଗଲା ଯେମିତି । ମନକୁ ଶାନ୍ତ ରଖି ସେ ପଡୋଶୀଙ୍କୁ ଏହାର କାରଣ ପଚାରିଛି । ସେମାନେ ତାକୁ ନିଜର ପରିଚୟ ମାଗିଛନ୍ତି । ନିଜର ପରିଚୟ ପ୍ରଦାନ କରିଛି ପ୍ରମୋଦ । ଅନେକ ଦିନ ପରେ ତାକୁ ଦେଖି ସମସ୍ତେ ଖୁସି ହୋଇଯାଇଛନ୍ତି । ପଡୋଶୀ ଜଣକ କହିଛନ୍ତି ଯେ ତିନି ବର୍ଷ ହେଲା ସେମାନଙ୍କ ଗାଁ ଛାଡିବାର ।ବର୍ତ୍ତମାନ ବାସ କରୁଥିବା ଘର ର ଠିକଣା ଏବଂ ଫୋନ ନମ୍ବର ତା'ର ହାତକୁ ବଢ଼ାଇ ଦେଇ ଚାଲିଯାଇଛି ପଡୋଶୀ ଜଣକ। ସଙ୍ଗେ ସଙ୍ଗେ ଥରହର ହସ୍ତ ରେ ପ୍ରମୋଦ ସେହି ନମ୍ବର କୁ ଫୋନ କରିଛି । କିନ୍ତୁ ନମ୍ବର ଟା ସୁଇଚ୍ ଅଫ୍ ବତାଇଲା । ଅସ୍ତବ୍ୟସ୍ତ ରୂପେ ସେ ଠିକଣା ଦିଗରେ ଯାତ୍ରା ଆରମ୍ଭ କରିଛି । ଭୋକ ଶୋଷ ମଧ୍ୟ ଫିକା ହୋଇ ଯାଇଛି ସ୍ମିତା କୁ ଦେଖିବାର ଅଭିଳାଷ ଆଗରେ ଯେମିତି । ରାସ୍ତା ସାରା ସ୍ମିତା ର କଥା କୁ ଭାବି ଚାଲିଥିଲା ସେ। ଠିକଣା ମୁତାବକ ସେ ଘର ସମ୍ମୁଖରେ ପହଞ୍ଚିଯାଇଛି ପ୍ରମୋଦ । ଧୀରେ ଧୀରେ ପାଦ ବଢାଇ ଘର ଭିତରକୁ ପ୍ରବେଶ କରିବା ପରେ କୁନି ଝିଅ ଟି ଉପରେ ନଜର ପଡିଲା ପରେ ପ୍ରମୋଦ ର ହୃଦ୍ ସ୍ପନ୍ଦନ ବଢ଼ି ଗଲା ଯେମିତି । ସନ୍ଦେହ ସୃଷ୍ଟି ହୋଇଛି ସ୍ମିତା ବିବାହ କରିଦେଇଛି କି**?** ଚିନ୍ତାଗ୍ରସ୍ତ ଥିବା ବେଳେ ହଠାତ୍ ପ୍ରବେଶ କରିଛନ୍ତି ସ୍ମିତା ର ମାଁ । ପାଦ ଛୁଇଁ ପ୍ରଣାମ କରିବା ପରେ ନିର୍ବାକ ଭାବେ ଓ ପ୍ରଶ୍ନବାଚୀ ଦୃଷ୍ଟି ରେ ଅନେଇଛନ୍ତି ପ୍ରମୋଦ କୁ। ନିଜର ପରିଚୟ ପ୍ରଦାନ କରିବା ପରେ ଖୁସି ହୋଇ ତାକୁ ଘର ଭିତରକୁ ପାଛୋଟି ନେଇଛନ୍ତି ସେ। କିନ୍ତୁ ପ୍ରମୋଦ ମନରେ ଏକ ପ୍ରଶ୍ନ ଆନ୍ଦୋଳିତ କରୁଥିଲା -"ସ୍ମିତା କାହିଁ ଓ ସେଇ ଝିଅ ଟି କିଏ**?** କଥାବାର୍ତ୍ତା ମଧ୍ୟରେ ସେ ଝିଅ ଟିର ସମ୍ପର୍କରେ ପଚାରିଛି ପ୍ରମୋଦ । ପଡୋଶୀ ଘରର ଝିଅ ବୋଲି ଜାଣିବା ପରେ ଟିକେ ଆଶ୍ୱସ୍ତି ମିଳିଲା ତାକୁ ।

କଫି ର ସ୍ୱାଦ ନିରିକ୍ଷଣ କରୁ କରୁ ପ୍ରମୋଦ ସ୍ମିତା ସମ୍ପର୍କରେ ଜାଣିବାକୁ ଚେଷ୍ଟା କରିଛି । ହଠାତ୍ ସ୍ମିତା ମାଁ ଙ୍କ ମୁହଁ ମଳିନ ପଡ଼ିଗଲା । ନୟନ ଲୋତକ ପୂର୍ଣ୍ଣ ହୋଇଗଲା । ଦୁଇ ବର୍ଷ ତଳ ର ସେହି ଅଭିଶପ୍ତ କାଳରାତ୍ରି ର କଥା ଗୋଟି ଗୋଟି କରି ଶୁଣେଇ ଗଲେ।ଯେଉଁ ଦୁର୍ଘଟଣା କି ଚିରଦିନ ଲାଗି ସ୍ମିତା କୁ ଧରା ପୃଷ୍ଠରୁ ବିଦାୟ ନେବା କୁ ସଂକଳ୍ପ ବଦ୍ଧ ଥିଲା ଯେପରି ।

ସ୍ମିତା ଆଉ ଏ ଦୁନିଆ ରେ ନାହିଁ କଥା ଶୁଣିବା କ୍ଷଣି ପ୍ରମୋଦ ର ଚତୁର୍ଦ୍ଦିଗ ଅନ୍ଧକାର ହୋଇଗଲା। ପୃଥିବୀ ଯାକର ଶବ୍ଦ ଏକାଥରକେ ତା କର୍ଣ୍ଣ ରୁ ଦୂରେଇ ଯାଉଥିଲା ଯେମିତି। ହାତ ରୁ କଫି କପ୍ ଖସି ଖଣ୍ଡ ଖଣ୍ଡ ହୋଇ ଗଲା। ପ୍ରମୋଦ କୁ ଅନୁଭବ ହେଲା ପାଦ ତଳୁ ମାଟି ଖସି ଗଲା ପରି । ଲାଗୁଥିଲା ଯେମିତି କ ଶରୀର ମଧ୍ଯରୁ ହୃଦୟକୁ କଏ ଜଣେ ତୀକ୍ଷ୍ଣ ଖଡ୍ଗ ରେ ନିର୍ମମ ଭାବେ ଆଘାତ କରି ବାହାର କରିଦେଇଛି । କଣ୍ଠ ବାଷ୍ପରୁଦ୍ଧ ହୋଇ ଗଲା ।

ଅଜାଣତରେ ପାଦ ଥାପି ଥାପି ସେ ସ୍ମିତା ମାଁ ଙ୍କ ସହ ପ୍ରବେଶ କରିଛି ସ୍ମିତା ର ଶୟନ କକ୍ଷରେ । ଅପରୂପ ସୌନ୍ଦର୍ଯ୍ୟଭରା ହସହସ ମୁଖ ଝିଅ ଟି ର ଫୋଟୋ ରେ ଫୁଲ ହାର ଟଙ୍ଗା ହୋଇଥିବା ଦେଖି ପ୍ରମୋଦ କୁ ଅଜଣା ରହିଲା ନାହିଁ ଯେ ସେ ହିଁ ନିଜର ମନର ନାୟିକା ରୂପବତୀ ସ୍ମିତା ବୋଲି । ଆଖିରୁ ଧାର ଧାର ଅଶ୍ରୁ ନିର୍ଗତ ହୋଇ ଚାଲିଛି । କିଛି ମୁହୂର୍ତ୍ତ ଏକ ଲୟରେ ଫୋଟୋ କୁ ଦେଖିବା ପରେ ତା'ର ନଜର କେନ୍ଦ୍ରୀଭୂତ ହୋଇଛି ଏକ ଡାଏରୀ ଉପରେ । ସମସ୍ତ ବଳ ପ୍ରୟୋଗ କରି ଧୀରେ ଧୀରେ ପାଦ ବଢାଇ ଡାଏରୀ ନିକଟରେ ପହଞ୍ଚିଛି ପ୍ରମୋଦ । ସେଇଟା ସ୍ମିତା ର ହାତ ଲେଖା ଡାଏରୀ ଥିଲା ।

ସାହସ କରି ଡାଏରୀ ଖୋଲୁ ଖୋଲୁ ତା'ର ହୃଦୟରେ ଏକ ଅଜଣା ଆତଙ୍କ ପ୍ରକଟିତ ହୋଇ ଯନ୍ତ୍ରଣା ରେ ଜର୍ଜରିତ କରିଦେଲା। ଶରୀରରୁ ସମସ୍ତ ବଳ ଶୂନ୍ୟ ହୋଇଗଲା ପ୍ରମୋଦ ର। ଚେତନାଶୂନ୍ୟ ହୋଇ ଭୂମି ଉପରେ କଚାଡି ହୋଇ ପଡିଗଲା ସେ।

ସ୍ମିତା ଡାଏରୀ ରେ ପ୍ରମୋଦ ନିଜ ପାଖରେ ସାଇତି ରଖିଥିବା ତା'ର ଏବଂ ସ୍ମିତା ର ପିଲା ଦିନ ର ଫୋଟୋ ପରି ଅବିକଳ ନକଲ ଫୋଟୋ ଟିଏ ସ୍ଥାନିତ ହୋଇଥିଲା । ଫୋଟୋ ତଳକୁ ଦୁଇ ଧାଡ଼ି ଲେଖା ଥିଲା--- : "ପ୍ରମୋଦ ତୁମକୁ ମୁଁ ନିଜର ପ୍ରାଣ ଠାରୁ ଅଧିକ ଭଲ ପାଏ । ତୁମ ବ୍ୟତୀତ ଆଉ କାହାରି ମଧ୍ଯ ଏ ହୃଦୟରେ ସ୍ଥାନ କ ଅଧିକାର ନାହିଁ"।...................

ଭରସୁଜା, ବଲାଙ୍ଗିର

# ମା

ମାନସ ରଞ୍ଜନ ପଟ୍ଟନାୟକ

ମା'ବୋଲି ଯେଉଁ ଡାକଟି ଅଟେ ଅମୂଲ୍ୟ ଡାକ।
ଓଁକାର ଶବଦେ ଶିଶୁଟି ହୁଏ ତା ସଙ୍ଗେ ଭେଟ।।

ଦଶମାସ ଦଶଦିନଟି ଖେଳା କଲ୍ ଗର୍ଭରେ।
ନୂତନ ଆଲୋକ ଦେଖାଇ ମା' ରହେ କଷ୍ଟରେ।।

ନଜେ ନଖାଇ ମା'ଟି ପୁଅ ବାଟକୁ ଗ୍ଚହେଁ।
କେତେ ଦୁଃଖକଷ୍ଟ ସହିଣ ମା' ନରବ ରହେ।।

ମା କୋଳେ ଥିଲେ ପିଲ୍ଟି ନଥାଏ ତାହାର ଭୟ।
ସତେକ ସରଗ ଗ୍ଇଜ ସିଏ କରିଛି ଜୟ**?**

ମା'ର ମମତା ମା'ର ପରସ ଆଣି ଦିଏ ସୁଖଶାନ୍ତି।
ମା'ବିନା ପର୍ ଅନ୍ୟଗତି ନାହିଁ ଦୁଃଖ ଅଶ୍ରୁବହେ ନତି।।

ଭୋକଲ୍ ପେଟରେ ମା'କୁ ଦେଖିଲେ ଆସିଯାଇଥାଏ ଗ୍ଗ।
ଗ୍ଗଦେଖି ସିଏ କଗ୍ଚଡି ନଦେଇ ପେଟକୁ ଚହ୍ନଇ ଆଗ।।

ଫୁଲ ପରି ସେ'ତ ଅଟଇ କୋମଳ ଆଉ ଯେତେ କଣ୍ଟାଗ୍ରତ।
ସଦା ତା'ର ସ୍ନେହେ କାନ୍ଦୁଥାଏ ପ୍ରାଣ ଲ୍ଗୁଛି ସବୁ ବିରକ୍ତ।।

**(**ମାତୃଜାତିର ଜୟ **)**

ସଂପାଦକ - ମାଟିର ମହକ

# ବୋଉ



ସତ୍ୟବ୍ରତ ନାୟକ

କଏ କହେ ତାକୁ ମା ମା ବୋଲି
ଆମେ କହୁ କହୁ ବୋଉ ।
ଯେତେ ଦୁଃଖ ଯେତେ ଝଡ ଆସୁ
ଆଗରେ ତାକୁ ହିଁ ପାଉ ॥
ଯେତେ ମନ୍ଦିର ଗୁରୁଦ୍ୱାର ଦେଖ
ଯେତେ ମସଜିଦ ମଠ ।
ଅନ୍ତିମ ଉତ୍ତର ମିଳବ ନଶ୍ଚେ
ବୋଉ ଅଟେ ସର୍ବଶ୍ରେଷ୍ଠ ॥
ମୁହଁ ଦେଖି ଯିଏ ମନ ପଢି ଦିଏ,
ସିଏ ଅଟେ ଆମ ବୋଉ ।
ଦୁଃଖ ଗୁପି ଯିଏ ସଦା ହସୁଥାଏ,
ସିଏ ଅଟେ ଆମ ବୋଉ ॥

ଘରେ ପହଞ୍ଚିଲେ ଯା ଖୁସି ଅପାର
ସିଏ ଅଟେ ଆମ ବୋଉ ।
ଘରୁ ବାହୁଡିଲେ ଲୁହ ଧାର ଧାର
ସିଏ ଅଟେ ଆମ ବୋଉ ॥
ତା ହାତର ସ୍ୱାଦ, ତା କୋଳର ନଦ
କେଉଁଠି ଅବା ମିଳବ,
ଆଶା କରୁ ତା କୋଳର ସୌଭାଗ୍ୟ,
ଜନ୍ମ ଜନ୍ମ ମିଳୁଥିବ ॥

ସୁଲତାନ୍ ଆଲମ୍ ରୋଡ,
ଟଲିଗଞ୍ଜ, କୋଲକତା

# ଛୋଟ ମୋର ନାଆଟି

## (ଧାରାବାହିକ)



ପ୍ରଫେସର ଅନିତା ପଣ୍ଡା

### ବୈଜୁବାୱ୍ରା ଓ ମୁଁ

ଉଣେଇଶ ଚଉଦ୍ଧରୀ ମସିହା ମେ ସତର ତାରିଖ ଶୁକ୍ରବାର । ସନ୍ଧ୍ୟା ଆଠଟା ବାଜିଥିଲା ସିଢିରୁ ଓହ୍ଲାଇ ଡାଇନିଂ ହଲକୁ ଆସୁଥିଲି, କମନ ରୁମ୍‌ରୁ ବହୁ ପାଟିଗୋଳ ଶୁଣାଗଲା କିଛି ଅଘଟଣ ନୁହେଁ ତ । ଧିରେ ଧିରେ ପାଦ ପକାଇ ଦୁଆର ପର୍ଯ୍ୟନ୍ତ ଗଲି । ପ୍ରଥମ ବାର୍ଷିକ ଝିଅ ମା ଆଜି ଏତେ ଖୁସି ମୁ ପ୍ରଥମ ଦିନ ପାଇଁ ଦେଖୁଛି । କାରଣ ଯାହା ହେଉନା କାହିଁକି, ଏମିତି ଏକ ମହଲ ଦେଖି ଖୁସି ମଧ୍ୟ ଲାଗୁଥିଲା । ହେଲେ ମୁଁ ସେମାନଙ୍କ ସହ ଯୋଗ ନଦେଇ ବଡ଼ ହିନମାନ ମନେ ପକାଉଥିଲି, ପ୍ରାୟ ଛଅମାସ ପାଖାପାଖି ହୋଇଗଲାଣି । ତଥାପି ମଧ୍ୟ ମୁଁ ଅନ୍ୟମାନଙ୍କ ନିକଟରେ ନିଜକୁ ପ୍ରକାଶ କରିପାରୁନି ।

ଡ଼ାଃ ଅଗରୱାଲ୍ ବହୁ କଥା ହୋଇଥିଲେ ମଧ୍ୟ ତାଙ୍କ ହୃଦୟଟା ଖୁବ୍ ନରମ, ମତେ ଚିନ୍ତିତା ଦେଖି କହିଲେ, ଆଉ ଗୋଟାଏ କପ୍ କଫି ମୋ' ପାଇଁ ଆଣି ଏଇ ପାଖରେ ବସ ତାଙ୍କ ପାଖେ କେବଳ ସିନିୟର ଫ୍ୟାକଲ୍‌ଟି ମାନେ ବସନ୍ତି । ମାତ୍ର ଆଜ୍ଞା ଅବଜ୍ଞା ନ କରି କଫି ନେଇ ଆସିଲି ।

କଣ ହେଲା, ଏତେ ଚିନ୍ତିତା କାହିଁକି?

ପାଖରେ ଡାକ୍ତର ବତ୍ରା ବସିଥିଲେ, ଧୀର ସ୍ୱରରେ କହିଲେ । ନିଜେ ଆଡ଼ଜଷ୍ଟ କରି ପାରୁନି ତ । ଆପଣଙ୍କ କଥା ଶୁଣି ଡରି ଯାଇଛି ନିଶ୍ଚୟ ଇଏ ଆଉ ଆତ୍ମହତ୍ୟା! ହ୍ୱାଟ୍ ଏ ଜୋକ୍, ନିଜର ନିତିବାଣୀ ଶୁଣାଇ । ଅନ୍ୟ କେତେ କେତେ ଜଣଙ୍କୁ ଆତ୍ମହତ୍ୟାର ଶୀକାର ହେବାକୁ ଦେବ । ନାଁ କ'ଣ କହୁଛୁ? ମୋ' ଆଡ଼କୁ ଚାହିଁ ଖୁବ୍ ଜୋର୍‌ରେ ହସୁ ହସୁ କହିଲେ ଡାଃ ଅଗରୱାଲ୍ ସାର୍‌ଙ୍କ କଥା ଶୁଣି ସତେ ଯେମିତି ମୋ' ଅନ୍ତର ଭିତରେ ବହୁ ହର୍ଷ ପାୱାର ଆସିଗଲା । ମୋ' ନୀତି ପାଳନ ତେବେ ମୁଖ୍ୟଙ୍କର ଦୃଷ୍ଟି ଆକର୍ଷଣ କରିଛି! କିଛି ନ କହି

ଟିକଏ ହସ ହସ ମୁହଁ କରି କଫି କପ୍‌ଟି ଖୁବ୍ ସନ୍ତର୍ପଣ ସହ ତାଙ୍କ ପାଖରେ ରଖି ମୁଁ ଉଠି ଚାଲି ଯାଇଥିଲି ।

ଦୁଆର ପାଖରୁ ଫେରି ଆସି ଡାଇନିଂ ହଲ୍ ଭିତରେ ପଶିଲି, ଡିନର୍ ସମୟ ରାତି ଆଠଟା । ଆଜି ପର୍ଯ୍ୟନ୍ତ ମୁଁ ଦେଖି ଆସିଛି ଆଠଟା ଦଶ ମିନଟ୍ ବେଳକୁ ହଲ୍ ପୁରା ଭର୍ତ୍ତୀ ହୋଇ ଯାଇଥାଏ । ମାତ୍ର ଆଜି ସେଥିରେ ବ୍ୟତିକ୍ରମ କେବଳ ଟେବୁଲ୍ ପାଖେ ବସି ଖାଇବାରେ ମନ ନିବେଶ କରିଥିଲି ବୀଣା, (ବୀଣା ଅଗରୱାଲ,) ପସିଲେ । ସେ ମୋ'ର ଜଣେ ସହପାଠୀ, ବୟସରେ ଆମମାନଙ୍କଠାରୁ ଖୁବ୍ ବେଶୀ, ଏମ୍.ବି.ବି.ଏସ୍ ପରେ ପରେ ବାହା ହୋଇ ସ୍ୱାମୀଙ୍କ ସହ ଆମେରିକାରେ ବାସ କରୁଥିଲେ । ତେଣୁ ସେ ଆମମାନଙ୍କ ସହ ଭଲ ଭାବେ ମିଶି ପାରନ୍ତିନି ।

ତୁ ସେ ହଙ୍ଗାମାରେ ଭାଗ ନେଉନୁ! ନାଁ ତତେ ଗାଉଁଲି କହି ବାହାର କରି ଦେଲେ! ମୁଁ ଜାଣି ଜାଣି ଗଲିନି, ବୀଣା ଡିନର୍ ଟାଇମ୍ ଡ଼େରି ହେଉଥିଲା (ବୀଣା ଉପରେ ଆମେରିକା ପ୍ରଭାବ ବହୁତ ବେଶୀ ତେଣୁ ତାକୁ ଦିଦି ନ କହିବା ପାଇଁ ଆମମାନଙ୍କୁ ମନା କରି ରଖିଥିଲେ), ଆମେ ଦୁହେଁ ଖାଇବାରେ ବ୍ୟସ୍ତ ଥିଲୁ । ପ୍ରେମୀ (ଅନ୍ୟ ଏକ ସହପାଠୀ, ମୋ'ର ଖୁବ୍ ଅନ୍ତରଙ୍ଗ) ଭିତରେ ପଶିଲା ।

ଯା... ଯା... ତୋ' ଜିଗର୍ ଆସିଗଲା! ଆଚ୍ଛା ଏ ହଙ୍ଗାମା କ'ଣ ପାଇଁ ପ୍ରେମୀ?

ସମସ୍ତ ଫାଷ୍ଟ ଇୟର ଛାତ୍ର ଛାତ୍ରୀଙ୍କ ପାଇଁ ପ୍ରଥମ ଆନନ୍ଦ ସମୟ, ପନ୍ଦର ତାରିଖରୁ ସମର ଭେକେସନ୍ ଆରମ୍ଭ ହୋଇ ଯାଇଛି, ଦୁଇମାସ ପାଇଁ ସିନିୟର ଫ୍ୟାକଲ୍‌ଟି ର ବେନି ।

ସବୁ କ୍ଲାସ ବନ୍ଦ, ଜାନୁଆରୀ ମାସରୁ ତିନିମାସ ଷ୍ଟ୍ରାଇକ୍ କରି ଆମର ଷ୍ଟାଇପେଣ୍ଡ ଦରମାରେ ପରିବର୍ତ୍ତନ ହୋଇଯାଇଛି । ଷ୍ଟାଇପେଣ୍ଡ ତୁଳନାରେ ଦରମା ବହୁତ ବେଶୀ ତେଣୁ ଏ ଦୁଇମାସ ଖୁବ୍ ମଜା କରିବାର ପ୍ଲାନ୍ କରୁଛନ୍ତି । ଟିକଏ ରହି ପୁଣି କହିଲା ପ୍ରେମୀ-ଚାଲ ପିକ୍‌ଚର ଦେଖିଯିବା ।

ଦୁଇ ଜିଗର୍ ଦେଖ, ମୁଁ ଚାଲିଲି କହି ବୀଣା ଉଠିଗଲା ।

ଚାଲ୍ ନା...

ତୁ ଜାଣୁ ପିକ୍‌ଚର୍ସ ମୋ'ର ବେଶୀ ପସନ୍ଦ ନୁହେଁ,

ବୈଜୁ ବାଓ୍ୱରା

ବୈଜୁ ବାଓ୍ୱା!!! ଧଡ଼୍ କରି ହାତରେ ଖାଇବା ପ୍ଲେଟ୍‌ଟା ଧରି ଉଠି ପଡ଼ିଲି ।

ପ୍ଲେଟ୍ ଧରି କୁଆଡ଼େ ଚାଲିଲୁ?

କମନ ରୁମ୍...

ପିକ୍‌ଚର୍ସ ଟିଭିରେ ନୁହେଁ ପ୍ରିୟା ହଲ୍‌ରେ ଲାଗିଛି । ଆଜି ପ୍ରଥମ ଦିନ, ଟିକେଟ୍ ନ ମିଳପାରେ, ଜଲ୍‌ଦି ଚାଲ୍... ଥ୍ରୀ ହ୍ୱିଲ୍‌ର ଧରି ଖୁବ୍ ଶୀଘ୍ର ଆମେ ପ୍ରିୟା ପହଞ୍ଚି ଯାଇଥିଲୁ । ମାତ୍ର ବହୁ ଚେଷ୍ଟା ସତ୍ତ୍ୱେ ମଧ ଟିକେଟ୍ ମିଳ ନ ଥିଲା । ହତୋତ୍ସାହ ହୋଇ ଫେରି ଆସୁଥିଲୁ ।

ହଠାତ୍ ସିନେମା ହଲ୍ ପୋଟିକୋରେ ଗୋଟିଏ ଗାଡି ରହିଲା । ଗାଡିରେ ଏମ୍‌ପିର ଷ୍ଟିକର ଲାଗିଥିଲା, ଅର୍ଥାତ୍ କେହି ଜଣେ ଏମ୍‌ପି ଫ୍ୟାକଲ୍‌ଟି ହୋଇଥିବେ । ମୁଁ ଇତଃସ୍ତତଃ ଭାବେ ଗାଡ଼ି ଭିତରକୁ ଚାହିଁଲି, ପଛ ସିଟ୍‌ରେ ଏକ ଖୁବ୍ ସୁନ୍ଦର ଭଦ୍ରବ୍ୟକ୍ତି ବସିଥିଲେ । ପରିଧାନ ଧଳା ବସ୍ତ୍ର ଏତେ ସୁନ୍ଦର ମଣିଷଟିଏ ମୁଁ ଆଜି ଯାକେ ଦେଖି ନ ଥିଲି । ଟିକେଟ୍ କଥା ଭୁଲି ଭଦ୍ରବ୍ୟକ୍ତିଙ୍କ ଆଡ଼କୁ ଏକ ଲୟରେ ଚାହିଁ ରହିଲି, ଡ୍ରାଇଭର୍ ଚଢ଼ା ଗଳାରେ ପଚାରିଲା, କାହାକୁ ଖୋଜୁଛ? ଏଠାରେ ତମର କେହି ନାହାନ୍ତି, ଘୁଞ୍ଚିଯାଅ, କହି ଡ୍ରାଇଭର କାର୍‌ର ପଛ ଦୁଆର ଖୋଲିଲା, ସେତେବେଳକୁ ପ୍ରେମି ମଧ ପହଞ୍ଚି ଯାଇଥିଲା । ଆମେ ଦୁହେଁ ରାଜେନ୍ଦ୍ର ପ୍ରସାଦ ସେଣ୍ଟର୍‌ର ପ୍ରଥମ ବାର୍ଷିକ ଛାତ୍ରୀ, ବୈଜୁ ବାଓ୍ୱା ଦେଖିବାକୁ ବହୁତ ଇଚ୍ଛା ଥିଲା । ମାତ୍ର ଟିକେଟ୍ ମିଳୁନ ।

ଫଲୋ ମି କହି ଭଦ୍ରବ୍ୟକ୍ତି ଆଗକୁ ଚାଲିଲେ ପଛେ ପଛେ ଯନ୍ତ୍ରବତ୍ ଆମେ ଦୁହେଁ ।

ଭଦ୍ରବ୍ୟକ୍ତି ଏକ ସ୍ପେଶିଆଲ୍ ସିଟ୍‌ରେ ବସି ଆମ ଦୁହିଙ୍କୁ ପାଖରେ ବସିବାକୁ ଇଙ୍ଗିତ ଦେଲେ । ପୁରା ବାଲ୍‌କୋନୀରେ ଆମେ ମାତ୍ର ତିନଜଣ । ଯାହାକଛି ଗୀତ ଆରମ୍ଭ ହେଉଥିଲା ମୁଁ ପ୍ରେମୀକୁ ଫୁସରୁ ଫୁସରୁ କରି କଛି ନା କଛି କହୁଥିଲି । ଓ ଦୁନୟାକେ ରଖଓ୍ୱାଲେ – ଏଇ ରାଗଟା ହେଲା ଦରବାରୀ, ଯାକୁ ଦରବାରୀ କାନଡ଼ା କୁହାଯାଏ । ଚୁପ୍ କର କହି ପ୍ରେମୀ ମତେ ଜୋର୍‌ରେ ଚମୁଟି ଦେଲା । ମୋହେ ଭୁଲ୍ ଗୟେ ଜାଣିଛୁ ଏଇଟା ରାଗ ଭୈରବ, ଭୈରବ ଆଉ ଭୈରବୀ ରାଗରେ ଅନ୍ତର ଆଛି । ଆଉ ଥରେ ପ୍ରେମୀଠୁ ଚମୁଟା ଖାଇ ଚୁପ୍ ହେଲି । ଦୂର କୋଇ ଗାଏ ଯାକୁ ଲତାଜୀ ଆଉ ସଂସଦ ବେଗମ ଗାଇଛନ୍ତି, ଆମେ ଦୁହେଁ ମିଶି ଏଇଟାକୁ ଗାଇବା । ଏଥର ଖାଇଲି ଦୁଇଟା ଚମୁଟା । ପୁଣି ଆସିଥିଲା ମନ ତତପତ... ଆଉ ଚୁପ୍ ରହି ପାରିଲିନ, ଜାଣିଛୁ ପ୍ରେମୀ ମୁଁ ପ୍ରି ୟୁନଭରସିଟିରେ

ଶୈଳବାଳାରେ ପଢ଼ିବା ସମୟରେ ୟୁଥ୍ ଫେଷ୍ଟିଭାଲ୍‌ରେ ଯୋଗଦେବା ପାଇଁ ଏଇଟା ପ୍ରାକ୍ଟିସ୍ କରିଥିଲି, ରାଗ ମାଲ୍‌କୋଶ, ଭାରି କଷ୍ଟ ରାଗ । ଥାର୍ଡ଼ ଇୟର୍‌ରେ ଶିଖନ୍ତି । ମୁଁ ଗୁରୁଜୀଙ୍କୁ ଅନୁରୋଧ କରି ଏଇଟା ଶିଖିନେଇଥିଲି, ଏଥର କେବଳ ଚମୁଚା ନୁହେଁ ମୋ' ପାଟି ଭିତରେ ରୁମାଲ୍ ଖଣ୍ଡକ ଗେଂଜି ଦେଲା ପ୍ରେମୀ ।

ସିନେମା ଶେଷ ହେବା ପରେ ଗାଡ଼ିରେ ବସିବାକୁ ଭଦ୍ରବ୍ୟକ୍ତି ନିର୍ଦ୍ଦେଶ ଦେଲେ । ଆମେ ଦୁହେଁ ଚୁପ୍‌ଚାପ ପଛ ସିଟ୍‌ରେ ବସି ରହିଲୁ । ଭଦ୍ରବ୍ୟକ୍ତି ମଝି ରାସ୍ତାରେ ଓହ୍ଲାଇ ପଡ଼ି ଆମକୁ ଲକ୍ଷ୍ମୀ ହଷ୍ଟେଲ୍‌ରେ ଛାଡ଼ିବା ପାଇଁ ଡ୍ରାଇଭରକୁ ନିର୍ଦ୍ଦେଶ ଦେଲେ । ଗାଡ଼ି ଆଗକୁ ଚାଲିଲା, ଏଥର ଆମ ଦୁହିଙ୍କର ରୀତିମତ ବାର୍ତ୍ତାଳାପ ଆରମ୍ଭ ହେଲା ।

ଆଚ୍ଛା କହିଲୁ ପ୍ରେମୀ ସାର୍ କେମିତି ଜାଣିଲେ ଆମେ ଲକ୍ଷ୍ମୀ ହଷ୍ଟେଲ୍‌ରେ ରହୁ ।

ତୁ ତ ନିଜେ କହିଥିଲୁ,

ମୁଁ କେତେବେଳେ କହିଲି?

କହିଲୁନି ଆମେ ଆର୍.ପି. ସେଣ୍ଟର୍‌ର ଛାତ୍ରୀ, ସେଇଟା ତ ଆର୍.ପି. ସେଣ୍ଟର୍ ହଷ୍ଟେଲ୍ ।

ହଁ, ଠିକ୍ କହିଛୁ । ମୁଁ କେତେ ମୂର୍ଖ ଦେଖିଲୁ ।

ଡ଼େରିରେ ହେଉ ପଛକେ, ବୁଝିଲୁ ତ ତୁ ମୂର୍ଖ, ହଲ୍‌ରେ କେତେ ବଡ଼ ବଡ଼ କରୁଥିଲୁ ।

ସାର୍‌ଙ୍କୁ ଡିଷ୍ଟର୍ବ ହେଉ ନଥିବ ।

ମୁଁ ତ ଚୁପ୍ ଚୁପ୍ ତୋ କାନରେ କହୁଥିଲି ।

ହଁ ଯେ, କହି ହଠାତ୍ ପ୍ରେମୀ ଗମ୍ଭୀର ହୋଇଗଲା ।

କ'ଣ ହେଲା?

ଆରେ ସେ ଯଦି ଡାଃ ଅଗରଓ୍ୱାଲଙ୍କୁ ଆମ ସିନେମା ଯିବା କଥା କହି ଦିଅନ୍ତି ।

ସତେତ କ'ଣ କରିବା ।

ମୁଁ ତୋ ଦୋଷ ଦେଇଦେବି ।

ବାଃ... ବାଃ... ତୁ ତ ମତେ ଡାକିଲୁ ।

ତୁ ତ ବୈଜୁ ବାଓ୍ୱରା ପାଇଁ ପାଗଳ ହେଉଥିଲୁ ।

ତା' ଠିକ୍ ଯେ... ହେଲେ...

କିଛି ଚିନ୍ତା କରନା, ଭୂଲ୍ ତ କରିଛେ । ଯାହା ଦଣ୍ଡ ଦେବେ ସହିନେବା ।

ନାଁ ପ୍ରେମୀ, କଫି ରୁମ୍‌ରେ ସମସ୍ତଙ୍କ ଆଗରେ କହି ଆମର ବଦନାମ କରିବେ । ଗାର୍ଗ, ପାଢ଼ୀଙ୍କୁ ତ ଜାଣିଛୁ । ଯୋଉଠି ଦେଖିବେ ଛିଗୁଲେଇବେ । ଲକ୍ଷ୍ମୀ ହଷ୍ଟେଲ୍ ଗେଟ୍ ପାଖେ ଗାଡ଼ି ରହିବା ଶବ୍ଦରେ ଆମେ ବାସ୍ତବକୁ ଫେରି ଆସିଲୁ ।

ତହିଁ ଆରଦିନ ମୋ'ର ଓପିଡ଼ି ଥିଲା, ନିୟମ ଅନୁଶାରେ କଫି ରୁମ୍‌କୁ ଆସି କଫି କପ୍‌ଟା ନେଇ ଷ୍ଟୁଡେଣ୍ଟସ୍ ରୁମ୍‌ରେ ବସିଲି । ତୋତେ ଡାଃ ଅଗରୱାଲ ଡାକୁଛନ୍ତି କହି ଶାନ୍ତା ବାହାରକୁ ଚାଲିଗଲା । ଛେଳକୁ ହାଣକୁ ନେବାବେଳେ ନିଷ୍ଚୟ ବିଚରା ଛେଳଟିର ଏଇ ଅବସ୍ଥା ହେଉଥିବ । ବସ୍... ହୋୟାର ଇଜ୍ ହର୍ ହାଇନେସ୍ ?

ପ୍ରେମୀ ଗୁ କୋମା କ୍ଲିନକରେ । ଡାକ ଆଶୁଛି । କହି ଧଡ଼କରି ଉଠି ପଡ଼ିଲି ।

ନା ଥାଉ, ସିନେମା କେମିତି ଥିଲା?

କାଲି ଫାଷ୍ଟ ଡ଼େ ଥିଲା, ଆମକୁ ଜଣାଥିଲା ଟିକେଟ୍ ମିଳିବନି ।

ପୁଣି ଟିକେଟ୍ ପାଇଲ କେଉଁଠୁ? ବ୍ଲାକ୍‌ରେ?

ନାଁ ସାର୍ । ଏମ୍‌ସ ର ଜଣେ ଫ୍ୟାକଲ୍‌ଟି ଆମକୁ ସାଙ୍ଗରେ ନେଇ ଦେଖାଇଲେ ।

କଏ... କଏ ଥିଲେ ସେ?

ଆମେ ଜାଣିନୁ ଗାଡ଼ିରେ ଏମ୍‌ସର ଷ୍ଟିକର ଦେଖି ରାଜି ହୋଇ ଯାଇଥିଲୁ । ସାର୍ ଆମକୁ ଗାଡ଼ିରେ ହଷ୍ଟେଲ୍‌ରେ ପହଞ୍ଚାଇ ଦେଇଥିଲେ । ସେ ଥିଲେ ଆମ ଏମ୍‌ସ ର ଅଧକ୍ଷ (ପ୍ରେସିଡ଼େଣ୍ଟ) ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ କରଣ ସିଂ ଜୀ ।

ମୁଁ କିଛି କହିବା ପୂର୍ବରୁ ତିନ ଚାରିଜଣ ଫ୍ୟାକଲ୍‌ଟି ଏକା ସ୍ୱରରେ କହି ଉଠିଲେ, ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସଂଗେ ସିନେମା ଦେଖି ଚାଲି ଆସିଲୁ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ଏକ ଅତୀତ......



ଅନଙ୍ଗ ମଞ୍ଜରୀ

ଭୁଲି ପାଶୋରି ମନରୁ ଛୁପି ଯାଇଥିବା।
ପ୍ରତିଟି ମୁହୂର୍ତ୍ତ ଅଜଣା ଅଜ୍ଞାତ ରାଜ୍ୟରେ
କେବେ ଆସି ଦସ୍ତକ ଦବ କଳ୍ପନା ରେ
ଅଦୃଶ୍ୟ ପୋଥି କେବେ ରଚନା କରି ବସିବ ...
ଅତୀତ କୁ ନେଇ ଯିବ ..

କେତେ ତୋଫାନ ଜୀବନ ଜଞ୍ଜାଳ
ଆଖି ରେ ଆଖିଏ ସପନ ଭରି ଦେଇଥାଏ
ଚୁପି ଚୁପି ଶ୍ରବଣ ରେ ଦସ୍ତକ ଦେଇଥାଏ
ସେ ଦିନର ବ୍ୟବଧାନ ଭିତରେ କଛି ପୃଷ୍ଠା...
ଅତୀତ କୁ ନେଇ ଯିବ..

ଛୋଟ ମୋଟ ଜୀବନ ଭିତରେ
ହାତରେ ହାତ ମିଳାଇ ଥିବା ସ୍ମୃତି ସେ
ଗ୍ଚଲିବାକୁ ମଜବୁତ ର ରାସ୍ତା ଉପରେ ଛିଡା ହୋଇ
ଥାପି ଦେଇ ଥିବା ରଙ୍ଗର ସ୍ୱାହି କଲମରେ....
ଅତୀତ କୁ ନେଇ ଯିବ....

ଭାବରେ ବାନ୍ଧି ରଖିବା କଳାକୃତି
ହୃଦୟ ର ଦ୍ୱାରେ ଜନ୍ମ କରିଥିବା କ୍ଷୁଦ୍ର ବିନ୍ଦୁକୁ
ବଡ଼ ଯତ୍ନ ରେ ଏକ କୋଣରେ ଏକାଠି କରି

ପୂର୍ଣ୍ଣ ରୂପରେ ଲେଖିଗଲ ଉପନ୍ୟାସ.....
ଅତୀତ କୁ ନେଇ ଯିବ.......

ସ୍ୱପ୍ନରେ ବାସ୍ତବରେ ଆଣିଦେଲ
ପରିବର୍ତ୍ତନ ପାଇଁ ଭିବ ର ସ୍ପର୍ଷ  ଭରି ମନ
ଓଠ ରେ ଖୋଲିଦେଲି ଏକ ସ୍ମିତଭରି ହସ
ଗାଇ ଗ୍ଲିଲି ମୁଖେ ପୁନରାବୃତ୍ତି କବିତା.....
ଅତୀତ କୁ ନେଇ ଯିବ....

ଅତୀତ କୁ ଜୀ ବାର ଦିନ ବାର, ମାସ ଓ ବର୍ଷ
କଛି ତମ ଆମ ସମୟ ଅତିବାହିତ
ଆଜି ଲେଖି ଏକ ଲେଖିକା ରୂପରେ
ବିତାଉଛି ପୂର୍ଣ୍ଣ ରୂପରେ ଏକ ଲମ୍ବା ଅବସର ରେ
ଅତୀତ ଅତି ସୁନ୍ଦର...
ଅତୀତ ତ କୁ ନେଇ ଯିବ.....

ହାଇଦରାବାଦ

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ପ୍ରବାସ ବେଦନା

ନିବେଦିତା ମହାପାତ୍ର

ମନ କଥା ମୋର କହିପାରେ ନାହିଁ
ମନେ ହେଉଥାଏ ଭାଳ
ମନର ବେଦନା ଅସହ୍ୟ ହୋଇଲେ
ମଉନେ କାନ୍ଦଇ ଖାଲି ॥ ୧
ମଉଜର ଦିନ ସରିଗଲା ମୋର
ମଜୁରିଆ ମୁଁ ସାଜିଲି
ମଦାର ଭାରରେ ଭାରାକ୍ରାନ୍ତ ହୋଇ
ମନସ୍ତାପ ବଢାଇଲି ॥ ୨
ମାନସିକ ଶାନ୍ତି ଲଭିବା ନିମନ୍ତେ
ମନଃଶୀଳ ଯେବେ ହେଲି
ମନସ୍ତୁଷ୍ଟି ପାଇଁ ଗ୍ରାମ ଫେରିବାକୁ
ମନସ୍ଥ ମୁଁ ଯେ କରିଲି ॥୩
ମନୋହର ଦୃଶ୍ୟ ମୋ' ମାଟି ମାଆର
ମନନ କରିଲି ଯେବେ
ମହାନନ୍ଦ ପାଇଁ ଆତୁର ହୋଇଲା
ମନ ପକ୍ଷୀ ମୋର ସେବେ ॥୪
ମରୁତ ବେଗରେ ଗ୍ରାମ ପ୍ରାନ୍ତେ ଯାଇ
ମିତଙ୍କୁ ଭେଟିବ ମୋର
ମିଷ୍ଟ ଭାଷେ ତାଙ୍କୁ ତୃପ୍ତ କରିବାକୁ
ମନ ମୋ କଲା ବିଚାର ॥୫

ମୁଖଭଙ୍ଗୀ ତାଙ୍କ ଦେଖିଦେଲା ପରେ
ମନଃ କଷ୍ଟ ତା'ର ହେଲା
ମାରାତ୍ମକ ମହାମାରୀ ସଭିଙ୍କର
ମୁଣ୍ଡବ୍ୟଥା କରୁଥିଲା ॥୬
ମ୍ଳାନ ଦିଶୁଥିଲା ମୁଖଶ୍ରୀ ସବୁରି
ମୃତକଳ୍ପର ଜୀବନ
ମର୍ମପୀଡା ଦେଲା ଏମିତି ଯାତନା
ମଳିନ ହେଲା ସପନ ॥୭
ମଶାଣି ଭୂଇଁଟା ହସୁଥିଲା ସେଠି
ମଗ୍ନ ହୋଇ ଆନନ୍ଦରେ
ମାଆର ନୟନ ସିକ୍ତ ହେଉଥିଲା
ମମତାର ଷଠିଘରେ ॥୮
ମନ୍ଦ୍ର ହୋଇଗଲା ହୃଦୟ ମୋହରି
ମନୋଦ୍ଭବ ତାଙ୍କ ଦେଖି
ମଜଭୁତ କରି ମୋ' ଇଚ୍ଛା ଶକ୍ତିକୁ
ମନୋରାଜ୍ୟରୁ ଫେରିଲି ॥୯
ମାନବିକତାର ଦେଖା ମିଳିଲାନି
ମତ୍ତ ସର୍ବେ ନିଜ ସ୍ୱାର୍ଥେ
ମନ୍ଦଭାଗ୍ୟ ନେଇ ଫେରିଲି ଦୁଃଖକୁ
ମୋଚନ କରିବା ଅର୍ଥେ ॥୧୦

ମୁକୁନ୍ଦ ମିଶ୍ର ନଗର,ପୁରୀ

# ଧର୍ମର ହେଉ ଜୟ



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ସବୁ ବର୍ଷ ଭଳ ଚଳତ ବର୍ଷ ମଧ ମନୋଜ ବାବୁ ସକାଳୁ ସକାଳୁ ପ୍ରାତଃ କର୍ମ ସାରି ପୂର୍ବ ଦିନରୁ ଆଣିଥିବା ନୂଆ ଲୁଗା ସହିତ କଛି ମିଠା ଓ ଫୁଲ ଚନ୍ଦନ ଧରି ବାହାରି ଗଲେ ଘରଠାରୁ ଏଇ ମାତ୍ର ଦୂରରେ ଥିବା ମାତୃମନ୍ଦିର (ଜର୍ ନବାସ) କୁ । ଯେଉଁଠାରେ ସେ ନଜକୁ ଦୁନଆର ସବୁଠାରୁ ଭାଗ୍ୟବାନ ବୋଲି ମଣୁଥିଲେ। ଯେଉଁଠାରେ ସେ ଗୋଟିଏ ନୁହେଁ ପାଞ୍ଚ ପାଞ୍ଚ ଜଣ ମାଆଙ୍କ ଗହଣରେ ଦିନ କାଟୁଥିଲେ। କେତେବେଳେ କଏ ମୋ ଧନ କହି ଗୋଡ଼ ମୋଡ଼ି ଦେଉଥିଲେ, ତ କଏ କୋଳରେ ଶୁଆଇ ଦେଇ ମୁଣ୍ଡକୁ ଆଉଁସି ଦେଇ ଅଜାଡି ଦେଉଥିଲେ ଅଜସ୍ର ଭଲପାଇବା ଓ ଆଶିଷ ର ବାରିଧାର୍ । ଏହି ଖୁସି ଭିତରେ କେତେବେଳେ ଦିନଟି ସରିଯାଏ ଜଣା ପଡେନ ଉଭୟ ମନୋଜ ବାବୁ ଓ ମାଆମାନଙ୍କୁ।

ଘରୁ ବାହାରି ମନୋଜ ବାବୁ ମାତୃମନ୍ଦିରର ଦ୍ୱାର ସମ୍ମୁଖରେ ଥାଇ ମାଆ ବୋଲି ଡାକଦେବା କ୍ଷଣି ଜର୍ ନବାସ ରେ ଏକାକୀ ଜୀବନ ବିତଉଥିବା ମାଆ ମାନଙ୍କ ମଧରେ ଏକ ପ୍ରକାର ପ୍ରତିଯୋଗିତାର ଆରମ୍ଭ ହୋଇଯାଏ ଯେମିତି। କଏ ଆଗ ଯାଇ ପାଛୋଟି ଆଣିବ ହୃଦ ଚନ୍ଦନ କୁ । ଯଦିଓ ମନୋଜ ବାବୁ ସବୁଦିନ ସକାଳେ ସେଠାକୁ ଯାଇ ମାଆ ମାନଙ୍କ ଆଶୀର୍ବାଦ ରେ ଦିନର ଆରମ୍ଭ କରନ୍ତି ତଥାପି ସମସ୍ତେ ଗୃତକ ପ୍ରାୟ ଅନେଇ ବସନ୍ତି ମନୋଜ ବାବୁଙ୍କ ଆସିବା ବାଟକୁ। ଆଜିର ଦିନଟି ତ ବିଶ୍ୱର ସମସ୍ତ ମାଆ ମାନଙ୍କୁ ସମର୍ପିତ ତେଣୁ ଆଜିର ଦିନରେ ଯେତେବି କାମ ଥିଲେ ମନୋଜ ବାବୁ ମାଆ ମାନଙ୍କ ସହିତ ଦିନଟି କାଟିବା ପାଇଁ ଛୁଟି ଆଣନ୍ତି, ଏହା ସମସ୍ତ ମାଆ ମାନେ ଜାଣନ୍ତି। ଏଣୁ ମନୋଜ ବାବୁ ଭିତରକୁ ଯିବା ପରେ ସମସ୍ତଙ୍କ ପାଦ ପୂଜା କରି ସମସ୍ତଙ୍କୁ ସେମାନଙ୍କର ନୂଆ ଲୁଗା ପିନ୍ଧିବା ପାଇଁ ଦେଇ ବସି ପଡ଼ିଲେ ପାଖରେ ଥିବା ଚୌକି ଉପରେ। ଏହା ଭିତରେ ମନୋଜ ବାବୁଙ୍କ ଆଖି ପଡିଲ୍ ଘରର ଶେଷଭାଗ ଝରକା ପାଖରେ ବସି ବାହାରକୁ

ଗ୍ରହିଁଥିବା ମହିଳାଙ୍କ ଉପରେ। ନିଜ ବସିବା ଜାଗାରୁ ଉଠି ଯାଇ ତାଙ୍କ ପାଖରେ ବସିବା ମାତ୍ରକେ କାନ୍ଦିବାକୁ ଲାଗିଲେ ମହିଳା ଜଣଙ୍କ ଯଦିଓ ସେତେବେଳକୁ ତାଙ୍କ ଦୁଇ ଆଖି କଣରୁ ଦୁଇଟି ଧାର ବେକକୁ ଛୁଇଁ ଶୁଖିଯାଇଥିଲା। ମନୋଜ ବାବୁଙ୍କୁ ବୁଝିବା ପାଇଁ ଆଉ ବାକି ନଥିଲା ଯେ ଭଗବାନ ତାଙ୍କୁ ଆଉ ଗୋଟିଏ ମାଆ ର ସେବା ପାଇଁ ସୁଯୋଗ ପ୍ରଦାନ କଲେ । କିନ୍ତୁ ତାଙ୍କର ଜାଣିବାର ଥିଲା ଏହି ମାଆଙ୍କ ପରିଚୟ। ଏଣୁ ତାଙ୍କ ଆଖିର ଲୁହକୁ ପୋଛିଦେଇ ଉଠି ଆସିଲେ ତାଙ୍କ ବିଷୟରେ ଅନ୍ୟ ମାଆ ମାନଙ୍କ ଠାରୁ ଜାଣିବା ପାଇଁ । ପଗ୍ଚରିବାରେ ଜାଣିଲେ ଯେ ଏଇ ଗତ କାଲି ଏଠାକୁ ଆସିଛନ୍ତି ବୋଲି ।

ନାଁ ତାଙ୍କର ଉମା। ଏଇ କୋଡିଏ ଦିନ ପୂର୍ବରୁ ତାଙ୍କ ଜୀବନର ବଡ଼ ସମ୍ପତ୍ତିକୁ ହରାଇ ସାରିଛନ୍ତି। ବାକି ଜୀବନକୁ ବିତେଇବା ପାଇଁ ଆଶା କରିଥିବା ଆଶା ବାଡିଟି ମଧ୍ଯ ତାଙ୍କୁ ଧୋକା ଦେଇ ଗ୍ଚଲିଗଲା। ଏଥିରୁ ମନୋଜ ବାବୁକିଛି ନବୁଝି ପାରି ବିସ୍ତୃ ତଭାବରେ କହିବା ପାଇଁ କହିବା ରୁ ପୁଣିଥରେ ଉମାଙ୍କ ବିଷୟରେ କହିବା ଆରମ୍ଭ କଲେ ସେହି ମାଆ ମାନଙ୍କ ମଧ୍ଯରୁ ଜଣେ ।

ଏ ହେଉଛନ୍ତି ଉମା ଦେବୀ। ଯାହାଙ୍କର ଗୋଟିଏ ହସ ଖୁସିର ସଂସାର ଥିଲା । ଗୋଟିଏ ବୋଲି ପୁଅ। ପୁଅକୁ ବଡ଼ କରି ଉପଯୁକ୍ତ ଶିକ୍ଷା ପ୍ରଦାନ କରି ବଡ଼ ମଣିଷ କରିବା ପାଇଁ ନିଜର ସମସ୍ତ ଚେଷ୍ଟା କରି ଗ୍ଚଲିଲେ। ପୁଅ ଉଚ୍ଚ ଶିକ୍ଷା କରି ବିଦେଶରେ ଯାଇ ଗ୍ଚକରୀ କଲା। କିଛି ଦିନ ପରେ ସେଠାରେ ଗୋଟିଏ ଝିଅକୁ ବିବାହ କରି ସେହି ଦେଶର ନାଗରିକତା ଗ୍ରହଣ କରିନେଲା। ଯାହା ପରେ ନିଜ ଦେଶ ତଥା ନିଜ ବାପା ମାଆଙ୍କ ବିଷୟରେ ଭାବିବା ପାଇଁ ବୋଧହୁଏ ସମୟ ନଥିଲା। କେତେବେଳେ କେମିତି ଟିକେ ଫୋନ କରିଦେଉଥିଲା । ଧୀରେ ଧୀରେ ବୟସ ବଢ଼ିବା ସହିତ ବାପା ମାଆଙ୍କ ଶରୀର ଅସୁସ୍ଥ ହେବାକୁ ଲାଗିଲା। ଦୁଇ ଦୁଇଥର ମୃତ୍ୟୁ ମୁଖରୁ ବଞ୍ଚିବା ପରେ ଏଇଥର ଉମା ଦେବୀଙ୍କ ଧର୍ଯ୍ୟ ଭାଙ୍ଗିବାରୁ ପୁଅକୁ ଡକେଇଲେ ଗାଁ'କୁ ବାପାଙ୍କ ଶେଷ ଅବସ୍ଥାରେ ତାଙ୍କ ପାଖରେ ରହିବାକୁ। ହଁ ନାଇଁ ଭିତରେ ବହୁତ କାକୁତି ମିନତୀ ପରେ ଏକ ମାସର ଛୁଟି ନେଇ ପୁଅ ନିଜ ସ୍ତ୍ରୀ ସହିତ ଆସି ପହଞ୍ଚିଲେ । ଆସିବାର ଦିନେ ଦୁଇ ଦିନ ପରେ ବାପା ଶେଷ ନିଶ୍ୱାସ ତ୍ୟାଗ କଲେ। ସମୟ ଅନୁସାରେ ବାପାଙ୍କ ଶୁଦ୍ଧିକ୍ରିୟା ସମାପ୍ତ କରି ଦିନେ ରାତିରେ ପୁଅ ଉମା ଦେବୀଙ୍କ ପାଖରେ ବସି ନିଜର ଯିବା କଥାକୁ ଶୁଣେଇଲେ। ଉମା ଦେବୀ ବହୁତ ବୁଝେଇଲେ ତୁ ଆଉ ଯାଆନି ସେ ଦୂର ରାଇଜକୁ। ମୁଁ ଏକୁଟିଆ ବୁଢୀଟା ଏଠି କେମିତି ରହିବି? କଣ ଖାଇବି? ଦେହ ମୁଣ୍ଡ ହେଲେ କିଏ ବୁଝିବ ? ତେଣୁ ମୋ ଧନଟା ପରା ତୁ

ଆଉ ମୋତେ ଛାଡ଼ି ଯାଆନା । କଛି ଉତ୍ତର ନଦେଇ ସେଦିନ ଚ୍ଲିଗଲ୍ ପୁଅ। ପରଦିନ ସନ୍ଧ୍ୟାରେ ମାଆ ପାଖକୁ ଆସି କହିଲ୍, ମାଆ ସବୁ ସମାଧାନ ହୋଇଗଲ୍। ତୋର ରହିବା ଖାଇବା ସବୁ କଥା ବୁଝିଦେଲି। ତୋର କଛି ଅସୁବିଧା ହେବନ । ମୁଁ କଥା ହୋଇଛି ଏ ଘର ଡିହ ସବୁ ବିକଦେଇ ସେଇଥିରୁ କଛି ଟଙ୍କା ଆମ ଗାଁ ନକଟରେ ଥିବା ଜର୍ ନବାସ ରେ ଜମା କରିଦେବି। ସେଠାରେ ସେମାନେ ତୋ କଥା ସବୁ ବୁଝିବେ, କଛି ଅସୁବିଧା ହେବନ। ଛଳ ଛଳ ଆଖିରେ ଉମା ଦେବୀ ପୁଅର ମୁହଁକୁ ଅନେଇ ପ୍ରଶ୍ନିଳ ଭଙ୍ଗୀରେ ପଚ୍ଚରିଲେ,

---ଜର୍ ନବାସ ! ମୋର କଣ କେହି ନାହାଁନ୍ତି ଯେ ମୁଁ ଅସହାୟ ଭ୍ବରେ ସେହି ଜର୍ ନବାସରେ ରହିବି ?

---ବୋଉ ତୁ ବୁଝୁନୁ କାହିଁକ ସେଠାରେ ତୋ ଭଳ ଆହୁରି ଅନେକ ଅଛନ୍ତି। କଛି ଅସୁବିଧା ହେବନ। ଏମିତିରେ ମୁଁ ମାତ୍ର ଏକ ମାସ ର ଛୁଟି ଆଣି ଆସିଛି। ତୋତେ ସାଥିରେ ନେବା ସମ୍ଭବ ନୁହେଁ। ଏମିତିରେ ମୁଁ ସବୁଦିନ ଫୋନରେ ତୋ ସହିତ କଥା ହେବି।

ବହୁତ ନେହୁର୍ ହୋଇ ଋଣ ନୟମ ପକାଇ ଶେଷରେ ର୍ଜି କର୍ଇ ଦେଇ କାଲି ସନ୍ଧ୍ୟାରେ ଆଣି ଏଠାରେ ଛାଡି ଯାଇଛି ତାଙ୍କ ପୁଅ । ଏଇ ନକଟରେ ନଜ ସ୍ୱାମୀଙ୍କୁ ହର୍ଇ ସାରିବା ପରେ ପୁଅର ଏଭଳ ବ୍ୟବହାର ତାଙ୍କୁ ବହୁତ କଷ୍ଟ ଦେଇଛି। ସେ ଆସିବା ବେଳଠୁ ସେଇଠାରେ ହିଁ ବସିଛନ୍ତି। ନା କଛି ଖାଇବା ନା କଛି ପିଇବା।

ଏହା ଶୁଣି ସାରିବା ପରେ ମନୋଜ ବାବୁଙ୍କ ପାଦତଳୁ ଯେମିତି ମାଟି ଖାସିଗଲ୍। ମନେ ମନେ ଭଗବାନଙ୍କୁ ବହୁତ ଗାଳ କରିବାକୁ ଲ୍ଗିଲେ। ହେ ଭଗବାନ! ଯେ ତୁମ୍ଭର କେମିତି ନ୍ୟାୟ ପ୍ରଭୁ ? ଯିଏ ମାଆ ମାଆ ବୋଲି ଝୁରି ହେଉଛି ତାକୁ ଜନ୍ମରୁ ମାଆ ସୁଖରୁ ବଞ୍ଚିତ କରୁଛ। ଯେ ମାଆ ସୁଖ କଣ ଜାଣେନା, ତାକୁ ହତାଦର କରେ ତାକୁ ମାଆ ଦେଉଛ। ଟିକେ ବସିବା ପରେ ମନୋଜ ବାବୁ ଅନ୍ୟ ମାଆ ମାନଙ୍କୁ ସାଥିରେ ଧରି ଚ୍ଲିଲେ ଏବେ ଏବେ ମାଆମାନଙ୍କ ଗହଣରେ ସାମିଲ ହୋଇଥିବା ନୂଆ ମାଆଙ୍କ ନକଟକୁ। ଦୀର୍ଘ ସମୟ ବୁଝିବା ପରେ ନଜ ହାତରେ ମନୋଜ ବାବୁ ଖୁଆଇ ଦେଇ ସମସ୍ତଙ୍କ ଗହଣରେ ମିଶାଇ ତାଙ୍କ ଦୁଃଖକୁ ଭୁଲେଇବା ପାଇଁ ଚେଷ୍ଟା କରିଥିଲେ।

ଦିନଟା ସାର୍ ମାଆ ମାନଙ୍କ ଗହଣରେ ରହି ହସ ଖୁସିରେ ଦିନଟା କାଟି ସାରିବା ପରେ ସେହି ଦିନ ପାଇଁ ଜଣ ଜଣ କରି ସମସ୍ତଙ୍କ ଠାରୁ ବିଦାୟ ନେଇ ପାଦ ଛୁଇଁ ଆଶିଷ ଭିକ୍ଷା କରିବା ପରେ ଶେଷରେ ନୂଆ ମାଆଙ୍କ ପାଦ ଛୁଇଁ ପ୍ରଣାମ କଲେ। ପ୍ରତି ଉତ୍ତର କିଛି ନମିଳବାରୁ ମନୋଜ ବାବୁ କହିଦେଲେ କଣ ମାଆ ଏ ଅଭାଗାଟାକୁ କିଛି ଆଶୀର୍ବାଦ ଦେବନି ମାଆ ?

ମନୋଜ ବାବୁଙ୍କୁ ଉଠାଇ ନିଜ ବାହୁ ବନ୍ଧନରେ ଗୁପି ଧରି ମଥାରେ ଏକ ଚୁମ୍ବନ ଦେଇ କହିଲେ, ମୋ ପାଖରେ କଣ ଆଉ ଅଛି ଯେ ଦେବି ? କେବଳ ଏତିକ କହିବି,--

"ଅକ୍ଷୟ ହେଉ ପୁଣ୍ୟ ଜଗତେ
ଧର୍ମର ହେଉ ଜୟ ।"

ଚକାପଦା, ବେଗୁନିଆ, ଖୋର୍ଦ୍ଧା

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ। ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# କରୋନା



ବାଦଲ ମହାରଣା

ବିଶ୍ୱ ସାରା ଆଜି ଗୋଟିଏ କଥା
ବିଶ୍ୱକୁ ଘାରିଛି କରୋନା ଚିନ୍ତା
କରୋନା ଭାଇରସ ମେଲାଇ କାୟା
ମାନବ ଜାତିକୁ କଲାଣି ବାୟା ॥
ନିଷ୍ଠୁର ଏ ପରା ମାନବ ଜାତି
ପଶୁ ପକ୍ଷୀଙ୍କୁ ପକାଏ କାଟି
କରିଦେଲା ଛାରକାର ଏ ସମାଜ
ଯା ଫଳେ ଧରଣି ଦେଖାଏ ତାତି ॥
ଶିକ୍ଷିତ ମନୁଷ୍ୟ ଆଜି ହେଲା ଅଧମ
ପାଇବ ସେ ଏବେ ପୂରା ପରିଣାମ
ନେଇଥିଲା ସେ ପଙ୍ଗା ପୃଥିବୀ ସଙ୍ଗେ
ଆଜି ସବୁ ତାର ଗରବ ଭାଙ୍ଗେ ॥
ଧରଣୀ ନୁହେଁ କେବଳ ମନୁଷ୍ୟର ବନ୍ଧୁ
ସବୁ ଜୀବର ଅଛି ଅଧିକାର
ନକଉ ବଳୀ, ଚାଲାକ ତୁ ଭାବି,
କାହିଁ କରୁ ଅତ୍ୟାଚାର ॥
ବେଳ ଥାଉ ଥାଉ ବାଡ ବାନ୍ଧି ଦିଅ
ସଭ୍ୟତା ଟା ବଞ୍ଚିଯିବ
ଏବେ ଯାଏଁ ଯଦି ବୁଝିନ କଥା ଟା
ବାସ୍, ଜୀବନ ଟା ଚାଲିଯିବ ॥

ହରେକୃଷ୍ଣ ନଗର, ବ୍ରହ୍ମପୁର, ଗଞ୍ଜାମ

# କରୋନା

ଲୋପାମୁଦ୍ରା ସାହୁ

କରୋନା କରୋନା କରୋନା
କେନ୍ଦ୍ର ସରକାର ଦେଲେ ଆହ୍ୱାନ,
ପଦାକୁ ସଭିଙ୍କୁ ହୋଇଛି ମନା
ରୋଗ କରୋନା
ଭାରତେ କହେ ମୋ ସବୁ ଦେଶ ଚହଲା ।
ସରକାରଙ୍କ ନିୟମ କଡା,
ବାହାର ନ ବୁଲ ଯୋଡାକୁ ଯୋଡା
ରେଳ ବସ ସବୁ ବନ୍ଦ,
ନିଜକୁ କର ନିଜେ ବାସନ୍ଦ
ରୋଗ ଏମନ୍ତ,
ଦିନେ କାଳେ ନଥିଲା ଏହାର ଗନ୍ଧ ॥

(୨)

ଦିନକୁ ଦିନ ଏହାର କୋପ,
ମାଡିଗଲେ ଭାଇ ଦେଖରେ ଦେଖ ।
ତାକୁ ରୋକିବାର ସାହସ କାହିଁ,
ଅନାଇଛନ୍ତି ସବୁ ସରକାରଙ୍କୁ ଚାହିଁ ।

ଆମ ଦେଶର ଯେ ଗର୍ବ ସବୁ,
ଡାକ୍ତର, ନର୍ସ, ପୋଲିସି ବାବୁ ।
ବାଜିରେ ଲଗାଇଛନ୍ତି ଜୀବନ
ଦେଶବାସୀ କର ତାଙ୍କ ବନ୍ଦନ ।

କରୋନା ରୋଗକୁ କରିଣ କାବୁ
ସିଏ ଯେ ଅଟନ୍ତି ସାକ୍ଷାତ ପ୍ରଭୁ ।
ଆମର ପୁଣି ତ ଅଛି କିଛି କର୍ତ୍ତବ୍ୟ
ସଚେତନତା ହିଁ ଆମର ଲକ୍ଷ୍ୟ ।
ନିମାନ୍ଦ କଲେ ଯେ ମନ ମଜଲି,
କି କରିବା ତାକୁ କହିଣ ଖାଲି ।

(୩)

ଆସିଲା ସିଏ ଯେ କୁଆଡୁ ମାଡି
ଜଗତର ଜନେ ଛାଡିଲେ ରଡି ।
ବିଶ୍ୱ ଡାକୁଅଛି ତ୍ରାହି ତ୍ରାହି!
ହାତଯୋଡି ସବୁ କର ପ୍ରାର୍ଥନା,
ବିପଦୁ ରଖ ହେ ଭବଗ୍ରାହୀ??

ମଙ୍ଗଳପୁର, ଯାଜପୁର

# ଅଭିମାନ



ସ୍ୱୀଟି ଦାସ

ଏକ ଛୋଟିଆ ସନ୍ଦେହ କପରି ମଣିଷ ର ସବୁ ସମ୍ପର୍କ କୁ ନଷ୍ଟ କରିଦିଏ ତାହାର ତାହାର ଏକ ଜଳନ୍ତ ପ୍ରତିଛବି ଏହି ଗଳ୍ପ

**************

ସୁଲୋଚନା ଙ୍କର ସେହି ଶେଷ ଲିଖିତ ଡ଼ାଇରୀ ଟିକୁ ଛାତିରେ ଜାବୁଡି ଧରି, ଅତୀତ ର ସେହି ପୁରୁଣା ସ୍ମୃତି କୁ ମନେ ପକଉଥାନ୍ତି ପ୍ରଦୀପ । ସତରେ କଣ ସୁଲୋଚନା ମୋ ଉପରେ ଅଭିମାନ କରି ଛାଡି ଗ୍ଲାଲିଗଲେ ନା ' ମୋ ଭଲ ପାଇବା ରେ କୌଣସି ଦୋଷ ତ୍ରୁଟି ରହିଯାଇଥିଲା । ଏମିତି ଅନେକ ପ୍ରଶ୍ନ ଆଜିବି ତାଙ୍କ ମନ କୁ ଆନ୍ଦୋଳତ କରିପକାଏ ।

*ସତରେ ପ୍ରେମ ର ପରିଭାଷା କେତେ ଯେ କଷ୍ଟ, କେତେବେଳେ ମଣିଷ ପାଇବା ପାଇଁ ଲଢେଇ କରେ ତ ପୁଣି କେତେବେଳେ ତ୍ୟାଗ ।*

ଆଜକୁ ପ୍ରାୟ ପାଞ୍ଚ ବର୍ଷ ତଳେ ସୁଲୋଚନା ଓ ପ୍ରଦୀପ ଙ୍କ ର ପ୍ରେମ ସମ୍ପର୍କ ଗଢି ଉଠିଥିଲା ଏକ ଛୋଟିଆ ମାଗାଜିନ ରୁ । ପେସା ରେ ପ୍ରଦୀପ ଥିଲେ ଜଣେ ସଫ୍ଟୱାର ଇଞ୍ଜିନଅର କନ୍ତୁ ତାଙ୍କର ଲେଖା ଲେଖି ରେ ବି ଆଗ୍ରହ ଥିଲା । ସେଥିପାଇଁ ସେ କର୍ମ କ୍ଷେତ୍ର ରୁ ଟିକେ ଅବସର ସମୟ ମିଳଲେ ବସି ସାପ୍ତାହିକ ମାଗାଜିନ ପଢ଼ନ୍ତି । ଦିନେ ଏମିତି ଗୋଟେ ମାଗାଜିନ ପଢୁ ପଢୁ ଗୋଟିଏ ଗଳ୍ପ ପ୍ରଦୀପ ଙ୍କୁ ବହୁତ ପସନ୍ଦ ଆସିଲା । ଗଳ୍ପ ଟିର ଶୀର୍ଷକ *ଚନ୍ଦ୍ରକାନ୍ତା* । ଗଳ୍ପ ଟିର ତଳେ ଲେଖା ଥିଲା

*ସୁଲୋଚନା ଦାସ, କଟକ* ଓ ଏହା ସହ ଗୋଟେ ଫୋନ ନମ୍ବର ।

ପ୍ରଦୀପ ସେଇ ଲିଖିତ ନମ୍ବର ରେ ଫୋନ କରିବାକୁ ଲାଗିଲେ l ସେପଟୁ କେହି ଜଣେ ମହିଳା ଫୋନ ଉଠାଇ କହିଲେ :- *ହ୍ୟାଲୋ ! କଏ କହୁଛନ୍ତି*

- ମାଡାମ ମୁଁ ପ୍ରଦୀପ କହୁଛି l ସାପ୍ତାହିକ ମାଗାଜିନ ରେ ପ୍ରକାଶିତ ଆପଣଙ୍କ ଲେଖା *ଚନ୍ଦ୍ରକାନ୍ତା* ଟି ବହୁତ ଭଲ ହୋଇଛି l ସତରେ ମନକୁ ଛୁଇଁ ଗଲା ପରି ଗଳ୍ପ ଟିଏ l ଆଜିର ଆଧୁନିକ ଯୁବପୀଢ଼ି ଉପରେ ନିଶ୍ଚିତ ରୂପେ ପ୍ରଭାବ ପକାଇବ l

-ସେପଟୁ ଉତ୍ତର :- *ଧନ୍ୟବାଦ*

-ମୁଁ ଆପଣଙ୍କର ଆଉ କିଛି ଲେଖା ପଢି ପାରିବି କି?

- *ହଁ ନିଶ୍ଚିତ*!

*ମୁଁ ଏହା ପୂର୍ବରୁ ଅନେକ ଗଳ୍ପ ଓ କବିତା ଲେଖିଛି, ଆପଣ ଚାହିଁଲେ ପଢି ପାରିବେ l*

ସେହି ଗୋଟିଏ ଫୋନ କଲ ରୁ ହିଁ ଦୁହେଁ ବନ୍ଧୁ ହୋଇଯାଇଥିଲେ l ଏମିତି ପ୍ରାୟ ସମୟ ରେ ଦୁହିଁଙ୍କ ଭିତରେ ବାର୍ତ୍ତାଳାପ ଚାଲେ l ଏମିତି କଥା ହେଉହେଉ ସେମାନେ ଅତି ନିବିଡ଼ ହେବାକୁ ଲାଗିଲେ l ନିଜ କାର୍ଯ୍ୟ ବ୍ୟସ୍ତତାରୁ ଦୁହେଁ ସମୟ ପାଇଲେ ଦେଖା ବି କରନ୍ତି l ଶେଷରେ ଏହି ବନ୍ଧୁତ୍ୱ ପ୍ରେମ ଓ ତାପରେ ବିବାହ ର ରୂପ ନେଇଥିଲା l ବିବାହ ର କିଛି ଦିନ ଦୁହିଁଙ୍କର ସୁଖ ରେ କଟି ଯାଇଥିଲା l କିନ୍ତୁ ମଣିଷ ର ସବୁଦିନ ସମାନ ଯାଏନି l ବିବାହ ପୂର୍ବର ସମୟ ଓ ତା ପରର ସମୟ ଭିତରେ ବହୁ ତଫାତ ଥାଏ l କୁହନ୍ତି ପ୍ରେମ ଯେତିକି ସୁନ୍ଦର, ସେତିକି କଷ୍ଟଦାୟକ ମଧ୍ୟ l ବିରହ, ବିଚ୍ଛେଦ ଏହା ତ ପ୍ରେମ ର ଗୋଟିଏ ଗୋଟିଏ ସୋପାନ l ଯିଏ ଏହି ସୋପାନ କୁ ଅତିକ୍ରମ କଲା ସେ ଜିତିଗଲା, ଆଉ ଯେ ଥକି ଗଲା ସେ ହାରି ଗଲା l ଏହି ପ୍ରେମ କାହା ଜୀବନ ରେ ପୁନେଇଁ ଜହ୍ନ ଆଣେ ତ ପୁଣି କାହା ଜୀବନ ରେ ମରୁଭୂମି ର ସପ୍ତଫେଣି କଣ୍ଟା l ଠିକ ଏମିତି କିଛି ଘଟିଥିଲା ପ୍ରଦୀପ ଓ ସୁଲୋଚନା ଙ୍କ ଜୀବନ ରେ l ବିବାହ ର ପ୍ରାୟ ଏକ ବର୍ଷ ପରେ ଏକ ସଡ଼କ ଦୁର୍ଘଟଣା ରେ ତାଙ୍କର ଦୁଇଟି ଗୋଡ଼ ସମ୍ପୂର୍ଣ୍ଣ ରୂପେ ଅକାମି ହୋଇଗଲା l ସେ ସମ୍ପୂର୍ଣ୍ଣ ରୂପେ ଶଯ୍ୟାସାୟୀ ହୋଇ ପଡିରହିଲେ l ଯାହା ଦ୍ୱାରା ଘରେ ଶାଶୁ ଶଶୁର ଓ ଭିନ୍ନକ୍ଷମ ସ୍ୱାମୀ ର ବୋଝ

ସୁଲୋଚନା ଙ୍କୁ ଉଠାଇବାକୁ ପଡିଥିଲା । ଧୀରେ ଧୀରେ ପରିବାରର ଆର୍ଥିକ ପରିସ୍ଥିତି ଖରାପ ହେବାକୁ ଲାଗିଲା । ଶେଷରେ ଏଇ ଆର୍ଥିକ ବୋଝ କୁ ସଂଭାଳ ବାକୁ ଯାଇ ସୁଲୋଚନା ଏକ କଲସେଣ୍ଟର ରେ କାମ କରିବାକୁ ସ୍ଥିର କଲେ । କୁହାଯାଏ ପ୍ରତିକୂଳ ପରିସ୍ଥିତି ରେ ଯିଏ ସର୍ବାଧିକ ଧର୍ଯ୍ୟ ଧରିପାରେ ସେ ହିଁ ନାରୀ । ସେଥି ପାଇଁ ତ ନାରୀ ପ୍ରସବ ବେଦନାକୁ ଅତି ସହଜ ରେ ସହ୍ୟ କରିନଏ । ସୁଲୋଚନା ଆଗରେ ଏବେ ଦୁଇଟି ଦାଇତ୍ୱ, ନିଜ ଘର ସଂସାର କଥା ବୁଝିବା ସହ କର୍ମ କ୍ଷେତ୍ର କୁ ମଧ୍ୟ ଠିକ ସମୟ ଦେବାକୁ ପଡିବ ।

ବେଳେବେଳେ ସୁଲୋଚନା ର କାର୍ଯ୍ୟ ବ୍ୟସ୍ତତା ରେ ଅବହେଳିତ ହୁଅନ୍ତି ପ୍ରଦୀପ । ଚାକରୀ ଓ ଘରର ଦାୟିତ୍ୱ ଭିତରେ ଯେମିତି ଛନ୍ଦି ହୋଇଯାଏ ସେ । ବେଳେ ବେଳେ ଅଫିସ ରୁ ଫେରିବାରେ ବିଳମ୍ବ ହୋଇଯାଏ ସୁଲୋଚନା ଙ୍କର । ଏଥିପାଇଁ ଶାଶୁ ଙ୍କ ଠୁ ବହୁ କଥା ଶୁଣିବାକୁ ପଡେ ।

- ପ୍ରଦୀପ ଙ୍କ ର ଅଭିଯୋଗ :-
ତମେ ଆଉ କାର୍ଯ୍ୟ ବ୍ୟସ୍ତତା ରେ ଆମ ଘର ସଂସାର କଥା ଭୁଲିଯାଉନ ତ ?

- "ତୁମେ ବୁଝିବାକୁ ଚେଷ୍ଟା କର, ବେଳେବେଳେ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ମୋତେ ଫେରିବାରେ ବିଳମ୍ବ ହଉଛି । ଆଉ ତମେ ତ ଜାଣିଛ କଲସେଣ୍ଟର ରେ ଦଶ ଘଣ୍ଟିଆ ଖଟଣି"।

ଏଥର ସୁଲୋଚନା ଙ୍କ ଉତ୍ତର ରେ ପ୍ରଦୀପ ସାମାନ୍ୟ ପଶ୍ଚାତାପ କଲେ । କିନ୍ତୁ କାହିଁକି କେଜାଣି ସନ୍ଦେହ ଟା ପୁଣି ମନ କୁ ଆନ୍ଦୋଳିତ କରୁଥିଲା ପ୍ରଦୀପ ଙ୍କୁ । ଏମିତି ଧୀରେ ଧୀରେ ଦୁହିଁଙ୍କ ଭିତରେ ଦୂରତ୍ୱ ବଢିବାକୁ ଲାଗିଲା ।

ସେଦିନ ସୁଲୋଚନା ଙ୍କର ଅଫିସ ରୁ ଫେରିବାରେ ଅନେକ ବିଳମ୍ବ ହୋଇଛି । ରାତି ଆସି ନଅଟା' ହେଲାଣି, ସେପଟୁ ଫୋନ କି ମେସେଜ ନାହିଁ । ଏଥର ପ୍ରଦୀପ ଙ୍କ ମନରେ ଚିନ୍ତା ବଢିବାକୁ ଲାଗିଲା । ଆଜି ପର୍ଯ୍ୟନ୍ତ କେବେ ସୁଲୋଚନା ଙ୍କର ଏତେ ଲେଟ ହୋଇନଥିଲା । ଏଥର ନିଜ ଅକ୍ଷମତା କୁ ଦୋଷ ଦେବା ବ୍ୟତୀତ ପ୍ରଦୀପ ଆଉକିଛି କରିପାରନ୍ତିନି । ଏହି

ଅକ୍ଷମତା ହିଁ ମଣିଷ ଭିତରେ ହୀନମନ୍ୟତା କୁ ଜନ୍ମ ଦିଏ, ହୀନମନ୍ୟତା ରୁ ପୁଣି ଅସୁରକ୍ଷା ଭାବ ଓ ଶେଷରେ ସନ୍ଦେହ । ଯେତେବେଳେ ସନ୍ଦେହ ର ପରିମାଣ ଅଧିକ ହୋଇଯାଏ, ସେତେବେଳେ ମଣିଷ ନଜର ସମସ୍ତ ହିତାହିତ ଜ୍ଞାନ କୁ ଭୁଲିବାକୁ ଲାଗେ । ଏମିତି ଅପେକ୍ଷା କରୁ କରୁ ପ୍ରଦୀପ ଙ୍କ ଆଖି ଲାଗି ଯାଇଛି । ସେପଟୁ ଫୋନ ଟା ଜୋରରେ ବାଜି ଉଠିଲା । ପ୍ରଦୀପ ହଠାତ ନଦ ରୁ ଉଠିପଡ଼ି ଦେଖିଲେ ସୁଲୋଚନା ର କଲ ।

- ହେଲୋ ! ତୁମେ କେଉଁଠି ଅଛ ?
ରାତି ଆସି ନଅଟା ହେଲାଣି, ତୁମର ମନେ ଅଛି ତ ତୁମର ଗୋଟେ ଘର ଅଛି ବୋଲି !

- ଆଜି ମୋର ଗୋଟେ ଇମ୍ପୋଟାଣ୍ଟ ମିଟିଙ୍ଗ ଥିଲା ତ ସେଥି ପାଇଁ ମୋବାଇଲ କୁ ସୁଇଚଅଫ କରିଦେଇଥିଲି, ମୁଁ ଏଇ କଛି ସମୟ ପରେ ଘରେ ପହଁଚୁଛି ! ତମେ ବ୍ୟସ୍ତ ହୁଅନ ।

- ହଁ ମୁଁ ବେରୋଜଗାର, ଅଯୋଗ୍ୟ, ଅକ୍ଷମ, ଘରେ ବସିଛି ।

ଏତକ କହି ପ୍ରଦୀପ ଫୋନ କାଟିଦେଲେ । ସୁଲୋଚନା ଙ୍କୁ ହରାଇଦେବା ର ଭୟ ସବୁବେଳେ ପ୍ରଦୀପ ଙ୍କୁ ଘାରିଯାଉଥିଲା । ଏପଟେ ସୁଲୋଚନା ଭାବୁଥାଏ, କାହିଁକ ଭଗବାନ ନାରୀ ଓ ପୁରୁଷ ଙ୍କର ସହିବାର ଶକ୍ତି କୁ ସମାନ କଲେନ । ପ୍ରଦୀପ ବି ପୂର୍ବରୁ ଏମିତି ଲେଟ ନାଇଟ ରେ ଘରକୁ ଫେରନ୍ତି, କନ୍ତୁ ସେ ତ କେବେ ପ୍ରଶ୍ନ କରିନ ତାଙ୍କୁ । କନ୍ତୁ ଆଜି ତା ପ୍ରତି ଏତେ ସନ୍ଦେହ କଣ ପାଇଁ ? ଯୁଗେ ଯୁଗେ ନାରୀ ହିଁ କାହିଁକ ସର୍ବଦା ସହିଥାଏ । ଏମିତି ଭାବୁ ଭାବୁ ସେ କେତେବେଳେ ଯେ ସେ ଘରେ ପହଂଚ ଯାଇଁଛନ୍ତି ସେ ନଜେ ବି ଜାଣିନାହାଁନ୍ତି । ଘରେ ପଶି ସେ ଦେଖନ୍ତି ତ ସମସ୍ତ ଙ୍କ ବ୍ୟବହାର ରେ ଏକ ବିରାଟ ପରିବର୍ତ୍ତନ । ସେ ଦିନ କେହି ବି ସୁଲୋଚନା ଙ୍କ ସହ ଭଲ ରେ କଥା ହେଲେନ । ଶାଶୁ ରାଗ ରେ ଶୁଣେଇ ଦେଇ ଗଲେ :-

"ଆଜିଠୁ ତୋର ଆମ କଥା ବୁଝିବା ଦରକାର ନାହିଁ । ତୋରି ପାଇଁ ଆମକୁ ବାର ଆଉ ବାର କଥା ଶୁଣିବାକୁ ପଡୁଛି, ଆଉ ଖାସ ତୋରି ପାଇଁ ମୋ ପୁଅ ଏତେ କଷ୍ଟ ପାଉଛି ।"

ଅବଶ୍ୟ ଶାଶୁ ଙ୍କ ମୁହଁ ରୁ ଏପରି କଥା ସୁଲୋଚନା ପାଇଁ କିଛି ନୂଆ ନଥିଲା l ଆଗରୁ ମଧ୍ୟ ସେ ବହୁ କଥା ଶୁଣିସାରିଥିଲେ l ସେପଟୁ ପ୍ରଦୀପ ଜୋର ରେ ପାଟି କରି କହିଲେ :-

- ବୋଉ ଠିକ କହୁଛି, ତମର ଆଉ ଆମ କଥା ବୁଝିବା ଦରକାର ନାହିଁ l ଆଉ ହଁ, ସାଇପଡିଶା ଲୋକ ବି କିଛି ଭୁଲ କହୁନାହାନ୍ତି ! କିଏ ଜାଣେ ତୁମେ ଅଫିସ ଯିବା ବାହାନା ରେ ଆଉ କିଛି କରୁନଥିବ............................ l ନିଶ୍ଚିତ ତମର ଆଉ କଉ ପୁରୁଷ ବନ୍ଧୁ ସହ ସମ୍ପର୍କ ଥିବ l କାରଣ ଏ ଭିନ୍ନକ୍ଷମ ସ୍ୱାମୀ ଆଜି ତମ ପାଇଁ ବୋଝ ପାଲଟି ଯାଇଛି ନା !!

ପ୍ରଦୀପ ଙ୍କ ମୁହଁ ରୁ ଏପରି କଥା ସୁଲୋଚନା କେବେବି ଆଶା କରି ନ ଥିଲେ l ସବୁ ନାରୀର ବି ଗୋଟେ ସହିବାର ସୀମା ଥାଏ କିନ୍ତୁ ତାର ଚରିତ୍ର ଉପରେ ଯେତେବେଳେ ଆଞ୍ଚ ଆସେ ସେ କେବେ ବି ଚୁପ ହୋଇ ବସେ ନାହିଁ l କିନ୍ତୁ ସୁଲୋଚନା ସବୁ ଶୁଣି ବି ସେଦିନ ଚୁପ ଥିଲେ କେବଳ ଅଭିମାନ ରେ l କିନ୍ତୁ କେବେ ସେ ପ୍ରଦୀପ ଙ୍କ ଉପରେ ନିଜର ରାଗ ପ୍ରକାଶ କରିନାହାଁନ୍ତି କାରଣ ସେ ଜାଣିଥିଲେ ରାଗିବା ବଦଳ ରେ କାନ୍ଦିବା ଭଲ କାହିଁକି ନା, ରାଗ ଅନ୍ୟକୁ କଷ୍ଟ ଦିଏ କିନ୍ତୁ ଲୁହ ଚୁପ ଚାପ ଆଖି ରୁ ବହି ହୃଦୟ କୁ ସ୍ୱଚ୍ଛ କରେ..... l

( ୨ )

ଏମିତି ରେ ଛଅ ମାସ ବିତିଯାଇ ଥାଏ l ସବୁ ନିର୍ଯ୍ୟାତନା ପରେ ମଧ୍ୟ ସୁଲୋଚନା ଆଶା ଛାଡି ନଥିଲେ l ନିଜର କର୍ତ୍ତବ୍ୟ ରେ ସେ କେବେବି ଅବହେଳା କରିନାହାନ୍ତି l ପ୍ରଦୀପ ମଧ୍ୟ ଧୀରେ ଧୀରେ ଭଲ ହେବାକୁ ଲାଗିଲେଣି l ସେଦିନ ରବିବାର ଥାଏ, ହଠାତ ପ୍ରଦୀପ ସକାଳୁ ଉଠି ଡାକ ଉଠିଲେ :-

"- ସୁଲୋଚନା ! ସୁଲୋଚନା !
ତୁମେ କେଉଁଠି ଅଛ ଜଲଦି ଆସ..... l ଦେଖ ମୁଁ ଆଜି ମୋ ଗୋଡ ରେ ଚାଲି ପାରୁଛି l

ସେଦିନ ପ୍ରଦୀପ ସୁଲୋଚନା ଙ୍କୁ ବହୁ ଖୋଜିଲେ କିନ୍ତୁ ପାଇନଥିଲେ । ଫୋନ କଲେ ମଧ୍ୟ ସେପଟୁ କୌଣସି ଉତ୍ତର ମିଳୁନଥିଲା । ପ୍ରଦୀପ ଭାବିଲେ ବୋଧେ ସୁଲୋଚନା କୌଣସି କାମ ରେ ବାହାରକୁ ଯାଇଥିବେ, ସନ୍ଧ୍ୟା ସୁଦ୍ଧା ସେ ଫେରିଲେ ଏ ଖୁସି ଖବର ଟି ତାଙ୍କୁ ଜଣାଇବେ କିନ୍ତୁ ସୁଲୋଚନା ସେ ଦିନ ଫେରିନଥିଲେ । ଏଥର ପ୍ରଦୀପ ତାଙ୍କ ଭୁଲ କୁ ମର୍ମେ ମର୍ମେ ବୁଝିପାରୁଥିଲେ ।

.... ତା ପର ଦିନ ସୁଲୋଚନା କଲ କରି କହିଲେ :- "ବୋଉ ଙ୍କ ପାଖରୁ ତୁମର ଭଲ ହେବା କଥା ଶୁଣି ମୁଁ ଆଜି ବହୁତ ଖୁସି । ଏଥର ତମେ ନିଜ ସମସ୍ତ ଦାଇତ୍ୱ ଉଠାଇ ପାରିବ, ମୁଁ ଆଉ ତମର କୌଣସି କାମ ରେ ଆସିବିନି । ମୋତେ ଆଉ ଖୋଜିବନି ........... ।"

-"ତମ ବିନା ମୁଁ ବଂଚପାରିବିନି ସୁଲୋଚନା । ମାନୁଛି ମୁଁ ଭୁଲ କରିଛି । କିନ୍ତୁ ଭୁଲ ତ ଜୀବନ ର ଗୋଟେ ପୃଷ୍ଠା ଅଟେ ଆଉ ସମ୍ପର୍କ ଗୋଟେ ବହି । ଯଦି ଦରକାର ପଡେ ତାହେଲେ ଭୁଲ ପୃଷ୍ଠା ଟିକୁ ଚିରି ଦିଅ କିନ୍ତୁ ଗୋଟେ ପୃଷ୍ଠା ପାଇଁ ସମ୍ପୂର୍ଣ ବହି ଚିରିବା କିଛି ଦରକାର ନାହିଁ । ପ୍ଲିଜ୍, ମୋତେ କ୍ଷମା କରି ଦିଅ ....... ।

- ତମେ ବହୁତ ଡେରି କରିଦେଲ ପ୍ରଦୀପ.....

ଏତିକି କାହି ସୁଲୋଚନା ଫୋନ ଟିକୁ କାଟିଦେଲେ । ଏହାଥିଲା ପ୍ରଦୀପ ଓ ସୁଲୋଚନା ଙ୍କ ଭିତରେ ଶେଷ ବାର୍ତାଳାପ । ତାପରଠୁ କେବେ ବି ପ୍ରଦୀପ ର କଲ ରିସିଭ କରିନି ସୁଲୋଚନା । ତା ପରେ ବହୁତ ଖୋଜିଲେ ପ୍ରଦୀପ ସୁଲୋଚନା ଙ୍କୁ କିନ୍ତୁ ତାଙ୍କର କୌଣସି ଖବର ମିଳିଲା ନାହିଁ । ତଥାପି ପ୍ରଦୀପ ଙ୍କ ମନ ରେ ବିଶ୍ୱାସ ସୁଲୋଚନା ନିଶ୍ଚିତ ଦିନେ ନା ଦିନେ ଫେରିବେ........

( ୩ )

ଏମିତି ପ୍ରତୀକ୍ଷା ରେ ଦୁଇ ବର୍ଷ ବିତିଯାଇଛି । ପ୍ରଦୀପ ଆଜିବି ସୁଲୋଚନା ର ସେଇ ଶେଷ ଲିଖିତ ଡ଼ାଇରୀ ଟିକୁ ଧରି ତାଙ୍କର ସେଇ ପୁରୁଣା ଦିନ ଗୁଡିକୁ ମାନେ ପକାଉଥାନ୍ତି...... ।

ଆଜି ଏତେ ଦିନ ପରେ ତାଙ୍କୁ କାହିଁ କେଜାଣି ମାଗାଜିନ ପଢିବାକୁ ଇଛା ହେଲା.... ସେ ଟେବୁଲ ଉପରେ ଥୁଆ ସାପ୍ତାହିକ ମାଗାଜିନ ଟିକୁ ଆଣି ପଢିବାକୁ ଲାଗିଲେ....... ଗଳ୍ପ ଟିର ଶୀର୍ଷକ ଥିଲା - "ଅଭିମାନ" । ସେଥିରେ ଲେଖା ଥିଲା

.........ପ୍ରେମ ପାଇଁ ତ ଅନେକ ଇତିହାସ ରେ ଯୁଦ୍ଧ ହୋଇଛି | ପୁଣି ଏହି ଯୁଦ୍ଧ ଭୂଇଁ ରେ ଭଲ ପାଇବା ର ରକ୍ତ ଗୋଲାପ ମଧ୍ଯ ଫୁଟିଛି | ପ୍ରେମ କୁ ନେଇ ପୃଥିବୀ ରେ ସହ ସହ କବିତା ଲେଖା ଯିବା ପରେ ମଧ୍ଯ ଏବେ ବି ପ୍ରେମ କବିତା ଲେଖା ଚାଲିଛି | କାରଣ ହେଉଛି, ଦୁନିଆଁ ର ସବୁ ପ୍ରେମିକ/ ପ୍ରେମିକା ନିଜକୁ ସବୁଠୁ ବଡ଼ ପ୍ରେମିକ ପ୍ରେମିକା ର ଆଖ୍ୟା ଦେଇଥାନ୍ତି ଓ ନିଜ କାହାଣୀ କୁ ସବୁଠୁ ବଡ ପ୍ରେମ କାହାଣୀ ମାନିଥାନ୍ତି | ମୁଁ ବି ମୋ ପ୍ରେମ କାହାଣୀ କୁ ସବୁଠୁ ବଡ଼ ବୋଲି ମାନେ, ଯଦିଓ ସମୟ ଆମକୁ ଅଧିକ ସମୟ ପାଖରେ ବିତେଇବାର ଅନୁମତି ଦେଇନି |

ମତେ କ୍ଷମା କରିଦେବ ପ୍ରଦୀପ । ସେ ଦିନ ତୁମକୁ ମୁଁ କିଛି ନ ଜଣାଇ ଘର ଛାଡି ଚାଲି ଆସିଥିଲି | କାରଣ ମୁଁ କ୍ୟାନସର ରୋଗ ରେ ପୀଡିତ ଥିଲି | ମୁଁ ଚାହିଁଥିଲେ ଏ କଥା ତୁମକୁ ଜଣେଇ ପାରିଥାନ୍ତି କିନ୍ତୁ ତମକୁ କଷ୍ଟ ପାଉଥିବାର ମୁଁ ଦେଖିପାରିବିନି | ଜଣକୁ ହରେଇ ଦେବାର ଦୁଃଖ କେତେଯେ କଷ୍ଟ ତାହା ମୁଁ ବଞ୍ଚି ଥାଉଥାଉ ଅଙ୍ଗେ ନିଭେଇଛି | ମୁଁ ଚାହେଁନି ମୋ ଭଳି ତମେ ବି କଷ୍ଟ ପାଅ..... | ମୋର ଆଉ ବଂଚିବା ସମ୍ଭବ ନୁହେଁ........ |

*ଖୋଜିବନି କେବେ ତୁମେ ମୋତେ*
*ସବୁଦିଗେ ଥିବି ମୁଁ ପବନ ର ସାଥେ ସାଥେ*........

( ଇତି )

ତମର ପ୍ରିୟତମା

*ସୁଲୋଚନା*

ତୁଣ୍ଡିପଡା, ସୋର, ବାଲେଶ୍ୱର

# ଶ୍ରୀମଦ୍ ଭଗବତ୍ ଗୀତାର ଦଶମ ଅଧ୍ୟାୟର ସାରକଥା



ନରେନ୍ଦ୍ର ପ୍ରସାଦ ବେହେରା

ଭଗବାନ ଶ୍ରୀକୃଷ୍ଣ କହିଲେ--ଦେବତାମାନେ ଓ ମହର୍ଷିମାନେ ମୋର ଉତ୍ପତ୍ତି ବିଷୟ ଜାଣନ୍ତି ନାହିଁ । ଦେବତାମାନେ, ମହର୍ଷିମାନେ ଓ ମନୁଗଣ-ଏମାନେ ସମସ୍ତେ ମୋ' ପରେ ଓ ମୋ' ଠାରୁ ସୃଷ୍ଟ । ଏମାନଙ୍କଠାରୁ ଏ ଜଗତର ସୃଷ୍ଟି ହୋଇଅଛି । ମୋର ଜନ୍ମ ନାହିଁ, ଆଦି ନାହିଁ, ଅନ୍ତ ବି ନାହିଁ । ମୋତେ ଯେଉଁ ବ୍ୟକ୍ତି ସର୍ବଲୋକ ମହେଶ୍ୱର ବୋଲି ଜାଣନ୍ତି ସେ ସମସ୍ତ ପାପରୁ ମୁକ୍ତ ହୁଅନ୍ତି । ବୁଦ୍ଧି, ଜ୍ଞାନ, କ୍ଷମା, ଅସଂମୋହ, ସତ୍ୟ, ଦମ, ଶମ, ସୁଖ, ଦୁଃଖ, ଭବ, ଅଭାବ, ଭୟ, ଅଭୟ, ଅହିଂସା, ସମତା, ତୁଷ୍ଟି, ତପ, ଦାନ, ଯଶ, ଅଯଶ-ଏ କୋଡିଏଟି ଭାବ ଜୀବମାନଙ୍କଠାରେ ଅଲଗା ଅଲଗା ଦେଖାଯାଇଥିଲେ ହେଁ ଏ ସବୁ ମୋଠାରୁ ସୃଷ୍ଟ । ମୋର ବିଭୂତି (ଐଶ୍ୱର୍ଯ୍ୟ) ଓ ଯୋଗ (କର୍ମକୌଶଳ) ଯେ ଯଥାର୍ଥ ଭାବରେ ଜାଣନ୍ତି, ସେ ପ୍ରକୃତରେ ମୋତେ ଜାଣିପାରନ୍ତି । ମୁଁ ସମସ୍ତ ଜଗତର ଉତ୍ପତ୍ତିର କାରଣ ଓ ମୋଠାରୁ ସବୁ ଉତ୍ପତ୍ତି ହୋଇଅଛି ଏହା ଜାଣି ଜ୍ଞାନୀମାନେ ମୋତେ ଉପାସନା କରନ୍ତି, ମୋ ବିଷୟରେ ପରସ୍ପର ମଧ୍ୟରେ ଆଲୋଚନା କରନ୍ତି । ମୋଠାରେ ସର୍ବଦା ଆସକ୍ତ ଚତ୍ତ ବ୍ୟକ୍ତିମାନେ ପ୍ରୀତିପୂର୍ବକ ମୋତେ ଭଜନ କରୁଥିବାରୁ ମୁଁ ସେମାନଙ୍କୁ ସଦବୁଦ୍ଧି ଦିଏ ଯାହା ଫଳରେ ସେମାନେ ମୁକ୍ତିଲାଭ କରନ୍ତି ।

ଅର୍ଜୁନ କହିଲେ-ଆପଣ ପରମ ବ୍ରହ୍ମ, ପରମ ଧାମ, ପରମ ପବିତ୍ର ଦିବ୍ୟ ଶାଶ୍ୱତ ପୁରୁଷ, ଆଦିଦେବ, ଅଜ ବିଭୂ ଇତ୍ୟାଦି-ଏକଥା ନାରଦ, ଅସିତ, ଦେବଳ, ବ୍ୟାସ ପ୍ରଭୃତି ସବୁ ଋଷିମାନେ କହିଛନ୍ତି ଏବଂ ଆପଣ ନିଜେ ମଧ୍ୟ କହିଛନ୍ତି । ଆପଣଙ୍କ ବ୍ୟକ୍ତରୂପକୁ ଦେବତାମାନେ ଓ ଅସୁରମାନେ ମ ଜାଣିପାରୁ ନାହାନ୍ତି । ଆପଣଙ୍କ ଅମୃତୋପମ କଥା ଯେତେ ଶୁଣିଲେ ବି ମୋ ମନ ତୃପ୍ତ ହେଉନାହିଁ । କେଉଁ କେଉଁ ଭାବରେ ମୁଁ ଆପଣଙ୍କୁ ଚନ୍ତା କରିବି ସେହି ଦିବ୍ୟ ବିଭୂତି ବିସ୍ତୃ ତଭାବରେ ମୋତେ ପୁନର୍ବାର କୁହନ୍ତୁ ।

ଶ୍ରୀଭଗବାନ କହିଲେ--ଆଚ୍ଛା ହେଉ, କହୁଛି ଶୁଣ । ମୁଁ ସମସ୍ତ ଜୀବମାନଙ୍କ ହୃଦୟରେ ଆତ୍ମା ଏବଂ ସମସ୍ତ ଜୀବଙ୍କର ଆଦି, ମଧ୍ୟ ଓ ଅନ୍ତ ବି । ମୁଁ ଆଦିତ୍ୟମାନଙ୍କ ମଧ୍ୟରେ ବିଷ୍ଣୁ, ଜ୍ୟୋତିମାନଙ୍କ ମଧ୍ୟରେ ସୂର୍ଯ୍ୟ (ରବି), ବାୟୁମାନଙ୍କ ମଧ୍ୟରେ ମରୀଚ, ନକ୍ଷତ୍ରମାନଙ୍କ ମଧ୍ୟରେ ଶଶୀ, ବେଦମାନଙ୍କ ମଧ୍ୟରେ ସାମବେଦ, ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ, ଜୀବମାନଙ୍କ ମଧ୍ୟରେ ଚେତନା, ରୁଦ୍ରମାନଙ୍କ ମଧ୍ୟରେ ଶଙ୍କର, ପୁରୋଧାମାନଙ୍କ ମଧ୍ୟରେ ବୃହସ୍ପତି, ସରସିମାନଙ୍କ ମଧ୍ୟରେ ସାଗର, ମହର୍ଷିମାନଙ୍କ ମଧ୍ୟରେ ଭୃଗୁ, ଦେବର୍ଷିମାନଙ୍କ ମଧ୍ୟରେ ନାରଦ, ସିଦ୍ଧମାନଙ୍କ ମଧ୍ୟରେ କପିଳ, ମୁନମାନଙ୍କ ମଧ୍ୟରେ ବ୍ୟାସ, ବୃଷ୍ଣିମାନଙ୍କ ମଧ୍ୟରେ ବସୁଦେବଙ୍କ ପୁତ୍ର ବାସୁଦେବ, ପାଣ୍ଡବମାନଙ୍କ ମଧ୍ୟରେ ଅର୍ଜୁନ, ପଦମାନଙ୍କ ମଧ୍ୟରେ 'ଓଁ' କାର, ଅକ୍ଷରମାନଙ୍କ ମଧ୍ୟରେ 'ଅ', ବିଦ୍ୟାମାନଙ୍କ ମଧ୍ୟରେ ଅଧ୍ୟା (ବ୍ରହ୍ମ) ବିଦ୍ୟା, ଯଜ୍ଞମାନଙ୍କ ମଧ୍ୟରେ ଜପଯଜ୍ଞ, ସଂଯମକାରୀମାନଙ୍କ ମଧ୍ୟରେ ଯମ, ସର୍ବସଂହର୍ତ୍ତା ମୃତ୍ୟୁ ମଧ୍ୟ । ସମସ୍ତ ଜୀବମାନଙ୍କର ମୁଁ ମୂଳକାରଣ ଅଟେ । ସମସ୍ତ ଜୀବ ବା ବସ୍ତୁ ମୋଠାରୁ ଉତ୍ପନ୍ନ ବା ମୋଠାରେ ଅବସ୍ଥିତ । ମୋ ବିଭୂତିର ବର୍ଣ୍ଣନା କରୁଥିଲେ ସରିବ ନାହିଁ । ଐଶ୍ୱର୍ଯ୍ୟଯୁକ୍ତ, ଶ୍ରୀଯୁକ୍ତ ବା ପ୍ରଭାବ ସମ୍ପନ୍ନ ଯେଉଁ ଯେଉଁ ଜୀବ ବା ପଦାର୍ଥ ଦେଖୁଛ ସେସବୁ ମୋ ଅଂଶରୁ ସଂଭୂତ ବୋଲି ବୁଝ । ତୁମର ମୋ ବିଭୂତି ବିଷୟରେ ଏତେ ଅଧିକ ଜାଣିବାରେ କ ପ୍ରୟୋଜନ ? ଏ ସମଗ୍ର ଜଗତ ମୋର ଏକ ଅଂଶରେ ଅବସ୍ଥିତ ବୋଲି ଜାଣ ।

ଏ ଅଧ୍ୟାୟରେ ଭଗବାନଙ୍କ ବିଭୂତି (ଐଶ୍ୱର୍ଯ୍ୟ) ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଥିବାରୁ ଏ ଅଧ୍ୟାୟର ନାମ ବିଭୂତିଯୋଗ ରଖାଯାଇଅଛି ।

ସଂଗ୍ରହକରୀ- ନରେନ୍ଦ୍ର ପ୍ରସାଦ ବେହେରା,
ଆଳଦା, ଖଇରା,ବାଲେଶ୍ୱର

# ଆଗାମୀ କାଲି



ଶୁଭକାନ୍ତ ସାହୁ

ଆଗାମୀ କାଲି ପୃଥିବୀ ଦେଖିବ
ଏକ ନୂତନ ସୂର୍ଯ୍ୟ ଉଦୟ,
ମଣିଷ ମନକୁ ଆୟତ୍ତ କରିବ ବିବେକ
ମଣିଷ ଗୁଡାକ ହେବେନ ଆଉ କାମୁକ,
ମଣିଷର ଥିବ ଗୋଟେ
ମଣିଷ ପଣିଆର ହୃଦୟ
ରାସ୍ତା ଘାଟରେ ଆଉ
ହେବ ନାହିଁ ପାଶବିକ ଅତ୍ୟାଚାର,
ସୁଖ ସମୃଦ୍ଧିରେ
ଭରି ଉଠିବ ଗାଁ ଗଣ୍ଡା ସହର।।
**Ta...ta.. bye.. bye..** ପରିବର୍ତ୍ତେ
ସମାଜ ରେ ଚାଲିବ ହେ ବନ୍ଧୁ ବିଦାୟ,
ଆଗାମୀ କାଲି ପୃଥିବୀ ଦେଖିବ
ଏକ ନୂତନ ସୂର୍ଯ୍ୟ ଉଦୟ।।
ସହର ଗୁଡିକରେ ଆଉ ରହିବନ
ଗୋଟା ଗୋଟା ଜରାନିବାସ,
ବୃଦ୍ଧ ବୃଦ୍ଧା ଏ ସମାଜରେ
ଶାନ୍ତିରେ ଛାଡୁଥିବେ ନିଶ୍ୱାସ ।
ଦେଖିଲେ ସଭିଏଁ ସଭିଙ୍କୁ
କହୁଥିବେ ଭଗବାନ ମଙ୍ଗଳମୟ ।

ଅଣ୍ଟି କଟା ଆଉ ତଣ୍ଟି କଟାଙ୍କ ଦିନ ଯିବ ସରି
ସମାଜରେ ଗୁରୁଜନ ମାନଙ୍କର ବଢ଼ିବ ଆଦର,
ଲେଖା ହେବ ସମାଜରେ
ଏକ ନୂତନ ଅଧ୍ୟାୟ।।
ଆଗାମୀ କାଲି ପୃଥିବୀ ଦେଖିବ
ଏକ ନୂତନ ସୂର୍ଯ୍ୟ ଉଦୟ ।।
ନାରୀ ପୁରୁଷଙ୍କ ମଧ୍ୟେ
ଆଉ ରହିବନି ଭେଦ ଭାବ
ଏଇ ଶିକ୍ଷିତ ମଣିଷ ଜାତିଟା ବୁଝିବ
କୋଉଟା ଭଲ ଆଉ କୋଉଟା ମନ୍ଦ ।
ମଣିଷ ହୃଦୟରେ ବସା ବାନ୍ଧିବ....
ଦୟା , କ୍ଷମା, ବିନୟ,
ରାସ୍ତା ଘାଟ ରେ ନଥିବ ରାହାଜାନି,
କେହି କାହା ସହ କରିବେନି ବେଇମାନି ।।
ସତରେ ଏଇ ମଣିଷ ସମାଜ ହେବ ସୁଖମୟ,
ଆଗାମୀ କାଲି ପୃଥିବୀ ଦେଖିବ
ଏକ ନୂତନ ସୂର୍ଯ୍ୟ ଉଦୟ ।।

ଖଲ୍ଡି, ମୟୁରଭଞ୍ଜ

# ମାଆ ପରି କିଏ କହ

ନିରଞ୍ଜନ ପାଣ୍ଡେ

ମାଆ ପରି କିଏ କହ**??**
ନିଜ ପେଟ ଚିରି ମଣିଷ ତିଆରି
ଈଶ୍ୱରୀ ପରି ତା ମୁହଁ।
ମାଆ ପରି କିଏ କହ**?**
ଭ୍ରୁଣରୁ ଭୂମିଷ୍ଠ ଯାଏଁ**,**
ନିଜ ରକ୍ତ ଦେଇ ଶକ୍ତ କରେ ଦେହ**;**
ଅନାବିଳ ତାର ସ୍ନେହ ।
ମାଆ ପରି କିଏ କହ**?**
ଛାତି ରେ ଅମୃତ ଧାର୍**,**
ତୃପ୍ତିର ତ୍ୟାଗର ମୂର୍ତ୍ତିମନ୍ତ ଦେବୀ**;**
ପାବନୀଗଙ୍ଗାର ସୁଅ ।
ମାଆ ପରି କିଏ କହ**?**
ମଳମୂତ୍ର ସଫା କରି**,**
ତେଲ ହଳଦୀ ରେ ଦେହ ଘଷି ଯିଏ**;**
ସଜାଇଲା ତାରେ ଦେହ ।
ମାଆ ପରି କିଏ କହ**?**
...

କଳାଟିପା ନାଇ ଦିଏ**,**
ଅଶୁଭ ନଜର ନପଡୁ କାହାର**;**
ପଣତେ ଢାଙ୍କଇ ମୁହଁ।
ମାଆ ପରି କିଏ କହ**?**
ଚାଲିଲା ହାତ ଧରି**,**
ବ୍ରତ ଉପବାସେ ଶୁଭ ମନାସି ଯେ**;**
କ୍ଷୀଣ କଲା ତାର ଦେହ ।
ମାଆ ପରି କିଏ କହ**?**
ବଡ ହୋଇଗଲା ପୁଅ**,**
ଅଫିସର ପୁଅ ସହରେ ଦେଖିଲେ**;**
ଚଟିଟା ପଡେଇ ଦିଅ**,**
ମାଆ ପରି କିଏ କହ**?**
ଚମ ଧୁଡୁଧୁଡୁ ଦେହ**,**
ମାଟି କାମୁଡି ସେ ମାଆ ତ ଗାଆଁରେ**;**
ସହରେ ରହିଲା ପୁଅ ।
ମାଆ ର କ ଦୋଷ କୁହ**??**
କିଏ ପୋଛି ଦେବ ଲୁହ**??**

ଫୁଲବାଣୀ, କନ୍ଧମାଳ

# ଆଖିରେ ଆଖିଏ ଅପେକ୍ଷା..

ତନ୍ମୟ କୁମାର ଭଳ

ବାଲ୍ୟ ବୟସର ଚପଳତାରୁ ବାହାରି ଯୌବନରେ ପାଦ ଥାପୁ ଥାପୁ ବାପା, ଶଙ୍କର୍ଷଣଙ୍କର ବିବାହ କରିଦେଇଥିଲେ । ମାତ୍ର ୧୪ ବର୍ଷ ବୟସ ରେ ପାଖ ଗାଁ ଜମିଦାରୀ ଝିଅ ମେନକା ଙ୍କୁ ବିବାହ କରିଥିଲେ ଶଙ୍କର୍ଷଣ ଦାସ । କୌଣସି ଅଭାବ ରହୁନଥାଏ ଚଳବାରେ । ବାପାଙ୍କର ବାଟି ବାଟି ସମ୍ପତି ସାଙ୍ଗକୁ ଗାଆଁ ବଜାରରେ ଖଣ୍ଡିଏ ଛୋଟ କପଡା ଦୋକାନରୁ ଯାହା ମିଳେ ସେଇଥିରେ ବର୍ଷ ଛଅ ମାସ ବେଶ ଭଲରେ ଚଳଯାଏ, ଶଙ୍କର୍ଷଣଙ୍କର ତେଲ ଲୁଣ ସଂସାର ।

ସମୟର ଅବଧି କ୍ରମେ ଅତିକ୍ରମ ହେଉଥାଏ | ଏଥିମଧ୍ୟରେ ଶଙ୍କର୍ଷଣଙ୍କର ବିବାହ କୁ ପାଞ୍ଚ ବର୍ଷ ପୁରି ଗଲାଣି କିନ୍ତୁ ତାଙ୍କ କୋଳକୁ ଛୁଆଟିଏ ଆସିଲା ନାହିଁ । ଛୁଆଟି ବିନା ମେନକା ଙ୍କ କୋଳ ଶ୍ରୀହୀନ ହୋଇପଡିଥିଲା । କେତେ ଦିଅଁ ପୁଜି ବିବାହକୁ ଆଠ ବର୍ଷ ପରେ ତାଙ୍କ କୋଳକୁ ଗୋଟିଏ କୁନ ପୁଅଟି ଅତିଥି ହୋଇ ଆସିଲା । କିନ୍ତୁ ଭାଗ୍ୟର ବିଡମ୍ବନା ଛୋଟ ଛୁଆଟି ଏ ମୋହ ମାୟା ଦୁନିଆକୁ ଦେଖିବା ପୂର୍ବରୁ ତାର ଜେଜେବାପା ଏ ଦୁନିଆ ଛାଡି ସାରିଥିଲେ ।

ଶଙ୍କର୍ଷଣଙ୍କ ବାପା ଥିଲେ ବହୁତ ସରଳ ବ୍ୟକ୍ତି ।ସେ ନିଜେ ଯେମିତି ସରଳ ଥିଲେ, ପୁଅ ଶଙ୍କର୍ଷଣଙ୍କୁ ମଧ୍ୟ ଠିକ ନିଜ ପରି ଗଢିଥିଲେ । ଆଉ ଠିକ ସେହି ସରଳ ପଣିଆର ସୁଯୋଗ ନେଇ ଆଜି ବାଟି ବାଟି ସମ୍ପତି ଆଉ ବଜାରରେ ଥିବା କପଡ଼ା ଦୋକାନକୁ ହାସଲ କରି ନେଇଛନ୍ତି ଭାଇ ଭଗାରୀ ମାନେ । ଖାଲି ପଡିଛି ଯାହା ଭିଟାମାଟି ଉପରେ ଘର ଖଣ୍ଡିଏ ।

ଶଙ୍କର୍ଷଣ କୋଳରେ ପୁଅକୁ ଧରି ଗେଲ୍ହ କରୁକରୁ ପୁଅ ଯେ କେତେବେଳଠୁ ସୋଇପଡ଼ିଲାଣି ସେ ଜାଣିନାହାନ୍ତି । ଜାଣିବେ ବି କେମିତି ସେ ତ ନିଜେ ମୃତ ବାପାଙ୍କର ଅଭୁଲା କଥା କୁ

ମନେମନେ ଭାବୁଛନ୍ତି, ବାପା ମୃତ୍ୟୁ ପୂର୍ବରୁ କହିଯାଇଥିଲେ - କେବେବି ଭାବିବୁନ କ ଆମର ଏତେ ସମ୍ପତି ଦାଦା, ଭାଇ ମାନେ ନେଇଗଲେ, କେବଳ ଏତିକ ମନେ ରଖିବୁ ଯେମିତି ଏ ଭିଟାମାଟିକୁ ହରେଇବୁ ନାହିଁ । ଏମିତି ଭାବୁ ଭାବୁ ଶଙ୍କର୍ଷଣ ନଜକୁ ମୁକ୍ତ କରି ପୁଅକୁ ଝୁଲଣାରେ ଶୁଆଇ ଦେଲେ ।

ସମୟର ଚକ୍ରରେ କେତେ ଦୁଃଖ ଖୁସି ପାଲଟିଛି ତ କଛି ଖୁସି ଦୁଃଖର ରୂପ ନେଇଛି । ବାପାଙ୍କ ମୃତ୍ୟୁ ପରେ ଯେଉଁ ଆଖି ଲୁହରେ ଜକେଇ ଆସୁଥିଲା, ଆଜି ପୁଅ ଅଜୟ ର ମୁହଁରେ ସେ ଆଖି ଭବିଷ୍ୟତ ର ସ୍ୱପ୍ନ ଦେଖୁଛି ।

ଠିକ୍ ଏହି ସମୟରେ ସମସ୍ତ ଭାବନାକୁ ଭଙ୍ଗ କରି ମେନକା ଡାକ ଉଠିଲେ- "ଅଜୁ ବାପା", "ଅଜୁ ବାପା".....

ଶଙ୍କର୍ଷଣ ହଠାତ ହଡବଡେଇ ଯାଇ ଆଖିରେ ଜକେଇ ଆସିଥିବା ଲୁହକୁ କାନ୍ଧ ଗାମୁଛାରେ ପୋଛୁ ପୋଛୁ କହିଲେ,- "ହଁ" "କଣ ହେଲା ମେନକା"...

- "ଅଜୁ କାନ୍ଦୁଥିଲା " ?

-"ନାଇଁ ତ"।

-" ନାଇଁ, କଥା କଣ କ ଗୁଡ଼ିଆ ଘର ବିଷ୍ଣୁ ମାଆ କହିଲା-ତୋ ପୁଅଟା କାନ୍ଦୁଥିଲା ନା କଣ?

ସେଇଠୁ ତ ଛଅ ପାଦରେ ମୁଁ ତୁମକୁ ଡାକ ଡାକ ଆସିଛି ଆଉ...."

-"ନାଇଁ ମେନକା ଆମ ଅଜୁ ତ କେତେବେଳଠୁ ସୋଇପଡିଛି ।"

ତା ପରେ ମେନକା ଅଜୁ କୁ ଟିକେ ଗେଲ୍ହ କରି ଆସି କହିଲେ,

-"ଦେଖିବ ଅଜୁ ବାପା, ଆମ ଅଜୁ ବଡ଼ ହୋଇଗଲେ ଆମର ସବୁ ଦୁଃଖକୁ ଖୁସିରେ ପରିଣତ କରିବ" ।

"ସେ ହିଁ ହେବ ବିବେକାନନ୍ଦ, ଯିଏ ସମସ୍ତଙ୍କୁ ଜୟ କରିବ । ସେଇଥିପାଇଁ ତ ତାର ନାମ ଅଜୟ ।"

-"ହଁ ମେନକା ତୁମେ ଠିକ କହିଛ ।

ଅଜୁ କୁ ଆମେ ଟିକଏ ଅଲଗା ପ୍ରକାରର ଗଢ଼ିବା ଯିଏ ସବୁବେଳେ ନିର୍ଭୟର ପରିଚୟ ଦେଉଥିବ "।

ଦିନର ଅପରାହ୍ଣରେ କେତେ କଣ ଚିନ୍ତା କରୁଥିଲେ ଦୁହେଁ। ବାପା, ମାଆ ଦୁଇଜଣ ଅଜୟର ଦୁଇ ଆଖିରେ ଭବିଷ୍ୟତର ସ୍ୱପ୍ନ ଦେଖୁଥିଲେ । ଦୁହେଁ ଯେଉଁ ଆଖିରେ ସ୍ୱପ୍ନ ଦେଖୁଥିଲେ, ସେଇ ଆଖିରେ ଲୁଚି ରହିଥିଲା ଆଖିଏ ଅପେକ୍ଷା ।

ଏମିତି ଦିନ ପରେ ଦିନ ବିତିଯାଉଥାଏ । ଅଜୁର ବୟସ ବୃଦ୍ଧି ହେବା ସାଙ୍ଗକୁ, ପରିବାରର ଦୈନିକ ଅଭାବ ମଧ୍ୟ ବୃଦ୍ଧି ହେଉଥାଏ । ଅଜୟର ପାଠପଢ଼ା ପାଇଁ ପ୍ରତ୍ୟେକ ମାସ ଟ୍ୟୁସନ ଫିସ, ବହି, ଖାତା ଇତ୍ୟାଦି କୁ କିପରି ସୁରୁଖୁରୁରେ ତୁଲାଇବେ ସେ ଦାୟିତ୍ୱ ହେଉଛି ଶଙ୍କର୍ଷଣଙ୍କର । ସେଥିପାଇଁ ସେ ସର୍ବଦା ଚିନ୍ତାମଗ୍ନ ଥାଆନ୍ତି। ବାପାଙ୍କର ମୃତ୍ୟୁ ପରଠୁ ସପ୍ତାହ ରେ ତିନିଥର ପାଖ ଗାଁ କୁ ଯାଇ ମୁଢ଼ି ବିକ୍ରି କରି ଯାହା ଦୁଇ ପଇସା ପାଆନ୍ତି , ସେସବୁରେ କଷ୍ଟେ-ମଷ୍ଟେ ଚଳିବାକୁ ହୁଏ । କିନ୍ତୁ ପୂର୍ବାପେକ୍ଷା ଏବେ ଟିକଏ ଅଭାବ ବଢ଼ିବାକୁ ଲାଗୁଛି । ପୁଅ ଅଜୁର ପାଠପଢ଼ା ଖର୍ଚ୍ଚ ପାଇଁ ମେନକା ନିଜ ଶରୀରରୁ ଗହଣା ଖୋଲିବାକୁ ମଧ୍ୟ ପଛାନ୍ତି ନାହିଁ ।

ଗୋଟିଏ ପଟେ ପୁଅର ଭବିଷ୍ୟତ ଏବଂ ଆଉ ଗୋଟିଏ ପଟେ ଅଭାବର ଦାରୁଣ ଚିନ୍ତା ଶଙ୍କର୍ଷଣଙ୍କ ଜୀବନକୁ ଅସ୍ଥିର କରିପକାଇଲାଣି । ଅଜୁ ନିଜ ପାଇଁ ନିଜେ ଯେତିକି ଚିନ୍ତା କରେ ତା ଠାରୁ ଦୁଇ ଗୁଣ ଚିନ୍ତା କରନ୍ତି ଶଙ୍କର୍ଷଣ । ବେଳେବେଳେ ସେ ଅଭିମାନ ସ୍ୱରରେ ଭଗବାନଙ୍କୁ କୁହନ୍ତି,-"କାହିଁକି ଏତେ ଆମ ଧୈର୍ଯ୍ୟର ପରୀକ୍ଷା ନେଉଛୁ ନାଥ"...

ସମୟ ଚକ୍ରରେ ସବୁ ହଜିଯାଇଛି । ଶଙ୍କର୍ଷଣଙ୍କର ବଳ ବୟସ ଗଲାଣି। ଅଜୁ ବଡ଼ ହୋଇ ସ୍ନାତକ ଶେଷ କଲାଣି । ବହୁତ ଭଲ ରେଜଲ୍ଟ କରିଛି ।ଏବେ ଇଂଜିନିୟରିଂ ପାଇଁ ଚେଷ୍ଟା କରୁଛି । ବାପାଙ୍କ ଦୁଃଖକୁ ଦେଖି ବେଳେବେଳେ ବାପାଙ୍କୁ ବୁଝାଇକି କୁହେ,- "ବାପା ତୁମେ ମୋ ପାଇଁ ବ୍ୟସ୍ତ ହୁଅ ନାହିଁ। ଆଉ କିଛି ବର୍ଷ ପରେ ମୁଁ ଚାକିରୀ କରି ମୁଁ ତୁମର ସବୁ ଦୁଃଖକୁ ହଜାଇ ଦେବି ଏହି ବାଲି ଭୂମିରେ "।

ଏକଥା ଶୁଣି ଶଙ୍କର୍ଷଣ ଙ୍କ ଛାତି କୁଣ୍ଢେମୋଟ ହୋଇଯାଏ । ପୁଅ ଠାରୁ ପ୍ରତିଶ୍ରୁତିର ବିଶ୍ୱାସ ପାଇ ନିଜକୁ ଧନ୍ୟମନେ କରନ୍ତି ।

ବେଳେବେଳେ ସମୟର କରାଳ ଗତିରେ ସବୁକିଛି ହଜିଯାଏ । ଭରସା ଲୁଚିଯାଏ ସହରର ଅନ୍ଧାରି ଗଳିରେ । ବିଶ୍ୱାସ ବାଟବଣା ହୁଏ ସମ୍ପର୍କ ନାଁ ରେ । ଅତୀତରେ କାନ ଯାହା ଶୁଣିଥାଏ, ଭବିଷ୍ୟତରେ ଆଖି ଆଉ କିଛି ଦେଖେ ।

କିଛି ବର୍ଷ ଭିତରେ ଶଙ୍କର୍ଷଣଙ୍କ ପାରିବାରିକ ସମସ୍ୟା ଭଲ ନାହିଁ । ବହୁତ କିଛି ପରିବର୍ତ୍ତନ ଆସିଛି ତାଙ୍କ ଜୀବନରେ । ଅଜୁ ଚାକିରି କଲାଣି । ବିଦେଶରେ ରହୁଛି । ପ୍ରଥମେ ପ୍ରଥମେ ଘରୁ ଯିବାବେଳେ ବାପା ମାଆ ଙ୍କୁ ନଜର ଖିଆଲ ରଖିବା ପାଇଁ କହି ଯାଉଥିଲା ।ପାଖ ପଡିଶା ଘରକୁ ଫୋନ କରି ବାପା ମାଆ ଙ୍କ ସହ କଥା ହଉଥିଲା । କିନ୍ତୁ ଏବେ ସହରର ସ୍ୱାଦ ପାଇ ଗାଆଁର ମମତାକୁ ବାପା, ମାଆଙ୍କ ଅପେକ୍ଷାରେ ଛାଡି ଦେଇଛି। ସହରର ଧୂସର ଚିହ୍ନକୁ ରଙ୍ଗୀନ୍ ଚଷମାରେ ରଙ୍ଗୀନ୍ କରି, ଆଜି ଗାଆଁର ରଙ୍ଗକୁ ଫିକା ପକେଇ ଦେଇଛି ।

ଅଜୁ ଥରେ ଘରକୁ ଆସି କହିଲା,
-"ବାପା ଏ ମଫସଲିଆ ଜାଗା ଖଣ୍ଡିଏ ବିକ୍ରି କରିଦିଅ, ଏବଂ ମୋ ସହ ବଡ ସହରରେ ରହିବ ଚାଲ ।" ଏକଥା ଶୁଣିସାରିଲା ପରେ ଶଙ୍କର୍ଷଣ ଙ୍କ ମୁଣ୍ଡରେ ବଜ୍ର ପଡିଲା ପରି ଲାଗିଲା ।

କଣ କରିବ ଶଙ୍କର୍ଷଣ, ଗୋଟିଏ ପଟେ ମୃତ ବାପାଙ୍କ ପ୍ରତିଶ୍ରୁତି ସହ ଗାଆଁର ପ୍ରେମ ଆଉ ଗୋଟିଏ ପଟେ ପୁଅ ପ୍ରତି ଅହେତୁକ ଭଲପାଇବା । ନା ପୁଅକୁ ଛାଡି ପାରୁଛି, ନା ବାପାଙ୍କ ପ୍ରତିଶ୍ରୁତି ସହ ଜନ୍ମଭୂମିକୁ ।

-"ଅଜୁ ଏଇଟା ହଉଛି ତୋ ଜେଜେବାପାଙ୍କ ସନ୍ତକ । ସେ ମଲା ପୂର୍ବରୁ କହିଯାଇଥିଲେ ଏ ଭିଟାମାଟି କୁ ବିକ୍ରି ନକରିବା ପାଇଁ । ଆଉ ମୋର ଆଶା ଅଛି ତୁ ବି ଏ ଭିଟାମାଟି ରେ ଚଳିବୁ ବୋଲି ।"

-"ବାପା ମୁଁ ଏ ଘରେ ଚଳପାରିବିନି । ଏ ଗାଁରେ ମୋତେ ଅଣନିଶ୍ୱାସୀ ଲାଗୁଛି । କେମିତି ତୁମେ ଏକଥା କହୁଛ" ?

ଏମିତି କେତେକଥା କହିଗଲା ଅଜୟ । ଖୁବ କମ ସମୟ ମଧ୍ୟରେ ପରିବାରରେ ଏକ ବଡ଼ କଳହ ସୃଷ୍ଟି ହୋଇଗଲା । ମେନକା ପୁଅକୁ ବୁଝେଇବାକୁ ଯାଇ ପୁଅ ଠାରୁ ନାନା କଥା ଶୁଣିଲେ, ସେଇଟା ପୁଣି ଇଂରାଜୀରେ । କିନ୍ତୁ ଏ ସମସ୍ୟାର ସମାଧାନ ନକରିପାରି ଶଙ୍କର୍ଷଣ ଆଜି ପାଷାଣ ପାଲଟି ଯାଇଛନ୍ତି । ପୁଅ ରହୁଛି ବିଦେଶରେ । ଆଗରୁ ଯାହା ଟିକେ ଫୋନ କରୁଥିଲା ପାଖ ପଡିଶା ଘରକୁ କିନ୍ତୁ ଏବେ ଆଉ କିଛି ନାହିଁ ।

ସମୟର ଏକ ଲମ୍ବା ବ୍ୟବଧାନରେ ଆଜି ସବୁ ସଂଘର୍ଷର ଝଡ଼କୁ ପିଠିରେ ପକାଇ, ଖରା, ବର୍ଷା, ଶୀତ, କାକରକୁ ପାଥେୟ ନକରି, ଅଶୀ ବର୍ଷର ଥୁଣ୍ଟା ବରଗଛ ପରି ବୁଢ଼ା ବୁଢ଼ୀ ପଡି ରହିଛନ୍ତି ନିଜର ଘରେ । ଦେହ ହାତ ଆଉ ଗ୍ଭଲୁନାହିଁ । ମେନକା ମଧ୍ୟ ବାରମ୍ବାର ଜ୍ୱରରେ ପଡୁଛନ୍ତି। ଦୁଇ ଜଣ ଆଖିରେ ଆଖିଏ ଅପେକ୍ଷା ରଖିଛନ୍ତି ପୁଅ ଫେରିବ । ସେଇ ଆଶାରେ ଦୁହେଁ ବଞ୍ଚି ଥାଇକି ମଲା ପରି ପଡିଛନ୍ତି ।

ବେଳେବେଳେ ବୁଢା ବୁଢ଼ୀ ଦୁଇଜଣ ପାଖ ପଡିଶା ଘର ପୁଅକୁ ଯାଇ ଅଜୁ କଥା ପଗ୍ଭରନ୍ତି ଆଉ ସିଏ ଫେସବୁକ ଖୋଲି ବୁଢା ବୁଢ଼ୀଙ୍କୁ ଅଜୁର ଫୋଟୋ ଦେଖାଏ । ୟା ମଧ୍ୟରେ ଗ୍ଭରି ପାଞ୍ଚ ବର୍ଷ ଅତିକ୍ରମ ହୋଇଗଲାଣି । ବୁଢ଼ାବୁଢ଼ୀ ଥରେ ଫେସବୁକ ରେ ଫୋଟୋ ଦେଖୁଦେଖୁ ଦେଖିଲେ ଯେ ତାଙ୍କ ଅଜୁ ବାହା ହେଇସାରିଛି ଆଉ ତାର ଗୋଟିଏ ପୁଅଟିଏ ହୋଇଛି । ବହୁତ ଖୁସି ହୋଇଗଲେ ଦୁହେଁ ଭାବିଲେ ଯେ ଏବେ ବୋଧ ହୁଏ ଆମ ଅଜୁ ଆମ ପାଖକୁ ଫେରି ଆସିବ କିନ୍ତୁ....

ବୟସର ଅପରାହ୍ନରେ ଆଜି ବୁଢ଼ାବୁଢ଼ୀ ଦୁହେଁ ନିଃସହାୟ ତୃଣ ପରି ଘରେ ପଡିଛନ୍ତି । ଭାବୁଛନ୍ତି ପୁଅକୁ ମଣିଷ କରିବାରେ ବୋଧେ କିଛି ତ୍ରୁଟି ରହିଗଲା । ଏମିତି ଭାବୁଭାବୁ ଗାଁ ସରପଞ୍ଚ ଆସି କହିଲେ,

-"ମଉସା ଆମ ପୃଥିବୀକୁ ଏବେ କରୋନା ନାମକ ଏକ ମହାମାରୀ ରୋଗ ଆସିଛି । ବିଦେଶରେ ରହୁଥିବା ବ୍ୟକ୍ତି ମାନେ ଘରକୁ ଫେରିଆସୁଛନ୍ତି। ସବୁବେଳେ ସତର୍କ ରହିବ । ଦିନକୁ ଘଣ୍ଟାରେ ଥରେ ସାବୁନୁ ରେ ହାତ ଧୋଉଥିବ । ହାତ ନଧୋଇ ମୁହଁ, ପାଟି, ନାକ ଆଦିରେ ହାତ ମାରିବ ନାହିଁ । ଆଉ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବାହାରକୁ ଯିବ ନାହିଁ, ପରସ୍ପର ଠାରୁ ଏକ ମିଟର ବ୍ୟବଧାନରେ ରହି କଥା ବାର୍ତା କରିବ "।

ସରପଞ୍ଚଙ୍କ ଠାରୁ ଏକଥା ଶୁଣିସାରିଲା ପରେ ବୁଢ଼ାର ମୁହଁରେ ଟିକେ ହସ ଫୁଟିଲା । ମେନକା ବୁଢ଼ାକୁ ଖୁସିରେ ଦେଖି କହିଲା,

-"ଆରେ ତୁମେ ହସୁଛ, ସରପଞ୍ଚ ବାବୁ ପରା କହିଲେ କ କେତେବଡ ରୋଗ ଆସୁଛି ଆଉ ମୁଁ ଦେଖୁଛି ତୁମେ ସେ ରୋଗକୁ ଜମା ଡରୁ ନାହଁ ।"

-" ମେନକା ଏ କରୋନା ରୋଗ ଆମ ପାଇଁ ଭଗବାନଙ୍କ କରୁଣା ହୋଇ ଆସିଛି । ତମେ ଶୁଣିଲ ନାହିଁ କ ସରପଞ୍ଚ ବାବୁ ପରା କହିଲେ ବିଦେଶରେ ରହୁଥିବା ଲୋକ ମାନେ ଏ ରୋଗ ପାଇଁ ଘରକୁ ଫେରି ଆସୁଛନ୍ତି ଆଉ ତୁମେ ଦେଖିବ ଆମ ଅଜୁ ତୁମ ବୋହୁ ଆଉ ନାତିକ ଧରି ନିଶ୍ଚିତ ଫେରିବ " ।

ଏମିତି ଦୁଃଖ ମଧ୍ୟରେ ସ୍ୱଳ୍ପ ଖୁସି ର ଲହରୀ ଖେଳଥିଲା ଶଙ୍କର୍ଷଣ ଆଉ ମେନକା ଙ୍କ ଭିତରେ । ପୂର୍ବ ପରି ଆଜିବି ଆଖିରେ ଆଖିଏ ଅପେକ୍ଷା ରଖିଛନ୍ତି, ପୁଅ ନିଶ୍ଚିତ ଫେରିବ ।

# କରିଦେ କାଳିଆ......



ସୌଭାଗ୍ୟ ରଞ୍ଜନ ମହାପାତ୍ର

କରିଦେ କାଳିଆ ତୁଳସୀ ମାଳ ଟେ
ଭୁଜ ତୋ ସ୍ପର୍ଶ କରିବି,
ନ ହେଲେ କରିଦେ ମାଟି ପୁତୁଆ ଟେ
ଅବଢା କୋଳେ ଧରିବି।।

କରିଦେବୁ ଯଦି କରିଦେ କାଳିଆ
ବଡ ଦାଣ୍ଡ ଧୂଳି ମତେ,
ତୋ ଭକତ ପାଦେ ଲାଗି ଯାଉଥିବି
ମୋକ୍ଷ ପାଇଯିବି ସତେ।।

ଯଦି କରିଦେବୁ ପକ୍ଷୀ ଟିଏ ମତେ
ତୋ ବାନା ତଳେ ରହିବି,
ବାଇଶି ପାହାଚ କରିଦେବୁ ଯେବେ
ତୋର ଶ୍ରୀ ପାଦ ଛୁଇଁବି।।

ନ ହେଲେ କରିଦେ ଶିରୀ କ୍ଷେତ୍ର ମେଘ
ଭକ୍ତ ପରେ ବରଷିବି,
ଭକ୍ତ ପଥ ଶ୍ରାନ୍ତ ଭକ୍ତ ପଥ କ୍ଳାନ୍ତ
ସବୁ ଲାଘବ କରିବି।।

ଗୀତ ଗୋବିନ୍ଦର ପଦଟିଏ କଲେ
ଭକ୍ତ ମୁହେଁ ଶୋଭିଇବି,
ନହେଲେ କରିଦେ ପାଟ ପିତାମ୍ବର
ଶ୍ରୀ ବାସ ତୋର ହୋଇବି।।

କିଛି ଯଦି ନ କରିବୁ କାଳିଆ
କର ଶ୍ରୀ ଦାଣ୍ଡ ଭିକାରୀ,
ବଡଦାଣ୍ଡେ ଭିକ୍ଷା ମାଗୁଥିବି ମୁହିଁ
ତୋର ନାମ ତୁଣ୍ଡେ ଧରି।।

ଅଧ୍ୟାପକ, ବୈଦିକ ମହାବିଦ୍ୟାଳୟ,
ସମ୍ବଲପୁର

# ପ୍ରେମ ଅଢେଇ ଦିନ



ସେବାକାନ୍ତ ନନ୍ଦ

କାହିଁକି କେ ଜାଣେ ମନେ ପଡ ବେଶି
ତୁମେ ମୋ ହୃଦୟରେ ।
କେଉଁ ଜନମର ଲେଖା ଥିଲା ଭଗ୍ୟେ
ଦେଖା ହେଲ ମୋ ସାଥିରେ ।
ସାଥି ହୋଇ ଆମେ ଦିନ ବିତାଉ ଥିଲେ
କେତେ ଆନନ୍ଦରେ ।
ହୃଦୟରେ କଣ ଭାବି ଦେଲ ପରକରି
ଅଧାବାଟେ ଏକା କରି ।
ଏ ତ ବିଧାତା ଲେଖନ କ କରିବା ଆମେ
ସରିଗଲା ପୂର୍ବ ଭଗ୍ୟର ମିଳନ
ରହିଗଲା ହୃଦୟର ଚିହ୍ନ ।
ମିଳା ମିଶା ନୁହେଁ ଚରଦିନ
ପ୍ରେମ ଅଢେଇ ଦିନ ।
ବଡ ଆଚମ୍ବିତ ଏ ଦୁନିଆଁ
ମିଛ ମାୟା ଏ ସଂସାର ।
ସ୍ନେହ ପ୍ରୀତି ବନ୍ଧନ ନୁହେଁ ଚରଦିନ
ଏ ତ ଥିଲା ପ୍ରଭୁଙ୍କର ।
ଦୋଷ ନାହିଁ ତୁମର କ
ଦୋଷ ନାହିଁ ମୋର ॥

ବନ୍ଧପାଲି, ଉପରଝର, ବଲାଙ୍ଗିର

# ଆହ୍ୱାନ

ବେଣୁଧର ସୁରୁଜାଲ

ଗାଅ ନାହିଁ କବି ଆଜ
ପ୍ରେମର ଏ ମିଳନ-ବିରହ ଗାନ,
ଦେଖ ସେଠି ବାଦଲର କଆଁ
ଛଳଛଳ ଅଶ୍ରୁପୂର୍ଣ୍ଣ ହେଉଛି ନୟନ । (୧)

ଶତଦଳ ପଙ୍କେ ଯୁଗେଯୁଗେ ଯିଏ
ଜୀବନ ଯନ୍ତ୍ରଣା ସଦା ଭୋଗୁଛନ୍ତି,
ତୁମ ନୂଆ କ୍ରାନ୍ତିର ଛନ୍ଦରେ
ମୁକ୍ତିର ପଥ ସିଏ ଖୋଜୁଛନ୍ତି । (୨)

ସବୁରି ନୟନେ ବହୁଛି ଗଂଗା
ଛଳକୁଛି କଆଁ ଆଜି ଯମୁନା,
ମେଣ୍ଟାଇ ପାରୁନ ଗଂଗା ଜଳ ଛିଟା
ଆମ ଦେଶ-ଜାତିର ସବୁ ତୃଷ୍ଣା । (୩)

ପେଟର କ୍ଷୁଧାକୁ ମେଣ୍ଟାଇବା ପାଇଁ
ବିକଳତ କୋଟି କୋଟି ମଣିଷ,
ହୃଦୟରୁ ନିଜ ରକ୍ତ ଦେଇ ପୁଣି
ତୃପ୍ତ କରନ୍ତି ନର-ରାକ୍ଷସ । (୪)

କ୍ଷୁବ୍ଧ ଆଜି ନିରୀହ ଜାତି
ରୁଗ୍ଣ ଯେଣୁ ମାନସିକତା,
ରୁଦ୍ଧ ଆଜି କଣ୍ଠସ୍ୱର
ସ୍ତବ୍ଧ ଦେଖି ଏ ଅରାଜକତା । (୫)

ଜାଗ୍ରତ ହୁଅ ଜାତିର ନେତା
ଶାଣିତ କର ନିଜ ଦକ୍ଷତା,
ନିର୍ଭୀକ ହୋଇ କର ସଂଗ୍ରାମ
ବଢାଅ ଜାତିର ସାହସିକତା । (୬)

ଆସ ଏ ଜାତିର ନିର୍ମାଣ ଯଜ୍ଞେ
ଢାଳିବା ସଭିଙ୍କ ଆଖିରୁ ପାଣି,
ସୁସଜ୍ଜିତ ହେବ ନବ ନିର୍ମାଣ
ଜଳାଇ ବିପ୍ଳବ ବହ୍ନି । (୭)

ତୁମରି କଲମ ଗାରର ବୀରତ୍ୱ
କର ଖଣ୍ଡା ଠାରୁ ବଳୟାନ,
ଦୋହଲାଇ ଦିଅ ଶୋଷକଙ୍କ ଗଡ଼
ଅନୀତି ଦୁର୍ନୀତି ହେଉ ଦମନ । (୮)

ଆଗେଇ ଆସ ହେ ଦରଦୀବନ୍ଧୁ
ଆମ ନୂତନ ସମାଜ କର ସର୍ଜନା,

ଜଳାଞ୍ଜଳି ଦିଅ ସ୍ୱାର୍ଥ ଅହମିକା
ତବ କଣ୍ଠୁ ଝରୁ  ମୁକ୍ତି-ମୂର୍ଚ୍ଛନା । (୯)

ଲେଖନୀ ମୁନେ ଭାଂଗିଦିଅ ଲୁଟେରାଙ୍କ
ସୁନାଗନ୍ଧୀରେ ଗଢ଼ା ପାଚେରୀ କାନ୍ଥ,
ଧ୍ୱଂସ କରିଦିଅ ପୁଂଜୀବାଦୀଙ୍କ
ସବୁ ପୁଂଜିଭୂତ ଅମାରତ । (୧୦)

ସମାଜେ ସମତା ନିର୍ମାଣ ଯଜ୍ଞେ
ତୁମ ଅନ୍ତର୍ଜ୍ୟୋତିକୁ କର ଜାଗ୍ରତ,
ଘରେ ଘରେ ଖୁସି ଫେରାଇ ପାରିଲେ
ତେବେ ଜାତି ହେବ ବିଶ୍ୱେ ସମ୍ରାଟ । (୧୧)

ସୁଖ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ
ସ୍ୱେଚ୍ଛାଗ୍ରର, ଦୁର୍ନୀତି ହେଉ ଦମନ,
ଶାନ୍ତି, ମୈତ୍ରୀ, ପ୍ରୀତି ହୋଇ ସ୍ଥାପନ
ଜାଜ୍ୱଲ୍ୟମାନ ହେଉ ଜାତିର ନାମ । (୧୨)

ଉଲୁଣ୍ଡା, ସୁବର୍ଣ୍ଣପୁର

# କେଶମନ୍ତ ଏକ ଦୁର୍ଭାଗ୍ୟ



ତପନ କୁମାର ଦାଶ

ସେଦିନ ସକାଳ ୯ ଟାରେ ସବୁ ପିଲା ହାଜର ସେଇ ବିଦ୍ୟାଳୟ ହତାକୁ | ମନରେ ଉତ୍କଣ୍ଠା, ନୂଆ ସାର ଆସିବେ | କେମିତି ଥିବେ? ରାଗି, ହସାକୁରା, ସାଙ୍ଗ ଭଳିଆ | ପିଲାମାନେ ଯଗିଥାନ୍ତି ୧୦ ଟା ହେଲା ପ୍ରାର୍ଥନା ହେଲା | ପ୍ରଧାନ ଶିକ୍ଷକ ବି ଯଗିଥାନ୍ତି ୧୧.୩୦ ବି ହେଇଗଲା | ମଧ୍ୟାହ୍ନ ଭୋଜନ ସମସ୍ତେ ଖାଇଲା ବେଳକୁ ହଠାତ୍ ଆସି କଏ ଜଣେ ଗୋରା ଲୋକ ବାଜାଜ ପଲସର ବାଇକ ରେ ପହଁଚଲେ | ସିଧା ଆସି ପ୍ରଧାନ ଶିକ୍ଷକ ଙ୍କୁ ଭେଟି ନମସ୍ତେ କହି ଅଫିସ ରେ ବସିଲେ ଓ କଥା ହେଲେ | ପିଲାଏ ଜାଣିଲେ ଯେ ସେ ହିଁ ନୂଆ ଶିକ୍ଷକ। ସବୁ ଠିକ ଠାକ ଥିଲା | ସବୁଦିନ ୧୦ ଟାରେ ଆସି ପ୍ରାର୍ଥନା କରନ୍ତି ନୂଆ ନୂଆ ଜିନଷ ଶିଖାନ୍ତି | ପିଲାଏ ବେଶ ଖୁସି | ନୂଆ ସାର ଆସିଲା ଦିନୁ ଖେଳିବାକୁ ବି ମିଳେ | ସବୁ ଠିକ ଠାକ ଚାଲି ଥାଏ | ଶିକ୍ଷକ ବି ବହୁତ ଭଲ ପାଉଥିଲେ ପିଲାଙ୍କୁ | ଦିନେ ଲକ୍ଷ୍ୟ କଲେ ଜଣେ ପିଲା ବହୁତ ଦିନ ଅନୁପସ୍ଥିତ ରହୁଛି | କେବେ ଆସେ କେବେ ନାଇଁ | ମୁହଁରେ ଶୁଖିଲା ହସ | ଆଗପରି ତତ୍ପରତା ନାହିଁ, ଖୁସି ନାହିଁ | ପ୍ରଥମେ ଶିକ୍ଷକ ଧ୍ୟାନ ଦେଲେନ | କିନ୍ତୁ ଧିରେ ଧିରେ ପିଲାଟି ର ଉପସ୍ଥାନ କମିବାକୁ ଲାଗିଲା | ସବୁଦିନ ସେ ଆସିଲେ ତାକୁ ବୁଝାନ୍ତି, "ଦେଖ କେଶମନ୍ତ ସବୁ ଦିନ ସ୍କୁଲ ଆସବୁ ନାଇତ ମାଡ଼ ଖାଇବୁ |" ଏମିତି ପ୍ରାୟ ଗାଳ ଗୁଲଜ ବି କରନ୍ତି | କିନ୍ତୁ ପିଲାଟି, "ହଁ ସାର କହିଦିଏ |" ଶିକ୍ଷକ ଜାଣିବାକୁ ପାଇଲେ ଯେ ତାର ଗୋଟିଏ ଭଉଣୀ ମଧ୍ୟ ପଢେ ପଞ୍ଚମ ଶ୍ରେଣୀ ରେ | ତା ନା ପରମିତା | କେଶମନ୍ତ ପଢେ ଚତୁର୍ଥ ଶ୍ରେଣୀରେ | ପରମିତା ମଧ୍ୟ ସେହିପରି କେବେ ଆସିଲେ କେବେ ନାଇଁ | ଶିକ୍ଷକ କିଛି ବୁଝି ପାରୁ ନଥାନ୍ତି | ଦୁଇ ଭାଇ ଭଉଣୀ ଙ୍କୁ କେବେ ଏକାଠି ଦେଖିବାକୁ ମିଳେନ | କିନ୍ତୁ ଦୁଇଜଣ ଯାକ ପଢନ୍ତି ଭଲ | ଆଜ୍ଞାଧୀନ ଅଟନ୍ତି | ସାର ତା ଭଉଣୀ କୁ ଝିଅ ପିଲା ଭାବି କିଛି କହନ୍ତନ | କେଶମନ୍ତ କୁ ଭାରି ତାଗିଦ କରନ୍ତି | ସାର ପିଲାଙ୍କ ସଂଗେ ନଜେ ଖେଳନ୍ତି ଖେଳାନ୍ତି

ଚକଲେଟ ଦିଅନ୍ତି ନୂଆ ସରଞ୍ଜାମ କାଢି ପଢାନ୍ତି | ପିଲାଏ ବି ଖୁସ | ଗାଁ ଲୋକ ବି ଖୁସ | କଏ କଏ କୁହନ୍ତି ଏତେ ଦିନକେ ସରକାର ଆମ କଥା ବୁଝିଲେ | ଭଲ ସାର ଜଣେ ଦେଲେ | ସେ ଯାହା ହଉନା କାହିଁକି ସ୍କୁଲ କୁ ଆଗରୁ ପିଲା ଆସୁ ନଥିଲେ | ଏବେ ପ୍ରାୟ ୯୦% ଉପସ୍ଥାନ | ସମସ୍ତେ ଖୁସି | ସାର ସମସ୍ତଙ୍କୁ ମାଗଣା ହସ୍ତାକ୍ଷର କଣି ଦିଅନ୍ତି | କେତେବେଳେ କୋଉ ବହି ଦିଅନ୍ତି ତ ଆଉ କଛି ନଜେ କଣି ଦିଅନ୍ତି | କେଶମନ୍ତ କୁ ବି ଦିଅନ୍ତି | ସାର କନ୍ତୁ ସମସ୍ତଙ୍କୁ କହିଥାନ୍ତି ଯାହା ହଉ କେବେ ଠକବନ କ ଅନୁପସ୍ଥିତ ରହିବନ | ନଚେତ ନଷ୍ଚୟ ମାଡ ଖାଇବ | ବେଳେବେଳେ ମାଡ ବ ଦିଅନ୍ତି ଯିଏ ନ ଆସିଲେ|

ଦିନକର ଘଟଣା, କେଶମନ୍ତ ସେଦିନ ଆସିନଥିଲା | ସାର ତାକୁ ଭଲ ପଢୁଥିବାରୁ ଟିକେ ନଜର ରେ ରଖୁଥିଲେ | ସାର କଛି କହିଲେନ | ପର ଦିନ ମଧ ଆସିଲାନ | ସାର ତା ଭଉଣୀ କୁ ପଗ୍ଋରିବାରୁ ସେ କହିଲା, "ସାର ସେ ଛେଳ ଚରେଇ ଯାଇଛି |" ସାର ଋଗିଗଲେ ଓ ପରମିତା କୁ ଓ ତା ବାପା ମା ଙ୍କୁ ମଧ ଗାଳ ଦେଲେ | ଆରଦିନ ସାର ଯଗିଥାନ୍ତି | ଆସିଲାରୁ କେଶମନ୍ତ କୁ ବୁଝେଇଲେ |" ସବୁଦିନ ଦୁଇଜଣ ସ୍କୁଲ ଆସ, ପାଠ ପଢ |" ଘରେ ଯିଏ କାମ ବତେଇଲେ କରିବ ଆଉ ଆସିବ | ସେ ବି ହଁ କହିଦେଲା ଡ଼ରରେ | କନ୍ତୁ ସାର ଲକ୍ଷ କଲେ କଛି ପରିବର୍ତନ ହେଲା ନାହିଁ | ସ୍ୱାଧୀନତା ଦିବସ ର ଆଗଦିନ ମଧ ଆସିଲାଣି କେଶମନ୍ତ | ସାର ଭ୍ବିଥିଲେ ତାକୁ ସ୍ଲୋଗାନ ଶିଖେଇବେ ଓ ସେ ଆଗଧାଡ଼ିରେ ସ୍ଲୋଗାନ ଦେବ | କନ୍ତୁ ସବୁ ଫସର ଫାଟିଗଲା | ସ୍ୱାଧୀନତା ଦିବସ ସରିଲା| ତା ଦେଖା ଦର୍ଶନ ମିଳଲାନ | ସେ ସବୁବେଳେ ଏମିତି କରୁଛି | ଯୋଉ ଦିନ କଛି ଆବଶ୍ୟକ ଥିବ ସାର କହିଥିବେ ସେ ଆସେନ | ସାର ଋଗିଯାଇଥାନ୍ତି | ଦୁଇ ତିନ ଦିନ ଗଲାପରେ କେଶମନ୍ତ ସ୍କୁଲ ଆସିଲା | ସାର ଋଗରେ ଯଗିଥାନ୍ତି | ପ୍ରାର୍ଥନା ସାରିବାରୁ କେଶମନ୍ତ କୁ ସାର ପ୍ରାର୍ଥନା ସଭ୍ରେ ଦରଧୂମ ଛେଚ ଦେଇ ଗଲେ | ତା କଥା କଛି ଶୁଣିଲେ ନାହିଁ |" ବିରି ମାଡ ଦେଖି କୋଳଥ ଚେପା |" ସବୁ ପିଲା ତା ମାଡ ଦେଖି ଚୁପଗ୍ଋପ | କେଶମନ୍ତ ବିଚର୍ବ ବହୁତ କାନ୍ଦିଲା | ସାର କହିଲେ ଯଦି ପୁଣି ଅନୁପସ୍ଥିତ ରହିବୁ ଗୋଟେ ହାତ ଓ ଗୋଟେ ଗୋଡ ଭ୍ଙ୍ଗିଦେବି|

ତା ଭଉଣୀକୁ ବି ବହୁତ ଗାଳ ଗୁଲଜ କଲେ | ବିଚରା କେଶମନ୍ତ କାହାକୁ କହିବ କାନମୁଣ୍ଡା ଆଉଁସି ଯାଇ ଶ୍ରେଣୀ ରେ ବସିଗଲା | "ତମେ ଦୁଇଟା ସ୍କୁଲ କୁ ସବୁଦିନ ଆସିବା ନଚେତ ଆସିବନ" ସାର କହିଦେଲେ | ତା ଆର ଦିନ ସ୍କୁଲ ପରିଚାଳନା କମିଟି ର ଗୋଟିଏ ମିଟିଂ ଥିଲା | ପ୍ରଧାନ ଶିକ୍ଷକ ମଧ ମିଟିଂ ରେ ଥିଲେ | ସବୁ ଆଲୋଚନା ସରିଲା| ସାର କେଶମନ୍ତ କଥା ଆଲୋଚନା କଲେ | ବହୁତ ବଦମାସ ପିଲାଟା | ତା ଭଉଣୀକୁ ବି ସେମିତି କହିଲେ | ବହୁତ ଗାଳ ଦେଇ କହିଲେ ତା ବାପାମା କୁ ଡାକ | ସମସ୍ତେ ନିର୍ବାକ| କାହା ପାଟିରୁ କିଛି କଥା ବାହାରୁ ନଥାଏ | କେହି କିଛି ବୁଝି ପାରୁ ନଥାନ୍ତି | ନିରୀହ ପିଲାଟିକୁ କାହିଁକି ସାର ଏତେ କଥା କହୁଛନ୍ତି? ସମସ୍ତେ ସାର ଙ୍କୁ ବହୁତ ସମ୍ମାନ ଦିଅନ୍ତି ଭଲ ପାନ୍ତି | ଯଦି କିଏ କିଛି କହିଲେ ସାର କାଳେ ବଦଳି ହୋଇ ଅନ୍ୟତ୍ର ଚାଲିଯିବେ | ଯଦି ଏମିତି ହୁଏ ସବୁ ସରିଲା | କେତେ କଷ୍ଟ ରେ BEO,DEO,Collector, ନେତା ମନ୍ତ୍ରୀ ଙ୍କୁ କହିବାରୁ ଜଣେ ଜାଗାରେ ଆଉ ଜଣେ ସାର ଆସିଲେ ଗାଁ ସ୍କୁଲ କୁ | ସମସ୍ତେ ଜାଣନ୍ତି କେତେ କଷ୍ଟ କରିଛନ୍ତି ଗାଁ ଲୋକ ଦ୍ଵିତୀୟ ସାର ଙ୍କ ପାଇଁ | "ସବୁ ତପସ୍ୟା ଶୁଖୁଆ ପୋଡ଼ାରେ ଯିବ |" ସେ ଯାହା ହଉନା କାହିଁକି କେହି କିଛି ବୁଝି ପାରୁ ନଥାନ୍ତି | ସମସ୍ତେ ଭାବୁଥାନ୍ତି ବୋଧେ ପିଲାଟା କିଛି ଦୁଷ୍ଟାମୀ କରୁଥିବ | ସାର ଙ୍କ କଥା ମାନୁ ନଥିବ |କିନ୍ତୁ ସମସ୍ତେ ଭାବୁ ଛନ୍ତି ସାର ଟିକେ ରାଗିଯାଇଛନ୍ତି ପଛରେ ବୁଝିଯିବେ | ମିଟିଂ ସରିଲା | ସମସ୍ତେ ଗଲେ | ପ୍ରଧାନ ଶିକ୍ଷକ ସାର ଙ୍କୁ ଡାକି ରାଗିବାର କାରଣ ପଚାରିଲେ | ସାର ସବୁ କହିଦେଲେ | ପ୍ରଧାନ ଶିକ୍ଷକ କିନ୍ତୁ ସବୁ ଜାଣିଛନ୍ତି | ସେ ନୂଆ ଶିକ୍ଷକ ଙ୍କୁ ସବୁ କଥା ଅଫିସ ରେ ବସେଇ କହିଲେ | ବିଚରା କେଶମନ୍ତ ର ବାପା ନାହାନ୍ତି| କିଛି ଦିନ ତଳେ ଗୋଟେ ଦୁର୍ଘଟଣା ରେ ମରିଯାଇଛନ୍ତି | ତାଙ୍କ ଘରେ ପାଞ୍ଚ ଜଣ କୁଟୁମ୍ବ | ଦୁଇ ଭାଇ ଦୁଇ ଭଉଣୀ ଓ ମା ଟିଏ | ସବୁଠୁ ବଡ଼ ଭଉଣୀ ଘର କାମ କରେ | ପରମିତା ତାକୁ କେବେ କେବେ ସାହାଯ୍ୟ କରେ | ବଡ଼ ଭାଇ ଯାଇଛି ରାଜ୍ୟ ବାହାରକୁ ରୋଜଗାର ପାଇଁ | ଆଉ ତା ମା ଏଠି ସେଠି କିଛି ମଜୁରୀ କରେ | ଯାହା ଆଣେ ଚାରି କୁଟୁମ୍ବ ସୁଖେ ଦୁଃଖେ ଚଳଯାନ୍ତି | ବିଚରା କେଶମନ୍ତ ଆଉ ପରମିତା କେବେ କେବେ ଘରେ କାମ ଥିଲେ ରହିଯାନ୍ତି | ବଡ଼ ଭଉଣୀକୁ ସାହାଯ୍ୟ କରନ୍ତି | କେଶମନ୍ତ ଏକୁଟିଆ ପୁଅ ହେଇଥିବାରୁ ପ୍ରାୟ ଅଶି ପ୍ରତିଶତ କାମ କରିବାକୁ ପଡେ | ସେଥିପାଇଁ କେବେ ସ୍କୁଲ କେବେ କାମ କେବେ ହାଟ କୁ | ଘରେ ତାର ବହୁତ ଅସୁବିଧା | ବିଚରା ଘରେ ସବୁଠୁ ଛୋଟ ହେଇଥିବାରୁ ବହୁତ ଗେଲା | କିଏ ତାକୁ କିଛି କହନ୍ତନି | ଗାଁ ର ସମସ୍ତ ଲୋକ ବି

ଖଟିଖିଆ ମଜୁରିଆ । ଯାହା ପାରନ୍ତି ସାହାଯ୍ୟ କରନ୍ତି । ଏହି ସବୁ ଶୁଣି ସାର ଙ୍କ ଆଖିରୁ ଦୁଇ ଧାର ଲୁହ ବାହାରି ପଡିଲା । ନିଜକୁ ବହୁତ ଘୃଣ୍ୟ ମନେ କଲେ । ସତରେ ସେ କେତେ ନିଷ୍ଠୁର । ନିଜକୁ ନିଜେ ବହୁତ ଗାଳି କଲେ । କିଛି ନଜାଣି ନଶୁଣି କେତେ କଣ କହି ପକେଇଲି ପିଲାଟାକୁ । ସାର ଙ୍କ ମୁଣ୍ଡ ତଳକୁ ହେଇଗଲା ପ୍ରଧାନ ଶିକ୍ଷକ ଙ୍କ ସାମ୍ନା ରେ । କିନ୍ତୁ ପ୍ରଧାନ ସାର ନୂଆ ସାର ଙ୍କୁ ବହୁତ ବୁଝେଇଲେ । "ଆପଣଂକ କିଛି ଦୋଷ ନାହିଁ । ଆପଣ ତ ଅପଣଂକ କର୍ତବ୍ୟ କରୁଛନ୍ତି । ଆପଣ ଜଣେ ବହୁତ ଯୋଗ୍ୟ ଗୁରୁ । ମୋର ଭାଗ୍ୟ ଯେ ମୁଁ ଆପଣଙ୍କ ଭଳିଆ ଜଣେ ସହ ଶିକ୍ଷକ ପାଇଛି । କର୍ତବ୍ୟନିଷ୍ଠା,ଧର୍ମ ପରାୟଣ, ସମୟାନୁବର୍ତ୍ତିତା, ଛାତ୍ରବତ୍ସଳ ଅଟନ୍ତି ।" ଏମିତି ବୁଝେଇ ଶୁଝେଇ ଘରକୁ ପଠେଇ ଦେଲେ । ସ୍କୁଲ ଛୁଟି ହେଲା । ସେ ଆଉ କାହା ସଂଗେ ମୁହଁ ମିଶେଇ ପାରୁନଥିଲେ । ରାତିରେ ଭୋକ ନାଇଁ କି ଶୋଷ ନାଇଁ । ନିଦ ବି ଲାଗୁନି । ସକାଳ ହେଲା। ସାର କେମିତି କୋଉ ମୁହଁ ନେଇ ସାମ୍ନା କରିବେ ଛୁଆ ଗୁଡ଼ାଙ୍କୁ । କେଶମନ୍ତ କୁ । ଯାହା ବି ହଉ ଡିଉଟି ତ ଯିବାକୁ ପଡିବ । ଭାବି ଭାବି ଗାଧେଇ ପାଧେଇ ବାହାରି ପଡିଲେ ଟିକେ ବିଳମ୍ବରେ । ପ୍ରଧାନ ସାର ଯାଇଥାନ୍ତି । ନୂଆ ସାର ଆସିଲାରୁ ପ୍ରଧାନ ସାର କିଛି ଅଫିସ କାମ ରେ ଚାଲିଗଲେ । ଏକୁଟିଆ ସାର କରିବେ କଣ । ପିଲାଏ ଯାଇଛନ୍ତି ସାର ଆସିବେ ପଢେଇବେ । ଆଗ ଭଳି ଆଉ ପାଟି ନାହିଁ, କଥାବାର୍ତା ନାହିଁ ପିଲାଙ୍କର । ଚୁପଚାପ । ସତେ ଯେପରି ସମସ୍ତଙ୍କୁ ସାପ ଶୁଙ୍ଘିଦେଇ ପଳେଇଛି । ସାର ଧର୍ଯ୍ୟ ଧରି ପଶିଲେ ଶ୍ରେଣୀରେ । ହଠାତ ନଜର ପଡିଲା କେଶମନ୍ତ ଉପରେ । ସାର ଆଉ କୋହ ସମ୍ଭାଳି ନପାରି ତା ପାଖକୁ ଚାଲିଗଲେ । ସେ ବିଚାର ସଂଗେ ସଂଗେ ଠିଆ ହେଇଗଲା ଡରରେ । ସାର ତାକୁ ଜାବୁଡି ଧରି ଆଲିଙ୍ଗନ କରି ପକେଇଲେ । ଦୁଇ ମିନଟ ଯାଏଁ ସମସ୍ତେ ନିସ୍ତବ୍ଧ । କ୍ଷମା ମାଗିଲେ ସାର ସମସ୍ତଙ୍କୁ । ଆଉ କେବେ କାହାକୁ ପିଟିବେନି ଶପଥ କଲେ । ଆଉ କେଶମନ୍ତ କୁ କହିଲେ ଯଦି କେବେ କୌଣସି ଅସୁବିଧା ହୁଏ ମତେ ନିଶ୍ଚେ କହିବୁ ଡ଼ରିବୁନି । ସାର ଆଣିଥିବା ଚକଲେଟ ପକେଟ କାଢି ସମସ୍ତଙ୍କୁ ବାଂଟିଦେଲେ । ପିଲାଙ୍କ ଖୁସି କହିଲେ ନସରେ । ଆଗଭଳି ସମସ୍ତେ ଖୁସି । ପୁଣି ସେମିତି ପାଠପଢା ଚାଲିଲା । ଖେଳ ଚାଲିଲା । ଆଗପରି ଆଉ ମାଡ ନାହିଁ କି ଗାଳିଗୁଲଜ ନାହିଁ । ସାର ପୁରା ଭଲ ।

ଏମିତି କଛି ଦିନ ଗ୍ଲ୍ଲିଲା | ସାର କେଶମନ୍ତ ଘରକୁ ମଧ୍ୟ ବେଳେ ବେଳେ ଯାନ୍ତି, କଛି ପଇସା ପତ୍ର ତା ମାକୁ ଦେଇ ଆସନ୍ତି | ଆସିଲା ବେଳେ କୁହନ୍ତି, ଟେନସନ ନବନ ଯାହା ଅସୁବିଧା ହେଲେ କହିବ ମତେ | କେଶମନ୍ତ କୁ ସ୍କୁଲ ଛାଡିବ | ତା ମା ବିଗ୍ଭର କହିବ କଣ | ପାଠ ଶାଠ କଛି ଜାଣେନ | ଏଇମିତି କେତେ ଦିନ ଗ୍ଲ୍ଲିଗଲା | ଏବେ କେଶମନ୍ତ ମଧ୍ୟ ପ୍ରାୟ ସ୍କୁଲ ଆସେ |ଆ ଉ ଅନୁପସ୍ଥିତ ରହେ | ତାର ଚତୁର୍ଥ ରୁ ପଞ୍ଚମ ହେଲା | ଦିନେ ସାର ସକାଳୁ ସ୍କୁଲ ଆସୁ ଆସୁ ଗାଁ ରେ ଲୋକମାନେ ଗାଁ ଶ୍ମସାନ ରେ ରୁଣ୍ଡ ହୋଇଥିଲେ | ବୋଧେ କାହାର ଗୋଟେ ଶବ ଦାହ କାର୍ଯ୍ୟ ହେଉଥାଏ | ସାର ଟିକେ ରହି ମୁଣ୍ଡିଆ ଟେ ମାରି ଗ୍ଭଲିଆସିଲେ ସ୍କୁଲ କୁ | ସ୍କୁଲ କୁ ଅସି ହଠାତ ପଗ୍ଭରିଦେଲେ "କେଶମନ୍ତ କାଇଁ ରେ ପିଲେ?" କଏ ଜଣେ ରୁଦ୍ଧ ସ୍ୱରରେ ଉତର ଦେଲା,"ତାର ମା କାଲି ଆକ୍ସିଡେଣ୍ଟ ରେ ମରିଗଲା ସାର!!!!!!!"ଏହା ଶୁଣି ସାର ଚୌକିରେ ନଥ କନ ବସି ପଡିଲେ | ସଂଗେ ସଂଗେ ବାଇକ ଧରି ଗ୍ଭଲିଲେ କେଶମନ୍ତ ଘରକୁ । ସେଠି ଦେଖନ୍ତି ଲଣ୍ଡା ହୋଇ ବସିଛି ବିଚରା ମାବାପା ଛେଉଣ୍ଡ ପିଲାଟା | ତାକୁ ଯାଇ କୁଣ୍ଢେଇ ପକେଇଲେ | ପିଲାଟା କାନ୍ଦି ପକେଇଲା | ତା ଭାଇ ଭଉଣୀ ସମସ୍ତେ କାନ୍ଦୁଥାନ୍ତି | ଲୋକେ କଥାବାର୍ତା ହେଉଥାନ୍ତି ବିଚରା ର ବାପା ଗ୍ଭଲିଗଲା ଏବେ ମା ବି ଏମାନଙ୍କୁ ଛାଡି ଆରପାରିକୁ ଗ୍ଭଲିଗଲା | ଶୁଣିବାକୁ ମିଳୁଥିଲା ଗତ କାଲି ତା ମା ଯୋଉ ଟ୍ରାକଟର ରେ ମଜୁରୀ କରୁଥିଲା, ସେ ଟ୍ରାକଟର ଓଲଟି ଯିବାରୁ ସମସ୍ତେ ଆହତ ଓ ଜଣେ ମୃତ | ସେ ଜଣକ କେସମନ୍ତ ର ମା ବିଗ୍ଭରି | ଗ୍ଭରି ଛୁଆ ଏବେ କରିବେ କଣ | କେମିତି ରୋଜଗାର କରିବେ, କଣ ଖାଇବେ, କେମିତି ଚଳବେ । "ବୋଝ ଉପରେ ଲଳତା ବିଡା!|" ହଇରେ ଦଇବ ତୁ ଏକ କଲୁ | ବିଚରା ବାପା ଛେଉଣ୍ଡ ପିଲାଟାକୁ ପୁଣି ମା ଛେଉଣ୍ଡ ବି କରିଦେଲୁ | ଦୋଷ କାହାକୁ ଦେବେ ସାର କଛି ବୁଝି ପାରୁନଥାନ୍ତି | ସମୟ ଆଗରେ ସମସ୍ତେ ହାର ମାନନ୍ତି | ଏମିତି ୧୦/୧୫ ଦିନ ଗ୍ଭଲିଗଲା | ପୁଣି କେଶମନ୍ତ ଆସିଲା ସ୍କୁଲ | ମୁହଁ ରେ ତାର ନା ହସ ନା ଖୁସି | ସାର ତାକୁ ସବୁଦିନ ବୁଝାନ୍ତି କେବେ ପଢା ବନ୍ଦ କରିବୁନ | ଭଲ ରେ ପଢ଼ିବୁ | ମୁଁ ସାହାଯ୍ୟ କରିବି | ଯାହା ଯେତିକି ହେଇ ପାରୁଥାଏ ସାର ସାହାଯ୍ୟ କରୁଥାନ୍ତି | ବେଳେ ବେଳେ ଘରକୁ ଯାଇ କଛି ପଇସା ଦେଇ ଆସନ୍ତି ପୂର୍ବ ଭଳ | ବିଚରା କେଶମନ୍ତ କୁ ସାର କେବେ ହଳେ ଚପଲ, କେବେ ଖାତା, କେବେ କଣ ଦରକାର ହେଲେ ଆଣିଦିଅନ୍ତି | ସ୍କୁଲରୁ ତ ମାଗଣା ପୋଷାକ ବହି ଇତ୍ୟାଦି ପାଇଯାଏ | ସାର ଙ୍କର ସ୍ନେହ ଶ୍ରଦ୍ଧା ଯେମିତି ତାର ଦୁଃଖ

ଭୁଲାଇ ଦେଇଛି | "ଅରକ୍ଷିତାକୁ ଦଇବ ସାହା ଭଳି" ସାର ଙ୍କୁ ଦେଖିଲେ ସେ ସବୁ ଭୁଲି ଜାଏ | ସାର ମଧ୍ଯ ତାକୁ ନିଜ ପୁଅ ଭଳି ଭଲ ପାନ୍ତି |

ଦିନେ ହଠାତ ପ୍ରଧାନ ସାର ଗୋଟେ ଚଠି ଆଣି ଧରେଇ ଦେଲେ ସାର ଙ୍କୁ | ସାର ଚଠି ଖୋଲି ଦେଖନ୍ତି ତ ତାଙ୍କର ବଦଳ ହେଇ ଯାଇଛି ଅନ୍ୟତ୍ର |ଚଠିରେ ଲେଖା ଥିଲା ସଂଗେ ସଂଗେ ଯାଇ ଜଏନ କରିବା ପାଇଁ | ତାଙ୍କୁ ସବୁ ଅନ୍ଧାର ଦେଖାଗଲା | ସାର କରିବେ କଣ| ଶ୍ରେଣୀରେ ସମସ୍ତଙ୍କୁ କହିଲେ, "ପିଲେ ମୋର ବଦଳ ହେଇଛି, ମୁଁ ଯାଉଛି | କେବେ ସମୟ ମିଳଲେ ନିଶ୍ଚେ ଆସିବି | ଭଲ ପାଠ ପଢିବ | କେଶମନ୍ତ କୁ ସାହାଯ୍ୟ କରିବ | କେଶମନ୍ତ ପାଟିରୁ କଛି କଥା ବାହାରୁ ନଥାଏ | ସାର ଙ୍କୁ ଦେଖି କାନ୍ଦି ପକାଇଲା| ସାର ତାକୁ କୁଣ୍ଢେଇ ଧରିଲେ ଓ କଛି ପଇସା ତାକୁ ଦେଲେ, "ରଖିଥା ଦରକାର ରେ ଆସିବ। "ବିଚରା ନିରୀହ ଛୁଆ ଟା କଛି କହିପାରୁନଥାଏ | ବଲ ବଲ କରି ଚ୍ହାହିଁ ରହିଥାଏ ବଡ଼ ବଡ଼ ଆଖିରେ | ସାର ସବୁ ବୁଝିପାରୁଥାନ୍ତି ତା ଆଖି ଦୁଇଟି ଯେମିତି କହୁଛି "ସାର ମତେ ଛାଡି ଯାନ୍ତୁନି |" ସାର ଆଉ କଛି କହି ପାରିଲେନି | ସାର ପ୍ରଧାନ ସାର ଙ୍କୁ ନମସ୍କାର କରି ରୁଦ୍ଧ ସ୍ଵର ରେ କହିଲେ, "କେଶମନ୍ତ ଆପଣଂକୁ ଲାଗିଲା ପ୍ଲିଜ଼ ଦେଖିବେ" ଏତିକ କହି ସାର କେଶମନ୍ତ କୁ ଛାଡି ଚାଲିଗଲେ | କେଶମନ୍ତ ସେମିତି ଅବାକ ହୋଇ ଚାହିଁ ରହିଥାଏ ସାର ଙ୍କ ଯିବା ବାଟକୁ |" ସତରେ ଭଗବାନ କେତେ ନିଷ୍ଠୁର!!!!!!!!!!!!!!!! ଭାଗ୍ୟ ସମୁଖରେ କଏ କାହାର ନୁହେଁ|"

ଶିକ୍ଷକ, କେସିଙ୍ଗା, କଳାହାଣ୍ଡି

# ମୃତ୍ୟୁ



ସୌମ୍ୟ ରଞ୍ଜନ ଜେନା(ସତ୍ୟ)

ଏ ମଣିଷ ଭଲ କରି ଜାଣେ

ମୃତ୍ୟୁ ଏକ ଚରନ୍ତନ ସତ୍ୟ

ଜନ୍ମ ହେଲେ ମୃତ୍ୟୁ ଅଛି

ତଥାପି ତା ପାଇଁ ପୁଣି ଶୋକ

ମୃତ୍ୟୁ ର ଦାରୁଣ ସ୍ପର୍ଶ

ସମସ୍ତଙ୍କୁ କରେ ବ୍ୟତିବ୍ରସ୍ତ

ବୁଝେନାହିଁ ଭଲ ମନ୍ଦ

ରଖେ ନାହିଁ ଅନୁରୋଧ କାହାର

ଲୁଟି ନଏ ସବୁ କଛି

ଖୁସି, ଦୁଃଖ, ଲୁହ, ସ୍ମୃତି

ବିଗତ ଦିନର.....

# ରୂପଜୀବି



ସନ୍ତୋଷ କୁମାର ନାୟକ

ଦେହର ଭୋକ
ନା ପେଟର ଭୋକ,
କିଏ ମୋତେ
ରୂପଜୀବି ବନେଇଲା
ମୁଁ ଜାଣେନା ।
ମୋ ମଥାରେ ସିନ୍ଦୁର
ଆଉ ହାତରେ ଶଂଖା,
କାହା ପାଇଁ ଶୋଭାପାଏ
ମୁଁ ଜାଣେନା ।
ଭଦ୍ରତା ଅଭଦ୍ରତା,
ସଭ୍ୟତା ଅସଭ୍ୟତା,
ଏ ସବୁ ଶବ୍ଦର ଅର୍ଥ
ମୁଁ ଜାଣେନା ।
ଶୃଙ୍ଖଳା ଠାରୁ ଶୃଙ୍ଗାରକୁ
ଜୀବନ ଠାରୁ ଯୌବନକୁ
ଅଧିକ ଗୁରୁତ୍ୱ ଦେଉଥିବା
ନାରୀଟିଏ ମୁଁ ;
ହେଲେ ଏ ସବୁର ସ୍ଥାୟୀତ୍ୱ କେତେ
ସେ କଥା ବି
ମୁଁ ଜାଣେନା।
ମୁଁ ଖାଲି ଏତିକ ଜାଣେ
ଗାନ୍ଧୀମୁଣ୍ଡ ଥିବା
କେତୋଟି କାଗଜ ନୋଟ୍
ମୋର ଅଧିକାର ।
ଏଇ ନୋଟ୍ ନେଇ
ମୁଁ ଗଢିବାକୁ ଚେଷ୍ଟାକରେ
ମୋ ପିଲାର ଭବିଷ୍ୟତ,
ଯାହାର ପିତୃ ପରିଚୟ
ମୁଁ ଜାଣେନା ।
ମୁଁ ଜାଣେନା ।

ବ୍ରାହ୍ମଣ ସାହି, ବିଷମକଟକ, ରାୟଗଡା

# ମୋ ପ୍ରିୟା



ଅରୂପ ଗିରି

ମତଲବୀ ଦୁନଆଁରେ ଖୋଲ୍ ହୃଦୟର ମଣିଷ ଟିଏ,
ମୋ ପ୍ରିୟା ଏମିତି ଏକ ଝିଅ ଟିଏ।
ଅଶାନ୍ତ ମନକୁ ଶାନ୍ତ କରିବାର ମାଧ୍ୟମ ସିଏ,
ମୋ ପ୍ରିୟା ଏମିତି ଏକ ଝିଅ ଟିଏ।
ସାର୍ ପରିବାରକୁ ପ୍ରେମରେ ବାନ୍ଧିବାର ମାଧ୍ୟମଟିଏ,
ମୋ ପ୍ରିୟା ଏମିତି ଏକ ଝିଅ ଟିଏ।
ବାଧା ବିଘ୍ନକୁ ହସି ହସି ସାମ୍ନା କରିବାର ସାହାସ ରଖେ ଯିଏ,
ମୋ ପ୍ରିୟା ଏମିତି ଏକ ଝିଅ ଟିଏ।
ମହମ ପରି ଜଳ ଅନ୍ୟକୁ ଆଲୋକ ଦେଖାଉଥିବା ଉତ୍ସ ସିଏ,
ମୋ ପ୍ରିୟା ଏମିତି ଏକ ଝିଅ ଟିଏ।
ଟାଇମପାସ୍ ଦୁନଆଁରେ ପ୍ରେମର ଅର୍ଥ ବୁଝିଥିବା ସରଳ ମନଟି ସିଏ,
ମୋ ପ୍ରିୟା ଏମିତି ଏକ ଝିଅ ଟିଏ।

ଶୈଳେନ୍ଦ୍ର ପଲ୍ଲୀ, ଭଦ୍ରକ

# ଉପହାର



ଦୁଷ୍ମନ୍ତ ବେହେରା

ଗ୍ରାମ-ଧାମପୁର, ମା-ଝୁମରି ମାଝୀ, ପୁଅ-ପୁଚୁ, ଝିଅ-ଇତି, ଶବର-ସଦାରଣ ବାଘ
ଶବରୁଣୀ-ଝରଣା ବାଘ, ଧନୀ ଲୋକ ଗ୍ରାମ-ରାଧୀଆପୁର, ନାଁ-ସୁବ୍ରମଣି ବେଜ, ହଳଆ ନାଁ-ରାମୁ, ନାଁ-ରତନ

ଧାମପୁର ଗ୍ରାମ ରେ ତିନି ଶହରୁ ଚାରିଶହ ପରିବାର ବାସ କରନ୍ତି। ଧାମପୁର ଗାଁ ରେ ଝୁମୁରୀ ମାଝୀ ପରିବାର ହସ ଖୁସି ରେ ଜୀବନ ବିତୁଥିଲା। କିଛି ଦିନ ଗଲାପରେ ଝୁମୁରୀ ମାଝୀ ର ସ୍ୱାମୀ ରୋଗ ରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କଲେ।

ଧାମପୁର ଗାଁ ରେ ଝୁମୁରୀ ମାଝୀ ପରିବାର ଚଳବ କେମିତି ଚିନ୍ତା ରେ ପଡିଗଲେ। ତାଙ୍କ ପରିବାର କହିଲେ ପୁଅ ପୁଚୁ କୁ ୧୧ବର୍ଷ ଝିଅ ଇତି କୁ ୧୪ ବର୍ଷ ଏ ଦୁହିଁଙ୍କର ଭରଣ ପୋଷଣ କିପରି କରିବେ ମା ଚିନ୍ତାକଲେ। ଏଣେ ଚଳବା ପାଇଁ ଗାଁ ରେ ଧନୀଲୋକ ମାନଙ୍କର ବାସନ କୁସନ ମାଜି ଟଙ୍କେ ତୋରାଣି ଦେଲେ ପରିବାର ର ଭୋକ ଶୋଷମେଣ୍ଟି ଯାଉଥିଲା। ଏମିତି ପରିସ୍ଥିତି ଆସିଲା ଚାହୁଁ ଚାହୁଁ ଝୁମୁରୀ ମାଝୀ ର ଦେହ ଖରାପ ହୋଇଗଲା ଝୁମୁରୀ ମାଝୀ ଜ୍ୱର ରେ ପଡି ମୃତ୍ୟୁ ହୋଇଗଲା।

ଧାମପୁର ଗାଁ ରେ ପୁଚ, ଇତି ଭାଇ ଭଉଣୀ କେମିତି ଚଳବେ ବୋଲି ଚିନ୍ତାକଲେ ଜଙ୍ଗଲ ରୁ କିଛି ସଂଗ୍ରହ କରି ବିକ୍ରିକରିବେ ବୋଲି ସ୍ଥିର କଲେ । ଭାଇ ଭଉଣୀ ଜଙ୍ଗଲ ରୁ ଫଳ ମୂଳ, ଲାଖ ଝୁଣା, ଗଛର ପତ୍ର, ମହୁ ସଂଗ୍ରହ କରି ବିକ୍ରିକରିବେ ସ୍ଥିର କଲେ। କାଳ ବିଳମ୍ବ ନ କରି ଦୁହେଁ ଜଙ୍ଗଲ କୁ ବାହାରିଲେ ଏବଂ ଯାଉ ଯାଉ ଜଙ୍ଗଲ ମଧ୍ୟ ରେ ଆମ୍ବ ଗଛଟିଏ ଆଖି ରେ ପଡିଲା। ଗଛରେ ଆମ୍ବ ପାଚିକରି ହଳଦିଆ ହୋଇଛି।

କାଳ ବିଳମ୍ବ ନକରି ଗଛରୁ ଆମ୍ବକୁ ପାରିଲେ ଏବଂ ହାଟକୁ ଆମ୍ବକୁ ନେଲେ। ଆମ୍ବ ସବୁ ଫାଟି ଯାଇଥିବାରୁ କେହି କିଣିଲେ ନାହିଁ । ଘରକୁ ପୁଚୁ ଇତି ମନଦୁଃଖ ରେ ଫେରିଲେ ପେଟର ଭୋକ ମନର ଦୁଃଖ ବ୍ୟସ୍ତ କରୁଥିଲା।

ଇତି ଚନ୍ତାକଲା ପୁଚୁ ତୁ ଗଛରେ ଚଢିବୁ ମୁଁ ଗଛ ତଳେ ଶୋଇପଡିବି ମୋହରି ପିଠି ରେ ଆମ୍ବ ସବୁ ପକେଇବୁ ଆମ୍ବ ଆଉ ଫାଟିବନ। ଜଙ୍ଗଲ ରେ ଶବର ସଦାରଣ ବାଘ ଦେଖୁଥିଲା ଝିଅଟି କୁ କଷ୍ଟ ହେଉଛି। ଆଖି ର ଲୁହ ପେଟର ଭୋକ ପାଇଁ ଏସବୁ କରିବାକୁ ବାଧ କରିଦେଉଥିଲା। ପୁଚୁ ଇତି ହାଟକୁ ଆମ୍ବ ନେଲେ ପାଚଲା ଆମ୍ବ ଗୁଡିକ ସବୁ ବିକ୍ରି ହୋଇଗଲା ଦୁହେଁ ଖାଇବା କଣିକ ଖାଇଲେ।

ଧାମପୁର ଗାଁ କୁ ରାଧିଆପୁରର ସୁବ୍ରମଣି ବେଜ ଓ ତାଙ୍କ ହଳଆ ରାମୁ, ରତନ ବୁଲିବାକୁ ଆସିଥିଲେ। ବୁଲୁ ବୁଲୁ ଦେଖିଲେ ଇତି ପୁଚୁ ଙ୍କ ଉପରେ ଆଖି ପଡିଲା ଇତି ଅତ୍ୟ ସୁନ୍ଦରୀ ଥିଲା ସେଇ ଝିଅଟିକୁ ବାହା ହେବାପାଇଁ ସ୍ଥିର କଲେ। ବହାଘର ମଧ ହୋଇଗଲା।

ଶବର ସଦାରଣ ବାଘ ସବୁ ଦେଖୁଥିଲେ। ସୁବ୍ରମଣି ସ୍ଥିର କଲେ ତାଙ୍କ ସ୍ତ୍ରୀ କୁ ଗୋଟିଏ ଉପହାର ଦେବେ ବୋଲି ଗୋଲାପ ଫୁଲ। ସୁବ୍ରମଣି ତାଙ୍କ ସ୍ତ୍ରୀ କୁ ଉପହାର ଦେଲେ। ସ୍ତ୍ରୀ ଗୋଲାପ ଉପହାର ଟି କୁ ଧରୁ ଧରୁ କହିଲେ ଆଃ ଆଃ କେଡେ କଷ୍ଟ କଣ୍ଟା ଗେଞ୍ଜି ହୋଇଯାଉଛି।

ଦିନେ ଯିଏ ଆମ୍ବ ପିଠି ରେ ପଡି ଵ କଷ୍ଟ ସହିଯାଉଥିଲା। ଆଜି ସିଏ ଗୋଲାପ ଫୁଲ ର ଉପହାର ଟିକୁ ଧରି କଣ୍ଟା ଗେଞ୍ଜି ହୋଇ କଷ୍ଟ ଲାଗୁଛି। ଶବର ସଦାରଣ ଏ ସବୁ ଦେଖୁଥିଲେ। ଶବର ସଦାରଣ ତାଙ୍କ ସ୍ତ୍ରୀ ଝରଣା ବାଘ କୁ ଉପହାର ଦେବେ ବୋଲି ସ୍ଥିର କଲେ। ଗୋଲାପ ଫୁଲ ଟିଏ ଧରି ସ୍ତ୍ରୀ କୁ ଉପହାର ଦେଲେ ।ସ୍ତ୍ରୀ କହିଲେ ଆଜି ତୁମର ଏ କଣ ହୋଇଛି। ଜୀବ ଜନ୍ତୁ ର ମାଂସ ଆଣିକ ଦଉଥିଲ। ଆମେ ତ ବଣ ଜଙ୍ଗଲ ର ଲୋକ ଆମର ଗୋଲାପ ଫୁଲ ର ଉପହାର କଣ ହବ ଯେ। ଶବର ସଦାରଣ ବାଘ ଚନ୍ତା କଲେ ଯେ ଅତି ଗରିବ ଲୋକ ଯଦି ଧନୀହୁଏ ଉପହାର ଚହ୍ନିପାରେନ।

ଗରିବ ଲୋକ ଧନୀ ହୋଇଗଲେ ଗର୍ବ ବଢିଯାଏ। ଉପହାର ଚହ୍ନି ପାରେନ।।

ରାସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# ଖର୍‌ ଆଉଛେ



ଫିରୋଜ କୁମାର ପଟେଲ

ଫଗୁନେ ମହମହ ଧରତୀ ର
କେନ୍ ଗୁଟେ ଫୁଲର ସହରେ
ଦୁତୀୟ ଇଶ୍ଵର ମାନେ
ତିହାରେ ମାତାଲ ଥିଲ୍ ବେଲେ
କେନ୍ ଉରଙ୍ଗିଲ୍ ଝାଉ
ତାଙ୍କର କବିତା ଡାଏରୀ ଭିତର କେ
ଅଗ୍ନକ ଢୁକ ଆସିଛେ ।

ବର୍ଷେ ନୁ ଅଥକ ହଇ
ଜ୍ୱଲୁ ଥିଲ୍ ସୂର୍ଯ୍ୟ
ଆଜି ଅଗ୍ନକ;
ଧରତୀ ର ପାଏନ ପିଇ କେ
ମହାକାଶ ନୁ ଉଡିରି ଆଇଛେ ।

ସୁଖା ନଦୀର ତରେ
ଲ୍‌ଲେଲ୍‌ଲ ଫଲସ ଫୁଲ
ହୁଲି ଲ୍‌ଗି ହୁଲ୍ ଜାରି କଲ୍ ବେଲକେ
ଡଙ୍ଗର ଉପରର ସେ ଝରନା ର
ବୀଣା ର ତାର ସବୁ
ଆଜି ନ କେନ୍ତା ଯେ ଛିଡି ପଡିଛେ ।

ମାଏଟ ସଙ୍ଗେ ମାଏଟ ହଇ
ମୁରହି ଆମଚୁର ଟିକେ ନ
ତୁନପଡୁ ଥିବାର ଗୁଡି
ଆଜି ମହାଜନ କେ
ତୁରେନ କଂସେ ଲ୍‌ଗି କହି ପକଉଛେ ।

ଆଲ୍‌ର ଝାର ଜଙ୍ଗଲ ନଏଦ କଁଟା
ଚୁପଗୁପ ଗାଁ ଖୁଇଲ
ଶୁନଶାନ ରଜ ରସ୍ତା ଆରୁ
ଉଜଡ଼ା ଫଗୁନ କହୁଛେ
ଇଟା...
ଖର୍ ଆଉଛେ ..ଖର୍ ଆଉଛେ ।

ଅଧ୍ୟାପକ, ପ୍ରୟାସ ଡିଗ୍ରୀ କଲେଜ,
ସୁନ୍ଦରଗଡ଼, ଅବନକେଲ୍,
ସୁନ୍ଦରଗଡ, ଓଡିଶା

# କେଭେଁ ଫେର



ପୁସ୍ତମ୍ ଯୁଆଡି

ହେଦେ ହେଦେ ଗୁରହି କୁତି ତମର ଚେହେର୍
ଦୁନଆଁର ସମକର ଆଖି
ତମକେ ଦେଖସି,
କେଭେଁ ଜନ୍ ର୍ଏଜେ ତ
କେଭେଁ ତମାଲବନେ
ଲୁକ୍ ଲୁକାନ ଖେଲୁଥିସ ।

ଅକସା ପେଟେ ଭେ୍କ ମାରି
ଶୀତର୍ତି ତମକେ ଖୋବ୍ କୁଦାସୀ
କେଭେଁ କଆଫୁଲ ସଙ୍ଗେ ମକର ବସ୍'ସ
ତ, କେଭେଁ ଫେର୍,
ଜନଫୁଲ ସଙ୍ଗେ ଖୁଜେଇହେସ ।
ବନ୍ଦନା ଥାଳରେ ଘି ସଏଲତା ଲିଭିଗଲେ
ସମୁଦର୍ ନେ ଉତାଲ ଲହଡା ଭ୍ଙଲେଁ
ତମର୍ ମୁହୁ ଦକ୍ କର୍'ସି ।

କେଭେଁ ଯୁଗିର ତପସ୍ୟାଥି
ତମେ ଉସୁଙ୍ଗ ତୁରୁଙ୍ଗ୍
କେଭେଁ ଫେର୍,
ଜନକ୍ ର୍ତିର୍ ତର୍ଫୁଲ ।

ଭୁତିବାହାଲ, ଗାଇସିଲ୍ଟ, ବରଗଡ଼

# ଜଗଡା କେଚର୍



ଶ୍ରୀ ସହଦେବ ଧରୁଆ

ବୁଜୁଲ୍‌ଟେ ବନେଇ ଛଁଚଥିଲି
ଦେଖଲ୍ ସପନ୍ ସବୁକେ
ଉସାର୍ ପିସାର୍ କରି
ଗୁରମୁଟେଇ ବାଁଧି ପକାମି ବଲି ।
ଗଖେଟେ ଆସ୍ ଭରସା କରି
ଗରବ୍ କରୁଥିଲି କେତେ
ଗୁରବୁ ପାଠ୍ ପଢିଛେ ବଲି
ନକରି ଚାକରି ପିଛା କରି କରି
କେତେ ଜେ ଲିଖିତ୍ ପରଖାପାତି
ଦେଇଛେଁ ହିସାବ୍ ନେଇଁ.... ।
ଜଦରଭି ପାସ୍ କରିଛେଁ...
ଭିନ୍ ଭିନ୍ ବାହାନାରେ ଡକାଲେ..
ଲୁକଲୁକାନ ଖେଲଲେ....
ମୁଲ୍‌ଲେ ଚୁଲ୍‌ଲେ..ମାଗଲେ....
ଗେଛା ଗେଛା..କେର୍ କେର୍
"ପଏସା ଫିକ ଜାତର୍ ଦେଖ"
ନହିତ କବାଟ୍ ଖୁଲ୍ ଜ ବାହାରି ।
ହେଲେ, ଆଏଜ୍ ଦେଖ ତ
ହେ ଦରପଢା ପାଠଚୋର୍ କେ

କଏ କହୁଥିଲ୍..ଗାଲି ଦଉଥିଲ୍
ମେଲ୍‌ଖଉ...ଅଲସିଆ..ଅକରମିଆ
ବଲି କେତନ କେତେ ।
ନେତାର୍ ବୁଚକା ବୁହି ବୁହି
ତେଲେଇ...ପାଲେ ପକେଇ
ଚାମଚାଗିରି ନୁ କୁଜିନେତା ...
କୁଜିନେତାନୁ ନେତା ହେଇ
ଆର୍‌ମେ ଗୋଡ୍ ଲମେଇ
କୁରଚ ଉପରେଁ ବସିଛେ.... ।
ମୁହାଗିଆଁନ କେ ଗିଆଁନ ପଁଣିତ୍ ବଲି....
ତାର୍ ହାତେଁ ଧରେଇ ଦେଇଛନ୍
ବିଦୁଆ ଭଁଣାରର୍ ଚାବିକାଠି
ଦେଖଭାଲ୍ କରୁଛେ.... ଆର୍
ପାଠସାଠ୍ ପଢୁଆ ବିଦୁଆନ୍...
ଦେଶର୍ ବୁଝା... ଖତ୍‌ଗଡା
ଅଦରବା ଜଗଡା କେଚର୍
ଅଦରବା ଜଗଡା କେଚର୍ ।

ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର

# କଷା ଖୁରୀ ଲାଗି ଦାଦନ ଖଟି



ଅଜିତ କୁମାର ଭୋଇ

ପହେଲା ବର୍ଷାର ମାଟିର ବାସ୍ନା
ଗ୍ୱରି ଦିଗେ ଜାଇସୀ ମହକ
ଗ୍ୱଷିର ମନ ଡହକ ବିକଳ
ହେଉ ଥୃସି କେତେ ଗହକ !

ହଲେକର ଜମି ଥି ଗ୍ୱର ପୁଟି ଧାନ
ଗ୍ୱର ମାଇଁ ପିଲାକେ ଢୁକେକ୍  ପାନ
ଦାଦି ବଡୁର୍ ଅର୍ଜିଲା ସମ୍ପତ୍ତି
କେନ୍ତା ହେଲେ ପରିଆ ଛାଡି ଦେତି

ଗୋଟେ ବୋଲି ବି.ଏ ପଢ଼ିଛେ ଗାଁନେ
ଅଛେ ମୁଇ ଭାଉନେ
ଲୋକର ଘରକେ ଭୂତି କେନ୍ତା ଯାଇତି....
ବୁଆ କହେଲା,
ଆନ୍ ରେ ପିଲା ତୋର ମା' ର କଷା ଖୁରୀ
ବିହନ ଆନମି ବନ୍ଧା କରି.....
ଦେଖବୁ ବେଟା କାର୍ତ୍ତିକ ମାସେ
ମୁକ୍_ଲେଇ କରି ତା'ର ସାଙ୍ଗେ
ଘିନ ଦେମି ସୁନା ଗୋଟେ ଭରି.....॥

ମା ଶରଦା କେତେନ କେତେ
ଗ୍ୱଷ ହେବା ବୋଲି ଆମର କ୍ଷେତେ
ତା'ର ମା ବୁଆର ଗୋଟେ ଚଂହା
କଷା  ଖୁରୀ କଷା ଗିନା,
ମା ଆନ ଦେଲା ଝଟ୍ କରି... ॥

ଧାନ ବାହାର୍_ଲା ଛୁଗ୍ୱ ପୋଲ
ଖତ୍ ବାଲା ନେଲା ସବୁ ମୂଳ
ନଜର ଅଟ ଖାଲି, ମାନେକ୍ ଧାନ କେ
ବର୍ଷେକର ଅଡିଆ,
ବୁଆ କାନ୍ଧୁଛେ କେନ୍ତା ଚଲମୁ ବୋଲି...
କେନ୍ତା ଚଲମୁ ବୋଲି...॥

ମୁକଲେଇ ଦେମୀ
ଚନ୍ତା ନାଇଁ କର ତୁଇ
ତୋର ପିଲା ପରେ ମୁଇ
ଧାର ମାଗି ଦେଲା ଗ୍ୱରଶ ଟଙ୍କା
ଆସିଥିଲି ମୁଇ ଟିକେଟ୍ କାଟି
ବିଦେଶ କେ ଦାଦନ ଖଟି...
ବିଦେଶ କେ ଦାଦନ ଖଟି....॥

ଶିକ୍ଷକ, କୁଳଆପଡା, କଳାହାଣ୍ଡି

# ଭଲ୍ ପାଏବାର୍ ଶିଖ୍



ମନୋରଞ୍ଜନ ସୁରୁଜାଲ

ଜାକେ ମନ୍ ରସେ ମଲିଫୁଲ୍ ବାସେ
ପେଟପୁର୍ ମହନ ଉବର୍ ଦିଶେ
ଦେଖାଗୃହାଁ କଲେ କଲ୍
ହେଲେ ବି ପୁହୁରି ଗୁହୁରି ଡୁବଲି
ମନ୍ ତନ୍ ନରମଲ୍ ।
କଇଁ କାଦୁଁ ଫୁଟି ଜନ୍ ଦେଖିଏ ଭେଲ୍କି
ପିରତି ତର୍ ପନ ପଡସି ଛଲ୍କି
ଅମୁହଁ କୁଆଁନୁ ଝରେ
ମୁହୁଁ ଦେଖି ସଜନ ହଲଦି ମୁହିଁ
ଆଁଖିପତା ନାଇଁ ପାରେ ।
ଧୁରେଁଧୁରେଁ ହେଲେଁ ଭ୍ଵବ୍ ଜୁଗ୍‌ଜୁରି
କଇଁ ସୁରୁଜ୍ ମୁଖି ଭକ୍ତି ଭରି
ପର୍ଭୁ ପାଦେ ସମର୍ପନ୍
ନୁହେ ଦିହି ଛିଆଁ ଅଛଆଁ ସେ ଛିଆଁ
ସଁପି ଦେଇ ଯଉବନ୍ ।

ଅନସରି ଉପର୍ ଏକସ୍ କଁଟି
ପିରତି ସନ୍ଦନ କେ ହୁରଦେଁ ବାଟି
ଘର୍ କରେ ବାହାଁ ମେଲି
ସହିନନ୍ଦା ଗୁନ୍ଦା ବଏଁଶି ବାଜଲେ
ରାଧା ନାଚେ ଝୁଲିଝୁଲି ।
ଦୁନଆଁର୍ କଥା ନାଇଁ ପଡେ ସୋର୍
ଘର୍ ବୁହି ନେଉ ଉଜରେଇ ଜୋର୍
ପାଦ୍ ତଲେ ମନ୍ ଯୁଖି
ଭ୍ଵବର୍ ଧନ୍ କେ ଭ୍ଵବେ ଧର୍ କସି
ହ କଇଁ ସୁରୁଜ୍ ମୁଖି ।
ଭଲ୍ ପାଇବାର୍ ଶିଖି ।

ଅଇଁଲ୍‌ପାଲି, ଧମା, ସମ୍ବଲପୁର

# ଧେନ୍ ରେ ମୋବାଇଲ୍ ଦେଖା

ନରେଶ ତ୍ରୀପାଠି

ଆଗୋ ବଲୁଥିଲେ ହାତେ ମହାଲକମି
ହାତେ ସରସତୀ ହରି,
ସକାଲ୍ ପୁଆକେ ହାତ୍ ଦେଖ ବଲି
କହୁଥିଲେ ମେନ୍ କରି ।
ଇହାଦେ ନାଇଁନ ଆଗୋର୍ ପାଠ୍
ବଦଲିଗଲା ସେ ଲେଖା,
ଧେନ୍ ରେ ମୋବାଇଲ୍ ଦେଖା ।୧ ।
କଏ ବସିଅଛେ କଲବଘରେ
ବନ୍ଧପେଟେଁ ଲୁକନଆଁ,
ଗାଡିମଟରେଁ ପକାଉପରେଁ
ଶହଶହ ଦେଖନଆଁ ।
ଭୋକ୍ ନାଇନ ଶୋଷ୍ ନାଇଁନ
ସୁଛା ମାହାଲିଆ ଜଖା,
ଧଏନ୍ ରେ ମୋବାଇଲ୍ ଦେଖା ।୨ ।
ଭାବ୍ ଲାଗି ବଲି କଥାବାରତା
ମେସେଜ୍ ପଠା, ଗ୍ରୀଟିଙ୍ଗ୍
ଛନେନାଇଁ ଲାଗେ କୋସକୋସ୍ ଧୁର୍
ଦେଖତ କେନ୍ତା ସେଟିଙ୍ଗ୍ ।
ସଭେ ଧରିଅଛନ୍ ମୋବାଇଲ୍ ହେଲେଁ
ନାଇଁନ ଭାବର୍ ସଖା
ଧଏନ୍ ରେ ମୋବାଇଲ୍ ଦେଖା ।୩ ।
ଆଗୋ ଖେଲୁଥିଲ ବାଟି, କେଲି, ଘାଗୁ,
ଗୁଡୁ, ଛୁର୍, କବାଡି ଖେଲ୍,
କ୍ରିକେଟ୍ ଫୁଟବଲ୍ ପାଶ୍ରି ବସଲେ
ଆସିଛେ ପବଜି ର ବେଲ୍ ।
କେନକନେ ବସି ମୋବାଇଲଥି ପଶି
ଉସେ ପହଁରୁଅଛନ୍ ପକା
ଧଏନ୍ ରେ ମୋବାଇଲ୍ ଦେଖା ।
ହଜିଗଲା ସବୁ କେଲେଣ୍ଡର୍ ଘଡି
ହଜିଯିବା ଟିଭି ଟେପ୍,
ଉଭିଯିବା ସବୁ ପୁରାନ୍ ପୁଥିହୋ
ମୋବାଇଲଥି ସବୁ ସେବ୍ ।
ଖାଏଲେ ପିଲେ ଶୁଇଲେ ବସଲେ
ମୋବାଇଲ୍ ପାଶେ ହେସି ରଖା
ଧଏନରେ ମୋବାଇଲ୍ ଦେଖା ॥

# ଭ୍‌ଗ୍ୟ

ଅନଲ ସାହୁ

ଭ୍‌ଗେ କହେସନ୍ ଭ୍‌ଗ୍ୟେ ଥିଲେ ଭ୍‌ଗି କରି ସବୁ ଆସେ
ଭ୍‌ଗ୍ୟେ ଯଦରି ନାଇଁ ଥିଲେ ପରେ ଭ୍‌ଗେ ଖାସି କରି ପାସେ
କାହାକେ କହେବୁ କହ
ଭ୍‌ଗ୍ୟର କଥା କହୁଥିଲା୍ ଲୋ୍‌କ୍ ଦୁଃଖେ ରହେ ଯହ ଯହ

ଭ୍‌ଗ୍ୟେ ଥିଲେ କାମ୍ ଟା ହେବା ନାଇଁ ଥିଲେ ହୁଏ ନାଇଁ
ଭ୍‌ଗ୍ୟ କେ ଦୋଷ୍ ଲଦୁଥିଲା୍ ଲୋ୍‌କ୍ ସୁଖେ ନାଇଁ ରହେ କାହିଁ
କର ମେହେନତ ପୁତା
କଛି ନାଇଁ ମିଲେ ନାଇଁ କଲେ ତୁଇ ଜୁଗି କରି କାମ୍ ବୁତା

ଭ୍‌ଗ୍ୟେ କେ ନନ୍ଦିଗ୍ରୁହା ବିକଥିଲେ କଏ ଚହ୍ନିଥିତା ଭେଇ
ଏଡକ ଦେଶର୍ ପ୍ରଧାନ ମନ୍ତ୍ରୀ ପାରିଥିତେ କାଏଁ ହେଇ
ଭ୍‌ଗ୍ୟର୍ କାଏଁ ଦୋଷ
ସମିଆ ଜାନ ସଜାଗ୍ ହେଲେ ମେଟବା ରେ ଭେ୍‌କ୍ ଶୋଷ୍

ଭ୍‌ଗ୍ୟ କେ ଜୁଗି ପାରିଥିତେ କାଏଁ ଗଢି ର୍‌ମ ର୍‌ମସେତୁ
କାମ୍ ନାଇଁ କରି ଛୁଛେ ବଦନାମ୍ ହଉଛନ୍ ର୍‌ହୁ କେତୁ
କରମ୍ ଟା ଏକା ବଡ
ଶୋଷ୍ କଲ୍‌ବେଲେ ଉଷେ ପହଁରିଲେ ହେବା ଭ୍‌ଇ ଗଡବଡ

ଭ୍‌ଗ୍ୟର୍ ବଲେ କଛି ନ  ହେବାର ସବୁ କରମର୍ ଫଲ୍
କରମ୍ କେ ତୁଇ କଲେ ଭଗବାନ୍ ସବୁ ହେବା ଦିନେ ଭଲ୍
କରମ୍ ଟା ପାଉ ପୂଜା
ଭ୍‌ଗ୍ୟ କେ ଦେଖି ଥାଲି ଦେଖାଲେ ଖାଉଥିବୁ ଲିଆ ଭୁଜା

ଗର୍ଭଣା, ସୋହେଲା, ବରଗଡ

# ହାତ ପାହାନ୍ତାରେ ପ୍ରାକୃତିକ ପାଚନ - ପୁଦିନା



ଡ଼ି ଶୁଭମ୍

ପ୍ରସ୍ତୁତି ଓ ଉପସ୍ଥାପନା –ଡ଼ି ଶୁଭମ୍

ସାମାଜିକ ଜୀବନର ବ୍ୟସ୍ତତା ଭିତରେ ଏବେ ଟିକଏ ଖାଲି ସମୟ ପାଇବା ସତରେ କଷ୍ଟ । ବ୍ୟସ୍ତ ବହୁଳ ଜୀବନ ଭିତରେ ନିଜକୁ ଦୁର୍ବିସହ ଲାଗିବା ସ୍ୱାଭାବିକ । ସମୟ ଆସି ଏପରି ସ୍ଥଳରେ ଉପନୀତ ଆଜି କୌଣସି ବ୍ୟକ୍ତି ବି ଗ୍ରୃଷ ଜମିକୁ ଯାଇ ଫସଲ ଲଗାଇବାକୁ ମନ ବଳେଇବାର ପ୍ରଶ୍ନ ଉଠୁନି । କାଦୁଅ ବିଲରେ ଗୋଡ଼ ପଶେଇବାକୁ କିଏ ବା ଚାହିଁବ !! ସମ୍ପ୍ରତି ପାକଶାଳା ବଗିଚ୍ଚ, ରୁଫଟପ ଗାର୍ଡେନିଂ ପରି ନୂତନପ୍ରଣାଳୀ ସହରାଂଚଳ ମାନଙ୍କରେ ବେଶ ଲୋକପ୍ରିୟ ହେବା ସହ ଏହାକୁ ଆପଣେଇବାକୁ ସଭିଏଁ ବ୍ୟଗ୍ର ହୋଇଛନ୍ତି। ନିଜ କର୍ମମୟ ସମୟ ଭିତରୁ ମନକୁ ହାଲୁକା କରିବା ପାଇଁ ସମସ୍ତେ କିଛି ନୂତନ ପନ୍ଥା ଖୋଜୁଛନ୍ତି । ସେମିତି ଏକ ପ୍ରକୃଷ୍ଟ ଉପାୟ ପୁଦିନା ଗ୍ରୃଷ । ଘର ଭିତରେ ପାତ୍ର ମଧ୍ୟରେ ପୁଦିନା ଲଗାଇବା ସହ ଏହାର ବାସ୍ନା ମନକୁ ଆମୋଦ ପ୍ରଦାନ କରିଥାଏ । ଦେଖିବାକୁ ଭଲ ଲାଗିବା ସହ ଏକ ଅଫୁରନ୍ତ ଆନନ୍ଦ ସହ ମନ ବି ପ୍ରଫୁଲ୍ଲ ରହିଥାଏ । ପୁଦିନା ଯେ ଆମ ପାଇଁ କେତେ ଉପକାରୀ ଏହାକୁ ଅସ୍ୱୀକାର କରାଯାଇନପାରେ । ଏହି ପରୀପ୍ରେକ୍ଷୀରେ ଏବେ ପୁଦିନା ଏବେ ଆମ ହାତପାହାନ୍ତାରେ । ପ୍ରାକୃତିକ ପାଚନ ଭାବେ ଏହାର ନାଁ ବି ଘରେ ଘରେ ପରିଚିତ । ଖୁବ ସହଜରେ ଏହାକୁ ଏବେ ମହିଳା ମାନେ ନିଜ ଘରେ ପ୍ରସ୍ତୁତ କରୁଛନ୍ତି ।



## କଣ ପାଇଁ ପୁଦିନା -

ଏହା ଆମ ଶରୀର ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ । ଏହାକୁ ଗ୍ରହଣ କଲେ ଶରୀରରେ କୌଣସି କ୍ଷତିକାରକ ପ୍ରଭାବ ପଡ଼ିନଥାଏ । ଦେହର ରୋଗ ପ୍ରତିରୋଧକ କ୍ଷମତା ବଢ଼ିଥାଏ । ପାଚନ ପ୍ରକ୍ରିୟାରେ ଏହା ସାହାଯ୍ୟ କରିଥାଏ । ଏମିତିକି ମାଛ, ଚକେନ ତରକାରୀରେ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରେ । ସାଲାଡ଼ରେ ଏହାକୁ ବ୍ୟବହାର କରାଯାଇପାରେ । ଏହା ବ୍ୟତୀତ ପିଇବା ପାଇଁ ବିଭିନ୍ନ ପ୍ରକାର ସାମଗ୍ରୀରେ ଏହାକୁ ପ୍ରୟୋଗ କରାଯାଇପାରେ। ପୁଦିନା କକଟେଲ୍ ତ ଏବେ ଯୁବବର୍ଗଙ୍କର ପ୍ରଥମ ପସନ୍ଦ ।

## ପୁଦିନାର ସବିଶେଷ ଚାଷ ପ୍ରଣାଳୀ ସଂକ୍ଷେପରେ -

ମୃତ୍ତିକା ଓ ଜଳବାୟୁ - ଯେକୌଣସି ଚାଷ କରିବାକୁ ହେଲେ ପ୍ରଥମେ ଏହାର ମୃତ୍ତିକା ଓ ଜଳବାୟୁ ଉପରେ ବିଶେଷ ଧ୍ୟାନ ଦେବାକୁ ହେବ । ତେବେ ପୁଦିନା ଚାଷ ନିମନ୍ତେ ମାଟିର ପିଏଚ ୬ରୁ ୭ ଭିତରେ ଥିବା ଆବଶ୍ୟକ । ଯେଉଁ ଅଂଚଳରେ ୧୦୦-୧୫୦ସେମି ବର୍ଷା ହେଉଥିବ, ତାହା ପୁଦିନା ଚାଷ ନିମନ୍ତେ ପ୍ରକୃଷ୍ଟ ହୋଇଥାଏ । ଏତଦଭିନ୍ନ ପୁଦିନା ଚାଷ ହେଉଥିବା ମୃତ୍ତିକାର ଜଳଧାରଣ କ୍ଷମତା ଅଧିକ ଥିବା ସହ ଡ୍ରେନେଜ ଠିକ ଭାବରେ ହେଉଥିବା ଦରକାର ।



ବଂଶବିସ୍ତାର ମାଧ୍ୟମ - ପୁଦିନା ସାଧାରଣତଃ କଟିଙ୍ଗ ଦ୍ୱାରା ବଂଶବିସ୍ତାର କରିଥାଏ ।

ଲଗେଇବା ପ୍ରଣାଳୀ - ପୁଦିନା ଚାଷ କରିବା ପାଇଁ ଜୁନ ରୁ ଜୁଲାଇ ମାସ ଭିତରେ ଲଗାଇବା ଆବଶ୍ୟକ । ଏଥି ନିମନ୍ତେ ଗଛକୁ ଗଛ ୪୦ସେମି ଓ ଧାଡ଼ିକୁ ଧାଡ଼ି ୪୦ସେମି ଦୂରତା ରହିବା ଆବଶ୍ୟକ ।

ସାର ପ୍ରୟୋଗ – ୟୁରିଆ, ଫସଫରସ ଓ ପଟାସ କୁ ୫୦କଗ୍ରା, ୭୫କଗ୍ରା ଓ ୫୦କଗ୍ରା ହେକ୍ଟର ପିଛା ପ୍ରୟୋଗ କରିବା ଆବଶ୍ୟକ ।

ଜଳସେଚନ ଓ ଘାସ ନିୟନ୍ତ୍ରଣ – ଜଳସେଚନ ସପ୍ତାହରେ ଦୁଇଥର କରିବା ଦରକାର । ଏହା ସହ ଘାସ ନିୟନ୍ତ୍ରଣ ନିମନ୍ତେ ଲଗାଇବାର ୭୫ଦିନ ଭିତରେ କରିବା ଆବଶ୍ୟକ ।



## କେଉଁ କେଉଁ ଉପାୟରେ ପୁଦିନାକୁ ଗ୍ରୃଷ କରିହେବ :

### ପ୍ରଥମତଃ ଯେକୌଣସି ଏକ ସୁସ୍ଥ ପୁଦିନା ଗଛର କଟିଙ୍ଗ -

ପୁଦିନା ସାଧାରଣତଃ ମଂଜିରୁ ବଢ଼ିବା କଷ୍ଟ । ତେଣୁ ଯେକୌଣସି ଏକ ସୁସ୍ଥ ପୁଦିନା ଗଛରୁ ୪ଇଂଚ ବା ୧୦ ସେମିର ଏକ କଟିଙ୍ଗ ଚହ୍ନଟ କରିବା ଆବଶ୍ୟକ । ଏହା ପରେ ଏହି କଟିଙ୍ଗ୍ କୁ ଏକ ପାଣି ଗ୍ଲାସ ଭିତରେ ରଖାଯାଉ । ଯଦି କୌଣସି ପତ୍ର ପାଣି ଧାର ତଳେ ଥାଏ, ତାହେଲେ ଏହାକୁ ପାଢ଼ିଦେବା । ଗୋଟିଏ ସପ୍ତାହ ଭିତରେ ଛୋଟ ଛୋଟ ଧଳା ଆକୃତିର ଚେର ପାଣି ଭିତରେ ବାହାରିବା ଆରମ୍ଭ କରିବ । ଆଉ କିଛି ଦିନ ଅପେକ୍ଷା କଲେ ଆମେ ସୁସ୍ଥ ଓ ସବଳ ଚେର ବଢୁଥିବାର ଲକ୍ଷ୍ୟ କରିପାରିବା । ଦ୍ୱିତୀୟତଃ ପୁଦିନା ଗଛର ମଂଜି ବା ଗ୍ରୃହ୍ ଆମେ ଯୋକୌଣସି ନର୍ସରୀରୁ ପାଇପାରିବା । ବିଭିନ୍ନ ପ୍ରକାର ପୁଦିନା କସମ ବଜାରରେ ଉପଲବ୍ଧ । ଏହାକୁ ବ୍ୟବହାର କରି ମଧ୍ୟ ଆମେ ପୁଦିନାକୁ ଗ୍ରୃଷ କରିପାରିବା । ତୃତୀୟରେ ଯେକୌଣସି ସୁସ୍ଥ ଗଛର ରନର୍ ସଂଗ୍ରହ - ଏହା ମାଧ୍ୟମରେ ଆମେ କୌଣସି ଏକ ସବଳ ବା ସୁସ୍ଥ ଚେରକୁ ଆଣି ମାଟିରେ ଅନ୍ୟତ୍ର ଲଗାଇ ଏହାର ବଂଶବିସ୍ତାର କରିପାରିବା ।



**କେଉଁ ଦିଗରେ ଧ୍ୟାନ ଦେବା :**

ଲଗାଇବା ପାଇଁ ପ୍ରକୃଷ୍ଟ ସମୟ : ପ୍ରଥମତଃ ପୁଦିନା ଗ୍ଚଷ ବସନ୍ତ ଋତୁରେ ଗ୍ଚଷ କଲେ ଭଲ ଅମଳ ହୋଇଥାଏ । କୁହୁଡ଼ି ପଡୁନଥିବା ସ୍ଥାନରେ ଏହାକୁ ଲଗାଇବା ଭଲ ।

**ଗ୍ଚର୍କୁ ପାତ୍ରରେ ଲଗାଇବା-** ପାତ୍ରରେ ପୁଦିନାକୁ ଲଗାଇବା ଓ ଏହାକୁ ଗ୍ଚଷ ପାତ୍ର ଭିତରେ ଗ୍ଚଷ କରିବାର ପ୍ରଣାଳୀ ଏବେ ପ୍ରାୟ ସମସ୍ତେ ଗ୍ରହଣ କଲେଣି । ସବୁଆଡ଼େ ଏବେ ଏହି ପ୍ରଣାଳୀକୁ ମହିଳା ମାନେ ନିଜ ଘରେ ଆପଣାଉଛନ୍ତି । ଏହାକୁ ପାତ୍ରରେ ଲଗାଇ ଆମେ ଗ୍ଚେଷେଇ ଘର ପାଖରେ ବି ଲାଗାଇପାରିବା । ଯେହେତୁ ଏହା ଶୀଘ୍ର ବଢ଼ିଥାଏ, ତେଣୁ ଏହାର ଚେର ଉପରେ ଆମକୁ ଅଧିକ ନଜର ରଖିବାକୁ ହେବ । ୧୨-୧୬ ଇଂଚର ପାତ୍ର ବ୍ୟବହାର କଲେ ସୁଫଳ ମିଳଥାଏ ।

**ପାତ୍ରର ମାଟିର କଛି ସେମି ତଳେ ଲଗାଇବା :** ୧୨-୧୬ ଇଂଚର ପାତ୍ର ବ୍ୟବହାର କରିବା ସହ ଆମେ ଏହାକୁ ୬ଇଂଚ ବା ୧୫ସେମି ତଳେ ଲଗାଇବା ଆବଶ୍ୟକ । ଯାହା ଫଳରେ ଏହାର ଚେର ଶୀଘ୍ର ବଢ଼ିପାରିଥାଏ ।

**ଉପଯୁକ୍ତ ସୂର୍ଯ୍ୟାଲୋକ** - ଯଦି ଆମେ ପାତ୍ରରେ ପୁୁଦିନାକୁ ଗ୍ଚଷ କରୁଛନ୍ତି, ତେବେ ଏହା କପରି ଆବଶ୍ୟକୀୟ ସୂର୍ଯ୍ୟାଲୋକ ପାଇପାରିବ, ସେ ଦିଗରେ ଚନ୍ତା କରିବା ଆବଶ୍ୟକ । ଯଦି ଉପଯୁକ୍ତ ସୂର୍ଯ୍ୟାଲୋକ ନପାଏ, ତାହେଲେ ପୁଦିନା ଗଛ ଶୁଖିଯିବାର ଚନ୍ତା ଥାଏ ।

ତେଣୁ ଏହାକୁ ଝରର ଘରକା ପାଖରେ ବି ଆମେ ରଖିପାରିବା, ଫଳରେ ଏହା ଉପଯୁକ୍ତ ସୂର୍ଯ୍ୟାଲୋକ ପାଇପାରେ ।

ଯଦି ମାଟିରେ ଲଗାଉଥାନ୍ତି : ଯଦି ପାତ୍ର ବିନା ଆମେ ମାଟିରେ ପୁଦିନା ଗଛ ଲଗାଇବାକୁ ଚାହିଁବା ତାହେଲେ ତେବେ ଆମକୁ ଏମିତି ଏକ ସ୍ଥାନ ଦେଖିବା ଉଚତ୍ ଯେଉଁଠାରେ ସୂର୍ଯ୍ୟାଲୋକ ପ୍ରକୃଷ୍ଟ ପରିମାଣରେ ମିଳୁଥିବ । ପିଏଚ ୬ରୁ ୭ ଭିତରେ ରହିଥିବା ଆବଶ୍ୟକ । ମାଟିର ଜଳଧାରଣ କ୍ଷମତା ଉପରେ ବି ଗୁରୁତ୍ୱ ଦେବା ଆବଶ୍ୟକ ।

## ପୁଦିନାର ଯତ୍ନ –

ଉପଯୁକ୍ତ ଜଳସେଚନ - ପୁଦିନା ଭଲ ଭାବରେ ବଢ଼ିବା ପାଇଁ ଜଳସେଚନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିଥାଏ । ପାତ୍ରରେ ପୁଦିନା ବଢ଼ାଉଥିଲେ ଆମେ ଏହାର ମାଟିକୁ ହାତରେ ଛୁଇଁ ଦେଖିବା ଦରକାର, ଏହା କେତେ ଶୁଖିଲା ଅଛି, ସେହି ଅନୁସାରେ ଆମେ ପାଣି ଦେବା ଉଚତ୍ । ଯଦି ପାତ୍ରରେ ଥିବା ପୁଦିନା ଗଛ ସିଧାସଳଖ ପାଉଥିବ ତାହେଲେ ଅଧିକ ପାଣି ଦେବା ଦରକାର ।

ଗଛର ଉପର ଭାଗକୁ କାଟିବା – ଏହା କରିବା ଦ୍ୱାରା ପୁଦିନା ଉପଯୁକ୍ତ ଉଚ୍ଚତା ବଜାୟ ରଖିଥାଏ । ଏହା ଦ୍ୱାରା ପୁଦିନା ଗଛର ଫୁଲ ଭଲ ଭାବରେ ବଢ଼ିଥାଏ । ଏହା ମଧ୍ୟ ଅମଳ ଅଧିକ କରିଥାଏ ।

ପୁଦିନାର ଫୁଲକୁ ଟ୍ରିମ/କାଟିବା ଆବଶ୍ୟକ – ପୁଦିନା ଗଛର ଫୁଲ ଜୁନରୁ ସେପ୍ଟେମ୍ବର ମଧ୍ୟରେ ବଢ଼ିଥାଏ । ତେଣୁ ଫୁଲ ଫଉଟିବା ପୂର୍ବରୁ ଲହାକୁ ଟ୍ରିମ କରିବା ଆବଶ୍ୟକ । ଯାହା ଫଳରେ ଏହା ଆମର ଅମଳ ସମୟକୁ ବଢ଼ାଇଥାଏ ।

ରୋଗ ପୋକ ନିରୀକ୍ଷଣ - ପୁଦିନା ଗଛ କିପରି ରୋଗ ପୋକ ଦାଉରୁ ରକ୍ଷା ପାଇପାରିବ, ସେ ଦିଗରେ ଚନ୍ତା କରିବା ଆବଶ୍ୟକ । ସାଧାରଣତଃ ଏହା ଘାଉଁଳା ରୋଗ ଦ୍ୱାରା ବେଶୀ ଆକ୍ରାନ୍ତ ହେବାର ସମ୍ଭାବନା ଥାଏ । ଏହା ବ୍ୟତୀତ ବିଭିନ୍ନ କୀଟ ଯଥା – ଚେର କୃମି,

ଟରମାଇଟ୍ ପ୍ରମୁଖ ଅଧିକ ଆକ୍ରମଣ କରିଥାନ୍ତି । ତେଣୁ ପୁଦିନା ଗଛକୁ କପରି ଏଥିରୁ ରକ୍ଷା କରିହେବ, ସେଥିନିମନ୍ତେ ଆମକୁ ସବୁବେଳେ ଏହା ଉପରେ ଧ୍ୟାନ ଦେବା ଆବଶ୍ୟକ। ଏହା ବ୍ୟତୀତ ଆମେ ପୁଦିନା ପତ୍ରକୁ କୀଟନାଶକ ପାଣିରେ ଧୋଇପାରିବା । ତେଣୁ ଉପଯୁକ୍ତ ନରୀକ୍ଷଣ ହିଁ ଏହାର ଏକମାତ୍ର ବିକଳ୍ପ ।

**ଅମଳର ପ୍ରକୃଷ୍ଟ ସମୟ -**

**ସଜ ପୁଦିନା ପତ୍ରକୁ ଅମଳ କରିବା ଆବଶ୍ୟକ-** ପ୍ରଥମତଃ ଏହା ସ୍ମରଣ ରଖିବାକୁ ହେବ ଯେ ଗୋଟିଏ ଥରରେ କେବେ ହେଲେ ପତ୍ରର ୧/୩ଭାଗକୁ ସମ୍ପୂର୍ଣ୍ଣ ଅମଳ କରିବା ଉଚତ୍ ନୁହେଁ । କେବଳ ଯେତିକ ଦରକାର ସେତିକ ପତ୍ର ଅମଳ କରିବା ଉଚତ୍ । ଏହା ପରେ ଏହାକୁ ପ୍ଲାଷ୍ଟକ ଜାର ଭିତରେ ସୁରକ୍ଷିତ ଭାବେ ରଖିବା ଉଚତ ।

**ଶୀତ ଋତୁ ପୂର୍ବରୁ ଅମଳ -** ପୁଦିନାକୁ କୁହୁଡ଼ି ପଡ଼ିବା ପୂର୍ବରୁ ଅଥବା ଶୀତ ଋତୁ ପୂର୍ବରୁ ଅମଳ କରିଦେବା ଭଲ । କାରଣ ଯଦିଓ ଏହା ପରେ ଅର୍ଥାତ ବସନ୍ତ ଋତୁରେ ପୁଣି ଏହା ଅଧିକ ବଢ଼ିଥାଏ, ତଥାପି କଛି ଅଂଶ ମରିଯାଏ ।

ସମ୍ପାଦକ - ଶ୍ୟାମଳ ସୁବର୍ଣ୍ଣ , ବାସୁଦେବପୁର

# ଶିଶୁ ବିଭାଗ



# କୋବି ଭଜା କନ୍ତୁ ନୁହଁଇ କୋବି



ଡ଼ଃ ରଞ୍ଜିତ କୁମାର ସାହୁ

"ଏଇଟା କଣ ସବୁଜ ଫୁଲ କୋବି ହେଇଛି, ଏଇଟାକୁ ପକୋଡା କରିଦେଇଛ?" ବାପାଙ୍କ କଥା ଶୁଣି ଟିକି ବୋଉ ମୁହଁକୁ ଗ୍ହିଁଲ୍ I ବୋଉ କଛି ନ ଜାଣିଲ୍ ଭଳ ଅନାଉଥାଏ I

"ବର୍ଷା ପାଗ ହେଇଛି, ତୁମକୁ ଏମିତି ପାଗରେ ଗ୍ହା ସହିତ ପକୋଡା ଭଲ ଲ୍ଗେ ସେଥିପାଇଁ ତିଆରି କରିଛି, ବୋଉ କହିଲ୍ I ପୁଣି କହିଲ୍, "ଏଇଟାକୁ କାଲି ଆଣିଥିଲ, ମୋତେ ତ କଛି କହିନ ଏଇଟା କଣ! ମୁଁ ଜାଣିବି କେମିତି, ଭ୍ବିଲି ସବୁଜ ରଙ୍ଗର ଫୁଲ କୋବି| କରିଦେଲି ପକୋଡା, ଖାଇ ଦିଅ ଏବେ I ଆଗରୁ କହିବାର ଥିଲ୍ ଏଇଟା କଣ ଆଉ କଣ କର୍ାଯିବ I ର୍ତିରେ ତ ଆସିକ ସେମିତି ପରିବା ସବୁ ଫ୍ରିଜ୍ ଭିତରେ ଥୋଇଦେଲ I କେତେ ଥର କହିଛି, ବାହାରୁ ଜିନଷ ଆସିଲେ ପ୍ରଥମେ ତାକୁ ଧୋଇକ ପାଣି ସବୁ ଶୁଖିଲ୍ ପରେ ଫ୍ରିଜ଼ରେ ରଖେ ମୁଁ I" ଟିକର ମାଆ ପୁଣି ତାଗିଦ କଲେ I

"ଆଉ କଛି ବାକ ଅଛି ନା ସବୁ ପକୋଡା ହେଇଗଲ୍?" ଟିକର ବାପା ପଚ୍ରିଲେ I

"ଅଛି, ତୁମେ ଯାହା କରିବା କଥା କର, ମୁଁ ଆଉ ତାକୁ ଛୁଇଁବିନ I ମୋର ସେହି ଆଳୁ, ବାଇଗଣ, ଫୁଲ କୋବି ଆଉ ବିଲ୍ତିରେ କାମ ଚଳିଯିବ I ମୋର ନୂଆ ନୂଆ ପ୍ରକାରର ପନ ପରିବା ନେଇକ ଗବେଷଣା କରିବାରେ କୌଣସି ଶୌକ ନାହିଁ," ଟିକର ବୋଉ କହିଲେ I

"ପକୋଡା ତ ଭଲ ଲ୍ଗୁଛି ବାପା," ଟିକ କହିଲ୍। "ତମେ ତ କହିଥିଲ ନୂଆ ନୂଆ ବ୍ୟଞ୍ଜନ କରିବା ମଧ ଏକ କୁଶଳତା I ଏବେ ବିଗୁଡୁଛ କାହିଁକ?"

"ହଁ ନୂଆ ନୂଆ ଜିନଷ ଶିଖିବା ଆଉ ତିଆରି କରିବା ଭଲ ଗୁଣ, କନ୍ତୁ ଆମେ ଯେଉଁ ଖାଦ୍ୟ ଖାଉ, ତାହା କେବେଳ ପାଟି ସୁଆଦ ଲାଗି ନୁହଁ, ଆମର ଶରୀରକୁ ପୌଷ୍ଟିକତା ଯୋଗେଇବା ଲାଗି ମଧ୍ଯ I ତେଣୁ କଛି କଛି ପନପରିବା ଆମ୍ଭ ମାନଙ୍କୁ ଅଳ୍ପ ଶିଝେଇ କମ୍ବା କଞ୍ଚା ଖାଇବାକୁ ପଡିଥାଏ । ସେଥିରେ ଥିବା ଉପକାରୀ ତଥ୍ୟ ସବୁକୁ ପାଇବାକୁ ବିଭିନ୍ନ ପରିବାରେ ବିଭିନ୍ନ ପ୍ରକାର ତତ୍ୱ ମିଳଥାଏ । ତେଣୁ ଆମ୍ଭମାନଙ୍କୁ ବିଭିନ୍ନ ପ୍ରକାରର ପରିବା ଖାଇବା ଦରକାର," ବାପା ଉତ୍ତର ଦେଲେ I

"ଏହି ପରିବାର ନାଆଁ କଣ ବାପା କୁହନ୍ତୁ, ମୁଁ ଇଣ୍ଟରନେଟରେ ଖୋଜିବି," ଟିକି କହିଲା I

"ଏହାକୁ ବ୍ରୋକୋଲି କୁହନ୍ତି । ଏହାକୁ କଞ୍ଚା କମ୍ବା ଅଳ୍ପ ସିଝେଇକ ଖାଇବା ଉଚତ ଯାହା ଦ୍ୱାରା ଏଥିରେ ଥିବା ଜୈବିକ ପଦାର୍ଥ ସବୁ ନଷ୍ଟ ହେବ ନାହିଁ I ଏହା ଦେହ ପାଇଁ ବହୁତ ଭଲ I ଉଦ୍ଭିଦ ବିଜ୍ଞାନୀ ମାନେ ଏହାକୁ ମଧ୍ଯ କୋବି ଜାତୀୟ ପରିବାରେ ଗଣି ଥାଆନ୍ତି I ଏଥିର ଅନେକ ପଦାର୍ଥ ରହିଛି ଯାହା କର୍କଟ ରୋଗର ନୟନ୍ତ୍ରଣରେ ସାହାଯ୍ୟ କରେ ବୋଲି ବୈଜ୍ଞାନକ ମାନେ ଭାବନ୍ତି I ଆଉ ଯାହା ଜାଣିବାକୁ ଚାହୁଁଛୁ ଇଣ୍ଟରନେଟରୁ ପଢିନେ," ବାପା କହିକ ଚାଲି ଗଲେ ନଜ ବଖରାକୁ I

ବୋଉ ବଲବଲ ହେଇକ ଦେଖୁଥାଏ ତାହାର ମୁଁହକୁ I



"ତୁ ଚନ୍ତା  କରେନା ବୋଉ ମୁଁ ଇଣ୍ଟେରନେଟରୁ ଦେଖିକ ବାହାର କରିଦେବି କୋଉ ଜିନଷ ତିଆରି ହେଇ ପାରିବ ଏଥିରୁ । ମୁଁ ହୋଟେଲରେ ଦେଖିଛି ଏଇଟାକୁ ପିଜା ଉପରେ ସଜା ଯାଏ ଆଉ ସୁପ୍ ରେ ମଧ ପକା ଯାଏ," ଟିକ କହିଲ୍ ଆଉ ଗ୍ଲିଗଲ୍ ନଜର ରୁମକୁ ପଢ଼ିବାକୁ ।



ଇଣ୍ଟେରନେଟରୁ ଟିକ ଜାଣିବାକୁ ପାଇଲ୍, ବ୍ରୋକୋଲି ଆଜି କାଲି ବହୁତ ଜାଗାରେ ଗ୍ଷ ହେଲ୍ଣି ଏବଂ ଏହାର ଲ୍ଲେକପ୍ରିୟତା ବଢ଼ିବାରେ ଲ୍ଗିଛି । ଏହା ଥଣ୍ଡା ଜଲବାୟୁରେ ହୁଏ ଏବଂ ଏହାର ରଙ୍ଗ ସବୁଜ ଠାରୁ ସବୁଜ ବାଇଗଣୀ ପର୍ଯ୍ୟନ୍ତ ହୋଇଥାଏ । ଏହାକୁ ଅମଳ କରିବା ଲ୍ଗି କୌଣସି  ଯନ୍ତ୍ର ନାହିଁ ଏବଂ ଏହାକୁ ଧାର୍ ହତିଆରରେ କାଟି ଅମଳ କର୍ ଯାଏ ଫୁଲ କୋବି ଭଳ । ଏହାକୁ ଅମଳ କଲ୍ ପରେ ତିନରୁ ଗ୍ରି ସପ୍ତାହ ଯାଏଁ ରଖା ଯାଇ ପାରେ । ଏଥିରେ ଭିଟାମିନ "ସି" ଆଉ ଭିଟାମିନ "କେ" ରହିଛି। ତେଣୁ ଅତ୍ୟଧିକ ଗରମ କଲେ ଏହାର ଭିଟାମିନ "ସି" ନଷ୍ଟ ହେଇପାରେ । ଏହା ବ୍ୟତୀତ ଏଥିରେ ଲୁହା, ମାଙ୍ଗନଜ୍ ଏବଂ ପୋଟାସିଅମ ଭଳ ଧାତବ ଅଂଶ ମଧ ରହିଛି । ବ୍ରୋକୋଲିର ଆବିର୍ଭାବ ରୋମାନ ସାମ୍ରାଜ୍ୟରୁ ବୋଲି କେତେଙ୍କ ମତ ।

"ଓଃ । ସେଥି ପାଇଁ ପିଜା  ଉପରେ ସଜା ହେଇଥିଲ୍, ପିଜା ମଧ ଇଟାଲୀର !" ବାହାରିଗଲ୍ ଟିକର ମୁଖରୁ  ।

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ରଲ୍ଲେଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ମଣିଷ ଜୀବନ ପାଣି ଫୋଟକା



ଅଙ୍କିତା ପାଢ଼ୀ

ମଣିଷ ଜୀବନ, ନମିଶ କେବଳ,
ନଶ୍ୱାସ ହିଁ ଏକ ସ୍ୱହା ।
ମୁହୂର୍ତ୍ତ ମଧ୍ୟରେ, କଛି ଘଟି ପାରେ,
କେହି ନ ରୁହନ୍ତି ସାହା ।।
ଘରୁ ବାହାରିଲେ, ଫେରିବା ପାଇଁ କ,
ବିଶ୍ୱାସ ଅଛି ଯେ କାର ।
ଆଖି ବୁଜି ଦେଖ, ସବୁ ଯେ ଅନ୍ଧାର,
ମାୟା ଯେ ଏହି ସଂସାର ।।
ବୃଥା ଅଭିନୟ, ସଂସାର ଜଞ୍ଜାଳେ,
ମାନ ଅଭିମାନ କେତେ ।
ହିଂସା କୋପ ମୋହ, ଅଭିନୟ କରି,
ସଂସାର ମଧ୍ୟରେ ଜିତେ ।।
ଦୁନଆ ମଞ୍ଚରେ, ଆମେ କଳାକାର,
ନମିଶ ମାନ୍ରକେ ପାଇଁ ।
ଧନ ସମ୍ପଦ କୁ, ତୁଚ୍ଛ କରି ଶେଷେ,
ଆତ୍ମା ଯିବ ହୋଇ ଛାଇ ।।
ଉଚ୍ଚ ଆସନରେ, ବସିଗଲେ ଆମେ,
ନହେବାଯେ କଦା ବଡ଼ ।
ସତ୍ୟ ଧର୍ମ ନ୍ୟାୟ, ପଥରେ ରହିଲେ,
ସତ୍ୟ ହିଁ ଅମର ଜଡ ।।

ଉଚ୍ଚ ଆସନରେ, ବସି ଯଦି ଆମେ,
କର୍ତ୍ତବ୍ୟ ହେଳା କରିବା ।
ଅଧର୍ମ ହୋଇବ, ଜ୍ଞାନ ହଜିଯିବ,
କୋପ ଦୃଷ୍ଟି ପାଉ ଥିବା ।।
ସତ୍ୟ ଧର୍ମ ନ୍ୟାୟ, ସାଥି ହୋଇ ସଦା,
ସ୍ୱର୍ଗ ଧାମେ ସାଥେ ଯିବ ।
ଝୁରି ହେଉଥିବେ, ପୃଥ୍ୱୀ ଜନ ମାନେ,
ଅମର ସଦା ହୋଇବ ।।
କୁକର୍ମକୁ ତ୍ୟାଗୀ, ସତ୍କର୍ମ ମାର୍ଗରେ,
କାଟିବା ନଜର ଦିନ ।
ପରୋପକାରକୁ, ସ୍ୱର୍ଗ ସୁଖ ମାନ୍ର,
ବଞ୍ଚିବା ନଜ ଜୀବନ ।।
ଲାଞ୍ଚ ଏକ ରୋଗ, ଭାରି ଭୟଙ୍କର,
କର୍କଟ ରୋଗର ଭଳ ।
ପାଣି ଫୋଟକାର, ଜୀବନ ଯେ ବନ୍ଧୁ,
ଦିଅନା ନଜକୁ ଜାଳ ।।

ଦୁର୍ବଳ ଉପରେ,     ଅତ୍ୟାଚାର କରି,
ସଞ୍ଚିଲେ କ ଲୋଭ ଧନ ।
ସବଳକୁ ଡରି,     ଘାଣ୍ଟି ଘୁଣ୍ଟି ହୋଇ,
ବଢେନା ନିଜ ସମ୍ମାନ ।।
ସବୁରି ହୃଦୟେ,     ବିରାଜି ଅଛନ୍ତି,
ପରଂବ୍ରହ୍ମ ନାରାୟଣ ।
ହୃଦୟ ବେଦନା,   ଯିଏ ବୁଝି ପାରେ,
ସିଏ ଅଟେ ଦେବ ଗଣ ।।
ଆଲ୍ଲା ଯୀଶୁ ରାମ,   ଏକ ହିଁ ଈଶ୍ୱର,
ନାମ ଅଟେ ଭିନ୍ନ ପର ।
ଅଭିନୟ ଶେଷେ,  ଧର୍ମ ପାପ ଦେଖି,
ଲଭେ ସ୍ୱର୍ଗ ନର୍କ ଦ୍ୱାର ।।

ଜେନଥ ଇଂରାଜୀ ମାଧମିକ ବିଦ୍ୟାଳୟ,
ଗଗନବାବୁ ଛକ, ଏଡ଼ତାଳ, ଭଦ୍ରକ

“ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ”

# ଗ୍ରଣୀବଗର ସମାଜସେବା



ନୀଳମାଧବ ସାହୁ

ଗାଁର ନାମ ଗ୍ରମଚନ୍ଦ୍ର ପୁର | ସକାଳେ ସୂର୍ଯ୍ୟ ଉଦୟ ହେଉହେଉ ସବୁଦିନ ରଘୁଆ କୋଦାଳ ଧରି କ୍ଷେତକୁ ବାହାରିପଡେ | ଭ୍ରରତ ଗୋଟିଏ ଗ୍ରାମ ବହୁଳ ଓ କୃଷି ପ୍ରଦାନ ଦେଶ ଅଟେ | ଗାଁରେ ଲ୍ରେକମାନଙ୍କ ମୁଖ୍ୟ କାମ ହେଲ୍ ଗ୍ରଷ କରିବା | ରଘୁଆ ତା' କ୍ଷେତରେ ଧାନ, ମୁଗ, ବିରି ଓ ବାଦାମ ଆଦି ଗ୍ରଷ କରିଥାଏ | ତା' ସହିତ ହିଡରେ କାନ୍ଦୁଲ ଓ କଛି ପନପରିବା ଲଗାଇଦିଏ | ତେଣୁ ଖାଦ୍ୟ ଶସ୍ୟ ପାଇଁ ସେ ଅନ୍ୟ କାହା ଉପରେ ନର୍ଭର ହୁଏନ | ଘଣ୍ଟାରେ ନଅଟା ବାଜୁବାଜୁ ଗାଁ ଦାଣ୍ଡ ହମ୍ବା ରଡିରେ ଭରିଯାଏ | ଗାଇ ଚର୍‌ଳ ଗୋରୁଗାଇଙ୍କୁ ପାଖ ପଡିଆକୁ ଚରେଇବାକୁ ନଏ | ଏହା ହେଉଛି ଗାଁର ନତିଦିନଆ ଦୃଶ୍ୟ | ଗାଁଟି ଗଛଲତା ରେ ପରିପୂର୍ଣ୍ଣ ଥିବାରୁ ବିଭିନ୍ନ ପ୍ରଜାତିର ଚଢେଇ ଦେଖିବାକୁ ମିଳେ |

ରଘୁଆର ପୁଅ ସପ୍ତମ ଶ୍ରେଣୀରେ ପଢେ | ତା'ର ନାମ ହେଲ୍ ଗୁଡୁ | ଗୁଡୁ ବେଳେବେଳେ ତା' ବାପାଙ୍କ ସହ କ୍ଷେତ କୁ ଯାଏ | ବାପାଙ୍କୁ ସାହାଯ୍ୟ କରେ ଓ କଛିକଛି ଗ୍ରଷ କାମ ବି ଶିଖିନଏ | ସବୁବେଳେ ସେ କଛି ନା କଛି ନୂଆ ଜିନଷ ଜାଣିବା ପାଇଁ ଇଚ୍ଛା କରେ | ସେ ବହୁତ ଦିନ ହେବ କଛି ବଗକୁ ଦେଖୁଛି ଜମିରେ | ତା' ମନରେ ପ୍ରଶ୍ନ ଉଙ୍କିମାରେ, କଣ ପାଇଁ ବଗଗୁଡା ଜମିରେ ବସନ୍ତି ? ସେ ଏହି କଥା ଭ୍ରବିଭ୍ରବି ବିଦ୍ୟାଳୟ ଯାଉଥିଲ୍ | ପୁଣି ସେହି ସମୟରେ ସେ ବଗଗୁଡାକୁ ଗାଇଗୋରୁଙ୍କ ଉପରେ ବସିଥିବା ଦେଖିଲ୍ | ଶେଷରେ ସେ ନଷ୍ପତି ନେଲ୍ ଯେ ଆଜି ସାରଙ୍କୁ ସେହି ବଗ ବିଷୟରେ ପଗ୍ଚରିବ |




ଅପରାହ୍ନ ୪ଟା, ବିଦ୍ୟାଳୟ ଛୁଟି ହେଲା | ଗୁଡୁ ଘରକୁ ଆସିବା ବାଟରେ ସାରଙ୍କୁ ପଚାରିଲା, "ସାର ମୋତେ ସେହି ବଗଙ୍କ ବିଷୟରେ କୁହନ୍ତୁ ନା, ଯେଉଁଗୁଡ଼ାକ ଗାଈଗୋରୁଙ୍କ ଉପରେ ବସନ୍ତି ଓ ଜମିରେ ବି ଦେଖାଯାନ୍ତି | ଗୁଡୁର ଜାଣିବାର ଇଚ୍ଛା ଦେଖି ସାର ବହୁତ ଖୁସି ହେଲେ ଓ ସେହି ବଗ ବିଷୟରେ ଜଣାଇବାକୁ ଲାଗିଲେ |

ଆମ ଦେଶରେ ବିଭିନ୍ନ ପ୍ରକାର ବଗ ଦେଖାଯାନ୍ତି | ସେ ମଧ୍ୟରୁ ଗାଈବଗକୁ ଗୋଚରଭୂମି, ଗାଈଗୋରୁଙ୍କ ପାଖରେ ଦେଖାଯାଏ | ଗାଈବଗକୁ ଇଂରାଜୀରେ କାଟେଲ ଇଗ୍ରେଟ ବୋଲି କୁହାଯାଏ | ଏହି ଗାଈବଗ ଆର୍ଡ଼ଇଡାଏ ପରିବାରର ଅନ୍ତର୍ଭୁକ୍ତ | ଏହି ବଗଟି ଦେଖିବାକୁ ବହୁତ ସୁନ୍ଦର ଅଟେ | ଧଳା ରଙ୍ଗର ପକ୍ଷୀଟି ପ୍ରଜନନ ସମୟରେ ମୁଣ୍ଡ ଉପର ଓ ପଛଭାଗ ଫିକା କମଳା କମ୍ବା ସୁନେଲି ରଙ୍ଗର ଦେଖାଯାଏ | ଏହାର ଥଣ୍ଟଟି ହଳଦିଆ ଓ ଗୋଡ଼ଟି ଫିକା ନାଲି ଠୁ ଆରମ୍ଭ କରି କଳା ରଙ୍ଗର ହୋଇଥାଏ |



ଗ୍ରାଣୀବଗ ମୁଖ୍ୟତଃ ପୋଖରୀ, ଗୃଷଜମି, ପଡିଆ ଓ ସନ୍ତସନ୍ତିଆ ଜାଗାରେ ଦେଖାଯାନ୍ତି | ଏହି ପକ୍ଷୀ ଦିନରେ ଖାଦ୍ୟ ଅନ୍ୱେଷଣରେ ଘୁରି ବୁଲିଥାଏ ଓ ରାତ୍ରି ସମୟରେ ନିଜ ବସାରେ ଶୋଇପଡେ | ଗ୍ରାଣୀବଗକୁ ସମାଜସେବୀ ସହ ତୁଳନା କରାଯାଏ | କାରଣ ଏମାନେ ଘର ଚରୁଥିବା ପ୍ରାଣୀଙ୍କ ପାକରେ ସବୁବେଳେ ଘୁରିବୁଲନ୍ତି ଓ ସେମାନଙ୍କ ଦେହରେ ଥିବା କୀଟ ଓ ଟିଙ୍କ ଖାଇଦିଅନ୍ତି, ଏହା ସହ ଏମାନେ ନିଜ ବସାରେ ଅନ୍ୟ ଜଳଜ ପକ୍ଷୀଙ୍କୁ ଆଶ୍ରୟ ଦିଅନ୍ତି | ଏତିକ ଶୁଣିସାରି ଗୁଡୁ ପ୍ରଶ୍ନ କଲା, "ସାର ଏହି ପକ୍ଷୀମାନେ ଆଉ କଣ ଖାଆନ୍ତି?" ସାର ଉତ୍ତର ଦେଲେ ଯେ କୀଟ ପତଂଗ ଏହି ଗ୍ରାଣୀବଗର ମୁଖ୍ୟ ଆହାର | ଗୃଷଜମି, ପଡିଆରେ ଘୁରୁଥିବା ସମୟରେ ଏମାନେ କୀଟଗୁଡିକୁ ଖାଇ ନଅନ୍ତି ଯାହାଦ୍ୱାରା ଫସଲରେ ରୋଗ ଲାଗେନାହିଁ | ଗ୍ରାଣୀବଗକୁ କୃଷକର ବନ୍ଧୁ କହିଲେ ଭୁଲ ହେବନି | ବେଳେବେଳେ ଏମାନେ ବେଙ୍ଗ, ମାଛ, ଝିଟିପିଟି ଓ ଏଣ୍ଡୁଅ ଇତ୍ୟାଦି ଖାଆନ୍ତି | ଏହିପରିଭାବେ ଗ୍ରାଣୀବଗ ପ୍ରକୃତିର ସନ୍ତୁଳନ ରକ୍ଷା କରେ | ଗ୍ରାଣୀବଗ ପରିବେଶ ପାଇଁ ଏକ ମୁଖ୍ୟ ଭୂମିକା ପାଳନ କରେ | ଏହାର ସ୍ଥାନ ଅନ୍ୟ କେଉଁ ପକ୍ଷୀ ନେଇପାରିବେ ନାହିଁ|



ଶେଷରେ ସାର ଗ୍ରଣୀବାଗର ସଂରକ୍ଷଣ ବିଷୟରେ ଅବଗତ କରାଇଲେ | ଯାହାଦ୍ଵାରା କ ତା'ର ଉପଯୋଗୀ ହୋଇପାରିବ | ଗ୍ରଣୀବଗର ବଂଶବିସ୍ତାରରେ ମୁଖ୍ୟ ଅସୁବିଧା ହେଉଛି ବାସସ୍ଥାନ ନଷ୍ଟ | ଯେପରିକ  ଏହି ପକ୍ଷୀ ପାଇଁ ହ୍ରଦ, ନଦୀ, ପୋଖରୀ ଇତ୍ୟାଦି ପ୍ରଜନନ ସ୍ଥାନ ଅଟେ | ଏହି ଜଳଭୂଗଗୁଡିକରେ ଜଳବିଦ୍ୟୁତ ଉତ୍ପାଦନ, ଗୃଷଜମି ପାଇଁ ନାଳ ଇତ୍ୟାଦି କଛି ପରିମାଣରେ  ବାଧା ସୃଷ୍ଟିକରେ | ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ | ଗୃଷଜମିରେ କୀଟନାଶକ ଔଷଧ ପ୍ରୟୋଗ ଦ୍ଵାରା ଏହି ପକ୍ଷୀର ବଂଶ ବିସ୍ତାରରେ ବାଧା ଉପୁଜେ ଓ ରୋଗଗ୍ରସ୍ତ ହୁଏ | ତେଣୁ କ୍ଷେତରେ କୀଟନାଶକ ଔଷଧ ବ୍ୟବହାରକୁ ରୋକିବାକୁ ହେବ | ଏହି ବଗମାନେ କୀଟ ପତଂଗ ଖାଇଦିଅନ୍ତି, ତେଣୁ ଅଯଥାରେ କୀଟନାଶକ ଔଷଧର ପ୍ରୟୋଗକୁ ବନ୍ଦ କରିବାକୁ ହେବ |

ଏହି ଗ୍ରଣୀବଗ କୃଷକ ଓ ଗାଇଗୋରୁଙ୍କ ବନ୍ଧୁ ହୋଇଥିବାରୁ ଏହାର ସଂରକ୍ଷଣ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡିବ | ଶେଷରେ ଗୁଡୁ ଖୁସିହେଲା ଗ୍ରଣୀବଗ ବିଷୟରେ ବହୁତ କଛି ଜାଣିଲା ଓ ଘରେ ତା' ବାପାଙ୍କୁ କହିଲା | ଯାହାଫଳରେ ତା' ବାପା କ୍ଷେତରେ କୀଟନାଶକ ଔଷଧ ପ୍ରୟୋଗକୁ ବନ୍ଦ କଲେ |

ସମରଝୋଳ, ଗଂଜାମ, ଓଡିଶା

# ପିଲାବେଳ, ଗ୍ରୀଷ୍ମ ଅବକାଶ ଓ ମାମୁଁଘର ଗାଁ କଥା



ସାଇପ୍ରସାଦ ସାହୁ

ଅନେକ ଦିନ ତଳର କଥା । ଆଜିକୁ ପ୍ରାୟ ପାଞ୍ଚ ବର୍ଷ ହେଲାଣି । ଏମିତି ଏକ ଗ୍ରୀଷ୍ମ ଅବକାଶ ସମୟରେ ରାଜେଶବାବୁ ପିଲା ଦୁହିଁଙ୍କୁ ନେଇ ସେମାନଙ୍କ ମାମୁଁଘର ଗାଁ ଆଡେ ବୁଲାଇ ଆଣିବେ ବୋଲି କହୁଥିଲେ ମଧ୍ୟ କଥା ରଖିପାରିନାହାନ୍ତି । ରାଜେଶବାବୁ କେନ୍ଦ୍ରୀୟ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ । ଏହା ସହ ଏକାଧାରରେ ସେ ଜଣେ ଗାଳ୍ପିକ ଓ ଦାର୍ଶନିକ । ଇସ୍ପାତ ନଗରୀରେ ସରକାରୀ କ୍ୱାଟର ପାଇ ରହୁଥିବାବେଳେ ତାଙ୍କ ଧର୍ମପତ୍ନୀ ରଶ୍ମିତା ସହରର ଏକ ପ୍ରତିଷ୍ଠିତ କମ୍ପାନୀରେ ସଂଯୋଜକ ଭାବେ କାମ କରନ୍ତି । ବଡ ପୁଅ ଓ ସାନ ଝିଅ ଦୁହେଁ ଯାକ କେନ୍ଦ୍ରୀୟ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢୁଛନ୍ତି । ମା' ବାପା ପାଖରେ ରହୁଥିବାରୁ କେବେ କେମିତି ରାଜେଶବାବୁ ପରିବାର ଧରି ଦିନେ ଦି ଦିନ ପାଇଁ ବୁଲିବାକୁ ଯାଆନ୍ତି । ପିଲାମାନେ ନିଜ ଗାଁକୁ ଜାଣିବା ପାଇଁ ବେଶ୍ କିଛି ଯଥେଷ୍ଟ ଆଗ୍ରହୀ ନ ଥିଲେ । କିନ୍ତୁ ପିଲାମାନଙ୍କର ମାମୁଁଘର ଏକ ସମୁଦ୍ରକୂଳିଆ ଗାଁକୁ ପିଲାମାନଙ୍କୁ ନେଇ ଥରେ ଅଧେ ଗଲେ ବି କେବେ ଗୋଟିଏ ଦିନରୁ ଅଧିକ ରହିବାର ସମୟ ଆଉ ସୁଯୋଗ ପାଇନାହାନ୍ତି । ତା'ର କାରଣ ହେଲା; ଦୁହିଁଙ୍କ ଚାକିରି ଆଉ ନିଜ ପିଲାମାନଙ୍କର ପାଠପଢା । ଖରାଛୁଟି ସମୟରେ ପିଲାମାନଙ୍କୁ ନେଇ ନିଜ ଗାଁ ଆଉ ତାଙ୍କ ମାମୁଁଘର ଗାଁରେ କଟେଇବେ ବୋଲି ଦୁହେଁ ଯୋଜନା କରିଆସୁଛନ୍ତି । କିନ୍ତୁ ଯିବାର ସମ୍ଭବ ହୋଇପାରୁନାହିଁ । କାରଣ, ଆଜିକାଲି ଗ୍ରୀଷ୍ମ ଅବକାଶ ସମୟରେ ସ୍କୁଲ କିମ୍ବା ଅନ୍ୟ କେତେକ ଘରୋଇ ଶିକ୍ଷାନୁଷ୍ଠାନର ପିଲାମାନଙ୍କ ପାଇଁ ସମର କ୍ୟାମ୍ପର ଆୟୋଜନ କରୁଛନ୍ତି, ଯେଉଁଠି ବିଭିନ୍ନ ପ୍ରକାର ଖେଳକୁଦ, କମ୍ପୁଟର ଶିକ୍ଷା, ସୃଜନାତ୍ମକ କାର୍ଯ୍ୟକଳାପ

ଉପରେ ତାଲିମ ଦିଆଯାଉଛି । ଆଜିକାଲି ପିଲାମାନଙ୍କ ପାଇଁ ଏହା ନିତାନ୍ତ ଆବଶ୍ୟକ ବୋଲି କୁହାଯାଇପାରେ । ପ୍ରତିବର୍ଷ କିଛି ନା କିଛି ତାଲିମ କାର୍ଯ୍ୟକ୍ରମ ହାତକୁ ନେଇ ପିଲାଙ୍କୁ ପଢାଉଛନ୍ତି । ଯେଉଁଥିରେ ପିଲାମାନେ ମଧ୍ୟ କିଛି ଶିଖୁଛନ୍ତି ଆଉ ଖୁସିରେ ସମୟ କାଟୁଛନ୍ତି । ତେଣୁ ମାମୁଁଘର ଗାଁକୁ ଯିବାଟା ସମ୍ଭବ ହୋଇପାରୁନାହିଁ । ନିଜେ ରାଜେଶବାବୁ କିନ୍ତୁ ଅନେକ ସମୟରେ ମନେ ପକାନ୍ତି ତାଙ୍କ ପିଲା ଦିନର ସ୍ମୃତି ଓ ମାମୁଁର କଥା । ଘରର ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ ମାମୁଁ ହିଁ ତାଙ୍କୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପାଠ ପଢିବାରେ ସମସ୍ତ ପ୍ରକାର ସାହାଯ୍ୟ କରିଥିଲେ । ମାମୁଁଙ୍କ ଦୁଇ ପୁଅ ଓ ଝିଅ । ଝିଅ ବଡ ଓ ପୁଅ ସାନ । ଯୁକ୍ତ ତିନି ଅଧ୍ୟୟନ ପରେ ଝିଅର ବାହାଘର ହୋଇଗଲା । କିନ୍ତୁ ସାନ ପୁଅ ମାଟ୍ରିକ ପଢିଲା ପରେ ଆଉ ପାଠ ନ ପଢି ଗାଁରେ ଚାଷବାସ କଲା । ହେଲେ ରାଜେଶବାବୁଙ୍କ ପ୍ରତି ମାମୁଁ ମାଇଁଙ୍କ ସ୍ନେହଶ୍ରଦ୍ଧା, ମମତା ଓ ଆର୍ଥିକ ସାହାଯ୍ୟରେ କେବେ ଊଣା ହୋଇନି । ସେହି ସାହାଯ୍ୟ ଯୋଗୁଁ ସେ ପାଠପଢି ଆଜି ଚାକିରିଟିଏ କରିପାରିଛନ୍ତି । ସେଥିପାଇଁ ମାମୁଁଘର ପ୍ରତି ତାଙ୍କର ବେଶ୍ ଆଗ୍ରହ ଓ ଆବେଗ । ପ୍ରତିବର୍ଷ ଗ୍ରୀଷ୍ମ ଅବକାଶ ସମୟରେ କିନ୍ତୁ ସେ ନିଶ୍ଚୟ ମାମୁଁଘରକୁ ଯାଉଥିଲେ । ଛୁଟିଟା ସେଠି ବିତେଇ ପୁଣି ରଜ ବେଳକୁ ନିଜ ଗାଁକୁ ଫେରିଆସୁଥିଲେ । ରାଜେଶବାବୁ ମନେ ମନେ ଭାବୁଥାନ୍ତି; ଆହା ! କୁଆଡେ ଗଲା ସେ ସବୁ ଦିନ? କେବଳ ରାଜେଶବାବୁ ନୁହନ୍ତି, ତାଙ୍କ ଭଳି ଅନେକ ବ୍ୟକ୍ତିଙ୍କର ହୁଏତ ମାମୁଁଘର କଥାକୁ ନେଇ ଏମିତି କେତେ ସ୍ମୃତି ରହିଥିବ। ନିଜ ଗାଁ, ଘର କିମ୍ବା ପରିବାର ସଦସ୍ୟଙ୍କୁ ବାଦ୍ ଦେଲେ ଘନିଷ୍ଠ ସମ୍ପର୍କର ସ୍ଥାନ ହେଉଛି ମାମୁଁଘର ଗାଁ ଏବଂ ମାମୁଁମାଇଁ, ଅଜାଆଇ । ଯଦି ଓଡିଶାର କେଉଁ ମଫସଲ ଅଞ୍ଚଳରେ ମାମୁଁଘର ଗାଁ ହୋଇଥାଏ ତାହେଲେ ତାକୁ ନେଇ ଏମିତି କିଛି ସୁନ୍ଦର ଚିତ୍ର ଅଙ୍କାଯାଇପାରେ । ନଇକୂଳଆ ଗୋଟେ ଗାଁ, ପୁଣି ସେଠି ଗାଁ ଶେଷ ମୁଣ୍ଡରେ ଲମ୍ବା ଧାଡିରେ ଲମ୍ବିଥିବା ଢେଙ୍ଗା ତାଳ ଗଛ, ମାମୁଁଘର ଗାଁରୁ ଆର ଗାଁକୁ ଯିବା ପାଇଁ ଅଣଓସାରିଆ ରାସ୍ତା, ପାଖ ପଡିସାଙ୍କ ବାଡି ବଗିଚାରେ ଆମ୍ବ, ଜାମୁ, କୋଳି,ପଣସ, ଆତ ଓ କରମଙ୍ଗାର ସମ୍ଭାର । ମାମୁଁଘର ଗାଁରେ ଯାହା ଘରକୁ ବୁଲି ଗଲେ କିମ୍ବା ବାଡି ବଗିଚାକୁ ଯାଇ ଆମ୍ବ ହଉ କି ପିଜୁଳି ;

ଖାଇଲେ ବି କେହି ବାରଣ କରନ୍ତି ନାହିଁ । କାହିଁକ ନା ଏଠି ସମସ୍ତେ ମାମୁଁମାଇଁ ଓ ଅଜାଆଇ । ଏମିତି ଗ୍ରୀଷ୍ମ ଅବକାଶ ସମୟରେ ପିଲ୍‌ଦିନ ଅତିବାହିତ ହୋଇଯାଏ ମାମୁଁଘର ଗାଁରେ । ଖରାଛୁଟି ସରିଗଲେ ଭାରି ମନ ଦୁଃଖ ହୁଏ । ପୁଣି ଗୋଟେ ବର୍ଷକୁ ଅପେକ୍ଷା । ଆଜି ମାମୁଁମାଇଁ, ଅଜାଆଇ ଅଛନ୍ତି । ସେହି ସମ୍ପର୍କ ଅଛି, କନ୍ତୁ ସମୟ ସହ ମାମୁଁଘର ଗାଁର ମାନଚତ୍ର ବଦଳ ଯାଇଛି । ଏବେ କନ୍ତୁ ପିଲ୍‌ମାନଙ୍କଠୁ ଆମେ ଛଡେଇ ନେଇଛେ ମାମୁଁଘର ଗାଁ ପରି ଗୋଟେ ଅତି ଆପଣାର ଜାଗା, ମାମୁଁମାଇଁ ଅଜାଆଇଙ୍କ ସହ ଘନଷ୍ଠତା, ଗ୍ରୀଷ୍ମ ଅବକାଶ ବା ଖରାଛୁଟି ସମୟକୁ ବେପରୁଆ କଟେଇ ଦେବାର ସୌହାର୍ଦ୍ୟ ଓ ମହାର୍ଘ୍ୟର ସୁଯୋଗ ।

ସ୍ନାତକୋତ୍ତର ବାଣିଜ୍ୟ
ଗଙ୍ଗାଧର ମେହେର
ବିଶ୍ୱବିଦ୍ୟାଳୟ, ସମ୍ବଲପୁର

# ମୋ କଣ୍ଢେଇ ଜଗନ୍ନାଥ



ପଦ୍ମିନୀ ମାହାର୍ଣ୍ଣ

ତା ସାଥେ ଖେଳବି
ତା ସାଥେ ବୁଲିବି
ତା ସାଥେ କରିବି ମିତ
ମୋ କଣ୍ଢେଇ ଜଗନ୍ନାଥ ।

ନଇତି ପୂଜିବି
ନଇତି ଭଜିବି
ଯୋଡୁଥିବି ଦୁଇହାତ
ମୋ କଣ୍ଢେଇ ଜଗନ୍ନାଥ ।

ବିଶ୍ୱାସ କରିବି
ଭରସା ରଖିବି
ବୁଲିଯିବି ରଥଯାତ
ମୋ କଣ୍ଢେଇ ଜଗନ୍ନାଥ ।

ଭକ୍ତ ଭକ୍ତ ଡାକ ସିଏ
ରଢ଼ିଟିଏ ଛାଡିଦିଏ
ଦୁଃଖୀ ପେଟେ ଦିଏ ଭାତ
ମୋ କଣ୍ଢେଇ ଜଗନ୍ନାଥ ।

ପୋଡାଅସ୍ତିଆ, ବାରିପଦା
ମୟୂରଭଞ୍ଜ

# ଘନଘନ ଘନାଘନ ମେଘ



ର୍ଜଶେଖର ସି "ଚମା"

କେବେ ସରିବେ ଏ ଗରମ ଖର୍‌ଦିନ,
କେବେ ଆସିବେ ଏ ମେଘ ଘନଘନ,
କେବେ ଆକାଶେ ଦିଶିବେ ଘନାଘନ,
କେବେ ବର୍ଷାବିନ୍ଦୁ କରିବେ ଛନଛନ |୧|

ଖର୍‌ଦିନରେ ହୁଏ ଶୁଖିଲା ପାଗ,
ସୂର୍ଯ୍ୟଙ୍କ ଉତ୍ତାପରେ ରୁହେ ବେଗ,
ଶ୍ରାବଣରେ ହୁଏ ମେଘଙ୍କ ପ୍ରବେଗ,
ବୃଷ୍ଟିପାତି ଦ୍ୱାର୍ ଦେଖାନ୍ତି ଅନୁର୍‌ଗ |୨|

ମାଟିରୁ ଆସେ ନୂଆ ମହକ,
ଶୁଭେ ପଶୁ ପକ୍ଷୀଙ୍କର ଡାକ,
ମେଘ ହୁଅନ୍ତି ବିଜୁଳ ବାହକ,
ଶୁଭେ ଘଡ଼ଘଡ଼ି ଧ୍ୱନର ଧମକ |୩|

ମେଘରୁ ବର୍ଷନ୍ତି କେବେ କେବେ କୁଆପଥର,
ବରଫ ପରି ଲ୍‌ଗନ୍ତି ଏ ଛୋଟ-ବଡ଼ ପଥର,
ଥଣ୍ଡା ପଥର ଧରିଲେ ଦେହ କମ୍ପେ ଥରଥର,
ଛୋଟ ପିଲ୍ମାନେ ଗୋଟାଇବା ପାଇଁ
ଆତୁର ।୪|

ଗଗନରୁ ବର୍ଷା ଭୂଇଁକୁ କରେ ଶୀତଳ,
ବର୍ଷାରେ ପିଲ୍ ଝୁମନ୍ତି ହୋଇ ଚଞ୍ଚଳ,
ପାଣି ପାଇଁ ଆଗକୁ ଆଣନ୍ତି କରତଳ,
ପୁଣି ଜଳ ଛିଟିକେଇବାର ହୁଏ ଖେଳ|୫|

ଇନ୍ଦ୍ରଧନୁ ଦିଶେ ବୃଷ୍ଟିପାତ ଥମିବା ପରେ,
ସାତରଙ୍ଗର ଇନ୍ଦ୍ରଜାଲ ଦିଶେ ଅମ୍ବରରେ,
ନୀର ବିନା ରୂପ ନାହିଁ ନଦୀ ଜଳାଶୟରେ,
ଘନଘନ ଜଳଧର ବିନା ଜଳ ନାହିଁ ଭୂମିରେ|୬|

chvrajasekhar@gmail.com

# ଚିତ୍ର



ରିୟାନ୍ସ ପଣ୍ଡା



ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ୍, ବାଙ୍ଗାଲୋର

# ଜୁନ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୬/୨୦୨୦ | ଗଙ୍ଗା ଦଶହର୍‌ |
| ୦୨/୦୬/୨୦୨୦ | ନର୍ଜ୍ଜଳା ଏକାଦଶୀ, ଉପବାସ |
| ୦୩/୦୬/୨୦୨୦ | ଚମ୍ପକ ଦ୍ୱାଦଶୀ |
| ୦୫/୦୬/୨୦୨୦ | ଦେବସ୍ନାନ ପୂର୍ଣ୍ଣିମା |
| ୧୪/୦୬/୨୦୨୦ | ପହିଲି ରଜ |
| ୧୫/୦୬/୨୦୨୦ | ରଜ ସଂକ୍ରାନ୍ତି |
| ୧୬/୦୬/୨୦୨୦ | ଭୂଦାହ |
| ୧୭/୦୬/୨୦୨୦ | ବସୁମତୀ ସ୍ନାନ, ଖଳଲ୍‌ଗି ଏକାଦଶୀ |
| ୧୮/୦୬/୨୦୨୦ | ପଠାଣି ସାମନ୍ତଙ୍କ ତିରୋଧାନ ଦିବସ |
| ୨୧/୦୬/୨୦୨୦ | ସୂର୍ଯ୍ୟୋପରାଗ, ଅମାବାସ୍ୟା ଓ ନବଯୌବନ ଦର୍ଶନ |
| ୨୨/୦୬/୨୦୨୦ | ଚନ୍ଦ୍ର ଦର୍ଶନ |
| ୨୩/୦୬/୨୦୨୦ | ଶ୍ରୀଗୁଣ୍ଡିଚ୍ଚ (ରଥଯାତ୍ରା) |
| ୨୭/୦୬/୨୦୨୦ | ହେର୍‌ ପଞ୍ଚମୀ |
| ୨୮/୦୬/୨୦୨୦ | ପର୍ଶୁର୍‌ମାଷ୍ଟମୀ |
| ୨୯/୦୬/୨୦୨୦ | ନବମୀର ସନ୍ଧ୍ୟା ଦର୍ଶନ |
| ୩୦/୦୬/୨୦୨୦ | ବିପତ୍ତାରିଣୀ ବ୍ରତ |

# ଚିତ୍ର କଥା କହେ



(Photo- Sai Prasad Sahu)

ଶଗଡଗାଡିର କଥା କହିଲେ ମନକୁ ଆସିଯାଏ 'ମାଗୁଣିର ଶଗଡ' ଗଳ୍ପର ମାର୍ମିକ ସ୍ୱାଦ କମ୍ବା 'ରୂପା ଶଗଡ଼ି ରେ ସୁନା କହଆଁର ଭ୍ୱବ । ପିଲାବେଳେ ଆମ ଭିତରେ ଅନେକ ରଚନା ଲେଖିଥିବେ 'ଶଗଡର ଆତ୍ମକାହାଣୀ' । କନ୍ତୁ ଆଜିର ସମାଜରେ ଖୁବ୍ କମ୍ ଦେଖିବାକୁ ମିଳୁଛି ଶଗଡଗାଡି ।

ଦୃଶ୍ୟ ଭିତରୁ ଭ୍ୱବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

## ମଇ ମାସର ବିଜେତାଙ୍କ ନାମ



ଆଗକୁ ପଡିଛି ପଥ ବହୁଦୂର
ଆହୁରି କେତେ ଯେ ବାକି,
ଦଳବାନ୍ଧି ଆମେ ଗ୍ଲୁଲିବୁ ଏମିତି
ଯିବୁନାହିଁ କେବେ ଥକି ।
ଛାତି ଫାଟେ ଦୁଃଖେ
ଫିଟେ ନାହିଁ କନ୍ତୁ ମୁଖ,
ନୀରିହ ପ୍ରାଣୀକୁ ଦୁଃଖ ଦେଇ ସଦା
ମଣିଷ ପାଏ କି ସୁଖ?

**ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର**

**ବନ୍ଦ ରାସ୍ତାଘାଟ, ବନ୍ଦ ଯାତାୟାତ,**
**ଲକ୍ ଡାଉନ୍ ରେ ବନ୍ଦ ଜନ ।**
**ତ୍ରାହି ତ୍ରାହି ଡାକେ କରୋନା ସଂକଟ,**
**କନ୍ତୁ ନିଃସଂଶୟ ପଶୁ ମନ ।**

**ବିଜେତା: ମୀନାକ୍ଷି ପାଢୀ, ଥାନେ, ମହାରାଷ୍ଟ୍ର**

ଆଗକୁ ଆଗକୁ ଯାଉଛନ୍ତି ମେଣ୍ଢାଦଳ,
ପଶମ ଅଛି ତାଙ୍କରି ପାଖରେ ବିପୁଳ,
ବାଟରେ ହେବ ଯଦି ପଲର ଚଳାଚଳ,
ଜନଗହଳର ସବୁ ଗାଡ଼ି ହେବେ ଅଚଳ ।

**ବିଜେତା: ଶ୍ରୀ ରାଜଶେଖର ସି 'ଚମା'**

ହେଉ ସେ ମଣିଷ ହେଉ ଅବା ପଶୁ
ସଭିଏଁ ଫେରନ୍ତି ଘର
ଘର ଅଟେ ପରା ସୁରକ୍ଷିତ ସ୍ଥାନ
ଲାଗେନା ସେଇଠି ଡର
ସଭିଙ୍କୁ ଆଦରେ କୋଳେଇ ନିଏ ସେ
କାହାକୁ କରେନା ପର

**ଯୁଗରାଜ କୁଦେଇ, ଇଚ୍ଛାପୁର, ଡୁଙ୍ଗୁରିପାଲି, ସୋନପୁର**

ମେଷପଲ ଚ୍ଛଲିଛନ୍ତି ରାସ୍ତାକୁ ଆବୋରି
ନିର୍ଜନ ପଥପ୍ରାନ୍ତରେ ସଂଘଟିଏ କରି ।
ପ୍ରକୃତି କୋଳ ଆମକୁ ଡାକେ ହାତଠାରି,
ସଂଘବଦ୍ଧ ଜୀବନକୁ ମନହୁଏ ଝୁରି ।
ସଂଘରୋଧ ଜୀବନଟା ଲାଗେଭାରି ଭାରି,
କରୋନା ଭୟରେ ଘରୁ ପାରୁନା ବାହାରି ।

**ସନକ ପରିଡା, ରାଉରକେଲା, ଓଡିଶା**

ମୁକ୍ତ ଆକାଶ ତଳେ ନିର୍ଜନ ପଥପ୍ରାନ୍ତରେ
ମେଷପଲ ଚ୍ଛଲିଛନ୍ତି
ହୋଇ ସଂଘବଦ୍ଧ,
ହେଲେ ମାନବ ଜାତି ଏକାନ୍ତରେ ଅଛି
ହୋଇ ସଂଘରୋଧ ।
ଏଇ ସଂଘରୋଧ
ଜିତାଇବ ମାନବକୁ କରୋନାର ଯୁଦ୍ଧ,
ସଂଘବଦ୍ଧ ହୋଇ
ପୁଣି ଉପଭୋଗ କରିବା ଜୀବନର ଆନନ୍ଦ ।

**ପୁଷ୍ପଲତା ବେହେରା, ରାଉରକେଲା, ଓଡିଶା**

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**